# ୫୨ ବର୍ଷରେ ଲାଞ୍ଜିଗଡ଼ରୋଡ୍ ଦୁର୍ଗାପୂଜା

**ଲାଞ୍ଜିଗଡ଼,୨୭ ।୯ (ସମିସ):** ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ରୋଡ଼ ସାର୍ବଜନୀନ ଦୁର୍ଗାପୂଜା ଚଳିତ ବର୍ଷ ୫୨ ବର୍ଷରେ ପଦାର୍ପଣ କରିଛି । ସ୍ଥାନୀୟ ଦୁର୍ଗାମଣ୍ଡପରେ ରବିବାର ୨୨ ତାରିଖରୁ କଳସ ଯାତ୍ରା ଓ ଅଧିବାସ ପରେ ସୋମବାର ଠାରୁ ନବରାତ୍ର ପୂଜା ଆରମ୍ଭହୋଇଛି । ଦୁର୍ଗତିନାଶିନୀ ମାଁ ଦୁର୍ଗାଙ୍କ ସନ୍ଧ୍ୟା ଆଳତି ଦର୍ଶନ ପାଇଁ ଶହ ଶହ ଭକ୍ତଙ୍କ ଭିଡ଼ ଜମୁଛି ।ଏଥିରେ କର୍ତ୍ତା ଭାବେ ସୁନ୍ଦରଲାଲ ଗଉଡ଼ ଦାୟିତ୍ୱ ନିର୍ବାହ କରୁଛନ୍ତି । ପୂଜକ ଲମ୍ବୋଦର ପାଢ଼ୀ ଏବଂ ମଧୁସୂଦନ ପାଢ଼ୀ ପୂଜା କାର୍ଯ୍ୟ ତୁଲାଉଛନ୍ତି । ପୂଜା କମିଟି ସଭାପତି ଟଙ୍କଧର ମାଝୀ, ଉପସଭାପତି ମିଥୁନ ପ୍ରସାଦ ସାହୁ, ସାଧାରଣ ସମ୍ପାଦକ ପ୍ରଣବ କୁମାର ରାଉତ, ସାଂସ୍କୃତିକ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଗଉଡ଼ କୋଷାଧ୍ୟକ୍ଷ ଦିନେଶ କୁମାର ସ୍ୱାଇଁ ମୁଖ୍ୟ ଦାୟିତ୍ୱ ନିର୍ବାହ କରୁଛନ୍ତି । ଏଥିରେ ବିପୁଳ ରାଉତ, ଅଭିଷେକ ମହାପାତ୍ର, ବିନୋଦ ମହାପାତ୍ରଙ୍କ ସମେତ ଯୁବଗୋଷ୍ଠୀ ଓ ଅନ୍ୟମାନେ ପୂଜା ପରିଚାଳନାରେ ସହଯୋଗ କରୁଛନ୍ତି । ତେବେ ଚଳିତ ବର୍ଷ ମଧ ଦର୍ଶକମାନଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ନାଟକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ରଖାଯାଇଛି । ଆଲୋକମାଳାରେ ଲାଞ୍ଜିଗଡ଼ରୋଡ଼ ବସ୍ତି ଓ ମଣ୍ଡପ ପରିସର ଝଲସି ଉଠୁଛି । ପ୍ରତ୍ୟେକ ଦିନ ପ୍ରସାଦ ବଣ୍ଟନର ବ୍ୟବସ୍ଥା ରହିଛି । ବିଧି ବିଧାନ ଅନୁସାରେ ମା'ଙ୍କ ପୂଜା ଚାଲୁଛି ବୋଲି ପୂଜା କମିଟି ପକ୍ଷରୁ ସୂଚନା ଦିଆଯାଇଛି ।



# ତୁର୍କେଲ ବ୍ରିଜ୍ ଦବିବା ଆଶଙ୍କା

**ଭବାନୀପାଟଣା, ୨୭ ।୯ (ସମିସ)**

ଭବାନୀପାଟଣାରୁ ଖରିଆର ତଥା ନୂଆପଡ଼ା ଜିଲ୍ଲାକୁ ଯାତାୟାତ ପାଇଁ ଠିଆ ହୋଇଥିବା ତୁର୍କେଲ ବ୍ରିଜ ଦବି ଯିବା ଖବର ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ଗତକାଲି ରାତିରେ ପ୍ରବଳ ବର୍ଷା ସ୍ଥିତି ବିପଦ ସଂକୁଳ ଅବସ୍ଥାରେ ଥିବା ବ୍ରିଜକୁ କ୍ଷତି ପହଞ୍ଚାଇଛି । ବ୍ରିଜର ଗୋଟିଏ ସ୍ଥାନରେ ଦବିଯିବା ଭଳି ଦୃଶ୍ୟମାନ ହେବାରୁ ସାଧାରଣ ଜନତା ଭୟଭୀତ ହୋଇ ଉକ୍ତ ବ୍ରିଜ ଉପରଦେଇ ଗାଡି ଚଳାଚଳ ବନ୍ଦ କରିଦିଆଯାଇଥିଲା । ଅନେକ ଭାରି ଜାନ ବ୍ରିଜର ଉଭୟପଟେ ଛିଡାହୋଇଥିଲା । ସନ୍ଧ୍ୟା ସମୟରେ ଯାନବାହାନ ଚଳାଚଳ ପାଇଁ ପୂର୍ତ୍ତ ବିଭାଗ ଗ୍ରୀନ ସିଗିନାଲ ଦେଇଛନ୍ତି ।ଏବେ ସ୍ୱାଭାବିକ ଗାଡି ଗୁଡିକର ଯାତାୟତ ଆରମ୍ଭ ହୋଇଛି । ରାଜ୍ୟ ରାଜପଥ ୧୬ରେ ତେଲ ନଦୀ ଉପରେ ତୁର୍କେଲ ବ୍ରିଜ ୫୦ ବର୍ଷ ପୂର୍ବରୁ ଅର୍ଥାତ ୧୯୭୦ ମସିହାରେ ନିର୍ମାଣ ହୋଇଥିଲା । ୧୪ଟି ସ୍ପାନ ସହିତ ଏହି ପୁରୁଣା ବ୍ରିଜ ପ୍ରତି ଜନସାଧାରଣ ଭରସା କରିପାରୁନାହାନ୍ତି ।ଆଜି ଦୀର୍ଘ ସମୟପରେ ପୋଲିସ ଏବଂ ପୂର୍ତ୍ତ ବିଭାଗ ଯନ୍ତ୍ରୀ ବ୍ରିଜ ନିକଟରେ ପହଁଛି ପରିସ୍ଥିତି ଉପରେ ନଜର ପକାଇଛନ୍ତି । ବିଭାଗୀୟ ସହକାରୀ ଯନ୍ତ୍ରୀଙ୍କ କହିବା କଥା ଯେ ସେମିତି କିଛି ଗୁରୁତର ଆଡକୁ ବ୍ରିଜ ଯାଇନାହିଁ । କେବଳ ଗୋଟିଏ ସ୍ଥାନରେ ଏକ୍ସପାନସନ ଜଏଣ୍ଟ ନିକଟରେ ପାଣି ଜମୁଛି । ଗତ ଜୁନ ମାସରେ ସେଣ୍ଟ୍ରାଲ ରୋଡ଼ ରିସର୍ଚ୍ଚ ଇନଷ୍ଟିଚ୍ୟୁସନ ଟିମ୍ ଆସି ସର୍ଭେ କରି ଯାଇଛନ୍ତି । ଖୁବଶୀଘ୍ର ଏହି ବ୍ରିଜର ଆବଶ୍ୟକୀୟ ମରାମତି ସହ ଦୀର୍ଘସ୍ଥାୟୀ କରିବାକୁ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବବୋଲି ଏସଡ଼ିଓ କହିଛନ୍ତି । ତେଣୁ ବ୍ରିଜକୁନେଇ ଆଶଙ୍କାର କୌଣସି କାରଣ ନାହିଁ । କିନ୍ତୁ ସକାଳୁ ପୋଲିସ ଉଭୟପଟୁ ଯାନବାହାନ ସବୁ କର୍ଡନ କରି ରଖିଥିବା ଦେଖିବାକୁ ମିଳିଥିଲା । ନିୟମିତ ରକ୍ଷଣାବେକ୍ଷଣ ଓ ଅନୁଧ୍ୟାନର ଅଭାବ ଯୋଗୁଁ ବ୍ରିଜ ଗୁଡିକର ଅବସ୍ଥା ଶୋଚନୀୟ ଆଡକୁ ଗତି କରୁଥିବା କୁହାଯାଇଛି ।



# ୬ ଦିନରେ ଜିପିଏଲ୍ଏଫ୍ କର୍ମଚାରୀଙ୍କ ଆନ୍ଦୋଳନ




**ଲାଞ୍ଜିଗଡ଼, ୨୭ ।୯ (ସମିସ):** ଲାଞ୍ଜିଗଡ଼ ବ୍ଲକ କାର୍ଯ୍ୟାଳୟ ପରିସରରେ ଚାଲିଥିବା ଜିପିଏଲ୍ଏଫ କର୍ମଚାରୀଙ୍କ ଧାରଣା ୬ ଦିନରେ ପହଞ୍ଚିଛି । ଏମବିକେ, ସିଆରପି, କୃଷିମିତ୍ର, ଉଦ୍ୟାନ ମିତ୍ର, ବ୍ୟାଙ୍କମିତ୍ର ପ୍ରମୁଖ ବିଭିନ୍ନ ଦାବିରେ ଆନ୍ଦୋଳନରେ ସାମିଲ ହୋଇଛନ୍ତି । ସିଧାସଳଖ ବ୍ୟାଙ୍କ ଖାତାରେ ପରଣା ଦେବା, ପୂର୍ବ ଭଳି ମାସିକ ଦରମା ପ୍ରଦାନ, ସରକର ମାନ୍ୟତା ପ୍ରଦାନ, ୬ ମାସର ବକେୟା ପାରଣା ପ୍ରଦାନ ଆଦି ଦାବି ଉଲ୍ଲେଖ ରହିଛି । ତେବେ ପ୍ରବଳ ବର୍ଷା ସତ୍ତ୍ୱେ ସମସ୍ତ ଆନ୍ଦୋଳନକାରୀ ଝିପିଡିପି ବର୍ଷାରେ ଭିଜି ଭିଜି ପ୍ରତିବାଦ କରିଥିଲେ । ତେବେ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ବୋଲି ସେମାନେ ସୂଚନା ଦେଇଛନ୍ତି । ବ୍ଲକର ୨୬ ଗୋଟି ପଞ୍ଚାୟତରୁ ପ୍ରାୟ ୨୨୭ରୁ ଉ୨୭ର ଆନ୍ଦୋଳନକାରୀ ସାମିଲ ଥିବା ବ୍ଲକ ସଭାପତି ରଜନୀ ନାୟକ, ସମ୍ପାଦିକା ଜ୍ୟୋତିର୍ମୟୀ ସାହୁ ପ୍ରକାଶ କରିଛନ୍ତି ।

# ସର୍ବଶ୍ରୀର 'ଶବ୍ଦ ରୂପେଣ ସଂସ୍ଥିତା' କାର୍ଯ୍ୟକ୍ରମ



**ଭବାନୀପାଟଣା, ୨୭ ।୯ (ସମିସ):** ଭାରତ ଏକ ଶକ୍ତି ପୂଜାର ପବିତ୍ର ଭୂଖଣ୍ଡ । ଏଠି ଶକ୍ତି ସ୍ୱରୂପା ସକଳ ସୃଷ୍ଟି । ଅଶ୍ୱିନର ଆଗମନରେ ସ୍ୱୟଂ ଶକ୍ତି ଧରାବତରଣ କରନ୍ତି । ପ୍ରକୃତି ହୋଇଉଠେ ମାତୃମୟ । ଲେଖକମାନେ ଏଥିରେ ସାଧକ ଭାବେ ଶବ୍ଦ ତୋଳନ୍ତି । ଶାନ୍ତି, ପ୍ରେମ ଓ ସମରସତାର ବାର୍ତ୍ତାବହ ଶାରଦୀୟ କ୍ଷେତ୍ର ବୋଲି ସର୍ବଶ୍ରୀ ସବାଖିଆ ସାହିତ୍ୟ ସଂସଦର ଧାରାବାହିକ ୨୨୪ ସଂଖ୍ୟା ସାରସ୍ୱତ ପର୍ବ 'ଶବ୍ଦ ରୂପେଣ ସଂସ୍ଥିତା' ପାଳନ ଅବସରରେ ମତ ପ୍ରକାଶ ପାଇଥିଲା । ସ୍ଥାନୀୟ ସ୍ୱାମୀ ଶିବାନନ୍ଦ ବାଳ ବିକାଶ କେନ୍ଦ୍ର ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ରହ୍ମାନନ୍ଦ ସାମଲଙ୍କ ପୌରୋହିତ୍ୟ କରିଥିଲେ । ପ୍ରାରମ୍ଭରେ 'ସାମ୍ପ୍ରତିକ ସାହିତ୍ୟର ଗତି-ସ୍ଥିତି ଓ ସମ୍ପ୍ରୀତି' ଶୀର୍ଷକରେ ଆଲୋଚନା କରାଯାଇଥିଲା । କାର୍ଯ୍ୟକ୍ରମରେ ଆନନ୍ଦିନୀ ପାତ୍ର, ସାଗର ବୈଠାରୁ, ସଞ୍ଜୀବ କୁମାର ପଣ୍ଡା, ଦୀପ୍ତି ମୁଣ୍ଡ, କିଶୋର ମହାନନ୍ଦ, କାଜଲ ମହାରଣା, ପ୍ରତାପ ପଣ୍ଡା, ଆଶୁତୋଷ ପୁରୋହିତ, ରଚିତା ମେହେର, ବିନା ମୁଣ୍ଡ, ଅନୀଲ ବିଶି, ଶିବଶକ୍ତି ପୁରୋହିତ, ଦେବାଂଶୀ ନାଗ ପ୍ରମୁଖ କବିତାବୃତ୍ତି ଓ ଗପପାଠ କରିଥିଲେ । ଯୁବକବି ପ୍ରତାପ ଚନ୍ଦ୍ର ପଣ୍ଡା ଆସର ପରିଚାଳନା ଓ କବିତା ସଂଯୋଜନା କରିଥିବା ବେଳେ ଯୁବକବି ଆଶୁତୋଷ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ ।

# କୋକସରାରେ ବର୍ଷା ବିପ୍ୟାତ, ଧନଜୀବନ ଅସ୍ତବ୍ୟସ୍ତ

**କୋକସରା, ୨୭ ।୯ (ସମିସ):** ବାର୍ଷା ଯୋଗୁଁ କଳାହାଣ୍ଡିରେ ରେଡ୍ ଆଲର୍ଟ ରହିଥିବା ବେଳେ ଜିଲ୍ଲାର କୋକସରା ଅଞ୍ଚଳରେ ଶୁକ୍ରବାର ରାତିରୁ ତୁହାକୁ ତୁହା ବର୍ଷା ହୋଇଛି । ଏଥିଯୋଗୁଁ ଅନେକ ନଦୀ ଉପରେ ପାଣି ପ୍ରବାହିତ ହୋଇଥିଲା ବେଳେ କେତେକ ଅଞ୍ଚଳର ଚାଷ ଜମିରେ ପାଣିମଗ୍ନ ହୋଇଛି । ଏଥି ସହିତ ଅନେକ ଲୋକଙ୍କ ଘର ଦ୍ୱାର ମଧ ବର୍ଷାରେ ଭାଙ୍ଗି ଯାଇଥିବା ଦେଖିବାକୁ ମିଳୁଛି । ବ୍ଲକର ଡୁଡୁକାଠେଙ୍ଗା ପଞ୍ଚାୟତ ଅନ୍ତର୍ଗତ ଖଲିଗଡ଼ ଠାରୁ ପର୍ଯ୍ୟଟନସ୍ଥଳୀ ଗୁଡହାଣ୍ଡି ଡୋକରୀ ଚଞ୍ଚରାକୁ ସଂଯୋଗ କରୁଥିବା ରାସ୍ତାର ପୋଲ ଉପରେ ପ୍ରାୟ ୩ଫୁଟ୍ ପାଣି ପ୍ରବାହିତ ହୋଇଥିଲା । ଏଥିଯୋଗୁଁ ସ୍ଥାନୀୟ ଅଞ୍ଚଳର କିଛି ଚାଷୀଙ୍କ ଜମିରେ ବ୍ୟାପକ ପାଣି ମାଡ଼ି ଯାଇଥିବାରୁ ଚାଷ ନଷ୍ଟ ହେବା ଆଶଙ୍କା କରାଯାଉଛି । ସେହିପରି ଡହଗାଁ, ସର୍ଗିଗୁଡା ଆଦି ଗ୍ରାମର ଅନେକେ ଲୋକଙ୍କ ମାଟି ଘର ବର୍ଷା ଯୋଗୁଁ ଭାଙ୍ଗିଯାଇଥିଲା ଖବର ରହିଛି । ସୂଚନା ଅନୁସାରେ କୋକସରା ବ୍ଲକରେ ୭୫ ମିଲିମିଟର ବର୍ଷା ରେକର୍ଡ ହୋଇଥିବା ବେଳେ ଅଞ୍ଚଳରେ ଅନେକ କ୍ଷୟକ୍ଷତି ମଧ ହୋଇଥିବା ଜଣାପଡ଼ିଛି ।ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଇ କ୍ଷୟକ୍ଷତି ଆକଳନ କରିବା ପାଇଁ ସାଧାରଣରେ ଦାବି ହୋଇଛି ।





## ■ ନୂଆପଡ଼ା ବିଧାନସଭା ଉପନିର୍ବାଚନ ପ୍ରସ୍ତୁତି

# ମୁଖ୍ୟନିର୍ବାଚନ ଅଧିକାରୀଙ୍କ ଜିଲ୍ଲା ପ୍ରଶାସନ ସହ ଆଭାସି ବୈଠକ

**ନୂଆପଡ଼ା, ୨୬।୯ (ସମିସ):** ନୂଆପଡ଼ା ବିଧାନ ସଭା ନିର୍ବାଚନ ମଣ୍ଡଳୀ ୭୧ ର ବିଧାୟକ ରାଜେନ୍ଦ୍ର ଢୋଲକିଆ ଙ୍କ ଅସମୟ ଦେହାନ୍ତ ପରେ ଏଠାରେ ଉପ ନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇ ଯାଇଛି । ଏହି କ୍ରମରେ ଶନିବାର ମୁଖ୍ୟ ନିର୍ବାଚନ ଅଧିକାରୀ ଆରଏସ. ଗୋପାଳନଙ୍କ ସହିତ ଜିଲ୍ଲା ପ୍ରଶାସନର ଏକ ଆଭାସୀ ବୈଠକ ଅନୁଷ୍ଠିତ ହୋଇଥିଲା ।ଏଥିରେ ସିଇଓଙ୍କ ସହିତ ଅତିରିକ୍ତ ସିଇଓ ସୁଶାନ୍ତ କୁମାର ମିଶ୍ର, ଅତିରିକ୍ତ ସଚିବ ପ୍ରମୋଦ ସାହୁ, ଡେପୁଟି ସିଇଓ ଲକ୍ଷ୍ମୀ ପ୍ରସାଦ ସାହୁ, ଅନାମିକା ସିଂ, ପଦ୍ମଜା ଦାସ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ମଧୁସୂଦନ ଦାଶ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅମ୍ରିତପାଲ ସିଂ, ଅତିରିକ୍ତ ଜିଲ୍ଲାପାଳ ସୁବାସ ଚନ୍ଦ୍ର ରଇତ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପ ଜିଲ୍ଲାପାଳ ତଥା ଇଆର୍ ଓ, ସୁର୍ମି ସୋରେନ୍, ନିର୍ବାଚନ ଡେପୁଟୀ କଲେକ୍ଟର ସେଖ ନସିମ, ଡିସି ହେମନ୍ତ ପୁଟା, ଏ ଆର୍ ଓ ତଥା ତହସିଲଦାର କୋମନା, ସର୍ବେଶ୍ୱର ଜାଲ, ଏ ଆର୍ ଓ ତଥା ତହସିଲଦାର ନୂଆପଡ଼ା, ପ୍ରଣବ ରଞ୍ଜନ ସାହୁ, ପରିବହନ ଅଧିକାରୀ ଶର୍ମିଳା ମହାରଣା, ଡିଆଇ ଓ ଏନ୍ଆଇସି ବିନୟ କୁମାର ତିୱାରୀ ପ୍ରମୁଖ ଉପସ୍ଥିତ ଥିଲେ । ଉପନିର୍ବାଚନ ପାଇଁ ପ୍ରଶାସନିକ ସ୍ତରରେ ବ୍ୟାପକ ପୂର୍ବ ପ୍ରସ୍ତୁତି ସହିତ ଆଇନଶୃଙ୍ଖଳା ଏବଂ ଇଭିଏମ୍ ଓଭି ଭପାଟ ଉପରେ ବିଶଦ ଆଲୋଚନା ହୋଇଥିଲା । ଜିଲ୍ଲା ପ୍ରଶାସନର ବିଭିନ୍ନ ପ୍ରସ୍ତୁତି ସମ୍ବନ୍ଧରେ ଜିଲ୍ଲାପାଳ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଅବଗତ କରାଇଥିଲେ ।



## ବ୍ଲକ ଓ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ଉଦାସୀନତା

# ଆଣ୍ଠୁଏ କାଦୁଅ ରାସ୍ତାରେ ଯାତାୟାତ କରୁଛନ୍ତି ଲୋକେ



**କେସିଙ୍ଗା, ୨୭।୯ (ସମିସ):** ବ୍ଲକ ଓ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ଉଦାସୀନତା ଯୋଗୁଁ ରାସ୍ତା ପାଇଁ ଲୋକେ ହଇରାଣ ହେଉଛନ୍ତି ।ଆଣ୍ଠିଏ ପଚପଚ କାଦୁଅ ରାସ୍ତା ପାଲଟିଛି ନିତିଦିନିଆ ରାସ୍ତା ଆମେ କହୁଛୁ କେସିଙ୍ଗା ବ୍ଲକ ପାଷ୍ଟିକୁଡିରୁ ନାଶିଗାଁକୁ ସଂଯୋଗ କରୁଥିବା ରାସ୍ତାର ଅବ୍ୟବସ୍ଥା କଥା । ଦେଖିଲେ ଲାଗୁଛି ବର୍ଷ ବର୍ଷ ଧରି ଉକ୍ତ ରାସ୍ତାରେ ମୋରୋମ ଗୋଟିଏ ଗାଡ଼ି ମଧ ପଡ଼ିନାହିଁ ।ସରପଞ୍ଚ, ଓ ପିଇଓଙ୍କ ଅବହେଳା ମନୋବୃତ୍ତି ଯୋଗୁଁ ଗାଁ ଲୋକେ ହିନସ୍ତା ହେଉଥିବା ଅଭିଯୋଗ ହେଉଛି ।ମଟରସାଇକେଲରେ ଯିବା ତ ଦୂରର କଥା ପାଦରେ ଚାଲିକି ଗଲେ ଗୋଡ଼ ଖସି ଆଣ୍ଠୁଏ କାଦୁଅରେ ପସିଯାଉଛି ଗୋଡ଼ । ଏହି ରାସ୍ତା କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ପାଷ୍ଟିକୁଡି ପଞ୍ଚାୟତ ପାଷ୍ଟିକୁଡି ବସ୍ତି କୁଲିଆପଡ଼ାରୁ ନାଶିଗାଁକୁ ସଂଯୋଗ କରୁଛି ।ହେଲେ ନାକ ତଳେ ଥିବା ପଞ୍ଚାୟତ ପ୍ରଶାସନ ହେଉ ଅବା ବ୍ଲକ ପ୍ରଶାସନ ହୁଅନ୍ତୁ ଏମାନଙ୍କୁ ଲୋକେଙ୍କ ସମସ୍ୟା ବୋଧେ ଦେଖାଯାଉ ନାହିଁ ।ଏହି ରାସ୍ତା ନିର୍ମାଣପାଇଁ ପ୍ରତିବର୍ଷ ପଞ୍ଚାୟତ କର୍ତ୍ତୃପକ୍ଷ ପଇସା ଖର୍ଚ୍ଚ କରନ୍ତି ଓ ତଦନୁଯାୟୀ ସୂଚନାଫଳକ ଲଗାନ୍ତି ।ହେଲେ କାମ କୁଆଡେ ଗାଏବ ହୋଇଯାଏ ଜଣାପଡେ ନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି ।ସମସ୍ୟାକୁ ନେଇ ସରପଞ୍ଚ ଙ୍କ ପ୍ରତିକ୍ରିୟା ନେବାକୁ ଚେଷ୍ଟା କରିଥିଲୁ, ହେଲେ ଫୋନ ଉଠାଇନଥିଲେ ।କେଉଁମାନେ ବିକାଶ ରେ ବାଧକ ସୃଷ୍ଟି କରୁଛନ୍ତି, କାହାପାଇଁ ରାସ୍ତା କାମ ହୋଇ ପାରୁନାହିଁ ଫଳରେ ଅଞ୍ଚଳବାସୀ ଦୁର୍ଦ୍ଦଶା ଭୋଗୁଛନ୍ତି ତାହା ତଦନ୍ତ ସାପେକ୍ଷ ।ଯଥା ଶୀଘ୍ର ରାସ୍ତା ମରାମତି କରିବା ପାଇଁ ସାଧାରଣରେ ଦାବି ହେଉଛି ।

## ଇଷ୍ଟଜୋନ ଜୁନିୟର ଆଥେଲେଟିକ ଚାମ୍ପିଅନସିପ

# କଳାହାଣ୍ଡିର ରେଶମା ବେହେରାଙ୍କୁ ସ୍ୱର୍ଣ୍ଣ ପଦକ

**ଭବାନୀପାଟଣା, ୨୭ ।୯ (ସମିସ):** ରାଞ୍ଚି ମୋରବାଡି ଫୁଟବଲ ଷ୍ଟାଡିୟମରେ ଗତ ୩ଦିନ ଧରି ୩୬ତମ ଇଷ୍ଟ ଜୋନ ଜୁନିୟର ଆଥେଲେଟିକ ଚାମ୍ପିୟାନସିପ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୧୬ ବର୍ଷରୁ କମ ବାଳିକା ବିଭାଗରେ କଳାହାଣ୍ଡିର ରେଶମା ବେହେରା ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି । ସେ ଉଚ୍ଚ ଡିଆଁରେ ୧.୪୬ ଫୁଟ ଡେଇଁ ସ୍ୱର୍ଣ୍ଣ ପଦକ ହାସଲ କରି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି । ଏହି ସଫଳତାକୁ ନେଇଁ କଳାହାଣ୍ଡି ଜିଲା କ୍ରିଡା ସଂସ୍ଥାର କାର୍ଯ୍ୟକାରୀ ସଭାପତି ତଥା ଓଡ଼ିଶା ଆର୍ଚେରୀ ଏସୋସିଏସନର ଉପ ସଭାପତି ସୁନୀଲ କୁମାର ବେହେରା, ସାଧାରଣ ସମ୍ପାଦକ ତଥା ଓଡ଼ିଶା କ୍ରିକେଟ ଏସୋସିଏସନର ଉପ ସଭାପତି ଜଗମୋହନ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ କାଳୀ ପ୍ରସାଦ ପଟ୍ଟନାୟକ, କୋଷାଧ୍ୟକ୍ଷ ସର୍ଦ୍ଦାର ନିର୍ମଳ ସିଂ, ଖେଳ ସମ୍ପାଦକ ଧିରେନ୍ଦ୍ର କୁମାର ପଟ୍ଟନାୟକ, ପଙ୍କଜ କୁମାର ପଟ୍ଟନାୟକ, ଜିତେନ୍ଦ୍ର ପ୍ରସାଦ ପଟ୍ଟନାୟକ, ସୁରେଶ ଗଉଡ ଓ ସଂସ୍ଥାର ସମସ୍ତ କର୍ମକର୍ତ୍ତା ରେଶମାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏମ.ରାମପୁର ବ୍ଲକସ୍ଥିତ ଟେମ୍ବ୍ରା ଗ୍ରାମର ନୃପରାଜ ବେହେରାଙ୍କ ଝିଅ ରେଶମା ଅଟନ୍ତି ।






## ଗୋଲାମୁଣ୍ଡା ବ୍ଲକରେ ପ୍ରଧାନମନ୍ତ୍ରୀ ପୋଷଣ ଯୋଜନା ପ୍ରହସନ

# ସ୍କୁଲ ବନ୍ଦ ସତ୍ତ୍ୱେ ଦିଆଯାଉଛି ମଧ୍ୟାହ୍ନ ଭୋଜନ

**ଧର୍ମଗଡ଼, ୨୭ ।୯ (ସମିସ)**

ସମସ୍ତ ସରକାରୀ ବିଦ୍ୟାଳୟମାନଙ୍କରେ ମଧ୍ୟାହ୍ନ ଭୋଜନରେ ପ୍ରଧାନମନ୍ତ୍ରୀ ପୋଷଣ ଯୋଜନା ଅଧୀନରେ ସାମିଲ କରି ପୁଷ୍ଟିକର ଏବଂ ଶିଶୁ ଅନୁକୂଳ ଖାଦ୍ୟ ଯୋଗାଇବା ନିୟମ ରହିଛି । ଏହି ପରିପ୍ରେକ୍ଷୀରେ ବ୍ଲକର ସମସ୍ତ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା କରାଯାଇଛି । ଗତକାଲି ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଚିଠି ନମ୍ବର-୭୭୧୩ ଅନୁସାରେ ଜିଲ୍ଲାର ସବୁତକ ସରକାରୀ ଓ ବେସରକାରୀ ବିଦ୍ୟାଳୟ ଗୁଡିକ ପ୍ରବଳ ବର୍ଷା ସମ୍ଭାବନା ହେତୁ ବିଦ୍ୟାଳୟ ଗୁଡିକ ସମ୍ପୂର୍ଣ୍ଣ ବନ୍ଦ ରଖିବାକୁ ନିର୍ଦ୍ଦେଶାନମା ଜାରି କରିଥିଲେ । ଏହି ଚିଠି ଅନୁସାରେ ବ୍ଲକର ଅନେକାଂଶ ବିଦ୍ୟାଳୟ ଗୁଡିକ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା । କିନ୍ତୁ ବ୍ଲକର ଦର୍ଲିପଡ଼ା (ସାନଚେରଗାଁ) ନୂତନ ପ୍ରାଥମିକ ବିଦ୍ୟାଳୟ, କରଙ୍ଗାମୁଣ୍ଡା କେନ୍ଦ୍ରୀୟ ପ୍ରାଥମିକ ବିଦ୍ୟାଳୟ, ନକଟିକାନୀ ପ୍ରାଥମିକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏଭଳି ତିନିଟି ସ୍କୁଲ ଖୋଲା ରହିବା ସହ ପ୍ରଧାନମନ୍ତ୍ରୀ ପୋଷଣ ଯୋଜନାରେ ମଧ୍ୟାହ୍ନ ଭୋଜନ ପରିବେଷଣ ହୋଇଥିବା ନେଇ ରାଜ୍ୟ ପ୍ରଧାନମନ୍ତ୍ରୀ ପୋଷଣ ପୋର୍ଟାଲ ମାଧ୍ୟମରେ ସୂଚନା ହସ୍ତଗତ ହୋଇଛି । ଖୋଦ ଜିଲ୍ଲା ଶିକ୍ଷା ଅଧିକାରୀ ନିର୍ଦ୍ଦେଶାନମା ଜାରି କରିଥିବା ବେଳେ କିଭଳି ଶିକ୍ଷକମାନେ ବିଦ୍ୟାଳୟ ଖୋଲା ରଖିବା ସହ ମଧ୍ୟାହ୍ନଭୋଜନ ପରିବେଷଣ କରିଛନ୍ତି ପ୍ରଶ୍ନବାଚୀ ସୃଷ୍ଟି କରିଛି । ଜିଲ୍ଲାରେ ଅହେତୁକ ବର୍ଷା ସମ୍ଭାବନାକୁ ଦୃଷ୍ଟି ରେ ରଖି ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ବିଦ୍ୟାଳୟ ଗୁଡିକ ବନ୍ଦ ରହିବା ପରିବର୍ତ୍ତେ ବିଦ୍ୟାଳୟ ଗୁଡିକକୁ ଖୋଲା ରଖିବା ନେଇ ଏବେ ସମସ୍ତଙ୍କୁ ଚକିତ କରିଛି । ଅନ୍ୟପଟେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶାନମାକୁ ଅବମାନନା କରାଯାଇଥିବା ଜଣାପଡ଼ିଛି । ତେବେ ଏହା ନୂଆ ଘଟଣା ନୁହଁ ପୂର୍ବରୁ ମଧ ଏଭଳି ଅନେକ ଅଭିଯୋଗ ହେଉଥିଲେ ହେଁ ଜିଲ୍ଲା ଶିକ୍ଷା ଅଧିକାରୀ ଚୁପ ରହିଥିବା ଜଣାପଡ଼ିଛି । ଅନ୍ୟପଟେ ବ୍ଲକର ଅନେକ ବିଦ୍ୟାଳୟ ଗୁଡିକରେ ଛାତ୍ରଛାତ୍ରୀଙ୍କ ଦୈନନ୍ଦିନ ଉପସ୍ଥାନ କମ ରହିବା ସତ୍ତ୍ୱେ ଉପସ୍ଥାନ ସଂଖ୍ୟା ଅଧିକ ଦର୍ଶାଇ ପ୍ରଧାନମନ୍ତ୍ରୀ ପୋଷଣ ପୋର୍ଟାଲ ମାଧ୍ୟମରେ ଦର୍ଶାଯାଉଥିବା ନଜିର ରହିଛି । ଏନେଇ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଜେଶ କୁମାର ନାୟକଙ୍କୁ ପଚାରିବାରୁ ଅଭିଯୋଗକୁ ସ୍ୱୀକାର କରିବା ସହ ଉକ୍ତ ଶିକ୍ଷକମାନଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ।

## ବୀରମହାରାଜପୁରକୁ ପଲିଥିନ୍ ମୁକ୍ତ ଦାବି

**ବୀରମହାରାଜପୁର, ୨୭ା୯ (ସମିସ)**

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଉପଖଣ୍ଡକୁ ପଲିଥିନ୍ ମୁକ୍ତ କରିବାକୁ ଦାବି ହୋଇଛି । ସରକାର ଏଥିପାଇଁ ସଚେତନତା କାର୍ଯ୍ୟକ୍ରମ କରିବା ସହ ହଜାରହଜାର ଟଙ୍କା ଖର୍ଚ୍ଚ କରୁଥିଲେ ହେଁ ଲୋକଙ୍କ ଭିତରେ ସଚେତନତା ଓ ସରକାରୀସ୍ତରରେ କଟକଣା ଅଭାବରୁ ତାହା ସଫଳ ରୂପାୟନ ନେଇପାରୁ ନାହିଁ । ସରକାରୀ ଘୋଷଣା କେବଳ କାଗଜକଲମରେ ସୀମିତ ରହିଥିବା ଅଭିଯୋଗ ହୋଇଛି । ବୀରମହାରାଜପୁର ସହରର ଜଳଖିଆ ଦୋକାନ ହେଉ କି ମାଛ ମାଂସ ବଜାର ହେଉ ଅବା କିରାନା ଦୋକାନ ହେଉ ବିନା ପଲିଥିନ୍‌ରେ ଉଠୁନି ସାମଗ୍ରୀ । ଖୁଲ୍ଲମ୍‌ଖୋଲା ଭାବେ ଏଠାରେ ପଲିଥିନ୍‌ର ବ୍ୟବହାର ଚାଲିଥିବା ବେଳେ ପ୍ରଶାସନ ଓ ବିଭାଗୀୟ ଅଧିକାରୀମାନେ ନୀରବଦ୍ରଷ୍ଟା ପାଲଟିଛନ୍ତି । ଜିଲ୍ଲାର ବିଭାଗୀୟ ଅଧିକାରୀମାନେ ବର୍ଷକୁ ଥରେ ଦି ଥର କାଉଁ ବିଭିନ୍ନ ଦୋକାନୀ ଉପରେ ଚଢ଼ଉ କରି କିଛି ଜରିମାନା ଆଦାୟ କରି ନିଜର କାମ ସାରି ଦେଉଛନ୍ତି । ଏହାର କିଛି ଦିନ ପରେ ପୁଣି ସ୍ୱଭାବିକ ଭାବେ ପଲିଥିନ୍‌ର ବ୍ୟବହାର ଚାଲିଛି । ଫଳରେ ବୀରମହାରାଜପୁର ଉପଖଣ୍ଡଅଞ୍ଚଳ ପଲିଥିନ୍ ମୁକ୍ତ ହେବା ଦିବା ସ୍ୱପ୍ନ ହୋଇପଡ଼ିଛି । ଯାହାକୁ ନେଇ ପରିବେଶବିତ୍ ଓ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ଅନ୍ୟପଟରେ ବହୁଳ ପଲିଥିନ୍ ବ୍ୟବହାର ଯୋଗୁଁ ରାସ୍ତା କଡ଼ ଓ ବିଭିନ୍ନ ସ୍ଥାନରେ କୁଢ଼କୁଢ଼ ପଲିଥିନ୍ ଓ ଆବର୍ଜନା ପଡ଼ି ରହି ବର୍ଷା ଦିନେ ପଚିସଢ଼ି ନାଳ ନର୍ଦ୍ଦମାରେ ଜମା ହୋଇ ପୂତି ଗନ୍ଧମୟ ପରିବେଶ ସୃଷ୍ଟି କରୁଛି । ବର୍ତ୍ତମାନ ବର୍ଷା ଜାରି ରହିଥିବା ବେଳେ ନାଳ ନର୍ଦ୍ଦମାରେ ପଲିଥିନ୍ ଓ ଆବର୍ଜନା ଯୁକ୍ତ ପାଣି ଜମା ହୋଇ ରହିବା ଯୋଗୁଁ ମ୍ୟାଲେରିଆ, ଡେଙ୍ଗୁ ଭଳି ବିଭିନ୍ନ ମାରାତ୍ମକ ରୋଗ ବ୍ୟାପିବାର ଆଶଙ୍କା ସୃଷ୍ଟି ହୋଇଛି । ଅନ୍ୟପକ୍ଷରେ ଏହି ପଲିଥିନ୍ ଗୁଡ଼ିକ ଚାଷ ଜମିରେ ପଡ଼ି ପୋତି ହେବା ଫଳରେ ଚାଷ ଜମିର ଉର୍ବରତା କମିବା ସହ ଅମଳ କମ୍ ହେବାର ସମ୍ଭାବନା ରହିଛି । ଜିଲ୍ଲା ପ୍ରଶାସନ ତରଫରୁ ନିୟମ ଉଲଙ୍ଘନକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ପଲିଥିନ୍ ବନ୍ଦ କରି କାଗଜ ଠୁଙ୍ଗା ବ୍ୟବହାର କରିବାକୁ ପରାମର୍ଶ ଦେବାକୁ ସଚେତନ କରାଗଲେ ପଲିଥିନ୍ ବ୍ୟବହାର ବନ୍ଦ ହୋଇପାରିବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି ।

**କାଗଜ କଲମରେ ସୀମିତ ଘୋଷଣା**

**ନାମକୁ ମାତ୍ର ଚଢ଼ଉ କରି ନିରବ ଅଧିକାରୀ**

## ଲାଞ୍ଚ ମାମଲାରେ ଅବକାରୀ ଓଆଇସିଙ୍କୁ ୨ ବର୍ଷ ଜେଲ୍

**ବୌଦ୍ଧ, ୨୭ା୯ (ସମିସ):** ଏକ ଲାଞ୍ଚ ମାମଲାରେ ବୌଦ୍ଧ ଜିଲ୍ଲା ହରଭଙ୍ଗା ଅବକାରୀ ଥାନା ଓଆଇସି ରବୀନ୍ଦ୍ର ନାଥ ପ୍ରଧାନଙ୍କୁ ସମ୍ବଲପୁର ଭିଜିଲାନ୍ସ ସ୍ୱତନ୍ତ୍ର ଜଜ୍ ୨ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି । ସୂଚନାନୁଯାୟୀ, ଶ୍ରୀ ପ୍ରଧାନ ଦେବଗଡ଼ଠାରେ ଅବକାରୀ ଏଏସ୍‌ଆଇ ଭାବେ କାର୍ଯ୍ୟ କରୁଥିବା ବେଳେ ଏକ ଅବକାରୀ ମାମଲାର ରଫାଦଫା ପାଇଁ ଗଣେଶ ପ୍ରସାଦ ନାମକ ଜଣେ ବ୍ୟକ୍ତିଙ୍କ ଜରିଆରେ ୧୦ ହଜାର ଟଙ୍କା ଲାଞ୍ଚ ନେବା ସମୟରେ ଧରା ପଡ଼ିଥିଲେ । ଶୁକ୍ରବାର ସମ୍ବଲପୁର ଭିଜିଲାନ୍ସ ସ୍ୱତନ୍ତ୍ର ଜଜ ମାମଲାର ବିଚାର କରି ଶ୍ରୀ ପ୍ରଧାନଙ୍କୁ ୨ ବର୍ଷ ଜେଲ୍ ଦଣ୍ଡାଦେଶ ସହ ଜରିମାନା ଆଦେଶ ଦେଇଛନ୍ତି । ତା ସହିତ ତାଙ୍କୁ ଚାକିରିରୁ ବହିଷ୍କାର କରିବା ପାଇଁ ଅବକାରୀ ବିଭାଗକୁ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି ।

## ମହୁଲ ପୋଚ ସହ ଦେଶୀ ମଦ ଜବତ

**ଶଗଡ଼ା, ୨୭ା୯ (ସମିସ):** କନ୍ଧମାଳ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରି ବିପୁଳ ମହୁଲ ପୋଚ ସହ ମଦ ଜବତ ହୋଇଛି । କନ୍ଧମାଳ ଅବକାରୀ ଏଏସ୍‌ଆଇ ପ୍ରିୟଜନ କହଁରଙ୍କ ନେତୃତ୍ୱରେ ଏକ ଟିମ କନ୍ଧମାଳ ଥାନା ବାଞ୍ଜିମୁଣ୍ଡା ଗ୍ରାମ ନିକଟ ନାଳରେ ଚଢ଼ଉ କରି ୩୫୦ କେଜି ମହୁଲ ପୋଚ ସହ ୨୦ ଲିଟର ଦେଶୀ ମଦକୁ ନଷ୍ଟ କରିଛି । ସେହିପରି ମନମୁଣ୍ଡା ଅବକାରୀ ବିଭାଗ ପକ୍ଷରୁ ସଦରଥାନା ଡୁଙ୍ଗୁରିପାଲି ଗ୍ରାମ ନିକଟ ନାଳରେ ମଦ ପ୍ରସ୍ତୁତି ଚାଲିଥିବା ବେଳେ ଚଢ଼ଉ କରାଯାଇ ୩୫୦ କେଜି ମହୁଲ ପୋଚ ସହ ୩୦ ଲିଟର ଦେଶୀ ମଦ ନଷ୍ଟ କରାଯାଇଛି । ଏସମ୍ପର୍କରେ ଉଭୟ ଅବକାରୀ ଥାନାରେ ଦୁଇଟି ପୃଥକ ମାମଲା ରୁଜୁ ହୋଇଥିବା ବେଳେ ମାଫିଆମାନେ ଅବକାରୀ ଟିମ୍‌କୁ ଦେଖି ଘଟଣା ସ୍ଥଳରୁ ଫେରାର ମାରିଥିବା ଜଣାପଡ଼ିଛି ।

## ବିନ୍ଧ୍ୟାବିନୀ ସାହୁ ବୌଦ୍ଧ ଜିଲ୍ଲା କଂଗ୍ରେସ ସଭାପତି

**ବୌଦ୍ଧ, ୨୭ା୯ (ସମିସ):** ବୌଦ୍ଧ ସହର ନୂଆସାହିର ବରିଷ୍ଠ କଂଗ୍ରେସ ନେତ୍ରୀ ବିନ୍ଧ୍ୟାବିନୀ ସାହୁ ବୌଦ୍ଧ ଜିଲ୍ଲା କଂଗ୍ରେସ କମିଟିର ସଭାପତି ଭାବେ ନିଯୁକ୍ତ ହୋଇଥିବା ପ୍ରଦେଶ କଂଗ୍ରେସ କମିଟି ଘୋଷଣା କରିଛି । ଶ୍ରୀମତୀ ସାହୁ ସଭାପତି ନିଯୁକ୍ତ ହେବା ପରେ ଦଳୀୟ କର୍ମକର୍ତ୍ତା ଓ ସମର୍ଥକମାନେ ଶୁଭେଚ୍ଛା ଜଣାଇଛନ୍ତି । ଶ୍ରୀମତୀ ସାହୁ ପୂର୍ବରୁ କଂଗ୍ରେସ ଦଳର ଟିକଟରେ ୯ ନଂ ୱାର୍ଡରୁ କାଉନ୍‌ସିର ଭାବେ ୧୯ ୯୨ ନିର୍ବାଚନରେ ବୌଦ୍ଧ ଏନଏସିକୁ ନିର୍ବାଚିତ ହୋଇଥିଲେ । ସେହିପରି ୧୯ ୯ ୭ ନିର୍ବାଚନରେ ଜିଲ୍ଲା ପରିଷଦ ସଦସ୍ୟ ଭାବରେ ୬ ନଂ ଜୋନରୁ କଂଗ୍ରେସ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ି ପରାଜିତ ହୋଇଥିଲେ । ବିଭିନ୍ନ ସମୟରେ ଦଳୀୟ କର୍ମକର୍ତ୍ତା ଭାବେ ବିଭିନ୍ନ ପଦପଦବୀରେ ଅଧିଷ୍ଠିତ ହୋଇଆସିଥିଲେ ।

## ଲକ୍ଷ୍ମୀପ୍ରିୟା ମିଶ୍ରଙ୍କ ପରଲୋକ

**ଡୁଙ୍ଗୁରିପାଲି, ୨୭ ା୯ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ଅଞ୍ଚଳର ଜଣାଶୁଣା ଚାଷୀ ନେତା ଚନ୍ଦ୍ରମଣି ମିଶ୍ରଙ୍କ ପତ୍ନୀ ଲକ୍ଷ୍ମୀପ୍ରିୟା ମିଶ୍ର(୮୬) ଙ୍କ ପୂର୍ବାହ୍ନରେ ପରଲୋକ ଘଟିଛି । କିଛି ଦିନ ହେଲା ସେ ବରଗଡ଼ର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନଥିଲେ । ସେ ଜଣେ ଧର୍ମପରାୟଣ ମହିଳା ଭାବରେ ଜଣାଶୁଣା ଥିଲେ । ମୃତ୍ୟୁଶଯ୍ୟା ନିକଟରେ ବଡ଼ ପୁଅ ରାଜକିଶୋର ମିଶ୍ର, ଜୟାନନ୍ଦମିଶ୍ର ତିନି ପୁତ୍ରବଧୂ ସୁଜାତା, ଉର୍ମିଶ୍ରୀ ଓ ପାରମିତା, ଜୟନ୍ତ ଦୀକ୍ଷିତ, ବ୍ରଜକୃଷ୍ଣ ତ୍ରିପାଠୀ, ନାତି ବିଭାଶ, ରୂପମ, ଅନିରୁଦ୍ଧ, ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା, ସୋନପୁର ବିଧାୟକ ନିରଞ୍ଜନ ପୂଜାରୀ, ପୂର୍ବତନ ସାଂସଦ ବାଲଗୋପାଳ ମିଶ୍ର, ହିମାଂଶୁ ଶେଖର ବିଶ୍ୱାଳ, ବ୍ଲକ ଉପାଧ୍ୟକ୍ଷ ମକରଧ୍ୱଜ ସାହୁ, ସରପଞ୍ଚ ଚିତ୍ତରଞ୍ଜନ ମିଶ୍ର, ପ୍ରଦୀପ ମିଶ୍ର, ଦିଲୀପ ମିଶ୍ର, ମୃତ୍ୟୁଞ୍ଜୟ ମିଶ୍ର, ଜ୍ୟୋତି ମିଶ୍ର, ବଦ୍ରିନାରାୟଣ ପାଣ୍ଡିଆ, ପିଣ୍ଟୁ ମିଶ୍ର, ରଘୁନାଥ ମିଶ୍ର, ଉଦେନାଥ ଖମାରୀଙ୍କ ସହ ବହୁ ମାନ୍ୟଗନ୍ୟ ଉପସ୍ଥିତ ରହି ଶେଷ ଦର୍ଶନ କରିଥିଲେ । ପାର୍ଥିବ ଶରୀର ଫଟାମୁଣ୍ଡା ବାସଭବନରେ ପହଞ୍ଚିବା ପରେ ସେଠାରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି । ବଡ଼ପୁଅ ରାଜକିଶୋର ମୁଖାଗ୍ନି ଦେଇଥିଲେ ।

## ହରଭଙ୍ଗାରେ ସ୍ୱଚ୍ଛତା କାର୍ଯ୍ୟକ୍ରମ

**ହରଭଙ୍ଗା, ୨୭ା୯ (ସମିସ):** ହରଭଙ୍ଗା ବ୍ଲକ ସ୍ଥାନୀୟ ଆଞ୍ଚଳିକ ପଞ୍ଚାୟତ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । କ୍ରୀଡା ଶିକ୍ଷକ କୁଶଧ୍ୱଜ ମହାକୁଡ଼ଙ୍କ ନେତୃତ୍ୱରେ ୬୦ ଜଣ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀ ସ୍ଥାନୀୟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରକୁ ସଫେଇ କରିଥିଲେ । ଡାକ୍ତରଖାନା ପରିସରରେ ପଡ଼ିଥିବା ବିଭିନ୍ନ ବର୍ଜ୍ୟବସ୍ତୁ, ଅନାବଶ୍ୟକ ଘାସ, ଲଟା ସଫାକରି ଥିଲେ । ଅଧ୍ୟକ୍ଷ ହିମାଂଶୁ ଶେଖର ରାଉତଙ୍କ ସମେତ ସମସ୍ତ ଅଧ୍ୟାପକ ଆଧ୍ୟାପିକା ଏଥିରେ ସାମିଲ ହୋଇଥିଲେ । ଡାକ୍ତରଖାନାର ଡାକ୍ତର ଶ୍ୟାମ ପ୍ରସାଦ ମେହେର ସମସ୍ତ ଅଧ୍ୟାପକ ଓ ଛାତ୍ରଛାତ୍ରୀମାନଙ୍କୁ ଏଥିପାଇଁ ଧନ୍ୟବାଦ ଜଣାଇଥିଲେ ।

## ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା

**ବିନିକା, ୨୭ ା୯ (ସମିସ):** ବିନିକା ସିଦ୍ଧାର୍ଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ଶନିବାର ସଡକ ସୁରକ୍ଷା ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଛି । ଛାତ୍ରଛାତ୍ରୀମାନେ ହାତରେ ପ୍ଲା କାର୍ଡ, ବ୍ୟାନର ଧରି ଏକ ବିରାଟ ଶୋଭଯାତ୍ରାରେ ସହର ପରିକ୍ରମା କରି ସଡ଼କ ସୁରକ୍ଷା ଉପରେ ଲୋକଙ୍କୁ ସଚେତନ କରିଥିଲେ । ଅଧ୍ୟକ୍ଷା ରେଖା ପ୍ରଧାନଙ୍କ ପରାମର୍ଶ କ୍ରମେ ଓ ଖେଳ ଶିକ୍ଷକ ନାରାୟଣ ଚୌଧୁରୀଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ଶୋଭାଯାତ୍ରାରେ ୧୫୦ରୁ ଉର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ସାମିଲ ହୋଇଥିଲେ । ଜାତୀୟସେବା ଯୋଜନା ଅଧିକାରୀ ରୋହିତ ଧରୁଆ, ରେଡକ୍ରସ କାଉନସିଲର ଧନେଶ୍ୱର ସାହୁଙ୍କ ନେତୃତ୍ୱରେ ସ୍ୱେଚ୍ଛାସେବୀମାନେ ଗାଡ଼ି ଚାଳକଙ୍କୁ ଅଟକାଇ ମୁଣ୍ଡରେ ହେଲମେଟ, ସିଟବେଲ୍ଟ ବ୍ୟବହାର କରିବାକୁ ଅନୁରୋଧ କରିଥିଲେ । ସ୍ଥାନୀୟ ପେଟ୍ରୋଲ ପମ୍ପଠାରେ ଅଧ୍ୟକ୍ଷା ଶ୍ରୀମତୀ ପ୍ରଧାନ ଉପସ୍ଥିତ ସ୍ୱେଚ୍ଛାସେବୀ, ସାଧାରଣ ଲୋକଙ୍କୁ ଟ୍ରାଫିକ ନିୟମ ପାଳନ କରିବାକୁ ଆହ୍ୱାନ ଦେଇଥିଲେ ।

## ହାଇସ୍କୁଲରେ ମ୍ୟାଲେରିଆ ଓ ଡେଙ୍ଗୁ ସଚେତନତା

**ମନମୁଣ୍ଡା, ୨୭ା୯ (ସମିସ):** କନ୍ଧମାଳ ବ୍ଲକସଦର ସରକାରୀ ଉଚ୍ଚ ବିଦ୍ୟାଳୟର ଜୁନିଅର ରେଡ଼କ୍ରସ୍ ଆନୁକୂଲ୍ୟରେ ମ୍ୟାଲେରିଆ ଓ ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମନୋରଞ୍ଜନ ପ୍ରଧାନଙ୍କର ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଶିକ୍ଷକ ସୁଜିତ୍ କୁମାର ତରିଆ ପରିଚାଳନା କରିଥିଲେ । ଉଭୟ ରୋଗର ପ୍ରତିକାର ପାଇଁ କୁଲର ଓ ଫୁଲକୁଣ୍ଡର ପାଣିକୁ ୩ ରୁ ୪ ଦିନ ମଧ୍ୟରେ ସଫା କରିବା, ପାଣି ଜମିବାକୁ ନ ଦେବା, ନିଜ ଘର ଚାରିପାଖ ସଫା ରଖିବାକୁ ପ୍ରଧାନଶିକ୍ଷକ ପରାମର୍ଶ ଦେଇଥିଲେ । ଶିକ୍ଷକ ସତ୍ୟଜିତ ପଣ୍ଡା, ଆଲୋକ ପରଡ଼ିଆ, ସରୋଜ ସାହୁ, ଶିକ୍ଷୟିତ୍ରୀ ମୀରବାଇ ଧରୁଆ, ସୁଭଦ୍ରା ସାହୁ ଓ ଛାତ୍ରଛାତ୍ରୀ ଉପସ୍ଥିତ ରହି ସହଯୋଗ କରିଥିଲେ । ଜୁନିୟର ରେଡକ୍ରସ କାଉନସିଲର ତଥା ଶିକ୍ଷକ ବନମାଳୀ ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।

## କାତ୍ୟାୟନୀ ବେଶରେ ଦର୍ଶନ ଦେଲେ ମା' ଦୁର୍ଗା

**ଡୁଙ୍ଗୁରିପାଲି, ୨୭ା୯ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ୟୁଥ୍ କ୍ଲବ୍ ପକ୍ଷରୁ ଚାଲିଥିବା ନବରାତ୍ରିର ଷଷ୍ଠ ଦିନରେ ମା' ଦୁର୍ଗା କାତ୍ୟାୟନୀ ବେଶରେ



ଭକ୍ତମାନଙ୍କୁ ଦର୍ଶନ ଦେଇଛନ୍ତି । ମୁଖ୍ୟକର୍ତ୍ତା ଭାବେ କୈଳାସ ବିଶ୍ୱାଳ ଓ ପତ୍ନୀ ପଦ୍ମବତୀ ବିଶ୍ୱାଳ ଥିବା ବେଳେ ମା'କାତ୍ୟାୟନୀ ପୂଜନୋତ୍ସବରେ କର୍ତ୍ତା ଭାବେ ନରେନ୍ଦ୍ର ଯୋଶୀ ଓ ପତ୍ନୀ ରଶ୍ମୀତା ଗୀତାଞ୍ଜଳି ଯୋଶୀ ଦାୟିତ୍ୱ ତୁଲାଇଥିଲେ । ଚଣ୍ଡୀ ପାଠରେ କର୍ତ୍ତା ଭାବେ ରବୀନ୍ଦ୍ର ବିଶ୍ୱାଳ ଓ ତାଙ୍କ ପତ୍ନୀ ଦାୟିତ୍ୱ ତୁଲାଇଛନ୍ତି । ମା'ଙ୍କ ଆରତୀ ସମୟରେ ଭକ୍ତଙ୍କ ପ୍ରବଳ ଭିଡ଼ ହୋଇଥିଲା । ମୁଖ୍ୟ ପୂଜକ ବାସୁଦେବ ମହାପାତ୍ର, ହାଡୁ ମିଶ୍ର, ଚିନ୍ତାମଣି ମିଶ୍ର, ଅନିଲ ରଥ ଓ ଧୀରେନ୍ଦ୍ର ମିଶ୍ର ସହଯୋଗ କରିଥିଲେ । ଆଜି ସନ୍ଧ୍ୟାରେ ମା'ଙ୍କ ଦର୍ଶନ ପାଇଁ ଆସିଥିବା ଶ୍ରଦ୍ଧାଳୁ ଭକ୍ତଙ୍କ ମନୋରଞ୍ଜନ ସକାଶେ କମିଟି ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ଚାରିଶମ୍ଭୁ ପୀଠରେ ସ୍ୱଚ୍ଛତା କାର୍ଯ୍ୟକ୍ରମ



**ବୌଦ୍ଧ, ୨୭ା୯ (ସମିସ):** ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ଗ୍ରାମ ପଞ୍ଚାୟତ ପକ୍ଷରୁ ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ଐତିହାସିକ ଚାରିଶମ୍ଭୁ ପୀଠରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସରପଞ୍ଚ ଭାରତୀ ପୁରୋହିତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ପଞ୍ଚାୟତ ଅଧିକାରୀ ମନୋରଞ୍ଜନ ମହାନ୍ତିଙ୍କ ସମେତ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ମନ ରଞ୍ଜନ ପୁରୋହିତ, ବିଆର୍‌ସି ଜଗନ୍ନାଥ ସାହୁ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଶରତ ପୁରୋହିତ, ବଜାର ନିରୀକ୍ଷକ ହାଡିବନ୍ଧୁ ଗିରି, ଏମ୍‌ବିକେ ବଡ଼ମାଳି, ସିଆରପି ଭୁବନେଶ୍ୱରୀ ବେହେରା, କ୍ଷୀରବତୀ ମେହେର, ଅଞ୍ଜଳି ମେହେର, ରଜନୀ ବେହେରା, ବିବେକା ମେହେର, କୌଶିକ ମେହେର, ଭାସ୍କର ମିର୍ଦ୍ଧା, ସମ୍ବାରୁ ମେହେର, ବାସନ୍ତୀ ବେରିହା, ଯାଜ୍ଞେଶିନୀ ମେହେର, ବିବେକା ମେହେର, ୱାର୍ଡ ସଭ୍ୟ ସନ୍ଧ୍ୟା ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଯୋଗ ଦେଇଥିଲେ । ଏହି ଅବସରରେ ମନ୍ଦିର ପରିସର ଓ ରାସ୍ତା ସଫା କରାଯାଇଥିଲା ।

## ବାଇକ ଦୁର୍ଘଟଣାରେ ଜଣେ ମୃତ, ୩ ଆହତ

**ବିନିକା, ୨୭ା୯ (ସମିସ):** ରାସ୍ତାରେ ଏକ ବାଇକ ଭାରସାମ୍ୟ ହରାଇ ଦୁର୍ଘଟଣା ଘଟିବା ଫଳରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି । ଅନ୍ୟ ୩ ଜଣ ଏଥିରେ ଆହତ ହୋଇଛନ୍ତି । ସୂଚନାନୁଯାୟୀ, ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ବ୍ଲକ ଖଇରଟିକିରା ଗ୍ରାମର ରାଜେନ୍ଦ୍ର ସେଠୀ(୧୯), ହରୋଡ଼ଖୋଲ ଗ୍ରାମର ରାଜେନ୍ଦ୍ର ପାଣ୍ଡେ(୨୮) ଏବଂ ଜଣେ ମହିଳା ଏକ ବାଇକରେ ବିନିକା ପଟରୁ ସୋନପୁର ପଟକୁ ଯାଉଥିବାବେଳେ ସେଲେଡି ଗ୍ରୀଡ ଓ ଜାମଛପର ମଝିରେ ଥିବା ନାଳ ନିକଟରେ ବାଇକଟି ଭାରସାମ୍ୟ ହରାଇ ଅଚ୍ୟୁତ ମୁଣ୍ଡା ନାମକ ଜଣେ ବ୍ୟକ୍ତିଙ୍କୁ ଧକ୍କା ଦେଇଥିଲା । ଫଳରେ ବାଇକ ଚାଳକ ଶ୍ରୀ ସେଠୀ ଘଟଣାସ୍ଥଳରେ ପ୍ରାଣ ହରାଇଥିବାବେଳେ ଅନ୍ୟ ୩ ଜଣଙ୍କୁ ତ୍ୱରିତ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ଡାକ୍ତରଖାନାକୁ ଅଣାଯାଇଥିଲା । ସେମାନଙ୍କ ମଧ୍ୟରୁ ଶ୍ରୀ ମୁଣ୍ଡା ଙ୍କ ଅବସ୍ଥା ଗୁରୁତର ଥିବାରୁ ସୋନପୁର ଜିଲ୍ଲା ମୁଖ୍ୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ମୃତ ରାଜେନ୍ଦ୍ରଙ୍କ ଶବକୁ ଶବ ସଂରକ୍ଷଣ ଗୃହରେ ରଖାଯାଇଛି । ରବିବାର ଶବ ବ୍ୟବଚ୍ଛେଦ କରାଯିବ ବୋଲି ଡାକ୍ତରଖାନା ସୂତ୍ରରୁ ଜଣାପଡ଼ିଛି ।

## ମା' ମହାମାୟୀଙ୍କ ଗ୍ରାମ ପରିକ୍ରମା



**ବୌଦ୍ଧ, ୨୭ା୯ (ସମିସ):** ବୌଦ୍ଧ ବ୍ଲକ ଜହ୍ନାପଙ୍କ ଗ୍ରାମର ଗୋକୁଳି ଝାଙ୍କରଙ୍କ ଘରେ ଦୀର୍ଘ ୧୫ ବର୍ଷ ହେଲା ମା' ମହାମାୟୀ ପୂଜା ପାଇ ଆସୁଛନ୍ତି । ଏହି ପୂଜା କେବଳ ମହିଳା ମାନେ କରିଥାନ୍ତି ଓ ଉପବାସ ରହନ୍ତି । ଭୋଗ ଲାଗି ହେଲା ପରେ ମାନସିକଧାରୀ ପ୍ରସାଦ ଖାଇଥାନ୍ତି । ମାସର ଶନିବାର ଦିନ କେବଳ ଏହି ପୂଜା ହୋଇଥାଏ । ଆଜି ପୀଠରେ ନୀତିକାନ୍ତିରେ ପୂଜାର୍ଚ୍ଚନା କରି ମା' ମହାମାୟୀଙ୍କୁ ନଗର ପରିକ୍ରମା କରାଯାଇଥିଲା । ପ୍ରଥମେ ଜହ୍ନାପଙ୍କ, ବାଘପାଲି ଓ ଚନ୍ଦ୍ରପୁର ଗ୍ରାମ ପରିଭ୍ରମଣ କରାଯାଇଥିଲା । ଢୋଲ, ନିଶାଣ ଓ ଘଣ୍ଟ ବାଦ୍ୟରେ ମା'ଙ୍କୁ ଗ୍ରାମ ପରିଭ୍ରମଣ କରାଯାଇଥିଲା । ପରିଭ୍ରମଣ ବେଳେ ମାନସିକଧାରୀ ନିଜ ଘର ଆଗରେ ଗୋବରରେ ଲିପି, ପିଢ଼ା ପକାଇ ଫୁଲ, ଧୂପ ନୈବେଦ୍ୟ ଓ ଭୋଗ ଦେଇ ମା' ଙ୍କୁ ପୂଜା କରି ଆଶିଷ ଭିକ୍ଷା କରିଥିଲେ । ଏହି ପରିଭ୍ରମଣରେ ବିଭିନ୍ନ ଗ୍ରାମରୁ ଆସିଥିବା ଭକ୍ତ ସାମିଲ ହୋଇଥିଲେ । ଅପରାହ୍ନ ୫ ଟାରେ ମା' ମହାମାୟୀଙ୍କ ଗୃହ ପ୍ରବେଶ ହୋଇଥିଲା ।

## ଜିଲ୍ଲା ସଂଗ୍ରହାଳୟରେ ପ୍ରତିଯୋଗିତା



**ବୌଦ୍ଧ, ୨୭ା୯ (ସମିସ):** ବୌଦ୍ଧ ଜିଲ୍ଲା ସଂଗ୍ରହାଳୟଠାରେ ମହାତ୍ମାଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୂର ଶାସ୍ତ୍ରୀଙ୍କ ଜୟନ୍ତୀ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଉଚ୍ଚ ପ୍ରାଥମିକ ବିଦ୍ୟାଳୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ସେଣ୍ଟ ଜାଭିଅର ପବ୍ଲିକ ସ୍କୁଲର କିରାଣ୍ୟା ଆଚାର୍ଯ୍ୟ ପ୍ରଥମ, କେନ୍ଦ୍ରୀୟ ବିଦ୍ୟାଳୟର ଶ୍ରୀୟାନସି ସାହୁ ଦ୍ୱିତୀୟ ଏବଂ ବ୍ରାଇଟ ମାଇଣ୍ଡ ଡାଇମନସନ ସ୍କୁଲର ରତ୍ନପ୍ରିୟା ଅଗ୍ରୱାଲ ତୃତୀୟ, ଦେଶାତ୍ମୋବୋଧକ ସଙ୍ଗୀତ ପ୍ରତିଯୋଗିତାରେ ସେଣ୍ଟ ଜାଭିଅର ସ୍କୁଲର ମୃନ୍ମୟୀ ପାଢ଼ୀ ପ୍ରଥମ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବିଭାନ ମିଶ୍ର ଦ୍ୱିତୀୟ ଏବଂ ଗୌରୀ ଶଙ୍କର ପବ୍ଲିକ ସ୍କୁଲର ଶାଶ୍ୱତ ସିନ୍ହା ତୃତୀୟ, ଉଚ୍ଚ ବିଦ୍ୟାଳୟସ୍ତରୀୟ ଓଡ଼ିଆ ବକ୍ତୃତା ପ୍ରତିଯୋଗିତାରେ ସେଣ୍ଟ ଜାଭିଅର ପବ୍ଲିକ ସ୍କୁଲର ଆର୍ଯ୍ୟ ନାରାୟଣ ଦେବ ପ୍ରଥମ, ମେଢ଼ୀମାଲ ଉଚ୍ଚ ବିଦ୍ୟାଳୟର ଶ୍ରଦ୍ଧା ଶୁଭଦର୍ଶିନୀ ସାହୁ ଏବଂ ବାମଣ୍ଡା ନୋଡାଲ ଉଚ୍ଚ ବିଦ୍ୟାଳୟର ସ୍ମୃତି ସ୍ମିତା ଭୋଇ ଦ୍ୱିତୀୟ, ମୁଣ୍ଡିପଦର ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ସମୀକ୍ଷା ରାଣୀ ଦାଶ ତୃତୀୟ, ମହାବିଦ୍ୟାଳୟସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ସୁନେଲି ବାଘ ପ୍ରଥମ, ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ଅନ୍ୱେଷା ମିଶ୍ର ଦ୍ୱିତୀୟ, ମଡେଲ ଡିଗ୍ରୀ ମହାବିଦ୍ୟାଳୟର ସଙ୍ଗୀତ ମଲ୍ଲିକ ତୃତୀୟ ସ୍ଥାନ ଅଧିକାର କରିଥିଲେ । ବିଚାରକ ଭାବେ ଲକ୍ଷ୍ମୀପଦର ୟୁଜିଏମଇ ସ୍କୁଲ ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ମହାନ୍ତି, କଣ୍ଠଶିଳ୍ପୀ ତ୍ରିନାଥ ମାହାର, ମାଉଲସିଂଘା ୟୁପି ସ୍କୁଲ ସହକାରୀ ଶିକ୍ଷକ ଆଶୁତୋଷ ମହାପାତ୍ର, ଅବସରପ୍ରାପ୍ତ ଶିକ୍ଷକ ତଥା ତବଲା ବାଦକ ଭୁବନେଶ୍ୱର ମିଶ୍ର, ଜିଲ୍ଲା ୟୁନିଅନ ପରିଷଦର ସଭାପତି ଚିତ୍ତ ରଞ୍ଜନ ଦାଶ, ସାହିତ୍ୟିକ ରମେଶ ପ୍ରସାଦ ମେହେର, ନୀଳ ଲୋହିତ ମହାପାତ୍ର, ବୀରନରସିଂହପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ନବ କିଶୋର ଦୀପ ଯୋଗଦେଇଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାର ସିଂହଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ପ୍ରତିଯୋଗିତାରେ ଗ୍ରନ୍ଥାଗାରିକ ଅକ୍ଷୟ କୁମାର ମହାକୁଡ଼, ଜିଲ୍ଲା ପାଠାଗାରର ଜିତେନ୍ଦ୍ର ମହାନ୍ତି, ବୀର କିଶୋର କର୍ମୀ, ଜିଲ୍ଲା ସଂଗ୍ରହାଳୟର ଅମରେଶ ପାଣିଗ୍ରାହୀ, ସଚିନ ପଧାନ ଏବଂ ଜୟଦେବ ବେହେରା, ଶିକ୍ଷକ ନବ କିଶୋର ଦୀପ ସହଯୋଗ କରିଥିଲେ ।

## ଓସିଏସ୍‌ରେ ପ୍ରଜ୍ଞା ପରିମିତା ମେହେରଙ୍କ କୃତିତ୍ୱ



**ବୌଦ୍ଧ, ୨୭ା୯ (ସମିସ):** ଓପିଏସ୍‌ସି ଦ୍ୱାରା ପରିଚାଳିତ ଓଡ଼ିଶା ପ୍ରଶାସନିକ ସେବା(ଓସିଏସ୍) ପରୀକ୍ଷାରେ ୨୩୬ ର୍‌ୟାଙ୍କ୍ ରଖି ବୌଦ୍ଧ ବ୍ଲକ ମୁରୁଶୁଣ୍ଡୀ ପଞ୍ଚାୟତ ପଲାଶ ଗ୍ରାମର ସଂସାର ମେହେର ଓ ଜେମା ମେହେରଙ୍କ ଝିଅ ପ୍ରଜ୍ଞ୍ୟା ପରିମିତା ମେହେର କୃତକାର୍ଯ୍ୟ ହୋଇଛନ୍ତି । ଫଳାଫଳ ପ୍ରକାଶ ପାଇବା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି ।।

## ବୀରମହାରାଜପୁର ପାଇଁ ଗୌରବ ଆଣିଲେ ଯତୀନ



**ବୀରମହାରାଜପୁର, ୨୭ା୯ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ମାଟି ପୁଅ ଜଟେସିଂହା ଗ୍ରାମର ଯତୀନ ବାଦି ଓଡ଼ିଶା ସିଭିଲ ପ୍ରଶାସନିକ ସେବା ପରୀକ୍ଷା-୨୦୨୩ ରେ ୨୫୨ ର୍‌ୟାଙ୍କ ରଖି କୃତକାର୍ଯ୍ୟ ହୋଇଛନ୍ତି । ଶ୍ରୀ ବାଦି ନିଜର ଦୃଢ଼ମନ, ଅକ୍ଲାନ୍ତ ପରିଶ୍ରମ ଓ ଉଦ୍ୟମ ବଳରେ ତୃତୀୟଥର ପରୀକ୍ଷା ଦେଇ ପ୍ରାଶାସନିକ ସେବା ପରୀକ୍ଷାରେ ପାସ କରି ବୀରମହାରାଜପୁର ମାଟି ପାଇଁ ଗୌରବ ଆଣିଛନ୍ତି । ସେ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ କାର୍ଯ୍ୟ କରି ଲୋକଙ୍କୁ ନିସ୍ୱାର୍ଥ ଭାବେ ସେବା ଯୋଗାଇ ଦେବାକୁ ଲକ୍ଷ୍ୟ ରଖିଥିବା ସେ କହିଛନ୍ତି । ଏହି ସଫଳତା ପାଇଁ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଥିଲା ।

## ଡୁଙ୍ଗୁରିପାଲି ୟୁଥ୍ କ୍ଲବ୍‌ର ସ୍ମରଣିକା ଉନ୍ମୋଚନ



**ଡୁଙ୍ଗୁରିପାଲି, ୨୭ା୯ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ୟୁଥ୍ କ୍ଲବର ଦୁର୍ଗା ପୂଜା ୫୦ ବର୍ଷରେ ପଦାର୍ପଣ କରିବା ଅବସରରେ ଏକ ସ୍ମରଣିକା ଶନିବାର ଉନ୍ମୋଚିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ସୋନପୁର ବିଧାୟକ ନିରଞ୍ଜନ ପୂଜାରୀ ଯୋଗଦେଇ କ୍ଲବ୍‌ର ନୂତନ ନିର୍ମିତ ସଭାଗୃହକୁ ଉଦ୍‌ଘାଟନ କରିଥିଲେ । ଉକ୍ତ ଗୃହରେ ୫୦ ବର୍ଷ ପୂର୍ତ୍ତି ଅବସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ଅନ୍ୟତମ ଅତିଥିଭାବେ ବ୍ଲକ ଉପାଧ୍ୟକ୍ଷ ମକର୍ଦ୍ଦଜ ସାହୁ, ସରପଞ୍ଚ ଚିତ୍ତରଞ୍ଜନ ମିଶ୍ର, କ୍ଲବ୍ ସଭାପତି ହିମାଂଶୁ ଶେଖର ବିଶ୍ୱାଳ, କ୍ଲବ୍ ସମ୍ପାଦକ ଦଶରଥୀ ବିଶ୍ୱାଳ, ମାଗି ବିଶ୍ୱାଳ, ଗୋପାଳ ବାରିକ, ବୀରବର ବିଶ୍ୱାଳ, ମକାର୍ଧୟ ବିଶ୍ୱାଳ, ବିରଞ୍ଚି ସାହୁ, ବଙ୍ଗାଳି ବିଶ୍ୱାଳ ମଞ୍ଚାସୀନ ଥିଲେ । କ୍ଲବ୍‌ର ସମସ୍ତ ସଭ୍ୟ ଉପସ୍ଥିତ ଥିଲେ ।

## ଡୁଙ୍ଗୁରିପାଲି ଡାକ୍ତରଖାନାରେ ରକ୍ତଦାନ ଶିବିର

**ଡୁଙ୍ଗୁରିପାଲି, ୨୭ା୯ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ମାତୃ ଓ ଶିଶୁ ଡାକ୍ତରଖାନରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟଅତିଥି ଜିଲ୍ଲା ପରିଷଦ ସଭାପତି ସୁପାର ଠେଲା ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ବ୍ଲକ ଅଧ୍ୟକ୍ଷା ଅହଲ୍ୟା ସାହୁ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଅନ୍ୟତମ ଅତିଥି ଭାବେ ସିଡିଏମ୍‌ଓ ଡା. ଉଷାରାଣୀ ଦାସ, ସମ୍ମାନିତ ଅତିଥି ସାଂସଦ ପ୍ରତିନିଧି ହେମନ୍ତ ବିଶ୍ୱାଳ, ଏଡିଏମ୍‌ଓ ଡା. ଦୈତ୍ୟ ନାରାୟଣ ପାଢ଼ୀ, ରୋଗୀ କଲ୍ୟାଣ ସମିତିର ବରିଷ୍ଠ ସଭ୍ୟ ହିମାଂଶୁ ଶେଖର ବିଶ୍ୱାଳ, ଡିପିଏମ୍ ରୂପକ ମହାପାତ୍ର ଯୋଗଦେଇଥିଲେ । ଅଧୀକ୍ଷକ ଡା. ରବୀନ୍ଦ୍ରନାଥ ପଣ୍ଡା ସ୍ୱାଗତ ଭାଷଣ ଦେଇଥିବା ବେଳେ ପିଏଚ୍‌ଇଓ ଶେଷଦେବ ଥନାପତି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଆଲୋକ ରଞ୍ଜନ ପଣ୍ଡା ଧନ୍ୟବାଦ ଦେଇଥିଲେ । ଡା. ସଞ୍ଜୟ ପଧାନ, ଡା. ସରୋଜ ସେଠ ଓ ଡା. କିରଣପ୍ରଭା ଡୁଙ୍ଗଡୁଙ୍ଗ, ଡା. ମନୋଜ ଅଦାବର, ଡା. ଶାନ୍ତନୁ ମେହେର, ଡା. ତ୍ରିବିକ୍ରମ ପାଣ୍ଡିଆ, ଡା. ରଶ୍ମିରଞ୍ଜନ ହୋତା ରୋଗୀମାନଙ୍କ ଚିକିତ୍ସା କରିଥିଲେ । ରକ୍ତଦାନ ଶିବିରରେ ୨୬ ୟୁନିଟି ରକ୍ତ ସଂଗ୍ରହ କରାଯାଇଥିଲା । ଏହାକୁ ପ୍ରଭାସ ଚନ୍ଦ୍ର ପଧାନ, ଡା. କ୍ଷମାନିଧି ସାହୁ, ଜଗତ ଦରୁଆନ, ସୁଦାମ ବିଶ୍ୱାଳ ଓ ଯୁଧିଷ୍ଠିର ନାଏକ ପରିଚାଳନା କରିଥିଲେ । ସିଡିପିଓ ମୌସୁମୀ ମାଇଟିଙ୍କ ତତ୍ତ୍ୱାବଧାନରେ ସମସ୍ତ ଅଙ୍ଗନବାଡ଼ି କର୍ମୀ ଓ ଆଶାକର୍ମୀ ସହଯୋଗ କରିଥିଲେ ।

**ବଶିଷ୍ଠ ଓ ସୁଧାଂଶୁ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ**

## ସେମିଫାଇନାଲରେ ଅମରପାଲି

**ବୀରମହାରାଜପୁର, ୨୭ା୯ (ସମିସ)**



ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଲୁତୁରପଙ୍କ ହାଇସ୍କୁଲ ପଡ଼ିଆରେ ବଶିଷ୍ଠ ଓ ସୁଧାଂଶୁ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶନିବାର ଉଦ୍‌ଘାଟିତ ହୋଇଯାଇଛି । ପୀତାମ୍ବର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଲୁତୁରପଙ୍କ ସରପଞ୍ଚ ସୂର୍ଯ୍ୟ ନନ୍ଦ ମୁଖ୍ୟଅତିଥି ଏବଂ ଜୟ ଜଗନ୍ନାଥ ସ୍ପୋର୍ଟସ କ୍ଲବର ସମ୍ପାଦକ ମାଧବ ମହାକୁର ଓ କ୍ରୀଡାବିତ ପ୍ରମୋଦ ବେଦୋକ୍ତା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ । ଉଦ୍‌ଘାଟନୀ ମ୍ୟାଚ୍‌ରେ ପୁଲେଶ୍ୱର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୮ ଉଇକେଟ ହରାଇ ୫୩ ରନ କରିଥିବା ବେଳେ ବାରଝୁଲା ଦଳ ୮ ଓଭରରେ ୭ ଉଇକେଟ ହରାଇ ୪୮ ରନ କରି ପରାସ୍ତ ହୋଇଥିଲା । ଦ୍ୱିତୀୟ ମ୍ୟାଚ୍‌ରେ ଖଇରମାଲ ପ୍ରଥମେ ବ୍ୟାଟିଂ କରି ୯ ଓଭରରେ ସମସ୍ତ ଉଇକେଟ ହରାଇ ୫୦ ରନ କରିଥିବା ବେଳେ ଅମରପାଲି ୮.୩ ଓଭରରେ ୯ ଉଇକେଟ ହରାଇ ୫୧ ରନ୍ କରି ବିଜୟୀ ହୋଇଥିଲା । ପ୍ରଥମ କ୍ୱାର୍ଟର ଫାଇନାଲରେ ପ୍ରଥମ ମ୍ୟାଚର ବିଜେତା ପୁଲେଶ୍ୱର ପ୍ରଥମେ ବ୍ୟାଟିଂ କରି ୮ ଓଭରରେ ୬ ଉଇକେଟ ହରାଇ ୮୫ ରନ କରିଥିବା ବେଳେ ଅମରପାଲି ୭.୧ ଓଭରରେ ଗୋଟିଏ ଉଇକେଟ ହରାଇ ୮୬ ରନ କରି ବିଜୟୀ ହୋଇ ପ୍ରଥମଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି । ମାନସ ନନ୍ଦ ଓ ଟିଟୁନ ନନ୍ଦ ଆମ୍ପାୟାର, ଅନିଲ ଭୁକ୍ତା ଓ ଲଳିତ ପଧାନ ସ୍କୋରିଂ ଏବଂ କାହ୍ନା ପଧାନ ଧାରାବିବରଣୀ ପ୍ରଦାନ କରିଥିଲେ ।

# ୩ ବସ୍ ସିରିଜ୍ ଦୁର୍ଘଟଣା; ଜଣେ ମୃତ, ୫ ଆହତ

ବାଲୁଗାଁ,୨୭।୯(ସମିସ)

୧୬ ନମ୍ବର ଜାତୀୟ ରାଜପଥର ବାଣପୁର-ବାଲୁଗାଁ ବାଇପାସ୍ ଓଭରବ୍ରିଜ୍ ନିକଟସ୍ଥ ବେଲପଡ଼ା ଛକ ନିକଟରେ ଶନିବାର ସକାଳେ ୩ଟି ବସ୍ ମଧ୍ୟରେ ସିରିଜ୍ ଦୁର୍ଘଟଣା ଘଟିଯାଇଛି। ଏହି ଦୁର୍ଘଟଣାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିବାବେଳେ ୫ ଜଣ ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ସ୍ଥାନୀୟ ଗ୍ରାମବାସୀ ଟାୟାର ଜାଳି ରାସ୍ତା ଅବରୋଧ କରିବାରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଘଟଣାସ୍ଥଳରେ ପୁଲିସ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଚଳାଇଥିବାବେଳେ ପୁଲିସ ଲୋକଙ୍କୁ ବୁଝାଶୁଝା କରି ପରିସ୍ଥିତିକୁ ନିୟନ୍ତ୍ରଣାଧୀନ କରିଥିଲା।



**ଟାୟାର ଜାଳି ଗ୍ରାମବାସୀଙ୍କ ରାସ୍ତା ଅବରୋଧ**

ସୂଚନା ମୁତାବକ, ଶିମିଳିଗୁଡ଼ାରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଏକ ବସ୍ ଶନିବାର ସକାଳେ ବାଣପୁର-ବାଲୁଗାଁ ବାଇପାସ୍‌ର ବେଲପଡ଼ା ଛକ ନିକଟରେ ରାସ୍ତାରେ ବୁଲୁଥିବା ଗାଈଗୋରୁଙ୍କୁ ବଞ୍ଚେଇବାକୁ ଯାଇ ବସ୍‌ଟି ଦୁର୍ଘଟଣାଗ୍ରସ୍ତ ହୋଇ ରାସ୍ତା ପାଶ୍ୱର୍ରେ ଅଟକି ରହିଥିଲା। ସେହି ସମୟରେ ପଛରୁ ଆସୁଥିବା ଅନ୍ୟ ୨ଟି ବସ୍ ମଧ୍ୟରୁ ପାଇଲଗୁଡ଼ାରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ବସ୍‌ଟି ଉକ୍ତ ରାସ୍ତା ଦେଇ ଯାଉଥିବା ଏକ ବାଇକ୍‌କୁ ଶକ୍ତ ଧକ୍କା ଦେଇଥିବାବେଳେ ପଛରୁ ଆସୁଥିବା ବିଶାଖାପାଟଣାରୁ କୋଲକାତା ଅଭିମୁଖେ ଯାଉଥିବା ଅନ୍ୟ ଏକ ବସ୍ ଆଗ ବସ୍‌ଟିକୁ ଧକ୍କା ଦେଇଥିଲା। ଫଳରେ ବାଇକ୍‌ରେ ବସିଥିବା ନିମିକ୍ଷେତା ଗ୍ରାମର ଶୁଭମ୍‌ଜ୍ୟୋତି ପ୍ରହରାଜଙ୍କ ମୃତ୍ୟୁ ଘଟିଥିବାବେଳେ ବାଇକ୍ ଚାଳକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ୨ ଜଣ ଯାତ୍ରୀ, ସହକାରୀ ବସ୍ ଚାଳକ ଓ ହେଲ୍‌ପର ଆହତ ହୋଇ ବାଲୁଗାଁ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଘଟଣା ପରେ ୩ଟି ବସ୍‌ର ଡ୍ରାଇଭର ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିବା ସୂଚନା ମିଳିଛି। ତେବେ ଘଟଣାଟି ପ୍ରଚାର ହେବାରୁ ସ୍ଥାନୀୟ ଗ୍ରାମବାସୀ ଓ ପଥଚାରୀ ଘଟଣାସ୍ଥଳରେ ଏକତ୍ରିତ ହୋଇ ରାସ୍ତାର ଉଭୟ ପାଶ୍ୱର୍ରେ ଟାୟାର ଜାଳି ରାସ୍ତା ଅବରୋଧ କରିବାରୁ ଘଟଣାସ୍ଥଳରେ ଉତ୍ତେଜନା ସୃଷ୍ଟି ହେବା ସହ ଯାନବାହନ ଯାତାୟାତରେ ବାଧା ଉପୁଜିଥିଲା। ଖବର ପାଇ ବାଲୁଗାଁ ଉପଖଣ୍ଡ ଆରକ୍ଷୀ ଅଧିକାରୀ ସଞ୍ଜୟ ପଟ୍ଟନାୟକଙ୍କ ସମେତ ବାଣପୁର ଓ ବାଲୁଗାଁ ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଅଗ୍ନିଶମ ବାହିନୀ କର୍ମଚାରୀଙ୍କ ସହାୟତାରେ ଆହତମାନଙ୍କୁ ଚିକିତ୍ସା ପାଇଁ ବାଲୁଗାଁ ଡାକ୍ତରଖାନାକୁ ପଠାଇଥିବା ସହ ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ନିୟନ୍ତ୍ରଣାଧୀନ ହୋଇଥିଲା। ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ପ୍ରାୟ ଏକ ଘଣ୍ଟା ପରେ ରାଜପଥରେ ଯାନବାହାନ ଚଳାଚଳ ସ୍ୱାଭାବିକ ହୋଇଥିଲା। ଦୁର୍ଘଟଣାଗ୍ରସ୍ତ ୩ଟି ବସ୍‌ର ଯାତ୍ରୀମାନଙ୍କୁ ଅନ୍ୟ ବସ୍ ସହାୟତାରେ ଗନ୍ତବ୍ୟସ୍ଥଳକୁ ପଠାଇ ଦିଆଯାଇଥିବା ସୂଚନା ମିଳିଛି।

---

● ତପି ହତ୍ୟା ମାମଲାର ରାୟ ପ୍ରକାଶ

## ହତ୍ୟାକାରୀକୁ ଆଜୀବନ କାରାଦଣ୍ଡ



ଖୋର୍ଦ୍ଧା, ୨୭।୯(ସମିସ): ୨୦୧୯ ଜାନୁଆରୀ ୩୧ରେ ସିମୋର ଛକ ନିକଟ ଅର୍ଦ୍ଧନିର୍ମିତ ଘରେ କଣ୍ଢାମଲିମର ସତ୍ୟବ୍ରତ ପାଇକରାୟ ଓରଫ୍ ତପି ହତ୍ୟା ମାମଲାର ରାୟ ଶନିବାର ପ୍ରକାଶ ପାଇଛି। ଖୋର୍ଦ୍ଧା ପ୍ରଥମ ଏଡିଜେ ରଶ୍ମିଲତା ଲେଙ୍କା ଏହି ମାମଲାର ବିଚାର କରି ଅଭିଯୁକ୍ତ କଟକ ଜିଲ୍ଲା ବାଙ୍କୀ ଥାନା ଅନ୍ତର୍ଗତ ଓଗାଳପୁର ଗ୍ରାମର ନରେନ୍ଦ୍ର ମହାରଣା ଓରଫ୍ ବାବୁଲି (୪୯)କୁ ଆଜୀବନ ଜେଲ୍ ଓ ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି।

କଣ୍ଢାମଲିମ ଗ୍ରାମର ଗୋପାଳ ଚନ୍ଦ୍ର ପାତ୍ରଙ୍କର ଖୋର୍ଦ୍ଧା ଥାନା ବାଘମାରୀ ଫାଣ୍ଡି ଅନ୍ତର୍ଗତ ସିମୋର ଛକ ନିକଟରେ ଏକ ଘର ନିର୍ମାଣ ଚାଲିଥିଲା। ଅଭିଯୁକ୍ତ ବାବୁଲି ନିର୍ମାଣ କାର୍ଯ୍ୟ ତଦାରଖ କରୁଥିଲା। ବାବୁଲି ସବୁବେଳେ ନିଶାସକ୍ତ ଅବସ୍ଥାରେ ରହୁଥିବାରୁ ଗୋପାଳଙ୍କ ବଡ଼ ପୁଅ ତପି ତାକୁ ବିରୋଧ କରି ଆସୁଥିଲା। ଏହାକୁ ନେଇ ଘଟଣା ଦିନ ଦୁହିଁଙ୍କ ମଧ୍ୟରେ ପାଟିତୁଣ୍ଡ ହେବାରୁ ଏଥିରେ ରାଗିଯାଇ ବାବୁଲି ଏକ ଟାଙ୍ଗିଆରେ ତପିକୁ ହତ୍ୟା କରି ଫେରାର୍ ହୋଇଯାଇଥିଲା। ଏ ସଂପର୍କରେ ଗୋପାଳ ଅଭିଯୋଗ କରିବାରୁ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ତଦନ୍ତରୁ ଜଣାପଡ଼ିଥିଲା ଯେ ବାବୁଲି ହିଁ ତପିକୁ ହତ୍ୟା କରିଛି। ତେଣୁ ପୁଲିସ ତାକୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସରକାରୀ ପକ୍ଷରୁ ଅତିରିକ୍ତ ଓ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ରଜନୀକାନ୍ତ ପଟ୍ଟନାୟକ ମାମଲାକୁ ପରିଚାଳନା କରୁଥିଲେ।

## ବିଦ୍ୟାଳୟରୁ ମଧ୍ୟାହ୍ନ ଭୋଜନ ଚାଉଳ ଚୋରି

ବେଗୁନିଆ,୨୭।୯(ସମିସ): ବେଗୁନିଆ ଥାନା ଅନ୍ତର୍ଗତ ପିଚୁକୁଳି ଗ୍ରାମସ୍ଥିତ ଶ୍ରୀରଘୁନାଥଦେବ ସରକାରୀ ଉଚ୍ଚ ବିଦ୍ୟାଳୟରୁ ମଧ୍ୟାହ୍ନ ଭୋଜନ ଚାଉଳ ଚୋରି ହୋଇଛି। ଏଥିରେ ମଧ୍ୟାହ୍ନ ଭୋଜନ ଦାୟିତ୍ୱରେ ଥିବା ଶିକ୍ଷକ ଭାଗିରଥି ଗୁରୁ ଶନିବାର ପୂର୍ବାହ୍ନରେ କୋଠରି ତାଲା ଭଙ୍ଗାଯାଇଥିବାରୁ ତୁରନ୍ତ ବୋଲଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ସ୍ୱାଇଁ, ବିଦ୍ୟାଳୟ ପରିଚାଳନା ପରିଷଦ ଅଧ୍ୟକ୍ଷ ବବିନା ନାୟକ ଓ ପ୍ରଧାନଶିକ୍ଷୟିତ୍ରୀ ସ୍ନିଗ୍ଧା ମହାପାତ୍ରଙ୍କୁ ଜଣାଇଥିଲେ। ପରେ କୋଠରି ଭିତରେ ପ୍ରବେଶ କରି ୫ ବସ୍ତା ଚାଉଳ ଚୋରି ହୋଇଛି ବୋଲି ଦେଖିବାକୁ ପାଇ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଜଣାଇଥିଲେ। ଚାଉଳ ଚୋରି ହୋଇଥିବାର ଦେଖାଇଥିଲେ ବୋଲି ଜଣାଯାଇଛି। ଏପରିକି ପୂର୍ବରୁ ସିସିଟିଭି କ୍ୟାମେରା ଚୋରି, ଆଲ୍‌ବେଷ୍ଟସ୍, ପାଣି ପାଇପ୍ ଓ ଟ୍ୟାପ୍ ଆଦି ଭଙ୍ଗାରୁଜା ହେବା ସମ୍ପର୍କରେ ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ମହାପାତ୍ର ଅବଗତ କରିଥିଲେ। ଏହି ଘଟଣା ସମ୍ପର୍କରେ ଥାନାରେ ଅଭିଯୋଗ ହୋଇ ନ ଥିବାର ଜଣାପଡ଼ିଛି।

## ଗ୍ୟାସ୍ ସିଲିଣ୍ଡର ଫାଟି ଜଳିଗଲା ଘର

ବୋଲଗଡ଼,୨୭।୯(ସମିସ): ରୋଷେଇ ହେଉଥିବାବେଳେ ଗ୍ୟାସ୍ ଟାଙ୍କି ଫାଟି ଅଗ୍ନିକାଣ୍ଡ ଘଟି ଜଳିଗଲା ଘର। ଫଳରେ ଜଣେ ଗୁରୁତର ଆହତ ହୋଇଛନ୍ତି। ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ବ୍ଲକ୍ ପିଚୁକୁଳି ପଞ୍ଚାୟତ ପିଚୁକୁଳି ପାଟଣାସାହିରେ ଘଟିଛି ଏଭଳି ଅଗ୍ନିକାଣ୍ଡ। ଉକ୍ତ ସାହିର କୁମାରିଶ ପଟ୍ଟନାୟକଙ୍କ ଘରେ ରୋଷେଇ ଚାଲିଥିବାବେଳେ ଘରର ଗ୍ୟାସ୍ ଟାଙ୍କି ପ୍ରଥମେ ଲିକ୍ ହୋଇଥିଲା। ପରେ ନିଆଁ ଲାଗି ଜଳିଯାଇ ଗ୍ୟାସ୍ ସିଲିଣ୍ଡର ଫାଟିଯାଇଥିଲା। ତେବେ ଘରେ ନିଆଁ ଜଳିବା ଦ୍ୱାରା ଘରେ ଥିବା ସମସ୍ତ ଆସବାବପତ୍ର ସହିତ ବିଭିନ୍ନ ସାମଗ୍ରୀ, ଖାଦ୍ୟଶସ୍ୟ ଆଦି ଜଳି ନଷ୍ଟ ହୋଇଯାଇଛି। ଖବର ପାଇ ବେଗୁନିଆ ଅଗ୍ନିଶମ କର୍ମଚାରୀ ନିଆଁକୁ ଆୟତ୍ତ କରିଥିଲେ।

## ଅଜଣା ଗାଡ଼ି ଧକ୍କାରେ ଶିକ୍ଷକ ଗୁରୁତର

ବେଗୁନିଆ,୨୭।୯(ସମିସ): ଖୋର୍ଦ୍ଧା-ବଲାଙ୍ଗିର ୫୭ ନମ୍ବର ଜାତୀୟ ରାଜପଥର ପିଚୁକୁଳିସ୍ଥିତ ଆଦର୍ଶ ବିଦ୍ୟାଳୟ ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ବାଇକ୍ ଦୁର୍ଘଟଣାରେ ଜଣେ ଶିକ୍ଷକ ଗୁରୁତର ଆହତ ହୋଇଛନ୍ତି। ବେଗୁନିଆ ପୁଲିସ ପହଞ୍ଚି ପ୍ରଥମେ ରାଜସୁନାଖଳା ଡାକ୍ତରଖାନାରେ ଚିକିତ୍ସା କରିବା ପରେ ଭୁବନେଶ୍ୱର ଏମ୍‌ସ ଏବଂ ସେଠାରୁ କଟକ ଏସ୍‌ସିବି ସ୍ଥାନାନ୍ତର କରାଯାଇଥିଲା। ଗୁରୁତର ଜଣକ ହେଲେ ନୟାଗଡ଼ ଜିଲ୍ଲା ଶରଣକୁଳ ନିକଟସ୍ଥ ବରସାହି ଗ୍ରାମର ଶିକ୍ଷକ ବିପିନ ସ୍ୱାଇଁ। ବାଇକ୍‌ରେ ଭୁବନେଶ୍ୱରରୁ ଫେରୁଥିବାବେଳେ ଦୁର୍ଘଟଣାର ଶିକାର ହୋଇଛନ୍ତି।

## ପରିଛଲ କପ୍ କ୍ରିକେଟ୍: ଆଇଆର୍‌ସି ଭିଲେଜ ବିଜୟୀ

ଖୋର୍ଦ୍ଧା,୨୭।୯(ସମିସ): ପରିଛଲ ୟୁଥ୍ କ୍ଲବ୍ ଦ୍ୱାରା ସ୍ଥାନୀୟ ଖେଳପଡ଼ିଆରେ ଚାଲିଥିବା ୩୩ତମ ରାଜ୍ୟସ୍ତରୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଶନିବାର ମ୍ୟାଚ୍ ରାଇଜିଂ ଷ୍ଟାର୍ କ୍ରିକେଟ୍ କ୍ଲବ୍, କୁମାରବସ୍ତ ଏବଂ ଆଇଆର୍‌ସି ଭିଲେଜ୍, ଭୁବନେଶ୍ୱର ଟିମ୍ ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ୧୫ ଓଭରରେ ଟସ୍ ଜିତି ରାଇଜିଂ ଷ୍ଟାର୍ କ୍ରିକେଟ୍ କ୍ଲବ୍ ପ୍ରଥମେ ବ୍ୟାଟିଂ କରି ୭ଟି ୱିକେଟ୍ ବିନିମୟରେ ୧୭୨ ରନ୍ ସଂଗ୍ରହ କରିଥିଲା। ବସନ୍ତ ସାହୁ ୨୨ଟି ବଲ୍ ଖେଳି ୫୫ ରନ୍ ଏବଂ କୁଲଦୀପ ପାଇକରାୟ ୧୭ ବଲ୍‌ରେ ୩୦ ରନ୍ କରିଥିଲେ। ଜବାବରେ ଆଇଆର୍‌ସି ଭିଲେଜ୍, ଭୁବନେଶ୍ୱର ଟିମ୍ ୧୩ ଓଭରରେ ୧୭୫ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଟିମ୍‌ର ଅମୂଲ୍ୟ ପାତ୍ର ୨୬ ବଲ୍‌ରେ ୬୫ ରନ୍ ଏବଂ ସୌରଭ ଦାସ ୧୩ ବଲ୍‌ରେ ୨୯ ରନ୍ କରିଥିଲେ। ଅମୂଲ୍ୟ ପାତ୍ର ମ୍ୟାନ୍ ଅଫ୍ ଦ ମ୍ୟାଚ୍ ବିବେଚିତ ହୋଇଥିଲେ। ମ୍ୟାଚ୍‌କୁ ଶ୍ରୀନିବାସ ବାରିକ ଓ ଦିନବନ୍ଧୁ ବିଶ୍ୱାଳ ପରିଚାଳନା କରିଥିଲେ।

---

ଆଜି ବିଶ୍ୱ ଜଳାତଙ୍କ ଦିବସ

## ବର୍ଷକରେ କୁକୁର, ବିଲେଇ ଓ ମାଙ୍କଡ଼ କାମୁଡ଼ାରେ ୬୯୪୯ ଆକ୍ରାନ୍ତ

ଖୋର୍ଦ୍ଧା,୨୭।୯(ସମିସ): ପ୍ରତିବର୍ଷ ସେପ୍ଟେମ୍ବର ୨୮ ତାରିଖରେ ଜୁନୋଟିକ୍ ରୋଗ ରାବିଜ୍ ବିଷୟରେ ବିଶ୍ୱବ୍ୟାପୀ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ବିଶ୍ୱ ଜଳାତଙ୍କ ଦିବସ ପାଳନ କରାଯାଉଛି। ମନୁଷ୍ୟ ଓ ପ୍ରାଣୀ ଉପରେ ଜଳାତଙ୍କ ପ୍ରଭାବ ଏବଂ ଏହାର ନିବାରଣ ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ୨୦୦୭ରୁ ଏହି ଦିବସ ପାଳିତ ହୋଇଆସୁଛି। ଜଳାତଙ୍କ ରୋଗ ଏକ ଜୁନେଟିକ୍ ରୋଗ। ଯାହା ରାବିଜ୍ ନାମକ ଜୀବାଣୁ ଦ୍ୱାରା ସଂକ୍ରମିତ ହୋଇଥିବା ପଶୁ କାମୁଡ଼ିବା ଦ୍ୱାରା ମଣିଷକୁ ସଂକ୍ରମଣ ହୋଇଥାଏ। ସାଧାରଣତଃ କୁକୁର କାମୁଡ଼ିବା ଦ୍ୱାରା ଏହି ରୋଗ ହୋଇଥାଏ ବୋଲି ସମସ୍ତେ ଭାବନ୍ତି। କିନ୍ତୁ ଏହା ବିଲେଇ, ମାଙ୍କଡ଼, ଫେରେଟ୍ସ, ଛେଳି, ବାଦୁଡ଼ି, ଠେକୁଆ ସମେତ ଅନ୍ୟ କେତେକ ପ୍ରାଣୀଙ୍କ କାମୁଡ଼ିବା ଦ୍ୱାରା ମଧ୍ୟ ହୋଇପାରେ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କୁହନ୍ତି। ଜିଲ୍ଲାରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବ୍ୟାପକ ସଚେତନତା କରାଯାଇଥିବା ବେଳେ ବିଏମ୍‌ସିକୁ ବାଦ୍ ଦେଇ ବର୍ଷକ ମଧ୍ୟରେ ଗୋଟିଏ ମାତ୍ର ଜଳାତଙ୍କ ରୋଗୀ ଦେଖାଯାଇ ନ ଥିବା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଶ୍ୟାମା ପ୍ରସନ୍ନ ମିତ୍ରଙ୍କ ସୂଚନା ଅନୁସାରେ, ୨୦୨୪ ଅଗଷ୍ଟ ୧ରୁ ଚଳିତ ବର୍ଷ ଅଗଷ୍ଟ ୩୧ ସୁଦ୍ଧା କୁକୁର, ବିଲେଇ ଓ ମାଙ୍କଡ଼ କାମୁଡ଼ାରେ ମୋଟ୍ ୬୯୪୯ ଜଣ ଆକ୍ରାନ୍ତ ହୋଇଛନ୍ତି। ସେଥିମଧ୍ୟରୁ ୪୭୮୨ ଜଣ କୁକୁର କାମୁଡ଼ାର ଶିକାର ହୋଇଥିବାବେଳେ ୧୮୩୧ ଜଣ ବିଲେଇ, ୩୩୬ ଜଣ ମାଙ୍କଡ଼ କାମୁଡ଼ାରେ ଆକ୍ରାନ୍ତ ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ହୋଇଛନ୍ତି। ଆକ୍ରାନ୍ତକାରୀଙ୍କ ମଧ୍ୟରୁ ତୃତୀୟ ବର୍ଗ ଅର୍ଥାତ୍ ଗୁରୁତରଙ୍କୁ ଦୁଇ ପ୍ରକାର (ର୍‌ୟାବ୍ ଓ ରିଗ୍) ଭ୍ୟାକ୍ସିନ୍ ଦିଆଯାଉଛି। ଅନ୍ୟପକ୍ଷରେ ପ୍ରଥମ ବର୍ଗ ତଥା ସାମାନ୍ୟ ଆହତଙ୍କୁ ସାଧାରଣ ଭ୍ୟାକ୍ସିନ୍ (ର୍‌ୟାବ୍) ଦିଆଯାଇଥିବା ଡା. ମିତ୍ର ସୂଚନା ଦେଇଛନ୍ତି।

**ଖୋର୍ଦ୍ଧାରେ ନାହାନ୍ତି ଜଳାତଙ୍କ ରୋଗୀ**

ଅନ୍ୟପକ୍ଷରେ ଘରେ ରଖୁଥିବା ପୋଷା ବିଲେଇ, ବୁଲା କୁକୁରଙ୍କ କାମୁଡ଼ାରେ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବା ଦେଖାଯାଇଛି। ଘରେ ରଖୁଥିବା ପଶୁମାନଙ୍କ ସଂସ୍ପର୍ଶରେ ଆସିଲେ ହାତକୁ ପରିଷ୍କାର କରିବା ସହ ସେମାନଙ୍କୁ ଭ୍ୟାକ୍ସିନେସନ୍ କରିବା ଉଚିତ୍। ବୁଲା କୁକୁରଙ୍କ ଦୌରାତ୍ମ୍ୟ ବଢୁଥିବାବେଳେ ଏହାକୁ ରୋକିବାକୁ ଅର୍ବାନ ହାଉସିଂ ଡେଭଲପମେଣ୍ଟ ସହ ମିଶି ସରକାର ବୁଲା କୁକୁରଙ୍କୁ ଟୀକାକରଣ କରିବା ଲାଗି ପଦକ୍ଷେପ ନିଆଯାଉଥିବା ପୌର କାର୍ଯ୍ୟାଳୟ ସୂତ୍ରରୁ ଜଣାଯାଇଛି। ଡାକ୍ତରଙ୍କ କହିବା ଅନୁଯାୟୀ, ଜଳାତଙ୍କ ରୋଗ କୁକୁର, ବିଲୁଆ, ଗଧିଆ, ନେଉଳ, ବାଦୁଡ଼ି ପ୍ରଭୃତି ପ୍ରାଣୀକୁ ସଂକ୍ରମଣ କରୁଥିବା ଏକ ଭୂତାଣୁଜନିତ ରୋଗ। ସେଇ ସଂକ୍ରମିତ ପ୍ରାଣୀ ମନୁଷ୍ୟକୁ କାମୁଡ଼ିଲେ କିମ୍ବା ସେମାନଙ୍କ ଲାଳ ସଂସ୍ପର୍ଶରେ ଆସିଲେ ଏହି ରୋଗ ହୋଇଥାଏ। ତେଣୁ ଏ ଦିଗରେ ସଚେତନତାକୁ ବ୍ୟାପକ କରାଯାଉଛି। ଏହି ରୋଗ ବିଷୟରେ ସଚେତନତା କରିବା ପାଇଁ ବିଶ୍ୱ ଜଳାତଙ୍କ ଦିବସ ପାଳନ କରିବା ଏକମାତ୍ର ଉଦ୍ଦେଶ୍ୟ ନୁହେଁ ବରଂ ଜଳାତଙ୍କର କାରଣ, ନିରାକରଣ, ବିଶେଷ କରି ଟୀକାକରଣକୁ ନେଇ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟ ଅଟେ ବୋଲି ଡା. ମିତ୍ର ସୂଚନା ଦେଇଛନ୍ତି। ତେବେ ଭେଷଜ ବିଭାଗ ମୁଖ୍ୟ ଡା. ବିଶ୍ୱନାଥ ପାଢ଼ୀଙ୍କ ସୂଚନା ଅନୁସାରେ, ବର୍ଷକ ମଧ୍ୟରେ କୌଣସି ଜଳାତଙ୍କ ରୋଗୀ ଡିଏଚ୍‌ଏଚ୍‌କୁ ଆସିନାହାନ୍ତି।

ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ

## ମଙ୍ଗଳାଯୋଡ଼ିକୁ ପକ୍ଷୀ ଅଭୟାରଣ୍ୟ ଘୋଷଣା ଦାବି

ଟାଙ୍ଗୀ,୨୭।୯(ସମିସ): ବିଶ୍ୱ ପର୍ଯ୍ୟଟନ ଦିବସ ଉପଲକ୍ଷେ ଟାଙ୍ଗୀ ବ୍ଲକ୍‌ର ପରିବେଶ ପର୍ଯ୍ୟଟନ ମାନ୍ୟତାପ୍ରାପ୍ତ ବିହଙ୍ଗ ବିହାର ମଙ୍ଗଳାଯୋଡ଼ି ପ୍ରକୃତି ନିବାସ ପରିସରରେ ପରିବେଶ ପର୍ଯ୍ୟଟନ ଗୋଷ୍ଠୀ ତରଫରୁ ଉତ୍ସାହ ଉଦ୍ଦୀପନା ମଧ୍ୟରେ ପାଳିତ ହୋଇଯାଇଛି। ଏଥିରେ ଗୋଷ୍ଠୀର ସଭାପତି ତଥା ମଙ୍ଗଳାଯୋଡ଼ି ସରପଞ୍ଚ ମାନସ ରଞ୍ଜନ ସାମନ୍ତରାୟ ଅଧ୍ୟକ୍ଷତା କରିଥିବାବେଳେ ବାଲୁଗାଁ ବନଖଣ୍ଡ ବନ୍ୟପ୍ରାଣୀ ଅଧିକାରୀ ଅମ୍ଳାନ ନାୟକ ମୁଖ୍ୟ ଅତିଥି, ବରିଷ୍ଠ ସାମ୍ବାଦିକ ପଦ୍ମନାଭ ବିଶ୍ୱାଳ ମୁଖ୍ୟବକ୍ତା, ଟାଙ୍ଗୀ ବ୍ଲକ୍ ଉପାଧ୍ୟକ୍ଷ ଦୁର୍ଗା ପ୍ରସାଦ ନାଥଶର୍ମା, ଟାଙ୍ଗୀ ବନଖଣ୍ଡ ବନ୍ୟପ୍ରାଣୀ ଅଧିକାରୀ ଚିତ୍ରସେନ ଜେନା, ମଙ୍ଗଳାଯୋଡ଼ିର ବନପାଳ ମୀନାକୁମାରୀ ନାୟକ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। କ୍ଷେତ୍ର ପରିଚାଳକ ଦୀପ୍ତି ରଞ୍ଜନ ମହାନ୍ତି ପ୍ରାରମ୍ଭିକ ସୂଚନା ଦେବା ପରେ ପରିବେଶ କର୍ମୀ ତଥା ପରିବେଶ ପର୍ଯ୍ୟଟନ ଗୋଷ୍ଠୀର ସକ୍ରିୟ ସଦସ୍ୟ ମାନସ ପ୍ରଧାନ ଅତିଥି ପରିଚୟ, ଉଦ୍ଦେଶ୍ୟ ଜ୍ଞାପନ ସହିତ ବିହଙ୍ଗ ବିହାର ମଙ୍ଗଳାଯୋଡ଼ିରେ ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିବାକୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେବାକୁ ପ୍ରସ୍ତାବ ରଖିଥିଲେ। ବିଦେଶାଗତ ଅତିଥି ପକ୍ଷୀଙ୍କ ସୁରକ୍ଷା, ଚିଲିକାକୁ ପ୍ରଦୂଷଣମୁକ୍ତ କରିବା, ବେଆଇନ ମାଗୁର ମାଛ ଚାଷକୁ ନିଷେଧ କରିବା, ଘରୋଇ ମାଛ ଚାଷରେ ପ୍ରୟୋଗ କରାଯାଉଥିବା ଅଖାଦ୍ୟ ଓ ରାସାୟନିକ ସାର ପ୍ରୟୋଗକୁ ନିରୁତ୍ସାହିତ କରିବା, ସନ୍ଧ୍ୟା ସମୟରେ ପର୍ଯ୍ୟଟକଙ୍କୁ ଆମୋଦିତ କରିବା ପାଇଁ ସ୍ଥାନୀୟ ଲୋକକଳାକୁ ପ୍ରୋତ୍ସାହିତ କରିବା, ଚିଲିକା ଉପକୂଳରେ ଥିବା ବିସ୍ତୀର୍ଣ୍ଣ ନଳ ଘାସକୁ ଉତ୍ପାଟନ କରି ମତ୍ସ୍ୟଜୀବୀମାନଙ୍କ ଡଙ୍ଗା ନେବାଆଣିବା କରିବାକୁ ସହଜ କରିବା ଆଦି ଆଲୋଚନା କରାଯାଇଥିଲା। ଏହି ବିହଙ୍ଗ ବିହାର ମଙ୍ଗଳାଯୋଡ଼ିକୁ ପକ୍ଷୀ ଅଭୟାରଣ୍ୟ ଘୋଷଣା କରିବାକୁ ପରିବେଶବିତ୍ ଶ୍ରୀ ପ୍ରଧାନ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପ୍ରଶାସନିକ ସୀମା ସରହଦ ମଧ୍ୟରେ ଯାହା ସମ୍ଭବ ତାହା ନିଶ୍ଚିତ ରୂପେ କରାଯିବ ବୋଲି ବନ୍ୟପ୍ରାଣୀ ଅଧିକାରୀ ଶ୍ରୀ ନାୟକ ସୂଚନା ଦେଇଥିଲେ। ଗୋଷ୍ଠୀର ପବିତ୍ର ଦଳାଇ, ଶିବ ମାଝୀ, କ୍ଷେତ୍ର ପରିଚାଳକ ଦୀପ୍ତିରଞ୍ଜନ ମହାନ୍ତି, ମମତା ବେହେରା, ହରପ୍ରିୟା ବେହେରା, କାଳିକା ବେହେରାଙ୍କ ସମେତ ଲକ୍ଷ୍ମୀପ୍ରିୟା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ଓସିଏସ୍ ପରୀକ୍ଷାରେ ଅନ୍ୱେଷା ଓ ସସ୍ମିତାଙ୍କ ସଫଳତା



ବାଲୁଗାଁ,୨୭।୯(ସମିସ): ରାଜ୍ୟ ପ୍ରଶାସନିକ ସେବା ପରୀକ୍ଷାରେ ବାଣପୁର ଅଞ୍ଚଳର ଝିଅ ଆଦ୍ୟା ଅନ୍ୱେଷା ନାୟକ ଓ ସସ୍ମିତା ସାହୁ କୃତକାର୍ଯ୍ୟ ହୋଇଛନ୍ତି। ବାଣପୁର ଥାନା ଅନ୍ତର୍ଗତ ଗାଲୁଆ ପଞ୍ଚାୟତ ଭୀମପୁରର ସ୍ୱର୍ଗତ କାର୍ତ୍ତିକ ନାୟକ ଓ ପୁଷ୍ପାଞ୍ଜଳି ନାୟକଙ୍କ ଝିଅ ଆଦ୍ୟା ଅନ୍ୱେଷା ୧୭୭ତମ ସ୍ଥାନ ଅଧିକାର କରିଥିବାବେଳେ ବାଣପୁର ଏନ୍‌ଏସି ଅନ୍ତର୍ଗତ ବିଷରପାଟଣା ସାହିର ପ୍ରମୋଦ ସାହୁ ଓ ବବିତାଞ୍ଜଳି ସାହୁଙ୍କ ଝିଅ ସସ୍ମିତା ୧୭୧ତମ ସ୍ଥାନ ଅଧିକାର କରିଛନ୍ତି। ଅନ୍ୱେଷା ୨୦୨୩ରେ ଭୁବନେଶ୍ୱର ଓୟୁଏଟିରୁ କୃଷି ବିଜ୍ଞାନରେ ସ୍ନାତକୋତ୍ତର ଶିକ୍ଷାଲାଭ ପରେ ପ୍ରଶାସନିକ ସେବା ପରୀକ୍ଷା ପାଇଁ ପ୍ରସ୍ତୁତି ଚଳାଇଥିବାବେଳେ ଦ୍ୱିତୀୟ ପ୍ରଚେଷ୍ଟାରେ ଏହି ସଫଳତା ଅର୍ଜନ କରିଛନ୍ତି। ସସ୍ମିତା ଖୋର୍ଦ୍ଧା ଜବାହର ନବୋଦୟ ବିଦ୍ୟାଳୟରୁ ଉଚ୍ଚ ମାଧ୍ୟମିକ ଶିକ୍ଷା ଶେଷ ହେବା ପରେ ଆନ୍ଧ୍ରପ୍ରଦେଶ ଶ୍ରୀ ସତ୍ୟସାଇ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହାୟର ଲର୍ଣ୍ଣିଙ୍ଗ୍ ମହାବିଦ୍ୟାଳୟରୁ ସାମାଜିକ ବିଜ୍ଞାନରେ ସ୍ନାତକୋତ୍ତର ଶେଷ ହେବା ପରେ ପ୍ରଶାସନିକ ସେବା ପରୀକ୍ଷା ପାଇଁ ପ୍ରସ୍ତୁତି ଚଳାଇଥିଲେ। ସେ ମଧ୍ୟ ଦ୍ୱିତୀୟ ପ୍ରଚେଷ୍ଟାରେ ସଫଳତା ଅର୍ଜନ କରିଛନ୍ତି।

## ବିପୁଳ ପରିମାଣର ବାଣ ଜବତ



ବେଗୁନିଆ,୨୭।୯(ସମିସ): ବାଘମାରୀ ଥାନା ଅନ୍ତର୍ଗତ ପଙ୍ଗାରସିଂହ ଗ୍ରାମର ମୁବାରକ ଖାନଙ୍କ ଘରେ ଶୁକ୍ରବାର ସନ୍ଧ୍ୟାରେ ବାଣ ଜବତ କରିବା ସହ ଅଭିଯୁକ୍ତକୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ବାଘମାରୀ ଥାନା ଅଧିକାରୀ ଶମ୍ଭୁନାଥ ନାୟକଙ୍କ ସୂଚନା ଅନୁଯାୟୀ, ପଙ୍ଗାରସିଂହ ଗ୍ରାମର ଶ୍ରୀ ଖାନ୍‌ଙ୍କ ଘରୁ ଆନୁମାନିକ ୮୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ପ୍ରକାର ପ୍ରସ୍ତୁତ ବାଣ ଜବତ ହୋଇଛି।

## ରାଜ୍ୟସ୍ତରୀୟ କବାଡ଼ି ଟୁର୍ଣ୍ଣାମେଣ୍ଟ: ବାରଙ୍ଗ ବିଜୟୀ



ବୋଲଗଡ଼,୨୭।୯(ସମିସ): ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ବ୍ଲକ୍ ବାଙ୍କୋଇ କଟେରୀବର କବାଡ଼ି ଖେଳ ପଡ଼ିଆରେ ମା' ରାମଚଣ୍ଡୀ କବାଡ଼ି ଆସୋସିଏସନ ଆନୁକୂଲ୍ୟରେ ଚାଲିଥିବା ୪୫ତମ ରାଜ୍ୟସ୍ତରୀୟ କବାଡ଼ି ଟୁର୍ଣ୍ଣାମେଣ୍ଟର ଶନିବାର ଦ୍ୱିତୀୟ ଲିଗ୍ ମ୍ୟାଚ୍‌ରେ ବାରଙ୍ଗ ବିଜୟୀ ହୋଇଛି। ଏହି ମ୍ୟାଚ୍‌ରେ ପୁରୀ ଜିଲ୍ଲା ଗଡ଼ସାନପୁଟ କବାଡ଼ି ଟିମ୍‌କୁ ଅଧିକ ୧୫ ପଏଣ୍ଟ ବ୍ୟବଧାନରେ ବାରଙ୍ଗ ଟିମ୍ ପରାସ୍ତ କରିଛି। ରେଫରୀ ଭାବେ ଭାଗିରଥୀ ଜେନା, ଗୋପାଳ ଚନ୍ଦ୍ର ମହାନ୍ତି, ନୀଳକଣ୍ଠ ବେହେରା, ଅଜୟ ବଳିଆରସିଂହ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ରୂପେ ପୂର୍ବତନ ସମିତିସଭ୍ୟ ବଂଶୀଧର ସାହୁ, ସମ୍ମାନିତ ଅତିଥି ଭାବେ ବିଶ୍ୱରଞ୍ଜନ ବିଶ୍ୱାଳ, ସୁମନ୍ତ ଛୋଟରାୟ, ପ୍ରଦୀପ ପଟ୍ଟନାୟକ ଓ ସାମ୍ବାଦିକ ସୁରେଶ ସାମନ୍ତରାୟ ପ୍ରମୁଖ ଯୋଗଦେଇଥିଲେ।

## ଦେଶୀ ମଦ ଓ ଗଞ୍ଜାଇ ଜବତ, ୨ ଗିରଫ

ବାଲୁଗାଁ,୨୭।୯(ସମିସ): ସମଗ୍ର ବାଣପୁର ବାଲୁଗାଁ ଅଞ୍ଚଳରେ ବେଆଇନ ଭାବେ ବ୍ୟାପକ ପରିମାଣରେ ନିଶା କାରବାର ହେଉଥିବା ନେଇ ଅଭିଯୋଗ ହୋଇଆସୁଛି। ଏପରିସ୍ଥଳେ ଶନିବାର ଅବକାରୀ ବିଭାଗ ପକ୍ଷରୁ ୨ଟି ସ୍ଥାନରେ ପୃଥକ୍ ଭାବେ ଚଢ଼ଉ କରି ୭୦ ଲିଟର ଦେଶୀ ମହୁଲି ମଦ ସମେତ ୧୧ କେଜି ଗଞ୍ଜେଇ ଜବତ କରିଛି। ଏହି କାରବାରରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଛି ଅବକାରୀ ବିଭାଗ। ସୂଚନା ମୁତାବକ, ବେଆଇନ ଭାବେ ମଦ ଓ ଗଞ୍ଜେଇ ବିକ୍ରି ହେଉଥିବା ନେଇ ବିଶେଷ ସୂତ୍ରରୁ ଖବର ପାଇ ଖୋର୍ଦ୍ଧା ଜିଲ୍ଲା ଅବକାରୀ ଅଧୀକ୍ଷକ ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ କ୍ରମେ ଟାଙ୍ଗୀ ରେଞ୍ଜ ଅବକାରୀ ନିରୀକ୍ଷକ ରାଧାକାନ୍ତ ଭୋଇଙ୍କ ତତ୍ତ୍ୱାବଧାନରେ ବାଲୁଗାଁ ଅବକାରୀ ଅଧିକାରୀ ସୁଜିତ କୁମାର ମୁଦୁଲିଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇଥିଲା। ଶନିବାର ପୂର୍ବାହ୍ଣରେ ଚଢ଼ଉ କରି ବାଣପୁର ଥାନା ଅଧୀନ ଡୁମୁରାପୁଟ ଗ୍ରାମର କାର୍ତ୍ତିକ ସେଠୀଙ୍କୁ ଗିରଫ କରି ତାଙ୍କ ନିକଟରୁ ୭୦ ଲିଟର ଦେଶୀ ମଦ ଜବତ କରିଥିଲେ। ସେହିପରି ଟାଙ୍ଗୀ ଥାନା ଅଧୀନ ସୋରଣ ଗ୍ରାମରେ ଚଢ଼ଉ କରି ବାଦଲ ଚମ୍ପତିଙ୍କୁ ଗିରଫ କରି ତାଙ୍କ ନିକଟରୁ ୧୧ କେଜି ଗଞ୍ଜେଇ ଜବତ କରିଥିଲେ। ଏହି ଚଢ଼ଉରେ ଅବକାରୀ ବିଭାଗର ଟାଙ୍ଗୀ ଅଧିକାରୀ ରମେଶ ଚନ୍ଦ୍ର ବାରିକ, ଏସ୍‌ଆଇ ମୀନକେତନ ମାହାଲିକ, ରଞ୍ଜିତ ପଟେଲ, ସୁନିତା ମହାରଣା, ଅନିଲ ପ୍ରଧାନ, ଅଶେଷ ପ୍ରଧାନ, ତୁଷାରକାନ୍ତ ଚମ୍ପତି ଓ କାଳୁ ପ୍ରଧାନ ପ୍ରମୁଖ ସାମିଲ ଥିଲେ।

## ପିଚୁକୁଳିରେ ଆମ ପୁଲିସ କାର୍ଯ୍ୟକ୍ରମ

ବେଗୁନିଆ,୨୭।୯(ସମିସ): ବେଗୁନିଆ ଥାନା ପିଚୁକୁଳି କଲ୍ୟାଣ ମଣ୍ଡପଠାରେ ଆମ ପୁଲିସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବିବେକାନନ୍ଦ ଶର୍ମା ମୁଖ୍ୟଅତିଥି, ଉପଖଣ୍ଡ ପୁଲିସ ଅଧିକାରୀ ନିହାର ରଞ୍ଜନ ପ୍ରଧାନ ମୁଖ୍ୟବକ୍ତା ଓ ବେଗୁନିଆ ଥାନା ଅଧିକାରୀ ଜ୍ୟୋତିପ୍ରକାଶ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପୁଲିସ ଓ ଜନସାଧାରଣଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ରହିଲେ ବିଭିନ୍ନ ଅପରାଧିକ କାର୍ଯ୍ୟକଳାପ ଦୂର ହୋଇପାରିବ ବୋଲି ମତପ୍ରକାଶ କରିଥିଲେ। କାର୍ଯ୍ୟକ୍ରମକୁ ସରପଞ୍ଚ ଜୟନ୍ତୀ ପ୍ରଧାନ, ପିଚୁକୁଳି ସମବାୟ ସମିତି ସଭାପତି ପବିତ୍ର ମୋହନ ମାଝୀ ପରିଚାଳନା କରିଥିଲେ।

---

ଜିଲ୍ଲା ପରିଷଦର ପଞ୍ଚମ ସାଧାରଣ ବୈଠକ

# ସ୍ୱାସ୍ଥ୍ୟ ଭିତ୍ତିଭୂମି ସୁଦୃଢ଼ ଓ ପାନୀୟଜଳ ଯୋଗାଣ ନିମନ୍ତେ ଗୁରୁତ୍ୱ

ଖୋର୍ଦ୍ଧା,୨୭।୯(ସମିସ)



ଜିଲ୍ଲା ପରିଷଦ କାର୍ଯ୍ୟାଳୟ ନୂତନ ସଭାଗୃହ ପରିସରରେ ଷଷ୍ଠ ଜିଲ୍ଲା ପରିଷଦର ପଞ୍ଚମ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ ସଭାପତି ରୂପଶ୍ରୀରାଣୀ ଗୁମାନସିଂହଙ୍କ ଅଧ୍ୟକ୍ଷତାରେ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ଜିଲ୍ଲାରେ ସ୍ୱାସ୍ଥ୍ୟ ଭିତ୍ତିଭୂମି ସୁଦୃଢ଼ କରିବା, ଚାଷୀମାନଙ୍କୁ ସାର ଠିକ୍ ସମୟରେ ଯୋଗାଇବା, ଶିକ୍ଷାନୁଷ୍ଠାନରେ ବିଶୁଦ୍ଧ ପାନୀୟଜଳ ଉପଲବ୍ଧି କରାଇବା, ବନ୍ଦ ରଖାଯାଇଥିବା ପ୍ରାଥମିକ ସ୍କୁଲଗୁଡ଼ିକୁ ଚାଲୁ କରିବା କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ବିଡିଓମାନେ ଯେଉଁ ପ୍ରକଳ୍ପଗୁଡ଼ିକ ସୁପାରିସ୍ କରୁଛନ୍ତି ସେଗୁଡ଼ିକ ସମ୍ପୃକ୍ତ ପଞ୍ଚାୟତ ସମିତି ଅଧ୍ୟକ୍ଷ, ଅଧ୍ୟକ୍ଷାମାନଙ୍କ ସହ ଆଲୋଚନା କରି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଗ୍ରାମ୍ୟ ଉନ୍ନୟନ ବିଭାଗ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ, ଉଠା ଜଳସେଚନ ବିଭାଗ, ମତ୍ସ୍ୟ ଓ ପଶୁସମ୍ପଦ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ଶିକ୍ଷା ଓ କୃଷି ବିଭାଗ, ରାସ୍ତା ଓ ଗୃହ ନିର୍ମାଣ ବିଭାଗ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଏବଂ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଉପରେ ଆଲୋଚନା କରାଯାଇଥିଲା। ବୈଠକରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ ଯୋଗଦେଇ ଜିଲ୍ଲାରେ ଚାଷ କ୍ଷେତର ମାଟି ଉର୍ବରତା ବଜାୟ ରଖିବାକୁ ହେଲେ ଜୈବ ପଦ୍ଧତି କୃଷି କ୍ଷେତ୍ରରେ ଆପଣେଇବାକୁ କହିଥିଲେ। ଜଟଣୀ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ ଛତାବର ଆଦିବାସୀ ବହୁଳ ଗ୍ରାମ ପଞ୍ଚାୟତରେ ବିଶୁଦ୍ଧ ପାନୀୟଜଳର ସମସ୍ୟା ଲାଗିରହିଥିବା ବେଳେ ତାହାର ତୁରନ୍ତ ସମାଧାନ କରିବାକୁ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲ୍ଲାପାଳ ଅମ୍ରିତ୍ ଋତୁରାଜ ଜିଲ୍ଲାର ସମସ୍ତ ବ୍ଲକ୍‌ରେ କେଉଁଠି କେଉଁଠି ଲୌହମିଶ୍ରିତ ପାଣି ନଳକୂଅରୁ ବାହାରୁଛି, ତାହାର ବିସ୍ତୃତ ତାଲିକା ପ୍ରଦାନ କରିବାକୁ ଗ୍ରାମ୍ୟ ପାନୀୟଜଳ ଓ ପରିମଳ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଜିଲ୍ଲାରେ ଚାଲିଥିବା ୯ଟି ମେଗା ପାଇପ୍ ଲାଇନ୍ ଜଳ ପ୍ରକଳ୍ପଗୁଡ଼ିକର ବିଳମ୍ବକୁ ନେଇ ମନ୍ତ୍ରୀ ସମସ୍ତ ବିଧାୟକ, ପ୍ରକଳ୍ପ କାର୍ଯ୍ୟକାରୀ ସଂସ୍ଥା, ଜିଲ୍ଲାପାଳଙ୍କୁ ନେଇ ସ୍ୱତନ୍ତ୍ର ଭାବେ ଏକ ଆଲୋଚନା ବୈଠକ ଡାକିବାକୁ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ ଗ୍ରାମାଞ୍ଚଳ ସମସ୍ୟାଗୁଡ଼ିକୁ ଗୁରୁତ୍ୱ ପ୍ରଦାନ କରାଯାଇ ମାନବ ସେବା ହିଁ ମାଧବ ସେବା ମନ୍ତ୍ରରେ ସମସ୍ତେ ଅନୁପ୍ରାଣିତ ହୋଇ ସ୍ୱଚ୍ଛତା ବଜାୟ ରଖିବା ପାଇଁ ମତବ୍ୟକ୍ତ କରିଥିଲେ। ଜୟଦେବ ବିଧାୟକ ନବକିଶୋର ମଲ୍ଲିକ ଜୟଦେବ ନିର୍ବାଚନମଣ୍ଡଳୀର ରାସ୍ତାଘାଟ ମରାମତି ପାଇଁ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା ଆୟତପୁର ଗ୍ରାମ ପଞ୍ଚାୟତ ବେଲଡିହ ଗ୍ରାମୀଣ ସେତୁ, ନରେନ୍ଦ୍ରପୁର ଗ୍ରାମ ପଞ୍ଚାୟତ ବରଡିହ ଗ୍ରାମକୁ ସଂଯୋଗ କରୁଥିବା ସେତୁ, କାର୍ଯ୍ୟରେ ଅହେତୁକ ବିଳମ୍ବ ଦିଗରେ, ବାଣପୁର ଚିକିତ୍ସାଳୟରେ ଡେପୁଟେସନରେ ଥିବା ଡାକ୍ତର ଓ କର୍ମଚାରୀଙ୍କ ନିର୍ଦ୍ଦେଶ ବାତିଲ କରିବା, ସଠିକ୍ ସମୟରେ ଚାଷୀଙ୍କୁ ସାର ଯୋଗାଇବା ଆଦି କାର୍ଯ୍ୟଗୁଡ଼ିକୁ ତ୍ୱରାନ୍ୱିତ କରିବା ଦିଗରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

**ଜିଲ୍ଲାରେ ଖାଲିପଡ଼ିଛି ୨୨୩ ଡାକ୍ତର ପଦ**

ସ୍ୱାସ୍ଥ୍ୟ ବିଭାଗର ସୂଚନା କ୍ରମେ ଜିଲ୍ଲାରେ ୫୦୩ ଡାକ୍ତର ପଦ ଥିବାବେଳେ ୨୨୩ଟି ଖାଲି ଅଛି। ପ୍ରଧାନମନ୍ତ୍ରୀ ବୟୋ ବନ୍ଦନା କାର୍ଡ ଜିଲ୍ଲାରେ ୪୦ ହଜାର ବଣ୍ଟାଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସିଟି ସ୍କାନ୍ ତୁରନ୍ତ କାର୍ଯ୍ୟକ୍ଷମ ପାଇଁ ବିଭାଗକୁ ଚିଠି ଲେଖିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ପ୍ରତ୍ୟେକ ବିଡିଓ ନିଜ ଅଧୀନରେ ବର୍ଷରେ ୧୦ଟି ଆଦର୍ଶ ଗ୍ରାମ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ସମସ୍ତ ଜିଲ୍ଲା ପରିଷଦ ଜୋନ୍ ସଦସ୍ୟା, ସଦସ୍ୟ, ପଞ୍ଚାୟତ ସମିତି ଅଧ୍ୟକ୍ଷ/ଅଧ୍ୟକ୍ଷା, ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ବିଡିଓ, ସମସ୍ତ ଲାଇନ୍ ଡିପାର୍ଟମେଣ୍ଟ ଅଧୀକ୍ଷଣ ଯନ୍ତ୍ରୀ, ନିର୍ବାହୀ ଯନ୍ତ୍ରୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ସୋରରେ ପୁଣି ମାତିଲେଣି ଲୁଟେରା

# ଗର୍ଭବତୀଙ୍କ ହାତଗୋଡ଼ ବାନ୍ଧି ଲୁଟିଲେ ସୁନାଗହଣା ଓ ଟଙ୍କା

ସୋର, ୨୭।୯ (ସମିସ)



ସୋର ଥାନା ଅନ୍ତର୍ଗତ ଟେଣ୍ଟେଇ ପଞ୍ଚାୟତ ବିରିପଡା ଗ୍ରାମର ଦୁଇଟି ଘରୁ ଦୁର୍ବୃତ୍ତମାନେ ଜଣେ ଗର୍ଭବତୀ ମହିଳାଙ୍କୁ ହାତଗୋଡ ବାନ୍ଧି ମାଡ଼ ମାରି ସୁନା ଗହଣା ନଗଦ ଟଙ୍କା ଲୁଟି ନେଇଥିବା ଜଣାପଡିଛି । ଏହି ଗ୍ରାମର ଅହଲ୍ୟା ନାୟକଙ୍କ ଘର କାମ ଚାଲୁଥିବାରୁ ସେ ପରିବାର ସହ ଏକ ଅସ୍ଥାୟୀ ଘରେ ରହୁଛନ୍ତି । ଗତକାଲି ରାତିରେ ଚାରିଜଣ ଦୁର୍ବୃତ୍ତ ପଲିଥିନ ଚିରି ଘର ଭିତରକୁ ପଶିଥିଲେ । ପରେ ଅହଲ୍ୟାଙ୍କ ଗର୍ଭବତୀ ଝିଅକୁ ମାଡ଼ ମାରିବା ସହିତ ତାଙ୍କ ସମେତ ପରିବାରର ୩ଜଣଙ୍କୁ ହାତଗୋଡ ବାନ୍ଧି ଘରେ ଥିବା ୫୦ ହଜାରରୁ ଅଧିକ ଟଙ୍କାର ସୁନା ଗହଣା ଓ ନଗଦ ୧୪ ହଜାର ଟଙ୍କା ଲୁଟିନେଇ ଫେରାର ହୋଇଯାଇଥିଲେ । ପରିବାର ଲୋକେ ସ୍ଥାନୀୟ ଲୋକଙ୍କ ସହାୟତାରେ ଗୁରୁତର ଥିବା ରଶ୍ମିତାଙ୍କୁ ଉଦ୍ଧାର କରି ସୋର ଡାକ୍ତର ଖାନାରେ ଭର୍ତି କରିଥିଲେ । ସେହିପରି ଉକ୍ତ ଗ୍ରାମର ଚକ୍ରଧର ବେହେରା ଦୁଇମାସ ହେବ ବେଙ୍ଗାଲୁରୁରେ ଥିବା ପୁଅ ପାଖକୁ ଯାଇଥିବା ବେଳେ ଗତକାଲି ରାତିରେ ତାଙ୍କ ଘରର ଝରକା ଭାଙ୍ଗି ସୁନା ଓ ନଗଦ ଟଙ୍କା ଲୁଟି ନେଇଥିଲେ । ଅପରାହ୍ନରେ ଏ ବାବଦରେ ସୋର ଥାନାରେ ପୃଥକ ଭାବେ ଅଭିଯୋଗ ହେବା ପରେ ପୁଲିସ ସାଇଣ୍ଟିଫିକ ଟିମ୍ ଏବଂ ସନ୍ଧାନୀ କୁକୁର ସହ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି ।

### କଥାବାର୍ତ୍ତା ହୋଇ ସୁନାଚେନ୍ ଝାମ୍ପିନେଲା

ସୋର, ୨୭।୯ (ସମିସ): ଆଜି ମଧ୍ୟାହ୍ନ ସମୟରେ ସୋର କଲେଜଛକ ରାସ୍ତା ଲିଙ୍ଗପଡ଼ା ରେଳ ଗେଟ୍ ନିକଟରେ ଜଣେ ହେଲମେଟ ପିନ୍ଧା ଯୁବକ ବାଇକ୍‌ରେ ଆସି ସେଠାରେ ଛିଡ଼ା ହୋଇଥିବା ଜଣେ ବ୍ୟକ୍ତିଙ୍କୁ କିଛିକଥା ପଚାରି ବେକରୁ ସୁନାଚେନ୍ ଝାମ୍ପି ନେଇ ପଳାଇଥିବା ନେଇ ସୋର ଥାନାରେ ଅଭିଯୋଗ ହୋଇଛି । ଲିଙ୍ଗପଡ଼ା ଗ୍ରାମର ସ୍ୱର୍ଗତ ରମେଶ ବେହେରାଙ୍କ ପୁତ୍ର ମାନସ ବେହେରା (୬୦) ନୂତନ ଗୃହକାମ ତଦାରଖ କରୁଥିବା ବେଳେ ଜଣେ ଲୁଟେରା ଏକ ବାଇକ୍‌ରେ ଆସି ତାଙ୍କୁ କଥାବର୍ତ୍ତା କରିବା ଭିତରେ ତାଙ୍କ ବେକରେ ଥିବା ୩୪ ଗ୍ରାମ ଓଜନର ଏକ ସୁନା ଚେନ୍‌କୁ ଝାମ୍ପିନେଇ କଲେଜଛକ ଆଡ଼କୁ ଦ୍ରୁତଗତିରେ ପଳାଇଯାଇଥିଲା । ଏହି ସମୟରେ ନିକଟରେ ଥିବା ଏକ ସିସିଟିଭି କ୍ୟାମେରାରେ କଏଦ ହୋଇଥିବା ଫଟୋରୁ ଜଣାପଡ଼ିଛି । ଏ ସଂପର୍କରେ ଶ୍ରୀ ବେହେରା ଆଜି ସୋର ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ମୂଳେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି ।

## ସରଡ଼ିହା-ମୁକୁନ୍ଦପୁର ଦୁର୍ଗାପୂଜା କମିଟି ପକ୍ଷରୁ ରକ୍ତଦାନ ଶିବିର



ବସ୍ତା ବ୍ଲକ, ୨୭।୯ (ସମିସ): ବସ୍ତା ବ୍ଲକ ପତ୍ରଝଡ଼ା ପଞ୍ଚାୟତ ସରଡିହା-ମୁକୁନ୍ଦପୁର ଦୁର୍ଗା ପୂଜା କମିଟି ପକ୍ଷରୁ ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି । ଶନିବାର ଓଡ଼ିଶା ବ୍ଲଡ ବ୍ୟାଙ୍କ ବାଲେଶ୍ୱର ସହାୟତାରେ ଏହି ରକ୍ତଦାନ ଶିବିରକୁ ବସ୍ତା ଏସଡିପିଓ ମାନସ କୁମାର ଦେଓ ଯୋଗ ଦେଇ ଉଦଘାଟନ କରିଥିଲେ । ମୁଖ୍ୟ ଅତିଥି ଭାବେ ସମାଜସେବୀ ସୁମନ୍ତ ଜେନା ଯୋଗ ଦେଇଥିଲେ । ଏହି ରକ୍ତଦାନ ଶିବିରରେ ପୁରୁଷ ଓ ମହିଳା ଗ୍ରାମବାସୀ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିବାବେଳେ ମୋଟ ୩୫ ୟୁନିଟ ରକ୍ତ ସଂଗ୍ରହ ହୋଇ ଥିଲା । ଏହି କାର୍ଯ୍ୟକ୍ରମକୁ କମିଟିର ସଭାପତି ଜୟଦେବ ଭୁଇଁଆ, ସମ୍ପାଦକ ଲମ୍ବୋଦର ତରାଇ, ସହ ସମ୍ପାଦକ ଶରତ କୁମାର ଦାସ, କୋଷାଧ୍ୟକ୍ଷ ସନ୍ୟାସୀ ମଣ୍ଡଳ, ସୁନିଲ କୁମାର ସାହୁ, ଶମ୍ଭୁନାଥ ଭୂଇଁଆ, ସନ୍ୟାସୀ ନାୟକ, ନୀଳକଣ୍ଠ ଦଣ୍ଡପାଟ, କାର୍ତ୍ତିକ ଦାସ, ମନୋଜ ପୃଷ୍ଟି, ବିନୋଦ ନାୟକ, ସଞ୍ଜୀବ ପୃଷ୍ଟି, ଦିଲ୍ଲୀପ ଖମାରୀ, ସରୋଜ ମହାନ୍ତିଙ୍କ ସମେତ ଅନ୍ୟ କମିଟି ସଦସ୍ୟ ମାନେ ସହଯୋଗ କରିଥିଲେ ।

## ଖଣି ଅଧିକାରୀଙ୍କୁ ବାଲିମାଫିଆଙ୍କ ଦୁର୍ବ୍ୟବହାର



ରାଜଘାଟ, ୨୭।୯ (ସମିସ): ବସ୍ତା ଓ ଜଳେଶ୍ୱର ଥାନା ସୀମାନ୍ତ ଚାଲନ୍ତି ସ୍ଥିତ ସୁବର୍ଣ୍ଣରେଖା ନଦୀରୁ ଚୋରା ବାଲି ଉତ୍ତୋଳନ କରୁଥିଲେ କିଛି ବାଲି ମାଫିଆ । ଖବର ପାଇ ଆଜି ଅଚାନକ ଚଢ଼ାଉ କରିଥିଲେ ଜଳେଶ୍ୱର ଜୁନିଅର ଖଣି ଅଧିକାରୀ ତାପସ ବେହେରା । ଗୋଟିଏ ବାଲି ଟ୍ରାକ୍ଟର ଧରି ନେଇ ଆସୁଥିବା ବେଳେ ବାଲିମାଫିଆଙ୍କ ଦ୍ୱାରା ଖଣି ଅଧିକାରୀଙ୍କ ଗାଡି ଅଟକାଇ ଦୁର୍ବ୍ୟବହାର କରିବା ସହ ଅଟକ କରିଛନ୍ତି । ଘଟଣା ସ୍ଥଳରେ ଜଳେଶ୍ୱର ପୁଲିସ ପହଞ୍ଚି ଉକ୍ତ ଟ୍ରାକ୍ଟରକୁ ଜବତ କରି ଘଟଣାର ଅଧିକ ତଦନ୍ତ ଜାରି ରଖିଛନ୍ତି ।

## ମା’ଧୂଳିଗଡ଼ ପଶ୍ଚିମାଙ୍କ ପୀଠରେ ନବରାତ୍ର ପୂଜା



ସୋର, ୨୭।୯ (ସମିସ): ସୋର ପୌର ପାଳିକା ଅନ୍ତର୍ଗତ ମେଘମାଧବ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ଶ୍ରୀ ଧୂଳିଗଡ଼ ପଶ୍ଚିମା ମନ୍ଦିରରେ ନବରାତ୍ର ପୂଜା ଅନୁଷ୍ଠିତ ହେଉଛି । ଗତ ୨୧ ତାରିଖ ମହାଳୟାଠାରୁ ଏହି ନବ ରାତ୍ର ପୂଜାରେ ମାଆଙ୍କୁ ବିଭିନ୍ନ ବେଶରେ ପୂଜାର୍ଚ୍ଚନା କରାଯାଉଛି । ନବରାତ୍ରର ପାଞ୍ଚମ ଦିନରେ ମାଆ ସ୍କନ୍ଦମାତା ବେଶରେ ପୂଜା ପାଉଥିବା ବେଳେ ପ୍ରତିଦିନ ଶତାଧିକ ଶ୍ରଦ୍ଧାଳୁ ଉପସ୍ଥିତ ରହି ମାଆଙ୍କର ବିଭିନ୍ନ ବେଶକୁ ଦର୍ଶନ କରିବା ସହିତ ଆଶୀର୍ବାଦ ଭିକ୍ଷା କରୁଛନ୍ତି । ପ୍ରଥମ ଦିନ ଶୈଳପୁତ୍ରୀ, ୨ୟ ଦିନ ବ୍ରହ୍ମଚାରିଣୀ, ୩ୟ ଦିନ ଚନ୍ଦ୍ରଘଣ୍ଟା, ପଞ୍ଚମ ଦିନ ମା କୁଷ୍ମାଣ୍ଡା ବେଶରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି । ଏହି ଅବସରରେ ପ୍ରତିଦିନ ନବଦେବୀ ଯଜ୍ଞ ଅନୁଷ୍ଠିତ ହେଉଛି । ଦୁର୍ଗାଷ୍ଟମୀ ଏବଂ ନବମୀ ଦିନ ୭ କେଜି ଘିଅରେ ୧୦୦୮ ଆହୁତି ଦିଆଯିବା ସହିତ ବଡ଼ ଭୋଗ ଠାକୁରାଣୀଙ୍କୁ ଅର୍ପଣ କରାଯିବ । ମନ୍ଦିରର ମୁଖ୍ୟ ପୂଜକ ଭାବେ ହୃଷିକେଶ ଦ୍ୱିବେଦୀ ଶର୍ମା, ସହ ପୂଜକ ରବୀନ୍ଦ୍ର ତ୍ରିପାଠୀ ଶର୍ମା, ବିଶ୍ୱଭୂଷଣ ପୂଜାପଣ୍ଡା, ହୋତା ବାପାନ ଦ୍ୱିବେଦୀ ନିଜର କାର୍ଯ୍ୟ ସମ୍ପାଦନ କରୁଛନ୍ତି । ଏହି କାର୍ଯ୍ୟକ୍ରମକୁ ମନ୍ଦିର କମିଟି ସଭାପତି ଶମ୍ଭୁନାଥ ବୈଶାଖ, ସମ୍ପାଦକ ବଳରାମ ପୃଷ୍ଟି, ହରିହର ସିଂ, ବିଜୁ ବୈଶାଖ, ବଳି ଦାଶ, ସଞ୍ଜୟ ସିଂ, ନିରଞ୍ଜନ ପୃଷ୍ଟି, ଅଜିତ ରଞ୍ଜନ ପଣ୍ଡା, ଦେବାଶିଷ ପଣ୍ଡା, ତ୍ରିନାଥ ସାହୁ, ହରିହର ସାହୁ, ଜଗବନ୍ଧୁ ପୃଷ୍ଟି, ଯୁଧିଷ୍ଠିର ପଣ୍ଡାଙ୍କ ସମେତ ଦିବ୍ୟକ୍ଷେତ୍ର ମେଘମାଧବ ଗ୍ରାମର ଗ୍ରାମବାସୀ ଏହି କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରୁଛନ୍ତି ।

## ସୋର ସହରରେ ପୁଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ



ସୋର, ୨୭।୯ (ସମିସ): ପବିତ୍ର ଦୁର୍ଗାପୂଜାକୁ ଦୃଷ୍ଟିରେ ରଖି ସୋର ପୁଲିସ ପକ୍ଷରୁ ପୌର ପାଳିକାରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି । ବାଲେଶ୍ୱର ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ସଦର ଏସଡିପିଓ ଶୁଭ୍ରାଂଶୁ ଶେଖର ନାୟକ, ସୋର ଥାନାଧିକାରୀ ସୁଦୀପ୍ତ କୁମାର ସାହୁଙ୍କ ନେତୃତ୍ୱରେ ସୋର ଥାନାର ସମସ୍ତ ପୁଲିସ ଅଧିକାରୀ ଏବଂ ୩ ପ୍ଲାଟୁନ ସିଆରପିଏଫ ଯବାନଙ୍କୁ ନେଇ ଏହି ଫ୍ଲାଗମାର୍ଚ୍ଚ କରାଯାଇଥିଲା । ଏହି ଫ୍ଲାଗମାର୍ଚ୍ଚ ସୋର ପୌରପାଳିକା ଆଶ୍ରମ ଛକରୁ ବାହାରି ବଙ୍କି ଛକ ପର୍ଯ୍ୟନ୍ତ ଯାଇଥିଲା । ଏହି ସମୟରେ ବିଭିନ୍ନ ସମ୍ବେଦନ ଶୀଳ ସ୍ଥାନ ଚିହ୍ନଟ କରାଯାଇଥିଲା । ଆଗାମୀ ଦୁର୍ଗା ପୂଜାକୁ ଶାନ୍ତିଶୃଙ୍ଖଳାର ସହ ଶେଷ କରିବାକୁ ଲୋକ ମାନଙ୍କର ସହଯୋଗ ଲୋଡ଼ାଯାଇଥିଲା ।

## ଶିଶୁ ବିଦ୍ୟାମନ୍ଦିରରେ ଶିକ୍ଷକ ବିକାଶ ଦିବସ



କାଳିପଦା, ୨୭।୯ (ସମିସ): ବାଲିଆପାଳ ବ୍ଲକ ଶ୍ରୀରାମପୁର ପଞ୍ଚାୟତ ଖପରାପଦା କ୍ଷୀରୋଦା ବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶନିବାର ଶିକ୍ଷକ ବିକାଶ ଦିବସ ପାଳିତ ହୋଇଯାଇଛି । ଏଥିରେ ଜାମଶୂଳୀସ୍ଥିତ ଲକ୍ଷ୍ମୀ ନାରାୟଣ କଲେଜର ବରିଷ୍ଠ ଅଧ୍ୟାପକ ଡ. ସୁକାନ୍ତ କୁମାର ଗିରି, ବାଲିଆପାଳ ବ୍ରହ୍ମ ଅନ୍ୱେଷଣ ଗାନ୍ଧୀ ସେବାଶ୍ରମର ମୁଖ୍ୟ ସନ୍ୟାସୀ ବେହେରା ପ୍ରମୁଖ ଯୋଗ ଦେଇ ଶିକ୍ଷକ ବିକାଶ ଦିବସର ମହତ୍ୱ ଓ ଉପଯୋଗୀତା ସମ୍ପର୍କରେ ଆଲୋଚନା କରିଥିଲେ । ପ୍ରଧାନ ଆଚାର୍ଯ୍ୟା ଅଞ୍ଜନା ମିଶ୍ର ଏହାକୁ ପରିଚାଳନା କରିଥିବା ବେଳେ ଗୁରୁମା କୃଷ୍ଣା ସୁର, ବିଦ୍ୟୁତ ପ୍ରଭା ଦେ, ଝୁନାରାଣୀ ଦାସ, ଚିନ୍ମୟୀ ଦେ, ବିଷ୍ଣୁ ପ୍ରିୟା କୁହ୍ଲାରୀ, ସସ୍ମିତା ପ୍ରଧାନ, ଲତିକା ସାହୁ, ଅନ୍ନପୂର୍ଣ୍ଣା ବିଶ୍ୱାଳ, ଗୁରୁଜୀ ଜଳଧର ଦେ, ରାଜେଶ କୁମାର ଦେ, ସୁକାନ୍ତ କୁମାର ପ୍ରଧାନ ପ୍ରମୁଖ ଏଥିରେ ସହଯୋଗ କରିଥିଲେ ।

## ‘ସତ୍ୟାଗ୍ରହ’ ଶୀର୍ଷକ ଆଲୋଚନାଚକ୍ର




କାଳିପଦା, ୨୭।୯ (ସମିସ): ଜାମଶୂଳୀସ୍ଥିତ ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟ ଇତିହାସ ବିଭାଗ ପକ୍ଷରୁ “ସତ୍ୟାଗ୍ରହ’ ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇ ଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ଦିବ୍ୟେନ୍ଦୁ କୁମାର ଗିରିଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରରେ ବାଲିଆପାଳ ବ୍ଲକ ଜଗାଇ କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟର ଇତିହାସ ବିଭାଗ ମୁଖ୍ୟ ଅଧ୍ୟାପକ ପ୍ରଭାଂଶୁ ସି ଅତିଥି ଭାବରେ ଯୋଗ ଦେଇ ବିଷୟବସ୍ତୁ ଉପରେ ବିସ୍ତୃତ ଆଲୋଚନା କରିଥିଲେ । ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ନିର୍ମଳ କୁମାର ସାମଲ ଅତିଥି ପରିଚୟ, ବରିଷ୍ଠ ଅଧ୍ୟାପକ ପରମାନନ୍ଦ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଯୁକ୍ତ ତିନି ସମ୍ମାନ ଓ ପାସ ଶ୍ରେଣୀର ଛାତ୍ରଛାତ୍ରୀ ସନ୍ଦର୍ଭ ପାଠ କରିଥିଲେ । ବିଭାଗୀୟ ଅଧ୍ୟାପକ ଶେଖ ସବିର ଖାଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଓସିଏସ୍ ପରୀକ୍ଷାରେ କ୍ରୀଷ୍ଣାଗୋପାଳଙ୍କ ସଫଳତା



ନୀଳଗିରି, ୨୭।୯ (ସମିସ): ଓସିଏସ ପରୀକ୍ଷାରେ କୃତିତ୍ୱ ଅର୍ଜନ କରି ନୀଳଗିରି ତଥା ରାଜ୍ୟପାଇଁ ଗୌରବ ଅର୍ଜନ କରିଛନ୍ତି ନୀଳଗିରି ବ୍ଲକ ମହିଷାପଟା ପଞ୍ଚାୟତ ମହିଷାପଟା ଗ୍ରାମର ସଞ୍ଜୀବ ସ୍ୱାଇଁ ଏବଂ ମାଆ ସ୍ୱର୍ଗତ ପ୍ରମିଳା ସ୍ୱାଇଁଙ୍କ ସୁପୁତ୍ର କ୍ରୀଷ୍ଣାଗୋପାଳ ସ୍ୱାଇଁ । ୨୦୨୩ ମସିହା ଓସିଏସ୍ ପରୀକ୍ଷାରେ ଏହି କୃତିତ୍ୱ ପାଇଥିବା ବେଳେ ଏହା ତାଙ୍କର ତୃତୀୟ ଚେଷ୍ଟାଥିଲା । ୨୬ତାରିଖ ପ୍ରକାଶିତ ଏହି ପରୀକ୍ଷାର ରେଜଲ୍ଟ ପ୍ରକାଶ ପାଇଥିବା ବେଳେ ସେ ସମଗ୍ର ଓଡ଼ିଶାରେ ୧୩ତମ ସ୍ଥାନ ଅଧିକାର କରିଛନ୍ତି । ବାଲ୍ୟକାଳରୁ ଜଣେ ମେଧାବୀ ଛାତ୍ରଭାବରେ ନିଜର ପ୍ରାଥମିକଶିକ୍ଷା ନିଜଗ୍ରାମ ବାବା ବୈଦନାଥ ଉଚ୍ଚ ବିଦ୍ୟାପୀଠ ମହିଷାପଟାରୁ ଉତ୍ତୀର୍ଣ୍ଣହେବା ପରେ ଯୁକ୍ତଦୁଇ ବିଜ୍ଞାନରେ ସୁଲଗ୍ନା କଲେଜ ବାଲେଶ୍ୱର ଏବଂ ପରେ ସୋର ଉପେନ୍ଦ୍ରନାଥ କଲେଜରୁ ସ୍ନାତକ ଡ଼ିଗ୍ରୀ ହାସଲକରି ଓଡ଼ିଶା ପ୍ରଶାସନିକ ସେବା ପାଇଁ ଚେଷ୍ଟା ଜାରି ରଖିଥିଲେ ।

## ଜନସମ୍ପର୍କ ପଦଯାତ୍ରା ପାଇଁ ବିଜେଡିର ପ୍ରସ୍ତୁତି ବୈଠକ



ନୀଳଗିରି, ୨୭।୯ (ସମିସ): ନୀଳଗିରି ବିଜୁ ଜନତା କାର୍ଯ୍ୟାଳୟରେ ଆଗାମୀ ଦିନରେ ବିଜେଡିର ଜନ ସଂପର୍କ ପଦଯାତ୍ରା ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଅଛି । ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକଙ୍କ ନେତୃତ୍ୱରେ ଆଜିର ଏହି ବୈଠକରେ ଅକ୍ଟୋବର ୨ ତାରିଖରେ ଗାନ୍ଧୀ ଜୟନ୍ତୀ ପାଳନ ଓ ସଂକଳ୍ପ ଦିବସ ପାଳନ, ଅକ୍ଟୋବର ୧୫ ତାରିଖରେ ଔପଦା ବ୍ଲକରେ ଜନ ସଂପର୍କ ପଦଯାତ୍ରା ପାଳନ, ଅକ୍ଟୋବର ୧୬ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମ ଦିନ ପାଳନ ଅବସରରେ ଏକ ରକ୍ତଦାନ ଶିବିର ଆୟୋଜନ ଏବଂ ଅକ୍ଟୋବର ୨୨ରେ ନୀଳଗିରି ବ୍ଲକରେ ଜନ ସଂପର୍କ ପଦଯାତ୍ରା କିଭଳି ସରସ ସୁନ୍ଦର ଭାବେ ପାଳନ କରାଯିବ ସେ ବିଷୟରେ ଆଲୋଚନା କରାଯାଇଥିଲା । ଏହି ବୈଠକରେ ଶୁଭଲକ୍ଷ୍ମୀ ମାଝି, ଉପେନ୍ଦ୍ର ଦାସ, ରାଜୀବ ଦାସ ବାବୁ, ରବିନ୍ଦ୍ର ପରିଡା, ଗଙ୍ଗାଧର ମିଶ୍ର, ସଞ୍ଜୟ କୁମାର ସିଂ, କୁଳମଣି ନାୟକ, ପୂର୍ଣ୍ଣଚନ୍ଦ୍ର ମହାନ୍ତି, ରବୀନ୍ଦ୍ର ପାତ୍ର, ଜୟନ୍ତ କୁମାର ପୁଟି ସମେତ ଏକ ଶହରୁ ଅଧିକ କର୍ମୀ ଉପସ୍ଥିତ ଥିଲେ ।

## କଂଗ୍ରେସ ଜିଲ୍ଲା ସଭାପତି ହେଲେ ସତ୍ୟଶିବ ଦାସ



ନୀଳଗିରି, ୨୭।୯ (ସମିସ): ଏଆଇସିସି ପକ୍ଷରୁ ଓଡ଼ିଶାର ସମସ୍ତ ଜିଲ୍ଲା ସଭାପତିଙ୍କୁ ନୂତନ ଭାବେ ନିଯୁକ୍ତି ମିଳିଛି । ସେହି କ୍ରମରେ ବାଲେଶ୍ୱର ଜିଲ୍ଲା ସଭାପତି ଭାବେ ବରିଷ୍ଠ କଂଗ୍ରେସ ନେତା ସତ୍ୟଶିବ ଦାସଙ୍କୁ ବାଲେଶ୍ୱର ଜିଲ୍ଲା ସଭାପତି ଭାବେ ନିଯୁକ୍ତି ମିଳିଥିବାରୁ ନୀଳଗିରି କଂଗ୍ରେସ ମହଲ ରେ ଖୁସିର ଲହରୀ ଦେଖିବାକୁ ମିଳିଛି । ନୀଳଗିରିର ପୂର୍ବତନ ବିଧାୟକ ଅକ୍ଷୟ କୁମାର ଆଚାର୍ଯ୍ୟ, ଯୁବନେତା ଆଶିଷ ପଟ୍ଟନାୟକ, ତପନ ରାଉତ, ସୁରେନ୍ଦ୍ର ଦାସ, ଯୋଗେଶ୍ୱର ବେହେରା, ବିଶ୍ୱନାଥ ଦାସ, ସଦାଶିବ ରଥ, ସମରେନ୍ଦ୍ର ଦାସ, ଯୁବ ନେତା ଦିବ୍ୟଜ୍ୟୋତି ଆଚାର୍ଯ୍ୟ ପ୍ରମୁଖ ଶତାଧିକ ନେତା ତଥା ପଞ୍ଚାୟତ ସ୍ତରୀୟ ପୂର୍ବତନ ସରପଞ୍ଚ, ନେତା ଓ କର୍ମୀ ମାନେ ଶ୍ରୀ ଦାସଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଛନ୍ତି । କଂଗ୍ରେସ ନୀଳଗିରି ମିଡିଆ କୋଡ଼ିନେଟର ପ୍ରଫୁଲ୍ଲ କୁମାର ମହାନ୍ତି ଶ୍ରୀ ଦାସଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଆଗାମୀ ଦିନରେ ନୀଳଗିରି କଂଗ୍ରେସ ନିଶ୍ଚିତ ସଂଗଠିତ ଭାବେ କାର୍ଯ୍ୟ କରିବା ନେଇ ଆଶା ପ୍ରକଟ କରିଛନ୍ତି ।

## ଲଗାଣ ବର୍ଷା; ବଢ଼ୁଛି ବିଭିନ୍ନ ନଦୀର ଜଳସ୍ତର

ବାଲେଶ୍ୱର,୨୭।୯ (ସମିସ): ବାଲେଶ୍ୱର ଜିଲ୍ଲାରେ ଲାଗି ରହିଛି ଲଘୁଚାପ ଜନିତ ଲଗାଣ ବର୍ଷା । ଏହାରି ପ୍ରଭାବରେ ଜିଲ୍ଲାରେ ଥିବା ତିନୋଟି ପ୍ରମୁଖ ନଦୀର ଜଳସ୍ତର କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି । ସନ୍ଧ୍ୟା ୬ଟା ସୁଦ୍ଧା ରାଜଘାଟ ଠାରେ ଥିବା ସୁବର୍ଣ୍ଣରେଖା ନଦୀର ଜଳସ୍ତର ୬.୮୮ମିଟର ରହିଛି । ଏହି ନଦୀର ବିପଦ ସଙ୍କେତ ୧୦.୩୬ମିଟର ରହିଥିବା ବେଳେ ସତର୍କ ସଙ୍କେତ ୯.୪୫ମିଟର ରହିଛି । ସେହିପରି ଜାତୀୟରାଜପଥ ୫ଠାରେ ଥିବା ବୁଢ଼ାବଳଙ୍ଗ ନଦୀର ଜଳସ୍ତର ବର୍ତ୍ତମାନ ୪.୪୨ମିଟର ରହିଛି । ଏହାର ବିପଦ ସଙ୍କେତ ୮.୧୩ମିଟର ରହିଥିବା ବେଳେ ସତର୍କ ସଙ୍କେତ ୭.୨୧ମିଟର ରହିଛି । ସେହିପରି ମଥାନୀ ଠାରେ ଥିବା ଜଳକା ନଦୀର ଜଳସ୍ତର ବର୍ତ୍ତମାନ ସୁଦ୍ଧା ୫.୭୬ମିଟର ରହିଛି । ଏହାର ବିପଦ ସଙ୍କେତ ୬.୫୦ମିଟର ରହିଥିବା ବେଳେ ସତର୍କ ସଙ୍କେତ ୬ମିଟର ରହିଛି । ତେବେ ଏଭଳି ଲଗାଣ ବର୍ଷା ଜାରି ରହିଲେ ସୁବର୍ଣ୍ଣରେଖା ଏବଂ ଜଳକା ନଦୀରେ ପୁଣିଥରେ ବନ୍ୟା ଆସିବାର ଆଶଙ୍କା ରହିଛି ।

## ଭାଲୁ ଆକ୍ରମଣରେ ବୃଦ୍ଧ ଗୁରୁତର

ନୀଳଗିରି, ୨୭।୯ (ସମିସ): ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ୍ ଜାମୁଡ଼ିହା ପଞ୍ଚାୟତ ମଲ୍ୟାଣି ଗାଁର ଆଦିକନ୍ଦ ବିଶ୍ୱାଳଙ୍କ ଫାର୍ମ ହାଉସରେ ଆଜି ଦିନ ୨ଟା ସମୟରେ ସେହି ଗାଁର ଚିନ୍ତାମଣି ବିଶ୍ୱାଳ ଘାସ କାଟିବାକୁ ଯାଇଥିବା ବେଳେ ସ୍ୱର୍ଣ୍ଣଚୁଡ ପାହାଡରୁ ଏକ ଭାଲୁ ଅତର୍କିତ ଭାବେ ଚିନ୍ତାମଣିଙ୍କୁ ଆକ୍ରମଣ କରିଥିଲା । ଚିନ୍ତାମଣିଙ୍କ ଚିତ୍କାର ଶୁଣି ଫାର୍ମ ହାଉସରେ ଅନ୍ୟ ଲୋକେ ଭାଲୁଟିକୁ ଗୋଡ଼ାଇ ଥିଲେ ଫଳରେ ଭାଲୁଟି ପଳେଇ ଯାଇଥିଲା । ହେଲେ ଭାଲୁ ଆକ୍ରମଣରେ ଚିନ୍ତାମଣିଙ୍କ ବାମ ପାଖ ହାତରେ ଗଭୀର କ୍ଷତ ହୋଇଥିଲା । ଫାର୍ମ ହାଉସର ମାଲିକ ବନୋଜ କୁମାର ବିଶ୍ୱାଳ ତୁରନ୍ତ ଚିନ୍ତାମଣିଙ୍କୁ ନୀଳଗିରି ଡାକ୍ତରଖାନାରେ ଭର୍ତି କରିଥିବା ଜଣା ଯାଇଛି । ଏବେ ଚିନ୍ତାମଣିଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଡ଼ାକ୍ତର ଖାନା ସୂତ୍ରରୁ ସୂଚନା ମିଳିଛି ।

## ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସମାବେଶ




ଭୋଗରାଇ, ୨୭।୯ (ସମିସ) : ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଭୋଗରାଇ ଶାଖା ହୁଗୁଳି ମଣ୍ଡଳ ପକ୍ଷରୁ ସଂଘର ଶତାବ୍ଦୀ ବର୍ଷ ପୂର୍ତ୍ତି ଉପଲକ୍ଷେ ମଣ୍ଡଳ ସ୍ତରୀୟ ଉଦଘାଟନ ସମାବେଶ ଚନ୍ଦନେଶ୍ୱର ନୂଆ ଯାତ୍ରୀନିବାସ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷାବିତ ବିଜୟ ସିଂହ ଏବଂ ମୁଖ୍ୟ ବକ୍ତା ଭାବେ ସଂଘର ବିଭାଗ ପ୍ରଚାରକ ବିଷ୍ଣୁ ଚରଣ ନାୟକ, ସଂଘ ସହ କାର୍ଯ୍ୟବାହ ଦୀପୁ କୁମାର ଜେନା, ଜିଲ୍ଲା ଗ୍ରାମ ବିକାଶ ସଂଯୋଜକ ଅନୁପମ ପଣ୍ଡା, ଖଣ୍ଡ ଭୌତିକ ପ୍ରମୁଖ ତଥା ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଅମ୍ବରିଷ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ସଂଘର ଶତାବ୍ଦୀ ବର୍ଷ ପୂର୍ତ୍ତି ଉଦ୍ଦେଶ୍ୟରେ ମତ ରଖିଥିଲେ । ମୁଖ୍ୟ ବକ୍ତା ସମାଜରେ ପଞ୍ଚ ପରିବର୍ତ୍ତନ ପାଇଁ ଜାଗରଣ ସୃଷ୍ଟି କରିବା ନିମନ୍ତେ ସ୍ୱୟଂସେବକ ଓ ଉପସ୍ଥିତ ଜନସାଧାରଣଙ୍କୁ ନିବେଦନ କରିଥିଲେ । ଭୋଗରାଇ ଖଣ୍ଡର ୧୦ ଗୋଟି ଶାଖାରୁ ଶତାଧିକ ସ୍ୱୟଂସେବକ ଉପସ୍ଥିତ ରହି ଏହି ଭବ୍ୟ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

## ପିକ୍‌ଅପ୍ ଜବତ, ୧୭ ଗୋରୁ ଉଦ୍ଧାର

ସିମୁଳିଆ, ୨୭।୯ (ସମିସ): ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକ କୁପାରୀଆଡୁ ରାଣୀତାଲ ଆଡ଼କୁ ଆସୁଥିବା ଏକ ଗୋରୁ ବୋଝେଇ ପିକଅପକୁ ପୁଲିସ ଜବତ କରିଛି । ଚନ୍ଦନପୁର ଛକଠାରେ ସିମୁଳିଆ ଥାନା ଆଇଆଇସି ଶ୍ରବଣ କୁମାର ମହାରଣାଙ୍କ ସହିତ ଏସ ଆଇ କ୍ଷୀରୋଦ କୁମାର ସାହୁ, ଏଏସଆଇ ଅଶୋକ କୁମାର ବେହେରା, ଏଏସଆଇ ବିଶ୍ୱଜିତ ସେଠୀ ଗତ ରାତି ୩.୩୦ରେ ପିକଅପ ସହିତ ୧୭ଟି ଗୋରୁ ଉଦ୍ଧାର କରିଥିଲେ । ଉଦ୍ଧାର ଗୋରୁଗୁଡ଼ିକୁ ମଇତାପୁର ଗୋଶାଳାରେ ଛଡ଼ାଯାଇଛି । ଦୁଇ ଗୋରୁ ବେପାରୀଙ୍କୁ କୋର୍ଟଚାଲାଣ କରାଯାଇଛି ।

## ନୟନଯୋରି ଅବରୋଧ, ରାସ୍ତାରେ ଜମୁଛି ପାଣି

କାଳିପଦା, ୨୭।୯ (ସମିସ)



ବାଲିଆପାଳ ବସ୍ତା ପୂର୍ତ୍ତ ବିଭାଗ ମୁଖ୍ୟ ରାସ୍ତାର ବୀରପାଲିଆ ଛକ ନିକଟ ରାସ୍ତାର ଉତ୍ତର ପଟ ନୟନଯୋରି ଅବରୋଧ ଯୋଗୁଁ ଏବେ ବର୍ଷା ପାଣି ନିଷ୍କାସିତ ହୋଇ ନ ପାରି ପାଣି ରାସ୍ତାରେ ଦିନ ଦିନ ଜମା ହୋଇ ରହୁଛି । ପ୍ରଶାସନ ସବୁ ଜାଣି ମଧ୍ୟ ନିରବ ହୋଇ ରହିଛି । ଫଳରେ ଯାତ୍ରୀମାନେ ଯିବାଆସିବା କରିବା ନେଇ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଶ୍ରୀଗଣେଶ ଫ୍ଲାଏ ଆସ ଇଟା ବ୍ୟବସାୟୀ ଓ ଅନ୍ୟ କେତେକ ବ୍ୟବସାୟୀ ରାସ୍ତା କଡ଼ ନୟନଯୋରିକୁ ଅବରୋଧ ଯୋଗୁ ଏପରି ପରିସ୍ଥିତି ଉପୁଜି ଥିବା କୁହାଯାଇଛି । ସ୍ଥାନୀୟ ଲୋକ ଇଟା ବ୍ୟବସାୟୀଙ୍କୁ କହିବା ସତ୍ତ୍ୱେ ସେ ଖାତିର କରୁନାହାଁନ୍ତି । ତହସିଲଦାର ଏଥି ପ୍ରତି ଦୃଷ୍ଟି ଦେବାକୁ ସ୍ଥାନୀୟ ଲୋକ ଦାବି କରିଛନ୍ତି ।

# ବାଲେଶ୍ୱର ଷ୍ଟେସନରେ ସ୍ୱଚ୍ଛ ଖାଦ୍ୟ ଉପରେ ଗୁରୁତ୍ୱାରୋପ



ବାଲେଶ୍ୱର,୨୭।୯ (ସମିସ): ଦକ୍ଷିଣ ପୂର୍ବ ରେଳପଥର ଡିଭିଜନ 'ସ୍ୱଚ୍ଛତା ହିଁ ସେବା'-୨୦୨୫ ଅଭିଯାନରେ ବାଲେଶ୍ୱର ଷ୍ଟେସନ ସହିତ ଅନ୍ୟାନ୍ୟ ଷ୍ଟେସନ ଓ ଟ୍ରେନରେ ସ୍ୱଚ୍ଛ ଖାଦ୍ୟ, କୀଟାଣୁ ନିୟନ୍ତ୍ରଣ ଏବଂ ମହିଳା ସ୍ୱାସ୍ଥ୍ୟ ସଚେତନତାକୁ ନେଇ ବିଶେଷ ଗୁରୁତ୍ୱାରୋପ କରିଛି। ବାଲେଶ୍ୱର ଷ୍ଟେସନରେ କ୍ୟାଟରିଂ ଷ୍ଟଲ୍, ଜନ ଆହାର୍ ୟୁନିଟ୍, ଫୁଡ୍ ପ୍ଲାଜା ଓ ବେସ୍ କିଚେନରେ ସ୍ୱଚ୍ଛତା, ଖାଦ୍ୟର ଗୁଣବତ୍ତା ଓ ସ୍ୱଚ୍ଛ ଆହାରକୁ ପ୍ରାୟୋଗିକ କରିବା ପାଇଁ କଡ଼ାକଡ଼ି ଯାଞ୍ଚ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ସମେତ ସାନ୍ତ୍ରାଗାଛି, ଶାଲିମାର୍, ଡୋମଜୁର୍ ଓ ଖଡ଼ଗପୁର୍ ଭଳି ପ୍ରମୁଖ ଷ୍ଟେସନରେ କୀଟ ଓ ମୂଷା ନିୟନ୍ତ୍ରଣ ଅଭିଯାନ ଆରମ୍ଭ କରାଯାଇଛି। ଯାତ୍ରୀ ସୁରକ୍ଷା ନିମନ୍ତେ ପ୍ୟାଣ୍ଟ୍ରି କାର୍ ଓ ଟ୍ରେନ କୋଚରେ ବିଶେଷ କୀଟନାଶକ ସିଞ୍ଚନ କାର୍ଯ୍ୟ କରାଯାଇଥିଲା।

## ସ୍ୱଚ୍ଛତା ସଚେତନତା ରାଲି

ବାଲେଶ୍ୱର,୨୭।୯ (ସମିସ): ଫକୀରମୋହନ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ବିଭାଗ ଓ କୋ-ୟୁନିଟ୍‌ମାନଙ୍କ ସହଯୋଗ ମାଧ୍ୟମରେ ଗ୍ରାମ୍ୟ ସ୍ତରରେ ସ୍ୱଚ୍ଛତା ସଚେତନତା ରାଲି ଓ ସ୍ୱଚ୍ଛତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ପରିଚାଳିତ ଏହି ଅଭିଯାନରେ ଏନଏସଏସ ର ପ୍ରୋଗ୍ରାମ ଅଫିସର ଡ଼କ୍ଟର ପ୍ରତିମା ପ୍ରଧାନ ଓ ଅଭୟ ନାୟକଙ୍କ ସମନ୍ୱୟରେ ତଥା ଏନଏସଏସର ସଂଯୋଜକ ପ୍ରଫେସର ଅମୂଲ୍ୟ କୁମାର ଆଚାର୍ଯ୍ୟ ଏବଂ ଏନଏସଏସ ର କାର୍ଯ୍ୟକର୍ତ୍ତା ତାପସ ପଟ୍ଟନାୟକ ସହିତ ବହୁ ସଂଖ୍ୟକ ସ୍ୱେଚ୍ଛାସେବୀ, ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ସକ୍ରିୟ ଭାବେ ଯୋଗ ଦେଇଥିଲେ।

# ମା' ଆସୁଛନ୍ତି — ୨୫ ବର୍ଷରେ ରାଣୀପାଟଣା ସାର୍ବଜନୀନ ଦୁର୍ଗାପୂଜା

ବାଲେଶ୍ୱର,୨୭।୯ (ସମିସ)



ଆଉ ଦିନକ ପରେ ଆରମ୍ଭ ହେବ ମାଆ ଦୁର୍ଗାଙ୍କ ପୂଜା। ଏଥିପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ। ସେହିପରି ବାଲେଶ୍ୱର ସହରରେ ଥିବା ବିଭିନ୍ନ କମିଟି ପକ୍ଷରୁ ମଧ୍ୟ ପ୍ରସ୍ତୁତି ଜୋରଦାର ଚାଲିଛି। ସେଥିମଧ୍ୟରୁ ରାଣୀପାଟଣା ସାର୍ବଜନୀନ ଦୁର୍ଗାପୂଜା କମିଟି ଚଳିତବର୍ଷ ୨୫ ବର୍ଷର ଦୁର୍ଗାପୂଜା ପାଳନ କରୁଛି। ଯାହାର ସାଜସଜ୍ଜା ଓ ତୋରଣ ବେଶ୍ ଆକର୍ଷଣୀୟ ହୋଇଛି। ବିଶେଷକରି କଲିକତାର ମଣ୍ଡପ ପରି ଏହି କମିଟିରେ ହୋଇଛି ଆକର୍ଷଣ ତୋରଣ। ସୂଚନାଯୋଗ୍ୟ, ୨୦୦୧ ମସିହାରେ ଆରମ୍ଭ ହୋଇଥିବା ରାଣୀପାଟଣା ସାର୍ବଜନୀନ ଦୁର୍ଗା ଉତ୍ସବ ଚଳିତବର୍ଷ ୨୫ ବର୍ଷରେ ପଦାର୍ପଣ କରିଛି। ସ୍ଥାନୀୟ ଅଧିବାସୀଙ୍କ ସାହାଯ୍ୟ ଓ ସହଯୋଗରେ ଅନୁଷ୍ଠିତ ଉକ୍ତ ପୂଜାର ଆନୁମାନିକ ବଜେଟ ପ୍ରାୟ ୬ ଲକ୍ଷ ୫୦ ହଜାର ଟଙ୍କା ରହିଛି। ଏଥିରେ ସାଜସଜ୍ଜା, ତୋରଣ ଏବଂ ମୂର୍ତ୍ତି ସହିତ ଅନ୍ୟାନ୍ୟ କାମ ରହିଛି। ଯଦିଓ ଦୁଇ ବର୍ଷ ପୂର୍ବରୁ ରୌପ୍ୟ ଜୟନ୍ତୀ ପାଳନର ପ୍ରାକ ପ୍ରସ୍ତୁତି ଆରମ୍ଭ କରାଯାଇଥିଲା ମାତ୍ର ଅନୁଷ୍ଠାନର ଜନୈକ ବରିଷ୍ଠ ତଥା ସକ୍ରିୟ ସଦସ୍ୟ ରାକେଶ କୁମାର ନାୟକଙ୍କ ବିୟୋଗ ସହିତ ଅନୁଷ୍ଠାନର ଅନ୍ୟତମ ବରିଷ୍ଠ ସଦସ୍ୟ ତଥା ସମ୍ପାଦକଙ୍କର ଶାରୀରିକ ଅସୁସ୍ଥତା କାରଣରୁ ରୌପ୍ୟ ଜୟନ୍ତୀ ପାଳନ କରିବା ସମ୍ଭବପର ହୋଇପାରିନାହିଁ। ଏହି ମଣ୍ଡପରେ ସମସ୍ତେ ଦେବଦେବୀ ରୂପା ତାରକସି ମୁକୁଟ ସାଙ୍ଗକୁ ସ୍ୱର୍ଣ୍ଣ ଓ ରୌପ୍ୟ ଗହଣା ପିନ୍ଧିଥିବା ସହ ପିତ୍ତଳ ଅସ୍ତ୍ରଶସ୍ତ୍ର ଧରିଥାନ୍ତି। ପ୍ରତ୍ୟେକ ସନ୍ଧ୍ୟାରେ ପ୍ରସାଦ ବଣ୍ଟନ ସହ ମହାସପ୍ତମୀ ସନ୍ଧ୍ୟାରେ ମାତୃ ବନ୍ଦନା କାର୍ଯ୍ୟକ୍ରମ, ମହାନବମୀ ସନ୍ଧ୍ୟାରେ ଝୁଣା ନାଚ ସହିତ ସ୍ଥାନୀୟ କଳାକାର ମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ଭଜନ ପରିବେଷଣ କରାଯାଇଥାଏ। ବିଜୟା ଦଶମୀ ସନ୍ଧ୍ୟାରେ ମହିଳା ମାନଙ୍କ ଦ୍ୱାରା ମାଆଙ୍କୁ ସିନ୍ଦୂର ଲଗାଇ ମେଲାଣି ଦେବା ସହ ପରସ୍ପର ମଧ୍ୟରେ ସିନ୍ଦୂର ଖେଳ ବେଶ୍ ମନ ମୁଗ୍ଧକର ହୋଇଥାଏ। ଆଖପାଖ ଅଞ୍ଚଳର ଭକ୍ତମାନଙ୍କ ଦ୍ୱାରା ଅଷ୍ଟମୀ ଦିନ ପ୍ରାୟ ଏକ ହଜାରରୁ ଅଧିକ ଡାଲା ଦିଆଯିବା ସହ ପୁଷ୍ପାଞ୍ଜଳି ଦିଆ ଯାଇଥାଏ। ପୂଜା ମଣ୍ଡପ ନିକଟରେ ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା ସହ ଅଗ୍ନି ନିରାପତ୍ତାକୁ ଦୃଷ୍ଟିରେ ରଖି ଅଗ୍ନି ନିର୍ବାପକ ଯନ୍ତ୍ର ରଖାଯାଇଥାଏ। ଏଥିସହ ଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା କରାଯାଇଥାଏ। ଦୂର ଦୁରାନ୍ତରରୁ ଆସୁଥିବା ଭକ୍ତ ମାନଙ୍କ ନିମନ୍ତେ ବସିବାର ବ୍ୟବସ୍ଥା କରାଯାଇଥାଏ। ପୂଜା ସମୟରେ ଶାନ୍ତିଶୃଙ୍ଖଳା ନିମନ୍ତେ ସିସିଟିଭି କ୍ୟାମେରା ବ୍ୟବସ୍ଥା କରାଯାଇଛି। ଉକ୍ତ ପୂଜା ମଣ୍ଡପଟି ପ୍ଲାଷ୍ଟିକ ବର୍ଜିତ ମଣ୍ଡପର ଅନନ୍ୟ ଉଦାହରଣ। ରାଣୀପାଟଣା ଦୁର୍ଗାପୂଜା କମିଟି ଏହାର ମୃଣ୍ମୟୀ ମୂର୍ତ୍ତୀ ସାଙ୍ଗକୁ ଆକର୍ଷଣୀୟ ତୋରଣ, ଆଲୋକ ସଜ୍ଜା ସହିତ ପଡୋଶୀ ପଶ୍ଚିମ ବଙ୍ଗରୁ ଆସିଥିବା ଢାକି ବାଦ୍ୟ ଦଳ ନିମନ୍ତେ ସଦାସର୍ବଦା ପ୍ରସିଦ୍ଧି ଲାଭ କରିଥିବା ବେଳେ ଏହି ବର୍ଷ ମଧ୍ୟ ସେହିପରି ସୁନ୍ଦର ସାଜସଜ୍ଜା ଉପରେ ଗୁରୁତ୍ୱ ଦିଆଯାଇଛି। ଏହା ସହିତ ଜନ ସଚେତନତା ନିମନ୍ତେ ପୂଜା ମଣ୍ଡପ ନିକଟରେ ବ୍ୟାପକ ପୋଷ୍ଟର ଓ ବ୍ୟାନର ଲଗାଯାଇଥାଏ। ବିଶେଷକରି ହିନ୍ଦୁ, ମୁସଲମାନ ଓ ଖ୍ରୀଷ୍ଟିୟାନ ସମ୍ପ୍ରଦାୟର ଭାଇଚାରାର ଚରମ ନିଦର୍ଶନ ରାଣୀପାଟଣା ପୂଜା କମିଟିର ଏହି ବର୍ଷର ସଭାପତି ପ୍ରଫେସର ଡ଼. ସେକ୍ ଗିୟାସୁଦ୍ଦିନ, କାର୍ଯ୍ୟକାରୀ ସଭାପତି ଦେବାନନ୍ଦ ପାଣିଗ୍ରାହୀ, ଉପସଭାପତି ଦେବାଶିଷ ଚାଟାର୍ଜୀ, ସମ୍ପାଦକ ଜୟପ୍ରକାଶ ଦାଶ, ସହ ସମ୍ପାଦକ ପ୍ରଭାତ ମହାନ୍ତି ଓ କୋଷାଧ୍ୟକ୍ଷ ହରିଶ୍ଚନ୍ଦ୍ର ସାହୁ ରହିଥିବା ବେଳେ ଉପଦେଷ୍ଟା ମଣ୍ଡଳୀରେ ଜୀବନ ପ୍ରଦୀପ ଦାଶ, ଡା. ଅମିତାଭ ଗିରି, କଲ୍ୟାଣ ରାୟ ମହାଶୟ, କୌଶିକ ବୋଷ, ବିଜୟ ପାଣି, ଗୌର ଚନ୍ଦ୍ର ବାରିକ, ଶ୍ୟାମସୁନ୍ଦର ଜେନା, ଅଭିରାମ ଦାସ, ଗୟା ପ୍ରସାଦ ଜେନା, ଡା. ଭାରତଚନ୍ଦ୍ର ପାତ୍ର, ରବିନାରାୟଣ ଦାଶ, ପ୍ରଫୁଲ୍ଲ କୁମାର ମଲ୍ଲିକ, ରୀତା ରାୟ, କମ୍ପୁ ଚରଣ ମଲ୍ଲିକ, ନିରଞ୍ଜନ ସାହୁ, ଯଦୁନାଥ ଟୁଡୁ, ବରେନ୍ଦ୍ର ବାର ପ୍ରମୁଖ ରହିଛନ୍ତି।



- ସବୁବେଳେ କିଛି ନୂତନ କରିବା ନିମନ୍ତେ ସଦାସର୍ବଦା ମାଆ ଦୁର୍ଗାଙ୍କ ସମେତ ସମସ୍ତ ଦେବଦେବୀଙ୍କ ନିମନ୍ତେ ଗ୍ରାମବାସୀ ବନାରସି ଓ ପାଟ ବସ୍ତ୍ର ପ୍ରଦାନ କରିଥାଆନ୍ତି।

ସେକ୍ ଗିୟାସୁଦ୍ଦିନ, ସଭାପତି



- ପ୍ରଶାସନ ନିୟମ ଅନୁସାରେ ପୂଜା କାର୍ଯ୍ୟ ସହ ଭସାଣି ହୋଇଥାଏ। ଶବ୍ଦ ପ୍ରଦୂଷଣକୁ ଦୃଷ୍ଟିରେ ରଖି ପାରମ୍ପରିକ ବାଦ୍ୟଯନ୍ତ୍ର ସହ ଆଦିବାସୀ ନୃତ୍ୟ ଏହିବର୍ଷ ଭସାଣିର ମୁଖ୍ୟ ଆକର୍ଷଣ।

ଜୟପ୍ରକାଶ ଦାଶ, ସମ୍ପାଦକ

# କଲାମ ଟ୍ରଷ୍ଟ ତରଫରୁ ଚିତ୍ର ଓ କୁଇଜ୍ ପ୍ରତିଯୋଗିତା




ବାଲେଶ୍ୱର,୨୭।୯ (ସମିସ): ଫକୀରମୋହନ କଲେଜର ହେରିଟେଜ ହଲରେ କାଲାମ ମେମୋରିଆଲ ଚାରିଟେବଲ ଟ୍ରଷ୍ଟ ତରଫରୁ ଅକ୍ଟୋବର ୧୫ ତାରିଖ ରୋମିରେ ପାଳିତ ହେବାକୁ ଥିବା କାଲାମ ଜୟନ୍ତୀ ଉପଲକ୍ଷେ ଆଜି ଏକ ପ୍ରତିଯୋଗିତା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଉଦଘାଟକ ଭାବେ ସଦର ବିଧାୟକ ମାନସ କୁମାର ଦତ୍ତ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟର ଚେୟାରମ୍ୟାନ ତଥା ଅଗ୍ନି ଡେଣା ବିଜ୍ଞାନ ପତ୍ରିକାର ସମ୍ପାଦକ, ବିଶ୍ୱ ରେକର୍ଡ ଅଧିକାରୀ ଡ. ପଙ୍କଜ କୁମାର ଜେନା ପ୍ରତିଯୋଗିତାର ଆଭିମୁଖ୍ୟ ବିଷୟରେ କହିଥିଲେ। ଏଥିରେ ଭାଗ ନେଇଥିବା ଜିଲ୍ଲାର ସମସ୍ତ ପ୍ରତିଯୋଗୀମାନଙ୍କ ମଧ୍ୟରୁ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯିବ। ଏଥିରେ ଅତିଥି ଭାବେ ଅଧକ୍ଷ ପ୍ରଦୀପ କୁମାର ରଣା, ଡ. ସନ୍ତୋଷ କୁମାର ରାଉତ, ଲକ୍ଷ୍ମୀ ନାରାୟଣ ନାୟକ, ଶୁଭମ କୁମାର ଦାସ, ହରିପଦ ଭୂୟାଁ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମକୁ ଗୋପାଳ ଚନ୍ଦ୍ର ଜେନା, ସଂଜୀବ କୁମାର ନାୟକ, ନିକୁଞ୍ଜ ବିହାରୀ ଦାସ, ଡ. ସଂଗ୍ରାମ କୁମାର ରାଉତ, ସତ୍ୟନାରାୟଣ ସାହୁ, ବଳରାମ ସ, ଜ୍ୟୋତିର୍ମୟୀ ଶତପଥୀ, ବିଚିତ୍ରା ପ୍ରଧାନ, ସୁଚିତ୍ରା ଜେନା, ଶୁଭଶ୍ରୀ ମିଶ୍ର, ଅବନୀ କୁମାର ଜେନା, ଉପେନ୍ଦ୍ର ବେହେରା, ବିଜୟ ସ ପରିଚାଳନା କରିଥିଲେ।



# ନବରାତ୍ରର ପଞ୍ଚମ ଦିବସ — 'ସ୍କନ୍ଦମାତା' ସ୍ୱରୂପରେ ମା' ବଗଳାମୁଖୀ



ବାଲେଶ୍ୱର,୨୭।୯ (ସମିସ): ସହର ଉପକଣ୍ଠ ତାମୂଳିଆସ୍ଥିତ ଶ୍ରୀ ଶ୍ରୀ ପୀତାମ୍ବରା ମହାଶକ୍ତି ପୀଠରେ ମା' ବଗଳାମୁଖୀଙ୍କ ପାରମ୍ପରିକ ରୀତିନୀତି ଅନୁସାରେ ଚାଲିଛି ନବରାତ୍ର ପୂଜା। ପ୍ରଥମ ଦିବସରେ ମା'ଙ୍କୁ ହିମାଳୟ ରାଜାଙ୍କ କନ୍ୟା ରୂପେ "ଶୈଳପୁତ୍ରୀ', ଦ୍ୱିତୀୟ ଦିବସରେ ତପ, ତ୍ୟାଗ ଓ ଶକ୍ତିର ଦେବୀ "ବ୍ରହ୍ମଚାରିଣୀ', ତୃତୀୟ ଦିବସରେ ମା' ପାର୍ବତୀଙ୍କ ବିବାହିତ ଅବତାର "ଚନ୍ଦ୍ରଘଣ୍ଟା', ଚତୁର୍ଥ ଦିବସରେ ବ୍ରହ୍ମା ରଚନାକାରିଣୀ ଦେବୀ "କୁଷ୍ମାଣ୍ଡା'ଙ୍କୁ ଅର୍ଚ୍ଚନ କରାଯାଇଛି। ସେହିପରି ପଞ୍ଚମ ଦିବସରେ ସ୍କନ୍ଦ ଅଥବା କାର୍ତ୍ତିକେୟଙ୍କ ମାତା ଭାବେ "ସ୍କନ୍ଦମାତା'ଙ୍କୁ ପୂଜା କରାଯାଇଥିଲା। ଏହି ସ୍ୱରୂପରେ ସ୍କନ୍ଦ ଅର୍ଥାତ କାର୍ତ୍ତିକେୟଙ୍କୁ ନିଜ କୋଳରେ ଧରି ବିରାଜିତ ହୋଇଥିବାରୁ ବସିଥିବାରୁ ମା'ଙ୍କର ଏହି ସ୍ୱରୂପକୁ ସ୍କନ୍ଦମାତା ଭାବରେ ଅବିହିତ କରାଯାଇଛି। ତାରକାସୁର ନାମକ ଏକ ରାକ୍ଷସକୁ ବଦ୍ଧ କରିବା ନିମନ୍ତେ ମା' ପାର୍ବତୀ ପୁତ୍ର କାର୍ତ୍ତିକେୟଙ୍କୁ ଯୁଦ୍ଧ ପାଇଁ ପ୍ରଶିକ୍ଷିତ କରିବାକୁ ସ୍କନ୍ଦମାତାଙ୍କ ରୂପ ଧାରଣ କରିଥିଲେ। ସ୍କନ୍ଦମାତାଙ୍କଠାରୁ ଯୁଦ୍ଧ ପ୍ରଶିକ୍ଷିଣ ନେଇ କାର୍ତ୍ତିକେୟ ତାରକାସୁରକୁ ବଦ୍ଧ କରିଥିଲେ। ସ୍କନ୍ଦମାତା ବିଶୁଦ୍ଧ ଚକ୍ରର ଅଧିଷ୍ଠାତ୍ରି ଦେବୀ। ନବରାତ୍ର ବ୍ରତ ପାଳନ କରୁଥିବା ସାଧକଙ୍କ ମନ ଏହିଦିନ ବିଶୁଦ୍ଧ ଚକ୍ରରେ ସ୍ଥିର ରହିଥାଏ। ସନ୍ତାନ ସୁଖ ସହିତ ରୋଗ-ବ୍ୟାଧିରୁ ମୁକ୍ତି ହେବା ପାଇଁ ମା ସ୍କନ୍ଦମାତାଙ୍କ ସାଧନା ଓ ପୂଜା କରାଯାଇଥାଏ। ଜ୍ୟୋତିଷ ଶାସ୍ତ୍ର ମତରେ ମା' ସ୍କନ୍ଦମାତାଙ୍କ ସମ୍ବନ୍ଧ ବୃହସ୍ପତି ଗ୍ରହ ସହିତ ଜଡିତ। ବୃହସ୍ପତି ଗ୍ରହଙ୍କୁ ଶାନ୍ତ କରିବାକୁ ହେଲେ ମା' ସ୍କନ୍ଦମାତାଙ୍କ ଶରଣାପନ୍ନ ହେବା ଉଚିତ। ମା' ସ୍କନ୍ଦମାତାଙ୍କ ଆରାଧନା ସାଧକକୁ ସର୍ବ ସୌଭାଗ୍ୟ ପ୍ରଦାନ କରିଥାଏ। ନବରାତ୍ରର ପଂଚମ ଦିବସରେ ସ୍କନ୍ଦମାତା, ଷଷ୍ଠ ଦିବସରେ କାତ୍ୟାୟନୀ, ମହାସପ୍ତମୀରେ କାଳରାତ୍ରି, ମହାଅଷ୍ଟମୀରେ ମହାଗୌରୀ ଓ ମହାନବମୀରେ ସିଦ୍ଧିଦାତ୍ରୀ ସ୍ୱରୂପରେ ମା'ଙ୍କ ପୂଜାର୍ଚ୍ଚନା କରାଯିବା ନେଇ ଶାସ୍ତ୍ର ସମ୍ମତ ବିଧି ରହିଛି। ଏଥିରେ ପ୍ରତ୍ୟେହ ପ୍ରାତଃକାଳରୁ ରାତ୍ରି ପର୍ଯ୍ୟନ୍ତ ଷୋଡ଼ଶ ଉପଚାର ପୂଜା ସହିତ ସଂଧ୍ୟାରେ ସପ୍ତଶତୀ ଚଣ୍ଡିପାଠ ଓ ଅନ୍ତେ ୧୦୮ ଆହୁତି ଆଜି କର୍ମକାଣ୍ଡ ମାଧ୍ୟମରେ ନିୟମିତ ପୂଜାର୍ଚ୍ଚନା ହେଉଛି ଶ୍ରୀ ଶ୍ରୀ ପୀତାମ୍ବରା ମହାଶକ୍ତି ପୀଠରେ। ନବମୀ ଦିନ ଯଜ୍ଞ ପୂର୍ଣ୍ଣାହୁତିରେ ମା'ଙ୍କ ନବରାତ୍ର ପୂଜା ସମ୍ପନ୍ନ ହେବ।

# ଦେଶୀ ମଦ ସହ କାର ଜବତ, ଜଣେ ଗିରଫ

ବାଲେଶ୍ୱର,୨୭।୯ (ସମିସ): ପୂଜା ମାହୋଲ ହୋଇଥିବାରୁ ବିଭିନ୍ନ ସ୍ଥାନରେ ଏବେ ଚୋରା ମଦ କାରବାର ବୃଦ୍ଧି ପାଇବାରେ ଲାଗିଛି। ଅବକାରୀ ବିଭାଗ ପକ୍ଷରୁ ଆଜି ନୀଳଗିରି ସ୍ଥିତ ଅଯୋଧ୍ୟା ଛକଠାରୁ ୬ଶହ ଲିଟର ଦେଶୀ ମଦ ଜବତ କରାଯିବା ସହ ଜଣେ ମଦ ବେପାରୀକୁ ମଧ୍ୟ ଗିରଫ କରାଯାଇଛି। ଏହାସହ ଚୋରା ମଦ କାରବାରରେ ବ୍ୟବହୃତ ହୋଇଥିବା କାରକୁ ଜବତ ଜବତ କରିଛି। ଗିରଫ ମଦ ବେପାରୀ ଜଣକ ହେଲେ ନୀଳଗିରି ଥାନା ଅର୍ନ୍ତଗତ କଦମସାହି ଅଞ୍ଚଳର ଶଙ୍କର ସିଂ(୩୨)। ସୂଚନା ଅନୁସାରେ,ନୀଳଗିରି ଅଂଚଳରେ ବ୍ୟାପକ ଚୋରା ମଦ କାରବାର ହେଉଥିବା ଖବର ପାଇ ଅବକାରୀ ଅଧୀକ୍ଷକ ମନୋଜ କୁମାର ସେଠୀଙ୍କ ନିର୍ଦ୍ଦେଶ ଅନୁସାରେ ଆଜି ଅବକାରୀ ବିଭାଗ ପକ୍ଷରୁ ଅଯୋଧ୍ୟାଛକ ଠାରେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ମଦବେପାରୀ ଶଙ୍କର ଏକ କାରରେ ମଦ ରଖି ଚୋରା ଚାଲାଣ କରୁଥିଲେ। ତେବେ ତଦନ୍ତ ପରେ କାର ମଧ୍ୟରେ ୬ଶହ ଲିଟର ଦେଶୀ ମଦ ମିଳିଥିଲା। ଯାହାର ମୂଲ୍ୟ ଏକ ଲକ୍ଷ ୨୦ହଜାର ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି। ଏଣୁ ଉକ୍ତ ମଦକୁ ଜବତ କରିବା ଗିରଫ ମଦବେପାରୀକୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉରେ ଭ୍ରାମ୍ୟମାଣ ଅବକାରୀ ଅଧିକାରୀ ହରିହର ସିଂ, ସବଇନସପେକ୍ଟର ଭବେଶ ଦାସ, କନେଷ୍ଟବଳ ସୁନାରାମ ସୋରେନ ଏବଂ ପଙ୍କଜ ମହାନ୍ତି ପ୍ରମୁଖ ସାମିଲ ଥିଲେ।






# ଦୁର୍ଗାପୂଜା ପାଇଁ ବାଲେଶ୍ୱର ସହର ଉତ୍ସବମୁଖର



ମା'ଙ୍କ ମୂର୍ତ୍ତିରେ ଦିଆଯାଉଛି ଶେଷ ସ୍ପର୍ଶ

ବାଲେଶ୍ୱର,୨୭।୯ (ସମିସ)

ଶାରଦୀୟ ଦୁର୍ଗାପୂଜା ପାଇଁ ବାଲେଶ୍ୱର ସହର ଏବେ ଉତ୍ସବ ମୁଖର ହୋଇପଡିଛି। ହେଲେ ସୃଷ୍ଟି ହୋଇଥିବା ଲଘୁଚାପ ଏବେ ଏହି ପାର୍ବଣର ମାହୋଲକୁ ଫିକା କରିଦେବାର ଆଶଙ୍କା ରହିଛି। ଅନ୍ୟପଟେ ଶାରଦୀୟ ଦୁର୍ଗାପୂଜା ପାଇଁ ସହରର ବିଭିନ୍ନ ଅନୁଷ୍ଠାନମାନଙ୍କରେ ମା'ଙ୍କର ମୃଣ୍ମୟ ମୂର୍ତ୍ତି ଗଢ଼ା ହେବା ସହ ତୋରଣ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଁଚିଛି। ଆଉ ମା'ଙ୍କ ମୂର୍ତ୍ତିରେ ଦିଆଯାଉଛି ଶେଷ ସ୍ପର୍ଶ। ରବିବାର ରାତି ଠାରୁ ଆରମ୍ଭ ହେବ ମା'ଙ୍କ ଷଷ୍ଠୀ ପର୍ବ ବା ବେଲବରଣ। ଆଉ ସୋମବାର ହେବ ମା'ଙ୍କ ସପ୍ତମୀ ପୂଜା। ମଙ୍ଗଳବାର ମା'ଙ୍କ ଅଷ୍ଟମୀ ପୂଜା ଅନୁଷ୍ଠିତ ହେବାକୁ ଥିବା ବେଳେ ଗୁରୁବାର ଦଶହରା ପୂଜା ଅନୁଷ୍ଠିତ ହେବ। ସହରର ଫକୀରମୋହନ ଗୋଲେଇ, ଫାଣ୍ଡିଛକ, ଆଜିମାବାଦ ଛକ, ମଠସାହି, ଷ୍ଟେସନ ଛକ, ମାନସିଂବଜାର, ଚୂନଭାଟି, ଆଇଟିଆଇ ଛକ, ପୁଲିସ ଲାଇନ ଛକ ଆଦି ବିଭିନ୍ନ ସ୍ଥାନମାନଙ୍କରେ ଶତାଧିକ ତୋରଣ ସହ ମେଢ଼ ଅନୁଷ୍ଠିତ ହେବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁମତି ପ୍ରଦାନ କରାଯାଇଛି। ପୂଜା ସମୟରେ ସ୍ୱାସ୍ଥ୍ୟ ଓ ପରିମଳ, ପାନୀୟ ଜଳ ଯୋଗାଣ, ଅଗ୍ନି ନିର୍ବାପକ ଆଦି ବ୍ୟବସ୍ଥା ଦିଗରେ ଗୁରୁତ୍ୱ ଦିଆଯାଇଛି। ସେହିପରି ସବୁ ଠାରୁ ବଡ଼ ସମସ୍ୟା ହେଉଛି ଟ୍ରାଫିକ ସମସ୍ୟା। ଏହାକୁ ସୂଚାରୁ ତୁଲାଇବା ପାଇଁ ଏବେ ଠାରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ପୂଜା ପାଇଁ ବହୁ ଲୋକଙ୍କ ସମାଗମକୁ ଆଖି ଆଗରେ ରଖି ଜିଲ୍ଲା ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ଭାବେ ପ୍ରସ୍ତୁତି କରାଯାଇଛି। ଚଳିତ ବର୍ଷ ପୂଜାରେ ଡିଜେ ସାଉଣ୍ଡ ଉପରେ ଗୁରୁତ୍ୱାରୋପ କରାଯାଇଛି। ବିଶେଷ କରି ସହରର୧୦ଟି ସ୍ଥାନରେ ନଏଜ ପଲ୍ୟୁସନ ଉପରେ ଧ୍ୟାନ ଦିଆଯାଉଥିବା ବେଳେ ଅଧିକ ଡିଜେ ସାଉଣ୍ଡ ହେଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହାବ୍ୟତିତ ଟାଉନଥାନା, ସହଦେବଖୁଣ୍ଟା ଥାନା, ଶିଳ୍ପାଞ୍ଚଳ ଥାନା ଏବଂ ଚାନ୍ଦିପୁର ଥାନା ଅଧିନରେ ଶତାଧିକ ମେଢ଼ ହୋଇଛି। ସେଥିରେ ଭସାଣୀ ସମୟରେ ନୁଣିଆଯୋଡି ପୋଲ ଏବଂ ବାଲିଘାଟ ପୋଲଠାରେ ମେଢ଼ ଗୁଡିକ ବିସର୍ଜନ କରାଯିବ। ଅନ୍ୟପଟେ ଭସାଣି ଉପରେ ପୁଲିସ ସବୁଠାରୁ ଗୁରୁତ୍ୱ ଦେଉଥିବା ବେଳେ ୨ତାରିଖ ଗୁରୁବାର ସୁଦଶାବ୍ରତ ପଡୁଥିବାରୁ ଏହା ୩ ତାରିଖ ଶୁକ୍ରବାରରେ ଏହି ଭସାଣି ଅନୁଷ୍ଠିତ ହେବାର ଅଧିକ ସମ୍ଭାବନା ରହିଛି। ଉକ୍ତଦିନ ସକାଳେ ୭ଟାରେ ଦୁଇ ଜଣ ଅତିରିକ୍ତ ଏସପି ଉପସ୍ଥିତ ରହି ମେଢ଼କୁ ଟୋକନ ପ୍ରଦାନ କରିବେ। ପ୍ରଥମେ ୧ନମ୍ବର ମେଢ଼ ସକାଳ ୮ଟାରୁ ବାହାରିବା ପରେ ଅନ୍ୟମେଢ଼ ଗୁଡିକୁ ପଛକୁ ପଛ ଯାଇ ବିସର୍ଜନ କରିବେ। ଅନ୍ୟପଟେ ପୂଜା ସମୟରେ ସହରରେ ପାର୍କିଂ ବ୍ୟବସ୍ଥା ଗୁରୁତ୍ୱପୂର୍ଣ୍ଣ ଅଟେ। ତେବେ ବିଶେଷ କରି ୭ରୁ ଅଧିକ ସ୍ଥାନ ପାର୍କିଂ ପାଇଁ ଚିହ୍ନଟ କରାଯାଇଥିବା ବେଳେ ଏହାର ଚୂଡାନ୍ତ ରୂପରେଖ ଶିଘ୍ର କରାଯିବ ବୋଲି ଜଣାଯାଇଛି। ଭସାଣୀ ସମୟରେ ଅପ୍ରୀତିକର ପରିସ୍ଥିତିକୁ ପ୍ରତିହିତ କରିବା ପାଇଁ ସିଭିଲ ପୁଲିସ ମୁତୟନ କରାଯିବ। ସିନେମାଛକରେ କଂଟ୍ରୋଲ ରୁମ ଖୋଲାଯାଇ ସବୁ ବିଭାଗ ଉପରେ ନଜର ରଖିବ ବୋଲି ଜଣାଯାଇଛି। ପୂଜା ଅବସରରେ ବାଲେଶ୍ୱରରେ ଅନ୍ୟତମ ଆକର୍ଷଣ ହେଉଛି ବାଡି ଖେଳ। ଏହି ବାଡିଖେଳ ମହାଷ୍ଟମୀ ଏବଂ ଦଶହରା ଦିନ ଅନୁଷ୍ଠିତ ହେବ। ବାଲେଶ୍ୱରର ପ୍ରାୟ ୩୦ରୁ ଅଧିକ ଆଖଡା ଦଳ ମହାବୀର ହନୁମାନଙ୍କର ଆଶିଷ ଭିକ୍ଷା କରି ଏକ ବିରାଟ ପଟୁଆରେ ଆସି ବାଡିଖେଳର ପ୍ରତିଭା ଦେଖାଇ ଥାଆନ୍ତି।

● ଦାଣ୍ଡିମାଳରେ ଶାରଦୀୟ ଦୁର୍ଗାପୂଜା

## ଆକର୍ଷଣୀୟ ଲାଇଟ୍, ତୋରଣରେ ଝଲସୁଛି ମଣ୍ଡପ

ଢେଙ୍କାନାଳ,୨୭ ।୯ (ସମିସ): ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ଦାଣ୍ଡିମାଳ ଅଞ୍ଚଳରେ ଶାରଦୀୟ ଦୁର୍ଗାପୂଜା ଧୁମଧାମରେ ଅନୁଷ୍ଠିତ ହେଉଛି। ଚଳିତ ବର୍ଷ ୧୯ଟି ପୂଜା ମଣ୍ଡପରେ ମା'ଙ୍କ ପୂଜା କରାଯାଉଛି। ଆକର୍ଷଣୀୟ ଲାଇଟ ସହ ତୋରଣରେ ଝଲସୁଛି ମଣ୍ଡପ। ସିମିନଇରେ ୮ ମଣ୍ଡପରେ ପୂଜା ହେଉଥିବା ବେଳେ ଅଙ୍କରାନ୍ତିପୁରରେ ୩ଟି, ମୂଳିସିଂହରେ ଗୋଟିଏ, ନୀଳାମ୍ବରପୁରରେ ଗୋଟିଏ, ମହେନ୍ଦ୍ରପୁରରେ ଗୋଟିଏ, ସାଇଁବିରିରେ ୩ଟି, ଗଦାଶିଳା ରାମମନ୍ଦିର ନିକଟରେ ଗୋଟିଏ, ଚାଇଁପୁରରେ ଦୁଇଟି ମଣ୍ଡପରେ ଦୁର୍ଗାପୂଜା ଅନୁଷ୍ଠିତ ହେଉଛି। ପୂଜା ପାଇଁ ବିଭିନ୍ନ ମଣ୍ଡପ ତରଫରୁ କଳସଯାତ୍ରା ଅନୁଷ୍ଠିତ ହୋଇଛି। ସପ୍ତମୀ ତିଥିରୁ ମା'ଙ୍କ ପୂଜା ଅନୁଷ୍ଠିତ ହେବ। ମୂଳିସିଂହଠାରୁ ଚାଇଁପୁର ମଣିଦେବୀ ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ୩ କିଲୋମିଟର ରାସ୍ତାରେ ତୋରଣ ଓ ଆଲୋକ ସାଜସଜ୍ଜା ହୋଇଛି। ସିମିନଇ ଯାତ୍ରା ପଡ଼ିଆ ଓ ସାଇଁବିରି ଠାରେ ମୀନାବଜାର ଓ ଦୋଳି ଲାଗିଛି। ବିଭିନ୍ନ ସ୍ଥାନରେ ଗୁପଚୁପଠାରୁ ଆରମ୍ଭ କରି ଫାଷ୍ଟଫୁଡ ଓ ଅନ୍ୟାନ୍ୟ ଦୋକାନ ବଜାର ଖୋଲିଛି। ପୂଜାରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ପ୍ରତ୍ୟେକ ପୂଜା କମିଟି ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି।

## ମା' କନକଦୁର୍ଗା ମନ୍ଦିରରେ ନବରାତ୍ର ପୂଜା



ଢେଙ୍କାନାଳ,୨୭ ।୯ (ସମିସ): ସ୍ଥାନୀୟ ଦେଉଳସାହିସ୍ଥିତ ମା' କନକଦୁର୍ଗାଙ୍କ ମନ୍ଦିରରେ ଶାରଦୀୟ ନବରାତ୍ର ପୂଜା ଜାରି ରହିଛି। ସକାଳୁ ମଙ୍ଗଳ ଆଳତି, ମହାସ୍ନାନ, ନୂତନ ବସ୍ତ୍ର, ବିଭିନ୍ନ ପ୍ରକାର ଫୁଲ, ଭୋଗ ଲାଗି ହେଉଛି। ନବରାତ୍ରର ଷଷ୍ଠ ଦିବସରେ ମା'ଙ୍କ ମହାଲକ୍ଷ୍ମୀ ଦେବୀ ବେଶ ଅନୁଷ୍ଠିତ ହୋଇଥିଲା। ସକାଳ ସାଢ଼େ ୯ଟାରେ ପଣା ଭୋଗ, ୧୦ଟା ବେଳେ ଖେଚୁଡ଼ି ଭୋଗ, ମଧ୍ୟାହ୍ନରେ ଅନ୍ନଧୂପ, ପ୍ରତ୍ୟେକ ଦିନ ସୂର୍ଯ୍ୟପୂଜା, କଳସ ପୂଜା, ମଣ୍ଡଳ ପୂଜା, ଷୋଡ଼ଶ ଉପଚାର ପୂଜା, ଚଣ୍ଡୀ ପାଠ, ସପ୍ତଚଣ୍ଡୀ ଆହୁତି କରାଯାଇଛି। ସନ୍ଧ୍ୟାରେ ଆଳତି ଓ ରାତିରେ ବଡ଼ସିଂହାର ଭୋଗ ପରେ ପହଡ଼ ପଡୁଛି।

## ଓସିଏସ୍ ପରୀକ୍ଷାରେ ପ୍ରଗତୀଙ୍କ ସଫଳତା



ଢେଙ୍କାନାଳ,୨୭ ।୯ (ସମିସ): ଢେଙ୍କାନାଳ ସଦର ବ୍ଲକ ବଣସିଂହ ପଞ୍ଚାୟତ ଶଙ୍କରପୁର ଗ୍ରାମର ପ୍ରଗତୀ ଶତପଥୀ ଓଡ଼ିଶା ସିଭିଲ୍ ସର୍ଭିସ୍ (ଓସିଏସ୍) ପରୀକ୍ଷାରେ ୧୩୧ ରାଙ୍କ ରଖି କୃତକାର୍ଯ୍ୟ ହୋଇଛନ୍ତି। ସଞ୍ଜୟ କୁମାର ଶତପଥୀ ଏବଂ ଜୟଶ୍ରୀ ଶତପଥୀଙ୍କ ଝିଅ ପ୍ରଗତୀ ଏବେ କେନ୍ଦୁଝରରେ ଲୋକାଲ୍ ଫଣ୍ଡ ଅଡିଟର ଭାବେ କାର୍ଯ୍ୟରତ। ଚାକିରି କରିବା ସହ ସିଭିଲ୍ ସର୍ଭିସ୍ ପରୀକ୍ଷା ପାଇଁ ସେ ପ୍ରସ୍ତୁତି ଜାରି ରଖିଥିଲେ। ଦ୍ୱିତୀୟ ପ୍ରଚେଷ୍ଟାରେ ସଫଳତା ପାଇଛନ୍ତି। ଏହି ସଫଳତାର ଶ୍ରେୟ ତାଙ୍କ ବାପାମାଆ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପ୍ରଦାନ କରିଛନ୍ତି। ସେ ସମାଜର ତଳ ସ୍ତରର ଲୋକଙ୍କ ପାଇଁ ସମ୍ବେଦନଶୀଳ ଭାବେ କାର୍ଯ୍ୟ କରିବାକୁ ବଦ୍ଧପରିକର ବୋଲି କହିଛନ୍ତି।

● ପାଲଲହଡ଼ା ପାଇଁ ଗୌରବ ଆଣିଲେ ସ୍ମୃତିରଞ୍ଜନ

## ଓସିଏସ୍ ପରୀକ୍ଷାରେ ୧୪୩ ର୍‍ୟାଙ୍କ



ପାଲଲହଡ଼ା,୨୭ ।୯ (ସମିସ): ସଦ୍ୟ ପ୍ରକାଶିତ ଓସିଏସ୍ ପରୀକ୍ଷା ଫଳ ପାଲଲହଡ଼ା ପାଇଁ ଖୁସି ଖବର ଆଣିଦେଇଛି। ପାଲଲହଡ଼ାର ବରିଷ୍ଠ ଆଇନଜୀବୀ ବିନୋଦ କୁମାର ସାହୁଙ୍କ ସାନପୁଅ ସ୍ମୃତିରଞ୍ଜନ ସାହୁ ୧୪୩ ର୍‍ୟାଙ୍କ ସହ କୃତକାର୍ଯ୍ୟ ହୋଇଛନ୍ତି। ସ୍ମୃତିରଞ୍ଜନ ୨୦୧୩ରେ ମାଟ୍ରିକ ପାସ୍ କରିଥିବା ବେଳେ ୨୦୧୯ରେ ଏନଆଇଟି ରାଉରକେଲାରୁ ବି-ଟେକ୍ ଡିଗ୍ରୀ କରିଥିଲେ। ୨୦୨୩ରେ ଆଇଆଇଟି ଦିଲ୍ଲୀରୁ ଏମ୍-ଟେକ୍ କରି ବର୍ତ୍ତମାନ ଭୁବନେଶ୍ୱର ମହାନଗର ନିଗମର ଆସିଷ୍ଟାଣ୍ଟ କମିଶନର ଭାବେ କାର୍ଯ୍ୟରତ ଅଛନ୍ତି। ସ୍ମୃତିରଞ୍ଜନଙ୍କ ଏହି ସଫଳତା ପାଲଲହଡ଼ା ପାଇଁ ଗର୍ବ ଆଣିଦେଇଛି।

## ଓସିଏସ୍ ପରୀକ୍ଷାରେ କଣିହାଁର ସୁଦୀପ୍ତା ନାଏକ କୃତକାର୍ଯ୍ୟ



କଣିହାଁ,୨୭ ।୯ (ସମିସ): ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷା ୨୦୨୩ରେ କଣିହାଁ ବ୍ଲକ ଗଦାଶିଳା ଗ୍ରାମର ଟିକନ ନାଏକ ଓ ସେବତୀ ନାଏକଙ୍କ ଝିଅ ସୁଦୀପ୍ତା ନାଏକ (୨୫) ୩୦୫ ସ୍ଥାନ ହାସଲ କରି କୃତିତ୍ୱ ଅର୍ଜନ କରିଛନ୍ତି। ଏହି ସଫଳତାର ଶ୍ରେୟ ସେ ତାଙ୍କ ବାପାମାଆ, ଶିକ୍ଷକ, ପରିବାର ସଦସ୍ୟ ଓ ସମ୍ପର୍କୀୟଙ୍କୁ ଦେଇଛନ୍ତି। ଗଦାଶିଳା ୟୁପି ସ୍କୁଲରେ ପ୍ରାଥମିକ ଶିକ୍ଷା ଓ ବିଜିଗୋଳ ପଞ୍ଚାୟତ ହାଇସ୍କୁଲରେ ମାଧ୍ୟମିକ ଶିକ୍ଷା ହାସଲ ପରେ ଭୁବନେଶ୍ୱର ରମାଦେବୀ ମହିଳା ମହାବିଦ୍ୟାଳୟରେ ଉଚ୍ଚଶିକ୍ଷା ଲାଭ କରିଥିଲେ। ପରେ ଇଞ୍ଜିନିୟରିଂ ଶିକ୍ଷା ଗ୍ରହଣ କରି ସିଭିଲ ସର୍ଭିସ ପରୀକ୍ଷା ପାଇଁ ପ୍ରସ୍ତୁତି ଚଳାଇଥିଲେ। ପ୍ରଥମ ପ୍ରଚେଷ୍ଟାରେ ସଫଳତା ହାସଲ କରି ଅଞ୍ଚଳ ପାଇଁ ଗୌରବ ଆଣିଦେଇଛନ୍ତି।

ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ

# ପର୍ଯ୍ୟଟନର ବିକାଶ ଦ୍ୱାରା ସାମାଜିକ, ଆର୍ଥିକ ବିକାଶ ହେବ

ଢେଙ୍କାନାଳ,୨୭ ।୯ (ସମିସ)




ଢେଙ୍କାନାଳ ଜିଲ୍ଲା ପର୍ଯ୍ୟଟନ ବିଭାଗ ପକ୍ଷରୁ ସ୍ଥାନୀୟ ପର୍ଯ୍ୟଟନ ଉନ୍ନୟନ କାର୍ଯ୍ୟାଳୟ ସଭାଗୃହରେ ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ ହୋଇଛି। ଜିଲ୍ଲା ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ଜଗଦୀଶ ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ ଡ. ଦେବୀପ୍ରସାଦ ମିଶ୍ର, ମୁଖ୍ୟବକ୍ତା ଭାବେ କଳାସଂସ୍କୃତି ସଂଘ ଉପସଭାପତି ସାହିତ୍ୟିକ କବି ଅବନୀ ମିଶ୍ର ଯୋଗଦେଇଥିଲେ। ଜିଲ୍ଲାକୁ ବିଶ୍ୱର କୋଣ ଅନୁକୋଣରୁ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରାଯିବା ପାଇଁ ସରକାର ପର୍ଯ୍ୟଟନର ବିକାଶ ପାଇଁ ସମସ୍ତ ପ୍ରଚେଷ୍ଟା ଜାରି ରଖିଛନ୍ତି। କୋଭିଡ ମହାମାରୀ ସମୟରେ ଦେଶବ୍ୟାପୀ ଲକଡାଉନ ଯୋଗୁଁ ପର୍ଯ୍ୟଟନ କ୍ଷେତ୍ର ବିଶେଷ ଭାବେ ପ୍ରଭାବିତ ହୋଇଥିଲା। ବର୍ତ୍ତମାନ ସ୍ୱାଭାବିକ ସ୍ଥିତିରେ ଏହି କ୍ଷେତ୍ରର ବ୍ୟାପକ ଅଭିବୃଦ୍ଧି କରାଯାଇଛି। ଏହାଦ୍ୱାରା ଘରୋଇ ଓ ଆନ୍ତର୍ଜାତିକ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇଛି। ସାମାଜିକ ଓ ଆର୍ଥିକ ବିକାଶକୁ ଗୁରୁତ୍ୱ ଦେବା ଉଦ୍ଦେଶ୍ୟରେ ସରକାରଙ୍କ ପକ୍ଷରୁ ଢେଙ୍କାନାଳକୁ ଆକାଂକ୍ଷୀ ଜିଲ୍ଲା ତାଲିକାରେ ସାମିଲ କରାଯାଇଛି। ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ଢେଙ୍କାନାଳ ପ୍ରତିବର୍ଷ ଶତାଧିକ ପର୍ଯ୍ୟଟକଙ୍କୁ ଏହି ସ୍ଥାନକୁ ଆସିବା ପାଇଁ ଆକୃଷ୍ଟ କରିଛି। କପିଳାସ, ଯୋରନ୍ଦା, ସପ୍ତଶଯ୍ୟା, ଢେଙ୍କାନାଳ ରାଜବାଟୀ ଏଠାକାର ପର୍ଯ୍ୟଟନର ବିକାଶ ପାଇଁ ଅପାର ସମ୍ଭାବନା ରଖିଛି। ଜାଗର ସମୟରେ କପିଳାସ ମହାଦେବ ମନ୍ଦିରରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥାଏ। ପ୍ରସିଦ୍ଧ ଯୋରନ୍ଦାରେ ମହିମା ଧର୍ମର ପ୍ରଚାରକ ମହିମା ଗୋସାଇଁଙ୍କ ସମାଧିସ୍ଥଳ ଅଛି। ସେଠାରେ ଶୂନ୍ୟମନ୍ଦିର, ଧୁନିମନ୍ଦିର, ଗାଦିମନ୍ଦିର ରହିଛି। ଯୋରନ୍ଦା ମେଳା ସମୟରେ ଏଠାରେ ଅନେକ ଶ୍ରଦ୍ଧାଳୁଙ୍କ ସମାଗମ ହୁଏ। ଢେଙ୍କାନାଳ ରାଜବାଟୀ ମଧ୍ୟ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରେ। ପର୍ଯ୍ୟଟନର ବିକାଶ ଦ୍ୱାରା ସାମାଜିକ, ଆର୍ଥିକ ବିକାଶ ହେବ ଏବଂ ତୃଣମୂଳ ସ୍ତରରେ ଜୀବନଜୀବିକା ମାନର ଉନ୍ନତି ହେବ ବୋଲି ଅତିଥିମାନେ କହିଥିଲେ।

ଏହି ଅବସରରେ ସ୍ଥାନୀୟ ସୁଲକ୍ଷଣା ଦେବୀ ସରକାରୀ ଉଚ୍ଚ ବିଦ୍ୟାଳୟ ସଭାଗୃହରେ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ ସାଧାରଣଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ଜିଲ୍ଲା ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ରାୟର, ଶିକ୍ଷାବିତ ଡ. ମିଶ୍ର ଓ ସୁଲକ୍ଷଣା ଦେବୀ ସରକାରୀ ଉଚ୍ଚ ବିଦ୍ୟାଳୟର ଭୋକେସନାଲ୍ ଇନଷ୍ଟ୍ରକଟର ସୁଜିତ କୁମାର ଦାଶ ବିଚାରକ ଏବଂ କଳାସଂସ୍କୃତି ସଂଘ ଉପସଭାପତି ସାହିତ୍ୟି ମିଶ୍ର ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇଥିଲେ। ମହାବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାରେ ଢେଙ୍କାନାଳ ଢେଙ୍କାନାଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଏକାଦଶ ଶ୍ରେଣୀ ଛାତ୍ର ସୌମ୍ୟ ପ୍ରିୟଦର୍ଶନ ପ୍ରଥମ, ଦ୍ୱାଦଶ ଶ୍ରେଣୀ ଛାତ୍ର ଦୁର୍ଗାପ୍ରସାଦ ମିଶ୍ର ଦ୍ୱିତୀୟ ଓ ଏକାଦଶ ଶ୍ରେଣୀ ଛାତ୍ର ରାହୁଲ ବେହେରା ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ଉଚ୍ଚ ବିଦ୍ୟାଳୟ ସ୍ତରରେ ଆୟୋଜିତ ସାଧାରଣଜ୍ଞାନ ପ୍ରତିଯୋଗିତାରେ ପିଏମଶ୍ରୀ ବ୍ରଜନାଥ ବଡ଼ଜେନା ସରକାରୀ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର ଭାର୍ଗବ ପୃଷ୍ଟି ପ୍ରଥମ ଓ ପ୍ରିୟାଂଶୁ ସାମଲ ତୃତୀୟ ଏବଂ ସୁଲକ୍ଷଣା ଦେବୀ ସରକାରୀ ଉଚ୍ଚ ବିଦ୍ୟାଳୟର ୯ମ ଶ୍ରେଣୀ ଛାତ୍ରୀ ସ୍ନେହାଂଶୀ ମହାପାତ୍ର ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ୧ମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ୧୫୦୦ ଟଙ୍କା, ୨ୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ୧ ହଜାର ଟଙ୍କା ଓ ୩ୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ୮ଶହ ଟଙ୍କା ଲେଖାଏଁ ଆର୍ଥିକ ପୁରସ୍କାର ସହ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ଜଳବିଭାଜିକା କମିଟି ଅଗୋଚରରେ ଲକ୍ଷାଧିକ ଟଙ୍କାର ବିଲ୍



କଙ୍କଡ଼ାହାଡ଼,୨୭ ।୯ (ସମିସ): ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ ଗଡ଼ପଳାଶୁଣୀ ପଞ୍ଚାୟତ ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନାରେ ଜରଡ଼ା ଦେହୁରୀହତା ଜଳବିଭାଜିକା କମିଟିରେ ହୋଇଥିବା ବିଲ୍ ସମ୍ପୂର୍ଣ୍ଣ ବେଆଇନ ବୋଲି ଅଭିଯୋଗ ହୋଇଛି। ଚାଷୀଙ୍କ ସହାୟତା ରାଶି ହଡ଼ପ କରାଯାଇଥିବା କମିଟି ସଦସ୍ୟ ଏବଂ ହିତାଧିକାରୀ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଜରଡ଼ା ଦେହୁରୀହତା ଗ୍ରାମକୁ ନେଇ ଗଠିତ ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା ଅଧୀନରେ ବାଲିଚେତନା ନାଳ ୧ ଜଳବିଭାଜିକା କମିଟି ଗଠନ ହୋଇଛି। ଏହି କମିଟିରେ ମୋଟ ୧୪ଜଣ ସଦସ୍ୟ ଥିବାବେଳେ କୌଣସି ସଦସ୍ୟଙ୍କୁ ନ ପଚାରି କମିଟି ସଭାପତି ଏବଂ ସମ୍ପାଦକ ମନମୁଖି ଭାବେ ଲକ୍ଷାଧିକ ଟଙ୍କା ବିଲ୍‌କରି ହେରଫେର କରିଥିବା ଅଭିଯୋଗ ହୋଇଛି। କମିଟିର ବିନା ଅନୁମୋଦନରେ ଏତେ ସବୁ ପ୍ରକଳ୍ପ କାମ କିପରି କରାଗଲା ତାହା ସନ୍ଦେହ ସୃଷ୍ଟି କରିଛି। ଏନେଇ କମିଟି ସଦସ୍ୟ ଶୁଭେନ୍ଦୁ ସାହୁ, ରବି ସାହୁ, ରୋହିତ ସାହୁ, ନଳିନୀ ସାହୁ, ସନ୍ଧ୍ୟାରାଣୀ ସାହୁ, ସାଧୁ ନାଏକ, କୌଶଲ୍ୟା ସିଂହ, ଲକ୍ଷ୍ମଣ ସାହୁ, ରାଧାମଣି ପଧାନ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ଉଭୟ ଗ୍ରାମର ଚାଷୀଙ୍କୁ ଆତ୍ମନିର୍ଭର କରିବା ପାଇଁ ଛେଳି ଚାଷ, କୁକୁଡ଼ା ପାଳନ, ପନିପରିବା ଚାଷ ପାଇଁ ସରକାରଙ୍କ ତରଫରୁ ୧୬ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ମାତ୍ର ତଞ୍ଚକତା କରି କମିଟି ସମ୍ପାଦକ ଅନ୍ୟ ଜଣେ ସଦସ୍ୟଙ୍କ ସହାୟତାରେ ଯେଉଁ ଚାଷୀଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ଯାଇଥିଲା ସେମାନଙ୍କଠାରୁ ଡରେଇ ଧମକେଇ ଘର କାଟିଦେବୁ ଏବଂ ଏ ଟଙ୍କା ଅଫିସର ନେବେ କହି ଟଙ୍କାକୁ ପୁନଶ୍ଚ ନେଇଗଲେ। ଏ ନେଇ କଙ୍କଡ଼ାହାଡ଼ଠାରେ ସୋମବାର ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିରରେ ଶୋଷଣର ଶିକାର ହେଇଥିବା ହିତାଧିକାରୀମାନେ ଅଭିଯୋଗ କରିଥିଲେ। ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ତାଗିଦ କରିବା ସହ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟ ଏକ ଅଭିଯୋଗ ମୁତାବକ ଉଭୟ ଗ୍ରାମରେ ଥିବା ପୁରୁଣା ପୋଖରୀକୁ ନୂଆ ଦର୍ଶାଇ ଜଳବିଭାଜିକା ତରଫରୁ ମିଥ୍ୟା ବିଲ୍ ଏବଂ ମନରେଗା ଯୋଜନାରେ ସମାନ ପୋଖରୀକୁ ବ୍ଲକ ଏବଂ ପଞ୍ଚାୟତ ତରଫରୁ ପୁନଃରୁଦ୍ଧାର ଯୋଜନାରେ ଦେହୁରୀହତାରେ ଥିବା କୁସୁମମୁଣ୍ଡା ପୋଖରୀ ପାଇଁ ଲକ୍ଷାଧିକ ଟଙ୍କା ହଡ଼ପ କରାଯାଇଛି। ଏହାର ତଦନ୍ତ କରି ସତ୍ୟାସତ୍ୟ ଉନ୍ମୋଚନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏପରିକି ଏହି ଦୁର୍ନୀତିର ତଦନ୍ତ କରିବା ପାଇଁ ଗ୍ରାମବାସୀ ଭିଜିଲାନ୍ସର ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି।

**ଅଭିଯୋଗ ଆଣିଲେ କମିଟି ସଦସ୍ୟ**

ଶାରଦୀୟ ନବରାତ୍ର ପୂଜାର ଷଷ୍ଠ ଦିବସ

## ମା' ତାରିଣୀ ଓ ବନଦୁର୍ଗାଙ୍କ କାତ୍ୟାୟନୀ ବେଶ

ଢେଙ୍କାନାଳ,୨୭ ।୯ (ସମିସ): ବିଭିନ୍ନ ଦେବୀପୀଠରେ ଶାରଦୀୟ ନବରାତ୍ର ଜାରି ରହିଛି। ଷଷ୍ଠ ଦିନରେ ସ୍ଥାନୀୟ ଗାନ୍ଧୀ ମନ୍ଦିର ରୋଡ଼ସ୍ଥିତ ମା' ତାରିଣୀଙ୍କ ପୀଠରେ ମା'ଙ୍କ କାତ୍ୟାୟନୀ ବେଶ ଅନୁଷ୍ଠିତ ହୋଇଛି। ସକାଳୁ ମଙ୍ଗଳ ଆଳତି, ମହାସ୍ନାନ, ନୂତନ ବସ୍ତ୍ର, ବିଭିନ୍ନ ପ୍ରକାର ଫୁଲହାର, ଭୋଗ ଲାଗି କରାଯାଇଥିଲା। ମଧ୍ୟାହ୍ନରେ ମହାସ୍ନାନ କରାଯାଇ ମା' କାତ୍ୟାୟନୀ ବେଶ ଅନୁଷ୍ଠିତ ହୋଇଥିଲା। ଷୋଡ଼ଶ ଉପଚାରରେ ପୂଜା କରାଯାଇ ୧୦୦୮ ବେଲପତ୍ର ଲାଗି ହୋଇଥିଲା। ମଣ୍ଡଳ ପୂଜା, କଳସ ପୂଜା, ସପ୍ତଚଣ୍ଡୀ ପାଠ, ସପ୍ତଚଣ୍ଡୀ ଆହୁତି, ସନ୍ଧ୍ୟା ଆଳତି ପରେ ପହଡ଼ ପଡ଼ିଥିଲା। ପୂଜକ ଲିଙ୍ଗରାଜ ପତି ଶର୍ମା, ମନ୍ଦିର ପୂଜକ ଆପୁଲ ରଣା ଓ କମିଟିର ସମସ୍ତ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ପୂଜା ଅନୁଷ୍ଠିତ ହୋଇଥିଲା।





ସେହିପରି କୁଞ୍ଜକାନ୍ତସ୍ଥିତ ମା' ବନଦୁର୍ଗାଙ୍କ ପୀଠରେ ନବରାତ୍ର ପୂଜାର ଷଷ୍ଠ ଦିବସରେ କାତ୍ୟାୟନୀ ବେଶ ଅନୁଷ୍ଠିତ ହୋଇଛି। ପୂଜକ କାମାକ୍ଷାପ୍ରସାଦ କରଶର୍ମା, ଚିତ୍ତରଞ୍ଜନ ଦାସଶର୍ମା, ମନ୍ଦିର ପୂଜକ ସୂର୍ଯ୍ୟକାନ୍ତ ମିଶ୍ରଶର୍ମା, କର୍ତ୍ତା ରଞ୍ଜନ ପାଣି, ମିନତୀ ପାଣି, ଦେବାଶିଷ ମହାପାତ୍ର, ମୌସୁମୀ ପଣ୍ଡିତ ଓ କମିଟି ସମସ୍ତ କର୍ମକର୍ତ୍ତାଙ୍କ ଉପସ୍ଥିତି ପୂଜା ଅନୁଷ୍ଠିତ ହୋଇଥିଲା।

## କୁଶପଡ଼ା ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ



ଢେଙ୍କାନାଳ,୨୭ ।୯ (ସମିସ): ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ କୁଶପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଉଦଘାଟିତ ହୋଇଛି। ପ୍ରଧାନଶିକ୍ଷୟିତ୍ରୀ ଅନିତା ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ମୁଖ୍ୟଅତିଥି ଭାବେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ଅତିରିକ୍ତ ଶିକ୍ଷା ଅଧିକାରୀ ସୌମ୍ୟାଶ୍ରୀ ପଣ୍ଡା, କୁଶପଡ଼ା ସରପଞ୍ଚ ଅନିତା ନାୟକ, ସମିତି ସଭ୍ୟା ସ୍ନିଗ୍ଧାରାଣୀ ଭଞ୍ଜ, ଟାଟା ଷ୍ଟିଲ ମେରାମଣ୍ଡଳୀ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ଅତିରିକ୍ତ ଅଧିକାରୀ କୁମାର ସୌରଭ, ବିଦ୍ୟାଳୟର ପ୍ରତିଷ୍ଠାତା ନିତ୍ୟାନନ୍ଦ ବେହେରା, ବିଜେପି ନେତ୍ରୀ ଇତିଶ୍ରୀ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଧାନଶିକ୍ଷୟିତ୍ରୀ ଜେନା ବାର୍ଷିକ ବିବରଣୀ ପାଠ କରିବା ସହ ବିଦ୍ୟାଳୟର ଅଭାବ ଅସୁବିଧା ସମ୍ପର୍କରେ ଅତିଥିମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଦ୍ୟାଳୟର ଅଭାବ ଅସୁବିଧା ଦୂର ପାଇଁ ସହାୟତା ଯୋଗାଇ ଦେବାକୁ ବିଧାୟିକା ଓ ସାଂସଦ ଟାଟାଷ୍ଟିଲକୁ ଅନୁରୋଧ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ପୂର୍ବତନ ଶିକ୍ଷକ ଶିକ୍ଷୟିତ୍ରୀ ଓ ବିଦ୍ୟାଳୟ ପ୍ରତିଷ୍ଠାରେ ସହଯୋଗ କରିଥିବା ବ୍ୟକ୍ତିବିଶେଷଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା।

# ଜଳବାୟୁ ସ୍ମାର୍ଟ କୃଷି ଓ ସରକାରୀ ଯୋଜନା ସହ ସମ୍ପୃକ୍ତୀକରଣ ବୈଠକ

ଭୁବନ,୨୭ ।୯ (ସମିସ)



ଏଚଡିଏଫସି ବ୍ୟାଙ୍କ ପରିବର୍ତ୍ତନ ସହାୟତାରେ ଢେଙ୍କାନାଳ ଜିଲ୍ଲା ଭୁବନ ଓ କଙ୍କଡ଼ାହାଡ଼ ବ୍ଲକରେ ମହାଶକ୍ତି ଫାଉଣ୍ଡେସନ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଚିରନ୍ତନ ପ୍ରକଳ୍ପ ଅଧୀନରେ ସରକାରୀ ଯୋଜନା ଓ କାର୍ଯ୍ୟକ୍ରମଗୁଡ଼ିକର କାର୍ଯ୍ୟକାରିତା ସମ୍ପର୍କରେ ମକୁଆକାଟେଣିସ୍ଥିତ ଅଧିକାର ପ୍ରୋଜେକ୍ଟ କାର୍ଯ୍ୟାଳୟରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ କଙ୍କଡ଼ାହାଡ଼ ବ୍ଲକର ୫ ପଞ୍ଚାୟତରୁ ୫୦ରୁ ଅଧିକ କୃଷକ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟା ଯୋଗଦେଇ ଜଳବାୟୁ ପରିବର୍ତ୍ତନ ସହଣି ଚାଷ ସମ୍ପର୍କିତ ନିଜର ଅଭିଜ୍ଞତା ଏବଂ ଆବଶ୍ୟକତା ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ଅତିଥି ଭାବେ ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ମିନତି ବେହେରା, ଉଦ୍ୟାନ ଅଧିକାରୀ ଅନନ୍ତ ଚରଣ ବେହେରା, କୃଷି ଅଧିକାରୀ ଛାୟାକାନ୍ତ ନାୟକ, ମରୁଆବିଲି ନାଏବ ସରପଞ୍ଚ ରବିନାରାୟଣ ସାହୁ ଯୋଗଦେଇ ବିଭିନ୍ନ ସରକାରୀ ଯୋଜନା ବିଷୟରେ ଲୋକୁ ଅବଗତ କରାଇଥିଲେ। ଜଳବାୟୁ ପରିବର୍ତ୍ତନ ପରିପ୍ରେକ୍ଷୀରେ ଚାଷୀମାନଙ୍କ ଆର୍ଥିକ ଉନ୍ନତି, ମୃତ୍ତିକା ସ୍ୱାସ୍ଥ୍ୟ, ଫସଲରେ ରୋଗପୋକ ପରିଚାଳନା, ସୌରଶକ୍ତି ଆଧାରିତ ଜଳସେଚନ, ବର୍ଷାଜଳ ପରିଚାଳନା, ବୁନ୍ଦା ଜଳସେଚନ, କୃଷକ କ୍ଷେତ୍ର ବିଦ୍ୟାଳୟ ଓ ଜଳସମ୍ପଦର ସୁବିନିଯୋଗ ତଥା ନିରାପଦ ଖାଦ୍ୟ ଉତ୍ପାଦନ ପାଇଁ ପ୍ରକଳ୍ପ ଚିରନ୍ତନ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଭିଭିନ୍ନ ମଡେଲ ଉପରେ ପ୍ରକଳ୍ପ ମ୍ୟାନେଜର ବୁଧନାଥ ପଣ୍ଡା ଉପସ୍ଥାପନ କରିଥିଲେ।

କୃଷି ବିଶେଷଜ୍ଞ ଆଶୁତୋଷ ପାଲ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଏବଂ ଜଳବାୟୁ ପରିବର୍ତ୍ତନ ସହଣି କୃଷି ବ୍ୟବସ୍ଥାର ବିଭିନ୍ନ ଉଦାହରଣ ସହ ସରକାରୀ ଯୋଜନାଗୁଡ଼ିକ ସହିତ ସମ୍ପୃକ୍ତୀକରଣର ଯଥାର୍ଥତା ଉପରେ ଆଲୋଚନା କରିଥିଲେ। ଅଧିକାର ପ୍ରୋଜେକ୍ଟ ମ୍ୟାନେଜର ହେମନ୍ତ ନାୟକ ମାକୁଆକାଟେଣି ରାଇବୋଲ ବଲିକୁମା ମରୁଆବିଲି ଅଞ୍ଚଳରେ ବାସ କରୁଥିବା ଲୋକମାନେ ବିଭିନ୍ନ ସରକାରୀ ଯୋଜନାର ସୁବିଧା କିପରି ପାଇପାରିବେ ସେ ବିଷୟରେ ବୁଝାଇଥିଲେ। କଙ୍କଡ଼ାହାଡ଼ ବ୍ଲକ କୋଅର୍ଡିନେଟର ମାନସ କୁମାର ନାଥ ଧନ୍ୟବାଦ ଅର୍ପଣ କରିଥିଲେ।




ସକାଳ
THE SAKALA



# ଜିଲ୍ଲାପାଳଙ୍କ ଉନ୍ନୟନ ଯୋଜନାର ସମୀକ୍ଷା



ରାଜନଗର,୨୭।୯(ସମିସ): କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟର ଶନିବାର ପୂର୍ବାହ୍ନରେ ରାଜନଗର ବ୍ଲକ୍ ସମିଳନୀ କକ୍ଷରେ ବିଭିନ୍ନ ଉନ୍ନୟନ ଯୋଜନାର ସମୀକ୍ଷା କରିଛନ୍ତି। ଗ୍ରାମାଞ୍ଚଳ ଗୃହ ଯୋଜନା, ଅନ୍ତୋଦୟ ଗୃହ ଯୋଜନା, ଜାତୀୟ ମହାତ୍ମା ଗାନ୍ଧୀ କର୍ମନିଯୁକ୍ତି ଯୋଜନା, ବିକଶିତ ଗାଁ ଓ ବିକଶିତ ଓଡ଼ିଶା ଯୋଜନାର କାର୍ଯ୍ୟକାରିତା ସମ୍ବନ୍ଧରେ ସମ୍ପୃକ୍ତ ଅଧିକାରୀଙ୍କ ସହ ଆଲୋଚନା କରିବା ସହିତ ଏହାର ଅଗ୍ରଗତି ଉପରେ ଗୁରୁତ୍ୱ ଦେଇଥିଲେ । ଏହି ସମୀକ୍ଷା ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ବିଡିଓ ଅନିରୁଦ୍ଧ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ସମୀକ୍ଷା ବୈଠକରେ ବ୍ଲକ୍‌ର ସହକାରୀ ନିର୍ବାହୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ପାଳିମି ଜନତା ବିଦ୍ୟାଳୟରେ ମେଧାବୃତ୍ତି ପ୍ରଦାନ ଉତ୍ସବ

ଗୋବିନ୍ଦପୁର,୨୭।୯(ସମିସ): ଆଜି ବ୍ଲକ୍ ଅନ୍ତର୍ଗତ ପାଳିମି ଜନତା ନୋଡାଲ ଉଚ୍ଚବିଦ୍ୟାଳୟରେ ମେଧାବୃତ୍ତି ପ୍ରଦାନ



ଉତ୍ସବ ଅନୁଷ୍ଠିତ ହୋଇଛି। ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ବିଦ୍ୟାଳୟରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ର ସୌମ୍ୟ ସୁମନ ଦାସଙ୍କୁ ବସନ୍ତ ମହାନ୍ତି ସ୍ମୃତି କମିଟି ଆବାହକ ଦୁର୍ଗାପ୍ରସାଦ ଦାସ ନଗଦ ୧୦ ହଜାର ଟଙ୍କା ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର ସିନିୟର ବିଭାଗରେ ଛାତ୍ର ପଦ୍ମଲୋଚନ ପଣ୍ଡା, ଛାତ୍ରୀ ଶୁଭଲକ୍ଷ୍ମୀ ପତି ଓ ଜୁନିୟରରେ ଛାତ୍ରୀ କିରଣ ବେହେରା, ବର୍ଷାରାଣୀ ପଣ୍ଡାଙ୍କୁ କୁଳମଣି ଦାସ ମେମୋରିଆଲ ଟ୍ରଷ୍ଟ ଆବାହକ ଦିଲ୍ଲୀପ ଦାସ ୨୫୦୦ ଟଙ୍କା ଲେଖାଏଁ ପୁରସ୍କାର ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଶୁଭସ୍ମିତା ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଦୁର୍ଗାପ୍ରସାଦ ମହାନ୍ତି, ଦିଲ୍ଲୀପ ଦାସ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଓ କ୍ରୀଡ଼ା କ୍ଷେତ୍ରରେ ସଫଳ ହେବାକୁ ପରାମର୍ଶ ଦେଇଥିଲେ।

# ଧାନ ବିଲରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

ଡେରାବିଶ,୨୭।୯(ସମିସ): ଏଣ୍ଡର ପଞ୍ଚାୟତ ଅନ୍ତର୍ଗତ ଅରାଖଣ୍ଡ ଗ୍ରାମର ଏକ ଧାନ ବିଲରୁ ଆଜି ସକାଳୁ ଜଣେ ବୃଦ୍ଧଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସେ ୯ ଦିନ ପୂର୍ବେ ନିଖୋଜ ଥିଲେ। ଖବର ପାଇ ଡେରାବିଶ ଥାନା ପୁଲିସ ପହଞ୍ଚି ବୃଦ୍ଧଙ୍କ ମୃତଦେହକୁ ଜବତ କରି କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ



ବ୍ୟବଚ୍ଛେଦ କରାଇବା ସହିତ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଡେରାବିଶ ଥାନାରେ ଏକ ଅପମୃତ୍ୟୁ ମାମଲା ୫/୨୫ରେ ରୁଜୁ କରାଯାଇ ତଦନ୍ତ ଚାଲିଛି। କଟକ ଜିଲ୍ଲା ଭଦେଶ୍ୱର ଥାନା ଅଧୀନ ଓଲକଣା ଗ୍ରାମର ଗୌରାଙ୍ଗ ମହାରଣା (୭୫) ଗତ ୧୯ ତାରିଖ ସକାଳୁ ଘରୁ ବାହାରି ଘରକୁ ଫେରି ନ ଥିଲେ। ବହୁ ଖୋଜା ଖୋଜି ପରେ ତାଙ୍କର କୌଣସି ପତ୍ତା ମିଳି ନ ଥିଲା। ତାଙ୍କ ଝିଅ ପୁଷ୍ପଲତା ମହାରଣା ସେଦିନ ଭଦେଶ୍ୱର ଥାନାରେ ତାଙ୍କ ବାପାଙ୍କ ନିଖୋଜ ସମ୍ପର୍କରେ ଅଭିଯୋଗ କରିଥିଲେ। ଆଜି ଅରାଖଣ୍ଡ ମୌଜାର କିଛି ଚାଷୀ ବିଲକୁ ଯାଇଥିବାବେଳେ ଗୌରାଙ୍ଗ ଏକ ବିଲରେ ମରିପଡ଼ିଥିବା ଦେଖିବାକୁ ପାଇଥିଲେ। ଏ ସମ୍ପର୍କରେ ପ୍ରଚାର ହୋଇଯିବାରୁ ଗୌରାଙ୍ଗଙ୍କ ପରିବାର ସେଠାରେ ପହଞ୍ଚି ଚିହ୍ନଟ କରିବା ସହିତ ଥାନାକୁ ଖବର ଦେଇଥିଲେ। ଗୌରାଙ୍ଗ ମୃତଦେହ ଡେରାବିଶ ଥାନା ଅଧୀନରେ ଉଦ୍ଧାର ହୋଇଥିବାରୁ ଡେରାବିଶ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ତଦନ୍ତ ଚଳାଇଛି।

# ୭ ବର୍ଷ ପରେ ୯ ନୂଆ ସିଆର୍‌ସିସି ମନୋନୀତ

ପଞ୍ଚୁପାଣ୍ଡବ,୨୭।୯(ସମିସ): ଡେରାବିଶ ବ୍ଲକ ଶିକ୍ଷା ବିଭାଗ ଅଧୀନ ୧୭ଟି କ୍ଲଷ୍ଟର ଥିବାବେଳେ ନୂତନ ସିଆରସିସି ଭାବେ ୯ ଜଣଙ୍କୁ ମନୋନୀତ କରାଯାଇଛି। ପ୍ରାୟ ୭ ବର୍ଷ ଧରି ନୂତନ ସିଆରସିସି ନିଯୁକ୍ତି ଦେବାରେ ଶିକ୍ଷା ବିଭାଗ ବିଫଳ ହୋଇଥିଲା। ୨୦୨୪ରେ ସିଆରସିସି ପଦ ପାଇଁ ପରୀକ୍ଷା ହୋଇଥିବାବେଳେ କୌଣସି କାରଣରୁ ବାତିଲ ହୋଇଥିଲା। କେତେକ ସିଆରସିସି ୨ରୁ ୩ଟି କ୍ଲଷ୍ଟର ଦାୟିତ୍ୱ ତୁଲାଇଥିଲେ। ଏ ନେଇ ବାରମ୍ବାର ଦାବି ହୋଇଥିଲେ ସୁଦ୍ଧା କୌଣସି ଅଧିକାରୀ ପଦକ୍ଷେପ ନେଇ ନ ଥିଲେ। ଏହି ପଦ ପାଇଁ ୫ ବର୍ଷରେ ଥରେ ବଦଳି ହେବ କଥା। କିନ୍ତୁ କେତେକ ସିଆରସିସି ୭ ବର୍ଷ ପର୍ଯ୍ୟନ୍ତ ରହି ଦାୟିତ୍ୱ ତୁଲାଇଥିବା ଦେଖିବାକୁ ମିଳିଥିଲା। ବିଳମ୍ବରେ ହେଉ ପଛେ ଶିକ୍ଷା ବିଭାଗ ପକ୍ଷରୁ ୧୭ଟି କ୍ଲଷ୍ଟର ପାଇଁ ୯ ଜଣ ମନୋନୀତ ହୋଇଥିବାବେଳେ ପୂର୍ବରୁ ୬ ଜଣ ସିଆରସିସି ଭାବେ କାର୍ଯ୍ୟ କରୁଛନ୍ତି। ୨ଟି କ୍ଲଷ୍ଟରପାଇଁ ଖାଲିରହିବ ବୋଲି ଜଣାପଡ଼ିଛି। ନୂଆ ସିଆରସିସି ଭାବେ ତ୍ରିଲୋଚନ ମଲିକଙ୍କୁ ଛୋଟି, ଅକ୍ଷୟ ପୋଥାଳଙ୍କୁ ସୁଦର୍ଶନ କ୍ଲଷ୍ଟର, ସୁବାସ ପଣ୍ଡାଙ୍କୁ କୁସୁନପୁର କ୍ଲଷ୍ଟର, ପ୍ରକାଶ ନାୟକଙ୍କୁ ରାମଚନ୍ଦ୍ର କ୍ଲଷ୍ଟର, ହରେକୃଷ୍ଣ କରଙ୍କୁ କୁଶିଆପାଳ, ନିରଞ୍ଜନ ମଲିକଙ୍କୁ ବାଘିଲୋ ବାବନପୁର, ନିର୍ମଳ ଜେନାଙ୍କୁ ହାଟବାଣପୁର କ୍ଲଷ୍ଟର, ମନୋଜ ନାୟକଙ୍କୁ ପଞ୍ଚାୟତ ୟୁପିଏସ ନାନକାର ଓ ସୋନମ୍‌ଲକ୍ଷ୍ମୀ ସ୍ୱାଇଁଙ୍କୁ ଜଅାଁରା ବାରିମୂଳ କ୍ଲଷ୍ଟର ପାଇଁ ମନୋନୀତ କରାଯାଇଥିବା ଜଣାପଡ଼ିଛି।

## ଲାଗିରହିଛି ଲଘୁଚାପଜନିତ ବର୍ଷା

# ଧୋଇଯିବ ଦୁର୍ଗାପୂଜା ମାହୋଲ

## ସବୁ ମହଲରେ ଚିନ୍ତା ଓ ଉତ୍କଣ୍ଠା

ପଟ୍ଟାମୁଣ୍ଡାଇ,୨୭।୯(ସମିସ)

ସମ୍ପ୍ରତି ଲଘୁଚାପଜନିତ ବର୍ଷାରେ ଧୋଇଯିବାକୁ ବସିଛି ଦୁର୍ଗାପୂଜା ମାହୋଲ। ଏ ନେଇ ସବୁ ମହଲରେ ଚିନ୍ତା ଓ ଉତ୍କଣ୍ଠା ପ୍ରକାଶ ପାଇଛି। ଗତ କିଛିଦିନ ଧରି ଲଘୁଚାପଜନିତ ଲଗାଣବର୍ଷା ଓ ବାରମ୍ବାର ବନ୍ୟା ଯୋଗୁଁ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ଦୁଃଖ ଓ ଯନ୍ତ୍ରଣାରେ ଦିନ କାଟୁଥିବା ଲୋକେ ଖୁସି ଓ ଆନନ୍ଦ ପାଇଁ ଦୁର୍ଗାପୂଜା ଉତ୍ସବକୁ ଚାତକ ପରି ଅନାଇ ରହିଥିଲେ। ତେବେ ଲଘୁଚାପଜନିତ ବର୍ଷା ଏଥିରେ ଭଙ୍ଗା ପକାଇବାକୁ ଯାଉଛି। ଆଜକୁ ପ୍ରାୟ ଶହେ ବର୍ଷରୁ ଊର୍ଦ୍ଧ୍ୱ ଧରି ପଟ୍ଟାମୁଣ୍ଡାଇ ଅଞ୍ଚଳରେ ପାଳିତ ହୋଇଆସୁଛି ଶାରଦୀୟ ଦୁର୍ଗାପୂଜା ଉତ୍ସବ। ସାମ୍ପ୍ରଦାୟିକ ସଂପ୍ରୀତିର ସହର ଭାବେ ସୁଖ୍ୟାତି ଅର୍ଜନ କରିଥିବା ପଟ୍ଟାମୁଣ୍ଡାଇର ସ୍ୱତନ୍ତ୍ର ବିଶେଷତ୍ୱ ରହିଛି। ଏଠାରେ ଉଭୟ ହିନ୍ଦୁ ଓ ମୁସଲମାନ ସମ୍ପ୍ରଦାୟର ଲୋକେ ଦୁର୍ଗାପୂଜା ଉତ୍ସବକୁ ମିଳିତ ଭାବେ ଆନନ୍ଦ ଉଲ୍ଲାସର ସହିତ ପାଳନ କରିଥା'ନ୍ତି। କିନ୍ତୁ



ସବୁ କିଛି ପାଣିରେ ପକାଇ ଦେଇଛି ଲଘୁଚାପଜନିତ ଲଗାଣ ବର୍ଷା। ଚଳିତବର୍ଷ ଶାରଦୀୟ ଦୁର୍ଗାପୂଜା ଉତ୍ସବରେ ପଟ୍ଟାମୁଣ୍ଡାଇ ସହରରେ ୨୭ଟି ମେଢ଼ ପୂଜା ଉତ୍ସବର ଶୋଭାବର୍ଦ୍ଧନ କରିବାକୁ ଯାଉଛନ୍ତି। ଅପୂର୍ବ ସାଜସଜ୍ଜା ସହ ପ୍ରସ୍ତୁତ ହେଉଛି ପ୍ରତ୍ୟେକ ମେଢ଼ ଓ ପୂଜା ଉତ୍ସବର ମାହୋଲକୁ ଅଧିକ ମନୋରମ ଓ ଆକର୍ଷଣୀୟ କରିବା ପାଇଁ ମୀନା ବଜାରଠାରୁ ଆରମ୍ଭ କରି ଅନେକ ମନୋରଞ୍ଜନକାରୀ ସଂସ୍ଥା ତାଙ୍କର ସରଞ୍ଜାମ ଧରି ପଟ୍ଟାମୁଣ୍ଡାଇରେ ହାଜର ହୋଇଛନ୍ତି। ତେବେ ସବୁ ଆଶା ଓ ସ୍ୱପ୍ନକୁ ପାଣି ଫୋଟକା ଭଳି ମିଳାଇ ଦେଇଛି ଲଗାଣ ବର୍ଷା। ଲଗାଣ ବର୍ଷା ଯୋଗୁଁ ପଟ୍ଟାମୁଣ୍ଡାଇ ସହର ଜଳାର୍ଣ୍ଣବ ହୋଇପଡିବା ସହିତ ସହରର ବିଭିନ୍ନ ସ୍ଥାନରେ ବର୍ଷା ପାଣି ସୁଅ ଛୁଟୁଛି। ସତେ ଯେମିତି ଶାରଦୀୟ ଦୁର୍ଗା ପୂଜା ଉତ୍ସବ ଉପରେ ପ୍ରକୃତି ଦାଉ ସାଜିଛି। ପଟ୍ଟାମୁଣ୍ଡାଇ ସବଡିଭିଜନ ହସ୍ପିଟାଲ, ପଶୁ ଡାକ୍ତରଖାନା ବ୍ଲକ ଅଫିସ, ଯଜ୍ଞ ପଡିଆ,





ଷ୍ଟେଟ ବ୍ୟାଙ୍କ, ସବରେଜିଷ୍ଟ୍ରାର ଅଫିସ ଆଦିରେ ବର୍ଷା ପାଣି ଭରି ରହିଛି। ଏଥିସହିତ ହସ୍ପିଟାଲ ଛକଠାରୁ ପଟ୍ଟାମୁଣ୍ଡାଇ କଲେଜ ରୋଡ୍ ଖାଦିମ ସୋରୁମ ସମ୍ମୁଖ ରାସ୍ତା ଓ ସରକାରୀ ବାଳିକା ହାଇସ୍କୁଲ ରାସ୍ତାରେ ବର୍ଷା ପାଣି ଲହଡି ଭାଙ୍ଗୁଛି। ପଟ୍ଟାମୁଣ୍ଡାଇ ଯଜ୍ଞ ପଡ଼ିଆରେ ମୀନା ବଜାର ପଡିବା ପାଇଁ ପ୍ରସ୍ତୁତ ହେଉଥିବାବେଳେ ଯଜ୍ଞ ପଡ଼ିଆ ବର୍ଷା ପାଣିରେ ବୁଡି ରହିଥିବାରୁ ମୀନା ବଜାର ପଡିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ପଟ୍ଟାମୁଣ୍ଡାଇ ସହରରୁ ଜଳ ନିଷ୍କାସନ ପାଇଁ ଆବଶ୍ୟକ ଡ୍ରେନ ନ ଥିବାରୁ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ପଟ୍ଟାମୁଣ୍ଡାଇ ଅଞ୍ଚଳର ଅନନ୍ୟ ଗଣପର୍ବ ଭାବେ ପରିଚିତ ଶାରଦୀୟ ଦୁର୍ଗାପୂଜା ଉତ୍ସବ ପାଇଁ ଘରେ ଘରେ ବନ୍ଧୁବାନ୍ଧବ ଓ କୁଣିଆଙ୍କ ଭିଡ଼ ଲାଗି ଥିବାବେଳେ ବର୍ଷକରେ ଥରେ ବିଭିନ୍ନ ବ୍ୟବସାୟ କରି ଲାଭବାନ ହେବାକୁ ଆଶା ରଖିଥିବା ବ୍ୟବସାୟୀ ଲଗାଣ ବର୍ଷା ଦେଖି ଚିନ୍ତିତ ହୋଇପଡିଛନ୍ତି। ଲଗାଣ ବର୍ଷା ଯୋଗୁଁ ଫିକା ପଡିବାକୁ ଯାଉଥିବା ପଟ୍ଟାମୁଣ୍ଡାଇ ଅଞ୍ଚଳର ଶାରଦୀୟ ପୂଜା ଉତ୍ସବକୁ ବିପୁଳ ଆନନ୍ଦ ଉଲ୍ଲାସର ପାଳନ କରିବା ପାଇଁ ଅରକ୍ଷିତକୁ ଦଇବ ସାହା ନ୍ୟାୟରେ ଭଗବାନ ଭରସା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

# ନବନିଯୁକ୍ତ ଜିଲ୍ଲା କଂଗ୍ରେସ ସଭାପତିଙ୍କୁ ରାଜକନିକା ବ୍ଲକ୍‌ରେ ସମ୍ବର୍ଦ୍ଧନା

ରାଜକନିକା,୨୭।୯(ସମିସ): ଗତକାଲି ପିସିସି ପକ୍ଷରୁ ସମସ୍ତ ୩୫ଟି ସାଂଗଠନିକ ଜିଲ୍ଲା ପାଇଁ ନୂତନ ସଭାପତିଙ୍କ ନାମ ଘୋଷଣା କରାଯାଇଥିବାବେଳେ କେନ୍ଦ୍ରାପଡ଼ା ଜିଲ୍ଲା ପାଇଁ ଆଳି ନିର୍ବାଚନମଣ୍ଡଳୀର ଟାଣୁଆନେତ୍ରୀ ତଥା ପିସିସି ସମ୍ପାଦିକା ଡା. ଦେବସ୍ମିତା ଶର୍ମାଙ୍କୁ ଦାୟିତ୍ୱ ମିଳିବା ପରେ ଜିଲ୍ଲା କଂଗ୍ରେସ କର୍ମୀଙ୍କ ମଧ୍ୟରେ ଉତ୍ସାହ ଖେଳିଯାଇଛି। ଜିଲ୍ଲା କଂଗ୍ରେସର ପ୍ରଥମ ମହିଳା ସଭାପତି ଭାବେ ଏହି ନିଯୁକ୍ତି ମିଳିବା ପରେ ସମସ୍ତ



କର୍ମୀ ବେଶ ଉତ୍ସାହିତ ଥିବାବେଳେ ଆଳି ନିର୍ବାଚନମଣ୍ଡଳୀର ରାଜକନିକା ବ୍ଲକ କଂଗ୍ରେସ କର୍ମୀ ବାଣ ଫୁଟାଇ, ମିଠାବାଣ୍ଟି ଉତ୍ସବ ମନାଇଥିବାବେଳେ ପ୍ରତି ପଞ୍ଚାୟତର କର୍ମୀ ଆଜି ଦେବସ୍ମିତାଙ୍କୁ ଭେଟି ଅଭିନନ୍ଦନ ଓ ସମ୍ବର୍ଦ୍ଧିତ କରିଛନ୍ତି।

# 'ଆମ ଦଶହରା ଗୀତ' କ୍ୟାସେଟ୍ ମୁକ୍ତିଲାଭ



ରାଜନଗର,୨୭।୯(ସମିସ): ଶାରଦୀୟ ଦୁର୍ଗାପୂଜା ଅବସରରେ କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗରର ଦୁର୍ଗାପୂଜାକୁ ନେଇ ରାଜନଗର ପ୍ରେସ କ୍ଲବ ପରିବାର ପକ୍ଷରୁ ମୁକ୍ତଲାଭ କରିଛି ଭିନ୍ନ ଏକ ସଙ୍ଗୀତ "ଆମ ଦଶହରା ଗୀତ' କ୍ୟାସେଟ୍। ରାଜନଗରର ମୁଖ୍ୟ ଦୁର୍ଗା ମଣ୍ଡପଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଶରତ ଚନ୍ଦ୍ର ମହାପାତ୍ର, ମୁଖ୍ୟବକ୍ତା ଭାବେ କଥାକାର ତଥା ସଂଗୀତାକର ପ୍ରଦୀପ ନାୟକ, ସମ୍ମାନିତ ଅତିଥି ଭାବେ ପଣ୍ଡିତ ଶଙ୍କର୍ଷଣ ମିଶ୍ର ଯୋଗଦେଇ ସଙ୍ଗୀତ କ୍ୟାସେଟ୍‌କୁ ଲୋକାର୍ପଣ କରି ପ୍ରଶଂସା କରିଥିଲେ। ବ୍ଲକ ସଦର ମହକୁମା ରାଜନଗର ଓ ପାର୍ଶ୍ୱବର୍ତ୍ତୀ ସାନବଡ଼ ଗୋପାଳପୁରରେ ଦୁର୍ଗାପୂଜା ସମୟରେ ବିଭିନ୍ନ ପୂଜା ମଣ୍ଡପରେ ପୂଜା ପାଉଥିବା ଦେବାଦେବୀଙ୍କ ନାମ ଓ ସ୍ଥାନକୁ ନେଇ ପ୍ରସ୍ତୁତ ହୋଇଥିବା ଏହି ସ୍ୱତନ୍ତ୍ର ସଙ୍ଗୀତକୁ ରଚନା କରିଛନ୍ତି ଓଡ଼ିଶାର ଯୁବ ଗୀତିକାର କୁମାର ଲିଟନ ଓ କଣ୍ଠଦାନ କରିଛନ୍ତି ସନ୍ଦୀପ ସାହୁ ଓ ପ୍ରୀତିରେଖା। ଏହାକୁ ସଙ୍ଗୀତରେ ସଜାଇଛନ୍ତି ସଙ୍ଗୀତ ନିର୍ଦ୍ଦେଶକ ସୀତାଂଶୁ ରାଉତ। ଏହି କାର୍ଯ୍ୟକ୍ରମକୁ ସାମ୍ବାଦିକ ଦୋଳଗୋବିନ୍ଦ ଜେନା ସଂଯୋଜନା କରିଥିବାବେଳେ ପ୍ରେସ୍ ପରିବାରର ବସନ୍ତ ହାତି, ଜଗନ୍ନାଥ ଦାସ, ବିଜୟ ଗୁପ୍ତା, ତ୍ରିଲୋଚନ ଦାସ, ତାପସ ପରିଡ଼ା, ଅଭିରାମ ଦାସ ଓ ରାଜେନ୍ଦ୍ର ପଢ଼ିହାରୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ସଂଗୀତଟି ଦଶହରା ପୂଜା ଅବସରରେ ରାଜନଗରର ସମସ୍ତ ପୂଜା ମଣ୍ଡପରେ ଡାକବାଜି ଯନ୍ତ୍ରରେ ବଜାଇବାକୁ ପ୍ରେସ ପରିବାର ପକ୍ଷରୁ ନିବେଦନ କରାଯାଇଛି।

# ଶ୍ରୀଜଗନ୍ନାଥ କଲେଜ ପୁରାତନ ଛାତ୍ରଛାତ୍ରୀଙ୍କ ଆଲୁମିନାଲ ମିଟ୍



ରାଜନଗର,୨୭।୯(ସମିସ): ରାଜନଗରସ୍ଥ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ପରିସରରେ ଉଦ୍ଭିଦ ବିଜ୍ଞାନ ବିଭାଗର ପୁରାତନ ଛାତ୍ରଛାତ୍ରୀଙ୍କ ଆଲୁମିନାଲ ମିଟ ଅନୁଷ୍ଠିତ ହୋଇଛି। ଅଧ୍ୟକ୍ଷ ମନୋରଞ୍ଜନ ମହାନ୍ତି ଯୋଗଦେଇ ଆଲୁମିନାଲ ମିଟର ଗୁରୁତ୍ୱ ସମ୍ପର୍କରେ ସୂଚନା ଦେଇଥିଲେ। ବିଭାଗର ମୁଖ୍ୟ ଅଧ୍ୟାପିକା ରାଜଶ୍ରୀ ସାମନ୍ତ ପ୍ରତ୍ୟେକ ପୁରାତନ ଛାତ୍ରଛାତ୍ରୀଙ୍କ ମହାବିଦ୍ୟାଳୟ ପ୍ରତି ଆନୁଗତ୍ୟକୁ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟାପିକା ଅନୁସୟା ବେହେରା, କବିତା ସାମନ୍ତରାୟ ଉପସ୍ଥିତ ଥିଲେ। ପରେ ଏକ କମିଟି ଗଠନ କରାଯାଇ ସଭାପତି ଭାବେ ସୁଜିତ ସ୍ୱାଇଁ, ଉପସଭାପତି ଭାବେ ଶକ୍ତିରଂଜନ ମିଶ୍ର, ସମ୍ପାଦକ ରତ୍ନାକର ସେଠୀ, ସହକାରୀ ସମ୍ପାଦକ ପୂଜାରାଣୀ ସ୍ୱାଇଁ ଓ କୋଷାଧ୍ୟକ୍ଷ ଭାବେ ଶାରଦା ପାତ୍ର ନିର୍ବାଚିତ ହୋଇଥିଲେ।

# ସଂସ୍କୃତ ବିଭାଗରେ ସ୍ୱାଗତ ଉତ୍ସବ

ଡେରାବିଶ,୨୭।୯(ସମିସ): ଚାଦୋଳସ୍ଥ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟର ସଂସ୍କୃତ ବିଭାଗରେ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଅଧ୍ୟାପିକା ଶ୍ରୀମତୀ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷ ପ୍ରାଧ୍ୟାପକ ଅକ୍ଷୟ ବଳ ଓ ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ବିନୟ ଷଡ଼ଙ୍ଗୀ ଯୋଗଦେଇ ସଂସ୍କୃତ ଭାଷାର ଇତିହାସ ଓ ଉପାଦେୟତା ବିଷୟରେ ବର୍ଣ୍ଣନା କରିଥିଲେ। ଅଧ୍ୟାପିକା ମେନକା ପଣ୍ଡା ଜଗନ୍ନାଥଙ୍କ ଭଜନ ଗାନ କରିବା ସହିତ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରେରଣାଦାୟୀ ବକ୍ତବ୍ୟ ରଖିଥିଲେ। ଅଧ୍ୟକ୍ଷ ଶ୍ରୀ ବଳ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିବା ସହ ଆଶ୍ରୀବଚନ ପ୍ରଦାନ କରିଥିଲେ। ବିଭାଗୀୟ ମୁଖ୍ୟ ଶ୍ରୀମତୀ ଦାସ ଅତିଥି ପରିଚୟ ପ୍ରଦାନ କରିବା ସହ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଅଧ୍ୟାପିକା ସ୍ମୃତିରେଖା ପଣ୍ଡା ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ପେପର ପ୍ଲେଟ୍ ଓ ଦୋନା କ୍ଲଷ୍ଟର ଉଦ୍‌ଘାଟିତ




କେନ୍ଦ୍ରାପଡ଼ା,୨୭।୯(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ୍ ବାଛରା ପଞ୍ଚାୟତରେ ଶ୍ରଦ୍ଧା ସୁମନ ପେପର ପ୍ଲେଟ୍ ଓ ଦୋନା କ୍ଲଷ୍ଟର ଉଦଘାଟିତ ହୋଇଯାଇଛି। ଜିଲ୍ଲାପାଳ ରଘୁରାମ ଆର ଆୟର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି କ୍ଲଷ୍ଟରର ଉଦଘାଟନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଓରମାସର ଡେପୁଟି ସିଇଓ ନିରଦ ଜେନାଙ୍କ ସମେତ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଚାଷୀଙ୍କୁ ଚାରା ବଣ୍ଟନ

ପଟ୍ଟାମୁଣ୍ଡାଇ, ୨୭।୯(ସମିସ): ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳର ତରଡିପାଳଠାରେ ଚାଷୀଙ୍କୁ ଚାରା ବଣ୍ଟନ କରାଯାଇଛି। ଏ ଅବସରରେ ବୃକ୍ଷରୋପଣ, ସଫେଇ କାର୍ଯ୍ୟକ୍ରମ ଓ ରକ୍ତଦାନ ଶିବିର କାର୍ଯ୍ୟକ୍ରମ କରାଯାଇଥିଲା। କୃଷକ ମୋର୍ଚ୍ଚାର ରାଜ୍ୟ ସଂଯୋଜକ ସୁରଥ ସେଠୀ ଯୋଗଦେଇ ଚାଷୀଙ୍କୁ ୫୦୦ରୁ ଊର୍ଦ୍ଧ୍ୱ ଚାରା ବଣ୍ଟନ କରିଥିଲେ। ସଫେଇ କାର୍ଯ୍ୟକ୍ରମରେ ତରଡିପାଳର ମା' ତାରିଣୀ ମନ୍ଦିର ପରିସର ସଫେଇ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରତ୍ନାକର ସେଠୀ, ବାବୁଲି ମଲ୍ଲିକ, ଅଶୋକ ମଲ୍ଲିକ, ଜିତେନ୍ଦ୍ର ନାଥ, ନାରଦ ବିଶ୍ୱାଳ, ସୁବ୍ରତ ଦାସ, ଟିକିନା ନାଥ, ବିଭୂରଞ୍ଜନ ସେଠୀ, ପ୍ରମୋଦ ଖଟୁଆ, ନୃସିହ ମଲ୍ଲିକ, ହୃଷିକେଶ ସେଠୀ, ସୁଶାନ୍ତ ମଲ୍ଲିକ, ଅକ୍ଷୟ ମଲ୍ଲିକ, ସମର ବିଶ୍ୱାଳ, ଦିଲ୍ଲୀପ ଜେନା, ସନାତନ ଦାସ, ବିଜୟ ମଲ୍ଲିକ, ନିର୍ମଳ ରାଉତ, ଜିତେନ ନାଥଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

# ରକ୍ତଦାନ ଶିବିର, ୧୭୨ ୟୁନିଟ୍ ସଂଗୃହୀତ

ଗରଦପୁର,୨୭।୯(ସମିସ): ପାଟକୁରା ବିଜେପି ପକ୍ଷରୁ ଗରଦପୁର ବ୍ଲକ୍ କୋରୁଆସ୍ଥ ନୋଡାଲ ଆଇଟିଆଇ ମହାବିଦ୍ୟାଳୟ ପରିସରରେ ରାଜ୍ୟ ମୁଖପାତ୍ର ତେଜେଶ୍ୱର ପରିଡ଼ାଙ୍କ ତତ୍ତ୍ୱାବଧାନରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଏହି ଶିବିରରେ ୧୭୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପାଟକୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ପ୍ରଶାସକ ଡ. ନିରଞ୍ଜନ କର, ରାଜ୍ୟ କୃଷକ ମୋର୍ଚ୍ଚା ସମ୍ପାଦକ ବିକ୍ରମ କେଶରୀ ରାଉତରାୟ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ବିଜୟ ନାୟକ, ଚିତ୍ତରଞ୍ଜନ ଚୌଧୁରୀ, ସରପଞ୍ଚ ଅମୀୟ ଜେନା, ମାନସ ରାଉତ, ନୟନ ବଲ୍ଲଭ ନାୟକ, ଗୁରୁଚରଣ ଜେନା, ଗୁଣନିଧି ଦାସ, ବିଜ୍ଞାନରତ୍ନ ସୂତାର, ନାରୀନେତ୍ରୀ ଶାନ୍ତିଲତା ପଟ୍ଟନାୟକ, ଚିତ୍ତରଞ୍ଜନ ସେଠୀ, ମୃତ୍ୟୁଞ୍ଜୟ ଲେଙ୍କା, ମନୋଜ ମଲ୍ଲିକ, ସଞ୍ଜୟ ସ୍ୱାଇଁଙ୍କ ସମେତ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀଙ୍କ ସହ ପାଟକୁରାର ବିଜେପି କର୍ମୀ ଯୋଗ ଦେଇଥିଲେ।

## ସ୍କୁଲ ରାସ୍ତା ଅବରୋଧ ହଟାଇବା ଘଟଣା

# ଅତିରିକ୍ତ ତହସିଲଦାରଙ୍କୁ ୬ ଘଣ୍ଟା ଅଟକ ରଖିଲେ ଗ୍ରାମବାସୀ

ରାଜକନିକା, ୨୭।୯ (ସମିସ)

ତିନଦିନ ପୂର୍ବେ ସ୍କୁଲ ରାସ୍ତା ଅବରୋଧ ହଟାଇବାକୁ ପ୍ରତିଶ୍ରୁତି ଦେଇ ଅତିରିକ୍ତ ତହସିଲଦାର ଆଜି ପୁଣି ସେହି ଅବରୋଧକୁ ସ୍ୱୀକୃତି ଦେଇ ଓଲଟା କାର୍ଯ୍ୟ କରିବା ଦେଖି ଗାଁ ଲୋକଙ୍କ ହାବୁଡ଼ରେ ପଡି ୬ ଘଣ୍ଟା ଅଟକ ରହିଥିଲେ। ତେବେ ଦୁଇ ମାସ ମଧ୍ୟରେ ରାସ୍ତାକୁ ସମ୍ପୂର୍ଣ୍ଣ ଜବରଦଖଲମୁକ୍ତ କରିବାକୁ ପ୍ରତିଶ୍ରୁତି ଦେବା ପରେ ଛାଡ଼ ପାଇଛନ୍ତି। ଆଜି କନିକା ତହସିଲର ଅତିରିକ୍ତ ତହସିଲଦାର ଦେବବଲ୍ଲଭ ସେଠୀ ଦିନ ୧୨.୩୦ ମିନିଟଠାରୁ ସନ୍ଧ୍ୟା ୬.୩୦ ମିନିଟ ପର୍ଯ୍ୟନ୍ତ ଅଟକ ରହିଥିଲେ।

ଗତ ୨୪ ତାରିଖ ଦିନ ଶ୍ରୀ ସେଠୀ ଛାତ୍ରଛାତ୍ରୀ ଓ ଗ୍ରାମବାସୀଙ୍କ ଧାରଣା ଆଗରେ ନିଜ ହାତରେ ଅବରୋଧକାରୀଙ୍କ ଜବରଦଖଲ ହଟାଇ ସିମେଣ୍ଟ ଖୁଣ୍ଟ ଓ ତା'ର



**ପ୍ରତିଶ୍ରୁତି ପରେ ଛାଡ଼ ପାଇଲେ**

ବାଡ଼ ହାତରେ ପକାଇଥିଲେ, ଆଜି ପୁଣି ଓଲଟି ଯାଇ ପୁଲିସ ଫୋର୍ସ ନେଇ ସେହି ବାଡ଼କୁ ଫିଟାଇ ଜବରଦଖଲକାରୀଙ୍କ ପାଇଁ ଓକିଲାତି କରି ହଟହଟା ହୋଇଥିଲେ। ତାଙ୍କର ଏଭଳି କାମକୁ ରାଜକନିକା ଥାନା ତ୍ରୈଲୋକ୍ୟପୁର ପଞ୍ଚାୟତ ରାଉତବର୍ଦ୍ଧନୀ ଗ୍ରାମବାସୀ ବିରୋଧ କରି ଗାଡି ଆଗରେ ବସି ରହିବା ସହ ୬ ଘଣ୍ଟା ଅଟକ ରଖିଥିଲେ। ଶେଷରେ ଅତିରିକ୍ତ ତହସିଲଦାର ଗ୍ରାମବାସୀଙ୍କ ଦାବି ଆଗରେ ମୁଣ୍ଡ ନୁଆଁଇ ଅବରୋଧ ହଟାଇବାକୁ ପ୍ରତିଶ୍ରୁତି ଦେବା ପରେ ମୁକୁଳିଥିଲେ। ରାଉତବର୍ଦ୍ଧନୀ ଗ୍ରାମର ପ୍ରାଥମିକ ବିଦ୍ୟାଳୟ ଓ ଅଙ୍ଗନବାଡି କେନ୍ଦ୍ରକୁ ସଂଯୋଗ କରିଥିବା ଏକମାତ୍ର ରାସ୍ତାକୁ ସେହି ଗ୍ରାମର ସୁକାନ୍ତ ସାହୁ ଜବରଦଖଲ କରି ରଖିବା ସହ ସେହି ଜାଗାରେ ଗୁହାଳ ଘର କରିଛନ୍ତି। ଏହି ଜବରଦଖଲ ହଟାଇବାକୁ ଗାଁ ନିଶାପ, ଜିଲ୍ଲାପାଳଙ୍କୁ ଅଭିଯୋଗ, ତହସିଲରେ ଗୁହାରି ପରେ ଗତ ୧୫ ତାରିଖ ଦିନ ଛାତ୍ରଛାତ୍ରୀ ଓ ଅଭିଭାବକ କନିକା ତହସିଲରେ ଦୀର୍ଘ ୯ ଘଣ୍ଟା ଧାରଣା ଦେଇ ଅବରୋଧ ହଟାଯିବା ପ୍ରତିଶ୍ରୁତି ପାଇଥିଲେ। ମାତ୍ର ସପ୍ତାହକ ମଧ୍ୟରେ କିଛି ନ ହେବାରୁ ପୁଣି ଛାତ୍ରଛାତ୍ରୀ ୨୪ ତାରିଖ ଦିନ ଅବରୋଧ ସ୍ଥଳରେ ଧାରଣା ଦେଇଥିଲେ। ଦୁଇଥର ଧାରଣା ଓ ଆନ୍ଦୋଳନ ପରେ ସେଦିନ ଅତିରିକ୍ତ ତହସିଲଦାର ଦେବବଲ୍ଲଭ ସେଠୀ ସ୍କୁଲ ରାସ୍ତା ଅବରୋଧକୁ ନିଜେ ହଟାଇ ସେହି ସ୍ଥାନରେ ସିମେଣ୍ଟ ଖୁଣ୍ଟ ଓ ଲୁହା ତାର ବାଡ଼ ଦେଇ ଆସିଥିଲେ ଓ ଗୁହାଳ ଭାଙ୍ଗିବାକୁ କହିଥିଲେ। ଏହାର ୩ ଦିନ ପରେ ଆଜି ମଧ୍ୟାହ୍ନ ୧୨.୩୦ରେ ପୁଲିସ ଫୋର୍ସ, ଆରଆଇ, ଅମିନଙ୍କୁ ନେଇ ଅତିରିକ୍ତ ତହସିଲଦାର ନିଜେ ପକାଇଥିବ ବାଡ଼କୁ କାଟି ଜବରଦଖଲକାରୀଙ୍କ ସପକ୍ଷରେ ଯିବା ଦେଖି ଗାଁ ଲୋକେ ତାଙ୍କୁ ଘେରଉ କରି ଗାଡ଼ି ଆଗରେ ବସି ରହିଥିଲେ। ବହୁ ବୁଝାସୁଝା ଓ ପ୍ରତିଶ୍ରୁତି ପରେ ସନ୍ଧ୍ୟା ୬. ୩୦ରେ ଦୁଇମାସ ମଧ୍ୟରେ ସ୍କୁଲ ରାସ୍ତାରୁ ସମ୍ପୂର୍ଣ୍ଣ ଜବରଦଖଲ ହଟାଇବାକୁ ପ୍ରତିଶ୍ରୁତି ଦେବାରୁ ଛାଡ଼ ପାଇଥିବା ଜଣାପଡ଼ିଛି।

# ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ହୃଦ୍‌ଘାତରେ ମୃତ୍ୟୁ

ଡେରାବିଶ, ୨୭।୯ (ସମିସ): ଡେରାବିଶ ବ୍ଲକ୍‌ରେ କାର୍ଯ୍ୟରତ ଥିବା ପଞ୍ଚାୟତ ନିର୍ବାହୀ ଅଧିକାରୀ ଶିବପ୍ରସାଦ ହାଁସଦାଙ୍କ ଗତକାଲି ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ଶ୍ରୀ ହାଁସଦା କାଉପଡ଼ା ପଞ୍ଚାୟତରେ ନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ। ସେ ଶୋଇଥିବାବେଳେ ହଠାତ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ପରିବାର ଲୋକ କେନ୍ଦ୍ରାପଡ଼ା ମେଡ଼ିକାଲ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶ୍ରୀ ହାଁସଦାଙ୍କ ମୃତ୍ୟୁରେ ଡେରାବିଶ ବିଡିଓ ନମିତା ବାରିକ, ଏବିଡିଓ ମୃଣ୍ମୟ ରାଉତ ଓ ଅନ୍ୟ କର୍ମଚାରୀ ଶୋକ ପ୍ରକାଶ କରିଛନ୍ତି। ତାଙ୍କ ମରଶରୀରକୁ ଡେରାବିଶ ବ୍ଲକ୍ କାର୍ଯ୍ୟାଳୟ ପରିସରକୁ ନିଆଯାଇଥିଲା। ସେଠାରେ ସାମାଜିକ ସୁରକ୍ଷା ଅଧିକାରୀ ଚୌଧୁରୀ ଦୀପକ, ଦେବେଶ ବେହେରା, ଶିବପ୍ରସାଦ ରାଉତରାୟ, ସଂଗ୍ରାମ ଜେନାଙ୍କ ସମସ୍ତ କର୍ମଚାରୀ ଓ ସମସ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ବାର୍‌ହା ଆକ୍ରମଣରେ କଙ୍କଡ଼ା ଧରାଳି ଆହତ

ମହାକାଳପଡ଼ା,୨୭।୯(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ୍ ବଟୀଘର ପଞ୍ଚାୟତ ବଟୀଘର ଗ୍ରାମର ଶଙ୍କର ଜାନା ହେଟା ମୁଣ୍ଡିଆ ଜଙ୍ଗଲକୁ କଙ୍କଡ଼ା ଧରିବାକୁ ଯାଇଥିବାବେଳେ ବାର୍‌ହା ଆକ୍ରମଣର ଶିକାର ହୋଇଥିଲେ। ସାଥୀ କଙ୍କଡା ଧରାଳି ତାଙ୍କୁ ଉଦ୍ଧାର କରି ବଟୀଘର ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ଶଙ୍କରଙ୍କ ଗୋଡ଼, ହାତରେ କ୍ଷତ ସୃଷ୍ଟି ହୋଇଛି।



# ଓସିଏସ୍ ପରୀକ୍ଷାରେ ୧୧୩ ରାଙ୍କରେ ରାଜେଶ



ରାଜଘାଟ, ୨୭।୯ (ସମିସ): ଚଳିତ ବର୍ଷର ଓପିଏସ୍‌ସି (ଓଡ଼ିଶା ପ୍ରଶାସନିକ ସେବା) ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଛି। ଉକ୍ତ ପରୀକ୍ଷାରେ ସମଗ୍ର ଓଡ଼ିଶାରୁ ୩୯୮ ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ବାଲେଶ୍ୱରର ପୁଅ ରାଜ୍ୟ ପାଇଁ ଗର୍ବ ଆଣିଛନ୍ତି। ସେ ହେଉଛନ୍ତି ବାଲେଶ୍ୱର ଜିଲ୍ଲା, ବସ୍ତା ବ୍ଲକ୍ ସନ୍ତୋଷପୁର ପଞ୍ଚାୟତ ଅନ୍ତର୍ଗତ ବେଣାପୁରା ଗ୍ରାମର ରାଜେଶ କୁମାର ମହାପାତ୍ର(୨୭)। ସେ ଦ୍ୱିତୀୟ ଉଦ୍ୟମରେ ଓସିଏସ୍ ପରୀକ୍ଷାରେ ୧୧୩ ନମ୍ବର ରାଙ୍କ ହାସଲ କରିଛନ୍ତି। ରାଜେଶଙ୍କ ବାପା ସ୍ୱର୍ଗତ ଭବାନୀ ଶଙ୍କର ମହାପାତ୍ର ଏକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଚାକିରି କରିଥିବା ବେଳେ ମାଆ ତୃପ୍ତିପ୍ରିୟା ଗୃହିଣୀ ଅଟନ୍ତି। ରାଜେଶ ଭେଲୋରା ରାଧାକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟରୁ ମାଟ୍ରିକ୍ ପାସ୍ କରିଥିବା ବେଳେ ସିଦ୍ଧି ବିନାୟକ ଆବାସିକ ଉଚ୍ଚମାଧ୍ୟମିକ ବିଦ୍ୟାଳୟରୁ ଯୁକ୍ତଦୁଇ ବିଜ୍ଞାନରେ ପାସ୍ ହୋଇଛନ୍ତି। ସେହିପରି ସିଦ୍ଧେଶ୍ୱର ମହାବିଦ୍ୟାଳୟରୁ ଯୁକ୍ତତିନି (ପଦାର୍ଥ ବିଜ୍ଞାନ ସମ୍ମାନ) ପାସ୍ କରିଛନ୍ତି। ସେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ପ୍ରତିଷ୍ଠାନରେ ଓସିଏସ୍ ପାଇଁ ପ୍ରସ୍ତୁତି ଚଳାଇଥିଲେ। ପ୍ରକାଶ ଥାଉକି ରାଜେଶଙ୍କ ବାପା ସ୍ୱର୍ଗତ ମହାପାତ୍ର ୪ ବର୍ଷ ପୂର୍ବେ ଗୁରୁଦିବସ ଦିନ ବିଦ୍ୟାଳୟରୁ ଘରକୁ ଫେରୁଥିବା ସମୟରେ ଭୋଲୋରା ତାରିଣୀ ଛକ ନିକଟରେ ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିଲେ। ବାପାଙ୍କର ମୃତ୍ୟୁର କୋହକୁ ଚାପି ଧରି ଅକ୍ଲାନ୍ତ ପରିଶ୍ରମ ବଳରେ ଏଭଳି କୃତିତ୍ୱ ଅର୍ଜନ କରିଥିବାରୁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜଣାଯାଇଛି।

# ଜଳେଶ୍ୱର-ଚନ୍ଦନେଶ୍ୱର ରାସ୍ତା ଶୋଚନୀୟ

**ଅବିଳମ୍ବେ ମରାମତି ପାଇଁ ଦାବି ରଖିଲେ ଗୌତମବୁଦ୍ଧ**

ଭୋଗରାଇ,୨୭/୯ (ସମିସ): ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର - ଚନ୍ଦନେଶ୍ୱର ୫୭ ନଂ ରାଜ୍ୟ ରାଜପଥ ଏବେ ଶୋଚନୀୟ ହୋଇ ପଡ଼ିଛି। ରାସ୍ତା ସାରା ବିଭିନ୍ନ ସ୍ଥାନରେ ଗର୍ତ୍ତ ଓ ରାସ୍ତା ଅବରୋଧ ହୋଇଥିବାରୁ ଦୈନନ୍ଦିନ ଦୁର୍ଘଟଣା ଘଟି ଅକାଳରେ ବହୁ ଜୀବନ ଚାଲିଯାଉଛି। ହେଲେ ରାସ୍ତା ପ୍ରଶସ୍ତୀ କରଣ କିମ୍ବା ମରାମତି ହେଉନଥିବାରୁ ଲୋକଙ୍କ ଜୀବନ ଦୁର୍ବିସହ ହୋଇଛି। ଏହି ରାସ୍ତାରେ ଭୋଗରାଇ ସମେତ ପଡୋଶୀ ପଶ୍ଚିମବଙ୍ଗର ଲୋକ ନିର୍ଭର କରନ୍ତି। ପ୍ରାୟ ୪୦ କି.ମି. ଲମ୍ବା ଏହି ରାସ୍ତା ଦେଇ ପ୍ରସିଦ୍ଧ ବାବା ଚନ୍ଦନେଶ୍ୱର ଶୈବପୀଠ, ତାଳସାରି ଓ ଉଦୟପୁର ବେଳାଭୂମି ଏବଂ ପଶ୍ଚିମବଙ୍ଗର ଦୀଘା ଯିବା ପାଇଁ ଆଉ କିଛି ବିକଳ୍ପ ରାସ୍ତା ମଧ୍ୟ ନାହିଁ। ଏହି ରାସ୍ତାକୁ ଅବିଳମ୍ବେ ପ୍ରଶସ୍ତିକରଣ ଓ ମରାମତି କରିବା ପାଇଁ ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଭେଟି ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ତାଙ୍କ ବାସଭବନରେ ପହଞ୍ଚି ଲିଖିତ ଆବେଦନ କରିଛନ୍ତି। ମନ୍ତ୍ରୀ ମହୋଦୟ ମଧ୍ୟ ଏହାର ଗୁରୁତ୍ୱ ଉପଲବ୍‌ଧି କରି ଏବଂ ଏହାର ସର୍ଭେ ରିପୋର୍ଟ ଦେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଓ ପୂର୍ତ୍ତ ବିଭାଗ ତରଫରୁ ଏହି ରାସ୍ତାର ଉନ୍ନତିକରଣ ପାଇଁ ପ୍ରତିଶ୍ରୁତି ଦେଇ ଥିବାର ସୂଚନା ମିଳିଛି।

# ବାରିପଦା କଳାକାର ପକ୍ଷରୁ ଓଡ଼ିଶା ନାଟ୍ୟ ସଙ୍ଘ ଦିବସ ପାଳିତ




ବାରିପଦା, ୨୭।୯ (ସମିସ): ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ବାରିପଦା କଳାକାର ପରିବାର ସଙ୍ଘ ତରଫରୁ ୩୮ତମ ଓଡ଼ିଶା ନାଟ୍ୟ ସଙ୍ଘ ଦିବସ ପାଳିତ ହୋଇଯାଇଛି। ଓଡ଼ିଶା ନାଟ୍ୟ ସଙ୍ଘର ଉତ୍ତର ଓଡ଼ିଶା ଜୋନର ଉପସଭାପତି ରତିକାନ୍ତ ବେହେରାଙ୍କ ସଭାପତିତ୍ୱରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଓମ୍ ନାଟ୍ୟ ସଂସ୍ଥାର ପ୍ରତିଷ୍ଠାତା ତଥା ବିଶିଷ୍ଟ ଅଭିନେତା ଓ ନିର୍ଦ୍ଦେଶକ ଧୀର ବସା ଅତିଥି ଭାବେ ଯୋଗଦେଇ ମଞ୍ଚ ନାଟକ ପ୍ରତି ନାଟ୍ୟ ସଙ୍ଘର ଭୂମିକାକୁ ପ୍ରଶଂସା କରିଥିଲେ। ଓ ଶ୍ରୀ ବେହେରା ଓଡ଼ିଶା ନାଟ୍ୟ ସଙ୍ଘ ଦ୍ୱାରା ହାତକୁ ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ନୂପୁର ନାଟ୍ୟ ସଂସ୍ଥାର ମୁଖ୍ୟ ତଥା ବରିଷ୍ଠ ନିର୍ଦ୍ଦେଶକ ଓ ନାଟ୍ୟକାର ଡ. କୁମରମଣି ନାୟକ ନାଟକ ପ୍ରତି ନିଷ୍ଠାବାନ ହେବା ପାଇଁ ଯୁବ କଳାକାରଙ୍କୁ ଆହ୍ୱାନ ଦେଇଥିଲେ। ସଂଯୋଜକ ବ୍ରିଜେନ୍ଦ୍ର କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବାରିପଦା କଳାକାର ପରିବାର ଏକ ସାଧାରଣ ପରିଷଦ ବୈଠକ ସନ୍ତୋଷ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉପସଭାପତି ଅନଦାଶଙ୍କର ଦାଶ ଓ ପ୍ରକାଶ ଚନ୍ଦ୍ର ଦାଶ, ପୂର୍ବତନ ସଭାପତି ଧୀର ବସା ଓ ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଚିନ୍ମୟ ଦାସ ପଟ୍ଟନାୟକ ଓ କ୍ଷିରୋଦ ବିହାରୀ ସିଟ ଯୋଗଦେଇ ନିଜର ମତ ଉପସ୍ଥାପନ କରିଥିଲେ। ସମ୍ପାଦକ ଅସିତ କୁମର ଗିରି ସଫଳ ଆୟୋଜନ ପାଇଁ ଚିନ୍ମୟ ଦାସ ପଟ୍ଟନାୟକଙ୍କୁ ସାଧୁବାଦ ଜଣାଇଥିଲେ। ଆଗାମୀ ବର୍ଷ ବାରିପଦା କଳାକାର ପରିବାର ଦ୍ୱାରା ଏକ ରାଜ୍ୟସ୍ତରୀୟ ନାଟକ ଉତ୍ସବ ଆୟୋଜନ କରାଯିବ ବୋଲି ସେ ସୂଚନା ଦେଇଥିଲେ। ଏହି ଅବସରରେ ଧୀର ବସା, ଡ଼ କୁମରମଣି ନାୟକ ଓ ଚିନ୍ମୟ ଦାସ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ସନ୍ତୋଷ ମହାନ୍ତି, ରତିକାନ୍ତ ବେହେରା, ପ୍ରୟାସ ଶତପଥି ସତ୍ୟନାରାୟଣ ଦାସ, ବ୍ରିଜେନ୍ଦ୍ର ରାଉତ, କୁନ୍ଦନଲାଲ ଭଞ୍ଜ ଓ ମହେଶ ସାହୁଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅଶୋକ କୁମାର ପଟ୍ଟନାୟକ, ଜଗଦୀଶ ଚନ୍ଦ୍ର ଦାସ, ସମରେନ୍ଦ୍ର ବସା ଉପସ୍ଥିତ ଥିଲେ। ସମ୍ପାଦକ ଜ୍ଞାନରଞ୍ଜନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ୟୁପି ମହିଳାଙ୍କୁ ବାଲେଶ୍ୱରରେ ନିର୍ଯାତନା

ରାଜଘାଟ, ୨୭।୯ (ସମିସ)



- ୫ ବର୍ଷ ହେଲା ସ୍ୱାମୀ ଫେରାର
- ଶାଶୂଘର ଲୋକଙ୍କ ହତ୍ୟା ଉଦ୍ୟମ ଅଭିଯୋଗ ଆଣିଲେ ମହିଳା

ଯାହାକୁ ଭରସା କରି ବାହାର ରାଜ୍ୟରୁ ପରିବାର ସହିତ ସମ୍ପର୍କ କାଟି ଓଡ଼ିଶା ଆସିଥିଲେ ସେ ଧୋକା ଦେଇ ବିବାହର ସାତବର୍ଷ ପରେ ଦୁଇଟି ପୁଅ ଝିଅକୁ ଛାଡି ଅନ୍ୟ ଯୁବତୀଙ୍କ ସହିତ ପାଞ୍ଚ ବର୍ଷ ଧରି ଫେରାର ହୋଇଗଲା। ଶେଷରେ ଦୁଇ ପୁଅ ଝିଅକୁ ଧରି ନିଜର କୋହକୁ ଚାପି ଧରି ବସ୍ତା ଥାନା ଚକୁରି ଗାଁରେ ପଡ଼ିରହିଥିଲେ ପୂଜା। ଆଜି ପୂଜାଙ୍କ ସହିତ କୁନି କୁନି ପୁଅ ଝିଅକୁ ମାଡ ମାରି ଲହୁ ଲୁହାଣ କଲେ ସ୍ୱାମୀଙ୍କ ପରିବାର ଲୋକ। ସବୁଠାରୁ ସଙ୍ଗୀନ ବିଷୟ ପାରିବାରିକ ହିଂସା ବିଷୟରେ ପୂର୍ବରୁ ପୂଜା ବସ୍ତା ଥାନାରେ ଅଭିଯୋଗ କରିଥିଲେ ହେଲେ ପୁଲିସ କିଛି ବୁଝିବା ଆଗରୁ ବାହାର ରାଜ୍ୟର ଝିଅ ହୋଇଥିବାରୁ ଥାନାରୁ ବିଦା କରିଦେଇଥିଲା। ଏହାର ସୁଯୋଗ ନେଇ ଆଜି ପୂଜାଙ୍କ ଦିଅର, ନଣନ୍ଦ ଓ ପରିବାର ଲୋକ ଆଜି ପାରିବାରିକ ହିଂସା ଘଟାଇ ପୂଜାକୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏଣେ ମା'ର ଜୀବନ ବଞ୍ଚାଇବାକୁ ଛୋଟ ଛୋଟ ପୁଅ ଝିଅ କାକୁତି ମିନତି ହୋଇଥିବାବେଳେ କେହି ଉଦ୍ଧାର କରିବାକୁ ଆସିଲେ ନାହିଁ। ଶେଷରେ ଗ୍ରାମବାସୀଙ୍କ ଠାରୁ ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ପୂଜାକୁ ଉଦ୍ଧାର କରି ବସ୍ତା ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିବା ଦେଖିବାକୁ ମିଳିଛି। ଏ ନେଇ ଘଟଣା ସମ୍ପର୍କରେ ପୁଲିସ ଅଧିକ ତଦନ୍ତ ଚଳାଇଛି। ଦୀର୍ଘ ବାର ବର୍ଷ ପୂର୍ବରୁ ଉତ୍ତର ପ୍ରଦେଶ କ୍ଷୀରି ଜିଲ୍ଲାର ମହମ୍ମଦପୁର ଗ୍ରାମରୁ ଚକୁରି ଗ୍ରାମର ମଧୁସୂଦନ ଦାସଙ୍କ ପୁଅ ଶତ୍ରୁନାଥ ଦାସ ପୂଜାଙ୍କୁ ପ୍ରେମ କରି ଓଡ଼ିଶା ନେଇ ଆସିଥିଲେ। ପୂଜାଙ୍କ ପରିବାର ଲୋକ ଏଇ ବିବାହକୁ ବାରଣ କରିଥିଲେ ମଧ୍ୟ ସେତେବେଳେ ପୂଜା ପ୍ରେମର ଅନ୍ଧ ହୋଇ ଶତ୍ରୁନାଥଙ୍କୁ ବିବାହ କରିଥିଲେ। ବିବାହର ସାତ ବର୍ଷ ମଧ୍ୟରେ ପ୍ରଥମେ ପୁଅ ପରେ ଝିଅ ଜନ୍ମ ହୋଇଥିଲା। ପରେ ପୂଜାଙ୍କୁ ଶତ୍ରୁନାଥଙ୍କ ସହିତ ପରିବାର ଲୋକ ବାରମ୍ବାର ପିଟା ମାରା କରି ଘରୁ ବାହାର କରିଥିଲେ। ମାତ୍ର ବିଭିନ୍ନ ସମୟରେ ଭଦ୍ର ଲୋକଙ୍କ ଆପୋସ ସମାଧାନ କରି ପୂଜା ଶାଶୂ ଘରେ ରହିଥିଲେ। ମାତ୍ର ପାଞ୍ଚ ବର୍ଷ ପୂର୍ବେ ସ୍ତ୍ରୀ ପିଲାଙ୍କୁ ଛାଡି ହଠାତ୍ ସ୍ୱାମୀ ଶତ୍ରୁନାଥ କେଉଁ ଆଡେ ଫେରାର ହୋଇଥିଲେ। ଏଣେ ସ୍ୱାମୀ ତ ଗଲା ତୁ ଆମଘରୁ ବାହାର କହି ପୂଜାଙ୍କୁ ଶାଶୂ, ଦିଅର, ନଣନ୍ଦ ଓ ନଣନ୍ଦେଇ ମିଶି ବିଭିନ୍ନ ସମୟରେ ମାରପିଟ୍ କରିଥିଲେ। ଯାହାକୁ ନେଇ ପୂଜା ବସ୍ତା ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଇନଥିଲା। ଯାହାକୁ ନେଇ ଆଜି ପୂଜାକୁ ସ୍ୱାମୀଙ୍କ ପରିବାର ଲୋକ ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିବା ନେଇ ଥାନାରେ ଅଭିଯୋଗ

# ସାହିତ୍ୟ ପତ୍ରିକା 'ଅକ୍ଷ୍ୟାଂଶ' ଲୋକାର୍ପିତ



ବାଲେଶ୍ୱର,୨୭।୯ (ସମିସ): ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ସାହିତ୍ୟ ପତ୍ରିକା 'ଅକ୍ଷ୍ୟାଂଶ'ର ଶୁଭ ଲୋକାର୍ପିତ ହୋଇଯାଇଛି। ପରିଷଦ ସଭାପତି ଡ. ସୁବାସ ପାତ୍ର ସ୍ୱାଗତ ଭାଷଣ ଦେଇଥିଲେ ଓ ସାମ୍ପାଦକ ଡ. ରତ୍ନାକର ସିଂହ ପ୍ରାକ ସୂଚନା ପ୍ରଦାନ କରିଥିଲେ। ପତ୍ରିକାର ସାମ୍ପାଦକ ଡ. ହରିଶ୍ଚନ୍ଦ୍ର ବେହେରା ଦୀର୍ଘ ୨୩ ବର୍ଷ ଧରି ତାଙ୍କ ସମ୍ପାଦନାରେ ବାହାରୁଥିବା "ଅକ୍ଷ୍ୟାଂଶ' ପତ୍ରିକା ସମ୍ପର୍କରେ କହିଥିଲେ। ସୌଜନ୍ୟ ସମ୍ପାଦିକା ଅଞ୍ଜଳି ପାଣ୍ଡା ବର୍ତ୍ତମାନ ବାଲେଶ୍ୱରରୁ ପ୍ରକାଶ ପାଉଥିବା ପତ୍ର ପତ୍ରିକା ସମ୍ପର୍କରେ ସୂଚନା ଦେଇଥିଲେ। ମୁଖ୍ୟ ବକ୍ତା ବିଶ୍ୱଭାରତୀ, ଶାନ୍ତିନିକେତନର ପ୍ରଫେସର ରବୀନ୍ଦ୍ର କୁମାର ଦାସ ବିଶ୍ୱ ସାହିତ୍ୟ ପରିପ୍ରେକ୍ଷୀରେ ଓଡ଼ିଆ ସାହିତ୍ୟର ବର୍ତ୍ତମାନର ସ୍ଥିତି ସମ୍ପର୍କରେ ଆଲୋକପାତ କରିଥିଲେ। ପତ୍ରିକାର ଉନ୍ମୋଚକ ଫକୀରମୋହନ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଅକ୍ଷ୍ୟାଂଶ ପତ୍ରିକାର କରିଥିଲେ। ଏହି ଅବସରରେ କବି ଯଶୋଧାରା ଦାସ, ପ୍ରୀତିଲେଖା ଦାସ, ରଞ୍ଜନ ବାଗ, ଜ୍ୟୋତ୍ସ୍ନା ରାୟ, ରତ୍ନାକର ସିଂହ, ଜୁମର ନାଥ ପାତ୍ର, ଦୀପ୍ତି ଲତା ଦାସ ପ୍ରମୁଖ ଅକ୍ଷ୍ୟାଂଶ ପତ୍ରିକାରୁ କବିତା ପାଠ କରିଥିଲେ। ଏହି ଅବସରରେ ଡ. ସାରଙ୍ଗଧର ତ୍ରିପାଠୀଙ୍କୁ କୁଳପତି ପ୍ରଫେସର ତ୍ରିପାଠୀ ସମ୍ବର୍ଦ୍ଧିତ କରିଥିଲେ। କଲ୍ୟାଣୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

# ଅବସରପ୍ରାପ୍ତ ସେବା ସଂଘର ପୂର୍ବତନ ସଭାପତିଙ୍କ ପରଲୋକ

ବାଲେଶ୍ୱର,୨୭।୯ (ସମିସ): ଅସ୍ତରାଗ ଅବସରପ୍ରାପ୍ତ ସେବାସଂଘ, ବାଲିଆର ପୂର୍ବତନ ସଭାପତି ମଦନ ମୋହନ ପଣ୍ଡାଙ୍କର ନିଜ ବାସଭବନରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୮ବର୍ଷ ବୟସ ହୋଇଥିଲା। ସ୍ୱର୍ଗତ ମଦନମୋହନ ପଣ୍ଡା ଜୀବନକାଳ ମଧ୍ୟରେ ଓଡ଼ିଶା ରାଜସ୍ୱ ବିଭାଗ ଦୀର୍ଘଦିନ କାର୍ଯ୍ୟକରି ଅବସର ନେଲାପରେ ନିଜକୁ ସମାଜ ସେବାରେ ନିୟୋଜିତ କରି ସର୍ବଦା ଜନସାଧାରଣଙ୍କ ପ୍ରୀତିଭାଜନ ହୋଇ ପାରିଥିଲେ। ତାଙ୍କର ମୃତ୍ୟୁଖବର ପାଇ ବାଲିଆ ପଂଚାୟତ ସମେତ ଜିଲ୍ଲାରେ ଶୋକର ଛାୟା ଖେଳି ଯାଇଛି। ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ସରପଂଚ ନିତାୟ ଚରଣ ନାୟକ, ରାଜ୍ୟ ସରକାରୀ ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭାପତି ଇଂ ବନମାଳୀ ନାୟକ, ବରିଷ୍ଠ ନାଗରିକ ମଂଚର ସମ୍ପାଦକ ଦାମୋଦର ନାୟକ, ଅସ୍ତରାଗ ଅବସରପ୍ରାପ୍ତ ସେବା ସଂଘର ସଭାପତି ପ୍ରଦ୍ୟୁତ ରଞ୍ଜନ ମଣ୍ଡଳ, କାର୍ଯ୍ୟକାରିଣୀ ସଭାପତି ତ୍ରିଦିବ ନାୟକ ତଥା ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ହୋଇ ଶେଷ ଦର୍ଶନ କରିଛନ୍ତି।

# ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ

ଜଳେଶ୍ୱର ବ୍ଲକ, ୨୭।୯ (ସମିସ) : ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର ଅଞ୍ଚଳର ହିମାଂଶୁ ଆଚାର୍ଯ୍ୟଙ୍କ ବିୟୋଗରେ ତାଙ୍କର ଧର୍ମପତ୍ନୀ ଗୀତାଞ୍ଜଳି ଆଚାର୍ଯ୍ୟ(୪୫) ଙ୍କୁ ଜଳେଶ୍ୱର ପଞ୍ଚାୟତ ସମିତିର ସାମାଜିକ ସୁରକ୍ଷା ଅଧିକାରିଣୀ ସଲିମା ରାଉତ ଓ ଗ୍ରାମ ପଞ୍ଚାୟତ ଏଡିଓ ରଞ୍ଜୁଶ୍ରୀ ଚାନ୍ଦଙ୍କ ଉପସ୍ଥିତିରେ ବ୍ଲକ କାର୍ଯ୍ୟାଳୟରେ ବିଧବା ଭତ୍ତା ପ୍ରଦାନ କରାଯାଇଛି। ଏ ନେଇ ଗୀତାଞ୍ଜଳି ଜଳେଶ୍ୱର ବିଡ଼ିଓ ଗୌରାଙ୍ଗ ଚରଣ ଘୋଷ ଏବଂ ସାମାଜିକ ସୁରକ୍ଷା ଅଧିକାରିଣୀ ସଲିମା ରାଉତଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।



# ସାମ୍ବାଦିକ ମିହିର ପାଣିଗ୍ରାହୀଙ୍କ ଶ୍ରଦ୍ଧାଞ୍ଜଳି ସଭା



ବାଲେଶ୍ୱର,୨୭।୯ (ସମିସ): ଦିବଙ୍ଗତ ସାମ୍ବାଦିକ ସ୍ମୃତି କମିଟି ବାଲେଶ୍ୱର ପକ୍ଷରୁ ସ୍ଥାନୀୟ ସାମ୍ବାଦିକ ପ୍ରକୋଷ୍ଠରେ ଆଜି ସ୍ମୃତି କମିଟିର ସଭାପତି ତଥା ବରିଷ୍ଠ ସାମ୍ବାଦିକ ଦେବବ୍ରତ ପାଣିଗ୍ରାହୀ ସଂଗଠନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିବା ସହିତ ସଭାପତିତ୍ୱରେ ଦିବଂଗତ ସାମ୍ବାଦିକ ମିହିର କୁମାର ପାଣିଗ୍ରାହୀଙ୍କ ଶ୍ରଦ୍ଧାଞ୍ଜଳି ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ୍ତ, ସମ୍ମାନିତ ଅତିଥିଭାବେ ବାଲେଶ୍ୱର ପୌରପାଳିକାର ଅଧ୍ୟକ୍ଷା ସବିତା ସାହୁ ଯୋଗଦେଇଥିଲେ। ବୈଠକରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଶତ୍ରୁଘ୍ନ ମଲ୍ଲିକ, କମିଟିର ଉପଦେଷ୍ଟା ରବି ରାଉତ, ଉପସଭାପତି ସନ୍ଦୀପ୍ତ ଦାସ, ବଂଶୀଧର ଦଳେଇ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ପାଣିଗ୍ରାହୀଙ୍କ ସ୍ମୃତି ଚାରଣ କରିଥିଲେ। ଏହି ଅବସରରେ୨ଜଣ ସାମ୍ବାଦିକ ଧୀରଜ କୁମାର ଦାସ ଓ ଆଜିମ ବାଲେଶ୍ୱରୀଙ୍କୁ ମିହିର ପାଣିଗ୍ରାହୀଙ୍କ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ସ୍ମୃତି ସଭାରେ ସ୍ୱର୍ଗତ ପାଣିଗ୍ରାହୀଙ୍କ ପୁଅ ଦେବବ୍ରତ ପାଣିଗ୍ରାହୀ ଓ ନାତି ସତ୍ୟବ୍ରତ ପାଣିଗ୍ରାହୀ ଉପସ୍ଥିତ ରହିଥିଲେ। ସୁରେନ୍ଦ୍ର ମୋହନ ଜେନା ଧନ୍ୟବାଦ ଦେଇଥିଲେ।

# ନାବାଳିକା ଦୁଷ୍କର୍ମକାରୀକୁ ୫ ବର୍ଷ ଜେଲ୍

ବାରିପଦା, ୨୭।୯ (ସମିସ): ଜଣେ ନାବାଳିକାକୁ ଦୁଷ୍କର୍ମ ଅଭିଯୋଗ ଏକ ମାମଲାକୁ ବାରିପଦା ଆଡହକ ଅତିରିକ୍ତ ଜିଲା ଓ ଦୌରାଜଜ୍ (ପୋକ୍ସୋ ଆଇନର ପାଷ୍ଟଟ୍ରାକ ସ୍ପେଶାଲ କୋର୍ଟ) ସନ୍ତୋଷ କୁମାର ନାୟକ ବିଚାର କରି ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରି ୨ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ହଜାର ଟଙ୍କା ଜୋରିମାନା ଆଦେଶ ଶୁଣାଣି କରିଛନ୍ତି। ଜୋରିମାନା ଅନାଦେୟରେ ଅତିରିକ୍ତ ୬ମାସ ସଶ୍ରମ କାରାଦଣ୍ଡାଦେଶ ଦିଆଯାଇଛି। ଦୋଷୀ ଜଣଙ୍କ ହେଲେ ଶରତ ଥାନା ଦେୱାନବାହାଲି ଗ୍ରାମର ମକା ଓରଫ ମାଣିକ ସିଂ (୩୦)। ସେ କାରାଗାରରେ ୨୦୨୩ ନଭେମ୍ବର ୧୫ ତାରିଖଠାରୁ ବିଚାରାଧୀନ କଏଦୀଭାବେ ରହିଥିବା ଅବଧି ମୋଟ ଦଣ୍ଡାଦେଶରୁ ହ୍ରାସ କରାଯିବା ନେଇ ରାୟରେ ମଧ୍ୟ ଉଲ୍ଲେଖ କରାଯାଇଛି। ପୀଡିତାଙ୍କ ମାଆଙ୍କ ଅଭିଯୋଗକ୍ରମେ ୨୦୨୩ ନଭେମ୍ବର ୧୩ ତାରିଖରେ ଶରତ ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ଅଭିଯୋଗ ଅନୁଯାୟୀ ୨୦୨୩ ନଭେମ୍ବର ୧୨ ତାରିଖ ପ୍ରାୟ ରାତି ୯ଟାରେ ପୀଡିତା ନାବାଳିକାକୁ ଅଭିଯୁକ୍ତ ଦୁଷ୍କର୍ମ କରିବା ସହ ଘଟଣା ପ୍ରଘଟ ନ କରିବାକୁ ଧମକ ଦେଇଥିଲା। ପୁଲିସ ଅଭିଯୁକ୍ତକୁ ୨୦୨୩ ନଭେମ୍ବର ୧୫ ତାରିଖରେ ଗିରଫ କରି କୋର୍ଟକୁ ଚାଲାଣ କରିବା ପରେ ଜେଲ ହାଜତରେ ଆଜି ରାୟ ପର୍ଯ୍ୟନ୍ତ ବିଚାରାଧୀନ କଏଦୀଭାବେ ରହିଥିଲା।

# ହାଣ୍ଡିଆ ପାଇଁ ସ୍ତ୍ରୀକୁ ପିଟିପିଟି ହତ୍ୟାକଲା ସ୍ୱାମୀ



ଉଦଳା, ୨୭।୯ (ସମିସ): ସାମାନ୍ୟ ହାଣ୍ଡିଆ ପାଇଁ ନିଜ ସ୍ତ୍ରୀକୁ କାଠ ଫାଳିଆରେ ପିଟି ପିଟି ହତ୍ୟା କରିଛି ସ୍ୱାମୀ। ଏଭଳି ଏକ ଘଟଣା ଘଟିଛି ଉଦଳା ଥାନା ଅନ୍ତର୍ଗତ କୁଣ୍ଡାବାଇ ଫାଣ୍ଡି ଅଧୀନ ଉପର ତାଳଡ଼ିହା ଗାଁରେ। ଘଟଣାରୁ ପ୍ରକାଶ ଯେ, ଉପର ତାଳଡିହା ଗ୍ରାମର ଗୁରୁପ୍ରସାଦ ସିଂ କାମରୁ ଫେରି ସ୍ତ୍ରୀକୁ ହାଣ୍ଡିଆ ପିଇବାକୁ ମାଗିଥିଲା; ମାତ୍ର ସମସ୍ତ ହାଣ୍ଡିଆକୁ ସ୍ତ୍ରୀ ସୀତା ସିଂ ପିଇ ନିଶାରେ ରହିଥିବା ଦେଖି ଗୁରୁପ୍ରସାଦ ରାଗି ପଞ୍ଚମ ହୋଇଯାଇଥିଲା। ପରେ ନିକଟରେ ଥିବା ଏକ କାଠ ଫାଳିଆରେ ଅତି ନୃଶଂସ ଭାବେ ପିଟିପିଟି ସ୍ତ୍ରୀକୁ ହତ୍ୟା କରିଥିଲା। ଏପରିକି ଦୁଇ ଛୋଟ ପିଲାକୁ ମଧ୍ୟ ମାରିଦେବାକୁ ଉଦ୍ୟମ କରିଥିଲା। ପୁଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ ଗୁରୁପ୍ରସାଦକୁ ଗିରଫ କରିବା ସହ ମୃତଦେହ ଜବତ କରି ସାଇଣ୍ଟିଫିକ ଟିମ ଦ୍ୱାରା ତଦନ୍ତ କରିଛି। ପୁଲିସ ଏ ନେଇ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ବଜ୍ରପାତରେ ୫ ଛେଳି ମୃତ; ସହାୟତା ଦାବି

ଶରତ, ୨୭।୯ (ସମିସ): କପ୍ତିପଦା ବ୍ଲକ ଅନ୍ତର୍ଗତ ଶରତ ଗ୍ରାମ ପଞ୍ଚାୟତ କାଦବାହାଲି ଗ୍ରାମରେ ୨୫ ତାରିଖ ଅପରାହ୍ଣରେ ବୁଲା ସିଂ ତିୟୁ(୪୭)ଙ୍କ ଘର ଉପରେ ବଜ୍ରପାତ ହେବାରୁ ତାଙ୍କର ୫ଟି ଛେଳିର ମୃତ୍ୟୁ ଘଟିଛି। ବିଜୁଳିର ପ୍ରକୋପ ଏତେ ଜୋର୍ ଥିଲା ଯେ, ଆଖପାଖ ଅଞ୍ଚଳ ମଧ୍ୟ ଦୋହଲି ଯାଇଥିଲା। ବୁଲା ଜଣେ ଗରିବ ଆଦିବାସୀ ପରିବାରର ହୋଇଥିବାରୁ ସରକାରୀ ସହାୟତା ପାଇଁ ସେ ପ୍ରଶାସନକୁ ନିବେଦନ କରିଛନ୍ତି।

# ଦ୍ୱାରଶୁଣୀ ଘାଟିରେ ଭାରୀଯାନ ଚଳାଚଳ କଟକଣା ଦାବି



ବାରିପଦା, ୨୭।୯ (ସମିସ): ମୟୂରଭଞ୍ଜ ଜିଲ୍ଲା ୪ଟି ଉପଖଣ୍ଡକୁ ଯୋଗାଯୋଗ କରୁଥିବା ଦ୍ୱାରଶୁଣୀ ଘାଟି ମଧ୍ୟରେ ଯାତାୟାତ ବର୍ତ୍ତମାନ ବିପର୍ଯ୍ୟସ୍ତ ହୋଇପଡ଼ିଛି। ପ୍ରତ୍ୟେକ ଦିନ ହଜାର ହଜାର ଖଣିଜ ପଦାର୍ଥ ବୋଝେଇ ଟ୍ରକ୍/ଟ୍ରଲର ଯିବା ଆସିବା ଯୋଗୁଁ ସାଧାରଣ ଜନତା ବହୁ ସମସ୍ୟାରେ ପଡୁଛନ୍ତି ବୋଲି ଅଭିଯୋଗ ହେଉଛି। ବାରିପଦା ମୁଖ୍ୟ ଚିକିତ୍ସାଳୟକୁ ଆସୁଥିବା ରୋଗୀ, ଆମ୍ବୁଲାନ୍ସ ସେବା, ଛାତ୍ରଛାତ୍ରୀ, ବୃଦ୍ଧବୃଦ୍ଧା ଏପରିକି ସେହି ରାସ୍ତାଦେଇ ପ୍ରତ୍ୟେକ ଦିନ ଯିବା ଆସିବା କରୁଥିବା ସାଧାରଣ ଜନତା ଘଣ୍ଟା ଘଣ୍ଟା ଜାମ୍ ଯୋଗୁଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏବେ ଦୁର୍ଗା ପୂଜାର ସମୟ ହୋଇଥିବାରୁ ଜିଲ୍ଲା ଏବଂ ଜିଲ୍ଲା ବାହାର ବହୁ ଶ୍ରଦ୍ଧାଳୁ ପ୍ରତ୍ୟେକ ଉକ୍ତ ରାସ୍ତା ଦେଇ ପାର୍ବଣର ମଜା ନେଇଥାନ୍ତି। ମାତ୍ର ଦ୍ୱାରଶୁଣୀ ଘାଟିରେ ହେଉଥିବା ଜାମକୁ ଦେଖି ବହୁ ଶ୍ରଦ୍ଧାଳୁ ମୟୂରଭଞ୍ଜ ଭିତରେ ବୁଲିବାକୁ ସୁରକ୍ଷିତ ମଣୁନାହାନ୍ତି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଜିଲ୍ଲାର ଏକ ମାତ୍ର ଅଗ୍ରଣୀ ଯୁବଛାତ୍ର ସଂଗଠନ ଭଞ୍ଜସେନା ତରଫରୁ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ଇଶ୍ୱର ଚନ୍ଦ୍ର ନାଏକଙ୍କୁ ଭେଟି ରାତି ୧୦ଟା ପର୍ଯ୍ୟନ୍ତ ମାଲବାହୀ ଗାଡି ଘାଟି ଦେଇ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ କରିବା ନିମନ୍ତେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ମୁଖପାତ୍ର ଜ୍ୟୋତିରଞ୍ଜନ ପୁଷ୍ଟି, ଛାତ୍ର ସମ୍ପାଦକ ସଞ୍ଜୟ ମାହାର୍ଣ୍ଣା, ରୁଦ୍ର ପଟ୍ଟନାୟକ, ଦୀପକ୍ ବେହେରା, ସତ୍ୟ ପୃଷ୍ଟେ ଓ ସୋମ୍ୟରଞ୍ଜନ ଦାସବାବୁ ପ୍ରମୁଖ ଉପସ୍ଥିତ ଥିଲେ।

# ଚୋରା ମଦ ଜବତ; ୨ ଗିରଫ

କୁଆମରା, ୨୭।୯ (ସମିସ): ବେଆଇନ ମଦ କାରବାର ଅଭିଯୋଗରେ ଖୁଣ୍ଟା ଅବକାରୀ ବିଭାଗ ୨ଜଣଙ୍କୁ ଗିରଫ କରିବା ସହ ୪୩ ଲିଟର ଦେଶୀ ମଦ ଜବତ ହୋଇଛି। ଅବକାରୀ ଥାନା ଅଧିକାରୀ ମମତା ଦାସଙ୍କ ନେତୃତ୍ୱରେ ଥାନା ଅଧୀନ କିରିକିଚିଆ ଗ୍ରାମର ଶ୍ରୀମତୀ ସୋରେନ (୪୦)ଙ୍କ ପାଖରୁ ୨୬ ଲିଟର ଓ ଚୁନଡିହା ଗ୍ରାମର ଭୀମ ବେହେରା (୪୫)ଙ୍କ ପାଖରୁ ୧୭ ଲିଟର ମଦ ଜବତ ହୋଇଛି। ପୃଥକ ମାମଲା ରୁଜୁ ହେବାସହ ଉଭୟଙ୍କୁ କୋର୍ଟଚାଲାଣ କରାଯାଇଛି। ଚଢଉରେ କୃଷ୍ଣଚନ୍ଦ୍ର ସେଠୀ, ଗୌତମ ମହାନ୍ତ ଓ ନିରଞ୍ଜନ ମହାନ୍ତ ସାମିଲ ହୋଇଥିଲେ।

# ବାଛୁରୀପଡ଼ାରୁ ଅଳଙ୍କାର ଓ ଟଙ୍କା ଚୋରି

ବୈଶିଙ୍ଗା, ୨୭।୯ (ସମିସ): ବୈଶିଙ୍ଗା ଥାନା ଅର୍ନ୍ତଗତ ବାଛୁରୀପଡ଼ା ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଛି। ସୂଚନା ଅନୁଯାଇ ମଧୁସୁଦନ ସାହୁ ଓ ତାଙ୍କ ସ୍ତ୍ରୀ ଝିଅର ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଶୁକ୍ରବାର ବାଲେଶ୍ୱର ଡାକ୍ତରଖାନାକୁ ନେଇଥିଲେ। ତେବେ କୌଣସି କରଣ ବଶତଃ ସେଠାରେ ସେମାନଙ୍କୁ ରାତିରେ ଡାକ୍ତରଖାନାରେ ରହିବାକୁ ପଡ଼ିଥିଲା। ଶନିବାର ସକାଳେ ଘରେ ପହଞ୍ଚି ଦେଖିଲାବେଳକୁ ତାଲା ଭଙ୍ଗାଯାଇ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଆଲମିରାରେ ଥିବା ସୁନା ଗହଣା, ମୋବାଇଲ ଓ ତିରିଶ ହଜାର ଟଙ୍କା ଚୋରି ହୋଇଯାଇଥିବା ନେଇ ସେ ପୁଲିସ ନିକଟରେ ଅଭିଯୋଗ କରିଛନ୍ତି। ପୁଲିସ ଅଭିଯୋଗ ପାଇ ତଦନ୍ତ ଆରମ୍ଭ କରିଛି।

## ପୂର୍ତ୍ତ ବିଭାଗରେ ଅଚଳାବସ୍ଥା

# କାହା ଇଙ୍ଗିତରେ କାର୍ଯ୍ୟ କରୁଛନ୍ତି ଅଧୀକ୍ଷଣ ଯନ୍ତ୍ରୀ

ନୟାଗଡ଼,୨୭।୯ (ସମିସ)

ନୟାଗଡ଼ ରାସ୍ତା ଓ ଗୃହ ନିର୍ମାଣ ବିଭାଗରେ ସୃଷ୍ଟି ହୋଇଛି ଅଚଳାବସ୍ଥା। ଜିଲ୍ଲାର କୌଣସି କୋଣରେ କାର୍ଯ୍ୟ ସଠିକ ଭାବେ ହେଉନଥିବା ବେଳେ ରଣପୁରରେ କିନ୍ତୁ ବିଲ୍ ଅଟକୁନାହିଁ। ଏଭଳି ସ୍ଥିତିକୁ ନେଇ ଠିକାଦାରମାନେ ପ୍ରବଳ ଅସନ୍ତୋଷ ଅବସ୍ଥାରେ ରହିଛନ୍ତି। ନୟାଗଡ଼, ଦଶପଲ୍ଲା ନିର୍ବାଚନ ମଣ୍ଡଳୀକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଉଥିବା ଜଣାପଡ଼ିଛି। ଏହି ଦୁଇ ନିର୍ବାଚନ ମଣ୍ଡଳୀରେ ସରିଥିବା ଅନେକ ପ୍ରକଳ୍ପର ବିଲ୍ ମଧ୍ୟ ପ୍ରଦାନ କରାଯାଉନାହିଁ। ଖଣ୍ଡପଡ଼ାରେ ଯେନତେନ କାର୍ଯ୍ୟ ହେଉଥିବା ବେଳେ ରଣପୁରରେ ପାନରୁ ଚୂନ ଖସୁନାହିଁ। ରଣପୁରରେ ବିନା ଟେଣ୍ଡର ତଥା ସ୍ପିଟପ କାମଠାରୁ ଆରମ୍ଭ କରି ନାନାଦି ନୂଆ ପ୍ରକଳ୍ପକୁ ଅନୁମୋଦନ କରାଯାଇ କାର୍ଯ୍ୟ କରାଯାଉଥିବା ବେଳେ ଜିଲ୍ଲାର ଅନ୍ୟ ସମସ୍ତ ପ୍ରକଳ୍ପକୁ ଦୃଷ୍ଟି ଦିଆଯିବା ଆବଶ୍ୟକ ରହିଛି। ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟଧାରାକୁ ନେଇ ଦଶପଲ୍ଲା ଏସ୍‌ଡିଓ ତେରେଛା ବାଣ ମାରିଥିବା ବେଳେ ଜିଲ୍ଲାର କାର୍ଯ୍ୟରତ ଅନ୍ୟ ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀମାନେ ମଧ୍ୟ ଅସନ୍ତୋଷ ବ୍ୟକ୍ତ କରିବା ଆରମ୍ଭ କରିଛନ୍ତି। ପୂର୍ତ୍ତ ବିଭାଗ ଅଧୀନରେ ବର୍ଷ ବର୍ଷ ଧରି ଛୋଟ ଛୋଟ କାମ କରି ପେଟ ପୋଷୁଥିବା ଠିକାଦାରମାନେ ଏବେ ପକେଟ ଖର୍ଚ୍ଚ କରିବାକୁ ଟଙ୍କାଟିଏ ପାଉନଥିବା ଜଣାପଡ଼ିଛି। ଜରୁରୀ କାଳୀନ ସ୍ଥିତିରେ ଦାୟିତ୍ୱ ମୁଣ୍ଡାଉଥିବା ଠିକାଦାରମାନେ ମୁହଁ ଫେରାଇବା ଆରମ୍ଭ କରିଛନ୍ତି। ନୟାଗଡ଼ ଜିଲ୍ଲାରେ ଅନେକ ନୂତନ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇପାରୁନଥିବା ବେଳେ ନିର୍ମାଣଧୀନ ଅବସ୍ଥାରେ ଥିବା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରୁନାହିଁ। ନୟାଗଡ଼ ଡାହୁକା ନଦୀ ବ୍ରିଜ, ପିଟିଏସ୍‌ଠାରୁ ଜଗନ୍ନାଥ ମନ୍ଦିର ରାସ୍ତା, ସଦରଥାନାଠାରୁ କ୍ଷତ୍ରିବରପୁର ରାସ୍ତା, ମହିପୁର ବାହାଡ଼ଝୋଲା ରାସ୍ତା, ଖଣ୍ଡପଡ଼ା କଳାପଥର ରାସ୍ତା, କାଳିଗିରି ବ୍ରିଜ, ଖଣ୍ଡପଡ଼ା ପଶ୍ଚିମାଞ୍ଚଳ ସେତୁ କାର୍ଯ୍ୟକୁ ନେଇ ଜନଅସନ୍ତୋଷ ତୀବ୍ର ହେଉଛି। ନୟାଗଡ଼ ଜିଲ୍ଲାରେ ପୂର୍ତ୍ତ ବିଭାଗ ଦ୍ୱାରା ନିର୍ମାଣ କରାଯାଉଥିବା ୨୫ରୁ ଉର୍ଦ୍ଧ୍ୱ ରାସ୍ତା ଅଧା ଅଧୁରା ଅବସ୍ଥାରେ ରହିଥିବା ବେଳେ ୫ଟି ପୋଲ ଅବସ୍ଥା ମଧ୍ୟ ସମାନ। ନୟାଗଡ଼ ଜିଲ୍ଲା ସଦର ବ୍ଲକ ବାଲୁଗାଁ ନିକଟସ୍ଥ ଡାହୁକା ନଦୀ ଉପରେ ଦୀର୍ଘବର୍ଷ ତଳୁ ପୋଲ ନିର୍ମାଣ କାମ ଆରମ୍ଭ ହୋଇଛି। ଏହାର ଗୋଟିଏ ଫୁକାର କାମ ଶେଷ ହୋଇଥିବା ବେଳେ ଅବଶିଷ୍ଟ କାମ ଶେଷ କରିବାକୁ ଅନୁନ୍ୟ ୪ ବର୍ଷ ଲାଗିବ ବୋଲି ଅନୁମାନ କରାଯାଉଛି। ଏହି ପୋଲ ନିର୍ମାଣ ପାଇଁ ୧୦ କୋଟି ୪୬ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଥିବା ବେଳେ ୧ କୋଟି ୮୧ ଲକ୍ଷ ଟଙ୍କା ଠିକାଦାରଙ୍କୁ ବିଲ୍ ପ୍ରଦାନ କରାଯାଇଛି। ସେହିଭଳି

### ରଣପୁରକୁ ଗୁରୁତ୍ୱ; ଅନ୍ୟ ସବୁ ଉପେକ୍ଷା

ଭାବେ ଶରଣକୁଳ ଦର୍ପନାରାୟଣପୁର ଦୁଆଣ୍ଟ ନଦୀ ଉପରେ ପୋଲ ଅଧପନ୍ତରିଆ ଅବସ୍ଥାରେ ରହିଛି। ଏଥିପାଇଁ ୧୧ କୋଟି ୪୬ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଥିବା ବେଳେ ୨୦୨୫ ମସିହା ଫେବୃୟାରୀ ସୁଦ୍ଧା ନିର୍ମାଣ ଶେଷ କରିବାକୁ ଲକ୍ଷ ରହିଥିଲା। ମହୀପୁର ବାହାଡ଼ାଝୋଲା ରାସ୍ତା ଉପରେ ନିର୍ମାଣ କରାଯାଉଥିବା ୫୦ ମିଟର ହାଇଲ ଲେବଲ୍ ବ୍ରିଜ କାମ ପାଇଁ ୬ କୋଟି ୩୨ ଲକ୍ଷ ବ୍ୟୟ ବରାଦ ହୋଇଥିବା ବେଳେ କାମ ସାମାନ୍ୟ ସରିଥିବା ଦେଖାଯାଇଛି। ଉକ୍ତ ପୋଲ ୨୦୨୪ ଡିସେମ୍ବର ମଧ୍ୟରେ ସାରିବାକୁ ବିଭାଗ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଉକ୍ତ ପୋଲ ନିର୍ମାଣ କାମ ଶେଷ ହେବାକୁ ୩ ବର୍ଷରୁ କମ ସମୟ ଲାଗିବ ନାହିଁ ବୋଲି ଅନୁମାନ ହେଉଛି। ସବୁଠାରୁ ବ୍ୟସ୍ତ ବହୁଳ ରାସ୍ତା ରାଜସୁନାଖଳା ଚାନ୍ଦପୁର ରାସ୍ତା ଉପରେ ଦୀର୍ଘଦିନର ଦାବି ମନ୍ଦାକିନୀ ସେତୁ ନିର୍ମାଣ ପାଇଁ ୭ କୋଟି ୩୫ ଲକ୍ଷ ବ୍ୟୟ ବରାଦ ହୋଇଥିବା ବେଳେ କାମ ୨୦୨୪ ମସିହା ଅଗଷ୍ଟ ମାସ ସୁଦ୍ଧା ଶେଷ କରିବାକୁ ଲକ୍ଷ ରଖାଯାଇଥିଲା। ଅଧୁନା ଉକ୍ତ ପୋଲ ନିର୍ମାଣ ଅଧପନ୍ତରିଆ ଅବସ୍ଥାରେ ରହିଛି। ଓଡ଼ଗାଁ ବାହାଡ଼ଝୋଲା ନୂଆଗାଁ ରାସ୍ତା କୁସୁମୀ ନଦୀ ଉପରେ ନିର୍ମାଣଧୀନ ପୋଲ ପାଇଁ ୮ କୋଟି ୫୩ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଥିବା ବେଳେ କାମ ଅଧାଅଧୁରା ଅବସ୍ଥାରେ ରହିଛି। ସେହିଭଳି ଭାବେ ଅତ୍ୟନ୍ତ ଜରୁରୀପୂର୍ଣ୍ଣ ଭାପୁର ବ୍ଲକ କାଳିଗିରି ବ୍ରିଜ ନିର୍ମାଣ କାର୍ଯ୍ୟ ଅଧା ଅଧୁରା ଅବସ୍ଥାରେ ରହିଛି। ୯ କୋଟି ୭୩ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଏହି ବ୍ରିଜ କାମ କେବେ ଶେଷ ହେବ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହିଭଳି ଭାବେ ନିର୍ମାଣ ହେବାକୁ ଥିବା ଅନେକ ବ୍ରିଜ ଦୁର୍ବଳ ଅବସ୍ଥାରେ ରହିଥିବା ବେଳେ ସେଗୁଡ଼ିକ କେବେ କାର୍ଯ୍ୟାରମ୍ଭ ହେବ ବୋଲି ପ୍ରଶ୍ନ ଉଠିଛି। ନୟାଗଡ଼ ଦର୍ପନାରାୟଣପୁର ରାସ୍ତାରେ ୩ଟି ବ୍ରିଜ ନିର୍ମାଣ ପାଇଁ ପ୍ରସ୍ତାବ ରହିଛି। ନୟାଗଡ଼ ବୋଦାପଡ଼ା ନିକଟସ୍ଥ ଲୁଣିଝରାଠାରେ ଦୀର୍ଘବର୍ଷ ତଳୁ ନୂଆ ବ୍ରିଜ ନିର୍ମାଣ ପାଇଁ ପ୍ରସ୍ତାବ ରହିଛି। ଏସବୁ ପ୍ରତି ବିଭାଗ ନିର୍ବାଚନ ପରଠାରୁ ସମ୍ପୂର୍ଣ୍ଣ ଅଣଦେଖା କରି ଆସୁଛି। ଅନେକ ନିର୍ମାଣଧୀନ ରାସ୍ତା କାର୍ଯ୍ୟ ଶେଷ ହୋଇପାରୁନଥିବା ବେଳେ ପୂର୍ତ୍ତ ବିଭାଗ ଦ୍ୱାରା ନିର୍ମାଣ କରାଯାଉଥିବା ଅନେକ କୋଠା କାର୍ଯ୍ୟ ମଧ୍ୟ ତ୍ୱରାନ୍ୱିତ ହେଉନଥିବା ଜଣାପଡ଼ିଛି। ବର୍ଷାଧିକ କାଳ ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ବିଲ୍ ପ୍ରଦାନ ଅବହେଳା ମୁଖ୍ୟ ସମସ୍ୟା ବୋଲି ଜଣାପଡ଼ିଛି। ଅନେକ ନିର୍ମାଣ କାର୍ଯ୍ୟ ସରିଥିବା ପ୍ରକଳ୍ପ ହସ୍ତାନ୍ତର ହୋଇପାରୁନଥିବା ମଧ୍ୟ ଜଣାପଡ଼ୁଛି। ଜିଲ୍ଲାର ଜଣେ ବିଧାୟକଙ୍କ ଚାପରେ ପୂର୍ତ୍ତ ଅଧିକ୍ଷଣ ଯନ୍ତ୍ରୀ ଚାପ ଗ୍ରସ୍ତ ହୋଇଥିବା ଆଲୋଚନା ହେଉଛି। ଏପରିକି ଜିଲ୍ଲା ପ୍ରଶାସନକୁ ମଧ୍ୟ ପୂର୍ତ୍ତ ବିଭାଗ ଅଣଦେଖା କରୁଥିବା ଚର୍ଚ୍ଚା ହେଉଛି। ଏଭଳି ସ୍ଥିତିରେ ଜିଲ୍ଲା ବିକାଶ ପଥରେ ଆଗେଇବ ନାଁ ବିନାଶ ପଥରେ ଆଗେଇବ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ୫ ବର୍ଷ ପରେ ବି ସରୁନି କାଳିଗିରି ପୋଲ ନିର୍ମାଣ



ଭାପୁର,୨୭।୯ (ସମିସ): ଅଞ୍ଚଳର ବିକାଶ ଏହାର ଗମନାଗମନ ଓ ରାସ୍ତା ଘାଟ ଉପରେ ନିର୍ଭର କରିଥାଏ। ମାତ୍ର ଠିକାଦାରଙ୍କ ମନମାନୀ ଓ ପ୍ରଶାସନିକ ସ୍ଥାଣୁତା ଯେ କିପରି ଲକ୍ଷ ଲକ୍ଷ ଲୋକଙ୍କ ପ୍ରଗତୀରେ ବାଧକ ହୋଇପାରେ ତାହା ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ କାଳିଗିରି ପୋଲ ଏକ ଜ୍ୱଳନ୍ତ ଉଦାହରଣ। ଖୋର୍ଦ୍ଧା ଜିଲ୍ଲାର ବାଘମାରିଠାରୁ କଳାପଥର, ଫତେଗଡ, କଣ୍ଟିଲୋ ଦେଇ ନୟାଗଡ଼ ଜିଲ୍ଲା ଦଶପଲ୍ଲା ଯାଇଥିବା ୪୮ ନମ୍ବର ରାଜ୍ୟ ରାଜପଥ ଫତେଗଡ ଠାରେ ଥିବା କାଳିଗିରି ପୋଲଟି ପୂର୍ବରୁ ନିଚ୍ଚା ଥିବାରୁ ମହାନଦୀର ବନ୍ୟା ପାଣି ଆସିଲେ ଏହା ବୁଡି ଯାଇଥାଏ। ନୟାଗଡ଼ ଜିଲ୍ଲାର ଭାପୁର, ଖଣପଡା, ଗଣିଆ ଓ ଦଶପଲ୍ଲା ବ୍ଲକର ଜୀବନରେଖା ଭାବେ ପରିଚିତ ଏହି ରାସ୍ତା ପରିଚିତ। ଏହି ପୋଲ ଯୋଗୁଁ ବର୍ଷା ଦିନେ ରାଜଧାନୀ ସହ ଅନେକ ସମୟରେ ଅଞ୍ଚଳ ବାସୀଙ୍କ ସଂଯୋଗ କଟିଯାଇଥାଏ। ଅଞ୍ଚଳ ବାସୀଙ୍କ ବାରମ୍ବାର ଦାବୀ ପରେ ରାଜ୍ୟ ସରକାର ଏହି ନଦୀ ଉପରେ ଏକ ନୂତନ ପୋଲ ନିର୍ମାଣ ପାଇଁ ୧୧ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏହି ପୋଲର ଉଚ୍ଚତା ଅଧିକ ହେବା ସହ ଅଧିକ ପ୍ରଶସ୍ତ ମଧ୍ୟ ହେବ। ଏହାର ଟେଣ୍ଡର ଭୁବନେଶ୍ୱରର ତକ୍ଷଶୀଳା ପ୍ରୋଜେକ୍ଟ ପ୍ରାଇଭେଟ ଲିମିଟେଡ଼ କାମ ନେଇ ୨୦୨୧ ମସିହାଠାରୁ କାର୍ୟ୍ୟ ଆରମ୍ଭ କରିଛି। ଏହାର ନିର୍ମାଣ କାର୍ଯ୍ୟ ୨୦୨୨ ମସିହା ଏପ୍ରିଲ ମାସରେ ସରିବା କଥା। ମାତ୍ର, ନିର୍ମାଣ ସମ୍ପୂର୍ଣ୍ଣ ହେବାର ଅବଧି ସରିବାର ଚାରି ବର୍ଷ ପରେ ଏହା ସମ୍ପୂର୍ଣ୍ଣ ହୋଇପାରୁ ନାହିଁ। ଏହାର ନିର୍ମାଣ ଆହୁରି ଏକ ବର୍ଷ ଲାଗିବ ବୋଲି କୁହାଯାଉଛି। ଠିକାଦାରଙ୍କ ଏପରି ମନମାନୀ ଓ ଶିଥିଳତା ପଛରେ ବିଭାଗୀୟ ବଡପଣ୍ଡାମାନଙ୍କ ଆଶିର୍ବାଦ ରହିଛି। ଏପରିକି ଠିକାଦାର ବିଭାଗୀୟ ଯନ୍ତ୍ରୀଙ୍କ କଥାକୁ କୁଆଡେ କର୍ଣ୍ଣପାତ କରୁ ନାହିଁ ବୋଲି ଆଲୋଚନା ହେଉଛି। ଗୋଟିଏ ଦୁଇଟି ବଡ ଧରଣର ବର୍ଷା ହେଲେ ଏହାର ଅସ୍ଥାୟୀ ରାସ୍ତା ବୁଡି ଯାଉଛି। ଏପରି ଅବସ୍ଥାରେ ତୁରନ୍ତ ଏହାର ନିର୍ମାଣ କାର୍ଯ୍ୟ ସାରିବାକୁ ଦାବି ହେଉଛି।

## ସାମାଜିକ ସଚେତନତା ଦିଗରେ ନାଟକର ଭୂମିକା ଗୁରୁତ୍ୱପୂର୍ଣ୍ଣ



ନୟାଗଡ଼,୨୭।୯ (ସମିସ): ନାଟକ ଜୀବନର କଥା କହେ। ଏହା କେବଳ ମନୋରଂଜନ ପାଇଁ ନୁହେଁ। ସମାଜକୁ ସଚେତନ କରିବା ତଥା ନୂତନ ଦିଗ ଦେଖାଇବାର ଏକ ସଶକ୍ତ ମାଧ୍ୟମ। ନାଟକ ସିଧାସଳଖ ଭାବେ ଦର୍ଶକଙ୍କ ହୃଦୟ କୁ ଛୁଏଁ ଏବଂ ସେମାନଙ୍କୁ ଭାବିବା ପାଇଁ ପ୍ରେରିତ କରେ ମଧ୍ୟ। ଏଥିପାଇଁ ନାଟକକୁ ସମାଜର ଦର୍ପଣ କୁହାଯାଏ ବୋଲି ଓଡ଼ିଶା ନାଟ୍ୟ ସଂଘ ଦିବସ ପାଳନ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ସ୍ଥାନୀୟ ଇନସ୍ୱାୟାର ସଭାଗୃହ ପରିସରରେ ନୟାଗଡ଼ ଜିଲ୍ଲା ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ଇଂ ଦେବାଶିଷ ପଟ୍ଟନାୟକ, ସମ୍ମାନନୀୟ ଅତିଥି ବିଶିଷ୍ଟ ଶିକ୍ଷାବିତ୍ ଓ ନାଟ୍ୟକାର ଶ୍ରୀଧର ସାହୁ ଏବଂ କବୀ ଗୀତାଞ୍ଜଳି ମହାପାତ୍ର ଯୋଗଦେଇ ନାଟକର ସ୍ୱରୂପ ତଥା ନୟାଗଡ଼ ନାଟକର ବିକାଶ ଉପରେ ଆଲୋକପାତ କରିଥିଲେ। ଓଡ଼ିଶା ନାଟ୍ୟ ସଂଘର ଜିଲ୍ଲା ସଂଯୋଜକ ଶରତ ଚନ୍ଦ୍ର ଆଚାର୍ଯ୍ୟ ସ୍ୱାଗତ ଭାଷଣ ଦେଇଥିବା ବେଳେ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ଅଧ୍ୟାପିକ ନିଳୀମା ନନ୍ଦ। ଏହି ଅବସରରେ +୨ ଓ +୩ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ଏକକ ଅଭିନୟ, ମୁକାଭିନୟ ଓ ସଂଳାପ କହିବା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅତିଥି ବିଚାରକ ରୂପେ ଯୋଗଦେଇଥିଲେ ମିଷ୍ଟର କାଳିଆ, କାମାକ୍ଷା ପ୍ରସାଦ ଦାଶ ଓ ଗୋକୁଳ କୁମାର ଷଡ଼ଙ୍ଗୀ। ବରିଷ୍ଠ ଅଭିନେତା ନିରଞ୍ଜନ ମହାପାତ୍ରଙ୍କ ବରିଷ୍ଠ ନାଗରିକଙ୍କ ସମସ୍ୟାକୁ ନେଇ ଏକକ ଅଭିନୟ ଥିଲା ହୃଦୟସ୍ପର୍ଶୀ।

## ବଢୁଛି ମହାନଦୀ ଜଳସ୍ତର

ଗଣିଆ,୨୭।୯ (ସମିସ): ଲଘୁଚାପ ଜନିତ ବର୍ଷା ଯୋଗୁଁ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ବଢିବା ଯୋଗୁଁ ହୀରାକୁଦରୁ ୧୬ଟି ଗେଟ୍ ଯୋଗେ ଜଳ ନିଷ୍କାସନ ହେଉଛି। ଯାହା ଫଳରେ ମହାନଦୀରେ ଜଳସ୍ତର ବଢିବାରେ ଲାଗିଛି। ଗତ ୩ ଦିନ ଧରି ଲଗାଣ ବର୍ଷା ଜନଜୀବନ ଅସ୍ତବ୍ୟସ୍ତ କରି ଦେଇଛି। ଗଣିଆ ବ୍ଲକ ଦେଇ ମହାନଦୀ ପ୍ରବାହିତ ହେଉଥିବା ବେଳେ ନଦୀକୂଳିଆ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ଅଛନ୍ତି। ନଦୀରେ ପାଣି ବଢୁଥିବା ଯୋଗୁଁ ବ୍ଲକର ନଦୀକୂଳିଆ ୱାଲିପୁର, ରାଉତପଡା, ପତୁରିଆ, ଛାମୁଣ୍ଡିଆ, ବଡସିଲିଙ୍ଗା, ରାସଙ୍ଗ ଅଞ୍ଚଳବାସୀଙ୍କ ମଧ୍ୟରେ ବନ୍ୟା ଆଶଙ୍କା ଦେଖାଦେଇଛି। ବିଭାଗୀୟ ସୂତ୍ରରୁ ଜଣାପଡିଛି ଯେ ମଣିଭଦ୍ରା ଠାରେ ଜଳସ୍ତର ବିପଦ ସଙ୍କେତ ତଳେ ଥିବା ଜଣାପଡିଛି। ବର୍ତ୍ତମାନ ଜଳସ୍ତର ୪.୬୫ମି ଥିବା ବିଭାଗୀୟ ଅଧିକାରୀ ପ୍ରକାଶ କରିଛନ୍ତି। ବର୍ଷା ଲାଗି ରହିଥିବାରୁ ଜଳସ୍ତର ବୃଦ୍ଧି ପାଇପାରେ ବୋଲି ବିଭାଗୀୟ ଅଧିକାରୀ ସୂଚନା ପ୍ରଦାନ କରିଛନ୍ତି।

## ହ୍ୟାଣ୍ଡବଲ୍ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଭାପୁର,୨୭।୯ (ସମିସ): ନୟାଗଡ଼ ଜିଲ୍ଲା ହ୍ୟାଣ୍ଡବଲ୍ ଆସୋସିଏସନ ଆନୁକୂଲ୍ୟରେ ୧୪ ବର୍ଷରୁ କମ ବାଳକ ବାଳିକାଙ୍କ ପାଇଁ ଏକ ଦିନିକିଆ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଯାଇଛି। ଜିଲ୍ଲାରେ ତୃଣମୂଳ ସ୍ତରରୁ ହାଣ୍ଡବଲକୁ ଆଦୃତ କରିବ ଉଦ୍ଦେଶ୍ୟରେ ଜିଲ୍ଲା ଆସୋସିଏସନ ଏହି ପ୍ରୟାସ କରିଛି। ଜିଲ୍ଲାର ଭାପୁର ବ୍ଲକ ବାଘୁଆପଲ୍ଲୀ ପଞ୍ଚାୟତ ଓଳାସ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶନିବାର ଦିନ ଏହି ଶିବିର ଆୟୋଜିତ ହୋଇଥିଲା। ଏଥିରେ ଜିଲ୍ଲାର ଅନେକ ବିଦ୍ୟାଳୟ ବାଳକ ବାଳିକାମାନେ ଭାଗ ନେଇଥିଲେ। ଶିବିରକୁ ପରିଚାଳନା କରିଥିଲେ ରାଜ୍ୟ ସ୍ତରୀୟ ଖେଳାଳି କାହ୍ନୁଚରଣ ମହାରଣା, କରନ ମହାପାତ୍ର, ସୌମ୍ୟ ରଞ୍ଜନ କାଠୁଆ, ଗୋବିନ୍ଦ ସାହୁ, ବଳରାମ ବେହେରା, ଶିବୁନା ବସନ୍ତରା। ଖେଳକୁ ଉଦଘାଟନ କରିଥିଲେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବୈଦନାଥ ବେହେରା ,ଜିଲ୍ଲା କ୍ରିଡା ସମ୍ପାଦକ ବିଷ୍ଣୁପ୍ରସାଦ ପଟ୍ଟନାୟକ। ସହଯୋଗ କରିଥିଲେ ପରିଚାଳନା କମିଟିର ସଭାପତି ମନୋଜ କୁମାର ବାରିକ।

## ମହିଳାଙ୍କ ମୃତ୍ୟୁ ସନ୍ଦେହଘେରରେ

ଶରଣକୁଳ,୨୭।୯ (ସମିସ): ଶରଣକୁଳ ଥାନା ଅନ୍ତର୍ଗତ କୁଟୁଣୀ ଗ୍ରାମର ବଧୂ ମୀରା ନାୟକଙ୍କ ଶୁକ୍ରବାର ମୃତ୍ୟୁ ହୋଇଥିବା ଜଣାପଡିଛି। ମୀରା ନାୟକ ନିଜେ ବିଷ ପିଇ ଆତ୍ମହତ୍ୟା କରିଛି ନା ତା'କୁ ବିଷ ପିଆଇ ଦିଆଯାଇଛି ତାହା ସଠିକ ଭାବରେ ଜଣାପଡିନାହିଁ। ମୀରାଙ୍କ ବାପା ମହେଶ୍ୱର ପ୍ରଧାନ ତାଙ୍କ ଝିଅକୁ ଶାଶୁ ଘର ଲୋକେ ମାରି ଦେଇଥିବା ଶରଣକୁଳ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ଶରଣକୁଳ ଥାନା ପୁଲିସ କେସ୍ ନମ୍ବର ୨୧୪/୨୫ ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଜଣାପଡ଼ିଛି। ଘଟଣାରୁ ପ୍ରକାଶ ନୂଆଗାଁ ଥାନା ଅଧୀନ ଲୁଣିସରା ଗ୍ରାମର ମହେଶ୍ୱର ପ୍ରଧାନଙ୍କ ଝିଅ ମୀରା ୫ ବର୍ଷ ତଳେ କୁଟୁଣୀ ଗ୍ରାମର ପୀତବାସ ନାୟକ(୩୦) ଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବର୍ତ୍ତମାନ ସେମାନଙ୍କର ୪ ବର୍ଷ ଗୋଟିଏ ଝିଅ ଅଛି। ଶୁକ୍ରବାର ମୀରାଙ୍କୁ ଚିକିତ୍ସା ପାଇଁ ନୟାଗଡ଼ ଜିଲ୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶନିବାର ଶରଣକୁଳ ପୁଲିସ ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଘଟଣାର ତଦନ୍ତ ପାଇଁ ମୀରାଙ୍କ ସ୍ୱାମୀ, ଶାଶୁ ଓ ଶ୍ୱଶୁରଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି।

### ■ ପଦାରେ ପଡ଼ିଲା ବିଜେପି ଗୋଷ୍ଠୀ କନ୍ଦଳ

## କର୍ମୀଙ୍କୁ ଦୁର୍ବ୍ୟବହାର କରି ଛେଚା ଖାଇଲେ ସାଂସଦ ପ୍ରତିନିଧି

ଦଶପଲ୍ଲା,୨୭।୯ (ସମିସ): କର୍ମୀ ବଡ଼ ନା ନେତା ବଡ଼ ଏହାର ରାଜନୈତିକ ତର୍ଜମା ଜାରି ରହିଥିବା ବେଳେ ଆଜି ଦଶପଲ୍ଲାରେ ଏହାର ପରୀକ୍ଷାମୂଳକ ଫଳାଫଳ ଦେଖିବାକୁ ମିଳିଛି। ଆଜି ସନ୍ଧ୍ୟାରେ ସ୍ଥାନୀୟ ମେଡିକାଲ ଛକରେ କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ ଭୁବନେଶ୍ୱର ଫେରିବା ବାଟରେ ସମବେତ ବିଜେପି କର୍ମୀଙ୍କୁ ସୌଜନ୍ୟ ମୂଳକ ଭାବରେ ଭେଟିଥିଲେ। ସାଂସଦ କର୍ମୀଙ୍କୁ ଶୃଙ୍ଖଳା ଓ ଅନୁଶାସନ ମାନି ସଂଗଠନକୁ ସୁଦୃଢ କରିବାକୁ ପରାମର୍ଶ ଦେଇଥିଲେ। ଏଥି ସହିତ ଆସନ୍ତାକାଲି ଦଶପଲ୍ଲାରେ ଆୟୋଜିତ କାର୍ଯ୍ୟକ୍ରମରେ ସମସ୍ତେ ସାମିଲ ହେବାକୁ ଅନୁରୋଧ କରି ଦଶପଲ୍ଲା ଛାଡିଥିଲେ। ଏହା ପରେ ଉପସ୍ଥିତ କର୍ମୀମାନେ ସାଂସଦ ପ୍ରତିନିଧିଙ୍କୁ ତାଙ୍କ ସାଂଗଠନିକ ଅପାରଗତା ଯୋଗୁଁ ତୀବ୍ର ସମାଲୋଚନା ସହିତ ପଦବୀରୁ ଦୂରେଇ ଯିବାକୁ ପରାମର୍ଶ ଦେଇଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ସାଂସଦ ପ୍ରତିନିଧି ଜନୈକ କର୍ମୀଙ୍କୁ ତୁ କିଏ କହି କୁଆଡେ ଚାପୁଡ଼ା ମାରିଥିଲେ। ପରିଣାମର ସ୍ୱରୂପ ଉତ୍ୟକ୍ତ କର୍ମୀଙ୍କ ସମୂହ ରୋଶର ଶିକାର ହୋଇ ପ୍ରବଳ ମାଡ଼ ଖାଇଥିବା ପ୍ରତ୍ୟକ୍ଷଦର୍ଶୀ ସୂତ୍ରରୁ ପ୍ରକାଶ। ଏଥି ନେଇ ସ୍ଥାନୀୟ ପୁଲିସ କିଛି କର୍ମୀଙ୍କୁ ଉଠାଇ ନେଇ ଅଟକ ରଖିଥିବା ବେଳେ ରିପୋର୍ଟ ଲେଖା ଯିବା ବେଳକୁ ଏହାର ଆପୋଷ ସମାଧାନ ନିମନ୍ତେ ଚେଷ୍ଟା ସହିତ ଥାନା ପରିସରରେ ଗହଳି ଦେଖିବାକୁ ମିଳିଛି।

## ବିପଦପୂର୍ଣ୍ଣ ଶ୍ରୀନୀଳମାଧବଙ୍କ ପାର୍କିଂ ସ୍ଥଳୀ

କଣ୍ଟିଲୋ,୨୭।୯ (ସମିସ): ରାଜ୍ୟର ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳ ଭାବେ ଶ୍ରୀନୀଳମାଧବ କ୍ଷେତ୍ର ସୁପରିଚିତ। ଏଠାକୁ ପ୍ରତ୍ୟେହ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ପର୍ଯ୍ୟଟକ ମହାପ୍ରଭୁଙ୍କ ଦର୍ଶନ ନିମିତ୍ତ ଆସିଥାନ୍ତି। କିନ୍ତୁ ବିଡମ୍ବନାର ବିଷୟ ଯାତ୍ରୀଙ୍କ ସୁବିଧା ସୁଯୋଗ ପାଇଁ ଏଠାରେ କୌଣସି ସୁବ୍ୟବସ୍ଥା ନାହିଁ। ନୀଳମାଧବଙ୍କ ପୂର୍ବ ଦ୍ୱାର ନିକଟରେ ଥିବା ପାର୍କିଂ ବ୍ୟବସ୍ଥା ଅତ୍ୟନ୍ତ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି।



ପ୍ରତ୍ୟେକ୍ଷଦର୍ଶୀଙ୍କ ସୂଚନା ଅନୁଯାଇ ଆଜି ମଧ୍ୟାହ୍ନ ସମୟରେ ଉକ୍ତ ପାର୍କିଂ ସ୍ଥଳରେ ଥିବା ବିଶାଳ ବରଗଛର ଏକ ବୃହତ ଅଂଶ ଭାଙ୍ଗି ଏକ ବୁଲାଗାଈ ଉପରେ ପଡିବାରୁ ଗାଈଟି ଗଭୀର କ୍ଷତାକ୍ତ ହେଇଛି। ତେଣୁ ଉକ୍ତ ଜାଗାକୁ ସୁରକ୍ଷା ଏବଂ ସୁରକ୍ଷିତ ରଖିବା ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦେବାପାଇଁ ଦେବୋତ୍ତର ବିଭାଗ ଓ ପ୍ରଶାସନ ନିକଟରେ ସ୍ଥାନୀୟ ବାସିନ୍ଦା ମାନେ ଦାବି କରିଛନ୍ତି।

## ବାହାଡ଼ାଶୁଣୀ ପର୍ବ ଉଦ୍‌ଘାଟିତ



ଖଣ୍ଡପଡା,୨୭।୯ (ସମିସ): ଖଣ୍ଡପଡା ବ୍ଲକ ଅଧୀନ ବନମାଳିପୁର ପଞ୍ଚାୟତ ଅନ୍ତର୍ଗତ ବାହାଡ଼ା ଗ୍ରାମରେ ଦୀର୍ଘ ଦୁଇଶହ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ପୂଜା ପାଉଥିବା ମା' ବାହାଡ଼ାଶୁଣୀଙ୍କ ବାର୍ଷିକ ଯାତ୍ରା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ବହୁ ପୁରାତନ ଶକ୍ତିପୀଠ ମା' ବାହାଡ଼ାଶୁଣୀଙ୍କ ଶାରଦୀୟ ପର୍ବ ପୀଠେ ଷଷ୍ଠୀ, ସପ୍ତମୀ ଓ ଅଷ୍ଟମୀରେ ମା'ଙ୍କ ପୀଠରେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଭିଡ଼ ଜମେଇଥାନ୍ତି। ଯାତ୍ରାରେ ଦୁଇ ଧରି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହେବା ସହ ସାମାଜିକ ନାଟକ ପରିବେଷଣ ହେବ ବୋଲି ଅନୁଷ୍ଠାନ ପକ୍ଷରୁ ଜଣାଯାଇଛି। ତେବେ ରବିବାର ମା'ଙ୍କର ମହାସପ୍ତମୀ ପୂଜାରେ ଉଭା କାର୍ଯ୍ୟ ହେବ ବୋଲି ଜଣାଯାଇଛି। ଅଧିକ ଜନସମାଗମ ହେବାର ସମ୍ଭାବନା ଥିବାରୁ ଫତେଗଡ଼ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ଜଣାପଡିଛି। ଜନ୍ମେଜୟ ଦଳେଇ, ରବିନ୍ଦ୍ର ବେହେରା, ଦୟାନିଧି ଦଳେଇ, ପ୍ରଫୁଲ୍ଲ ଖଟୁଆ, ଅଗାଧୁ ପ୍ରଧାନ, ଦଣ୍ଡଧର ମଲ୍ଲ, ମହେଶ୍ୱର ସାହୁ, ନବକିଶୋର ମଲ୍ଲ, ମାନଗୋବିନ୍ଦ ନାୟକ, ପ୍ରଫୁଲ୍ଲ ମଲ୍ଲ, ସୂରିଆ ନାୟକ, ସୁକାନ୍ତ ଖଟୁଆ, ଗୋପାଳ ଦଳେଇ, ପ୍ରସନ୍ନ ଖଟୁଆ, ଶ୍ରୀନିବାସ ଖଟୁଆ, ରବିନ୍ଦ୍ର ଦଳେଇ, ପ୍ରଭାକର ନାୟକ, କେଶବ ନାୟକ, ଅନନ୍ତ ବେହେରା, ଧନୁ ଦଳେଇ, ପ୍ରକାଶ ସ୍ୱାଇଁ, ହାଡିବନ୍ଧୁ ସ୍ୱାଇଁ, ସୁରେନ୍ଦ୍ର ବେହେରା, ମକୁନ୍ଦା ନାଏକ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

## ଅବ୍ୟବହୃତ ଗୋଷ୍ଠୀ ଶୌଚାଳୟ



ଗଣିଆ,୨୭।୯ (ସମିସ): ଗଣିଆ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପାଖରେ ଥିବା ଗୋଷ୍ଠୀ ଶୌଚାଳୟ ଅବ୍ୟବହୃତ ହୋଇ ପଡ଼ିରହିଛି। ଶୌଚାଳୟ ସମ୍ମୁଖରେ ଅଳିଆ ଆବର୍ଜନା ଗଦା ହୋଇ ପଡ଼ି ରହିଥିବା ବେଳେ ଅନାବନା ବୃକ୍ଷରେ ପରିପୂର୍ଣ୍ଣ ହୋଇ ଜଙ୍ଗଲ ପାଲଟିଛି। ୨୦୨୧-୨୨ ଆର୍ଥିକ ବର୍ଷରେ ସ୍ୱଚ୍ଛ ଭାରତ ମିଶନ ଜରିଆରେ ଦୁଇଲକ୍ଷ ଦଶ ହଜାର ଟଙ୍କା ବ୍ୟୟରେ ଏହି ଶୌଚାଳୟ ନିର୍ମାଣ କରାଯାଇଥିଲା। ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସୁଥିବା ମହିଳା ତଥା ଭିନ୍ନକ୍ଷମ ବ୍ୟକ୍ତି ବିଶେଷ ଭାବେ ଉପକୃତ ହେବା ଲକ୍ଷ୍ୟରେ ଏହା ନିର୍ମାଣ କରାଯାଇଥିଲା। ଏହାର ପ୍ରକୃତ ଲକ୍ଷ୍ୟ ସାଧନ ହୋଇପାରୁନାହିଁ। ସବୁବେଳେ ତାଲା ପଡ଼ି ବନ୍ଦ ହୋଇ ରହୁଥିବା ବେଳେ ଏହା ସମ୍ମୁଖ ଆବର୍ଜନାମୟ ହୋଇ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ସ୍ୱଚ୍ଛତା ପାଇଁ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ବେଳେ ଖୋଦ୍ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପାଖରେ ଥିବା ଶୌଚାଳୟ ଅବସ୍ଥା ନକହିବା ଭଲ। ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ବ୍ରାହ୍ମଣ ସମାଜର ବାର୍ଷିକ ବୈଠକ

ଓଡ଼ଗାଁ,୨୭।୯ (ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଏନ୍‌ଏସି ଶ୍ରୀ ରଘୁନାଥ ବୈଦିକ ବ୍ରାହ୍ମଣ ସମାଜର ବାର୍ଷିକ ବୈଠକ ସଭାପତି ଭଗବାନ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ହ୍ୱାଇଟ ହାଉସ୍ କଲ୍ୟାଣୀ ମଣ୍ଡପ ଠାରେ ଅନୁଷ୍ଠିତ



ହୋଇଯାଇଛି। ଉକ୍ତ ବ୍ରାହ୍ମଣ ସମାଜରେ ଉମେଶ ଚନ୍ଦ୍ର ମିଶ୍ର ଏବଂ ବୈକୁଣ୍ଠ ବିହାରୀ ମିଶ୍ରଙ୍କୁ ନୂତନ ସଭ୍ୟ ଭାବରେ ଗ୍ରହଣ କରାଯାଇଥିଲା। ଫଳରେ ବର୍ତ୍ତମାନ ପାଇଁ ପରିବାର ସଂଖ୍ୟା ୪୩ ରୁ ୪୫କୁ ବୃଦ୍ଧି ପାଇଛି। ସଭାପତି ସମାଜର ସାଙ୍ଗଠନିକ କାର୍ଯ୍ୟକ୍ରମ ବିଷୟରେ ସମସ୍ତଙ୍କ ସହିତ ଆଲୋଚନା କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ସ୍ୱର୍ଗତ ଧନେଶ୍ୱର ଦାଶଙ୍କ ପୁଣ୍ୟତିଥିରେ ତାଙ୍କର ସ୍ମୃତିଚାରଣ କରା ଯାଇଥିଲା। ଅନ୍ୟମାନଙ୍କ ସହିତ ସରକାରୀ ଅଧିବକ୍ତା ଇନ୍ଦୁଭୂଷଣ ମିଶ୍ର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଜଳନ୍ଧର ରଥ, ଜଗଦୀଶ ମିଶ୍ର, ପ୍ରଫୁଲ ମହାପାତ୍ର, ଶିକ୍ଷକ ଭାବଗ୍ରାହୀ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଶେଷରେ ସ୍ୱସ୍ତି ବାଚନ କରାଯାଇ ବୈଠକ ସମାପିତ ହୋଇଥିଲା।

# ପୃଥକ୍ ପୃଥକ୍ ଘଟଣାରେ ୩ ଗିରଫ

ଖଣ୍ଡପଡ଼ା,୨୭।୯ (ସମିସ)

ପୃଥକ ପୃଥକ ଘଟଣାରେ ପୁଲିସ ୩ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୧୧ ଗ୍ରାମ ସୁନା, ୪ଟି ମୋବାଇଲ ଫୋନ ଏବଂ ୩ଟି ବାଇକ ଜବତ କରିଥିବା ନେଇ ସୂଚନା ମିଳିଛି। ଖଣ୍ଡପଡ଼ା ବ୍ଲକ ଅଧୀନ ଶିଖରପୁର ଗ୍ରାମର କୌଶଲ୍ୟା ସାହୁ (୫୪) ଗୁରୁବାର ଚୋରି ନେଇ ଥାନାରେ ଏତଲା ହୋଇଥିଲା। ଗୁରୁବାର ରାତି ପ୍ରାୟ ସାଢେ ୮ ଟାରେ ମହିଳା ଜଣକ ନିଜ ପାନ ଦୋକାନରେ ବସିଥିବା ବେଳେ ଦୁଇ ଦୁର୍ବୃତ୍ତ ସିଗାରେଟ ମାଗିଥିଲେ। ତେବେ ପଇସା ଦେବା ବାହାନାରେ ହଠାତ ତାଙ୍କ ବେକରେ ଥିବା ମାଳି ଝାମ୍ପି ନେଇଥିଲେ। ତେବେ ପାଟି ତୁଣ୍ଡ ଶୁଣି ସ୍ଥାନୀୟ ବାସିନ୍ଦା ପହଞ୍ଚିବାରୁ ଦୁଇ ଦୁର୍ବୃତ୍ତଙ୍କ ମଧ୍ୟରୁ ଜଣେ ଖସିଯାଇଥିବା ବେଳେ ଅନ୍ୟ ଜଣଙ୍କୁ କାବୁ କରିଥିଲେ। ତେବେ ସ୍ଥାନୀୟ ପୁଲିସ ଖବର ପାଇ ପିଛା କରିବା ପରେ ଅନ୍ୟ ଜଣକୁ ମଧ୍ୟ ମାଡ଼ିବସିଥିଲା। ଗିରଫ ଦୁଇ ଦୁର୍ବୃତ୍ତ ହେଲେ ନୟାଗଡ ଜଜାଙ୍ଗିସାହିର କୃଷ୍ଣ ସାହୁ (୪୫) ଏବଂ କୈଳାସ ପ୍ରଧାନ (୨୪)। ଦୁହିଁଙ୍କ ନାମରେ ପୂର୍ବରୁ ମଧ୍ୟ ଏକାଧିକ



ମାମଲା ରହିଥିବା ସୂଚନା ମିଳିଛି। ପୁଲିସ ଉଭୟଙ୍କ ଠାରୁ ୧୧ ଗ୍ରାମ ସୁନା, ଗୋଟିଏ ମୋବାଇଲ ଏବଂ ବାଇକ ଜବତ କରିଥିବା ସୂଚନା ଦେଇଛି। ସମାନଭାବେ ଖଣ୍ଡପଡ଼ା ସହରାଞ୍ଚଳ ଅଧୀନ ସୌମ୍ୟବିହାର ପରିସରରୁ ମୋବାଇଲ ଚୋରି ହୋଇଥିବା ନେଇ ଥାନାରେ ଏତଲା ହୋଇଥିବା ବେଳେ ଘଟଣାର ଖୋଳତାଡ କରିବା ପରେ ବୋଦସା ଗ୍ରାମର ସୁଶାନ୍ତ ବସ୍ତି (୨୭)କୁ ଗିରଫ କରିଛି। ଗତକାଲି ରାତିରେ ସୁଶାନ୍ତ ଭୁବନେଶ୍ୱର ଅଞ୍ଚଳରୁ ଏକ ବାଇକ ଚୋରି କରିଥିବା ବେଳେ ବିଳମ୍ବିତ ରାତିରେ ସୌମ୍ୟବିହାର ପରିସରରେ ପଶି ମୋବାଇଲ ଲୁଟ କରିଥିଲା। ସୁଶାନ୍ତ ନିକଟରୁ ଚୋରି ହୋଇଥିବା ମୋବାଇଲ ଫୋନ ସମେତ ଗୋଟିଏ ବାଇକ ଜବତ କରିଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି। ଏ ନେଇ ଅଧିକ ତଦନ୍ତ କରାଯାଉଥିବା ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ମଦନ ମୋହନ ପ୍ରଧାନ ସୂଚନା ଦେଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଥାନାଧିକାରୀ ନିହାର ରଞ୍ଜନ ମହାନ୍ତି, ଏସଆଇ ମନସ୍ମିତା ସାହୁ, ଏସ୍‌ଆଇ ଗୋପବନ୍ଧୁ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ଲକ୍‌ସ୍ତରୀୟ ହିନ୍ଦୀ ଦିବସ ସମାରୋହ

ଗଣିଆ,୨୭।୯ (ସମିସ): ଗଣିଆ ବ୍ଲକ ହିନ୍ଦୀ ଶିକ୍ଷକ ସଂଘ ତରଫରୁ ବ୍ଲକ ସ୍ତରୀୟ ହିନ୍ଦୀ ଦିବସ ସମାରୋହ ସ୍ଥାନୀୟ ଗୁପ୍ତେଶ୍ୱର ବିଦ୍ୟାପୀଠ ଛାମୁଣ୍ଡିଆଠାରେ ଅନୁଷ୍ଠିତ ହୋଇଯାଇଛି। ହିନ୍ଦୀ ଶିକ୍ଷକ ସଂଘ ଅଧ୍ୟକ୍ଷ ନବକିଶୋର ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ରବିନ୍ଦ୍ରନାଥ ରାଉତରାୟ, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଗୋଦାବରୀ ବସନ୍ତିଆ, ଅଧ୍ୟାପକ ନିରାକାର ସ୍ୱାଇଁ, ପ୍ରଧାନଶିକ୍ଷକ ରଜତ କୁମାର ପ୍ରଧାନ, ଗ୍ରାମପଞ୍ଚାୟତ ଉଚ୍ଚ ବିଦ୍ୟାଳୟ କିଶୋର ପ୍ରସାଦ ପ୍ରଧାନ ଶିକ୍ଷକ ଜଗଦୀଶ ମିଶ୍ର, ବରିଷ୍ଠ ନାଗରିକ ମଞ୍ଚର ସଭାପତି ଗିରିଶ କୁମାର ମିଶ୍ର, ସରପଞ୍ଚ ଦୀପ୍ତି ରେଖା ସେନାପତି ପ୍ରମୁଖ ମଞ୍ଚାସୀନ ଥିଲେ। ଗଣିଆ ବ୍ଲକର ସମସ୍ତ ହିନ୍ଦୀ ଶିକ୍ଷକ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ହିନ୍ଦୀ ଶିକ୍ଷା ପ୍ରତି ଛାତ୍ର ଛାତ୍ରୀଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିବା ସହିତ ହିନ୍ଦୀ ଆମ ରାଷ୍ଟ୍ର ଭାଷା ହୋଇଥିବାରୁ ସମସ୍ତେ ହିନ୍ଦୀ ଶିକ୍ଷାକୁ ଗୁରୁତ୍ୱ ଦେବା ଦରକାର ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ।

# ବିଭିନ୍ନ ବେଶରେ ସୁଶୋଭିତା ମା' ନିଜ ବାଙ୍କେଶ୍ୱରୀ

ବ୍ରହ୍ମପୁର, ୨୭।୯ (ସମିସ)



ପ୍ରସିଦ୍ଧ ଶକ୍ତିପୀଠ ମା' ନିଜ ବାଙ୍କେଶ୍ୱରୀ। ବିଭିନ୍ନ ରାଜା ମହାରାଜାମାନଙ୍କ ପୃଷ୍ଠ ପୋଷକତାରେ ଜନସାଧାରଣଙ୍କ ଦ୍ୱାରା ପୂଜିତ ହେଉଥିବା ମାତୃଶକ୍ତିର ବହୁବିଧ ରୂପ ବୈଚିତ୍ର ମଧ୍ୟରୁ ଅନ୍ୟତମ ରୂପ ମା' ନିଜ ବାଙ୍କେଶ୍ୱରୀ। ଦିଗପହଣ୍ଡି ବ୍ଲକ ବଡ଼ଡୁମ୍ବୁଳା ଗ୍ରାମରେ ମା' ବିଜେସ୍ଥଳ। ସୂର୍ଯ୍ୟୋଦୟ ସମୟରେ ମା'ଙ୍କୁ ସ୍ନାନ ମାର୍ଜନା କରାଯାଇ ମନୋହର ମହାର୍ଦ୍ଧ ସମର୍ପଣ କରାଯାଏ। ଦୁଇ ବେଳା ସେଠାରେ ଶଙ୍ଖୁଡ଼ି ଓ ନିଶଙ୍ଖୁଡ଼ି ଭୋଗ ଲାଗି ହୁଏ। ପ୍ରତିଦିନ ସନ୍ଧ୍ୟାରେ ପୂଜା ପରେ ସୂର୍ଯ୍ୟାସ୍ତ ପରେ ସନ୍ଧ୍ୟା ଆଳତି ଘଣ୍ଟ କାହାଳୀ ବଜାଯାଇ ରାତ୍ରି ପହୁଡ଼ ପଡେ। ପ୍ରତିଦିନ ମା'ଙ୍କୁ ପଞ୍ଚ ଉପଚାରରେ ପୂଜା କରାଯାଏ। ଦଶହରା ଅବସରରେ ଷୋହଳ ଦିନ ମା'ଙ୍କୁ ଷୋଡ଼ଶ ଉପଚାରରେ ପୂଜିତ କରାଯାଇଥାଏ। ଶରତକାଳୀନ ଦୁର୍ଗାପୂଜା ଅବସରରେ ବିଭିନ୍ନ ବେଶରେ ମା' ସୁଶୋଭିତା ହୋଇଥାନ୍ତି। ଦୁର୍ଗାପୂଜା ସମୟରେ ମା'ଙ୍କ ଷୋଡ଼ଶ ଉପଚାର ପୂଜା ଦେଖିବାକୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମେ। ସେହିପରି ପ୍ରତିବର୍ଷ ଫାଲ୍‌ଗୁନ ପୂର୍ଣ୍ଣିମା ଦିନ ମା' ବାଙ୍କେଶ୍ୱରୀ ଠାକୁରାଣୀଙ୍କ ଦୋଳପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଥାଏ। ରାଜ୍ୟ ତଥା ରାଜ୍ୟ ବାହାରୁ ମାନସିକଧାରୀ ଆସି ଏଠାରେ ମୁଣ୍ଡନ ସହ ଭୋଗ ଲାଗି କରି ନିଜର ଅଭିଷ୍ଟ ସାଧନ କରିଥାନ୍ତି।

ସେହିପରି ଦିଗପହଣ୍ଡି ବ୍ଲକ ବି. ତୁରୁବୁଡି ପଞ୍ଚାୟତ କେରାଣ୍ଡିମାଳ ପର୍ବତ ଶିଖରରେ ବିଜେ ମା' ନିଜ ବାଙ୍କେଶ୍ୱରୀଙ୍କ ପୀଠରେ ମଧ୍ୟ ଆଶ୍ୱିନ ମୂଳାଷ୍ଟମୀ ତିଥିରୁ ସେବା ପୂଜା ବିଧି ସମ୍ପନ୍ନ ହେଉଛି। ଲୋକକଥା ଓ କିମ୍ବଦନ୍ତୀକୁ ଆଧାର କରି ମା' ବାଙ୍କେଶ୍ୱରୀଙ୍କ ଆବିର୍ଭାବ ସମ୍ପର୍କରେ ଅନେକ କଥା ଶୁଣାଯାଏ। ଏକଦା ବଡ଼ ଡୁମ୍ବୁଳା ଗ୍ରାମ ଇଲାକା ଘଞ୍ଚ ଜଙ୍ଗଲ ପରିପୂର୍ଣ୍ଣ ଥିଲା। ସର୍ବଦା ପାହାଡ଼ ଚଢ଼ି ମା'ଙ୍କ ପୂଜା ପାଇଁ ଯାଉଥିବା ପୂଜକ କେରାଣ୍ଡିମାଳ ପାହାଡ଼ ଶୀର୍ଷରେ ଥିବା ମା' ନିଜ ବାଙ୍କେଶ୍ୱରୀଙ୍କ ପୀଠରେ ପୂଜାର୍ଚ୍ଚନା କରି ଘରକୁ ଫେରିଥିଲେ। ଦିନେ ପିତଳ ଘଣ୍ଟି ଓ ଢାଳ ଭୁଲରେ ମା' ଙ୍କ ପୀଠରେ ଛାଡ଼ି ଦେଇଥିଲେ। ରାତିରେ ପୂଜକଙ୍କୁ ସ୍ୱପ୍ନାଦେଶ ହେଲା ତୁମେ ଆଉ କଷ୍ଟ କରି ମୋତେ ପୂଜା ପାଇଁ ପାହାଡ଼ ଶିଖରକୁ ଆସନାହିଁ। ମୁଁ ତୁମେ ଛାଡ଼ି ଯାଇଥିବା ଢ଼ାଳ ଏବଂ ଘଣ୍ଟିକୁ ତୁମ ଗାଁ ନିକଟ ବାଉଁଶ ବଣକୁ ଫୋପାଡି ଦେଇଛି। ସେଠି ମୋତେ ପୂଜା କର। ଏନେଇ ପୂଜକ ଜଣକ ଗ୍ରାମବାସୀଙ୍କୁ ଜଣାଇଥିଲେ। ପରେ ଗ୍ରାମବାସୀ ତତ୍କାଳୀନ ବଡ଼ଖେମୁଣ୍ଡି ରାଜା ଅନନ୍ତ ଅନଙ୍ଗ କେଶରୀ ଦେବ (ରାଜତ୍ୱ କାଳ ୧୬୩୨-୧୬୮୨ ଖ୍ରୀ.ଅ)ଙ୍କୁ ସାକ୍ଷାତ କରି ଜଣାଇବାରୁ ତାଙ୍କ ନିର୍ଦ୍ଦେଶ କ୍ରମେ ଗ୍ରାମବାସୀ ବାଉଁଶ ଜଙ୍ଗଲରେ ପିତଳ ନିର୍ମିତ ଢାଳ ଏବଂ ଘଣ୍ଟି ଖୋଜିବା ପରେ ମିଳିଥିଲା। ରାଜା ସେଠାରେ ମା' ବାଙ୍କେଶ୍ୱରୀ ଠାକୁରାଣୀଙ୍କ ମନ୍ଦିର ନିର୍ମାଣ ପୂଜାବିଧି ଆରମ୍ଭ କରିଥିଲେ। କାଳକ୍ରମେ ଉକ୍ତ ମନ୍ଦିର ଜରାଜୀର୍ଣ୍ଣ ଅବସ୍ଥାକୁ ଆସିଯିବାରୁ ଖେମୁଣ୍ଡି ରାଜବଂଶର ରାଜା କୃପାମୟ ଦେବ ଗଜପତି (ରାଜତ୍ୱ କାଳ ୧୮୯୮ - ୧୯୨୨ ଖ୍ରୀ. ଅ) ସେହି ସ୍ଥାନରେ ପକ୍କା ମନ୍ଦିର ନିର୍ମାଣ କରିଥିଲେ। ଖେମୁଣ୍ଡି ରାଜ୍ୟର ଗଙ୍ଗ ବଂଶର ଇଷ୍ଟ ଦେବୀ ମା' ମାଣିକେଶ୍ୱରୀଙ୍କ ତୁଲ୍ୟ ଅନ୍ୟତମ ଇଷ୍ଟ ଦେବୀ ମା' ବାଙ୍କେଶ୍ୱରୀଙ୍କୁ ରାଜ ପରିବାର ସଦସ୍ୟମାନେ ପୂଜା କରିଥାନ୍ତି।

# ମା' ରତନେଇ: ଉପାସନା ଓ ସାଧନାର ପ୍ରାଚୀନ ଶକ୍ତିପୀଠ

ବ୍ରହ୍ମପୁର, ୨୭।୯ (ସମିସ): ସ୍ୱତନ୍ତ୍ର ବୈଶିଷ୍ଟ ବିସ୍ତୃତ କିମ୍ବଦନ୍ତୀ ବହନ କରୁଥିବା ରତନେଇ ପୀଠର ପ୍ରାକୃତିକ ସୁନ୍ଦରତା ଅତ୍ୟନ୍ତ ବିରଳ। ଖେମୁଣ୍ଡି ଇତିହାସରୁ ଜଣାଯାଏ ପର୍ବତ ଶୀର୍ଷର ରତନେଇ ପୀଠ। ପାହାଡ଼ ତଳେ ଐତିହାସିକ ପ୍ରତାପଗିରି ଦୁର୍ଗ। ରତନେଇ ଏକ ଐତିହାସିକ ଓ ଶକ୍ତି ସାଧନାର ପ୍ରାଚୀନ ଶକ୍ତି ପୀଠ। ରତନେଇ ପୀଠର ଏକ ପ୍ରମୁଖ ଗୁରୁତ୍ୱ ହେଲା ଯେ, ସିଂହ ନାସିକା ଭଳି ଦୃଶ୍ୟମାନ ୫୦୦ମିଟର ଲମ୍ବର ଏକ ପଥର ଚଟାଣ ଉପରେ ଅବସ୍ଥିତ ରତନେଇ ମନ୍ଦିର। ଏଠାରେ ଋଷିମୁନିମାନେ ଗୁମ୍ଫା ମଧ୍ୟରେ ଉପାସନା କରୁଥିବା ସୂଚନା ମିଳେ। ବରିଷ୍ଠଙ୍କ କହିବାନୁସାରେ ଗଙ୍ଗବଂଶୀ ଗଜପତି ରାଜାଙ୍କର ରାଜ ନଅରରେ ଦୁଇ ଭଉଣୀ ରତନେଶ୍ୱରୀ (ବଡ଼), ମାଣିକେଶ୍ୱରୀ(ସାନ) ଇଷ୍ଟଦେବୀ ଭାବେ ପୂଜିତ ହେଉଥିଲେ। ଦୁଇ ଭଉଣୀ ରତନେଶ୍ୱରୀ, ମାଣିକେଶ୍ୱରୀଙ୍କ ମଧ୍ୟରେ କଳହ ସୃଷ୍ଟି ହେଉଥିଲା। ରାଜା ରାଜପୁରୋହିତଙ୍କୁ କହି ବିବାଦର ସମାଧାନ ଉଦ୍ୟମ କଲେ। ଦୁଇ ଭଉଣୀଙ୍କୁ ପୃଥକ ସ୍ଥାନରେ ରଖି ପୂଜା ପାଇଁ ପରାମର୍ଶ ଦେଇଥିଲେ। ରାଜା ଦୁଇ ଭଉଣୀଙ୍କ ପସନ୍ଦ ମୁତାବକ ପୃଥକ ସ୍ଥାନ ନିରୂପଣ କରିବାକୁ କହିଲେ। ବଡ଼ ଭଉଣୀ ରତନେଶ୍ୱରୀ ପ୍ରସ୍ତାବ ଦେଇ କହିଲେ, ସାନ ଅଲିଅଳି ଜେମା ରାଜ ପ୍ରସାଦ ଭିତରେ ରହୁ ମୁଁ ବଡ଼ ଏଣୁ ପର୍ବତ ଉପରେ ରହିବି। ପର୍ବତର ଶୀର୍ଷ ସ୍ଥାନ ନିରୂପଣ ପାଇଁ ରାଜା ନିଜ ହାତୀର ଶୁଣ୍ଢରେ ଏକ ରୁପା ଢାଳ ରଖି ପର୍ବତ ଉପରକୁ ପକାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ହାତୀ ଢାଳ ଫୋପାଡିବା ପରେ ରାଜା ନିଜର ସୈନ୍ୟମାନଙ୍କୁ ଢାଳ ସନ୍ଧାନ ପାଇଁ ପଠାଇଥିଲେ। କିନ୍ତୁ ହାତୀ ଫିଙ୍ଗିଥିବା ଢାଳର ସନ୍ଧାନ ହୋଇ ପାରିଲା ନାହିଁ। ରାଜାଙ୍କୁ ସ୍ୱପ୍ନାଦେଶ ପରେ ନିଜେ ରାଜା ସିଂହରାଜ ପର୍ବତ ମାଳର ଉଚ୍ଚତମ ଶୃଙ୍ଗର ଏକ ଗୁମ୍ଫା ଭିତରେ ସେହି ଢାଳର ସନ୍ଧାନ ପାଇ ରତନେଶ୍ୱରୀଙ୍କୁ ପାଇଲେ ଓ ସେଠାରେ ପୂଜାର୍ଚ୍ଚନା ଆରମ୍ଭ କରିଥିଲେ।

ବୁଦ୍ଧିଜୀବୀଙ୍କ କହିବା ଅନୁସାରେ ପ୍ରକୃତ ରତନେଶ୍ୱରୀଙ୍କ ପୀଠକୁ ଯିବା ଅସମ୍ଭବ। ପ୍ରଜାଙ୍କ ପାଇଁ ରାଜା ଘଞ୍ଚ ଜଙ୍ଗଲ କାଟି ପାଦ ଚଲା ରାସ୍ତା କରି ପାହାଡ଼ର ଉଚ୍ଚତମ ଶୃଙ୍ଗରେ ରତନେଶ୍ୱରୀଙ୍କ ବିଗ୍ରହ ସ୍ଥାପନ କରାଗଲା। ୧୬୫୦ ମସିହାରେ ତତ୍କାଳୀନ ସାନଖେମୁଣ୍ଡି ରାଣୀ ଚନ୍ଦ୍ରବଳି ଦେବୀ ରତ୍ନେଇ ପାହାଡ଼ ତଳ ପ୍ରତାପଗିରି ନିକଟସ୍ଥ କିଆନାଳ ଗଡ଼ ସମ୍ମୁଖରେ ଯୁଦ୍ଧ କରିଥିଲେ। ରାଣୀ ପରାଜିତ ହେଲେ ମଧ୍ୟ ଆତ୍ମସମର୍ପଣ ନକରି ସେହି କିଆ ନାଳ ଗଡ଼ରେ ଅଗ୍ନିରେ ଝାସ ଦେଇଥିଲେ। ସେହି ଦିନଠାରୁ ଅଞ୍ଚଳବାସୀ ଘଞ୍ଚ ଜଙ୍ଗଲ ମଧ୍ୟରେ ପାଦ ଚଲା ରାସ୍ତାରେ ଯାଇ ରତନେଶ୍ୱରୀ ମା'ଙ୍କ ଦର୍ଶନ ପାଇଲେ। କାଳକ୍ରମେ ପାଟପୁର, ଜୀଉରା, ପ୍ରତାପଗିରି, ନରସିଂହଗଡ଼, ଗଙ୍ଗାପୁର ଓ ଆଖପାଖ ଅଞ୍ଚଳରୁ ମା'ଙ୍କ ଦର୍ଶନ କରିବାକୁ ଯାଇ



ଫେରିବା ସମୟରେ ରାତ୍ର ହୋଇଯାଉଥିବା ହେତୁ ସେଠାରେ ରାତ୍ର ଯାପନ ପାଇଁ ପଥରରେ କିଛି ଗୃହ ନିର୍ମାଣ କରିଥିଲେ। ଯାହାକି ବର୍ତ୍ତମାନ ମଧ୍ୟ ଲୋକମାନେ ଯାଇ ସେହି ପଥର ନିର୍ମାଣ ଘରେ ରାତ୍ର ଯାପନ କରିଥାନ୍ତି। ରତନେଶ୍ୱରି ମା'ଙ୍କୁ ଦର୍ଶନ ପରେ ନିକଟରେ ଥିବା ରତ୍ନେଶ୍ୱର ଶିବ ମନ୍ଦିର ଦର୍ଶନ କରିଥାନ୍ତି ଶ୍ରଦ୍ଧାଳୁ। ରତନେଶ୍ୱରିଙ୍କ ନିକଟ ଯେଉଁ ଶ୍ରଦ୍ଧାଳୁ ଦର୍ଶନ ପାଇଁ ଯାଇଥାନ୍ତି ସେଠାରେ ଥିବା ଚଟାଣ ଉପରେ ଡଙ୍ଗା ଭଳି ପଥରେ ବର୍ଷ ସାରା ପାଣି ରହିଥାଏ। ସେହି ପାଣିରେ ମନ୍ଦିରର ପୂର୍ଜାର୍ଚ୍ଚନା କରାଯାଉଥିବା ବେଳେ ଶ୍ରଦ୍ଧାଳୁମାନେ ଖାଇବାକୁ ବ୍ୟବହାର କରିବା ସହ ସ୍ନାନ ମଧ୍ୟ କରିବାର ନଜିର ରହିଛି। ପର୍ବତ ସର୍ବୋଚ୍ଚ ଶିଖରେ ପଥର ଚଟାଣରେ ବର୍ଷ ସାରା ପାଣି ରହିବା ଓ ଏଥିରେ କଇଁ ଫୁଲ ଫୁଟିବା ପର୍ଯ୍ୟଟକଙ୍କୁ ବେଶ୍ ଆକୃଷ୍ଟ କରିଥାଏ। କୁହାଯାଏ ଯେ ରତନେଶ୍ୱରୀ ମା' ପାଣି ପିଇବା ପାଇଁ ନିଜର ତ୍ରିଶୂଳ ପଥର ଚଟାଣ ଉପରେ ମାରି ପାଣି ବାହାର କରିଥିଲେ। ସିଦ୍ଧ ଯୋଗୀମାନେ ନିଜର ମନ୍ତ୍ର ତନ୍ତ୍ର ବଳରେ ପଥର ଉପରେ ଜଳ ଧାରଣ କରାଇଥିଲେ। ରତନେଶ୍ୱରୀ ପୀଠର ୫୦୦ ମିଟର ଚଟାଣ ଉପରେ ୩ଗୋଟି ପାଦ ଚିହ୍ନ ରହିଛି। ଉକ୍ତ ପାଦ ଚିହ୍ନରୁ ଜଣାପଡ଼େ କି ସାନଖେମୁଣ୍ଡି ରାଜ୍ୟରେ ଏକ ହିଂସ୍ର ଅସୁର ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି କରୁଥିବା ବେଳେ ରତନେଶ୍ୱରୀ (ରତନେଇ) ସିଂହବାହୀନି ବେଶରେ ଯୁଦ୍ଧ କରି ଅସୁରକୁ ବଦ୍ଧ କରିଥିଲେ। ଫଳରେ ଉକ୍ତ ପାଦଚିହ୍ନ ରହିଥିବା ଜଣାପଡ଼ିଛି। ରତନେଇ ପୀଠରେ ଚୈତ୍ର ମାସରେ ବହୁ ମାନସିକଧାରୀ ମୁଣ୍ଡନ କରିଥାନ୍ତି। ଏହା ସହ ଦୁର୍ଗାପୂଜା, ମହା ଶିବରାତ୍ରିରେ ବହୁ ଜନସମାଗମ ହୋଇଥାଏ। ପ୍ରତ୍ୟେକ ସଂକ୍ରାନ୍ତି ଦିନ ମା'ଙ୍କ ଦର୍ଶନ ନିମନ୍ତେ ଶ୍ରଦ୍ଧାଳୁ ଛୁଟି ଆସିଥାନ୍ତି।

# ସାପ କାମୁଡ଼ାରେ ୨ ଚାଷୀ ମୃତ

ସାନଖେମୁଣ୍ଡି/କୋଦଳା, ୨୭।୯ (ସମିସ): ପାଟପୁର ଥାନା ସାହସପୁର ଗ୍ରାମରେ ସାପ କାମୁଡ଼ାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସାହସପୁର ଗ୍ରାମର କୁନ୍ତୁଳା ରାଉଳ(୬୫)। ଶନିବାର ମଧ୍ୟାହ୍ନରେ କୁନ୍ତୁଳା ଚାଷ ଜମିରେ କାମ କରୁଥିବା ବେଳେ ଏକ ସାପ ତାଙ୍କୁ କାମୁଡ଼ି ଦେଇଥିଲା। ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ପୁଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଛି। ଏଥିସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

ସେହିପରି ବେଗୁନିଆପଡ଼ା ବ୍ଲକ ଅନ୍ତର୍ଗତ ବୁରୁଝରି ପଞ୍ଚାୟତ କନ୍ୟାରିବାଡି ଗ୍ରାମର ବାହନ ସାହୁ (୫୨)ଙ୍କର ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ବାହନ ଶୁକ୍ରବାର ସାର ପକାଇବାକୁ ବିଲକୁ ଯାଇଥିବାବେଳେ ସାପ କାମୁଡ଼ିଥିଲା। ପରିବାର ଲୋକେ ତାଙ୍କୁ ସୁମଣ୍ଡଳ ମେଡ଼ିକାଲକୁ ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କ ବ୍ରହ୍ମପୁର ବଡ଼ ମେଡ଼ିକାଲ୍‌କୁ ନିଆ ଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ଏନେଇ ପରିବାର ପକ୍ଷରୁ ବ୍ରହ୍ମପୁର ବୈଦ୍ୟନାଥପୁର ଥାନାରେ ଅଭିଯୋଗ ପରେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି। ବାହନଙ୍କ ପରିବାର ବର୍ଗଙ୍କୁ ସରକାରୀ ସହାୟତା ପ୍ରଦାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ସାର ପାଇଁ ରାଜରାସ୍ତାରେ ଚାଷୀ

ଶେରଗଡ଼, ୨୭।୯ (ସମିସ): କଥାରେ ଅଛି ଚାଷ ତରତର, ବଣିଜ ମଠ। ଧାନ ଗଛର ବଢ଼ିବା ଏବଂ ଫଳ ଧରିବା ଲାଗି ସାର ନିହାତି ଆବଶ୍ୟକ ଏବଂ ସାର ପକାଇବା ଲାଗି ଏହା ହେଉଛି ପ୍ରକୃଷ୍ଟ ସମୟ। ଏମିତି ଏକ ସମୟରେ କିନ୍ତୁ ଚାଷୀ ପାଖରେ ସାର ନାହିଁ। ରାଜ୍ୟ ସରକାର ରାଜ୍ୟରେ ସାରର ଅଭାବ ନଥିବା କହୁଥିଲା ବେଳେ କିନ୍ତୁ ସାର ଲାଗି ଚାଷୀ ରାଜରାସ୍ତା ଅବରୋଧ କରିଛନ୍ତି। କିଛିଦିନ ପୂର୍ବରୁ ବର୍ଷା ଅଭାବରୁ ଚାଷ ଜମି ଫାଟି ଆଁ କରିଥିବା ବେଳେ ବର୍ତ୍ତମାନ ଲଘୁଚାପ ବର୍ଷାରେ ଜମିରେ ପାଣି ଥିବା ବେଳେ ଆବଶ୍ୟକ ୟୁରିଆ ସାର ମିଳୁନାହିଁ। ଯେଉଁ ୟୁରିଆ ସାରର ସରକାରୀ ଧାର୍ଯ୍ୟ ମୂଲ୍ୟ ଅନୁଯାୟୀ ୨୬୭ ଟଙ୍କାରେ



ବିକ୍ରି ହେବା କଥା ମାତ୍ର ସ୍ଥାନୀୟ ଅଞ୍ଚଳରେ କିଛି କଳାବଜାରୀ ପ୍ରାୟ ତିନି ଗୁଣରୁ ଅଧିକ ଟଙ୍କାରେ ବିକ୍ରି କରୁଛନ୍ତି। ତଥାପି ଆବଶ୍ୟକ ପରିମାଣର ସାର ମିଳୁନାହିଁ। ଯାହାକୁ ନେଇ ଶନିବାର ଶେରଗଡ଼ ବ୍ଲକ ଠୁରୁବୁରାଇ ପଞ୍ଚାୟତରେ ଚାଷୀ ମାନେ ରାସ୍ତାରୋକ କରିଛନ୍ତି। ଠୁରୁବୁରାଇ ପଞ୍ଚାୟତର ପଞ୍ଜିକୃତ ଚାଷୀ ଆଜି ସୁଦ୍ଧା ଗୋଟିଏ ପ୍ୟାକେଟ ମଧ୍ୟ ସାର ପାଇନଥିବା ନେଇ ପ୍ରଶାସନକୁ ଅବଗତ କରାଇଥିଲେ ମଧ୍ୟ କୌଣସି ଅଧିକାରୀ କର୍ଣ୍ଣପାତ କରୁନଥିଲେ। ଆଜି ସକାଳୁ ଠୁରୁବୁରାଇ ପଞ୍ଚାୟତର ଚାଷୀ ବୁରୁପଡ଼ା-ଜଗନ୍ନାଥପୁର ରାସ୍ତାର ଠୁରୁବୁରାଇ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ରାସ୍ତାକୁ ଅବରୋଧ କରିଥିଲେ। ଯାହା ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଗାଡି ମୋଟର ଅଟକି ରହିଥିଲା। ଖବରପାଇ ବ୍ଲକ କୃଷି ଅଧିକାରୀ ଜ୍ୟୋତି ରଞ୍ଜନ ମିଶ୍ର ଏବଂ ଶେରଗଡ଼ ଥାନାଧିକାରୀ ବରେନ୍ଦ୍ର ସିଅଳ ଘଟଣାସ୍ଥଳରେ ପହଞ୍ଚି ରାସ୍ତା ଅବରୋଧ କରିଥିବା ଉତ୍ୟକ୍ତ ଚାଷୀଙ୍କ ସହ ଆଲୋଚନା କରିଥିଲେ। ଅବରୋଧକାରୀ ଚାଷୀମାନେ ପ୍ରକାଶ କରିଥିଲେ ଯେ, ବର୍ତ୍ତମାନ ସୁଦ୍ଧା ଆମ ଗ୍ରାମର ଚାଷୀଙ୍କୁ ଗୋଟିଏ ପ୍ୟାକେଟ ବି ସାର ପ୍ରଦାନ କରାଯାଇନାହିଁ। ତେଣୁ ଆମ ସମସ୍ତ ଚାଷୀଙ୍କୁ ଗୋଟିଏ ଗୋଟିଏ ସାର ପ୍ୟାକେଟ ପ୍ରଦାନ କରିବା ଲାଗି ଅଧିକାରୀଙ୍କୁ ଜଣାଇଥିଲେ। ଏହାପରେ ଉତକ୍ଷିପ୍ତ ଚାଷୀ ଏବଂ ଅଧିକାରୀଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଆଲୋଚନାରେ ଗ୍ରାମକୁ ଚାଷୀଙ୍କ ଦାବି ମୁତାବକ ମୋଟ ୫୦୦ ପ୍ୟାକେଟ ସାର ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଉତ୍ୟକ୍ତ ଚାଷୀ ରାସ୍ତା ଅବରୋଧରୁ ହଟିଥିଲେ ଏବଂ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ଆଜିର ଏହି ଆନ୍ଦୋଳନରେ ଠୁରୁବୁରାଇ ପଞ୍ଚାୟତର ସରପଞ୍ଚ ଏ.ପ୍ରଭାତ ଆଚାରୀଙ୍କ ସହ ଗ୍ରାମର ଶତାଧିକ ଚାଷୀ ସାମିଲ ହୋଇଥିଲେ।

● ପାଇପ୍ ବିଛାଇବା ନାଁରେ ରାସ୍ତା ଖୋଳିଦେଲେ

# ଫସିଗଲା ମାଲ୍ ବୋଝେଇ ଟ୍ରକ୍




ରମ୍ଭା, ୨୭।୯ (ସମିସ): ଲଘୁଚାପ ଜନିତ ବର୍ଷା ସାଙ୍ଗକୁ ରାସ୍ତା ଖାଲଖମା ହୋଇଥିବାରୁ ଶନିବାର ଏକ ମାଲବୋଝେଇ ଟ୍ରକ୍ ରମ୍ଭା ସହର ମୁଖ୍ୟରାସ୍ତା ପାର୍ଶ୍ୱରେ ଦବି ଯାଇଛି। ଜଳ ଯୋଗାଣ ଓ ପାଇପ ଲାଇନ ବିଛାଇବା କାମରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ତ୍ରୁଟି ଯୋଗୁଁ ଏଭଳି ସ୍ଥିତି ଦେଖାଦେଇଛି। ଗତ କିଛି ଦିନ ଧରି ସହରର ଗଳି କନ୍ଦି ସାଙ୍ଗକୁ ମୁଖ୍ୟରାସ୍ତା ପାର୍ଶ୍ୱରେ କାମରେ ନୀତିନିୟମକୁ ଉଲ୍ଲଙ୍ଘନ କରି ବେପରୁଆ ଭାବେ ପାଇପ ବିଛାଇ ରାତାରାତି ବାବୁ ଭାୟାଙ୍କ ପାଖରେ ବାହା ବାହା ଦେଖାଇବା ଓ ଜନତାଙ୍କୁ ଭୁତାଇବା ସାଧାରଣ ଆଲୋଚନା ହେଉଛି। ତେଣୁ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

# ଦେଢ଼ ଲକ୍ଷ ଟଙ୍କାର ବାଣ ଜବତ

ବୁଗୁଡା, ୨୭।୯ (ସମିସ): ବୁଗୁଡ଼ା ଏନ୍‌ଏସି ଅନ୍ତର୍ଗତ ଅରବିନ୍ଦ ନଗର-୪ର୍ଥ ଲାଇନର ଏକ ଘରେ ଗତ ଗୁରୁବାର ରାତିରେ ପୁଲିସ ଚଢ଼ଉ କରି ବେଆଇନ ଭାବେ ଗଚ୍ଛିତ ଥିବା ବିପୁଳ ପରିମାଣର ବାଣ ଜବତ କରିଛି। ଏହା ବିନା ଲାଇସେନ୍ସରେ ବେପାର କରୁଥିବା ଭଗବାନ ସାହୁଙ୍କର ହୋଇଥିବା ବେଳେ ଏହାର ପରିମାଣ ଦେଢ ଲକ୍ଷ ଟଙ୍କା ହେବ। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କ ନେତୃତ୍ୱରେ ଉକ୍ତ ଚଢ଼ଉ ହୋଇଥିବା ବେଳେ ଏଥିରେ ଏସ୍‌ଆଇ ବିନାୟକ ବିଧାର ଓ ଜ୍ୟୋତିଶ୍ରୀ ସାହୁ, ଏଏସ୍‌ଆଇ ସୁମନ୍ତ ବେହେରାଙ୍କ ସମେତ ଅନ୍ୟାନ୍ୟ ପୁଲିସ କର୍ମଚାରୀ ସାମିଲ ଥିଲେ। ତେବେ ପୁଲିସର ଏହି ଚଢ଼ଉ ପରେ ବିନା ଲାଇସେନ୍ସରେ ବାଣ ଗଚ୍ଛିତ ରଖିଥିବା ଆଉ କେତେକ ବାଣ ବେପାରୀଙ୍କ ମଧ୍ୟରେ ଛନକା ପଶିଛି।

# ମଣ୍ଡଳସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା



ଦିଗପହଣ୍ଡି, ୨୭।୯ (ସମିସ): ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ପଦ୍ମନାଭପୁର ନୋଡାଲ ହାଇସ୍କୁଲ ଖେଳ ପଡ଼ିଆରେ ଚାଲିଥିବା ମଣ୍ଡଳସ୍ତରୀୟ କ୍ରୀଡା ପ୍ରତିଯୋଗିତା ଶୁକ୍ରବାର ଉଦଯାପିତ ହୋଇଯାଇଛି। ପଦ୍ମନାଭପୁର ସରପଞ୍ଚ ବି.ସନ୍ଧ୍ୟା ରାଣୀ ସୁବୁଦ୍ଧି ମୁଖ୍ୟଅତିଥି ଭାବେ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସହଗୋଷ୍ଠୀ ଶିକ୍ଷା ଅଧିକାରୀ ବାଳା ମାଝୀ, ରସାନନ୍ଦ ଘଡେଇ, ପ୍ରଧାନ ଶିକ୍ଷୟିତ୍ରୀ ବିଦ୍ୟୁତଲତା ମହାରଣା, ସହକାରୀ ଶିକ୍ଷକ ସୁଧାଂଶୁ ଶେଖର ପଣ୍ଡା, କ୍ରୀଡା ଶିକ୍ଷକ ଏମ.ଗୌରାଙ୍ଗ, ଏମ. ଶୁକୃ ରେଡ୍ଡୀ, ସିମାଞ୍ଚଳ ପାଢ଼ୀ, ମିଳନ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସିନ ଥିଲେ। ଗୁରୁବାର ବ୍ଲକ ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ କୋରେଶ ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦଘାଟନୀ ଉତ୍ସବରେ ଦିଗପହଣ୍ଡି ବିଡ଼ିଓ ଅନାମିକା ପାଣ୍ଡେ ମୁଖ୍ୟ ଅତିଥି, ଖେମୁଣ୍ଡି ଓକିଲ ସଂଘର ପ୍ରାକ୍ତନ ସଭାପତି ହରପ୍ରସାଦ ରଥ, ଜିଲା ପରିଷଦ ସଦସ୍ୟା ସଞ୍ଜୁକ୍ତା କବି, ବିଶ୍ରବା ପାଇକରାୟ, ଭୀଷ୍ମଗିରି ପିଏମ୍‌ଶ୍ରୀ ହାଇସ୍କୁଲ ପ୍ରଧାନଶିକ୍ଷକ ମନୋଜ କୁମାର ନାୟକ, ପଦ୍ମନାଭପୁର ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ କବିତା ବେହେରା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରମେଶ ପାତ୍ର ପ୍ରମୁଖ ଅତିଥି ଭାବେ ମଞ୍ଚାସିନ ଥିଲେ। ଅପରାହ୍ନରେ ଦିଗପହଣ୍ଡି ବିଧାୟକ ଡ. ସିଦ୍ଧାନ୍ତ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରେଷ୍ଠ ଖେଳ ପ୍ରଦର୍ଶିତ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରିଥିଲେ। ନୂତନ ପେନସନ ଭୁକ୍ତ ଶିକ୍ଷକ ସଂଘ ବ୍ଲକ ସଭାପତି ରାଜେନ୍ଦ୍ର ଗୌଡ଼ ମଞ୍ଚ ପରିଚାଳନା କରିଥିଲେ। ସେହିପରି କ୍ରୀଡା ଶିକ୍ଷକ ଏମ୍. ଗୌରାଙ୍ଗଙ୍କ ନେତୃତ୍ୱରେ ଶୁକୁରୁ ରେଡ୍ଡୀ, ମିଳନ ବେହେରା, କୈଳାସ ରେଡ୍ଡୀ, ବାପୁନ୍ ରେଡ୍ଡୀ, ନଳିନୀ କାନ୍ତ ପଟ୍ଟନାୟକଙ୍କ ସମେତ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା କ୍ରୀଡା ଶିକ୍ଷୟିତ୍ରୀ ଶିକ୍ଷକ, ସମସ୍ତ ସିଆରସିସି, ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଇ. ଗଣେଶ ପାତ୍ର, ଗୋଷ୍ଠୀ ସମ୍ବଳ ଶିକ୍ଷକ ସୁଶାନ୍ତ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଜାତୀୟ କିକ୍ ବକ୍ସିଂ ପ୍ରତିଯୋଗିତା: ଗଞ୍ଜାମକୁ ୪ ବ୍ରୋଞ୍ଜ

ଗଞ୍ଜାମ, ୨୭।୯ (ସମିସ): ହିମାଞ୍ଚଳ ପ୍ରଦେଶରେ ଅନୁଷ୍ଠିତ ଜାତୀୟ କିକ ବକ୍ସିଂ ପ୍ରତିଯୋଗିତାରେ ଗଞ୍ଜାମର ୪ ଜଣ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ବିକାଶ କୁମାର ବେହେରା, ଲକ୍ଷ୍ମଣ ଆଚାରୀ, ପ୍ରତୀକ ନାୟକ ଓ ଦେବାଶିଷ ସାହୁ ପ୍ରମୁଖ ବ୍ରୋଞ୍ଜ ୪ କିକ ପ୍ରତୀକ ନାହାକ, ଦେବାଶିଷ ସାହୁ, ବିକାଶ ବେହେରା ଏବଂ ଲକ୍ଷ୍ମଣ ଆଚାର୍ଯ୍ୟ ପ୍ରମୁଖ ଶୁକ୍ରବାର ହିମାଞ୍ଚଳ ପ୍ରଦେଶ ଗସ୍ତ କରିଥିଲେ। ଉପରୋକ୍ତ ପ୍ରତିଯୋଗୀ ମାନେ ଜୁନିଅର କିକ୍‌ବକ୍ସିଂ ପ୍ରତିଯୋଗିତାରେ ଏହି ସଫଳତା ପାଇଛନ୍ତି। ବର୍ତ୍ତମାନ ଓଡ଼ିଶା




ବକ୍ସର ପଦକ ହାସଲ କରିଛନ୍ତି। ଓଡ଼ିଶା ପ୍ରେସିଡେଣ୍ଟ କାର୍ତ୍ତିକ ଡାକୁଆ, ଗଞ୍ଜାମ ଜିଲ୍ଲା କୋଚ ପ୍ରମୋଦ କୁମାର ଅପାତ, ଦୁର୍ଗା ପ୍ରସାଦ ଦାସ ଏବଂ ଶିବାଜୀ କୁମାର ବେଜଙ୍କ ନେତୃତ୍ୱରେ ଜିଲ୍ଲାର ଚାରିଜଣ ପ୍ରତିଯୋଗୀ କିକ୍‌ବକ୍ସିଂ ମୁଖ୍ୟାଳୟ ଅନୁଗୁଳ କ୍ୟାମ୍ପରେ ସେମାନେ ଟ୍ରେନିଂ ନେଉଛନ୍ତି। ଏଠାରୁ ମନୋନୀତ ହୋଇଥିବା ସମସ୍ତ ଖେଳାଳି ଏସିଆନ କିକ ବକ୍ସିଂ ପ୍ରତିଯୋଗିତାରେ ଖେଳିବେ ବୋଲି କୋଚ କହିଛନ୍ତି।

# ଉପଖଣ୍ଡ ପ୍ରଶାସନର ବର୍ଷା ପ୍ରସ୍ତୁତି ସମୀକ୍ଷା

ଭଞ୍ଜନଗର, ୨୭।୯ (ସମିସ)

ଭଞ୍ଜନଗର ଉପଖଣ୍ଡ ପ୍ରଶାସନ ସମ୍ଭାବ୍ୟ ବାତ୍ୟା ମୁକାବିଲା ପାଇଁ ଆବଶ୍ୟକ ପ୍ରସ୍ତୁତି ଚଳାଇଛି। ବନ୍ୟା ପରିସ୍ଥିତି ହେଲେ ଲୋକଙ୍କୁ କିଭଳି ସୁରକ୍ଷିତ ସ୍ଥାନକୁ ନେଇ ରଖାଯିବ ସେନେଇ ସ୍ଥାନ ଚିହ୍ନଟ ହୋଇଛି। ଓଡ୍ରାଫ ଟିମ୍ ମଧ୍ୟ ବିଭିନ୍ନ ସ୍ଥାନରେ ମୁତୟନ ଅଛନ୍ତି। ଭଞ୍ଜନଗର ଉପ ଜିଲାପାଳ ଉମା ଶଙ୍କର ବେହେରା ଶୁକ୍ରବାର ରାତିରେ ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳୀ ପରିଦର୍ଶନ କରି ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ଏହି ସମୟରେ ତହସିଲଦାର ଅଭିପ୍ସା ପଟ୍ଟନାୟକ, ଅତିରିକ୍ତ ତହସିଲଦାର ଅବିନାଶ ମହାର ପ୍ରମୁଖ ଉପସ୍ଥିତ ଥିଲେ। ଅପରପକ୍ଷେ ଭଞ୍ଜନଗର ଜଳସମ୍ପଦ ବିଭାଗ ମୁଖ୍ୟ ସବୁ ପ୍ରକାର ପରିସ୍ଥିତିକୁ ମୁକାବିଲା ପାଇଁ ପ୍ରସ୍ତୁତ ହୋଇଛି।

ଅନ୍ୟପଟେ ଭଞ୍ଜନଗର ଜଳଭଣ୍ଡାରରୁ ଆଜକୁ ୩ ଦିନ ହେବ ବଳକା ପାଣି ଛଡ଼ା ଯାଉଛି। ଭଞ୍ଜନଗର ଜଳଭଣ୍ଡାରରେ ୮୫ ପ୍ରତିଶତ, ଉହ ଜଳ ଭଣ୍ଡାରରେ ୯୦ ପ୍ରତିଶତ, ସୋରଡାରେ ୯୦ ପ୍ରତିଶତ ଏବଂ ବାଘୁଆରେ ୯୦ ପ୍ରତିଶତ ପାଣି ରଖି ବଳକା ପାଣି ନିଷ୍କାସନ ପାଇଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ନିର୍ଦ୍ଦେଶ ଦେଇଛନ୍ତି। ତେଣୁ ଭଞ୍ଜନଗର ଜଳଭଣ୍ଡାରରୁ ପାଣି ଛଡା ଯାଉଥିବା ବେଳେ ବଳକା ପାଣି ଛାଡ଼ିବା ପରେ ଶନିବାର ୯୦ ପ୍ରତିଶତ ଅଛି। ସୋରଡ଼ାରେ ୯୮.୫ ପ୍ରତିଶତ ପାଣି ମହଜୁଦ ଅଛି। ସେଠାରେ ପରିସ୍ଥିତିକୁ ଦେଖି ପାଣି ଛଡ଼ାଯିବ। ବାଘୁଆରେ ମାତ୍ର ୩୯ ପ୍ରତିଶତ ପାଣି ମହଜୁଦ ଅଛି। ତେଣୁ ସେଠାରେ ପାଣି ଆଉ ଛାଡ଼ିବା ଯୋଜନା ବର୍ତ୍ତମାନ ନାହିଁ। ଆବଶ୍ୟକ ବର୍ଷା ନଥିବା ଯୋଗୁଁ ଭଞ୍ଜନଗର ଜଳଭଣ୍ଡାରରେ ଆଜକୁ ୫ ବର୍ଷ ହେବ ଶତ ପ୍ରତିଶତ ପାଣି ମହଜୁଦ ନ ଥିଲା। ତେଣୁ ଆବଶ୍ୟକସ୍ଥଳେ ମୁଖ୍ୟ ଫାଟକ ବାଟେ ଯାହାକିଛି ପାଣି ଛଡ଼ା ଯାଉଥିଲା। ତେଣୁ ୨୦୨୦ ମସିହା ଜୁଲାଇ ମାସରୁ ପାଣି ଛଡ଼ା ଯାଉନଥିଲା। ବର୍ତ୍ତମାନ ପାଣି ୯୨ ପ୍ରତିଶତ ଥିବା ଯୋଗୁଁ ପାଣି ଛଡାଯାଉଛି। କିନ୍ତୁ ଲୋକେ କେତେକ ସ୍ଥାନରେ କେନାଲ, ନଦୀ ଆଡିବନ୍ଧ ଜବରଦଖଲ କରି ରଖିଛନ୍ତି। ତେଣୁ ଅନେକ ସ୍ଥାନରେ ନଦୀ ଆଡ଼ିବନ୍ଧ ମରାମତିରେ ସମସ୍ୟା ରହିଛି। ଇତିମଧ୍ୟରେ ବିଭାଗ ପକ୍ଷରୁ ଜବରଦଖଲକରୀଙ୍କୁ ଉଚ୍ଛେଦ ପାଇଁ ପଦକ୍ଷେପ ନିଆଯାଇଛି। ଏନେଇ ଜଳସମ୍ପଦ ବିଭାଗର ଜଣେ ଅଧିକାରୀ ଏଠାରେ କହିଛନ୍ତି ଯେ, ଯେଉଁଠି ଜବରଦଖଲ ସମସ୍ୟା ରହିଛି ସେଠାରେ ଉଚ୍ଛେଦ ପାଇଁ ପଦକ୍ଷେପ ନିଆଯାଉଛି।

# ଲଘୁଚାପ ପ୍ରଭାବରେ ଲଗାଣ ବର୍ଷା; ସ୍ଥିତି ଯାଞ୍ଚ କଲେ ଜିଲ୍ଲାପାଳ

ଛତ୍ରପୁର, ୨୭।୯ (ସମିସ): ଲଗାଣ ବର୍ଷା ଲାଗି ଗଞ୍ଜାମ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ଏହାର ମୁକାବିଲା ଲାଗି ଗଞ୍ଜାମ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି। ସମସ୍ତ ଲାଇନ ବିଭାଗକୁ ସଜାଗ ରହିବାକୁ କୁହାଯାଇଛି। ପ୍ରବଳ ବର୍ଷା ସମ୍ଭାବନା ଥିବାରୁ ଶନିବାର ଜିଲ୍ଲାର ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ ଓ ଅଙ୍ଗନବାଡ଼ି କେନ୍ଦ୍ର ଗୁଡିକୁ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ ଛୁଟି ଘୋଷଣା କରିଛନ୍ତି। ଜିଲ୍ଲାରେ ଥିବା ସମସ୍ତ ବାତ୍ୟା ଆଶ୍ରୟସ୍ଥଳୀ ଗୁଡିକୁ ପ୍ରସ୍ତୁତ କରି ରଖିବାକୁ କୁହାଯାଇଛି। ଆବଶ୍ୟକ ହେଲେ ସେଗୁଡିକୁ ବ୍ୟବହାର କରାଯିବ। ଏନେଇ ଶୁକ୍ରବାର ରାତିରେ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ ଛତ୍ରପୁର ବ୍ଲକ ଅନ୍ତର୍ଗତ ଉପୁଲାପୁଟି, ଆର୍ଯ୍ୟପଲ୍ଲୀ ସମେତ ଗୋପାଳପୁରରେ ବିଭିନ୍ନ କୋଷ୍ଟାଲ ଅଞ୍ଚଳ ଗୁଡିକରେ ଥିବା ବାତ୍ୟା ଆଶ୍ରୟସ୍ଥଳୀ ବୁଲି ସ୍ଥିତି ଯାଞ୍ଚ କରିଛନ୍ତି। ମତ୍ସ୍ୟଜୀବୀ ମାନଙ୍କୁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି। କୌଣସି ସରକାରୀ ଅଧିକାରୀ ବିନା ଅନୁମତିରେ ହେଡ଼ କ୍ୱାର୍ଟର ଛାଡି ଯାଇପାରିବେନି ବୋଲି ନିର୍ଦ୍ଦେଶ ଦିଆଯାଇଛି।



ଜିଲ୍ଲାରେ ବ୍ଲକ ଓ ତହସିଲ ପକ୍ଷରୁ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ ଖୋଲାଯିବା ସହ ଜରୁରୀକାଳୀନ ନମ୍ବର ଜାରି କରାଯାଇଛି। ଆବଶ୍ୟକ ହେଲେ ଲୋକେ ସେହି ନମ୍ବରରେ କଲ କରିପାରିବେ ବୋଲି ଜିଲ୍ଲାପାଳ କହିଛନ୍ତି। ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇ ରହିଛି। ସମ୍ଭାବ୍ୟ ଲଘୁଚାପ ପ୍ରଭାବରେ ଗଞ୍ଜାମ ଜିଲ୍ଲାବାସୀଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଏବଂ ଜରୁରୀକାଳୀନ ବ୍ୟବସ୍ଥାର କିପରି ବ୍ୟବସ୍ଥା ହୋଇଛି ତାହା ଜିଲ୍ଲାପାଳ ନିରୀକ୍ଷଣ କରିଥିଲେ। ଜିଲ୍ଲାପାଳଙ୍କ ଏହି ପରିଦର୍ଶନ ବେଳେ ଛତ୍ରପୁର ତହସିଲଦାର ଦିବ୍ୟା ମହାନ୍ତି, ଛତ୍ରପୁର ବିଡ଼ିଓ ସମ୍ବିତ ସଂଗ୍ରାମଜିତ ସାହୁ, ଅତିରିକ୍ତ ତହସିଲଦାର ମନୋଜ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

ସକାଳ
THE SAKALA



**ପ୍ରଶାସନର କାର୍ଯ୍ୟାନୁଷ୍ଠାନ ଆରମ୍ଭ**

# ହଟିବ ରାସ୍ତା ଓ ଡ୍ରେନ୍ ଜବରଦଖଲ

ବ୍ୟାସନଗର, ୨୭ ।୯ (ସମିସ)



ଶିଳ୍ପନଗରୀ କଳିଙ୍ଗନଗରର ମୁଖଶାଳା ବ୍ୟାସନଗର ସହରର ଟ୍ରାଫିକ ବ୍ୟବସ୍ଥା ସର୍ବୋପରି ଭିଡ଼ ନିୟନ୍ତ୍ରଣରେ ପ୍ରତ୍ୟେହ କିଛି ନା କିଛି ବାଧା ବିଘ୍ନ ଦେଖିବାକୁ ମିଳୁଛି। ତେବେ ଏହି ସମସ୍ୟାର ସମାଧାନ ପାଇଁ ଅଣ୍ଟା ଭିଡିଛନ୍ତି ଯାଜପୁରରୋଡ୍ଆଦର୍ଶଥାନାର ନବନିଯୁକ୍ତ ଥାନାଧିକାରୀ ଆଶିଷ କୁମାର ସାହୁ। ଗତ କିଛି ଦିନ ତଳେ ସହରରେ ବେଆଇନ ପାର୍କିଂ କରୁଥିବା ଗାଡିଚାଳକ ଏବଂ ରାସ୍ତା ଓ ଡ୍ରେନ୍ ଅବରୋଧ କରି ବେପାର ପସରା ମେଲାଇଥିବା ଦୋକାନୀମାନଙ୍କ ଉପରେ ଜରିମାନା କରାଯିବ ବୋଲି ଗଣମାଧ୍ୟମରେ ସୂଚନା ଦେଇଥିଲେ। ତେବେ ଏହା ପୂର୍ବରୁ ପ୍ରାରମ୍ଭିକ ଭାବେ ଶନିବାର ଥାନାଧିକାରୀ ଶ୍ରୀ ସାହୁ ବ୍ୟାସନଗର ପ୍ରଶାସନର ସହଯୋଗ ଲୋଡ଼ିବା ସହିତ ପ୍ରଥମ ଦଫାରେ ଡାକବଙ୍ଗଳା ଛକରୁ ବ୍ୟାସଦେବ ଟାଉନ ହଲ ଭାୟା ଗ୍ରୀନମାର୍କେଟର ଉଭୟ ପାର୍ଶ୍ୱରେ ରାସ୍ତା ଓ ଡ୍ରେନ୍ ଅବରୋଧ ଥିବା ଦୋକାନଗୁଡିକ ଉଚ୍ଛେଦ ପାଇଁ ବ୍ୟାସନଗର ପ୍ରଶାସନ ସହିତ ଜେସିବି ମେସିନ ନେଇ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏହି ସମୟରେ ବ୍ୟାସନଗର ଅତିରିକ୍ତ ଜିଲ୍ଲାପାଳ ପ୍ରଶାନ୍ତ ପୁହାଣ ମାଜିଷ୍ଟ୍ରେଟ ଦାୟିତ୍ୱ ତୁଲାଇବା ସହିତ ଘଟଣାସ୍ଥଳରେ ଉପସ୍ଥିତ ରହିଥିବା ବେଳେ କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦ ମଧ୍ୟ ଘଟଣାସ୍ଥଳରେ ଉପସ୍ଥିତ ରହିଥିଲେ। ତେବେ ଏହି ଉଚ୍ଛେଦ ପୂର୍ବରୁ ଅନେକ ସ୍ଥାନୀୟ ଦୋକାନୀ ଆଗକୁ ପୂଜା ଥିବାରୁ କିଛି ଦିନର ମହଲତ ମାଗିଥିଲେ। ତେବେ ହାତଗଣତି କିଛି ଦୋକାନୀଙ୍କୁ ଛାଡ଼ି ଅନେକ ଦୋକାନୀ ପ୍ରଶାସନ ଏବଂ ଥାନାଧିକାରୀଙ୍କ ସମରସଜା ଦେଖି ନିଜେ ଜବରଦଖଲ ହଟାଇ ନେଇଥିଲେ। ତେବେ ଆଗକୁ ବ୍ୟାସନଗର ଗଣପର୍ବ ରହିଥିବାରୁ ଦୁର୍ଗାପୂଜା ପରେ ପୁଣି ଏହି ଉଚ୍ଛେଦ ଆରମ୍ଭ ହେବ ବୋଲି ବ୍ୟାସନଗର ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ପାଢ଼ୀ ସୂଚନା ଦେଇଛନ୍ତି। ତେବେ ପୂଜା ପରେ ଯେଉଁ ଦୋକାନୀ ମାନେ ଜବରଦଖଲ କରିଥିବାର ନଜରକୁ ଆସିବେ ସେମାନଙ୍କ ବିରୋଧରେ ଦୃଢ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବା ସହିତ ସେମାନଙ୍କ ଠାରୁ ଜରିମାନା ଆଦାୟ କରାଯିବ ବୋଲି ଥାନାଧିକାରୀ ଆଶିଷ କୁମାର ସାହୁ ସୂଚନା ଦେଇଛନ୍ତି। ତେବେ ଏହି ଜବରଦଖଲ ହଟିଲେ ଅନେକାଂଶରେ ଟ୍ରାଫିକ ସମସ୍ୟା ଦୂର ହେବା ସହିତ ପାର୍କିଂ ସମସ୍ୟା ମଧ୍ୟ ଦୂର ହେବ ବୋଲି ଯାଜପୁର ରୋଡ୍ ଆଦର୍ଶ ଥାନା ଅଧିକାରୀ ଆଶିଷ କୁମାର ସାହୁ ସୂଚନା ଦେଇଛନ୍ତି। ତେବେ ପ୍ରଶାସନ ସହଯୋଗରେ ରାସ୍ତା ଅବରୋଧ କରୁଥିବା ଅନେକ ଫଳ ଏବଂ ପନିପରିବା ଦୋକାନୀଙ୍କୁ ଥଇଥାନ କରାଯିବା ନେଇ ସେ ମଧ୍ୟ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଜବରଦଖଲ ଉଚ୍ଛେଦ କାର୍ଯ୍ୟକ୍ରମରେ ବ୍ୟାସନଗର ପ୍ରଶାସନ ପକ୍ଷରୁ ଯନ୍ତ୍ରୀ ନୀଳମାଧବ ନନ୍ଦ, ମାନସ ରଞ୍ଜନ ସାହୁ, ପ୍ରଶାନ୍ତ କୁମାର ମହାନ୍ତି, ମାଣିକ ରଞ୍ଜନ ନାୟକ, ଅମିନ ରାଜେଶ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହିଥିବା ବେଳେ ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ପାଇଁ ଯାଜପୁର ରୋଡ୍ ଆଦର୍ଶ ଥାନା ପକ୍ଷରୁ ଥାନାଧିକାରୀ ଆଶିଷ କୁମାର ସାହୁ, ଏସଆଇ ଲିଙ୍ଗରାଜ ବେହେରାଙ୍କ ଅନେକ କର୍ମଚାରୀ ଉପସ୍ଥିତ ରହିଥିଲେ। ତେବେ ଥାନାଧିକାରୀଙ୍କ ଏପରି କାର୍ଯ୍ୟକୁ ସହରବାସୀ ପ୍ରଶଂସା କରୁଥିବା ବେଳେ ତତ୍କାଳୀନ ଜିଲ୍ଲାପାଳ ଅରବିନ୍ଦ କୁମାର ପାଢ଼ୀଙ୍କ ପରେ ଥାନାଧିକାରୀ ସହରରେ ଭିଡ଼ ନିୟନ୍ତ୍ରଣ ପାଇଁ ପଦକ୍ଷେପକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

**● ଟାଟା ପ୍ଲାଣ୍ଟରେ ଚାକିରି ଦେବା ନାଁରେ ଠକେଇ**

## ଦେଢ଼ ଲକ୍ଷ ଲୁଟି ଅଭିଯୁକ୍ତ ଗିରଫ

ଯଖପୁରା/ଦାନଗଦି, ୨୭।୯ (ସମିସ): କଳିଙ୍ଗନଗର ଟାଟା ଷ୍ଟିଲରେ ଚାକିରି କରାଇବା ନାମରେ ଦେଢ଼ ଲକ୍ଷ ଟଙ୍କା ଠକେଇ କରି ଜଣେ ଗିରଫ ହୋଇଥିବା ଜଣାପଡ଼ିଛି। ଅଭିଯୁକ୍ତ କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଶ୍ରୀରାମପୁର ଗ୍ରାମର ଶାନ୍ତନୁ କୁମାର ସ୍ୱାଇ। ଗିରଫ ବେଳେ ଅଭିଯୁକ୍ତ ଶାନ୍ତନୁ ନିକଟରୁ ୧ ଲକ୍ଷ ୩୦ ହଜାର ଟଙ୍କା ଜବତ ହୋଇଛି। ପୁଲିସ ତଥ୍ୟ ଅନୁଯାୟୀ, ମହାଙ୍ଗା ଅଞ୍ଚଳର ଦ୍ୱିତିକୃଷ୍ଣ ଜେନାଙ୍କୁ ଟାଟା ଷ୍ଟିଲ କଳିଙ୍ଗନଗରରେ ସ୍ଥାୟୀ ଚାକିରି କରେଇ ଦେବା ପାଇଁ ଶାନ୍ତନୁ ମିଥ୍ୟା ଆଶ୍ୱାସନା ଦେଇଥିଲେ। ଦ୍ୱିତିକୃଷ୍ଣଙ୍କୁ ନିଶ୍ଚିତ ଭାବେ ଟାଟା କାରଖାନାରେ ଚାକିରି ପ୍ରଦାନ କରାଯିବ ବୋଲି ଦାବି କରି ତାଙ୍କ ଠାରୁ ଦେଢ଼ ଲକ୍ଷ ଟଙ୍କା ଗ୍ରହଣ କରିଥିଲେ। କିନ୍ତୁ ଦୀର୍ଘ ଦିନ ପରେ ମଧ୍ୟ ଚାକିରି ପ୍ରକ୍ରିୟା ଆରମ୍ଭ ନ ହେବାରୁ ଅଭିଯୋଗକାରୀଙ୍କ ସନ୍ଦେହ ହୋଇଥିଲା। ଶେଷରେ କଳିଙ୍ଗନଗର ଥାନାରେ ମାମଲା (ପିଏସ୍ କେସ୍ ନଂ– ୧୮୦/୨୫) ରେଜିଷ୍ଟ୍ରି କରିଥିଲେ। ଅଭିଯୋଗ ମିଳିବା ପରେ ପୁଲିସ ତଦନ୍ତ ଆରମ୍ଭ କରି ଶାନ୍ତନୁ କୁମାର ସ୍ୱାଇଁଙ୍କୁ ଗିରଫ କରିଛି। ପ୍ରାଥମିକ ପଚରାଉଚରା ବେଳେ ସେ ଟଙ୍କା ନେଇଥିବା କଥା ସ୍ୱୀକାର କରିଛି। କିନ୍ତୁ ସମୁଦାୟ ୧.୫ ଲକ୍ଷ ଟଙ୍କା ମଧ୍ୟରୁ କେବଳ ୧.୩ ଲକ୍ଷ ଟଙ୍କା ଜବତ ହୋଇଛି। ଅବଶିଷ୍ଟ ରାଶି ସେ କେମିତି ବ୍ୟୟ କଲେ ବୋଲି ପୁଲିସ ଖୋଳତାଡ଼ ଆରମ୍ଭ କରିଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। କାରଣ ଟାଟା ଷ୍ଟିଲରେ ଚାକିରି ପାଇଁ ବହୁତ ଯୁବକ-ଯୁବତୀ ଆଶା କରନ୍ତି। ଏହି ପରିସ୍ଥିତିକୁ ଅବଲମ୍ବନ କରି କିଛି ମଧ୍ୟସ୍ଥ ବା ଠକେଇବାଜ ଯୁବକମାନଙ୍କ ଠାରୁ ଟଙ୍କା ନେଇ ମିଥ୍ୟା ଚାକିରିର ଆଶ୍ୱାସନ ଦେଇ ଠକେଇ କରୁଛନ୍ତି। ବର୍ତ୍ତମାନ ଶାନ୍ତନୁ କୁମାର ସ୍ୱାଇଁଙ୍କୁ କୋର୍ଟରେ ହାଜର କରାଯାଇଥିବା ବେଳେ ମାମଲା ତଦନ୍ତ ଚାଲିଥିବା କଳିଙ୍ଗନଗର ଥାନା ଅଧିକାରୀ ପ୍ରକାଶ କୁମାର ସାହୁ ସୂଚନା ଦେଇଛନ୍ତି।



## କୋଇଲା ଗାଡ଼ିକୁ ଧକ୍କା ଦେଲା ପାଉଁଶ ବୋଝେଇ ହାଇୱା; ଡ୍ରାଇଭର ମୃତ



କବାଟବନ୍ଧ, ୨୭।୯ (ସମିସ): ଚଣ୍ଡିଖୋଲ-ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥରେ ଏକ କୋଇଲା ବୋଝେଇ ଗାଡ଼ିକୁ ପାଉଁଶ ବୋଝେଇ ହାଇୱା ଧକ୍କା ଦେଇଥିବା ଜଣାପଡ଼ିଛି। ଏଥିରେ ଚାଳକର ମୃତ୍ୟୁ ହୋଇଯାଇଛି। ମୃତ ଡ୍ରାଇଭର ଜଣଙ୍କ ଅଣଓଡ଼ିଆ ବୋଲି ଜଣାପଡ଼ିଛି। ଜେନାପୁର ଥାନା ଅଧୀନ ତାରିଣୀ ଛକ ନିକଟରେ ଏହି ଦୁର୍ଘଟଣା ଘଟିଥିଲା। ଶନିବାର ଅପରାହ୍ନରେ ଏକ କୋଇଲା ବୋଝେଇ ଟ୍ରକ୍ (ନଂ ଓଡି୨୯ଡି୮୬୬) ତାରିଣୀ ଛକ ନିକଟରେ ଆଗ ଚକ ପଞ୍ଚର ହୋଇଯିବା କାରଣରୁ ରାସ୍ତାର ଡାହାଣ ପଟକୁ ମାଡ଼ିଯାଇଥିଲା। ସମାନ ଦିଗରେ ଡୁବୁରୀରୁ ଚଣ୍ଡିଖୋଲ ଆଡ଼କୁ ପାଉଁଶ ବୋଝେଇ କରି ଯାଉଥିବା ଏକ ହାଇୱା (ନଂ.ଓଡି୧୪ଏଡି୮୬୨୨) ଭାରସାମ୍ୟ ହରାଇ ତାର ପଛରେ ପିଟିଦେଇଥିଲା। ଦୁର୍ଘଟଣା ଏତେ ଜୋରରେ ହୋଇଥିଲା ଯେ ହାଇୱା ଡ୍ରାଇଭରକୁ ଗାଡ଼ି ଭିତରୁ ବାହାର କରିବା ପାଇଁ ଏକ ଜେସିବି ମେସିନର ସାହାଯ୍ୟ ନିଆ ଯାଇଥିଲା। ଡ୍ରାଇଭର ଜଣଙ୍କର ଦୁଇଟି ଯାକ ଗୋଡ଼ ଭାଙ୍ଗି ଯାଇଥିଲା। ଖବର ପାଇ ଚଢେଇଧରା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଚାଳକଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ବଡ଼ଚଣା ମେଡ଼ିକାଲ ପଠାଇଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଜେନାପୁର ପୁଲିସ ଦୁର୍ଘଟଣାର ତଦନ୍ତ ଜାରି ରଖିଛି।

## ପାରା ଆଥଲେଟିକ୍ସରେ ଯୋଗଦେଲେ ଦେବାମୃତ



ଯାଜପୁର, ୨୭।୯ (ସମିସ): ଦାନଗଦୀ ବ୍ଲକ ଟମକା ଅଞ୍ଚଳର ତଥା ଦେଉଳକଣା ପଞ୍ଚାୟତର ପୁଅ ଅନ୍ତର୍ଜାତିକ ପାରା କ୍ରୀଡ଼ାବିତ ଦେବାମୃତ ସାହୁ ବିଶ୍ୱ ପାରା ଆଥଲେଟିକ୍ସ ଟେକ୍ନିକାଲ ଅଫିସର ଭାବରେ ନିଯୋଜିତ ହୋଇଛନ୍ତି। ଭାରତୀୟ ପାରା ଅଲିମ୍ପିକ କମିଟି ପକ୍ଷରୁ ପ୍ରଥମଥର ଆୟୋଜିତ ଏହି ବିଶ୍ୱ ପାରା ଆଥଲେଟିକ୍ସ ଚାମ୍ପିଅନସିପରେ ୧୧୦ଟି ଦେଶ ଯୋଗଦାନ କରିଛନ୍ତି। ଏଥିରେ ୧୮ ୬ଟି ଖେଳ ସହ ୧୭୦୦ ଜଣ ଅନ୍ତର୍ଜାତିକ ପାରା କ୍ରୀଡ଼ାବିତ ଯୋଗଦାନ କରିବେ। ତେଣୁ ଏହି ଐତିହାସିକ ଚାମ୍ପିଅନସିପ ଯାଜପୁରରୁ ପ୍ରଥମ ଥର ପାଇଁ ଦେବାମୃତ ସାହୁ ଏହି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମିଳିଛି। ତେଣୁ ଏହି ଚାମ୍ପିଅନସିପ ସେପ୍ଟେମ୍ବର ୨୫ରୁ ଅକ୍ଟୋବର ୫ ଯାଏଁ ଚାଲୁରହିବ। ପ୍ରକାଶ ଥାଉକି ଦେବାମୃତ ସାହୁ ଯାଜପୁର ପ୍ରଥମ ଅନ୍ତର୍ଜାତିକ ପାରା କ୍ରୀଡ଼ାବିତ ହୋଇଥିବା ପ୍ରଥମ ଟେକ୍ନିକାଲ ଅଫିସର ଭାବରେ ଯୋଗଦାନ କରି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି।

**ବର୍ଷାଦିନେ ପାନୀୟ ଜଳ ସଙ୍କଟ**

## ୫୦ ପରିବାରର ଭରସା ଦୂଷିତ କୂଅ



ଯଖପୁରା, ୨୭।୯ (ସମିସ): ବହୁ ବର୍ଷ ଧରି କୂଅକୁ ଭରସା କରି ଚଳିଆସୁଛନ୍ତି ୫୦ପରିବାର। ଦୂରରେ ଥିବା ଏକ ନଳକୂଅ ଥିଲେ ମଧ୍ୟ ତାହା ବ୍ୟବହାର ଯୋଗ୍ୟ ହୋଇନଥିବାରୁ ଦୂଷିତ କୂଅକୁ ଭରସା କରି ଚଳୁଛନ୍ତି ଏ ସମସ୍ତ ପରିବାର। ଏମିତି ଏକ ଦୃଶ୍ୟ ଦେଖିବାକୁ ମିଳିଛି ଦାନଗଦି ବ୍ଲକ ପଙ୍କପାଳ ପଞ୍ଚାୟତର ନିଳମଣିଦେଇପୁର ଗ୍ରାମରେ ଥିବା ଖଟୁଆ ସାହିରେ। ନିଳମଣିଦେଇପୁର ସ୍କୁଲ ସାମ୍ନାରେ ଥିବା ଏହି କୂଅକୁ ଭରସା କରି ଚଳୁଥିବା ୫୦ପରିବାର ଏବେ ପିଇବା ପାଣି ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗତ ୭ଦିନ ହେବ ଏହି କୂଅରେ ଗୋଟିଏ ବୁଲା କୁକୁର ପଡ଼ି ମୃତ୍ୟୁବରଣ କରିଥିଲା। କୁକୁର କୂଅରେ ପଡ଼ି ମରିଯାଇ ପଚି ଯାଇଥିବା ଜାଣି ତାହାକୁ ନିଷ୍କାସନ କରିଥଲେ ମଧ୍ୟ ତାହା ବ୍ୟବହାର ଯୋଗ୍ୟ ହୋଇପାରୁନାହିଁ। ତେଣୁ ସେମାନେ ବାଧ ହୋଇ ବହୁ ଦୂରରେ ଥିବା ଏକ ନଳକୂଅରୁ ପାଣି ଆଣି ବ୍ୟବହାର କରୁଛନ୍ତି। ସେମାନେ କହିଛନ୍ତି କି ଖୋଲା କୂଅର ଜଳକୁ ପାନୀୟ ଜଳ ଭାବେ ବ୍ୟବହାର କରିବା ସ୍ୱାସ୍ଥ୍ୟ ପାଇଁ ଠିକ ନୁହେଁ ଜାଣି ସୁଦ୍ଧା ନିକଟରେ ପାନୀୟ ଜଳର ବ୍ୟବସ୍ଥା ନଥିବାରୁ ବାଧ ହୋଇ ଆମେମାନେ ଏହି ଖୋଲା କୂଅର ଜଳ ବ୍ୟବହାର କରୁଛୁ। ପ୍ରଶାସନ ପକ୍ଷରୁ ତୁରନ୍ତ ଏଠାରେ ଏକ ନଳକୂଅ ବସାଇବାକୁ ଦାବି ଜଣାଇଛନ୍ତି। ଯେତେଦିନ ପର୍ଯ୍ୟନ୍ତ ନଳକୂଅ ସ୍ଥାପନ ହୋଇପାରିନି ସେପର୍ଯ୍ୟନ୍ତ ଟ୍ୟାଙ୍କର ପାଣିର ବ୍ୟବସ୍ଥା ପ୍ରଶାସନ କରିବାକୁ ଅନୁରୋଧ କରିଛନ୍ତି ଖଟୁଆ ସାହିର ଲୋକେ।

ଏବେ ଲଗାଣ ବର୍ଷା ଯୋଗୁଁ ଅନେକ ପ୍ରକାରର ରୋଗ ସଂକ୍ରମଣ ହେବାର ଆଶଙ୍କା ମଧ୍ୟରେ ଖୋଲା ମେଲା ଭାବେ ରହିଥିବା କୂଅକୁ କିପରି ଭାବେ ବ୍ୟବହାର କରାଯାଉଛି ତାହା ଆଶ୍ଚର୍ଯ୍ୟ କରିଦେଇଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ନିତ୍ୟାନ୍ତ ଆବଶ୍ୟକ ଥିବା ନିଳମଣିଦେଇପୁର ଗ୍ରାମର ଖଟୁଆ ସାହିରେ ତୁରନ୍ତ ଏକ ନଳକୂପର ବ୍ୟବସ୍ଥା କରାଯିବାପାଇଁ ଦାବି ହେଇଛି। ଏଠାରେ ବ୍ୟବହାର କରୁଥିବା କୂଅକୁ ବର୍ଷା ଜଳ ସିଧସଳଖ ପ୍ରବେଶ କରୁଥିବାରୁ ଏହା ଦୂଷିତ ହୋଇରହିଛି। ତେଣୁ ପ୍ରଶାସନ କୂଅକୁ ବନ୍ଦ କରିବା ସହ ସେଠାରେ ତୁରନ୍ତ ପାନୀୟ ଜଳ ର ବ୍ୟବସ୍ଥା ନକଲେ ସେଠାରେ ସଂକ୍ରମଣ ରୋଗ ହେବାର ଆଶଙ୍କା ରହିଛି। ଖଟୁଆ ସାହିର ବାସିନ୍ଦା ଏ ବିଷୟରେ ବ୍ଲକ ପ୍ରଶାସନକୁ ଅବଗତ କରାଇଛନ୍ତି ବୋଲି ଜଣାଇଛନ୍ତି। ନିତ୍ୟ ଆବଶ୍ୟକ ପାନୀୟ ଜଳସଙ୍କଟ ଥିବା ଏହି ସାହିରେ ପ୍ରଶାସନ ପକ୍ଷରୁ କେତେ ଶୀଘ୍ର ବ୍ୟବସ୍ଥା କରାଯାଉଛି ଦେଖିବାକୁ ରହିଲା।

## ଜିଲ୍ଲା କଂଗ୍ରେସ ସଭାପତିଙ୍କ ନିଯୁକ୍ତିକୁ ନେଇ ଅସନ୍ତୋଷ



ଯାଜପୁର, ୨୭।୯ (ସମିସ): ଅଖିଳ ଭାରତ କଂଗ୍ରେସ କମିଟିର ନିର୍ଦ୍ଦେଶ କ୍ରମେ ଯାଜପୁର ଜିଲ୍ଲା କଂଗ୍ରେସ ସଭାପତି ଭାବେ ମାଗୁଣି ଯେନାଙ୍କୁ ନିଯୁକ୍ତି କରାଯାଇଛି। ଏ ସଂକ୍ରାନ୍ତରେ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଏହାକୁ ନେଇ କଂଗ୍ରେସ ନେତାଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଜିଲ୍ଲା ସଭାପତି ନିଯୁକ୍ତି ପାଇଁ ଏଆଇସିସି ପକ୍ଷରୁ ଯେଉଁ ସୃଜନ କାର୍ଯ୍ୟକ୍ରମ କରାଯାଇଥିଲା ତାକୁ ସମ୍ପୂର୍ଣ୍ଣ ଉଲ୍ଲଙ୍ଘନ କରାଯାଇ ମନମୁଖି ଭାବେ ନିଯୁକ୍ତି କରାଯାଇଥିବା ଅଭିଯୋଗ ହୋଇଛି। ଜିଲ୍ଲା କଂଗ୍ରେସରେ ବହୁ ବରିଷ୍ଠ ନେତା, କାର୍ଯ୍ୟକର୍ତ୍ତା ଏହି ଜିଲ୍ଲା ସଭାପତି ପଦବୀ ପାଇଁ ଆବେଦନ କରିଥିଲେ। ମାତ୍ର କିଛି ମାସ ତଳେ କଂଗ୍ରେସରେ ଯୋଗ ଦେଇଥିବା ମାଗୁଣିଙ୍କୁ କିଭଳି ଜିଲ୍ଲା କଂଗ୍ରେସର ଦାୟିତ୍ୱ ଦିଆଗଲା ତାକୁ ନେଇ ନାନା ପ୍ରଶ୍ନ ଉଠିଛି। ଗତକାଲି ଠାରୁ ଏଆଇସିସି ପକ୍ଷରୁ ମାଗୁଣିଙ୍କ ନାମ ଘୋଷଣା ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କଂଗ୍ରେସର କୌଣସି ବରିଷ୍ଠ ନେତା ଓ କାର୍ଯ୍ୟକର୍ତ୍ତା ମାଗୁଣିଙ୍କୁ ସାମାଜିକ ଗଣମାଧ୍ୟମରେ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇନଥିବା ଜଣାପଡ଼ିଛି। ଏହି ପଦ ପାଇଁ ସନ୍ତୋଷ ନନ୍ଦ, ବିଦ୍ୟାଧର ମହାନ୍ତି, ମନୋଜ ରାଉତ, କିଶାନ ପଣ୍ଡା, ସୁଦିପ କର, ଆରତୀ ଦେଓ, ପଦ୍ମାକର ଗୁରୁ, କନକଲତା ମଲ୍ଲିକଙ୍କ ସମେତ ୧୮ ଜଣ ଆବେଦନ କରିଥିଲେ। ଏହି ଆବେଦନକାରୀ ମାନଙ୍କ ପାଖରେ ପୂର୍ବରୁ ବିଭିନ୍ନ ବିଧାନସଭା ଠାରୁ ଆରମ୍ଭ କରି ଲୋକସଭା ନିର୍ବାଚନ ଲଢ଼ିବା ଓ ପରିଚାଳନାର ଅଭିଜ୍ଞତା ରହିଥିଲା। ଏପରିକି ସମଗ୍ର ଜିଲ୍ଲାରେ ନିଜସ୍ୱ ପରିଚୟ ଥିଲା। କିନ୍ତୁ ଏସବୁ ସତ୍ତ୍ୱେ ସମସ୍ତ ଆବେଦନକୁ ଅଗ୍ରାହ୍ୟ କରି ପିସିସି କିଭଳି ମାଗୁଣିଙ୍କ ନାମକୁ ମନୋନୀତ କଲା ତାକୁ ନେଇ ନାନା ଅସନ୍ତୋଷ ଦେଖିବାକୁ ମିଳିଛି। ଏ ନେଇ ଅନେକ ଆବେଦନକାରୀ ନିଜ ନାମକୁ ଗୋପନ ରଖିବା ସର୍ତ୍ତରେ ଆଗକୁ କଂଗ୍ରେସ ସଂଗଠନ ଭୁଶୁଡ଼ି ପଡ଼ିବ ବୋଲି କହିଛନ୍ତି। ପିସିସି ସଭାପତି ନିଜ କୋଟେରୀ ତିଆରି କରିବା ପାଇଁ ଏଭଳି ଜଣେ ଅନଭିଜ୍ଞ ବ୍ୟକ୍ତିଙ୍କୁ ଯାଜପୁର ଜିଲ୍ଲା ଦାୟିତ୍ୱ ଦେଇଛନ୍ତି ବୋଲି ଅନେକ ନେତା କହିଛନ୍ତି। ଅନ୍ୟପକ୍ଷରେ ନବ ନିଯୁକ୍ତ ସଭାପତି ଶ୍ରୀ ଜେନା ଯାଜପୁର ସଂସ୍କୃତି ଭବନ ପରିସରରେ ଥିବା ଡ. ଆମ୍ବେଦକର ପ୍ରତିମୂର୍ତ୍ତି ଏବଂ ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ନିଜର କାର୍ଯ୍ୟରେ ଯୋଗଦେଇ ସମସ୍ତ କଂଗ୍ରେସ ନେତୃମଣ୍ଡଳୀ ଏବଂ କର୍ମୀମାନଙ୍କ ସହଯୋଗ ଓ ଆଶୀର୍ବାଦ କାମନା କରିଛନ୍ତି। ଏହି ଅବସରରେ ଶ୍ରୀ ଯେନା ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ, ରାହୁଲ ଗାନ୍ଧୀ, କେସି ଭେନୁଗୋପାଲ ଏବଂ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ହିନ୍ଦୁରାମ ଆଦିବାସୀ କଂଗ୍ରେସ ସମ୍ପାଦକ



ସୁକିନ୍ଦା, ୨୭।୯ (ସମିସ): ଅଖିଳ ଭାରତ ଆଦିବାସୀ କଂଗ୍ରେସ ଅନୁମୋଦନ କ୍ରମେ ହିନ୍ଦୁରାମ ଜାମୁଦାଙ୍କୁ ଓଡ଼ିଶା ପ୍ରଦେଶ ଆଦିବାସୀ କଂଗ୍ରେସ ସମ୍ପାଦକ ଦାୟିତ୍ୱ ମିଳିଛି। କଂଗ୍ରେସ ଦଳ ତାଙ୍କ ଉପରେ ଭରସା କରି ଏହି ଗୁରୁ ଦାୟିତ୍ୱ ଦେଇଥିବାରୁ ହିନ୍ଦୁରାମ ଅଖିଳ ଭାରତ କଂଗ୍ରେସ କମିଟି ସଭାପତି ମଲ୍ଲିକାର୍ଜୁନ ଖଡ଼୍ଗେ, ଲୋକସଭା ବିରୋଧ ଦଳ ନେତା ରାହୁଲ ଗାନ୍ଧୀ, ଅଖିଳ ଭାରତ ଆଦିବାସୀ କଂଗ୍ରେସ ସଭାପତି ବିକ୍ରାନ୍ତ ଭୁରିଆ, ପ୍ରଦେଶ କଂଗ୍ରେସ ସଭାପତି ଭକ୍ତଚରଣ ଦାସ, ଓଡ଼ିଶା ପ୍ରଦେଶ ଆଦିବାସୀ କଂଗ୍ରେସ ସଭାପତି ଯଶୋବନ୍ତ ସିଂ ଲାଗୁରୀ ଅଖିଳ ଭାରତ କଂଗ୍ରେସ କମିଟି ସମ୍ପାଦକ ଶରତ ରାଉତ, ପୂର୍ବତନ ରାଜ୍ୟସଭା ସାଂସଦ ରାମଚନ୍ଦ୍ର ଖୁଣ୍ଟିଆଙ୍କୁ କୃତଜ୍ଞତା ଜଣାଇଛନ୍ତି। ଆଦିବାସୀ ହକ ପାଇଁ ଜିଲ୍ଲା ତଥା ରାଜ୍ୟରେ ସର୍ବଦା ଲଢେଇ କରିବି ବୋଲି ଶ୍ରୀ ଜାମୁଦା କହିଛନ୍ତିକ୍ଷ ଶ୍ରୀ ରାହୁଲ ଗାନ୍ଧୀଙ୍କ ସାଥିରେ ଜୟବାପୁ, ଜୟଭୀମ ଓ ଜୟ ସମ୍ବିଧାନ ନାରାକୁ ପ୍ରତ୍ୟେକ ଆଦିବାସୀ ଭାଇ ଓ ଭଉଣୀ ମାନଙ୍କ ନିକଟରେ ପହଞ୍ଚାଇ କଂଗ୍ରେସ ଦଳର ଆଦର୍ଶ ଓ ବିଚାରଧାରାରେ ସାମିଲ କରି ତୃଣମୂଳ ସ୍ତରରେ ଦଳକୁ ମଜଭୁତ କରିବାକୁ ଉଦ୍ୟମ ଜାରୀ ରହିବ ବୋଲି ଶ୍ରୀ ଯାମୁଦା ପ୍ରକାଶ କରିଛନ୍ତି।

## ଯାଜପୁରରେ ସହଯୋଗ ଶିକ୍ଷକ ପ୍ରଶିକ୍ଷଣ ଶିବିର

ଯାଜପୁର, ୨୭।୯ (ସମିସ): ପତଞ୍ଜଳି ଯୋଗ ସମିତି ଓ ଭାରତ ସ୍ୱାଭିମାନ ଟ୍ରଷ୍ଟ ଆନୁକୂଲ୍ୟରେ ଏକ ସହଯୋଗ ଶିକ୍ଷକ ପ୍ରଶିକ୍ଷଣ ଶିବିର ଶନିବାର ଉଦ୍‌ଘାଟିତ ହୋଇଛି। ଏହି ଶିବିର ୨୭ରୁ ୨୧ ଅକ୍ଟୋବର ପର୍ଯ୍ୟନ୍ତ ସ୍ଥାନୀୟ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଏହି ଶିବିରକୁ ବ୍ୟାସନଗର ତହସିଲ ପ୍ରମୁଖ ବଟକୃଷ୍ଣ ସାହୁ ଉଦ୍‌ଘାଟନ କରିଥିଲେ। ଯୋଗ ଶିକ୍ଷକ ଏହି ଶିବିରରେ ଯୋଗ ଶିକ୍ଷକ ଭାବେ ଶ୍ରୀ ସାହୁଙ୍କ ସମେତ ଭାରତ ସ୍ୱାଭିମାନ ଜିଲ୍ଲା ପ୍ରମୁଖ ଅଧ୍ୟାପକ ବିବେକାନନ୍ଦ ଜେନା ଓ ସହ ଜିଲ୍ଲା ପ୍ରମୁଖ ବିଭୀଷଣ ନାୟକ ପ୍ରମୁଖ ଯୋଗ ଦେଇ ବିଭିନ୍ନ ଆସନ, ପ୍ରାଣାୟମ ଓ ସୂର୍ଯ୍ୟ ନମସ୍କାର ସମେତ ୧୨ଟି କ୍ରୀୟା ବିଷୟରେ ପ୍ରଶିକ୍ଷଣ ଦେଇଥିଲେ। ୪୦ରୁ ଊର୍ଦ୍ଧ୍ୱ ଶିବିରାର୍ଥୀ ଏହି ପ୍ରଶିକ୍ଷଣରେ ଅଂଶଗ୍ରହଣ କରି ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ଯୁବ ପ୍ରଭାରୀ ଉମାକାନ୍ତ ବିଶ୍ୱାଳ ଓ ପତଞ୍ଜଳି ଯୋଗ ସମିତିର ଜିଲ୍ଲା ପ୍ରମୁଖ ମନ୍ମଥ ପୁମାର ସାମଲ ପରିଚାଳନା କରିଥିଲେ। ଏହି ଶିବିରରେ ପ୍ରମୁଖ କାର୍ଯ୍ୟକର୍ତ୍ତା ଭାବେ ଯୋଗ ଗୁରୁ ଗୋପୀନାଥ ସେଠୀ, ଇଂ. ସରୋଜ କୁମାର ଜେନା, ଦେବେନ୍ଦ୍ର କୁମାର ପତି, ଦେବେନ୍ଦ୍ର ସେଠୀ, ଆନନ୍ଦ ଚନ୍ଦ୍ର ସାହୁ, ସତ୍ୟବ୍ରତ ମହାନ୍ତି, ସୁରେନ୍ଦ୍ର ମିଶ୍ର, ଅନନ୍ତ ଓ ଗୋବିନ୍ଦ ସାହୁ, ରତ୍ନପର୍ଣ୍ଣା ସାହୁ ପ୍ରମୁଖ ଉପସ୍ଥିତ ରହି ଶିବିରାର୍ଥୀଙ୍କୁ ଉତ୍ସାହିତ କରିଥିଲେ।

## ରାଜପଥରେ ବସ୍ ଦୁର୍ଘଟଣା; ତିନି ଆହତ



ପାଣିକୋଇଲି, ୨୭।୯ (ସମିସ): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ନମ୍ବର ଜାତୀୟ ରାଜପଥର ସୋତି ନିକଟସ୍ଥ ପୁରୁଣା ଟୋଲଗେଟ୍ ନିକଟରେ ଶୁକ୍ରବାର ବିଳମ୍ବିତ ରାତ୍ରିରେ ବସ୍ ଦୁର୍ଘଟଣାରେ ଅଳ୍ପକେ ଯାତ୍ରୀ ବର୍ତ୍ତୀ ଯାଇଥିବା ବେଳେ ଆଗରେ ବସିଥିବା ୩ ଜଣ ଆହତ ହୋଇଛନ୍ତି। ପ୍ରକାଶଯେ ଭୁବନେଶ୍ୱରରୁ କଲିକତା ଅଭିମୁଖେ ୫୫ଜଣ ଯାତ୍ରୀଙ୍କୁ ନେଇ ଆର୍ୟନ ନାମକ ଏକ ଘରୋଇ ବସ୍ (ଡବ୍ଲ୍ୟୁବି ୪୯ଏନ ୧୦୪୨) ବାହାରିଥିଲା। ୧୬ ନମ୍ବର ଜାତୀୟ ରାଗପଥର ସୋତି ଗ୍ରାମ ନିକଟସ୍ଥ ପୁରୁଣା ଟୋଲଗେଟ୍ ନିକଟରେ ଦ୍ରୁତଗତିରେ ଆସୁଥିବା ବସ୍‌ଟି ଏକ ହାଇୱା ପଛରେ ପିଟି ହୋଇଯାଇଥିଲା। ଫଳରେ ବସ୍‌ର ଆଗଟି ସମ୍ପୂର୍ଣ୍ଣ ଚୁରମାର ହୋଇଥିବା ବେଳେ ଖଲାସୀ ପଟଟି ସମ୍ପୂର୍ଣ୍ଣ ଭିତରକୁ ପସି ଯାଇଥିଲା। ଫଳରେ ଆଗରେ ବସିଥିବା ତିନି ଜଣ ଆହତ ହୋଇଥିଲେ। ଖବରପାଇ 'ଆମେ ଆପଣଙ୍କ ପାଇଁ ହେଲପିଙ୍ଗ ଗ୍ରୁପ ସଦସ୍ୟ, ପାଣିକୋଇଲି ପୁଲିସ, କୁଆଖିଆ ଅଗ୍ନିଶମ ବାହିନୀ ଓ ସ୍ଥାନୀୟ ଲୋକମାନେ ପହଞ୍ଚି ଗାଡିର ଡୋର ଖୋଲୁନଥିବାରୁ ଆଗ କାଚ ବାଟେ ଓ ଚାଳକ ପଟରେ ଥିବା ଜରୁରୀକାଳୀନ ଦ୍ୱାର ଦେଇ ଯାତ୍ରୀମାନଙ୍କୁ ଉଦ୍ଧାର କରାଯାଇଥିଲା। ଆହତ ତିନି ଜଣଙ୍କୁ ପୁଲିସ ୧୧୨ ଗାଡ଼ିରେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା ବେଳେ ଅନ୍ୟ ୫୨ଜଣ ଯାତ୍ରୀ ସୁରକ୍ଷିତ ଭାବେ ଉଦ୍ଧାର ହୋଇଥିଲେ। ବସ୍ ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ପୁଲିସ ବସ୍‌ଟିକୁ ଜବତ କରିଛି। ପରେ ଅଟକି ରହିଥିବା ଗାଡିଗୁଡିକୁ ପୁଲିସ ସ୍ୱାଭାବିକ ଭାବେ ଚଳାଚଳ କରାଯାଇଥିଲା। ହେଲେ ଦୁର୍ଘଟଣା ହେବା କ୍ଷଣି ହାଇୱାଟି ଫେରାର ହୋଇଯାଇଥିଲା।

## ୨୫ ଦିନ ଧରି ପାଣିଘେରରେ ସ୍କୁଲ, ମନ୍ଦିର; ଜଳବନ୍ଦୀରେ ୨୦ ପରିବାର





କବାଟବନ୍ଧ, ୨୭।୯ (ସମିସ)

ଗତ ୩ ତାରିଖରେ ୫ ଘଣ୍ଟା ଧରି ଲଗାଣ ବର୍ଷାରେ ଯାଜପୁର ଜିଲ୍ଲାରେ ସର୍ବାଧିକ ବର୍ଷା ରେକର୍ଡ଼ ହୋଇଥିଲା। ସେହିଦିନ ଠାରୁ ବିଭିନ୍ନ ସ୍ଥାନରେ ଆଜି ପର୍ଯ୍ୟନ୍ତ ବର୍ଷା ଜଳ ଜମି ରହି ଜନ ଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ପ୍ରଶାସନ ନିକଟରେ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନାହିଁ। ଏଭଳି ଅଭିଯୋଗ ଆଣିଛନ୍ତି ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ରାଇଛନ୍ଦା ପଞ୍ଚାୟତରେ ଜଳବନ୍ଦୀରେ ରହିଥିବା ଗ୍ରାମର ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ପରିବାର। ରାଇଛନ୍ଦା ପଞ୍ଚାୟତ ଅଧୀନ ୧୧ ନମ୍ବର ୱାର୍ଡ଼ ଡଗରପଡ଼ା ଅଞ୍ଚଳରେ ଏହି ଜଳବନ୍ଦୀ ସମସ୍ୟା ଦ୍ୱାରା ଲୋକମାନେ ନାହିଁ ନ ଥିବା ଅସୁବିଧା ଭୋଗ କରୁଛନ୍ତି। ରାଇଛନ୍ଦା ଏବଂ କବାଟବନ୍ଧ ପଞ୍ଚାୟତର ସୀମାନ୍ତକୁ ଲାଗି ରହିଥିବା ଏହି ଗାଁ ଏବଂ ମୁଖ୍ୟ ରାସ୍ତା ଜଳ ବନ୍ଦୀ ହୋଇଛି। ପାଣି ଘେରରେ ଅନେକ ପରିବାର ରହିଛନ୍ତି। କେବଳ ପରିବାର ନୁହେଁ ଶିକ୍ଷାନୁଷ୍ଠାନ, ଏକାଧିକ ମନ୍ଦିର ମଧ୍ୟ ଜଳବନ୍ଦୀ ହୋଇଛି। ପ୍ରାୟ ୫ ଏକରରୁ ଊର୍ଦ୍ଧ୍ୱ ଅଞ୍ଚଳ ସମ୍ପୂର୍ଣ୍ଣ ଜଳମଗ୍ନ ହୋଇଛି। କେବଳ ଗ୍ରାମବାସୀ ନୁହଁନ୍ତି, ଦୈନିକ ହଜାର ହଜାର ଲୋକ, ଛାତ୍ରଛାତ୍ରୀ, ବ୍ୟବସାୟୀମାନେ ବହୁ ପରିମାଣର ପ୍ରଭାବିତ ହେଉଛନ୍ତି। କବାଟବନ୍ଧ ମେଡ଼ିକାଲ ମୁଖ୍ୟ ରାସ୍ତା, ଡଗରପଡ଼ା ଗାଁ ରାସ୍ତା, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଡଗରପଡ଼ା ପ୍ରାଥମିକ ବିଦ୍ୟାଳୟ, ସାପ୍ତାହିକ ହାଟ ଆଦିକୁ ଯିବା ଆସିବା କରିବା ଏକ ପ୍ରକାର ମୁସ୍କିଲ ହୋଇଛି। ଛୋଟ ଛୋଟ ପିଲା ମାନେ ଆଣ୍ଠୁଏ ଉଚ୍ଚ ପାଣିରେ ପଶି ଯିବା ଆସିବା କରୁଛନ୍ତି। ଦୀର୍ଘ ଦିନ ଧରି ନିୟମିତ ଭାବେ ଛୋଟ ଛୋଟ ପିଲାମାନେ ଏହି ପାଣି ଭିତରେ ପଶି ବିଦ୍ୟାଳୟକୁ ଶିକ୍ଷାଲାଭ ପାଇଁ ଯିବା ଆସିବା ଦ୍ୱାରା ଛୋଟ ପିଲାଙ୍କ ଥଣ୍ଡା ଓ ଜ୍ୱର ଭଳି ନାନାଦି ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଉଛି। ଆବର୍ଜନା ପାଣିରେ ଯିବା ଆସିବା କରିବା ଦ୍ୱାରା ବିଭିନ୍ନ ରୋଗ ସଂକ୍ରମଣ ତଥା ଗୋଡ଼ ବାଲି ଖାଇବା କଣ ନଖା ଏବଂ ଗୋଡ଼ କୁଣ୍ଡାଇ ହେବା ଭଳି ଚର୍ମରୋଗ ଦେଖାଦେଉଛି। କିଛି ପରିବାର ଏବେ ମଧ୍ୟ ବାହାରକୁ ବାହାରି ପାରୁ ନାହାଁନ୍ତି। ଆବର୍ଜନା ପାଣି ଦୁର୍ଗନ୍ଧ ହେବାରୁ ଲୋକମାନେ ଘରେ ଭଲରେ ଖାଇପିଇ ପାରୁ ନ ଥିବା ବେଳେ ଘରେ ସାପ ଓ ବେଙ୍ଗ ପଶି ଯାଉଛନ୍ତି। ଯାହାକୁ ନେଇ ଲୋକମାନେ ଭୟଭୀତ ହୋଇପଡୁଛନ୍ତି। ରାସ୍ତା ଉପରେ ଏତେ ପରିମାଣରେ ପାଣି ଜମି ରହିଥିବାରୁ କିଛି ଲୋକ ମୋଟର ସାଇକଲ ଏବଂ କାରକୁ ଧୋଇବା ପାଇଁ ବ୍ୟବହାର କରୁଛନ୍ତି। ଅପରାହ୍ନ ସମୟରେ ଛୋଟ ଛୋଟ ପିଲା ମାନେ ସାଇକେଲ ଧରି ପାଣି ଭିତରେ ଜଳକ୍ରୀଡ଼ା କରୁଥିବା ଦେଖିବାକୁ ମିଳିଛି। ପ୍ରଶାସନ ପକ୍ଷରୁ ଏହି ଜଳକୁ ତୁରନ୍ତ ନିଷ୍କାସନ କରି ଲୋକମାନଙ୍କ ସୁବିଧା ପାଇଁ ସ୍ଥାୟୀ ପଦକ୍ଷେପ ଗ୍ରହଣ କରିବା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।



କଣାସ ବ୍ଲକ୍ ଜଳିଆପଡ଼ା ମାତୃଶକ୍ତି ପୀଠରେ ମା' ମଙ୍ଗଳାଙ୍କ ମହଗୌରୀ ବେଶ



କାତ୍ୟାୟନୀ ବେଶରେ ମା' ବନଦୁର୍ଗା

# ସେବାରେ ସମର୍ପଣ ହିଁ ଜାତୀୟ ସେବା ଯୋଜନା

ପୁରୀ,୨୭।୯ (ସମିସ): ସେବା ସର୍ବଦା ସମର୍ପିତ। ସେବାରେ ସମର୍ପଣ ଭାବ ରହିଲେ ଏହାର ଲକ୍ଷ୍ୟ ସାଧିତ ହୋଇଥାଏ। ଜାତୀୟ ସେବା ଯୋଜନା ହିଁ ଯୁବଗୋଷ୍ଠୀଙ୍କୁ ସତ୍‌ମାର୍ଗ ଦେଖାଏ ଓ ସେବା ମନୋଭାବ ଶିଖାଏ। ଦୀର୍ଘ ୫୬ ବର୍ଷ ଧରି ଏହି ଯୋଜନା ଭାରତବର୍ଷକୁ ସମୃଦ୍ଧ ଓ ବିକଶିତ ରାଷ୍ଟ୍ରରେ ପରିଣତ କରିଛି ବୋଲି କହିଛନ୍ତି ଜାତୀୟ ସେବା ଯୋଜନାର ପ୍ରାକ୍ତନ ଗ୍ରୁପ୍ ଲିଡର ବଦ୍ରି ମିଶ୍ର। ପୁରୀ ସଦର ବ୍ଲକ୍ ବାଲିପୁଟସ୍ଥିତ ଶାସ୍ତ୍ରୀ ସ୍ମୃତି ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଶୁକ୍ରବାର ଜାତୀୟ ସେବା ଯୋଜନାର ସ୍ୱତନ୍ତ୍ର ଶିବିରର ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇ ଶ୍ରୀ ମିଶ୍ର ଛାତ୍ରଛାତ୍ରୀଙ୍କୁ ସେବା ଓ ସମର୍ପିତ କରିବାରେ ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ପବିତ୍ର ମୋହନ ଦାଶଙ୍କ ଦକ୍ଷତା ଓ ଆତ୍ମୀୟତାର ପ୍ରଶଂସା କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ରୀତା ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଶିଷ୍ଟ ଚକ୍ଷୁରୋଗ ବିଶେଷଜ୍ଞ ଡାକ୍ତର ରାଜେନ୍ଦ୍ର କୁମାର ବେହେରା କହିଥିଲେ ଯେ, ଆଜିର ଯୁବଗୋଷ୍ଠୀ ସମାଜ ଶୃଙ୍ଖଳା ଓ ଦେଶାତ୍ମବୋଧ ପାଇଁ ବଦ୍ଧପରିକର ହୁଅନ୍ତୁ। କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ପବିତ୍ର ମୋହନ ଦାଶଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଟ୍ରଫି ଓ ପ୍ରଶଂସାପତ୍ର ଦିଆଯାଇଥିଲା। ପ୍ରାରମ୍ଭରେ ନିକଟସ୍ଥ ଗ୍ରାମାଞ୍ଚଳରେ ସଫେଇ ସହ ବୃକ୍ଷରୋପଣ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ସୁଶାନ୍ତ କୁମାର ଭୂୟାଁ, ପ୍ରଜ୍ଞାପ୍ରକାଶ ପରିଡ଼ା, ସୁମିତ୍ରା ମହାନ୍ତି, ସୁଜାତା ସ୍ୱାଇଁ ଓ କମଳ କୁମାର ଦାଶ।

## ଓଡ଼ିଆ ବିଶ୍ୱବିଦ୍ୟାଳୟରେ ଜାତୀୟ ପାଠଚକ୍ର ଉଦ୍‌ଯାପିତ

# ଶକ୍ତି ବିନା ଶିବ କେବଳ ଶବ ମାତ୍ର

ପୁରୀ/ସାକ୍ଷୀଗୋପାଳ,୨୭।୯ (ସମିସ): ସତ୍ୟବାଦୀସ୍ଥିତ ଓଡ଼ିଆ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଚାଲିଥିବା ଦ୍ୱିଦିବସୀୟ 'ଓଡ଼ିଶାରେ ଶକ୍ତି ଉପାସନାର ପରମ୍ପରା ଏବଂ ନିଦର୍ଶନ' ଶୀର୍ଷକ ଜାତୀୟ ପାଠଚକ୍ର ଶନିବାର ଉଦ୍‌ଯାପିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହର ପ୍ରାରମ୍ଭିକ ଅଧିବେଶନରେ ସଭାମୁଖ୍ୟ ପ୍ର. ପ୍ରଭାତ ରଞ୍ଜନ ମହାପାତ୍ର ନବରାତ୍ରି ଓ ଷୋଳପୂଜାର ଗୁରୁତ୍ୱ ଦର୍ଶାଇଥିଲେ। ବିଷୟ ବିଶେଷଜ୍ଞ ଭାବେ ପ୍ର. ବିଭୂଦେନ୍ଦ୍ର ନାରାୟଣ ପଟ୍ଟନାୟକ ଆଭାସୀ ମାଧ୍ୟମରେ ଯୋଗଦେଇ ସାରଳା ମହାଭାରତକୁ ପ୍ରଥମ ଓଡ଼ିଆ ଶାକ୍ତଗ୍ରନ୍ଥର ମର୍ଯ୍ୟାଦା ପ୍ରଦାନ କରିଥିଲେ। ପ୍ର. ସତ୍ୟନାରାୟଣ ଆଚାର୍ଯ୍ୟ ମଧ୍ୟ ଆଭାସୀ ମାଧ୍ୟମରେ ଯୋଗଦେଇ ଜଗନ୍ନାଥ ପରମ୍ପରା ଓ ଶାକ୍ତ ପରମ୍ପରା ମଧ୍ୟରେ ଥିବା ଅପୂର୍ବ ସାମଞ୍ଜସ୍ୟ ସମ୍ପର୍କରେ ରେଖାପାତ କରିଥିଲେ। ଏଥିସହିତ ଡ. ଚିତ୍ରସେନ




ପଶାୟତ ଜନଜାତିମାନଙ୍କ ଭିତରେ ଶାକ୍ତ ପରମ୍ପରାର ପ୍ରଥମ ଅଭ୍ୟୁଦୟ ଘଟିଥିବା କଥା ଉଲ୍ଲେଖ କରିଥିଲେ। ବେଦରୁ ହିଁ ମାତୃପୂଜାର

### ଶକ୍ତି ସୃଷ୍ଟିର ମୂଳାଧାର, ବେଦରୁ ହିଁ ମାତୃପୂଜାର ଆରମ୍ଭ

ଆରମ୍ଭ ବୋଲି ପ୍ର. ଅନାମ ବେହେରା ମତବ୍ୟକ୍ତ କରିଥିଲେ। ପରେ ବିଶିଷ୍ଟ ଗବେଷକ ଡ. ଅମ୍ବରୀଶ ଶତପଥୀ ଶକ୍ତିଙ୍କର ବୈଶିଷ୍ଟ୍ୟ ପ୍ରତିପାଦନ ଉଦ୍ଦେଶ୍ୟରେ ଉଲ୍ଲେଖ କରିଥିଲେ ଯେ, ଶକ୍ତି ବିନା ଶିବ କେବଳ ଶବ ମାତ୍ର। ଡ. ସସ୍ମିତା ଜେନା, ଡ. ମନାଲି ଟ୍ୟାଙ୍ଗ, ସୁଜାତା ଦେବ, ବିଶାଖା ଦେବୀ ଓ ଡ. ପାରେଶ୍ୱର ସାହୁ ଶକ୍ତି ଉପାସନା ଆଧାରିତ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଅଧିବେଶନର ଅନ୍ତିମ ପର୍ଯ୍ୟାୟରେ ସମୀକ୍ଷକ ଡ. ଲିପିକା ନାୟକଙ୍କ ସମୀକ୍ଷାତ୍ମକ ଆଲୋଚନା ପରେ ମଞ୍ଚ ସଞ୍ଚାଳିକା ଡ. ଶର୍ମିଷ୍ଠା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଜାତୀୟ ପାଠଚକ୍ରର ଉଦ୍‌ଯାପନୀ ପର୍ବ ଆରମ୍ଭରେ ବିଶ୍ୱବିଦ୍ୟାଳୟର କୁଳସଚିବ ରଶ୍ମିରେଖା ଦାସ ଋଗ୍‌ବେଦରେ ମାତୃପୂଜାର ନିଦର୍ଶନ ତଥା ଇତିହାସ ଓ ପ୍ରତ୍ନତତ୍ତ୍ୱରେ ତାହାର କ୍ରମବିକାଶ ସମ୍ପର୍କରେ ଆଲୋକପାତ କରିଥିଲେ। ଶକ୍ତି କହିଲେ ପରମେଶ୍ୱରଙ୍କ ସାମର୍ଥ୍ୟକୁ ବୁଝାଏ ସମ୍ମାନିତ ବକ୍ତା ଡ. ବିଶ୍ୱନାଥ ସ୍ୱାଇଁ ସ୍ୱମତ ପ୍ରକାଶ କରିଥିଲେ। ମୁଖ୍ୟ ଅତିଥି ପ୍ର. ପ୍ରଭାତ ରଞ୍ଜନ ମହାପାତ୍ର ସୃଷ୍ଟିରେ ଶକ୍ତିର ମାହାତ୍ମ୍ୟ ବଖାଣି କହିଥିଲେ ଯେ, ଶକ୍ତି ମାଧ୍ୟମରେ ହିଁ ଈଶ୍ୱର ସୃଷ୍ଟି କରନ୍ତି। ସଭାପତି ଅଭିଭାଷଣରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ର. ଶତ୍ରୁଘ୍ନ ପାଣିଗ୍ରାହୀ ଶକ୍ତି ସୃଷ୍ଟିର ମୂଳାଧାର ଏବଂ ସତ୍ ମଣିଷ ପାଇଁ ସେ ଲକ୍ଷ୍ମୀ ଓ ଅସତ୍ ମଣିଷ ପାଇଁ ସେ ଅଲକ୍ଷ୍ମୀ ବୋଲି ମତବ୍ୟକ୍ତ କଲେ। ଆୟୋଜିତ ଜାତୀୟ ପାଠଚକ୍ରଟି ସମସ୍ତଙ୍କ ନିମନ୍ତେ ପ୍ରେରଣାଦାୟୀ ହେବ ବୋଲି ଆଶାପୋଷଣ କରି ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ଡ. ପ୍ରଦ୍ୟୁମ୍ନ କୁମାର ମିଶ୍ର ନିଜର ସମାପନ ବକ୍ତବ୍ୟକୁ ସମାପ୍ତ କଲେ। ଶେଷରେ ମଞ୍ଚ ସଞ୍ଚାଳିକା ତଥା ପାଠଚକ୍ର ସଂଯୋଜିକା ଡ. ଶର୍ମିଷ୍ଠା ମହାପାତ୍ର ଦୁଇଦିନ ଧରି ଆୟୋଜିତ ହୋଇଥିବା ପାଠଚକ୍ରର ସଫଳ ପରିଚାଳନା ନିମନ୍ତେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# କାତ୍ୟାୟନୀ ବେଶରେ ମା' ମଙ୍ଗଳା



କାକଟପୁର,୨୭।୯ (ସମିସ): କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ମନ୍ଦିରରେ ଆଶ୍ୱିନ ମୂଳାଷ୍ଟମୀ ତିଥିରୁ ପାରମ୍ପରିକ ପ୍ରଥାନୁସାରେ ଆରମ୍ଭ ହୋଇଛି ଶାରଦୀୟ ପାର୍ବଣ ପୂଜା। ମା' ମଙ୍ଗଳାଙ୍କୁ ଆଦ୍ୟାଶକ୍ତି ଭାବେ ବିବେଚନା କରାଯାଇଥାଏ। ଷୋଳପୂଜା ଅବସରରେ ଶନିବାର ଷଷ୍ଠୀ ତିଥିରେ ମା'ଙ୍କର କାର୍ତ୍ତିଖର୍ପର ବେଶ ବା କାତ୍ୟାୟନୀ ବେଶ ଅନୁଷ୍ଠିତ ହୋଇଛି। ଏହି ଦିନ ଦେବତାମାନେ ମା' ଦୁର୍ଗାଙ୍କୁ ଅସ୍ତ୍ର ଭାବେ କାର୍ତ୍ତି ବା ଖଣ୍ଡା ଏବଂ ଖର୍ପର କହିଲେ ରକ୍ତପୂର୍ଣ୍ଣ ପାତ୍ର ଅର୍ପଣ କରିଥିବାବେଳେ ଆଜିର ଦିନରେ ମା'ଙ୍କୁ କାର୍ତ୍ତିଖପର ବା କାତ୍ୟାୟନୀ ବେଶରେ ଭୂଷିତ କରାଯାଇଛି। ପୂଜାପଣ୍ଡା ସେବକ ଭାବେ ରଘୁନାଥ ଦୀକ୍ଷିତ ଏବଂ ଷୋଡ଼ଶ ଉପଚାର ପୂଜାପଣ୍ଡା ପ୍ରକାଶ ଚନ୍ଦ୍ର ପଣ୍ଡାଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିଲା। ରବିବାର ମା'ଙ୍କର ପ୍ରସିଦ୍ଧ ସିଂହବାହିନୀ ବେଶ ଅନୁଷ୍ଠିତ ହେବ ବୋଲି ନୀତି ସମ୍ପାଦକ ସୂଚନା ଦେଇଛନ୍ତି।

# କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରକ୍ତଦାନ ଶିବିର

କଣାସ,୨୭।୯ (ସମିସ): କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶନିବାର ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ବ୍ଲକ୍ ଅଧ୍ୟକ୍ଷା ପ୍ରଭାତୀ ରାଉତ ଉଦ୍‌ଘାଟନ କରିଥିଲେ। ପୁରୀ ବ୍ଲଡ୍ ବ୍ୟାଙ୍କ ଅଧିକାରୀ ଡାକ୍ତର ଦୀପକ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୪୧ ୟୁନିଟ୍ ରକ୍ତ ସଂଗ୍ରହ କରିଥିଲେ। କଣାସ ସରପଞ୍ଚ ଭଗବାନ ସୁବୁଦ୍ଧି, ଜଣେ ଦିବ୍ୟାଙ୍ଗ ପ୍ରଶାନ୍ତ ମହାନ୍ତି, ୩ ଆଶାଦିଦି, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କର୍ମଚାରୀ, ସୁରକ୍ଷା କର୍ମୀ ଆଦି ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ। ଡା. କ୍ଷମାନିଧି ସେଠୀ, ଡା. ସବ୍ୟସାଚୀ ମହାପାତ୍ର, ଡା. ବିବେକ ଅନୁରାଗ, ଡା. ସୌମ୍ୟରଞ୍ଜନ ସେଠୀ, ଡା. ବିଶ୍ୱରଞ୍ଜନ ଜେନା, ସ୍ୱର୍ଣ୍ଣଲତା ରଥ, ଧନେଶ୍ୱର ସ୍ୱାଇଁ, କଳିଙ୍ଗ କୁମାର ଉପାଧ୍ୟାୟ, ଅନ୍ତର୍ଯ୍ୟାମୀ ମହାପାତ୍ର, ତପନ ଚୌଧୁରୀ, ଲୋକନାଥ ଦଳେଇ ଏବଂ ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ରୋଗ ଓ ଔଷଧମୁକ୍ତ ସଚେତନତା

ବାଣପୁର,୨୭।୯ (ସମିସ): ବାଣପୁର ଶୁଭମଙ୍ଗଳ କଲ୍ୟାଣ ମଣ୍ଡପ ପରିସର ସାହିତ୍ୟ ସିନ୍ଦୂରା ସଭାଗୃହରେ ବାଣପୁର ବରିଷ୍ଠ ନାଗରିକ ସଙ୍ଘର ସଭାପତି ଡ. ଚିନ୍ତାମଣି ମିଶ୍ରଙ୍କ ସଭାପତିତ୍ୱରେ ପ୍ରଜାପିତା ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ମାଉଣ୍ଟଆବୁରୁ ଆସିଥିବା ଡ. ନରେଶ ଅଗ୍ରୱାଲ ଓ ତାଙ୍କ ଅନୁଷ୍ଠାନର ସଦସ୍ୟ ସାମିଲ ହୋଇ ଏକ ରୋଗମୁକ୍ତ ଓ ଔଷଧମୁକ୍ତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ ନାଗରିକ ସଙ୍ଘର ଉପସଭାପତି ଗୋଲକ ବିହାରୀ ପରିଡ଼ା ମଞ୍ଚାସୀନ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବାବେଳେ ରାଜଯୋଗ ସାଧନ ଦ୍ୱାରା କିପରି ମନୁଷ୍ୟତ୍ୱରୁ ଦେବତ୍ୱ ପ୍ରାପ୍ତି ଓ ରାଜଯୋଗ ଦ୍ୱାରା ବିଶ୍ୱ କଲ୍ୟାଣ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବର୍ତ୍ତମାନ ଯେଉଁଭଳି ବିଶ୍ୱରେ ପାଣିପାଗର ପରିବର୍ତ୍ତନ ଓ ତାପମାତ୍ରା ବୃଦ୍ଧି ହେଉଛି, ଯଦି ଆମେ ସଜାଗ ନ ହେଲେ ତେବେ ରୋଗମୁକ୍ତ ହେବା କଷ୍ଟସାଧ୍ୟ ବୋଲି ଡ. ଆଗ୍ରୱାଲ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ନୃସିଂହ ପ୍ରଧାନ, ସନ୍ଧ୍ୟାରାଣୀ ହରିଚନ୍ଦନ, ରବୀନ୍ଦ୍ରନାଥ ମାନସିଂ, ଜୟ କୃଷ୍ଣ ଦାସ, ସୁଷମା ମହାସୁଆରଙ୍କ ସମେତ ବହୁ ବରିଷ୍ଠ ନାଗରିକ ସାମିଲ ହୋଇଥିଲେ।

# ମହିଳାଙ୍କୁ ଉଲଗ୍ନ କରି ପିଟିଲେ

ଭୁବନେଶ୍ୱର, ୨୭।୯ (ସମିସ): ଜଣେ ଅନୁସୂଚିତ ଜାତି ମହିଳାଙ୍କୁ ଉଲଗ୍ନ କରି ନଡ଼ିଆ ଗଛରେ ବାନ୍ଧିଲେ। ସେତିକିରେ ସେମାନଙ୍କ ନିର୍ଯାତନା ସରିଲାନି ଯେ କଟୁରିରେ ତାଙ୍କୁ ଆକ୍ରମଣ କରି ଗୁରୁତର କଲେ। କିନ୍ତୁ ଏପରି ଏକ ସାଂଘାତିକ ଅଭିଯୋଗକୁ ୭ ଦିନ ବିତିଥିଲେ ବି ପୁଲିସ ଖାଲି ଏକ ମାମଲା ରୁଜୁ କରି ଚୁପ୍ ବସିପଡ଼ିଛି। ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହିଁ। ଅପରପକ୍ଷେ ପୁଲିସର ଏହି ନିଷ୍କ୍ରିୟତାର ସୁଯୋଗ ନେଇ ଅଭିଯୁକ୍ତମାନେ ଏବେ ମହିଳା ଓ ତାଙ୍କ ପରିବାରକୁ ଧମକଚମକ ଦେଉଛନ୍ତି। ତେଣୁ, ନ୍ୟାୟ ପାଇଁ ସବୁଆଡ଼ୁ ନିରାଶ ହେବା ପରେ ପୀଡ଼ିତା ମହିଳାଜଣଙ୍କ ପୁଲିସ ଡିଜିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଟ୍ୱିଟ୍ କରି ମହିଳାଜଣଙ୍କ ଡିଜିଙ୍କୁ ନ୍ୟାୟ ପାଇଁ ଗୁହାରି କରିଛନ୍ତି।

ମିଳିଥିବା ସୂଚନାନୁସାରେ, ରାଜଧାନୀ ଭୁବନେଶ୍ୱରଠାରୁ ମାତ୍ର ୨୦ କିମି ଦୂର

> କାର୍ଯ୍ୟାନୁଷ୍ଠାନ ନେଉନି ପିପିଲି ପୁଲିସ
> ଡିଜିପିଙ୍କୁ ନ୍ୟାୟ ମାଗିଲେ ପୀଡ଼ିତା

ପିପିଲି ଥାନା ଅଞ୍ଚଳରେ ଏହି ଲଜ୍ଜାଜନକ ଘଟଣା ଘଟିଛି। ଜମିବାଡ଼ିକୁ କେନ୍ଦ୍ର କରି ପଡ଼ୋଶୀଙ୍କ ସହ ଉକ୍ତ ମହିଳାଙ୍କ ପୂର୍ବରୁ ବିବାଦ ରହିଥିଲା। ୭ ଦିନ ତଳେ ଏହାକୁ ନେଇ ସେମାନଙ୍କ ମଧ୍ୟରେ କଳହ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ପଡ଼ୋଶୀ ପରିବାରର ୪ରୁ ୫ଜଣ ଉକ୍ତ ମହିଳାଙ୍କୁ ଆକ୍ରମଣ କରିଥିଲେ। ସେମାନେ ମହିଳାଙ୍କୁ ଉଲଗ୍ନ କରି ଏକ ନଡ଼ିଆ ଗଛରେ ବାନ୍ଧି ଦେବା ସହ କଟୁରିରେ ଆକ୍ରମଣ କରିଥିଲେ। ଏଥିରେ ମହିଳାଜଣଙ୍କ ଗୁରୁତର ଆହତ ହୋଇଥିଲେ। ପରେ କିଛି ଗ୍ରାମବାସୀ ମହିଳାଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। ତେବେ ଏ ସଂପର୍କରେ ମହିଳାଜଣଙ୍କ ପିପିଲି ଥାନାରେ ଅଭିଯୋଗ କରିବାରୁ ପୁଲିସ ନଂ-୧୮୯/୨୫ରେ ମାମଲା ରୁଜୁ କରିଛି। କିନ୍ତୁ ଘଟଣାକୁ ୭ଦିନରୁ ଊର୍ଦ୍ଧ୍ୱ ସମୟ ବିତିଥିଲେ ହେଁ ଏପର୍ଯ୍ୟନ୍ତ ଅଭିଯୁକ୍ତମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ।

# ଓସିଏସ୍ ପରୀକ୍ଷାରେ ଆଶୁତୋଷ ଓ ମୋନାଲିସାଙ୍କ କୃତକାର୍ଯ୍ୟ





ନିମାପଡ଼ା,୨୭।୯ (ସମିସ): ନିମାପଡ଼ା ବ୍ଲକ୍ ଅନ୍ତର୍ଗତ ମିଟେଇପୁର ପଞ୍ଚାୟତ ବନ୍ଥୁ ଗ୍ରାମର ଦିଲ୍ଲୀପ କୁମାର ସ୍ୱାଇଁ ଓ ଝୁମଲତା ସ୍ୱାଇଁଙ୍କ ସୁପୁତ୍ର ଆଶୁତୋଷ ସ୍ୱାଇଁ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ୨୪ ନମ୍ବର ର୍ୟାଙ୍କରେ ରହି କୃତକାର୍ଯ୍ୟ ହୋଇଛନ୍ତି। ତାଙ୍କର ଏହି ସଫଳତା ପାଇଁ ସେ ବାପା, ମାଆ ଓ ଶିକ୍ଷକଙ୍କୁ ଶ୍ରେୟ ଦେଇଛନ୍ତି। ସେହିପରି ଛଣିଜଙ୍ଗ ପଞ୍ଚାୟତ ବିଲସାହି ଗ୍ରାମର ଧର୍ମାନନ୍ଦ ଦାଶ ଓ ଆରତୀ ଦାଶଙ୍କ ଝିଅ ମୋନାଲିସା ଦାଶ ୨୧୦ ର୍ୟାଙ୍କରେ ରହି କୃତକାର୍ଯ୍ୟ ହୋଇଛନ୍ତି। ସେ ବାପା, ମାଆ ଓ ଶିକ୍ଷକଙ୍କୁ ତାଙ୍କର ଏହି ସଫଳତାର ଶ୍ରେୟ ଦେଇଛନ୍ତି।

# ପାର୍ବଣ ଋତୁରେ ପୁଲିସର ଫୁଟ୍ ପାଟ୍ରୋଲିଂ



ନିରାକାରପୁର, ୨୭।୯ (ସମିସ): ପାର୍ବଣ ସମୟରେ କୌଣସି ଅପ୍ରିତିକର ପରିସ୍ଥିତିକୁ ଦୃଷ୍ଟିରେ ରଖି ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ପୁଲିସ ପକ୍ଷରୁ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶରେ ସନ୍ଧ୍ୟାରେ ଫୁଟ୍ ପାଟ୍ରୋଲିଂ କରାଯାଇଛି। ଏଏସ୍‌ଆଇ ଗୁପ୍ତ ମହାନ୍ତି, ଶରତ ବେହେରା ଓ ମିନତୀ ମଲ୍ଲିକଙ୍କ ସହିତ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

# ୨୦ ୟୁନିଟ୍ ରକ୍ତ ସଂଗ୍ରହ ଓ ୨୧୪ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ବାଣପୁର,୨୭।୯ (ସମିସ): ବାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଥିବା ବେଳେ ଗମ୍ଭାରୀମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏକ ସ୍ୱାସ୍ଥ୍ୟ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ରକ୍ତଦାନ ଶିବିରରେ ୨୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିବାବେଳେ ଗମ୍ଭାରୀମୁଣ୍ଡାରେ ଅନୁଷ୍ଠିତ ସ୍ୱାସ୍ଥ୍ୟ ପରାମର୍ଶ କେନ୍ଦ୍ରରେ ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତର ଯୋଗଦେଇ ୨୧୪ ଜଣ ମହିଳା ଓ ପୁରୁଷଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ପ୍ରଦାନ କରିଥିଲେ। ବାଣପୁର ସରକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧୀକ୍ଷକ ଡା. ସଞ୍ଜୟ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଖୋର୍ଦ୍ଧା ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ନଗରପାଳ ମିଟୁ ନାୟକ ଓ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଦୁଷ୍ମନ୍ତ ହରିଚନ୍ଦନ, ବାଣପୁର ତହସିଲଦାର ଟି. ପଦ୍ମନାଭ ଦୋରା, ବିଡିଓ ବିକାଶ କୁମାର ମହାନ୍ତି, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ପ୍ରମୁଖ ସାମିଲ ହୋଇଥିଲେ। ଡା. ପ୍ରଭାତ ଜଗଦେବ, ଡା. ମନୋଜ ସାହୁ, ଡା. ରାକେଶ ମହାରଣା, ଡା. କାହ୍ନୁ ଚରଣ ସାହୁଙ୍କ ସମେତ ଗମ୍ଭାରୀମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଚିକିତ୍ସା ଅଧିକାରୀ ଡା. ଶ୍ରୀଜା ମହାରଥା ପ୍ରମୁଖ ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ବାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଗୋଷ୍ଠୀ କାର୍ଯ୍ୟକ୍ରମ ପରିଚାଳକ ପ୍ରସାଦ ସୁନ୍ଦରାୟଙ୍କ ସମେତ ଉଭୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଫାର୍ମାସିଷ୍ଟ, ବିପିଏମ୍, ସହାୟକଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ଅନ୍ତ୍ୟୋଦୟ ଗୃହ କାର୍ଯ୍ୟାଦେଶ ବଣ୍ଟନ

ଅସ୍ତରଙ୍ଗ/ଗମ୍ଭାରୀପଦା,୨୭।୯ (ସମିସ): ଅସ୍ତରଙ୍ଗ ବ୍ଲକ୍ ପକ୍ଷରୁ ଶନିବାର ଅନ୍ତ୍ୟୋଦୟ ଗୃହ ଯୋଜନାରେ ୧୬୬ ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ଏନେଇ ବ୍ଲକ୍ ପ୍ରଶାସନ ପକ୍ଷରୁ ଅଭ୍ୟର୍ଥନା ଗୃହରେ ଏକ ଶିବିର ଆୟୋଜନ କରିବାରେ ବିଭିନ୍ନ ସ୍ଥାନରୁ ଚିହ୍ନଟ ହିତାଧିକାରୀ ଯୋଗଦେଇଥିଲେ। ଅତିଥି ଭାବେ ଅସ୍ତରଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷା ଆରତି ନାୟକ, ଉପାଧ୍ୟକ୍ଷ ଦୁର୍ଯ୍ୟୋଧନ ମିଶ୍ର, ସାଂସଦଙ୍କ ଅସ୍ତରଙ୍ଗ ବ୍ଲକ୍ ପ୍ରତିନିଧି ଦିବାକର ଛାଟୋଇ, ବିଡିଓ ସସ୍ମିତା ବେହେରା, ଝାଡ଼ଲିଙ୍ଗ ସରପଞ୍ଚ ବୃନ୍ଦାବନ ନାୟକ ଯୋଗଦେଇ ଅନ୍ତ୍ୟୋଦୟ ଗୃହ ଯୋଜନା ସମ୍ପର୍କରେ ଉପସ୍ଥିତ ହିତାଧିକାରୀଙ୍କୁ ବୁଝାଇଥିଲେ। ରାଜ୍ୟ ସରକାର ପରିବାର ସଂଜ୍ଞା ପରିବର୍ତ୍ତନ କରିବା ପରେ ଏହି ଯୋଜନାରେ ବହୁ ଗରିବ ଲୋକ ଉପକୃତ ହେବା ସହ ମୁଣ୍ଡ ଗୁଞ୍ଜିବାକୁ ସ୍ୱପ୍ନ ଦେଖୁଥିବା ଛାତଘର ନିର୍ମାଣ କରିପାରିବେ ବୋଲି କୁହାଯାଇଛି। ଅନ୍ତ୍ୟୋଦୟ ଗୃହ ଯୋଜନାରେ ପରିବର୍ତ୍ତନ ଆସିବା ପରେ ପୂର୍ବରୁ ୪ ମାସରେ ଘର ସାରିଲେ ୨୦ ହଜାର ଟଙ୍କା ମିଳୁଥିଲା। ଏବେ ୪ ମାସ ବଦଳରେ ୬ ମାସରେ ଘର ନିର୍ମାଣ ଶେଷ କଲେ ୨୦ ହଜାର ଟଙ୍କା, ୮ ମାସରେ ଘର ନିର୍ମାଣ ଶେଷ କଲେ ୧୦ ହଜାର ଟଙ୍କା ପ୍ରୋତ୍ସାହନ ରାଶି(ଇନ୍‌ସେଣ୍ଟିଭ୍) ମିଳିବ ବୋଲି ସୂଚନା ମିଳିଛି। ସେହିପରି କାକଟପୁର ବ୍ଲକ୍‌ର ୧୬ଟି ପଞ୍ଚାୟତରୁ ୯୨ ଜଣଙ୍କୁ ଅନ୍ତ୍ୟୋଦୟ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ହିତାଧିକାରୀଙ୍କୁ ପ୍ରଥମ ପର୍ଯ୍ୟାୟରେ ୧ ଲକ୍ଷ ୨୦ ହଜାର ଟଙ୍କାର କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ବ୍ଲକ୍ ଅଧ୍ୟକ୍ଷ ଶ୍ରୀଧର ନାୟକ ଓ ମଣ୍ଡଳ ଉନ୍ନୟନ ଅଧିକାରୀ ନାରାୟଣ ଦୀକ୍ଷିତ, ବ୍ଲକ୍ ପ୍ରୋଗ୍ରାମ ସଂଯୋଜିକା ପ୍ରିୟଦର୍ଶିନୀ ପରିଡ଼ା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପ୍ରାଚୀ ସଂସ୍କୃତି ସୁରକ୍ଷା ପରିଷଦର ବୈଠକ

ଚାରିଛକ,୨୭।୯ (ସମିସ): ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ପ୍ରାଚୀ ସଂସ୍କୃତି ସୁରକ୍ଷା ପରିଷଦର ଏକ ବୈଠକ ପ୍ରାଚୀତଟ ପଦ୍ମ ସମ୍ଭବ ପୀଠରେ ପରିଷଦର ଆବାହକ ପଣ୍ଡିତ ତ୍ରିଲୋଚନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାଚୀନଦୀ ଓ ପ୍ରାଚୀ ଅବବାହିକାର ଉଜୁଡ଼ା ସ୍ଥିତି ପ୍ରତି ଚିନ୍ତାପ୍ରକଟ କରିଛନ୍ତି ପରିଷଦର ସଦସ୍ୟଙ୍କ ସମେତ ଅଗଣିତ ଜଗନ୍ନାଥ ପ୍ରେମୀ। ଏବେବି ଏଠାରେ ଶ୍ରୀରାମ, ଶ୍ରୀକୃଷ୍ଣ, ଶ୍ରୀଚୈତନ୍ୟ, ଐରଖାରବେଳ, ସମ୍ରାଟ ଅଶୋକ, ଭକ୍ତ ଜୟଦେବ, ବୌଦ୍ଧଗୁରୁ ପଦ୍ମ ସମ୍ଭବଙ୍କ କୀର୍ତ୍ତିରାଜୀ ବଞ୍ଚିରହିଛି। ପୁରାଣ ବର୍ଣ୍ଣିତ ଆର୍ଯ୍ୟ ଋଷିମାନଙ୍କ ତପସ୍ୟାସ୍ଥଳୀ, ଦ୍ୱାଦଶ ମାଧବ, ଦ୍ୱାଦଶ ଶମ୍ଭୁ ପୀଠ, ଦ୍ୱାଦଶ ଶକ୍ତିପୀଠ ପ୍ରାଚୀତଟର ଗରିମାମୟ ଇତିହାସକୁ ସୂଚିତ କରୁଛି। ଜନସଚେତନତା ଅଭାବ ଓ ସରକାରଙ୍କ ଚରମ ଅବହେଳାରୁ ପ୍ରାଚୀନଦୀ ପ୍ରାଚୀ ଐତିହ୍ୟ ସ୍ଥିତି ହଜାଇବାକୁ ବସିଲାଣି। ପୁନଃ ଏ ଐତିହ୍ୟସ୍ଥଳୀକୁ ବିଶ୍ୱ ପର୍ଯ୍ୟଟନର ପ୍ରାଣକେନ୍ଦ୍ର କରିବା ପାଇଁ ସବୁସ୍ତରରୁ ପ୍ରଚେଷ୍ଟା ଜାରି ରହିବା ଆବଶ୍ୟକ। ବିଶ୍ୱ ପ୍ରସିଦ୍ଧ ସନ୍ଥ ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜ ୨୦୧୨ରୁ ସାଧୁସନ୍ଥମାନଙ୍କ ସହ ପ୍ରାଚୀ ପରିକ୍ରମା କରି ଜନସଚେତନତା ଜାଗ୍ରତ କରୁଛନ୍ତି। ସରକାର ଆଉ କାଳ ବିଳମ୍ବ ନ କରି ନମାମୀ ଗଙ୍ଗା ଯୋଜନା ପରି ନମାମୀ ପ୍ରାଚୀ ଯୋଜନା କରି ଐତିହ୍ୟଭରା ପ୍ରାଚୀନଦୀର ସ୍ଥିତିକୁ ସୁଧାର ଆଣିବାକୁ ପଣ୍ଡିତ ତ୍ରିଲୋଚନ ମିଶ୍ରଙ୍କ ସମେତ ଅଗଣିତ ଜଗନ୍ନାଥ ପ୍ରେମୀ ଆଶାବାନ୍ଧି ରହିଛନ୍ତି।

# ଅନ୍ନପୂର୍ଣ୍ଣା ସରକାରୀ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ସ୍ୱଚ୍ଛତା ପକ୍ଷ

ଚାରିଛକ,୨୭।୯ (ସମିସ): ନିମାପଡ଼ା ବ୍ଲକ୍ ଚାରିଛକ ଅନ୍ନପୂର୍ଣ୍ଣା ସରକାରୀ ଉଚ୍ଚ ବିଦ୍ୟାଳୟ ତରଫରୁ ସ୍ୱଚ୍ଛତା ପକ୍ଷ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମନସ୍ୱିନୀ ଲେଙ୍କାଙ୍କ ଅଧ୍ୟକ୍ଷତାରେ ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ ଜନସଚେତନତା ଶୋଭାଯାତ୍ରା ବିଦ୍ୟାଳୟ ପରିସରରୁ ବାହାରି ବଜାର ପରିକ୍ରମା କରିଥିଲା। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସ୍ୱଚ୍ଛତା ହିଁ ସେବା, ପ୍ଲାଷ୍ଟିକ୍ ବର୍ଜନ, ଗାନ୍ଧୀଙ୍କ ସ୍ୱପ୍ନ ସ୍ୱଚ୍ଛ ଭାରତ ସାକାର ଆଦି ସ୍ଲୋଗାନ ଦେଇ ଜନସଚେତନତା ସୃଷ୍ଟି କରିଥିଲେ। ସ୍ୱଚ୍ଛତା ପକ୍ଷ ପାଳନ ଅବସରରେ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ, କର୍ମଚାରୀବୃନ୍ଦ ଓ ଛାତ୍ରଛାତ୍ରୀମାନେ ଚାରିଛକ ବଜାରସ୍ଥିତ ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାଶଙ୍କ ପ୍ରତିମୂର୍ତ୍ତି ଥିବା ପରିସରରେ ସଫେଇ କାର୍ଯ୍ୟ କରିଥିଲେ। ଏହି କାର୍ଯ୍ୟକ୍ରମ ବିଦ୍ୟାଳୟର ଶିକ୍ଷକ ପ୍ରଦୀପ୍ତ ଚନ୍ଦ୍ର ସାହୁ, ପ୍ରକାଶ ଚନ୍ଦ୍ର ପାତ୍ର, ଶିକ୍ଷୟିତ୍ରୀ କ୍ରିଷ୍ଣା ମହାପାତ୍ର, ଆଦ୍ୟାଶା ପ୍ରିୟଦର୍ଶିନୀ, ରାନୀ ବସ୍ତିଆ, ବିଭୁ ପ୍ରସନ୍ନ ଦାସ, ମାନସ ରଞ୍ଜନ ନାୟକ, ଶିବବ୍ରତ ମଲ୍ଲ, ଅଭିଭାବକ ରଶ୍ମିତା ସାହୁ, ଟିଙ୍କି ସ୍ୱାଇଁ ଓ ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ରହି ସଫେଇ କାର୍ଯ୍ୟକୁ ସୁଚାରୁ ରୂପେ ସମ୍ପାଦନା କରିଥିଲେ।

# ଜବରଦଖଲଠୁ ବଳିଗଲା ବୁଲା ଗାଈଗୋରୁ, ଷଣ୍ଢଙ୍କ ଉତ୍ପାତ

## ଫସଲ ନଷ୍ଟ କରୁଛନ୍ତି, ରାସ୍ତା ଜାମ କରି ଦୁର୍ଘଟଣା ଘଟାଉଛନ୍ତି

ଅସ୍ତରଙ୍ଗ,୨୭।୯ (ସମିସ): ଅସ୍ତରଙ୍ଗ ଅଞ୍ଚଳରେ ଦିନକୁ ଦିନ ବଢ଼ିବାରେ ଲାଗିଛି ଷଣ୍ଢ ଓ ବୁଲା ଗାଈଗୋରୁଙ୍କ ଉତ୍ପାତ। ଦିନସାରା ଚାଷଜମିରେ ପଶି ପରିବା ଫସଲ, ଧାନ ଆଦି ଖାଇବା ସହିତ ଦଳିଚକଟି ନଷ୍ଟ କରିଦେଉଛନ୍ତି। ଏଥିସହ ସନ୍ଧ୍ୟାରୁ ରାତିତମାମ ଅସ୍ତରଙ୍ଗ ବଜାର ସମେତ ମୁଖ୍ୟ ରାସ୍ତାରେ ପଲ ପଲ ହୋଇ ବୁଲି ରାସ୍ତା ଜାମ କରି ରଖୁଛନ୍ତି। ଫଳରେ ଗାଡ଼ିମୋଟର ଯିବାଆସିବାରେ ବହୁତ ଅସୁବିଧା ହେଉଛି। ଅନ୍ଧାର ରାତିରେ ମଝି ରାସ୍ତାରେ ବୁଲାବୁଲି କରିବା, ଶୋଇ ରହିବାରୁ ଗାଡ଼ିଚାଳକମାନେ ଦେଖି ନ ପାରି ଦୁର୍ଘଟଣାର ଶିକାର ହେଉଛନ୍ତି ଏବଂ ନିଜ ନିଜ ଭିତରେ ଲଢ଼େଇ କରିବାରୁ ବଜାରରେ ଥୁଆ ହୋଇଥିବା ଗାଡ଼ି, ସାଇକଲ କ୍ଷତିଗ୍ରସ୍ତ ହେଉଛି। ଅନେକ



ସମୟରେ ଆମ୍ବୁଲାନ୍ସଟିଏ ବଜାର ପାସ୍ କରିବାକୁ ଅଧଘଣ୍ଟା ଲାଗିଯାଉଛି। ଏହି ସମସ୍ୟା ଦୀର୍ଘ ଦିନ ଧରି ଲାଗିରହିଥିଲେ ମଧ୍ୟ ପ୍ରଶାସନ ତରଫରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଯାହା ଫଳରେ ଦିନକୁ ଦିନ ଜନଅସନ୍ତୋଷ ବଢ଼ିବାରେ ଲାଗିଛି। ଧାର କରଜ କରି ହଜାର ହଜାର ଟଙ୍କା ଖର୍ଚ୍ଚ କରି କରିଥିବା ଚାଷ ଉଜୁଡ଼ିଯିବାରୁ ଚାଷୀଙ୍କ ଚିନ୍ତା ବଢୁଛି କେମିତି ଧାନକୁ ସୁରକ୍ଷିତ ଭାବରେ ଅମଳ କରିବେ। ତେଣୁ ଜିଲ୍ଲା ପ୍ରଶାସନ, ରାଜ୍ୟ ସରକାର ଅଞ୍ଚଳବାସୀଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ଏହି ଷଣ୍ଢ, ଗାଈଗୋରୁଙ୍କୁ ନିକଟସ୍ଥ ଗୋଶାଳା ନଚେତ୍ କେଉଁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର ନ କଲେ ଆଗାମୀ ଦିନରେ ଜନଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ଚାଷୀମାନେ ସୂଚନା ଦେଇଛନ୍ତି।

# ସ୍ୱଚ୍ଛତା ଓ ହିନ୍ଦୀ ପକ୍ଷ ପାଳନର ପୁରସ୍କାର ବିତରଣ ଉତ୍ସବ

ପିପିଲି,୨୭।୯ (ସମିସ): ଗୋବିନ୍ଦପୁରସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ପ୍ରିନ୍ସପାଲ ବିଭୂତିଭୂଷଣ ମଣ୍ଡଳଙ୍କ ଅଧ୍ୟକ୍ଷତାରେ ସ୍ୱଚ୍ଛତା ପକ୍ଷ ଓ ହିନ୍ଦୀ ପକ୍ଷ ପାଳନ ଅବସରରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଗୋବିନ୍ଦପୁର କ୍ଲଷ୍ଟରର ପୂର୍ବତନ ସିଆର୍‌ସିସି ଚିନ୍ତାମଣି ଓଝା ଯୋଗଦେଇ ସ୍ୱଚ୍ଛତା ଓ ହିନ୍ଦୀ ଦିବସ ପାଳନର ଗୁରୁତ୍ୱ ବୁଝାଇଥିଲେ। ଶିକ୍ଷକ ସୁଜିତ କୁମାର ନାୟକ ସ୍ୱଚ୍ଛତା ପକ୍ଷ ଏବଂ ହିନ୍ଦୀ ପକ୍ଷ ପାଳନର ଶିକ୍ଷୟିତ୍ରୀ କଲ୍ୟାଣୀ ଦିଗଲ ପ୍ରତ୍ୟେକ ଦିନର କାର୍ଯ୍ୟସୂଚୀ ଉପସ୍ଥାପନା କରିଥିଲେ। ସ୍ୱଚ୍ଛତା ପକ୍ଷ ପାଳନରେ ସ୍ୱଚ୍ଛତା ଶପଥ, ଗୋଷ୍ଠୀ ସଚେତନତା, ବୃକ୍ଷରୋପଣ, ହାତଧୁଆ ଦିବସ, ସ୍ୱଚ୍ଛତା ମେଳା ଇତ୍ୟାଦି ଏବଂ ହିନ୍ଦୀ ପକ୍ଷ




ପାଳନରେ ହିନ୍ଦୀ ହସ୍ତାକ୍ଷର ଲିଖନ, ନିବନ୍ଧ ଲିଖନ, କବିତା ଆବୃତ୍ତି, ବ୍ୟାକରଣ, କଥା ବାଚନ ଆଦି କାର୍ଯ୍ୟକ୍ରମ କରାଯାଇଥିଲା। ଛାତ୍ରଛାତ୍ରୀମାନେ ସ୍ୱଚ୍ଛତା ଉପରେ ଏକ ସୁନ୍ଦର ନୃତ୍ୟ ପ୍ରଦର୍ଶନ କରିଥିଲେ। ଏହି ଦିବସରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଶିକ୍ଷୟିତ୍ରୀ ଦିପନ୍ତିଖା ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଅନ୍ତର୍ଜାତୀୟ ନିରାପଦ ଗର୍ଭପାତ ଦିବସ ପାଳିତ




ଅନୁଗୋଳ,୨୭।୯(ସମିସ): କମନ ହେଲ୍‌ଥ ଏବଂ ସାମାଜିକ ସଂଗଠନ "ସ୍ପନ୍ଦନ' ତରଫରୁ ଅନ୍ତର୍ଜାତୀୟ ନିରାପଦ ଗର୍ଭପାତ ଦିବସ ପାଳିତ ହୋଇଛି। ନାଲକୋ ହସ୍ପିଟାଲର ସ୍ତ୍ରୀ ଏବଂ ପ୍ରସୂତି ରୋଗ ବିଶେଷଜ୍ଞ ଡାକ୍ତର ଅର୍ପିକା ବେହେରା ଏହାକୁ ଉଦଘାଟନ କରି ଗର୍ଭପାତର ଆବଶ୍ୟକତା, ଗର୍ଭନିରୋଧକ ଔଷଧର ଅସୁରକ୍ଷିତ ବ୍ୟବହାର ଦ୍ୱାରା ଜୀବନ ପ୍ରତି ରହିଥିବା ବିପଦ, ସଂକ୍ରମଣ, ଗର୍ଭଧାରଣ ସମୟରେ ପ୍ରଶିକ୍ଷିତ ଡାକ୍ତରଙ୍କ ଦ୍ୱାରା ଅଲଟ୍ରାସାଉଣ୍ଡ ମାଧ୍ୟମରେ ଗର୍ଭସ୍ଥ ଶିଶୁର ସଠିକ ଅଭିବୃଦ୍ଧିକୁ ଲକ୍ଷ୍ୟ କରି ଗର୍ଭକୁ ଆଗକୁ ନେବା ଅଥବା ଗର୍ଭପାତ କରିବା, ମହିଳାଙ୍କ ଶରୀରରେ ରକ୍ତରେ ସଠିକ ହେମୋଗ୍ଲୋବିନ ରହିବା ଆଦି ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗର ଆଇନ ପରାମର୍ଶଦାତା ପ୍ରଦୀପ କୁମାର ନାୟକ ଯୋଗଦେଇ ମେଡିକାଲ ଟର୍ମିନେସନ ଅଫ ପ୍ରେଗ୍ନାନ୍ସୀ ଆକ୍ଟ, ପୋକ୍ସୋ ଆକ୍ଟ ଆଦି ବିଷୟରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ। ସ୍ପନ୍ଦନର ସଭ୍ୟ ବିଭୁପ୍ରସାଦ ଶତପଥୀ ଅତିଥି ପରିଚୟ ପ୍ରଦାନ ଓ ସଭା ପରିଚାଳନା କରିଥିଲେ।

# ସାପ କାମୁଡ଼ା ଜନିତ ସଚେତନତା କାର୍ଯ୍ୟକ୍ରମ



ଛେଣ୍ଡିପଦା,୨୭।୯(ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ସଭାଗୃହରେ ଗୁରୁବାର ସାପ କାମୁଡ଼ା ଜନିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅନୁଗୋଳ ଜିଲ୍ଲା ବିପର୍ଯ୍ୟୟ ପରିଚଚାଳନା କର୍ତ୍ତୃପକ୍ଷ ଏହି କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ସହାୟତା କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ଗୋଷ୍ଠୀର ସଦସ୍ୟ ଓ ପୁରୁଷ ମହିଳା ଚାଷୀ ଯୋଗଦେଇଥିଲେ। ଜିଲ୍ଲା ଆପାତକାଳୀନ ଅଧିକାରୀ ଶୁଭେନ୍ଦୁ କୁମାର ଜେନା, ବିପର୍ଯ୍ୟୟ ପରିଚାଳନା ବିଭାଗର ଜିଲ୍ଲା ପ୍ରକଳ୍ପ ଅଧିକାରୀ ସୁଧାଂଶୁ ଶେଖର ପୃଷ୍ଟି, ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ସଂଘମିତ୍ରା ଦାସ, କୃଷକ ଉପାଦକ ସଂଗଠନର ଅରକ୍ଷିତ ପ୍ରଧାନ ଓ ସର୍ପମିତ୍ର ଆଦିତ୍ୟ କୁମାର ବେହେରା ପ୍ରମୁଖ ଯୋଗଦେଇ ସାପ କାମୁଡ଼ା ଜନିତ ସଚେତନତା ଉପରେ ବିବରଣୀ ପ୍ରଦାନ କରିଥିଲେ। ସତର୍କତା ଓ ତୁରନ୍ତ ଚିକିସା ଉପରେ ଗୁରୁତ୍ୱ ଦେଇଥିଲେ। ସାପ କାମୁଡ଼ିଲେ ତୁରନ୍ତ ରୋଗୀଙ୍କୁ ଡାକ୍ତରଖାନା ନେବାକୁ ପରାମର୍ଶ ଦେଇଥିଲେ। କୌଣସି ସାପ କାମୁଡ଼ିଲେ ମଧ୍ୟ ଡାକ୍ତରଙ୍କ ପରାମର୍ଶ ନେବା ଜରୁରୀ ବୋଲି କହିଥିଲେ। ଅମୀୟ କୁମାର ସାହୁ ଓ ଶୁଭମ ସାମଲ ସହଯୋଗ କରିଥିବା ବେଳେ ସାମାଜିକ କର୍ମୀ ଜିତେନ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ହାତୀଦାନ୍ତ ଚାଲାଣ; ଦୁଇ ଗିରଫ



ବଇଣ୍ଡା,୨୭।୯(ସମିସ): ହାତୀଦାନ୍ତ ଚାଲାଣ ଅଭିଯୋଗରେ ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ପାଇକସାହି କୁଡ଼ାସାହି ଗ୍ରାମର ମୁନା ବେହେରା ଓ ଭଙ୍ଗାମୁଣ୍ଡା ଗ୍ରାମର ବିଜୟ ସିଣ୍ଟୁ ଶନିବାର କେନ୍ଦୁଝର ଓ ଧଣ୍ଡାତୋପା ବନ ବିଭାଗ ପକ୍ଷରୁ ଗିରଫ କରାଯାଇଛି। ପରେ ସେମାନଙ୍କୁ କେନ୍ଦୁଝର ବନ ବିଭାଗକୁ ହସ୍ତାନ୍ତର କରାଯାଇଛି। ଧଣ୍ଡାତୋପା ରେଞ୍ଜ ଅଞ୍ଚଳରେ କିଛିବର୍ଷ ହେବ ଅବାଧ ହାତୀଦାନ୍ତ ଚାଲାଣ କରାଯାଉଛି। ଏକ ବର୍ଷ ତଳେ ଏହି ଅଞ୍ଚଳରୁ କେନ୍ଦୁଝର ଅଞ୍ଚଳକୁ ହାତୀଦାନ୍ତ ଚାଲାଣ କରାଯାଇଥିଲା। କେନ୍ଦୁଝର ଅଞ୍ଚଳରେ ହାତୀଦାନ୍ତ ଜବତ କରାଯାଇଥିବା ବେଳେ ୨ ଶିକାରୀ ପୂର୍ବରୁ ଗିରଫ ହୋଇଥିଲେ। ଏହି ମାମଲାରେ ସମ୍ପୃକ୍ତ ବିଜୟ ଓ ମୁନାଙ୍କୁ ଶନିବାର ଗିରଫ କରାଯାଇଛି।

# ଭାଲୁ ଆକ୍ରମଣରେ ମହିଳା ଗୁରୁତର

କଣିହାଁ,୨୭।୯(ସମିସ): କଣିହାଁ ବ୍ଲକ ରେଙ୍ଗାଳି ଥାନା ଶୁଶୁବା ପଞ୍ଚାୟତ ପୋଡ଼ାଗଡ଼ ଗ୍ରାମରେ ଧାନ କିଆରୀରେ ଚାଷକାମ କରୁଥିବା ବେଳେ ଭାଲୁ ଆକ୍ରମଣରେ ଜଣେ ମହିଳା ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ପୋଡ଼ାଗଡ଼ ଗ୍ରାମର ସୁଭଦ୍ରା ଦେହୁରୀ (୪୦)। ସୁଭଦ୍ରାଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ରେଙ୍ଗାଳି ମେଡିକାଲରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ କଣିହାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାନାନ୍ତର କରାଯାଇଛି। ସୁଭଦ୍ରାଙ୍କ ବାମ ହାତ ପାପୁଲି ଓ



ଡାହାଣ କାନରେ ଗଭୀର ଆଘାତ ଲାଗିଛି। ତାଙ୍କ ଚିକିତ୍ସା ପାଇଁ ବନ ବିଭାଗ ପକ୍ଷରୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଥିବା କଣିହାଁ ବନାଞ୍ଚଳ ଅଧିକାରୀ ନୀଳାଦ୍ରିନାଥ ସାହୁ ସୂଚନା ଦେଇଛନ୍ତି।

# କିଶୋରନଗର ଡିଗ୍ରୀ କଲେଜରେ ସେମିନାର ଉଦଘାଟିତ

କିଶୋରନଗର,୨୭।୯(ସମିସ)




କିଶୋରନଗର ସ୍ନାତକ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ, ଇତିହାସ, ଓଡ଼ିଆ ଭାଷା ସାହିତ୍ୟ ଓ ଦର୍ଶନ ଶାସ୍ତ୍ର ବିଭାଗ ତରଫରୁ ଚଳିତ ଶିକ୍ଷାବର୍ଷର ସମ୍ମାନ କାର୍ଯ୍ୟକ୍ରମ ଉଦଘାଟିତ ହୋଇଛି। ତିନିଦିନ ଧରି ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମକୁ ରାଜନୀତି ବିଜ୍ଞାନ ବିଭାଗର ପ୍ରାକ୍ତନ ପ୍ରାଧ୍ୟାପକ ତଥା ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଭାସ ଚନ୍ଦ୍ର ମିଶ୍ର ଉଦଘାଟନ କରିଥିଲେ। ଇତିହାସ ବିଭାଗ ମୁଖ୍ୟ ଜୟକୃଷ୍ଣ ପ୍ରଧାନ ଓ ଅଧ୍ୟାପିକା ରୋଜାଲିନ ପ୍ରଧାନ, ଓଡ଼ିଆ ଭାଷା ସାହିତ୍ୟ ବିଭାଗ ମୁଖ୍ୟ ବୀଣାପାଣି ସାହୁ, ଦର୍ଶନ ଶାସ୍ତ୍ର ବିଭାଗ ମୁଖ୍ୟ ତରଣୀସେନ ସାହୁ ଓ ଅଧ୍ୟାପିକା ଶୁଭଶ୍ରୀ ବିଶ୍ୱାଳ ବିଭିନ୍ନ ବିଭାଗର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅଧ୍ୟକ୍ଷ ଅକ୍ଷୟ କୁମାର ଦାଶଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ରାଜନୀତି ବିଜ୍ଞାନ ବିଭାଗ ବିଷୟ 'ଭାରତୀୟ ବୈଦେଶିକ ନୀତି ଓ ସାମ୍ପ୍ରତିକ ପରିସ୍ଥିତିରେ ପଡୋଶୀ ରାଷ୍ଟ୍ର ସହ ସମ୍ପର୍କ', ଇତିହାସର ବିଷୟ 'ସାମ୍ପ୍ରତିକ ପରିସ୍ଥିତିରେ ଆସ ଆଞ୍ଚଳିକ ଇତିହାସକୁ ଜାଣିବା', ଓଡ଼ିଆ ଭାଷାର ବିଷୟ 'ତୁଳନାତ୍ମକ ସାହିତ୍ୟ ଏକ ଅଧ୍ୟୟନ (ପ୍ରଣୟ ବଲ୍ଲରୀ ଓ ଶକୁନ୍ତଳା)' ଦର୍ଶନ ଶାସ୍ତ୍ରର ବିଷୟ 'ସାମ୍ପ୍ରତିକ ପରିସ୍ଥିତିରେ ବେଦର ମହତ୍ତ୍ୱ ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ପ୍ରଥମ ଦିବସରେ ମୁଖ୍ୟଅତିଥି ଭାବେ ପ୍ରଭାସ ଚନ୍ଦ୍ର ମିଶ୍ର ଓ ମୁଖ୍ୟବକ୍ତା ଭାବେ ସଞ୍ଜୟ କୁମାର ପଣ୍ଡା ଯୋଗଦେଇ ବୈଦେଶିକ ନୀତିର କ୍ରମବିକାଶ ସହ ସର୍ବେ ଭବନ୍ତୁ ସୁଖିନଃ ମନ୍ତ୍ରରେ କିପରି ଭାରତୀୟ ସଂସ୍କୃତି ବିଶ୍ୱାସ କରେ ଏବଂ ସମସ୍ତ ପଡ଼ୋଶୀ ରାଷ୍ଟ୍ର ସହ ସମ୍ପର୍କକୁ ବର୍ଣ୍ଣନା କରିଥିଲେ। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ବର୍ଷ ଛାତ୍ରଛାତ୍ରୀ ସେମାନଙ୍କ ସନ୍ଦର୍ଭ ପାଠ କରିଥିଲେ। ଲିପ୍ସା ପ୍ରଧାନ, କମଳିନୀ ବେହେରା ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଲୋପାମୁଦ୍ରା ପ୍ରଧାନ ପ୍ରାଥମିକ ସନ୍ଦର୍ଭ ପାଠ କରିଥିବା ବେଳେ ସୁପ୍ରଭା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଓସିଏସ୍ ପରୀକ୍ଷାରେ ଛେଣ୍ଡିପଦାର ଆଶୁତୋଷ ସଫଳ

ଛେଣ୍ଡିପଦା,୨୭।୯(ସମିସ): ଓଡ଼ିଶା ସିଭିଲ୍ ସର୍ଭିସ (ଓସିଏସ) ପରୀକ୍ଷାରେ ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ମାଛକୁଟା ଗାଁର ଆଶୁତୋଷ ମାଝୀ ସଫଳତା ପାଇଛନ୍ତି। ୧୬୮ ରାଙ୍କରେ ଉତ୍ତୀର୍ଣ୍ଣ ହୋଇ ସେ ଅଞ୍ଚଳ ପାଇଁ ଗୌରବ ଆଣିଦେଇଛନ୍ତି। ମାଛକୁଟାର ଅବସରପ୍ରାପ୍ତ ଶିକ୍ଷକ ଋଷଭ ମାଝୀ ଓ ମାଆ ମିନତୀ ସାହୁଙ୍କ ଏକମାତ୍ର ପୁଅ ଆଶୁତୋଷ



ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଗ୍ରାଜୁଏସନ କରିବା ପରେ ବୁର୍ଲା ଭିସୁଟ୍‌ରେ ରସାୟନ ବିଜ୍ଞାନରେ ସ୍ନାତକୋତ୍ତର କରିଥିଲେ। କୋଚିଂ ନ ନେଇ ନିଜସ୍ୱ ଉଦ୍ୟମରେ ଘରେ ପାଠ ପଢ଼ି ସେ ଓସିଏସ୍ ପରୀକ୍ଷାରେ ସଫଳତା ପାଇଥିବା କହିଛନ୍ତି। ଏହି ସଫଳତାର ଶ୍ରେୟ ତାଙ୍କ ବାପାମାଆଙ୍କୁ ଦେଇଛନ୍ତି।

## ଓସିଏସ୍ ପରୀକ୍ଷାରେ ସୋମିତଙ୍କୁ ୧୮୩ ରାଙ୍କ

ଅନୁଗୋଳ,୨୭।୯(ସମିସ): ଓପିଏସସି ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷା ୨୦୨୩-୨୪ ଫଳ ଶୁକ୍ରବାର ପ୍ରକାଶ ପାଇଛି। ଏଥିରେ ନାଲକୋନଗର ସରସ୍ୱତୀ ଶିଶୁ ମନ୍ଦିରର ପୁରାତନ ଛାତ୍ର ସୋମିତ ସେଠ ଅଣସଂରକ୍ଷିତ ବର୍ଗ ୧୮୩ ରାଙ୍କରେ ସଫଳତା ହାସଲ କରିଛନ୍ତି। ସେ ଷଷ୍ଠ ଉଦ୍ୟମରେ ଏହି କୃତିତ୍ୱ ହାସଲ କରିଛନ୍ତି। ବଣ୍ଟରପାଳ ବ୍ଲକ କୁଲାଡ଼ ଗ୍ରାମର ସ୍ୱର୍ଗତ ଅଦ୍ୱୈତ କୁମାର ସେଠ ଓ



ସରୋଜିନୀ ସେଠଙ୍କ ପୁଅ ସୋମିତ ୨୦୦୮ରେ ମାଟ୍ରିକ ପାସ କରିବା ପରେ ଭୁବନେଶ୍ୱରସ୍ଥିତ ଘରୋଇ କଲେଜରେ ଯୁକ୍ତ୨ ପାସ କରିଥିଲେ। ୨୦୧୪ରେ କୃପାଜଳ ଇଞ୍ଜିନିୟରିଂ କଲେଜରେ ଇଲେକ୍ଟ୍ରିକାଲ ବିଭାଗରେ ପାସକରି ସିଭିଲ ସର୍ଭିସ ପରୀକ୍ଷା ପାଇଁ ପ୍ରସ୍ତୁତି ଆରମ୍ଭ କରିଥିଲେ। ପାଠପଢ଼ାରେ ସେ ଦୈନିକ ୧୦ଘଣ୍ଟା ପରିଶ୍ରମ କରୁଥିଲେ। ନିଜ ନିଷ୍ଠା ଓ ଉଦ୍ୟମ ବଳରେ ସଫଳତା ହାସଲ କରିଥିବା ସୋମିତଙ୍କ ମା' ପ୍ରକାଶ କରିଛନ୍ତି।

## ରିମିଟ୍ କଲେଜ ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ



ଅନୁଗୋଳ,୨୭।୯(ସମିସ): ପଞ୍ଚମହଲାସ୍ଥିତ ରିମିଟ୍ କଲେଜର +୨ ବିଜ୍ଞାନ ପ୍ରଥମ ବର୍ଷ ଏବଂ ବିଏସି କମ୍ପ୍ୟୁଟର ସାଇନ୍ସ, ବିବିଏ ଏବଂ ବିସିଏ ପାଠ୍ୟକ୍ରମର ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କୁ ଅନୁଷ୍ଠାନ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି।

କଲେଜ ପ୍ରାଙ୍ଗଣରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଡିଗ୍ରୀର ପ୍ରଥମ ବର୍ଷ ଏବଂ +୨ ବିଜ୍ଞାନ ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କୁ ସିନିୟର୍ ଛାତ୍ରଛାତ୍ରୀଙ୍କ ଦ୍ୱାରା ଭବ୍ୟ ସ୍ୱାଗତ କରାଯାଇଥିଲା। ଏଥିରେ କଲେଜର ଚେୟାରମାନ ଅଭୟ କୁମାର ସାହୁ ପାଠ୍ୟକ୍ରମ ଏବଂ ଅନୁଶାସନ ବିଷୟରେ ଅଭିଭାଷଣ ଦେଇଥିଲେ। ଶିକ୍ଷକ ଶିକ୍ଷୟିତ୍ରୀମାନେ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ତଥା ବୃତ୍ତିକ୍ରମ ଉପରେ ଆଲୋକପାତ କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଦାଦା ଆକ୍ରମଣରେ ପୁତୁରା ମୃତ

ଅନୁଗୋଳ,୨୭।୯(ସମିସ): ଅନୁଗୋଳ ସଦରଥାନା ତଥା ବନ୍ତଳା ବ୍ଲକ ବନ୍ଧ ପଞ୍ଚାୟତ ବଡ଼କଞ୍ଚୀନୀ ଗାଁରେ ଶୁକ୍ରବାର ରାତିରେ ଏକ ହୃଦୟବିଦାରକ ଘଟଣା ଘଟିଛି। ଜଣେ ମାନସିକ ବିକାରଗ୍ରସ୍ତ ବ୍ୟକ୍ତିଙ୍କ ଆକ୍ରମଣରେ ତାଙ୍କ ପୁତୁରାଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ ବଡ଼କଞ୍ଚୀନୀ ଗାଁର ସୁଦର୍ଶନ ଦାସ। ପୁଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି। ବଡ଼କଞ୍ଚୀନୀ ଗାଁର ବସନ୍ତ କୁମାର ଦାସ ଜଣେ ମାନସିକ ରୋଗୀ। ସେ ସବୁଦିନ ଗାଁ ଶ୍ମଶାନରେ ରହିଆସୁଥିଲେ। ତାଙ୍କ ପରିବାର ଲୋକେ ନିୟମିତ ତାଙ୍କୁ ଶ୍ମଶାନରେ ଖାଦ୍ୟ ପହଞ୍ଚାଇ ଆସୁଥିଲେ। ଶୁକ୍ରବାର ରାତି ପ୍ରାୟ ୧୦ଟାରେ ବସନ୍ତଙ୍କ ପୁତୁରା ସୁଦର୍ଶନ ଭାତ ଓ ମାଂସ ନେଇ ଶ୍ମଶାନକୁ ଯାଇ ରାତିରେ ଆଉ ଘରକୁ ଫେରି ନ ଥିଲେ। ଶନିବାର ସକାଳେ ସୁଦର୍ଶନଙ୍କ ସ୍ତ୍ରୀ ଖୋଜାଖୋଜି କରିବାକୁ ଶ୍ମଶାନକୁ ଯାଇଥିବା ବେଳେ ତାଙ୍କ ମୃତଦେହ ପଡ଼ିଥିବା ଦେଖିଥିଲେ। ଗ୍ରାମବାସୀଙ୍କ ସହାୟତାରେ ପ୍ରଥମେ ବସନ୍ତଙ୍କୁ ବାନ୍ଧି ରଖାଯାଇଥିଲା। ପଚରାଉଚରା ବେଳେ ବସନ୍ତ ସୁଦର୍ଶନଙ୍କୁ ଟେଙ୍ଗାରେ ପିଟି ହତ୍ୟା କରିଥିବା ସ୍ୱୀକାର କରିଥିଲେ। ସୁଦର୍ଶନଙ୍କୁ ମାରିଦେବା ପରେ ମୃତଦେହକୁ ପ୍ରାୟ ୨୦୦ ମିଟର ଦୂରକୁ ନେଇ ଫିଙ୍ଗିଦେଇଥିଲେ।

# ମଦ ଦୋକାନ ଓ କାରଖାନା ଖୋଲିବା ନିଷ୍ପତ୍ତି ସମ୍ପୂର୍ଣ୍ଣ ବାତିଲ ଦାବି




ଅନୁଗୋଳ,୨୭।୯(ସମିସ): ରାଜ୍ୟରେ ବନ୍ଦ ହୋଇଥିବା ୭୦ ମଦ ଦୋକାନ ଏବଂ ନୂତନ ୪ ଦୋକାନ ସହ ୩ଟି ମଦ କାରଖାନା ଖୋଲିବା ନିଷ୍ପତ୍ତି ସମ୍ପୂର୍ଣ୍ଣ ବାତିଲ କରିବା, ମଦ ଆଦି ମାଦକ ଦ୍ରବ୍ୟ କାରବାର ସମ୍ପୂର୍ଣ୍ଣ ନିଷିଦ୍ଧ କରିବା, ଅନୁଗୋଳର ୧୧ ବର୍ଷୀୟା ନାବାଳିକା ଜସ୍ମିନ ସେଠଙ୍କ ହତ୍ୟାକାରୀଙ୍କୁ ତୁରନ୍ତ ଗିରଫ କରି ଦୃଷ୍ଟାନ୍ତମୂଳକ ଦଣ୍ଡ ଦେବା, ସୌମ୍ୟାଶ୍ରୀ, ବଳଙ୍ଗା ଘଟଣା ସମେତ ରାଜ୍ୟରେ ସମ୍ପ୍ରତି ଘଟିଥିବା ଅନ୍ୟ ଘଟଣାର ଆସାମୀଙ୍କୁ କଠୋର ଦଣ୍ଡ ଦେବା, ଇଣ୍ଟରନେଟ ସମେତ ସମସ୍ତ ଗଣମାଧ୍ୟମରେ ଅଶ୍ଳୀଳତା, ନଗ୍ନତା, ଅପରାଧ ପ୍ରବଣତା ପ୍ରଚାରପ୍ରସାର ବନ୍ଦ କରିବାକୁ ଶନିବାର ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଙ୍ଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏବିଡିଓଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି।

ସେପ୍ଟେମ୍ବର ୨୨ରୁ ୨୮ ସାରା ରାଜ୍ୟରେ ପ୍ରତିବାଦ ସପ୍ତାହ ପାଳନ ଅବସରରେ ଅନୁଷ୍ଠାନର ସଂଗଠିକା ବବିତା ସାହୁ, ନର୍ମଦା ସାହୁ, ଜମ୍ବୁବତୀ ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଏହି ଦାବିପତ୍ର ପ୍ରଦାନ କରିଛନ୍ତି।

# ବାପୁଜୀ ମହାବିଦ୍ୟାଳୟରେ ଏନ୍‌ଏସ୍‌ଏସ୍ ଦିବସ ପାଳିତ



ଛେଣ୍ଡିପଦା,୨୭।୯(ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ବାପୁଜୀ ମହାବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ଦିବସ ପାଳିତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଧର୍ମରାଜ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏନ୍‌ଏସ୍‌ଏସ୍‌ର ଗୁରୁତ୍ୱ ବିଷୟରେ ଆଲୋଚନା କରି ଏନଏସଏସ ସ୍ୱେଚ୍ଛାସେବୀମାନଙ୍କୁ ସମାଜ ସେବାରେ ଅଗ୍ରସର ହେବାକୁ ପ୍ରେରିତ କରିଥିଲେ। ଏହି ଅବସରରେ ଯୁକ୍ତ ୨ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଯୁକ୍ତ୨ ଏନ୍‌ଏସ୍‌ଏସ୍ ଅଧିକାରୀ ତଥା ବାଣିଜ୍ୟ ବିଭାଗ ବିଭାଗୀୟ ମୁଖ୍ୟ ମନସ୍ୱିନୀ ଦାସ ସଭା ପରିଚାଳନା କରିଥିଲେ। ଇଂରାଜୀ ବିଭାଗ ମୁଖ୍ୟ ବିନ୍ଦୁବାସିନୀ ଗଡ଼ନାୟକ ଏବଂ ଇଂରାଜୀ ଅଧ୍ୟାପକ ଡ. ମନୋଜ କୁମାର ବେହେରା ସମାଜ ସେବାରେ ଛାତ୍ରଛାତ୍ରୀଙ୍କ ଭୂମିକା ବିଷୟରେ ଅବଗତ କରାଇଥିଲେ।

## ଯୁବକଙ୍କୁ ଆକ୍ରମଣ କରି ସୁନାଚେନ ଓ ମୁଦି ଲୁଟ୍

ତାଳଚେର,୨୭।୯(ସମିସ): ତାଳଚେର କୋଲିୟରୀ ଥାନା ବଲଣ୍ଡା ଅଞ୍ଚଳରେ ଦିନକୁ ଦିନ ଚୋରି, ରାହାଜାନୀ, ଡକାୟତି ବୃଦ୍ଧି ପାଉଛି। ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରି ଦୁର୍ବୃତ୍ତମାନେ ସୁନାଚେନ, ମୁଦି, ମୋବାଇଲ୍ ଫୋନ୍ ଲୁଟିନେଇଥିବା ଥାନରେ ଅଭିଯୋଗ ହୋଇଛି। ଲୁଟ୍‌ର ଶିକାର ହୋଇଥିବା ଯୁବକ ହେଲେ ଅନନ୍ତ କୋଲନୀର ରମଣ କୁମାର ସିଠ (୩୦)। ରମଣ ବଲଣ୍ଡା ପରିବା ମାର୍କେଟକୁ ଯାଇଥିବା ବେଳେ ସେଠାରେ ଘଣ୍ଟପଡ଼ା ଗ୍ରାମର ଦେବାଶିଷ ସାହୁ, ବିକାଶ ସେଠୀ, ଜିତେନ୍ଦ୍ର ପଟ୍ଟନାୟକ ତାଙ୍କୁ ଗାଳିଗୁଲଜ ଓ ମାରପିଟ୍ କରିଥିଲେ। ଫଳରେ ରମଣ ବେହୋସ୍ ହୋଇ ପଡ଼ିଯାଇଥିଲେ। ଏହି ସମୟରେ ଦୁର୍ବୃତ୍ତମାନେ ସେ ପିନ୍ଧିଥିବା ସୁନାଚେନ, ମୁଦି, ବ୍ରେସଲେଟ୍ ଓ ସ୍ମାର୍ଟଫୋନ୍ ଲୁଟି ନେଇଥିବା ଥାନାରେ ଲିଖିତ ଅଭିଯୋଗ ହୋଇଛି। ସ୍ଥାନୀୟ ଲୋକେ ରମଣଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲେ। ବଲଣ୍ଡା ଫାଣ୍ଡି ପୁଲିସ ଏହାର ତଦନ୍ତ କରୁଥିବା ବେଳେ ଅଭିଯୁକ୍ତମାନେ ଫେରାର ହୋଇଯାଇଛନ୍ତି।

## ଫସଲ ନଷ୍ଟକଲେ ହାତୀ; ଚିନ୍ତାରେ ଚାଷୀ

ବଇଣ୍ଡା,୨୭।୯(ସମିସ): ଅନୁଗୋଳ ଜିଲ୍ଲା ଧଣ୍ଡାତୋପା ରେଞ୍ଜ କନ୍ତପଡ଼ା ପଞ୍ଚାୟତ କେଞ୍ଚୁଆନାଳି ଗ୍ରାମରେ ଶନିବାର ହାତୀପଲ ଉପଦ୍ରବ କରିଛନ୍ତି। ନିକଟସ୍ଥ ଜଙ୍ଗଲରୁ ହାତୀମାନେ ଗ୍ରାମାଭିମୁଖୀ ହୋଇ ବ୍ୟାପକ ଫସଲ ନଷ୍ଟ କରିଛନ୍ତି। ଗ୍ରାମର ରଞ୍ଜି ବେହେରା ଓ ବାବାଜୀ ବେହେରାଙ୍କ ଧାନ ବିଲରେ ହାତୀପଲ ପଶି ଫସଲ ନଷ୍ଟ କରିଛନ୍ତି। ୩ ଏକର ଧାନ ଫସଲକୁ ଦଳିଚକଟି ନଷ୍ଟ କରିଥିବା ଚାଷୀ ଦ୍ୱୟ ଶନିବାର ଧଣ୍ଡାତୋପା ରେଞ୍ଜ କାର୍ଯ୍ୟାଳୟରେ ଅଭିଯୋଗ କରିଛନ୍ତି। ତୁରନ୍ତ ହାତୀଙ୍କୁ ଘଉଡ଼ାଇବା ସହ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଯୋଗାଇଦେବାକୁ ସାଧାରଣରେ ଦାବି ହୋଇଛି।

## ସାପକାମୁଡ଼ାରେ ଯୁବଚାଷୀ ମୃତ

ଛେଣ୍ଡିପଦା,୨୭।୯(ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ଥାନା ମାଛକୁଟା ଗାଁରେ ସାପ କାମୁଡ଼ାରେ ଜଣେ ଯୁବଚାଷୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ମାଛକୁଟା ଗାଁର ଗତିକୃଷ୍ଣ ବେହେରା (୪୫)। ଗତି କୃଷ୍ଣ ଗାଁ ନିକଟ କାଉଁଷିନାଳ ବିଲକୁ ଘାସ ବାଛିବା ପାଇଁ ଯାଇଥିଲେ। ସେଠାରେ ଏକ ସାପ ତାଙ୍କ ବେକକୁ କାମୁଡ଼ି ଦେଇଥିଲା। ଗତିକୃଷ୍ଣ ଘରକୁ ଆସି ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ ତୁରନ୍ତ ତାଙ୍କୁ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗତିକୃଷ୍ଣଙ୍କ ମୃତ୍ୟୁ ହୋଇଛି। ଛେଣ୍ଡିପଦା ଥାନା ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର ଲରିଛନ୍ତି। ଏ ନେଇ ତଦନ୍ତ ଜାରି ରହିଥିବା ପୁଲିସ କହିଛି।

# ସୁନୀଲ ପ୍ରଧାନ ହେଲେ ଅନୁଗୋଳ ଜିଲ୍ଲା କଂଗ୍ରେସ ସଭାପତି

ଅନୁଗୋଳ,୨୭।୯(ସମିସ)

ଏଆଇସିସିର ଅନୁମୋଦନ କ୍ରମେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଶୁକ୍ରବାର ସନ୍ଧ୍ୟାରେ ବିଭିନ୍ନ ଜିଲ୍ଲା କଂଗ୍ରେସ କମିଟିର ସଭାପତିଙ୍କ ନାମ ଘୋଷଣା କରାଯାଇଛି। ଅନୁଗୋଳ ଜିଲ୍ଲା କଂଗ୍ରେସ ସଭାପତି ଭାବେ ସୁନୀଲ ପ୍ରଧାନଙ୍କ ନାମ ଘୋଷଣା ହୋଇଛି। ଅନୁଗୋଳ ଏକ ଓବିସି ବହୁଳ ଜିଲ୍ଲା ଓ ସୁନୀଲ ପ୍ରଧାନ ଉକ୍ତ ସମ୍ପ୍ରଦାୟର ହୋଇଥିବାରୁ ତାଙ୍କ ନିଯୁକ୍ତିରେ ଜିଲ୍ଲାବାସୀ ଖୁସିବ୍ୟକ୍ତ କରିଛନ୍ତି।

ସୁନୀଲ ପୂର୍ବତନ ଅନୁଗୋଳ ବିଧାୟକ ସ୍ୱର୍ଗତ ସନ୍ତୋଷ ପ୍ରଧାନଙ୍କ ସାନପୁଅ। ଅନୁଗୋଳ ମହାବିଦ୍ୟାଳୟ ଛାତ୍ରସଂସଦ ନିର୍ବାଚନରୁ ସେ ନିଜ ରାଜନୀତି ଜୀବନ ଆରମ୍ଭ କରିଥିଲେ। ସେ ଛାତ୍ରସଂସଦ ସାଧାରଣ ସମ୍ପାଦକ ଭାବେ ବିଜୟୀ ହୋଇଥିଲେ। ପରେ ଯୁବ କଂଗ୍ରେସର ଢେଙ୍କାନାଳ ଲୋକସଭା ନିର୍ବାଚନ ମଣ୍ଡଳୀ



ଉପସଭାପତି, ଜିଲ୍ଲା କଂଗ୍ରେସ ଉପସଭାପତି ଭାବେ ଦାୟିତ୍ୱ ନିର୍ବାହ କରିଛନ୍ତି। ବର୍ତ୍ତମାନ ସେ ଅନୁଗୋଳ ଜିଲ୍ଲା ଠିକାଦାର ସଂଘ ସଭାପତି ଭାବେ କାର୍ଯ୍ୟରତ ଅଛନ୍ତି। ସୁନୀଲ ଛାତ୍ର ଓ ଯୁବାବସ୍ଥାରୁ ବିଭିନ୍ନ ସାମାଜିକ କାର୍ଯ୍ୟରେ ନିଜକୁ ନିୟୋଜିତ କରିଆସିଛନ୍ତି। ବିଭିନ୍ନ ସମୟରେ ରକ୍ତଦାନ ଶିବିର, ଚକ୍ଷୁଦାନ ଶିବିର, ଚାରାରୋପଣ ଆଦି କାର୍ଯ୍ୟକ୍ରମରେ ନିଜକୁ ସଂଶ୍ଳିଷ୍ଟ ରଖିଥିବା ସୁନୀଲଙ୍କର ଲୋକସମ୍ପର୍କ ମଧ୍ୟ ଖୁବ୍ ଭଲ। ଅନେକ ସମୟରେ ସେ ଜିଲ୍ଲାର ବିଭିନ୍ନ ସମସ୍ୟା, ଯେପରିକି ଜାତୀୟ ରାଜପଥର ଦୁରବସ୍ଥା, ପ୍ରଦୂଷଣ ଆଦି ଅନେକ ସମସ୍ୟାକୁ ନେଇ ଅନେକବାର ଅନ୍ଦୋଳନରେ ସାମିଲ ମଧ୍ୟ ହୋଇଛନ୍ତି। ନିଜ ଉତ୍ତମ ବ୍ୟବହାର ଯୋଗୁଁ ସୁନୀଲ ଆଗାମୀ ଦିନରେ ନିଜ ବାପାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କଂଗ୍ରେସକୁ ଜିଲ୍ଲା ସ୍ତରରେ ଅଧିକ ସୁଦୃଢ଼ କରିବେ ବୋଲି ଚର୍ଚ୍ଚା ହେଉଛି।

## ■ ସରିଲା ତାଳଚେର ଟ୍ରକ ମାଲିକ ସଂଘ ନିର୍ବାଚନ

## ଆଜି ଭୋଟ ଗଣତି ଓ ଫଳ ଘୋଷଣା

ତାଳଚେର,୨୭।୯(ସମିସ): ତାଳଚେର ଟ୍ରକମାଲିକ ସଂଘ ନିର୍ବାଚନ ଶନିବାର ଶାନ୍ତିଶୃଙ୍ଖଳାର ସହ ସମାପ୍ତ ହୋଇଛି। ସକାଳ ସାଢ଼େ ୮ଟାରୁ ଅପରାହ୍ନ ପର୍ଯ୍ୟନ୍ତ ଭୋଟଗ୍ରହଣ ପ୍ରକ୍ରିୟା ଚାଲୁ ରହିଥିଲା। ସଂଘର ୧୩୧୪ ସଦସ୍ୟଙ୍କ ମଧ୍ୟରୁ ୧୦୭୩ ଜଣ ମତଦାନ କରିଛନ୍ତି। ପ୍ରଶାସନ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୁଲିସ୍ ମୁତୟନ କରାଯାଇଥିଲା। ବରିଷ୍ଠ ଆଇନଜୀବୀ ହରେକୃଷ୍ଣ ପାତ୍ର ଓ ଯଦୁମଣି ପାତ୍ର ପ୍ରିଜାଇଡିଂ ଅଫିସର ଭାବେ ଉପସ୍ଥିତ ରହି ଭୋଟ ଗ୍ରହଣ ପରିଚାଳନା କରିଥିଲେ।

ରବିବାର ଭୋଟଗଣତି କରାଯାଇ ଫଳାଫଳ ଘୋଷଣା କରାଯିବ। ଏ ନେଇ ପ୍ରାର୍ଥୀମାନଙ୍କ ମଧ୍ୟରେ ଅଙ୍କକଷା ଆରମ୍ଭ ହୋଇଯାଇଛି।

## ସ୍କୁଲ୍‌ର ଅବହେଳାରୁ ଛାତ୍ରଙ୍କ ମୃତ୍ୟୁ ଅଭିଯୋଗ

# ବିଇଓଙ୍କୁ ତାଲା ପକାଇଲେ ଗ୍ରାମବାସୀ, ପ୍ରଧାନ ଶିକ୍ଷକ ନିଲମ୍ବିତ

ନବରଙ୍ଗପୁର/ ରାଇଘର ୨୭।୯ (ସମିସ):



ନବରଙ୍ଗପୁର ଜିଲ୍ଲା ଡୁରୁଡ଼ି ଗ୍ରାମ ପ୍ରାଥମିକ ବିଦ୍ୟାଳୟ ଛାତ୍ରାବାସର ସପ୍ତମ ଶ୍ରେଣୀ ଛାତ୍ରଙ୍କ ଚିକିତ୍ସାଧୀନ ଅବସ୍ଥାରେ ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ମୃତ୍ୟୁ ପରେ ଉତ୍ତେଜନା ବଢିଛି ।। ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଚିକତ୍ସାରେ ବିଳମ୍ବ ଓ ଅବହେଳା ଯୋଗୁଁ ଛାତ୍ରଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ କରି ତଦନ୍ତ ପାଇଁ ଆସିଥିବା ରାଇଘର ଗୋଷ୍ଠୀ ଶିକ୍ଷା ଅଧିକାରୀ ବିକାଶ ଚନ୍ଦ୍ର ସରକାରଙ୍କୁ ତାଲା ମାରି ବନ୍ଧକ ରଖିଥିଲେ ଅଭିଭାବକ ଏବଂ ଗ୍ରାମବାସୀ। ଗତକାଲି ବିଳମ୍ବିତ ରାତି ସମୟରେ ଛାତ୍ରଙ୍କୁ ବାନ୍ତି ହେବାରୁ ସେ ଅସୁସ୍ଥ ହୋଇଥିଲେ। ପ୍ରଥମେ ସରକାରୀ ଚିକିତ୍ସାଳୟକୁ ନେବା ପରିବର୍ତ୍ତେ ସ୍ଥାନୀୟ ଜଣେ କ୍ୱାକ୍ ପାଖକୁ ମଙ୍ଗଳଙ୍କୁ ଚିକତ୍ସା ପାଇଁ ନିଆଯାଇଥିଲା। ସେଠାରେ କ୍ୱାକ୍ କିଛି ସମୟ ଚିକିତ୍ସା ପରେ ଅବସ୍ଥା ଗୁରୁତର ହେବାରୁ ହାଟଭରଣ୍ଡୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ମଧ ସ୍ୱାସ୍ଥ୍ୟବସ୍ଥା ନ ସୁଧୁରିବାରୁ ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ଛାତ୍ରଙ୍କ ମୃତ୍ୟୁ ଘଟିଥିଲା। ଚିକିତ୍ସା କରିବାରେ ସ୍କୁଲ୍ କର୍ତ୍ତୃପକ୍ଷଙ୍କ ଅବହେଳାରୁ ଛାତ୍ରଙ୍କ ଅକାଳ ମୃତ୍ୟୁ ଘଟିଥିବା ଅଭିଯୋଗ ହେବାରୁ ରାଇଘର ଗୋଷ୍ଠୀ ଶିକ୍ଷ୍ୟା ଅଧିକାରୀ ଶ୍ରୀ ସରକାର ତଦନ୍ତ ପାଇଁ ଯାଇଥିବା ବେଳେ ସ୍ଥାନୀୟ ବାସିନ୍ଦାଙ୍କ ଆକ୍ରୋଶର ଶିକାର ହୋଇଥିଲେ । ଲୋକେ ବିଦ୍ୟାଳୟରେ ତାଲା ପକାଇ ଦେବାରୁ ସେ ଅଟକି ରହିଥିଲେ। ପରବର୍ତ୍ତୀ ସମୟରେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଥିଲା। ଦୀର୍ଘ ସମୟର ଉତ୍ତେଜନା ପରେ ରାଇଘର ଅତିରିକ୍ତ ତହସିଲଦାର ମୌସୁମୀ ସଜନ୍ , ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ କୁମାର ସେଠୀଙ୍କ ଉପସ୍ଥିତିରେ ରାଇଘର ଗୋଷ୍ଠୀ ଶିକ୍ଷା ଅଧିକାରୀ ବିକାଶ ଚନ୍ଦ୍ର ସରକାର ପ୍ରଧାନ ଶିକ୍ଷକ ନନି ଗୋପାଳ ବିଶ୍ୱାସ ଙ୍କୁ ନିଲମ୍ବିତ କରିବା ଏବଂ ମୃତ ଛାତ୍ରଙ୍କ ପରିବାରକୁ ୨ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ ପ୍ରତିଶ୍ରୁତି ଦେବାପରେ ବିଦ୍ୟାଳୟରୁ ତାଲା ଖୋଲିଥିଲା। ଉଲ୍ଲେଖଯୋଗ୍ୟ, ଓଡଣ୍ଡି ଗ୍ରାମର ଦୟାଲୁ ଗଣ୍ଡଙ୍କ ୧୨ବର୍ଷର ପୁଅ ମଙ୍ଗଳସିଂ ଗଣ୍ଡ ଏହି ବିଦ୍ୟାଳୟରେ ରହି ସପ୍ତମ ଶ୍ରେଣୀରେ ପାଠ ପଢୁଥିଲେ। ପିଲାଟି ରକ୍ତହୀନତା ରୋଗର ଶିକାର ହୋଇଥିଲେ ହେଁ ହଷ୍ଟେଲ ଦାୟିତ୍ୱରେ ଥିବା ଶିକ୍ଷକ କିମ୍ବା ସ୍କୁଲ କର୍ତ୍ତୃପକ୍ଷ ତାଙ୍କର ଉପଯୁକ୍ତ ଯତ୍ନ ନେଇ ନଥିବା ଅଭିଯୋଗ ହୋଇଛି।

## ଏନବିଡବ୍ଲୁରେ ୪ ଗିରଫ

ଜୟପୁର,୨୭।୯ (ସମିସ): କୋରାପୁଟ ଜିଲ୍ଲା ଜୟପୁର ସଦରଥାନା ପୁଲିସ ପକ୍ଷରୁ ଗତ ୨୦୧୬ ମସିହାରେ ଏକ ପୁରାତନ ଗଣ୍ଡଗୋଳ ମାମଲାରେ ଫେରାର ରହିଥିବା ୪ ଅଭିଯୁକ୍ତଙ୍କ ବିରୋଧରେ କୋର୍ଟ ପକ୍ଷରୁ ଜାମିନ ବିହୀନ ଫରୱାନ ଅନୁଯାୟୀ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ମାନେ ହେଲେ ଫାମ୍ପୁଣି ଗ୍ରାମର ଦୁର୍ଯ୍ୟୋଧନ ବାଗ (୩୫) ଓରଫ ଦୁର୍ଯ୍ୟୋ, ଭୀମ ବାଗ (୩୦), ଧନୁ ହରିଜନ ( ୩୫) ଓରଫ ଧନ, ଭକ୍ତରାମ ହରିଜନ (୪୫) ଓରଫ ବୁଟିଙ୍କ ବିରୋଧରେ ଜାମିନ ବିହୀନ ଫରୱାନ ଜାରି କରାଯାଇଥିଲା। ତେଣୁ ଆଜି ଗାଗନାପୁର ଫାଣ୍ଡି ଅଧିକାରୀ ଏସ.ଆଇ ଚିତ୍ତରଞ୍ଜନ ପ୍ରଧାନ ତଦନ୍ତକାରୀ ଅଧିକାରୀ ଭାବେ ଗିରଫ କରିବା ସହ କୋର୍ଟ ଚାଲାଣ କରିଛନ୍ତି ବୋଲି ସଦରଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

## ଭଉଣୀଙ୍କ ପରେ ଓସିଏସରେ ଭାଇର ସଫଳତା



ଜୟପୁର,୨୭।୯ (ସମିସ): ଜୟପୁର ସହରର ବ୍ଲକ କୋଲନୀରେ ଏହିପରି ଏକ ପରିବାର ରହିଛନ୍ତି ଗତ ୨୦୨୩ ମସିହାରେ ଭଉଣୀ ଓଡିଶା ପ୍ରଶାସନିକ ସେବା (ଓସିଏସ) ରେ ସଫଳତା ପାଇଥିବା ବେଳେ ଏହାର ଦୁଇବର୍ଷରେ ପରେ ବର୍ତ୍ତମାନ ୨୦୨୫ମସିଗାରେ ସାନଭାଇଙ୍କୁ ସଫଳତା ମିଳିଛି। ଜୟପୁର ବ୍ଲକରେ ଚତୁର୍ଥ ଶ୍ରେଣୀରେ କାର୍ଯ୍ୟରତ ମହିଳା କର୍ମଚାରୀ ଉମା ମାହେଶ୍ୱରୀ ହିକକାଙ୍କ ପୁଅ ତଥା ବିକ୍ରମଦେବ ବିଶ୍ୱବିଦ୍ୟାଳୟର ଇଂରାଜୀ ସ୍ନାତକତ୍ତୋର ବିଭାଗର ଦ୍ୱିତୀୟ ବର୍ଷର ଛାତ୍ର, ସଂଗ୍ରାମ ହିକ୍କା ଚଳିତ ବର୍ଷ ରାଜ୍ୟ ପ୍ରଶାସନିକ ସେବାରେ କୃତକାର୍ଯ୍ୟ ହୋଇଛନ୍ତି। ଏହିପରି ବିନା କୋଚିଂରେ ପ୍ରଥମ ଚେଷ୍ଟାରେ ହିଁ ରାଜ୍ୟରେ ୩୮୮ ରେଙ୍କ ରଖି ସଫଳତା ପାଇଛନ୍ତି। ନିଷ୍ଠା ଓ ଦୃଢ ଇଚ୍ଛା ଶକ୍ତି ରହିଲେ ସଫଳତା ନିଶ୍ଚୟ ଭାବେ ମିଳିଥାଏ ବୋଲି ଛାତ୍ର ସଂଗ୍ରାମ କହିଛନ୍ତି। ଗତ ୨୦୨୩ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ସଂଗ୍ରାମଙ୍କ ବଡ଼ ଭଉଣୀ ରାମେଶ୍ୱରୀ ହିକକା ହୋଇ ବର୍ତ୍ତମାନ ସେ ଅତିରିକ୍ତ ଶ୍ରମ ଅଧିକାରୀ ଭାବେ କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକରେ କାର୍ଯ୍ୟରତ ଅଛନ୍ତି। ପିଲାଦିନରୁ ବାପା ଛେଉଣ୍ଡ ହୋଇଥିଲେ ସୁଦ୍ଧା ବିଶ୍ୱାସର ସହ ଝିଅ ଓ ପୁଅ ଯେଭଳି ସଫଳ ହୋଇଛନ୍ତି, ତାଙ୍କର ସମସ୍ତ ଦୁଃଖ ଦୂର ହୋଇଯାଇଛି ବୋଲି ମାଁ ଉମା ମାହେଶ୍ୱରୀ କହିଛନ୍ତି। ଏହିପରି ପରିବାର ଦୁଇ ବର୍ଷ ମଧ୍ୟରେ ଦୁଇ ଭାଇ ଓ ଭଉଣୀ ସଫଳତାକୁ ନେଇ ଜୟପୁକ ବିଡ଼ିଓ ଶକ୍ତି ମହାପାତ୍ରଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ମାନେ ବ୍ଲକ କୋଲନୀରେ ରହୁଥିବା ଏହି ପରିବାର ଗୃହରେ ପହଞ୍ଚି ଶୁଭେଚ୍ଛା ଜଣାଇଥିଲେ।

## ବନମହୋତ୍ସବ ସମାପନ ସମାରୋହ



ଦାମନଯୋଡି, ୨୭।୯ (ସମିସ): ଶିଳ୍ପାଞ୍ଚଳ ଦାମନଯୋଡିର ଅଗ୍ରଣୀ ସାମାଜିକ ସଂଗଠନ "ରାଷ୍ଟ୍ରଦୀପ ପ୍ରସାର ସମିତି" ପକ୍ଷରୁ ଜୁଲାଇ ମାସ ଠାରୁ ଆରମ୍ଭ ହୋଇଥିବା ବନମହୋତ୍ସବ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଗୁରୁବାର ସନ୍ଧ୍ୟାରେ ସେକ୍ଟର-୩ ସ୍ଥିତ ଶ୍ରୀ ଗୁଣ୍ଡିଚା ମନ୍ଦିର ପରିସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ସହ ସମାପନ ହୋଇଥିଲା। ସମିତି ସଭାପତି ଇଂ.ପୁରୁଷୋତ୍ତମ ମହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନାଲ୍‌କୋର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଇଂ ନିରଞ୍ଜନ ସାମଲ ମୁଖ୍ୟ ଅତିଥି ଓ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟ କୋରାପୁଟର କୁଳପତି ପ୍ରଫେସର ନରସିଂହ ଚରଣ ପଣ୍ଡା ମୁଖ୍ୟବକ୍ତାଙ୍କ ସମେତ ସମ୍ମାନିତ ଅତିଥି ଭାବେ ଆଦିମ ଗୁରୁକୁଳ ଆଶ୍ରମର ଆଚାର୍ଯ୍ୟ ମନୁଦେବ, ହରିଦ୍ୱାର ପାତଞ୍ଜଳୀ ଯୋଗ ସମିତିର ସ୍ୱାମୀ ସତ୍ୟଦେବ, ନାଲ୍‌କୋର ମାନବ ସମ୍ବଳ ମୁଖ୍ୟ ମହାପ୍ରବନ୍ଧକ ସୁଗତୋ ଆନନ୍ଦ ବସୁ ଓ କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବାହିନୀର କମାଣ୍ଡାଣ୍ଟ ସତ୍ୟ ଦେବ ଆର୍ଯ୍ୟ ପ୍ରମୁଖ ମଞ୍ଚାସୀନ ଥିଲେ। ସମିତି ସମ୍ପାଦକ ଡ. ଜଳେନ୍ଦ୍ର ତ୍ରିପାଠୀ ଚଳିତ ବର୍ଷର "ମାଆଙ୍କ ନାମରେ ଏକ ବୃକ୍ଷ' ସ୍ଲୋଗାନ କୁ ନେଇ ଦୀର୍ଘ ଦୁଇ ମାସ ଧରି ଚାଲିଥିବା ବୃକ୍ଷରୋପଣ ସମ୍ପର୍କରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ। ଇତି ଅବସରରେ ପର୍ଯ୍ୟାବରଣ ସୁରକ୍ଷାରେ ବିଶେଷ ଅବଦାନ ପାଇଁ କେତେକ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିଲା।

## ବିଶ୍ୱ ପର୍ଯ୍ୟଟନ ଦିବସରେ କୁଇଜ୍ ପ୍ରତିଯୋଗିତା

ନବରଙ୍ଗପୁର,୨୭।୯ (ସମିସ) :



ସାରା ବିଶ୍ୱରେ ସେପ୍ଟେମ୍ବର ୨୭ ତାରିଖକୁ ବିଶ୍ୱ ପର୍ଯ୍ୟଟନ ଦିବସ ଭାବେ ପାଳନ ଅବସରରେ ପର୍ଯ୍ୟଟନ କ୍ଷେତ୍ରର ଗୁରୁତ୍ୱ ତଥା ସ୍ଥାୟୀ ବିକାଶରେ ଏହାର ଭୂମିକା ଉପରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ନବରଙ୍ଗପୁର ଜିଲ୍ଲା ସଂସ୍କୃତି ଭବନ ଠାରେ ଜିଲ୍ଲା ସ୍ତରୀୟ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାକୁ ବିଦ୍ୟାଳୟସ୍ତର ଏବଂ ମହାବିଦ୍ୟାଳୟସ୍ତର ଭାବେ ଦୁଇଟି ବର୍ଗରେ ବିଭକ୍ତ କରାଯାଇଥିଲା। ବିଦ୍ୟାଳୟ ସ୍ତରର ବିଚାରକ ଭାବେ ପୂଜାରିଗୁଡା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ମହାପାତ୍ର ଏବଂ ଡଙ୍ଗରଭେଜା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ସାହୁ ଦାୟିତ୍ୱ ନେଇଥିଲେ। ମହାବିଦ୍ୟାଳୟସ୍ତର ପାଇଁ ଓଡ଼ିଆ ଅଧ୍ୟାପକ ଲକ୍ଷ୍ମୀକାନ୍ତ ସଉରା ବିଚାରକ ଭାବେ ରହିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା ଯୋଗ ଦେଇଥିଲେ। ବିଦ୍ୟାଳୟ ସ୍ତରରେ ପ୍ରଥମ ଶ୍ୟାମ ସୁନ୍ଦର ଯାଦବ, ଟେକ୍ନୋ ଗୁରୁକୁଳ ସ୍କୁଲ୍, ଦ୍ୱିତୀୟ ପି. ଧନୁଷ, ଟେକ୍ନୋ ଗୁରୁକୁଳ ସ୍କୁଲ୍, ତୃତୀୟ ଏମ୍. ସୂର୍ଯ୍ୟ ନାରାୟଣ ନାଇଡୁ, ଟେକ୍ନୋ ଗୁରୁକୁଳ ସ୍କୁଲ୍ ଏବଂ ମହାବିଦ୍ୟାଳୟ ସ୍ତରରେ ପ୍ରଥମ ବବିତା ଗଣ୍ଡ, ନବରଙ୍ଗପୁର ନୋଡାଲ ଡିଗ୍ରୀ ମହାବିଦ୍ୟାଳୟ, ଦ୍ୱିତୀୟ ପ୍ରିୟଙ୍କା ମହାପାତ୍ର, ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ନବରଙ୍ଗପୁର ଓ ତୃତୀୟ ଅମିଶା ଭଟ୍ଟ, ମହିଳା ଡିଗ୍ରୀ ମହାବିଦ୍ୟାଳୟ, ନବରଙ୍ଗପୁର ପୁରସ୍କାର ଗ୍ରହଣ କରିଥିଲେ।ଶେଷରେ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଘାସିରାମ ହରିଜନ ପର୍ଯ୍ୟଟନର ମହତ୍ୱ ଓ ପ୍ରକୃତି ସହିତ ନିଜକୁ ଯୋଡ଼ିବା ପାଇଁ ଛୁଟିରେ ପର୍ଯ୍ୟଟନ ସ୍ଥଳୀ ଗୁଡ଼ିକ ଭ୍ରମଣ କରିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟ ଅତିଥିଙ୍କ ଦ୍ୱାରା ସମସ୍ତ ବିଜେତାଙ୍କୁ ମାନପତ୍ର ଓ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପର୍ଯ୍ୟଟନ କାର୍ଯ୍ୟାଳୟର କନିଷ୍ଠ ସହାୟକ ନିରଞ୍ଜନ ନାୟକ, ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟର କନିଷ୍ଠ ସହାୟକ ଆତ୍ମପ୍ରକାଶ ସାହୁ ଏବଂ ଏ. ସନ୍ତୋଷ କୁମାର ପ୍ରମୁଖ ସହଯୋଗ କରିଥିଲେ।

## କୁନ୍ଦୁଲିରେ ବିଶେଷଜ୍ଞ ଡାକ୍ତରଙ୍କ ସ୍ୱାସ୍ଥ୍ୟ ଶିବିର



ପଟ୍ଟାଙ୍ଗି,୨୭।୯ (ସମିସ): ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁନ୍ଦୁଲି ଠାରେ ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁନ୍ଦୁଲିର ଅଧିକାରୀ ଡା. ସମ୍ବିତ ବେହେରାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଟି ଆୟୋଜନ କରାଯାଇଥିଲା। ସବୁ ମହିଳାଙ୍କ ପାଇଁ ସ୍ୱାସ୍ଥ୍ୟ ଯାଞ୍ଚ ଏବଂ ସ୍ୱାସ୍ଥ୍ୟ ସେବା ପ୍ରଦାନ, ସୁସ୍ଥ ଜୀବନ ଶୈଳୀ ଏବଂ ସ୍ୱାସ୍ଥ୍ୟର ମାନଦଣ୍ଡକୁ ବଜାୟ ରଖିବା ପାଇଁ ଖାଦ୍ୟ ଶୈଳୀ ନେଇ ସଚେତନ, ସ୍ୱାସ୍ଥ୍ୟସେବା ସୁବିଧାରେ ଉପଲବ୍ଧ କରାଇବା ପାଇଁ ଗଭବତୀ ମହିଳା ଏବଂ ଜନ୍ମିତ ଶିଶୁଙ୍କ ପାଇ ଯୋଜନା ସମ୍ପର୍କରେ ଅବଗତ କରାଯାଇଥିଲା। ଶିବିରକୁ ପଟ୍ଟାଙ୍ଗି ପଞ୍ଚାୟତ ସମିତି ଅଧ୍ୟକ୍ଷା ଲିଲି ଅଣ୍ଟାବେରିଆ, ବିଧାୟକ ପ୍ରତିନିଧି, ସରପଞ୍ଚ ରୀତା ନାୟକ, ସମିତି ସଭ୍ୟ ରିତୁ ନାୟକ ପ୍ରମୁଖ ଯୋଗଦାନ ଦେଇଥିଲେ। ଏଥିରେ ସେମିଳିଗୁଡ଼ା ବ୍ଲକର ସମସ୍ତ ପଞ୍ଚାୟତରୁ ରୋଗୀ ଆସି ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ଅମିତ ବେହେରା, ଡ. ଶୁଭ ସଙ୍କେତ ପରିଡ଼ା,ଡ. ସଂଗ୍ରାମ କେଶରି ସ୍ୱାଇଁ, ଡ. ରୋହିତ ମିଶ୍ର, ଡ. ମିଳନ ଗୁପ୍ତା ଏବଂ ସେମିଳିଗୁଡା ବ୍ଲକର ସୁପରଭାଇଜର ଉପସ୍ଥିତ ଥିଲେ। ବିପିଏମ୍ ମଧୂଳିକା ପାଢ଼ୀ କାର୍ଯ୍ୟକ୍ରମିକୁ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିଏଚ୍‌ଇଓ ହରେଶ ଚନ୍ଦ୍ର ପ୍ରଧାନ, ବାମ୍ କୈଳାସ ଚନ୍ଦ୍ର ପରଜା, ବିଡିଏମ୍ ମହେଶ୍ୱେତା ପାଣିଗ୍ରାହୀ, ଭିଭିଡିଟିଏସ୍ ସିମ୍ରନ ପାଣିଗ୍ରାହୀ, ଷ୍ଟାଫନର୍ସ ପ୍ରଣତି ପରିଡ଼ା, ତ୍ରିଲୋଚନ ମହାନ୍ତ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହଯୋଗ କରିଥିଲେ।

## ଆଥଲେଟିକ୍ସରେ ଝରିଗାଁ ଛାତ୍ରଙ୍କୁ ରୌପ୍ୟ ପଦକ



ଉମରକୋଟ,୨୭।୯ (ସମିସ): ରାଞ୍ଚି ଠାରେ ଅନୁଷ୍ଠିତ ୩୬ ତମ ପୂର୍ବ ଜୋନ୍ ଜୁନିଅର ଆଥଲେଟିକ୍ସ ଚାମ୍ପିଅନ୍‌ସିପରେ ଟ୍ରାଇଥଲନ୍ ବିଭାଗରେ ରୌପ୍ୟ ପଦକ ହାସଲ କରି ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକର ବି ଏମ୍ ପଦର ଉଚ୍ଚ ବିଦ୍ୟାଳୟର ଛାତ୍ର ବୈକୁଣ୍ଠ ଭତ୍ରା ରୌପ୍ୟ ପଦକ ହାସଲ ପୂର୍ବକ ଆନ୍ତଃ ଜୋନାଲ୍ ଚାମ୍ପିଅନସିପ୍ ନିମନ୍ତେ ଚୟନ ହୋଇ କେବଳ ଜିଲ୍ଲା ପାଇଁ ଓ ସମଗ୍ର ରାଜ୍ୟ ପାଇଁ ଗୌରବ ଅର୍ଜନ କରିଛନ୍ତି। ସେ ସର୍ବପ୍ରଥମେ ବିଏମ୍ ପଦରର ଏସ.ଏସ.ଡିବି ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନରତ ଥିବା ବେଳେ କ୍ରୀଡା ଶିକ୍ଷକ ସପନ ବୈରାଗୀଙ୍କ ଠାରୁ ପ୍ରଶିକ୍ଷଣ ନେଉଥିଲେ। ବୈକୁଣ୍ଠଙ୍କର ଏହି ଅପୂର୍ବ ସଫଳତାରେ ଜିଲ୍ଲା କ୍ରୀଡା ସଂଘର ସଭାପତି, ସଂଘର ଉପ ସଭାପତି, ସମ୍ପାଦକ, ସ୍‌ହ ସମ୍ପାଦକ ,ହକି ସମ୍ପାଦକ ତଥା ସମସ୍ତ ସଦସ୍ୟ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

## ପଟାଙ୍ଗୀରେ ବିଶେଷଜ୍ଞ ଡାକ୍ତରଙ୍କୁ ନେଇ ସ୍ୱାସ୍ଥ୍ୟ ଶିବିର



ପଟ୍ଟାଙ୍ଗି,୨୭।୯ (ସମିସ): ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପଟ୍ଟାଙ୍ଗି ଠାରେ ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପଟ୍ଟାଙ୍ଗି ଅଧିକାରୀ ଡା. ଭାଗବତ ମୁର୍ମୁଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଟି ଆୟୋଜନ କରାଯାଇଥିଲା। ଶିବିରକୁ ପଟ୍ଟାଙ୍ଗି ପଞ୍ଚାୟତ ସମିତି ଅଧ୍ୟକ୍ଷା କଳ୍ପନା ପାଙ୍ଗି, ବିଧାୟକ ପ୍ରତିନିଧି ଅର୍ଜୁନ ବାଙ୍କ, ସାଂସଦ ପ୍ରତିନିଧି ଶୁକ୍ରା ଖରା ପ୍ରମୁଖ ପ୍ରତିନିଧି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ ପଟ୍ଟାଙ୍ଗି ବ୍ଲକର ସମସ୍ତ ପଞ୍ଚାୟତରୁ ୭୨୫ ଜଣ ରୋଗୀ ଆସି ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହି ଶିବିରରେ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ୍ କଲେଜରୁ ସ୍ତ୍ରୀ ରୋଗ ବିଶେଷଜ୍ଞ ଡା. ରାଜେଶ ମହାନ୍ତି, ଶିଶୁ ରୋଗ ବିଶେଷଜ୍ଞ ଡା. ସମନ ନାଇଡୁ, ଭେଷଜ ବିଶେଷଜ୍ଞ ଡ଼ା ସନ୍ତୋଷ ଆଚାର୍ଯ୍ୟ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଡ଼ା ଶାନ୍ତନୁ ରାଉତ, ଡା. ଲିଶା ମଧୁ ତରେଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମଟି ପରିଚାଳିତ ହୋଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ବିପିଏମ୍ ରଶ୍ମିତା ସନ, ପିଏଚଇଓ ଆରତୀ ଗୁଡ଼ିଆ, ଫାର୍ମାସିଷ୍ଟ ରଞ୍ଜିତ ସ୍ୱାଇଁ, କ୍ଲର୍କ କବିତା ନାୟକ, ବାମ୍ ସହଦେବ ଖରା ବିଡିଏମ୍ ସନ୍ତୋଷ ଦାସ, ମାଲେରିଆ ନିରୀକ୍ଷକ ସୌମ୍ୟ ରଞ୍ଜନ ମିଶ୍ର, ଜନ୍ମ ମୃତ୍ୟୁ କ୍ଲର୍କ ଭାସ୍କର ସେଠୀ ଙ୍କ ସହ ଅନ୍ୟାନ୍ୟ ନର୍ସିଂ ଅଫିସର ପ୍ରତିଭା ସାହୁ, ଦିପ୍ତିମୟୀ ନାୟକ, ହରପ୍ରିୟା ସାହୁ, ଲାବ୍ ଟେକ୍ନିସିଆନ ଚତୁର୍ଥ ଶ୍ରେଣୀ କର୍ମଚାରୀ ଲକ୍ଷ୍ମଣ, ଜଗନ୍ନାଥ,ଅନିଲ,ବାପି, ପଦୁ , ରବୀନ୍ଦ୍ର ସାନିଟାରୀ ଷ୍ଟାଫ ଯତୀନ, ନଗେସ, ମେରିଲିନ, ସୁଶୀଳା, ପବୀ, ପୂର୍ଣ୍ଣିମା, ସାବିତ୍ରୀ, ରୀନା , ମିନା, ଜ୍ୟୋତ୍ସ୍ନା ଏବଂ ସେକ୍ୟୁରିଟୀ ଷ୍ଟାଫ ଭଗବାନ, କୈଳାଶ, କାର୍ତ୍ତିକ ଏବଂ ଅନ୍ୟ ସମସ୍ତ ଷ୍ଟାଫ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଜୟପୁର ଦଶହରା ସାଂସ୍କୃତିକ କାର୍ଯ୍ୟକ୍ରମର ଶୁଭାରମ୍ଭ

ଜୟପୁର, ୨୭।୯ (ସମିସ): କୋରାପୁଟ ଜିଲ୍ଲା ଜୟପୁର ଦଶହରା ସାଂସ୍କୃତିକ ମହୋତ୍ସବ କାର୍ଯ୍ୟକ୍ରମ ଶନିବାର ସଂଧ୍ୟାରେ ଶୁଭାରମ୍ଭ ହୋଇଛି। ସ୍ଥାନୀୟ ସୌରାସାହି ଛକ ଠାରେ ଆୟୋଜିତ ଏକ ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡିଆ ସିନେ ଗାୟିକା ଅନ୍ତରା ଚକ୍ରବର୍ତ୍ତୀ ତାଙ୍କର ସଂଗୀତ ପରିବେଷଣ କରିଥିଲେ। ଏହିପରି ତାଙ୍କ ସହିତ କଟକର ମେଲୋଡି ଦ୍ୱାରା ଅନ୍ୟାନ୍ୟ ଗାୟକଓମ୍ୟୁଜିକବାଦକସଂଗୀତପ୍ରଦର୍ଶନକରିଥିଲେ।ଗାୟୀକ୍ରଅନ୍ତରାଏବଂସାଥିକଳାକାରଙ୍କ ସଂଗୀତରେ ଉପସ୍ଥିତ ଦର୍ଶକ ଝୁମି ଉଠିଥିଲେ। ଏଥିରେ ଦଶହରା ମହୋତ୍ସବ କମିଟିର ସଭାପତି ତଥା ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି, ପୌରଅଧ୍ୟକ୍ଷ ନରେନ୍ଦ୍ର ମହାନ୍ତି, ବିଡିଓ ଶକ୍ତି ମହାପାତ୍ର, ତହସିଲଦାର ସବ୍ୟସାଚୀ ମହାପାତ୍ର ଏବଂ ବସନ୍ତାୟୀ ପୂଜାକମିଟିର ସଭାପତି ସତିଶ ପାତ୍ର ପ୍ରମୁଖ ମଞ୍ଚାସୀନ ହୋଇ ଦୀପ ପ୍ରଜ୍ୱଳନ ସହ ଉଦ୍‌ଘାଟନ କରିଥିଲେ।

## ଓସିଏସ ପରୀକ୍ଷାରେ ସଫଳ ୩ିଜଣଙ୍କୁ ଜିଲ୍ଲାପାଳଙ୍କ ସମ୍ବର୍ଦ୍ଧନା



କୋରାପୁଟ,୨୭।୯ (ସମିସ): ଜିଲ୍ଲା ପ୍ରଶାସନ ଓ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଦ୍ୱାରା ମିଳିତ ଭାବେ ପରିଚାଳିତ ସେମିଳିଗୁଡା ସ୍ଥିତ ସହିଦ ଲକ୍ଷ୍ମଣ ନାୟକ ସିଭିଲ ସର୍ଭିସ କୋଚିଙ୍ଗ କେନ୍ଦ୍ରର ତିନିଜଣ ପ୍ରଶିକ୍ଷାର୍ଥୀ ଓଡ଼ିଶା ପ୍ରଶାସନିକ ସେବାରେ କୃତକାର୍ଯ୍ୟ ହୋଇଛନ୍ତି। ସେମାନଙ୍କୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଶନିବାର ପୂର୍ବାହ୍ନରେ ସମ୍ବର୍ଦ୍ଧନା ଦିଆଯାଇଛି। ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଆସନ୍ତା ଦିନରେ ନିଷ୍ଠାର ସହ ଲୋକଙ୍କ ସେବା କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି। ସେମିଳିଗୁଡା ଭଳି ଉପାନ୍ତ ଅଞ୍ଚଳରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓ ଜିଲ୍ଲା ପ୍ରଶାସନର ମିଳିତ ଉଦ୍ୟମରେ ସହୀଦ ଲକ୍ଷ୍ମଣ ନାୟକ ସିଭିଲ ସର୍ଭିସ ଅନୁଷ୍ଠାନ ଆରମ୍ଭ କରାଯାଇଥିଲା। ଏହି ଅନୁଷ୍ଠାନରୁ କୃତିତ୍ୱ ହାସଲ କରି ଅନ୍ୟ ଛାତ୍ରଛାତ୍ରୀ ମାନଙ୍କ ପାଇଁ ପ୍ରେରଣା ଯୋଗାଇବ ବୋଲି ଜିଲ୍ଲାପାଳ ଶ୍ରୀ ମହାଜନ କହିଛନ୍ତି। ସମ୍ବର୍ଦ୍ଧନା ସମୟରେ ପ୍ରବେସନାରୀ ଆଇଏଏସ୍ ସନ୍ତୋଷ କୁମାର ପାତ୍ର, ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ମହାନ୍ତି, ୧୬୪ ରେଙ୍କରେ ଥିବା ଶୁଭଶ୍ୱେତା ମହାରଣା, ୩୬୫ ରେଙ୍କରେ ଥିବା ଅଭିଷେକ ବାବୁ ପେଟିଆ, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଲୋକ ସମ୍ପର୍କ ଅଧିକାରୀ ଡ, ଫୋଗୁନାଥ ଭୋଇ, ପ୍ରଫେସର କପିଳ ଖେମୁଣ୍ଡୁ, କୋଚ କୋଡିନେଟର ଚନ୍ଦ୍ର ମଣି ଖେମୁଣ୍ଡୁ ପ୍ରମୁଖ ଉପସ୍ଥିତ ଥିଲେ।

## ବିଦ୍ୟୁତ୍ ଆଘାତରେ ଜଣେ ମୃତ

ଡାବୁଗାଁ, ୨୭।୯ (ସମିସ): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ସଦର ମହକୁମାରେ ଥିବା ମୋଟରସାଇକେଲ ମରାମତି ଦୋକାନରେ କାମ କରୁଥିବା ଜଣେ ଯୁବକଙ୍କ ବିଦ୍ୟୁତ୍ ଆଘାତରେ ଶନିବାର ଅପରାହ୍ନରେ ମୃତ୍ୟୁ ଘଟିଛି । ଉମରକୋଟ ଥାନା ଅଧୀନ ଧୋଡ୍ରା - ଭୀମାଗୁଡା ଗ୍ରାମର ଶିବୁ ହରିଜନ (୨୦) ଡାବୁଗାଁ ବ୍ଲକ ସଦର ମହକୁମାରେ ଏକ ମୋଟରସାଇକେଲ ମରାମତି ଦୋକାନରେ ଅପରାହ୍ନ ୩ଟା ସମୟରେ କାମ କରୁଥିବା ସମୟରେ ହଠାତ୍ ବିଦ୍ୟୁତ୍ ଆଘାତରେ ଗୁରୁତର ହୋଇ ପଡ଼ିଥିଲେ। ପଡୋଶୀ ଦୋକାନୀ ମାନେ ତାଙ୍କୁ ସଙ୍ଗେ ସଙ୍ଗେ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ସ୍ୱାସ୍ଥ୍ୟ ପରୀକ୍ଷା କରି ମୃତ ଘୋଷଣା କରିଥିଲେ । ମୃତକର ବାପା ମଙ୍ଗୁଲୁ ହରିଜନ ଡାବୁଗାଁ ଥାନାରେ ଏତଲା ଦେଇଛନ୍ତି। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଏଏସଆଇ ଚନ୍ଦ୍ର ଶେଖର ହଜାରୀ ଘଟଣାର ତଦନ୍ତ କରୁଛନ୍ତି ।

## ତାଲା ଭାଙ୍ଗି ଘରୁ ଚୋରି

ଜୟପୁର, ୨୭।୯ (ସମିସ): ଜୟପୁର ସଦରଥାନା ବାଙ୍ଗବିଜା ଗ୍ରାମ ଠାରେ ବନ୍ଦ ରହିଥିବା ଗୃହର ତାଲା ଭାଙ୍ଗି ଗତ ଗୁରବାର ରାତିରେ ଘର ଭିତରେ ରହିଥିବା ଫ୍ରିଜ, ଖଟ, ଗ୍ୟାସଚୂଲା, ଫ୍ୟାନ୍ , ୩୩ ମିଟର ବିଦ୍ୟୁତ ତାର ଓ ବୋର୍ଡ ଚୋରି ଅଭିଯୋଗ ହୋଇଛି। ଅଭିଯୋଗକାରୀ ପ୍ରକାଶ ଦୋରା ଅଭିଯୋଗ କରିଛନ୍ତି ଯେ, ସେ ଗତ ଗୁରବାର ନିକଟସ୍ଥ ସାନ ଜିଉନା ଗ୍ରାମକୁ ଯାଇଥିବା ବେଳେ କୌଣସି ଅଜଣା ଦୁର୍ବୃତ ମାନେ ଘରର ତାଲା ଭାଙ୍ଗି ଚୋରି କରିଛନ୍ତି

## ନେତାଜୀ ଫୁଟବଲ୍ କ୍ଲବ୍ ଟୁର୍ଣ୍ଣାମେଣ୍ଟ

# ସେମିଫାଇନାଲ ମ୍ୟାଚ୍‌ରେ ଖେଳାଳିଙ୍କୁ ଉତ୍ସାହିତ କଲେ ପୂର୍ବତନ ବିଧାୟକ

ନନ୍ଦପୁର, ୨୭।୯ (ସମିସ):



ନନ୍ଦପୁର ବ୍ଲକ ଅନ୍ତର୍ଗତ ସଦର ମହକୁମା ନେତାଜୀ ଖେଳ ପଡିଆ ପରିସରରେ ଗତ ସପ୍ତାହ ବ୍ୟାପି ଚାଲିଥିବା ଟୁର୍ଣ୍ଣାମେଣ୍ଟର ସେମି ଫାଇନାଲ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଖେଳାଳି ମାନଙ୍କ ମନୋବଳ ଦୃଢ କରିବା ସହ ଉଭୟ ଦଳ ଖେଳ ପ୍ରଦର୍ଶନକୁ ଉଚ୍ଚ ପ୍ରଶଂସା କରିଥିଲେ ବିଧାୟକ। ସେମି ଫାଇନାଲରେ ମ୍ୟାଚ୍‌ରେ ସୁନାବେଡ଼ା ଇଲେଭେନ ବ୍ରଦର୍ସ ସହ ଲେଞ୍ଜିଗୁଡ଼ା ଦାମନ ଯୋଡ଼ି ମଧ କଡା ସଂଘର୍ଷ ଖେଳ ପ୍ରଦର୍ଶନ ହୋଇଥିଲା। ମୁଖ୍ୟ ଅତିଥି ପୂର୍ବତନ ବିଧାୟକ ଶ୍ରୀ ପଡ଼ାଲଙ୍କ ସହ ସମ୍ମାନିତ ଅତିଥି ବ୍ଲକ ବିଜେଡି ବ୍ଲକ ସଭାପତି କାଶୀନାଥ ଗୋଲରି, ନନ୍ଦପୁର ପ୍ରେସ କ୍ଲବ୍ ସଭାପତି ତ୍ରିନାଥ ଖରା, ସେକ ରାଜ ମହମ୍ମଦ, ସେକ ମହମ୍ମଦ, ଲକ୍ଷ୍ମଣ ଖରା ପ୍ରମୁଖ ଯୋଗ ଦେଇଥିଲେ। ଏହି ଏହି ଟୁର୍ଣ୍ଣାମେଣ୍ଟର ଆୟୋଜକ ଯୁବ ଗୋଷ୍ଠୀ ମଧ୍ୟରେ ସେକ ତାଜୁ, ସେକ ଆକବର, ସେକ ଅଲ୍ଲୀ, ସେକ ମୁସ୍ତାଫା, ସେକ ଗୁଲୁ, ସେକ ଔଜିଦ୍, ସେଲ ଅଲ୍ଲୀ, ସେକ ବାସିର, ସେକ ଫିରଜ୍, ସେକ ସର୍ଫୁ, ସେକ ବୁଟୁ, ସେକ ଇମ୍ରାନ୍, ସେକ ଦିଦର୍ ଅଲ୍ଲୀ, ସେକ ଇଞ୍ଜୁ ପ୍ରମୁଖଙ୍କ ପରିଚାଳନାକୁ ଉଚ୍ଚ ପ୍ରଶଂସା କରିଥିଲେ ପୂର୍ବତନ ବିଧାୟକ ଶ୍ରୀ ପଡ଼ାଲ।

ସକାଳ THE SAKALA

ମୟୂରଭଞ୍ଜ
www.sakalaepaper.com



## ୨୭ ବର୍ଷରେ ମଧୁବନ ସାର୍ବଜନୀନ ଦୁର୍ଗାପୂଜା

# ଚାନ୍ଦିମେଢ଼ ମୁଖ୍ୟ ଆକର୍ଷଣ



**ବାରିପଦା, ୨୭।୯(ସମିସ):** ବାରିପଦା ମଧୁବନ ସାର୍ବଜନୀନ ଦୁର୍ଗାପୂଜା ଚଳିତବର୍ଷ ୨୭ ବର୍ଷରେ ପଦାର୍ପଣ କରିଛି। ଶାନ୍ତିଶୃଙ୍ଖଳାର ସହ ପୂଜା ଆୟୋଜନ ପାଇଁ ମଧୁବନ ସାହି ଓ ହୁଡ୍‌କୋ କଲୋନୀବାସୀଙ୍କ ସହଯୋଗ ତଥା ଉପଦେଷ୍ଟା ବିପିନ ବିହାରୀ ନାୟକ, କୃପାସିନ୍ଧୁ ସିଂହ ଓ ରମେଶ ଚନ୍ଦ୍ର ଚୌଧୁରୀଙ୍କ ଦିଗଦର୍ଶନରେ ନୂତନ ଭାବେ ଗଠିତ କମିଟି ସଦସ୍ୟଙ୍କ ସହଯୋଗରେ ପ୍ରସ୍ତୁତି ଶେଷ ହୋଇଛି। ମା’ଙ୍କ ମୂର୍ତ୍ତି ନିର୍ମାଣ ଦାୟିତ୍ୱ ବଡ଼ସାହିର ସୁଧୀର ନନା ଦ୍ୱାରା ଜୀବନ୍ତ ରୂପ ନେଉଛି। ପୂର୍ବ ବର୍ଷ ଭଳି ନନା ଧୀରେନ ଦ୍ୱିବେଦୀ ଏଥର ମଧ ପୂଜା ଦାୟିତ୍ୱ ବହନ କରିବେ। ମଣ୍ଡପରେ ବ୍ୟକ୍ତିଗତ ସଙ୍କଳ୍ପ ଜରିଆରେ ପୂଜା ନୀତିନିଷ୍ଠାରେ ସମ୍ପାଦିତ ହେଉଥିବାରୁ ଭକ୍ତଙ୍କ ଗହଳି ଏଠାରେ ଲାଗି ରହେ। ପୂର୍ବବର୍ଷ ଭଳି ନବମୀ ସଂଧ୍ୟାରେ ଶ୍ରଦ୍ଧାଳୁଙ୍କୁ ଦଳା ଖେଚୁଡ଼ି ଓ ରାମରୋଚକ ପ୍ରସାଦ ବଣ୍ଟନ କରାଯିବ। ପୂଜା ମଣ୍ଡପ ନିକଟ ମଧୁବନ ମିନି ଷ୍ଟାଡ଼ିୟମରେ ଦଶହରାରେ ରାବଣ ପୋଡ଼ି ହେବା ପାଖରୁ ମା’ଙ୍କ ଭସାଣି ତହିଁ ପରଦିନ ଅନୁଷ୍ଠିତ ହେଉଛି। ପୂଜା ବ୍ୟୟ ଅଟକଳ ୭ ଲକ୍ଷ ଟଙ୍କା ରହିଥିବା ବେଳେ ତୋରଣ ଓ ସାଜସଜ୍ଜାରେ ସିଂହଭାଗ ଖର୍ଚ୍ଚ ହୋଇଥାଏ। ପୂର୍ବରୁ ଏଠାରେ ଓଡ଼ିଶା ବିଧାନସଭା ସୌଧ ଓ ମୟୂରଭଞ୍ଜ ରାଜପ୍ରସାଦ (ଏମପିସି କଲେଜ) ସମ୍ମୁଖ ଭାଗ ସଦୃଶ୍ୟ ତୋରଣ ନିର୍ମାଣ କରି କମିଟି ପ୍ରଶଂସା ସାଉଁଟିଛି। ତେବେ ୨୦୧୧ରୁ ହେଉଥିବା ଚାନ୍ଦିମେଢ ମୁଖ୍ୟ ଆକର୍ଷଣ ରହିଛି। କମିଟି ସଭାପତି ରବୀନ୍ଦ୍ର ଜେନା, ଉପସଭାପତି ଦେବେନ୍ଦ୍ର ଦାସ, ସମ୍ପାଦକ ଜଗତ ଜୀବନ ରାମ ଓ କୋଷାଧ୍ୟକ୍ଷ ପ୍ରଦୀପ ମିଶ୍ରଙ୍କ ନେତୃତ୍ୱରେ କମିଟିର ୫୦୦ରୁ ଉର୍ଦ୍ଧ୍ୱ ସଦସ୍ୟ ପୂଜାକୁ ସର୍ବାଙ୍ଗ ସୁନ୍ଦର କରିବାକୁ ପ୍ରଚେଷ୍ଟା ଜାରି ରଖିଛନ୍ତି।

## ୧୬ ବର୍ଷରେ ବାରୁଣେଶ୍ୱର ଦୁର୍ଗାପୂଜା

# ବରିଷ୍ଠଙ୍କ ଉପସ୍ଥିତିରେ ହୁଏ ଶୃଙ୍ଖଳିତ ଭସାଣି

**ବାରିପଦା, ୨୭।୯(ସମିସ):** ବାରିପଦାର ମଣ୍ଡପ ମା’ ଦୁର୍ଗାଙ୍କ ପୂଜା ମଧ୍ୟରେ ମଧୁବନ ସ୍ଥିତ ବାରୁଣେଶ୍ୱର ସାର୍ବଜନୀନ ଦୁର୍ଗାପୂଜା ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଅଞ୍ଚଳର ବରିଷ୍ଠ ବ୍ୟକ୍ତିବିଶେଷଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଉକ୍ତ ପୂଜା ଚଳିତ ଥର ୧୬ ବର୍ଷରେ ପହଞ୍ଚିଛି। ବରିଷ୍ଠ ନାଗରିକଙ୍କ ସକ୍ରିୟ ସଦସ୍ୟତାରେ ବିନାବାଧା ବିଘ୍ନରେ ପୂଜା ଜାରି ରହିଛି। ପୂଜା କମିଟିର ସଭାପତି ଡ. କୁଞ୍ଜବନ ପୃଷ୍ଟି, ସାଧାରଣ ସମ୍ପାଦକ ବିକ୍ରମ କେଶରୀ ଜେନାଙ୍କ ସହଯୋଗରେ ପ୍ରସ୍ତୁତି ଜୋରସୋରରେ ଚାଲିଛି। ମଧୁବନ ସ୍ଥିତ ସ୍ଥାୟୀ ମଣ୍ଡପରେ ମୂର୍ତ୍ତି କାରିଗରଙ୍କ ଦ୍ୱାରା ମା’ ଦୁର୍ଗାଙ୍କ ସମେତ ପାର୍ଶ୍ୱ ଦେବଦେବୀଙ୍କ ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଜାରି ରହିଛି। ରବିବାର ବିଲ୍ୱାଧିବାସ ବା ବେଲବରଣ ଥିବାରୁ ପୂଜା ମଣ୍ଡପ, ତୋରଣ ଓ ମୂର୍ତ୍ତି ସାଜସଜ୍ଜା ଶେଷ ହୋଇଛି। ଚଳିତ ଥର ପୂଜାକୁ ଆକର୍ଷଣୀୟ ସଦୃଶ୍ୟ ତୋରଣ ସମେତ ଅଧିକ ଆଲୋକୀକରଣ ବ୍ୟବସ୍ଥା କରାଯାଇଛି।



ପୂଜା କମିଟି ପକ୍ଷରୁ ଷଷ୍ଠୀ ପୂଜା ଆରମ୍ଭରୁ ବିଜୟା ଦଶମୀ ପର୍ଯ୍ୟନ୍ତ ବ୍ରତଧାରୀ, ସଦସ୍ୟ ଓ ସ୍ଥାନୀୟ ମଧୁବନ ଅଞ୍ଚଳର ଜନସାଧାରଣଙ୍କୁ ଆମିଷ ଭୋଜନ ସେବନ ନ କରିବା ପାଇଁ କମିଟି ପକ୍ଷରୁ ନିବେଦନ କରାଯାଇଛି। ଏଠାରେ ନିଷ୍ଠାର ସହ ପୂଜା ହେଉଥିବାରୁ ମାନସିକଧାରୀଙ୍କ ପୂଜା ପାଇଁ ପ୍ରବଳ ଭିଡ ଜମିଥାଏ। ଅଷ୍ଟମୀ ଓ ନବମୀ ଦୁଇ ଦିନ ସର୍ବସାଧାରଣଙ୍କୁ ଭୋଗ ବଣ୍ଟନ କରାଯିବ। ନିଆରା ଢଙ୍ଗରେ ଏଠାରେ ଭସାଣି ହୋଇଥାଏ। ଦିନବେଳେ ବରିଷ୍ଠଙ୍କ ଉପସ୍ଥିତିରେ ଭଜନ ଓ ଲୋକ ବାଦ୍ୟରେ ଶାନ୍ତି ଶୃଙ୍ଖଳାର ସହିତ ଭସାଣି ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି।

## ଦଶହରା ଯାଏ ଯାନବାହନ ଚଳାଚଳ ରୁଟ୍ ପରିବର୍ତ୍ତନ

**ବାରିପଦା, ୨୭।୯(ସମିସ):** ଚଳିତବର୍ଷ ବାରିପଦା ସହର ଓ ଆଖପାଖ ଅଞ୍ଚଳରେ ପାଖାପାଖି ୩୦ଟି ସ୍ଥାନରେ ଦୁର୍ଗାପୂଜା ଅନୁଷ୍ଠିତ ହେଉଛି। ଏଥିପାଇଁ ସହରରେ ବିପୁଳ ଜନସମାଗମ ପାଇଁ ଅଧିକ ଯାନବାହନ ଚଳାଚଳ ସମ୍ଭାବନା ଜନିତ ଆକସ୍ମିକ ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି। ଏଥିସହିତ ଗହଳି ଓ ଅଧିକ ଯାନବାହନ ଚଳାଚଳ ପାଇଁ ଟ୍ରାଫିକ ସମସ୍ୟା ସୃଷ୍ଟି ହେବାର ମଧ ଆଶଙ୍କା ରହିଛି। ଏହିସବୁ ସମ୍ଭାବ୍ୟ ସମସ୍ୟାକୁ ଦୃଷ୍ଟିରେ ଦଶହରା ଯାଏ ସହରରେ ଯାନବାହନ ଚଳାଚଳ ରଟ୍‌କୁ ପରିବର୍ତ୍ତନ କରାଯାଇଛି। ଭକ୍ତ, ଶ୍ରଦ୍ଧାଳୁ, ଦର୍ଶନାର୍ଥୀମାନେ ଦେବୀଙ୍କ ପୂଜାର୍ଚ୍ଚନା ଓ ଦର୍ଶନ ପାଇଁ ଯେମିତି କୌଣସି ଅସୁବିଧାର ସମ୍ମୁଖୀନ ନ ହୋଇ ସହଜରେ ପୂଜା ମଣ୍ଡପ ନିକଟରେ ପହଞ୍ଚି ପାରିବେ ତଥା ସହରର ପଥଚାରୀ ଜନସାଧାରଣ ଯେମିତି ଶାନ୍ତି ଶୃଙ୍ଖଳାର ସହିତ ଗମନାଗମନ କରିପାରିବେ ସେ ନେଇ ପ୍ରଶାସନ ପକ୍ଷରୁ ସୁବ୍ୟବସ୍ଥା କରାଯାଇଛି। ତଦନୁସାରେ ଦୈନନ୍ଦିନ ଚଳାଚଳ କରୁଥିବା ବସ, ଟ୍ରକ ଓ ଅନ୍ୟାନ୍ୟ ଯାନ ଗୁଡିକ ଦୁର୍ଗା ପୂଜା ସମୟରେ ୨୮ରୁ ୨ତାରିଖ ଦଶହରା ପର୍ଯ୍ୟନ୍ତ ଭାୟା ବାଘରାରୋଡ଼, ଦାରୋଗାଡାହି ଛକ ଓ ବାଲେଶ୍ୱର ଗୋଲେଇ ରାସ୍ତା ଦେଇ ଗନ୍ତବ୍ୟ ସ୍ଥଳକୁ ଚଳାଚଳ କରିବେ ବୋଲି ନିର୍ଦ୍ଦେଶ ଜାରି କରାଯାଇଛି।

## ଦୁର୍ଗାପୂଜାରେ ଗାନ୍ଧୀ ମାର୍କେଟ ଛକ ମହାବୀର ପୂଜା ପରମ୍ପରା ନିଆରା

# ୧୦ ହଜାରରୁ ଆରମ୍ଭ ପୂଜା ଏବେ ଅଟକଳ ୧୦ ଲକ୍ଷ



**ବାରିପଦା, ୨୭।୯(ସମିସ):** ଶାରଦୀୟ ଦୁର୍ଗାପୂଜା ଅବସରରେ ବାରିପଦାରେ ନିଆରା ପରମ୍ପରା ଅନୁଷ୍ଠିତ ହୋଇଆସୁଛି। ମା’ ଦୁର୍ଗା ଧରାବତରଣ କରୁଥିବା ବେଳେ ତାଙ୍କୁ ଶାନ୍ତ ରଖିବା ପାଇଁ ହନୁମାନଙ୍କ ପୂଜା କରାଯିବା ଭଳି ଏକ ନିଆରା ପରମ୍ପରା ଏଠି ଅନୁଷ୍ଠିତ ହୋଇଆସୁଛି। ବାରିପଦା ସହର ଗାନ୍ଧୀ ମାର୍କେଟ ଛକ ମହାବୀର ପୂଜା କମିଟି ଦୀର୍ଘ ୩୩ ବର୍ଷ ହେବ ଏହି ପରମ୍ପରା ବଜାୟ ରଖିଛି। ମା’ ଦୁର୍ଗାଙ୍କ ଆବାହନ ମନ୍ତ୍ରରେ ପରିବେଶ ପ୍ରକମ୍ପିତ ହେଉଥିବା ବେଳେ ବାରିପଦାରେ ହନୁମାନଙ୍କ ପୂଜା ଶାରଦୀୟ ଉତ୍ସବକୁ ଅଧିକ ଭକ୍ତିମୟ କରି ତୋଳିଥାଏ। କଥିତ ଅଛି ଯେ, ମା’ ଦୁର୍ଗା ରକ୍ତମୁଖା ହୋଇ ମହିଷାସୁରକୁ ଦମନ କରିଥିଲେ। ତାଙ୍କୁ ଉଗ୍ର ରୂପରେ ଦେଖି ଧରାପୃଷ୍ଠରେ ଭକ୍ତଜନ ଭୟଭୀତ ହୋଇପଡ଼ିଥିଲେ। ଏଣୁ ସେତେବେଳେ ମା’ଙ୍କୁ ଶାନ୍ତ କରିବା ପାଇଁ ହନୁମାନଙ୍କୁ ପୂଜା କରାଯାଇଥିଲା। ଏହି ପରମ୍ପରା କାଳକ୍ରମେ ହଜି ଯାଇଥିଲା ବେଳେ ବାରିପଦା ଗାନ୍ଧୀ ମାର୍କେଟ ଛକ ମହାବୀର ପୂଜା କମିଟି ଏହାକୁ ଉଜ୍ଜୀବିତ କରି ରଖିଛି। ୧୯୯୨ ମସିହାରେ ୩୦ରୁ ୪୦ ଜଣ ସଦସ୍ୟ ସଙ୍ଗଠିତ ହୋଇ ୧୦ ହଜାର ଟଙ୍କା ବ୍ୟୟ ଅଟକଳରେ ଶାରଦୀୟ ଉତ୍ସବ ଅବସରରେ ହନୁମାନଙ୍କ ପୂଜା ଆରମ୍ଭ କରିଥିଲେ। ବର୍ଷକୁ ବର୍ଷ ଏହି ପୂଜାର ଆକର୍ଷଣ ବଢ଼ିବା ସହ ବର୍ତ୍ତମାନ ବଜେଟ ୧୨ ଲକ୍ଷ ଟଙ୍କାକୁ ଛୁଇଁଛି। ପରମ୍ପରା ଅନୁଯାୟୀ ପୂଜକ ମନ୍ମଥ କୁମାର ପାଣିଙ୍କ ତତ୍ତ୍ୱାବଧାନରେ ଅଷ୍ଟମୀ, ନବମୀ ଓ ଦଶମୀ ତିଥିରେ ହନୁମାନଙ୍କ ପୂଜା ସହିତ ୭ଘଣ୍ଟା ଧରି ହୋମଯଜ୍ଞ ଅନୁଷ୍ଠିତ ହୋଇଥାଏ। ପୂଜା କମିଟି ସମ୍ପାଦକ ନରୋତ୍ତମ ମହାନ୍ତଙ୍କ ସୂଚନା ମୁତାବକ ଗତ ୯ବର୍ଷ ହେଲା କଳା ମୁଗୁନି ପଥରରେ ତିଆରି ୯ ଫୁଟର ହନୁମାନଙ୍କ ମୂର୍ତ୍ତି ସ୍ଥାୟୀ ଭାବେ ପୂଜା ପାଇ ଆସୁଛନ୍ତି। ଠାକୁରଙ୍କ ଆଖି, ଚିତା ଓ ମୁକୁଟ ରୂପାରେ ତିଆରି ହୋଇଛି। ପୂର୍ବରୁ ମାଟିରେ ପଞ୍ଚମୁଖୀ ହନୁମାନଙ୍କ ମୂର୍ତ୍ତି ତିଆରି କରାଯାଇ ପୂଜା କରାଯାଉଥିଲା। ବର୍ତ୍ତମାନ କମିଟିରେ ୨ଶହରୁ ଉର୍ଦ୍ଧ୍ୱ ସଦସ୍ୟ ଅଛନ୍ତି। ସମସ୍ତ କମିଟି ସଦସ୍ୟଙ୍କ ସହଯୋଗରେ ଏହି ପୂଜା ଶାନ୍ତିଶୃଙ୍ଖଳାର ସହ ହେଉଥିବା କମିଟି ସଭାପତି ନବ କିଶୋର ଦାସ ସୂଚନା ଦେଇଛନ୍ତି। କାର୍ଯ୍ୟକାରୀ ସଭାପତି ଭାବେ ଜୟେଷ ପାତ୍ର, ଉପ ସଭାପତି ଖଗେଶ୍ୱର ବଳିଆର୍ ସିଂହ, ସାଂଗଠନିକ ସମ୍ପାଦକ ଦେବବ୍ରତ ଦେ ଓ କୁମାର ରାକେଶ କୋଷାଧ୍ୟକ୍ଷ ବିଶ୍ୱାଷ ମହାନ୍ତି ଦାୟିତ୍ୱ ତୁଲାଉଛନ୍ତି। ସେହିପରି ସାଂସ୍କୃତିକ କାର୍ଯ୍ୟକ୍ରମରେ ଏଠି କେବଳ ଭଜନ ପରିବେଷଣ ହୋଇଥାଏ। ଚଳିତ ବର୍ଷ କମିଟି ପକ୍ଷରୁ ଏକ କାଳ୍ପନିକ ମନ୍ଦିର ସଦୃଶ ତୋରଣ ନିର୍ମାଣ କରାଯାଉଛି। କମିଟି ପକ୍ଷରୁ ସାଜସଜ୍ଜା ପାଇଁ ଗୁରୁତ୍ୱ ଦିଆଯାଉଥିବା କୁହାଯାଇଛି।



ନବରାତ୍ର ଅବସରରେ ବାରିପଦା ମା’ ଅମ୍ବିକାଙ୍କ କାତ୍ୟାୟନୀ ବେଶ

# ଉଦଳାରେ ଫାର୍ମାସିଷ୍ଟ ଦିବସ ପାଳିତ




**ଉଦଳା, ୨୭।୯(ସମିସ)**

ବିଶ୍ୱ ଫାର୍ମାସିଷ୍ଟ ଦିବସ ଉପଲକ୍ଷେ ଉଦଳା ଉପଖଣ୍ଡ ହସ୍ପିଟାଲର କନଫରେନ୍ସ ହଲ୍‌ରେ କାର୍ଯ୍ୟରତ ଫାର୍ମାସୀ ଅଧିକାରୀଙ୍କ ମିଳିତ ସହଯୋଗରେ ଉପଖଣ୍ଡସ୍ତରୀୟ ‘ବିଶ୍ୱ ଫାର୍ମାସିଷ୍ଟ ଦିବସ’ ପାଳିତ ହୋଇଯାଇଛି। ଏଥିରେ ଉପଖଣ୍ଡ ଚିକିତ୍ସାଳୟର ଅଧିକ୍ଷକ ଡା. ଲକ୍ଷ୍ମୀକାନ୍ତ ପତି ମୁଖ୍ୟଅତିଥି ଭାବରେ ଯୋଗଦେଇ ଫାର୍ମାସୀ ଅଧିକାରୀଙ୍କ କର୍ତ୍ତବ୍ୟ, ଅବଦାନ ତଥା ସମାଜ ପ୍ରତି ଥିବା ଭୂମିକାକୁ ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମରେ ଉପଖଣ୍ଡ ଚିକିତ୍ସାଳୟର ଡା. ପ୍ରଜ୍ଞା ପ୍ରିୟଦର୍ଶିନୀ ବେହେରା, ଡା. ମଧୁସ୍ମିତା ବେହେରା, ଅବସରପ୍ରାପ୍ତ ବରିଷ୍ଠ ଫାର୍ମାସୀ ଅଧିକାରୀ ସୁନୀଲ କୁମାର ଦାସ, ଅନ୍ତର୍ଯ୍ୟାମୀ ମହାନ୍ତି, ବିଜୟ କୁମାର ପାଢ଼ୀଙ୍କ ସହ ଜିଲ୍ଲା ସଂଘ ତରଫରୁ ଉପ ସଭାପତି ରିତାଞ୍ଜଳି ନାୟକ, ସାଧାରଣ ସମ୍ପାଦକ ତୁଷାରକାନ୍ତି ବେହେରା, ଯୁଗ୍ମ ସମ୍ପାଦକ ସାଗର ପଟ୍ଟନାୟକ, ସାଂଗଠନିକ ସମ୍ପାଦକ ନିର୍ଲିପ୍ତ ଦାସ, ଉପଦେଷ୍ଟା ପ୍ରତାପ ଚନ୍ଦ୍ର ବେହେରା, ଚିତ୍ତରଞ୍ଜନ ମହାନ୍ତ, ମନୋଜ କୁମାର ଦାସ, ଜ୍ୟୋତିରଞ୍ଜନ ବିଶ୍ୱାଳ, ସସ୍ମିତା ହଟେଇ ପ୍ରମୁଖ ଯୋଗଦାନ କରି ସମାଜରେ ଫାର୍ମାସିଷ୍ଟଙ୍କ ଭୂମିକା ଓ ବଳିଷ୍ଠ ଯୋଗଦାନ ବିଷୟରେ ଆଲୋଚନା କରିଥିଲେ। ଆଲୋଚନାଚକ୍ରରେ ଜିଲ୍ଲା ସଂଘର ସାଧାରଣ ସମ୍ପାଦକ ତୁଷାର କାନ୍ତି ବେହେରା ଜିଲ୍ଲାର ମେଡିକାଲଗୁଡ଼ିକରେ ଥିବା ମୁଖ୍ୟ ସମସ୍ୟା ରୂପେ ଫାର୍ମାସୀ ଅଧିକାରୀଙ୍କ ଅଭାବ ତଥା ସଂଘ ତରଫରୁ ରାଜ୍ୟ ସରକାରଙ୍କ

### ବିଭିନ୍ନ ଦାବି ପୂରଣ ନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ

ପାଖରେ ଥିବା ଦୀର୍ଘଦିନର ଦାବିଗୁଡ଼ିକ ଉପରେ ଆଲୋକପାତ କରିଥିଲେ। ଏଥିସହ ସେସବୁ ପୂରଣ କରିବା ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କାର୍ଯ୍ୟକ୍ରମକୁ ଉପଖଣ୍ଡ ଚିକିତ୍ସାଳୟର ସିନିୟର୍ ଫାର୍ମାସୀ ଅଧିକାରୀ ରୀତାଞ୍ଜଳି ନାୟକ ପରିଚାଳନା କରିବା ସହ ଅନ୍ୟମାନଙ୍କ ମଧ୍ୟରେ ଜୁନିୟର ହସ୍ପିଟାଲ ମ୍ୟାନେଜର ନିରୁପମା ମହାନ୍ତି, ଆକାଉଣ୍ଟାଣ୍ଟ ଅରୂପ ସାହୁ, ନର୍ସିଂ ଅଫିସର, ଲାବୋରାଟରି ଟେକ୍ନିସିଆନ୍, ଏକ୍ସରେ ଟେକ୍ନିସିଆନ୍ ତଥା ଡାକ୍ତରଖାନାର ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ

## ନାବାଳିକା ଦୁଷ୍କର୍ମକାରୀକୁ ୫ ବର୍ଷ ଜେଲ୍

**ବାରିପଦା, ୨୭।୯ (ସମିସ):** ଜଣେ ନାବାଳିକାକୁ ଦୁଷ୍କର୍ମ ଅଭିଯୋଗ ଏକ ମାମଲାକୁ ବାରିପଦା ଆଡହକ ଅତିରିକ୍ତ ଜିଲା ଓ ଦୌରାଜଜ୍ (ପୋକ୍ସୋ ଆଇନର ପାଷ୍ଟଟ୍ରାକ ସ୍ପେଶାଲ କୋର୍ଟ) ସନ୍ତୋଷ କୁମାର ନାୟକ ବିଚାର କରି ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରି ୨ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ହଜାର ଟଙ୍କା ଜୋରିମାନା ଆଦେଶ ଶୁଣାଣି କରିଛନ୍ତି। ଜୋରିମାନା ଅନାଦେୟରେ ଅତିରିକ୍ତ ୬ମାସ ସଶ୍ରମ କାରାଦଣ୍ଡାଦେଶ ଦିଆଯାଇଛି। ଦୋଷୀ ଜଣଙ୍କ ହେଲେ ଶରତ ଥାନା ଦେୱାନବାହାଲି ଗ୍ରାମର ମକା ଓରଫ ମାଣିକ ସିଂ (୩୦)। ସେ କାରାଗାରରେ ୨୦୨୩ ନଭେମ୍ବର ୧୫ ତାରିଖଠାରୁ ବିଚାରାଧୀନ କଏଦୀଭାବେ ରହିଥିବା ଅବଧି ମୋଟ ଦଣ୍ଡାଦେଶରୁ ହ୍ରାସ କରାଯିବା ନେଇ ରାୟରେ ମଧ ଉଲ୍ଲେଖ କରାଯାଇଛି। ପୀଡିତାଙ୍କ ମାଆଙ୍କ ଅଭିଯୋଗକ୍ରମେ ୨୦୨୩ ନଭେମ୍ବର ୧୩ ତାରିଖରେ ଶରତ ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ଅଭିଯୋଗ ଅନୁଯାୟୀ ୨୦୨୩ ନଭେମ୍ବର ୧୨ ତାରିଖ ପ୍ରାୟ ରାତି ୯ଟାରେ ପୀଡିତା ନାବାଳିକାକୁ ଅଭିଯୁକ୍ତ ଦୁଷ୍କର୍ମ କରିବା ସହ ଘଟଣା ପ୍ରଘଟ ନ କରିବାକୁ ଧମକ ଦେଇଥିଲା। ପୁଲିସ ଅଭିଯୁକ୍ତକୁ ୨୦୨୩ ନଭେମ୍ବର ୧୫ ତାରିଖରେ ଗିରଫ କରି କୋର୍ଟକୁ ଚାଲାଣ କରିବା ପରେ ଜେଲ ହାଜତରେ ଆଜି ରାୟ ପର୍ଯ୍ୟନ୍ତ ବିଚାରାଧୀନ କଏଦୀଭାବେ ରହିଥିଲା।

## ବଜ୍ରପାତରେ ୫ ଛେଳି ମୃତ; ସହାୟତା ଦାବି

**ଶରତ, ୨୭।୯(ସମିସ):** କପ୍ତିପଦା ବ୍ଲକ ଅନ୍ତର୍ଗତ ଶରତ ଗ୍ରାମ ପଞ୍ଚାୟତ କାଦବାହାଳି ଗ୍ରାମରେ ୨୫ ତାରିଖ ଅପରାହ୍ନରେ ବୁଲା ସିଂ ତିୟୁ(୪୭)ଙ୍କ ଘର ଉପରେ ବଜ୍ରପାତ ହେବାରୁ ତାଙ୍କର ୫ଟି ଛେଳିର ମୃତ୍ୟୁ ଘଟିଛି। ବିଜୁଳିର ପ୍ରକୋପ ଏତେ ଜୋର୍ ଥିଲା ଯେ, ଆଖପାଖ ଅଞ୍ଚଳ ମଧ ଦୋହଲି ଯାଇଥିଲା। ବୁଲା ଜଣେ ଗରିବ ଆଦିବାସୀ ପରିବାରର ହୋଇଥିବାରୁ ସରକାରୀ ସହାୟତା ପାଇଁ ସେ ପ୍ରଶାସନକୁ ନିବେଦନ କରିଛନ୍ତି।

## ହାଣ୍ଡିଆ ପାଇଁ ସ୍ତ୍ରୀକୁ ପିଟିପିଟି ହତ୍ୟାକଲା ସ୍ୱାମୀ

**ଉଦଳା, ୨୭।୯(ସମିସ):** ସାମାନ୍ୟ ହାଣ୍ଡିଆ ପାଇଁ ନିଜ ସ୍ତ୍ରୀକୁ କାଠ ଫାଳିଆରେ ପିଟି ପିଟି ହତ୍ୟା କରିଛି ସ୍ୱାମୀ। ଏଭଳି ଏକ ଘଟଣା ଘଟିଛି ଉଦଳା ଥାନା ଅନ୍ତର୍ଗତ କୁଣ୍ଡାବାଇ ଫାଣ୍ଡି ଅଧୀନ ଉପର ତାଳଡ଼ିହା ଗାଁରେ।



ଘଟଣାରୁ ପ୍ରକାଶ ଯେ, ଉପର ତାଳଡିହା ଗ୍ରାମର ଗୁରୁପ୍ରସାଦ ସିଂ କାମରୁ ଫେରି ସ୍ତ୍ରୀକୁ ହାଣ୍ଡିଆ ପିଇବାକୁ ମାଗିଥିଲା; ମାତ୍ର ସମସ୍ତ ହାଣ୍ଡିଆକୁ ସ୍ତ୍ରୀ ସୀତା ସିଂ ପିଇ ନିଶାରେ ରହିଥିବା ଦେଖି ଗୁରୁପ୍ରସାଦ ରାଗି ପଞ୍ଚମ ହୋଇଯାଇଥିଲା। ପରେ ନିକଟରେ ଥିବା ଏକ କାଠ ଫାଳିଆରେ ଅତି ନୃଶଂସ ଭାବେ ପିଟିପିଟି ସ୍ତ୍ରୀକୁ ହତ୍ୟା କରିଥିଲା। ଏପରିକି ଦୁଇ ଛୋଟ ପିଲାକୁ ମଧ ମାରିଦେବାକୁ ଉଦ୍ୟମ କରିଥିଲା। ପୁଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ ଗୁରୁପ୍ରସାଦକୁ ଗିରଫ କରିବା ସହ ମୃତଦେହ ଜବତ କରି ସାଇଣ୍ଟିଫିକ ଟିମ ଦ୍ୱାରା ତଦନ୍ତ କରିଛି। ପୁଲିସ ଏ ନେଇ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ଓସିଏସ୍ ପରୀକ୍ଷାରେ ପାର୍ବତୀଙ୍କ ସଫଳତା

**ବିଶୋଇ, ୨୭।୯ (ସମିସ):** ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ମୟୂରଭଞ୍ଜ ଜିଲ୍ଲା ବିଶୋଇ ବ୍ଲକର ଲୁହାକାନି ପଞ୍ଚାୟତ କୁଆଝରି ଗ୍ରାମର ପାର୍ବତୀ ମାର୍ଣ୍ଡୀ ୩୫୨ତମ ସ୍ଥାନ ପାଇ ସଫଳତା ହାସଲ କରିଛନ୍ତି। ସେ ଅବସରପ୍ରାପ୍ତ ସେନା କର୍ମଚାରୀ ନର୍ସିଂ ମାର୍ଣ୍ଡି ଏବଂ ମାଆ ସିଙ୍ଗୋମଣି ମାର୍ଣ୍ଡିଙ୍କ ଦ୍ୱିତୀୟ କନ୍ୟା।



ପାର୍ବତୀ ରାଇରଙ୍ଗପୁର କନ୍ୟାଶ୍ରମରେ ୨୦୧୭ ମସିହାରେ ମାଟ୍ରିକ ପାସ୍ କରିଥିଲେ। ପରେ ୨୦୧୯ରେ ବାଲେଶ୍ୱର ଏଫଏମ ଜୁନିୟର କଲେଜରୁ ଯୁକ୍ତ ୨ବିଜ୍ଞାନରେ ଉତ୍ତୀର୍ଣ୍ଣ ହୋଇଥିଲେ। ପରେ ୨୦୨୩ରେ ଫକିରମୋହନ ବିଶ୍ୱବିଦ୍ୟାଳୟରେ ପଦାର୍ଥ ବିଜ୍ଞାନରେ ଇଣ୍ଟିଗ୍ରେଟେଡ ବିଇଡି ଡିଗ୍ରୀ ହାସଲ କରିଥିଲେ। ପରବର୍ତ୍ତୀ ସମୟରେ ସେ ବଣକାଟି ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ଶିକ୍ଷୟିତ୍ରୀଭାବେ କାର୍ଯ୍ୟରତ। ଓଡ଼ିଶା ସିଭିଲ ସର୍ଭିସରେ ସୋସିଓଲୋଜି ବିଷୟ ରଖି ପ୍ରଥମ ପ୍ରୟାସରେ ଓପିଏସସି ପରୀକ୍ଷା ଦେଇ ସେ ଏହି ସଫଳତା ପାଇଛନ୍ତି। ବାପାମାଆଙ୍କ ଆଶୀର୍ବାଦ, ସାଙ୍ଗସାଥୀଙ୍କ ସହଯୋଗ, କଠିନ ପରିଶ୍ରମ ଏବଂ ଇଛାଶକ୍ତି ତାଙ୍କୁ ଏହି ସଫଳତା ଦେଇଛି ବୋଲି ସେ କହିଛନ୍ତି। ଜିଲ୍ଲା ସାମ୍ବାଦିକ ୟୁନିଅନର ବରିଷ୍ଠ ସଦସ୍ୟ ଅକ୍ଷୟ ବିଶ୍ୱାଳ ତାଙ୍କର ଉତ୍ତରୋତ୍ତର କାମନା କରିଛନ୍ତି। ପ୍ରାକ୍ତନ ସାଂସଦ ଇଂ ରାମଚନ୍ଦ୍ର ହାଁସଦା, ସାଂସଦ ନବ ଚରଣ ମାଝୀ, ରାଜ୍ୟସଭା ସାଂସଦ ମମତା ମହାନ୍ତ, ସାରସକଣା ବିଧାୟକ ଭାଦବ ହାଁସଦା, ରାଇରଙ୍ଗପୁର ବିଧାୟକ ଜଲେନ୍ ନାଏକ, ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା ସଭାପତି ଜୁରିଲାଲ ମହାନ୍ତ, ବିଜେପି ରାଜ୍ୟ କାର୍ଯ୍ୟକାରୀଣୀ ସଦସ୍ୟ ସଞ୍ଜୀବ ମହାନ୍ତି, ରାଇରଙ୍ଗପୁର ଓକିଲ ସଂଘ ସଭାପତି ଅକ୍ଷୟ ମହାନ୍ତି, ବରିଷ୍ଠ ବିଜେଡି ନେତା ଡାକ୍ତର ଦେବାଶିଷ ମାର୍ଣ୍ଡି, ବରିଷ୍ଠ କଂଗ୍ରେସ ନେତା ସୁବାଷ ପାତ୍ର, ଜିଲ୍ଲାପରିଷଦ ସଦସ୍ୟା ବିଦୁସ୍ମିତା ଦେଓ ପ୍ରମୁଖ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

## ନୂତନ ଅଧ୍ୟାୟ ସୃଷ୍ଟିକଲା ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ

# ବୈଜ୍ଞାନିକ ର୍‌ୟାଙ୍କିଙ୍ଗରେ ଡ. ଜନ୍ମେଜୟ ଓ ପ୍ରଫେସର ସୁକାନ୍ତ

**ବାରିପଦା, ୨୭।୯(ସମିସ)**





ବିଶ୍ୱସ୍ତରୀୟ ଗବେଷଣାରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିପାରିଛି। ୨୦୨୫ ମସିହାରେ ଷ୍ଟାନଫୋର୍ଡ଼ ଏବଂ ଏଲ୍‌ସେଭିୟର ବିଶ୍ୱବିଦ୍ୟାଳୟର ଶୀର୍ଷ ୨% ବୈଜ୍ଞାନିକ ର୍‌ୟାଙ୍କିଙ୍ଗରେ ବିଶ୍ୱବିଦ୍ୟାଳୟର ଦୁଇଜଣ ଅଧ୍ୟାପକ ସ୍ଥାନ ପାଇପାରିଛନ୍ତି। ଏହି ବିଶ୍ୱସ୍ତରୀୟ ଯୋଗ୍ୟତା ସମ୍ପନ୍ନ ତାଲିକାକୁ ସ୍କୋପସ୍ ସାଇଟେସନ ଡାଟାକୁ ଭିତ୍ତିକରି ଉଭୟ ଷ୍ଟାନଫୋର୍ଡ଼ ବିଶ୍ୱବିଦ୍ୟାଳୟ ଓ ଏଲ୍‌ସେଭିୟର ମିଳିତଭାବେ ପ୍ରସ୍ତୁତ କରିଥାନ୍ତି। ଏଥିରେ ୨୨ଟି ବୈଜ୍ଞାନିକ ବିଷୟ ଏବଂ ୧୭୪ଟି ଉପଶାଖାରେ ବୈଜ୍ଞାନିକଙ୍କ ସନ୍ଦର୍ଭ, ଏଚ୍-ଇଣ୍ଡେକ୍ସ ଏବଂ ସଂଯୁକ୍ତ ସାଇଟେସନଗୁଡିକୁ ଆଧାର କରି ଏକ ସ୍କୋର ପ୍ରସ୍ତୁତ କରାଯାଇ ମୂଲ୍ୟାଙ୍କନ କରାଯାଇଥାଏ। ଏଥିରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କମ୍ପ୍ୟୁଟର ବିଜ୍ଞାନର ସହକାରୀ ପ୍ରଫେସର ଡକ୍ଟର ଜନ୍ମେଞ୍ଜୟ ନାୟକ ଆର୍ଟିଫିସିଆଲ ଇଣ୍ଟିଲେଜେନ୍ସି ଓ ଇମେଜ ପ୍ରସେସିଂ ନିମନ୍ତେ ଲଗାତାର ତୃତୀୟ ଥର ଏବଂ ଜୈବପ୍ରଯୁକ୍ତି ବିଜ୍ଞାନ ବିଭାଗର ପ୍ରଫେସର ସୁକାନ୍ତ କୁମାର ନାୟକ ଫିସେରୀ ଗବେଷଣା ନିମନ୍ତେ ଚତୁର୍ଥ ଥର ସଫଳତାର ସହ ଟପ୍ ୨% ସାଇଣ୍ଟିଷ୍ଟ ର୍‌ୟାଙ୍କିଙ୍ଗ ବଜାୟ ରଖିଛନ୍ତି। ଏହି ସଫଳତା ପାଇଁ କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀ ଶୁଭେଚ୍ଛା ଜଣାଇଛନ୍ତି। ସେ କହିଛନ୍ତି ଯେ, ଏହି ଦୁଇଜଣ ଅଧ୍ୟାପକଙ୍କ ବିଶ୍ୱସ୍ତରୀୟ ଗବେଷଣା ଓ ସଫଳତା ବିଶ୍ୱବିଦ୍ୟାଳୟକୁ ଗୌରବାନ୍ୱିତ କରିଛି। ରାଜ୍ୟ ତଥା ଦେଶପାଇଁ ଏହା ଏକ ସମ୍ମାନର ବିଷୟ। ଅଧ୍ୟାପକଙ୍କ ସଫଳତା ଆମ ଛାତ୍ରଛାତ୍ରୀଙ୍କୁ ଗବେଷଣା ନିମନ୍ତେ ଅଧିକ ଅନୁପ୍ରେରିତ କରିବ ବୋଲି ମତବ୍ୟକ୍ତ କରିଛନ୍ତି। ସେହିପରି ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର କମଳଲୋଚନ ବାରିକ ଏବଂ ବିଶ୍ୱବିଦ୍ୟାଳୟର କୁଳସଚିବ ସୁମିତା ସିଂ ଅଧ୍ୟାପକ ଦ୍ୱୟଙ୍କ ଉଲ୍ଲେଖନୀୟ ଅବଦାନ ପାଇଁ ଅଭିନନ୍ଦନ ଜଣାଇଛନ୍ତି। ସୂଚନାଯୋଗ୍ୟ ଯେ, ଷ୍ଟାନଫୋର୍ଡ଼ ବିଶ୍ୱବିଦ୍ୟାଳୟ ଏବଂ ଏଲ୍‌ସେଭିୟର ଟପ୍ ୨% ସାଇଣ୍ଟିଷ୍ଟ ରାଙ୍କିଙ୍ଗକୁ ଗବେଷଣାର ଶ୍ରେଷ୍ଠତାର ମାନକ ରୂପେ ଗ୍ରହଣ କରିଥାଏ। ଏଥିରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଦୁଇ ଅଧ୍ୟାପକ ପୁନର୍ବାର ସ୍ଥାନ ବଜାୟ ରଖିବା ସେମାନଙ୍କ ବିଶ୍ୱସ୍ତରୀୟ ଗବେଷଣାକୁ ପ୍ରମାଣିତ କରିଛି। ଉକ୍ତ ସଫଳତା ପାଇଁ ଡକ୍ଟର ଜନ୍ମେଞ୍ଜୟ ନାୟକ ଓ ପ୍ରଫେସର ସୁକାନ୍ତ କୁମାର ନାୟକଙ୍କୁ ଶିକ୍ଷକ, ଛାତ୍ର ଓ ଶିକ୍ଷାବିତ୍ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

## ବାଛୁରୀପଡ଼ାରୁ ଅଳଙ୍କାର ଓ ଟଙ୍କା ଚୋରି

**ବୈଶିଙ୍ଗା, ୨୭।୯(ସମିସ):** ବୈଶିଙ୍ଗା ଥାନା ଅର୍ନ୍ତଗତ ବାଛୁରୀପଡ଼ା ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଛି। ସୂଚନା ଅନୁଯାଇ ମଧୂସୁଦନ ସାହୁ ଓ ତାଙ୍କ ସ୍ତ୍ରୀ ଝିଅର ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଶୁକ୍ରବାର ବାଲେଶ୍ୱର ଡାକ୍ତରଖାନାକୁ ନେଇଥିଲେ। ତେବେ କୌଣସି କରଣ ବଶତଃ ସେଠାରେ ସେମାନଙ୍କୁ ରାତିରେ ଡାକ୍ତରଖାନାରେ ରହିବାକୁ ପଡ଼ିଥିଲା। ଶନିବାର ସକାଳେ ଘରେ ପହଞ୍ଚି ଦେଖିଲାବେଳକୁ ତାଲା ଭଙ୍ଗାଯାଇ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଆଲମିରାରେ ଥିବା ସୁନା ଗହଣା, ମୋବାଇଲ ଓ ତିରିଶ ହଜାର ଟଙ୍କା ଚୋରି ହୋଇଯାଇଥିବା ନେଇ ସେ ପୁଲିସ ନିକଟରେ ଅଭିଯୋଗ କରିଛନ୍ତି। ପୁଲିସ ଅଭିଯୋଗ ପାଇ ତଦନ୍ତ ଆରମ୍ଭ କରିଛି।

**ଶ୍ରୀ ଦଶହରା ପୂଜା ସମିତି**

# ବିଜୟା ଦଶମୀରେ ୫୫ ଫୁଟର ରାବଣ, କୁମ୍ଭକର୍ଣ୍ଣ ପୋଡ଼ି

**ରାଉରକେଲା, ୨୭।୯ (ସମିସ)**



ଚଳିତବର୍ଷ ଶ୍ରୀ ଦଶହରା ପୂଜା ସମିତି ପକ୍ଷରୁ ଅକ୍ଟୋବର ୨ ତାରିଖ ଦିନ ରାବଣ ପୋଡ଼ି ଉତ୍ସବ ଏବଂ ବିଜୟାଦଶମୀ ଉତ୍ସବ ସ୍ଥାନୀୟ ସେକ୍ଟର-୧୩ ମେଳନ ପଡ଼ିଆରେ ଅନୁଷ୍ଠିତ ହେବ। ଏ ନେଇ ସଂଯୋଜକ ସୁରେଶ କେଜରିୱାଲ ଏବଂ ସଭାପତି ରାହୁଲ ଅଗ୍ରୱାଲ ଆଜି ଲୋରେଟୋ ଇଂଲିଶ ସ୍କୁଲରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଅକ୍ଟୋବର ୨ ସନ୍ଧ୍ୟା ୬ଟାରେ ଆୟୋଜିତ ହେବାକୁ ଥିବା ବିଜୟାଦଶମୀ ଉତ୍ସବ ଓ ରାବଣ ପୋଡ଼ି ପାଇଁ ଚଳିତ ବର୍ଷ ଗଠିତ ନୂତନ କର୍ମକର୍ତ୍ତାଙ୍କ ମଧ୍ୟରେ ସଭାପତି ଭାବେ ରାହୁଲ ଅଗ୍ରୱାଲ, ସମ୍ପାଦକ ପବନ ଖେମାନି ଏବଂ କୋଷାଧ୍ୟକ୍ଷ ଗୌରବ ସିଂଘଲ ପ୍ରମୁଖ ସୂଚନା ଦେଇ କହିଥିଲେ ଯେ ଚଳିତବର୍ଷ ରାବଣ ପୋଡ଼ି, ବିଜୟାଦଶମୀ ଉତ୍ସବ ଏବଂ ପ୍ରଭୁ ଶ୍ରୀରାମଙ୍କ ରାଜ୍ୟାଭିଷେକ ଉତ୍ସବ ଅନୁଷ୍ଠିତ ହେବ। ଏଥିପାଇଁ ଆଗ୍ରାର କାରିଗର ଶୌକତ ଅଲ୍ଲୀ ଏବଂ ନିଯୁକ୍ତ ଅଲ୍ଲୀଙ୍କ ଦ୍ୱାରା ନିର୍ମିତ ୫୫ ଫୁଟ ଉଚ୍ଚ ରାବଣର ପ୍ରତିମୂର୍ତ୍ତି ଏବଂ ୫୫ ଫୁଟ ଉଚ୍ଚ କୁମ୍ଭକର୍ଣ୍ଣର ପ୍ରତିମୂର୍ତ୍ତି ପ୍ରସ୍ତୁତ କରାଯାଉଛି। ଏହି କାର୍ଯ୍ୟକ୍ରମରେ ଆତସବାଜି ସହିତ ଡିଜିଟାଲ୍ ଆଲୋକୀକରଣର ଏକ ଚମତ୍କାର ପ୍ରଦର୍ଶନ କରାଯିବ। ଏହି ଅବସରରେ ପୂର୍ବତନ ସଭାପତି ଲଳିତ କେଜରିୱାଲ୍, ବିବେକ ପୋଦ୍ଦାର, ଦର୍ଶିତ ଠକ୍କର, ଗୌରବ ଅଗ୍ରୱାଲ୍, ପ୍ରତୀକ ଅଗ୍ରୱାଲ୍, କିଷାନ୍ ଅଗ୍ରୱାଲ୍, ଦେବାଂଶ ଅଗ୍ରୱାଲ୍, ଭବାନୀ ଭାଇ ଏବଂ ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ଏହି ବିଜୟାଦଶମୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ବେଳେ ସୁନ୍ଦରଗଡ଼ ଜିଲ୍ଲାପାଳ ଡକ୍ଟର ଶୁଭଙ୍କର ମହାପାତ୍ର, ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଏବଂ ରଘୁନାଥପାଲି ବିଧାୟକ ଦୁର୍ଗା ଚରଣ ତନ୍ତୀ ସମ୍ମାନିତ ଅତିଥି ଭାବରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସ୍ୱତନ୍ତ୍ର ଅତିଥି ଭାବରେ ପଶ୍ଚିମାଞ୍ଚଳ ରେଞ୍ଜ ପୁଲିସ ଡିଆଇଜି ବ୍ରିଜେଶ କୁମାର ରାୟ, ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ଦୀନାଃ ଦସ୍ତଗୀର, ରାଉରକେଲା ଆରକ୍ଷୀ ଅଧୀକ୍ଷକ ନୀତେଶ ୱାଧୱାନୀଙ୍କ ସମେତ ରାଉରକେଲା ଇସ୍ପାତ କାରଖାନା ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ସାମିଲ ହେବେ। ଶ୍ରୀ ଦଶହରା ସମିତି ପକ୍ଷରୁ ରାଉରକେଲା ସହରବାସୀଙ୍କୁ ନିଜ ପରିବାର ସହିତ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ବିଜୟାଦଶମୀର ମହିମା ବୃଦ୍ଧି କରିବାକୁ ସମସ୍ତଙ୍କୁ ନିବେଦନ କରାଯାଇଛି।

## ସ୍କର୍ପିଓ ଦୁର୍ଘଟଣାଗ୍ରସ୍ତ; ୭ ଗୁରୁତର

**କୋଇଡ଼ା,୨୭।୯ (ସମିସ):** ଫୁଟବଲ ମ୍ୟାଚ୍ ଖେଳି ଫେରୁଥିବାବେଳେ ଏକ ସ୍କର୍ପିଓ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୭ଜଣ ଗୁରୁତର ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଓଆର୍ ୦୯ ୩୩୭୧ ନମ୍ବର ବିଶିଷ୍ଟ ସ୍କର୍ପିଓ ସୁନ୍ଦରଗଡ଼ ଜିଲ୍ଲା କୋଇଡ଼ା ଥାନା ୫୨୦ ଜାତୀୟ ରାଜପଥ ରେଙ୍ଗାଲବେଡ଼ା ନିକଟରେ ଭାରସାମ୍ୟ ହରାଇ ଏକ ଟ୍ରେଲର ସହ ଧକ୍କା ହୋଇଥିଲା। ଦୁର୍ଘଟଣାରେ ୫ ଫୁଟବଲ ଖେଳାଳି ବିଶୁ ସୁଣ୍ଡି, କିରନ ମୁଣ୍ଡା, ଅମିତ ନାଏକ, ସୁରେନ ମୁଣ୍ଡା, ଜୋସେଫ ମୁଣ୍ଡାଙ୍କ ସମେତ ଚାଳକ ଯଶୋବନ୍ତ ନାଏକ ଓ ସଞ୍ଜୟ ନାଏକ ଗୁରୁତର ହୋଇଥିଲେ। ୨ ଗୁରୁତରଙ୍କୁ କୋଇଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇଥିଲା। ପରେ ତାଙ୍କୁ ରାଉରକେଲା ସ୍ଥାନାନ୍ତର କରାଯାଇଛି। କୋଇଡ଼ା ଅଞ୍ଚଳର ବନ୍ଧଲ ଗାଁରେ ଫୁଟବଲ ମ୍ୟାଚ୍ ଖେଳ ହେଉଥିଲା। ସେଠାରୁ ଖେଳ ସାରି କେନ୍ଦୁଝର ଗୁଆଲି ଫେରୁଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା।

## ଓଏଏସ୍‌ରେ ୬୦ତମ ସ୍ଥାନରେ ବିଶାଳ ପଟେଲ



**ରାଉରକେଲା, ୨୭।୯ (ସମିସ):** ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍)ରେ ୬୦ତମ ସ୍ଥାନରେ ରହିଛନ୍ତି ସୁନ୍ଦରଗଡ଼ର ବିଶାଳ ପଟେଲ। ସୁନ୍ଦରଗଡ଼ ପୌରପାଳିକାର ୱାର୍ଡ ନମ୍ବର ୧୪ ତାରିଣୀନଗରର ଆଇନଜୀବୀ ବାପା ନନ୍ଦଲାଲ ପଟେଲ, ମା' ଗୃହଣୀ ରୋହିଣୀ ପଟେଲଙ୍କ ପୁତ୍ର ବିଶାଳ ଜଣେ ମେଧାବୀ ଛାତ୍ର ଥିଲେ। ସେ ପ୍ରଥମ ପ୍ରୟାସରେ ଏହି ସଫଳତା ହାସଲ କରିଛନ୍ତି। ଏହି କୃତିତ୍ୱର ଶ୍ରେୟ ସେ ନିଜର ପିତା ମାତା ଏବଂ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ଦେଇଛନ୍ତି।

# ନାଟ୍ୟ ପଦଯାତ୍ରା ଓ ସାଂସ୍କୃତିକ କାର୍ଯ୍ୟକ୍ରମ




**ରାଉରକେଲା, ୨୭।୯ (ସମିସ):** ଓଡ଼ିଶା ନାଟ୍ୟସଂଘ, ରାଉରକେଲା ଶାଖା ପକ୍ଷରୁ ୩୮ତମ ଓଡ଼ିଶା ନାଟ୍ୟ ସଂଘ ଦିବସ ଉପଲକ୍ଷେ ନାଟ୍ୟ ଶୋଭାଯାତ୍ରା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସେକ୍ଟର-୫ ଗୁଣ୍ଡିଚା ମନ୍ଦିରଠାରୁ ବିଭିନ୍ନ ନାଟ୍ୟାନୁଷ୍ଠାନର କର୍ମକର୍ତ୍ତା, ଅଭିନେତା, ଅଭିନେତ୍ରୀ ପଦଯାତ୍ରାରେ ବାହାରିଥିଲେ। ପଦଯାତ୍ରା କଲଚରାଲ ଏକାଡେମୀ ପର୍ଯ୍ୟନ୍ତ ଯାଇଥିଲେ। ଏହି ଅବସରରେ ପଞ୍ଚତତ୍ୱ ନାଟ୍ୟ ଦଳ ପକ୍ଷରୁ ସ୍ୱଚ୍ଛତା ସମ୍ପର୍କିତ ପଥପ୍ରାନ୍ତ ସଚେତନତା ମୂଳକ ନାଟକ ପ୍ରଦର୍ଶିତ ହୋଇଥିଲା। ଏହି ନାଟକର ପରିକଳ୍ପନା ଓ ନିର୍ଦ୍ଦେଶନା ଜନ୍ମେଞ୍ଜୟ ମହାନ୍ତି ଦେଇଥିଲେ। ଏହି ଅବସରରେ ନାଟ୍ୟ ପ୍ରଦର୍ଶନ ଓ କଳାକାର ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଆଲୋଚକମାନେ ସେମାନଙ୍କ ବକ୍ତବ୍ୟରେ କହିଲେ ଯେ ନାଟକର ତଥ୍ୟ ଓ ଭାବ ବୁଝିଲେ ବ୍ୟକ୍ତିର ବିକାଶ ଓ ସାମର୍ଥ୍ୟର ବିକାଶ ହୋଇଥାଏ। ନାଟକ ମାଧ୍ୟମରେ ଅନେକ ଶିକ୍ଷା ମିଳିଥାଏ। ନାଟକ କେବଳ ମନୋରଞ୍ଜନ ନୁହେଁ, ବରଂ ଚିତ୍ତରଞ୍ଜନ ଓ ଆନନ୍ଦ ପ୍ରଦାୟକ ହେବା ଜରୁରୀ। ଭଲ ନାଟକ ପାଇଁ ଉଭୟ କଳାକାର ଓ ପ୍ରଯୋଜକଙ୍କ ଦାୟିତ୍ୱବାନ ଓ ନିଷ୍ଠାପର ଉଦ୍ୟମ ଦରକାର ବୋଲି ଆଲୋଚକମାନେ ମତ ରଖିଥିଲେ।

ଓଡ଼ିଶା ନାଟ୍ୟ ସଂଘ ସୁନ୍ଦରଗଡ଼ ଜିଲ୍ଲା ସଂଯୋଜକ ପ୍ରଫୁଲ୍ଲ ସେଠୀ ଓ ସଂଘର ପଶ୍ଚିମାଞ୍ଚଳ ଯୁଗ୍ମ ସମ୍ପାଦକ ଆଲୋକରଞ୍ଜନ ବୋଷଙ୍କ ଆବାହକତ୍ୱରେ ଆୟୋଜିତ ପଦଯାତ୍ରା ଓ ଆଲୋଚନାଚକ୍ରରେ ଡ. ସମର ମୁଦାଲି, ରାଜୀବ ପାଣି, ପ୍ରଫୁଲ୍ଲ ସାମଲ, ବିଲୋଚନ ପାତ୍ର, ସୁରେନ୍ଦ୍ର ପାଢ଼ୀ, ବ୍ରଜେନ୍ଦ୍ର ଦାଶ, ଭାସ୍କର ମହାପାତ୍ର, ମନୋଜ ବକ୍ସି, ଅଶୋକ କୁମାର ରାଉତ, ବିଜୟ ପାତ୍ର, ପ୍ରଦୀପ ପାଣିଗ୍ରାହୀ, ପ୍ରଣବ ପାଣିଗ୍ରାହୀ, ଡ. କୃପାସିନ୍ଧୁ ନାୟକ, କିଶୋର ମହାରଣା, ଭାସ୍କର ଚନ୍ଦ୍ର ସାହୁ, ସତ୍ୟ ମିଶ୍ର, ପ୍ରଦୀପ୍ତ ରାୟ, ଶରତ ଦାସ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଶେଷରେ ସଂଘର ସୁନ୍ଦରଗଡ଼ ଜିଲ୍ଲା ସହ ସଂଯୋଜିକା କନକଲତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସହରର ବହୁ ନାଟ୍ୟପ୍ରେମୀ, ନାଟ୍ୟକର୍ମୀ ଓ କଳାକାର ଯୋଗ ଦେଇଥିଲେ।

# ଆର୍‌ଏସ୍‌ପିକୁ ଇସ୍ପାତ ସୁରକ୍ଷା ପୁରସ୍କାର



**ରାଉରକେଲା, ୨୭।୯ (ସମିସ):** ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି) ୨୦୨୨ରୁ ୨୦୨୪ ପର୍ଯ୍ୟନ୍ତ ବିଭିନ୍ନ ଜୋନ୍‌ରେ ଶୂନ୍ୟ ଦୁର୍ଘଟଣା ସହିତ ନିଜର ଉତ୍କୃଷ୍ଟ ସୁରକ୍ଷା ରେକର୍ଡ ନିମନ୍ତେ ଇସ୍ପାତ ଶିଳ୍ପରେ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ ପରିବେଶ ଉପରେ ମିଳିତ କମିଟି (ଜେସିଏସ୍‌ଏସ୍‌ଆଇ) ଠାରୁ ବହୁ ପୁରସ୍କାର ଲାଭ କରିଛି। ମନ୍ଥନ ସମ୍ମିଳନୀ କକ୍ଷରେ ସେପ୍ଟେମ୍ବର ୨୬ ତାରିଖ ଦିନ ଆୟୋଜିତ ଏକ କାର୍ଯ୍ୟକ୍ରମରେ, ଆର୍‌ଏସ୍‌ପି ଓ ବୋକାରୋ ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ପୁରସ୍କାର ବିଜେତା ବିଭାଗଗୁଡ଼ିକର ସିଜିଏମ୍/ବିଭାଗୀୟ ମୁଖ୍ୟମାନଙ୍କୁ ପୁରସ୍କାର ପ୍ରଦାନ କରିଛନ୍ତି। ଏହି ଅବସରରେ ମାନବସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନୀଲ କୁମାର, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମ୍ ପି ସିଂହ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସ୍ ପାଲ ଚୌଧୁରୀ, ବିତ୍ତ ଓ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକଙ୍କ ଅତିରିକ୍ତ ଦାୟିତ୍ୱ ବହନ କରୁଥିବା ସିଜିଏମ୍ ରାଜେଶ ଦାସଗୁପ୍ତା, ସିଏମ୍‌ଓ ଇନ୍‌ଚାର୍ଜ ଡକ୍ଟର ଜୟନ୍ତ କୁମାର ଆଚାର୍ଯ୍ୟଙ୍କ ସମେତ କାରଖାନାର ବହୁ ସିଜିଏମ୍, ବିଭାଗୀୟ ମୁଖ୍ୟ ଏବଂ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। କୋକ୍ ଓଭେନ୍ ଏବଂ ସିସିଡି ବିଭାଗ, ଷ୍ଟିଲ୍ ମେଲ୍ଟିଂ ସପ୍(ଏସ୍‌ଏମ୍‌ଏସ୍-୧ ଏବଂ ୨ ) ଏବଂ ରୋଲିଂ ମିଲ୍ସ (ହଟ୍ ଷ୍ଟ୍ରିପ୍ ମିଲ୍, ନୂତନ ପ୍ଲେଟ୍ ମିଲ୍ ଏବଂ ପ୍ଲେଟ୍ ମିଲ୍) ୨୦୨୨ -୨୩ ଏବଂ ୨୦୨୩-୨୪ ଉଭୟ ବର୍ଷ ପାଇଁ ଏହି ପୁରସ୍କାର ଜିତିଛନ୍ତି। ବ୍ଲାଷ୍ଟ ଫର୍ଣ୍ଣେସ୍, ସିଣ୍ଟରିଂ ପ୍ଲାଣ୍ଟ ଏବଂ କଞ୍ଚାମାଲ ହ୍ୟାଣ୍ଡଲିଂ ପ୍ଲାଣ୍ଟ (ଆର୍‌ଏମ୍‌ଏଚ୍‌ପି) ଏବଂ ସେବା କ୍ଷେତ୍ର (ସେବା, ଟ୍ରାଫିକ୍ ଏବଂ କଞ୍ଚାମାଲ, ଉପଯୋଗିତା, କେନ୍ଦ୍ରୀୟ ରକ୍ଷଣାବେକ୍ଷଣ, ରାସ୍ତା) ୨୦୨୩-୨୪ ବର୍ଷ ପାଇଁ ପୁରସ୍କାର ଲାଭ କରିଛନ୍ତି। ରାଉରକେଲା ଇସ୍ପାତ କାରଖାନାକୁ ୨୦୨୪ ବର୍ଷ ପାଇଁ 'ଠିକା ଶ୍ରମିକଙ୍କ ଶୂନ୍ୟ ଘାତକ ଦୁର୍ଘଟଣା' ଏବଂ 'ଶୂନ୍ୟ ଘାତକ ଦୁର୍ଘଟଣା' ପାଇଁ ପୁରସ୍କୃତ କରାଯାଇଛି। ବ୍ୟକ୍ତିଗତ ବର୍ଗରେ, ପାଇପ୍ ପ୍ଲାଣ୍ଟର ଜୁନିୟର ଇଞ୍ଜିନିୟର ବାଦଲ କୁମାର କର ପୋଷ୍ଟର ଡିଜାଇନିଂରେ ପ୍ରଥମ ପୁରସ୍କାର ହାସଲ କରିଥିବାବେଳେ କୋକ୍ ଓଭେନ୍ ବିଭାଗର ଇଞ୍ଜିନିୟରିଂ ଆସୋସିଏଟ୍ ଦୀପକ କୁମାର ଦେ ପୋଷ୍ଟର ଡିଜାଇନିଂ ଏବଂ ସୁରକ୍ଷା କ୍ୟାଲେଣ୍ଡର ଡିଜାଇନିଂ ଉଭୟ ପାଇଁ ପ୍ରଥମ ପୁରସ୍କାର ହାସଲ କରିଛନ୍ତି। ଶ୍ରୀ ବର୍ମା ସମସ୍ତ ପୁରସ୍କାର ବିଜେତା ବିଭାଗ ଏବଂ ଏଥିରେ ପୁରସ୍କାର ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇ, ଜୀବନର ପ୍ରତ୍ୟେକ କ୍ଷେତ୍ରରେ ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦେବା ଉପରେ ମତବ୍ୟକ୍ତ କରିଥିଲେ। ଏହି ପୁରସ୍କାର ସମାରୋହ ପରେ ଅନୁଷ୍ଠିତ ସୁରକ୍ଷା ସମୀକ୍ଷା ବୈଠକରେ ଶ୍ରୀ ବର୍ମା ସୁରକ୍ଷା ନିୟମକୁ ଆହୁରି ସୁଦୃଢ଼ କରିବା ପାଇଁ ଆର୍‌ଏସ୍‌ପି ଦ୍ୱାରା ଗ୍ରହଣ କରାଯାଇଥିବା ପଦକ୍ଷେପମାନ ଏବଂ ଭବିଷ୍ୟତ ଯୋଜନାଗୁଡ଼ିକର ସମୀକ୍ଷା କରିଥିଲେ।

## 'ଏକ ଦିନ, ଏକ ଘଣ୍ଟା, ଏକା ସାଥେ ଶ୍ରମଦାନ'



**ରାଉରକେଲା, ୨୭।୯ (ସମିସ):** ଆର୍‌ଏସ୍‌ପି ପକ୍ଷରୁ 'ଏକ ଦିନ, ଏକ ଘଣ୍ଟା, ଏକାସାଥେ ଶ୍ରମଦାନ' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ସେକ୍ଟର-୧୯ସ୍ଥିତ ଗଜପତି ମାର୍କେଟ୍ ଏବଂ ସେକ୍ଟର-୪ ସ୍ଥିତ ଲକ୍ଷ୍ମୀ ମାର୍କେଟଠାରେ ଏହା ଆୟୋଜିତ ହୋଇଥିଲା। ଇସ୍ପାତ ଗଜପତି ମାର୍କେଟର ସ୍ୱଚ୍ଛତା ସ୍ୱାଭିମାନ ଗୋଷ୍ଠୀର ସଦସ୍ୟମାନେ ରାସ୍ତା, ଡ୍ରେନ୍ ଏବଂ ସଂଲଗ୍ନ ଅଞ୍ଚଳ ସଫା କରିଥିଲେ। ସେହିଭଳି ସେକ୍ଟର-୪ ସ୍ଥିତ ଲକ୍ଷ୍ମୀ ମାର୍କେଟ୍ ପରିସରକୁ ସଫା କରାଯାଇଥିଲା। ଟାଉନ୍ ଇଞ୍ଜିନିୟରିଂ ବିଭାଗର ଜନସ୍ୱାସ୍ଥ୍ୟ ୟୁନିଟ୍ ସହିତ ସମନ୍ୱୟ ରଖି ଲକ୍ଷ୍ମୀ ବଜାର କମିଟି ସ୍ଥାନୀୟ ଅଂଶଗ୍ରହଣକାରୀଙ୍କୁ ସଂଗଠିତ ଏବଂ ପ୍ରେରିତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ଉଭୟ ସ୍ଥାନରେ ଟାଉନ୍ ଇଞ୍ଜିନିୟରିଂ ଜନସ୍ୱାସ୍ଥ୍ୟ ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ରସାନନ୍ଦ ପ୍ରଧାନଙ୍କ ଦ୍ୱାରା ମଶା ବଂଶବୃଦ୍ଧି ଏବଂ ଡେଙ୍ଗୁ ରୋକିବା ପାଇଁ ବ୍ୟବହାରିକ ଟିପ୍ସ ସହିତ ବ୍ୟକ୍ତିଗତ ଏବଂ ସାମୂହିକ ପରିଚ୍ଛନ୍ନତାର ଗୁରୁତ୍ୱ ଉପରେ ସଚେତନତା କରାଯାଇଥିଲା। ଏହି ସ୍ୱଚ୍ଛତା ଅଭିଯାନରେ ସ୍ଥାନୀୟ ବାସିନ୍ଦା, ବ୍ୟବସାୟୀ ଅଂଶଗ୍ରହଣ କରିଥିଲେୟ। ଆର୍‌ଏସ୍‌ପିର ମାନବସମ୍ବଳ ବିଭାଗ ଏବଂ ଟାଉନ୍ ଇଞ୍ଜିନିୟରିଂ ବିଭାଗର ଜନସ୍ୱାସ୍ଥ୍ୟ ୟୁନିଟ୍ ଦ୍ୱାରା ମିଳିତ ଭାବେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## 'ଲୌକିକ ଅମୃତଧାରା: ଭାଗବତ' ଆଲୋଚନା




**ରାଉରକେଲା, ୨୭।୯ (ସମିସ):** ବରଟୋଲିସ୍ଥିତ ଶ୍ରୀଶ୍ରୀ ରାମେଶ୍ୱର ବାଟିକା ଆନୁକୂଲ୍ୟରେ ଭାଗବତ ଅଗଣା ଏବଂ ବରଟୋଲି ସାଂସ୍କୃତିକ ପରିଷଦ ପକ୍ଷରୁ ଭାଗବତ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଅକ୍ଷୟ କୁମାର ଦାସଙ୍କ ଅଧ୍ୟକ୍ଷତା ଏବଂ ରମାକାନ୍ତ ସୁତାରଙ୍କ ସଂଯୋଜନାରେ ଆୟୋଜିତ 'ଲୌକିକ ଅମୃତଧାରା: ଭାଗବତ' ଶୀର୍ଷକ ଏହି ଭାଗବତ ଆଲୋଚନାଚକ୍ରରେ ରାଉରକେଲା କଲେଜ, ରାଉରକେଲାର ଅଧ୍ୟକ୍ଷ ତଥା ଅଖିଳ ଭାରତୀୟ ସାହିତ୍ୟ ପରିଷଦ, ରାଉରକେଲା ମହାନଗରର ସଭାପତି ଡ. ରବୀନ୍ଦ୍ର କୁମାର ଜେନା ମୁଖ୍ୟ ଅତିଥି, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସେକ୍ଟର-୬ର ପ୍ରଧାନଆଚାର୍ଯ୍ୟ ସୁରେନ୍ଦ୍ର କୁମାର ଶତପଥୀ ଏବଂ ସାହିତ୍ୟ ପରିଷଦ, ମାଧବ ନଗର ଶାଖାର ନଗର ପାଳକ ତଥା ବରିଷ୍ଠ ଶିକ୍ଷୟିତ୍ରୀ ନିରୁପମା ପତି ବିଷୟ ବିଶେଷଜ୍ଞ ଭାବରେ ଯୋଗଦେଇ ଭାଗବତରେ ଗୁରୁ ପରମ୍ପରା ଓ ଭକ୍ତିମତ୍ତା ସମ୍ପର୍କରେ ବିଶେଷ ଆଲୋଚନା କରିଥିଲେ। ପ୍ରାକ୍ କଥନ ରଖିଥିଲେ ସାହିତ୍ୟ ପରିଷଦ, ମାଧବ ନଗର ସଭାପତି ବ୍ରଜେନ୍ଦ୍ର କୁମାର ଦାଶ। ଏତଦ୍‌ବ୍ୟତୀତ ରାଉରକେଲାର ବିଶିଷ୍ଟ କବି ତାରିଣୀ ଚରଣ ସାହୁ, ହରମୋହନ ମିଶ୍ର ଏବଂ ଅଧ୍ୟାପକ କରୁଣାକର ପାଟଶାଣୀ ମଞ୍ଚାସୀନ ଥିଲେ। ଭାଗବତ ଅଗଣାର ସଭାପତି ସୁପ୍ରଭା ଆଚାର୍ଯ୍ୟ, ରାମକୃଷ୍ଣ ତ୍ରିପାଠୀ, ଅଜୟ ପାଣି, ସୁସ୍ମିତା ମହାପାତ୍ର, ଧରିତ୍ରୀ ପାଇକରାୟ, ସୌମ୍ୟରଞ୍ଜନ ପ୍ରଧାନ, ସୁଶାନ୍ତ ପଟେଲ, ରବୀନ୍ଦ୍ର ସାହୁ, ସୁରେନ୍ଦ୍ର ଦାସ, ଧନେଶ୍ୱର ଦାସ, ସମୀର କୁମାର ପଟ୍ଟନାୟକ, ରଣଜିତ ବିଶ୍ୱାଳ, ତୁଷାର କାନ୍ତି ପଟ୍ଟନାୟକ, ଅଶୋକ କୁମାର ରାଉତରାୟ, ଲକ୍ଷ୍ମୀବାଳା ଆଚାର୍ଯ୍ୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ ପ୍ରଦାନ କରିଥିଲେ। ଶେଷରେ ଚନ୍ଦ୍ରକାନ୍ତ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

**ଉଚ୍ଚ ମାଧ୍ୟମିକ ସ୍କୁଲ କବାଡ଼ି ବାଳକ ପ୍ରତିଯୋଗିତା**

# ମ୍ୟୁନିସିପାଲ ଉଚ୍ଚ ମାଧ୍ୟମିକ ସ୍କୁଲ ଚାମ୍ପିଅନ



ରାଉରକେଲା, ୨୭।୯ (ସମିସ): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଓଡ଼ିଶା ଭୁବନେଶ୍ୱର ଆନୁକୂଲ୍ୟରେ ଯୁକ୍ତ ୨ ଆନ୍ତଃ ଉଚ୍ଚ ମାଧ୍ୟମିକ ସ୍କୁଲ କବାଡ଼ି ବାଳକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମ୍ୟୁନିସିପାଲ ଉଚ୍ଚ ମାଧ୍ୟମିକ ସ୍କୁଲ ଚାମ୍ପିଅନ ହୋଇଥିବା ଜଣାପଡ଼ିଛି। ଏହି ପ୍ରତିଯୋଗିତାରେ ୧୭ଟି ଜୋନ୍ ଭାଗ ନେଇଥିଲେ। ଫାଇନାଲ ମ୍ୟାଚଟି ମ୍ୟୁନିସିପାଲ ଉଚ୍ଚ ମାଧ୍ୟମିକ ସ୍କୁଲ ରାଉରକେଲା ଏବଂ ମାଣ୍ଡସିଲ ଉଚ୍ଚ ମାଧ୍ୟମିକ ସ୍କୁଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଫାଇନାଲ ମ୍ୟାଚରେ ଦୁଇଟି ଯାକ ଟିମର ସ୍କୋର ୩୨-୩୨ ରେ ସମାନ ରହିବାରୁ ୫ ରେଡ୍ ନିଷ୍ପତ୍ତି ଆଧାରରେ ବିଜୟୀ ଘୋଷଣା କରାଯାଇଥିଲା। ଏଥିରେ ମ୍ୟୁନିସିପାଲ ଉଚ୍ଚ ମାଧ୍ୟମିକ ସ୍କୁଲ ରାଉରକେଲା ୧୧-୩ ବ୍ୟବଧାନରେ ମାଣ୍ଡସିଲ ସ୍କୁଲକୁ ପରାସ୍ତ କରି ଲଗାତାର ଦ୍ୱିତୀୟ ବର୍ଷ ପାଇଁ ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିଲା।

ମୁଖ୍ୟ ଅତିଥି ରୂପେ ରାଉରକେଲାର ବିଧାୟକ ସାରଦା ପ୍ରସାଦ ନାୟକ ଯୋଗଦେଇ ବିଜେତା ଏବଂ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଏହିଅବସରରେ ମ୍ୟୁନିସିପାଲ ସ୍କୁଲର କ୍ରୀଡ଼ା ଶିକ୍ଷକ କ୍ୟାପଟେନ୍ ସତ୍ୟ ନାରାୟଣ ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ପ୍ରତିଯୋଗିତାର ନିରୀକ୍ଷକ ଭାବେ ସତ୍ୟ ରଞ୍ଜନ ପଣ୍ଡା ଉପସ୍ଥିତ ରହିଥିଲେ। ଅଫିସିଆଲ ଭାବେ ବିଦ୍ୟାଧର ସେଠୀ, ନରହରି ପଣ୍ଡା, ଆକାଶ ସିନ୍ଦେରିଆ, ବଜରଙ୍ଗ ବାଗ, କାହ୍ନୁ ଦଳେଇ, ଅଜୟ କୁମାର ରାଉତ, ନିରଞ୍ଜନ ମଲ୍ଲିକ, ପ୍ରମିଳା ମାଡାମ ନିରପେକ୍ଷ ଭାବରେ ନିଜର ଦାୟିତ୍ୱ ତୁଲାଇଥିଲେ। ମ୍ୟୁନିସିପାଲ ଉଚ୍ଚ ମାଧ୍ୟମିକ ସ୍କୁଲର ଅଧ୍ୟକ୍ଷ ପ୍ରଫେସର ହରିହର ଦାଶ ସମସ୍ତଙ୍କୁ ସାଧୁବାଦ ଜଣାଇଥିଲେ। ପ୍ରତିଯୋଗିତାକୁ ସଫଳ କରିବାରେ ସ୍କୁଲର କିରଣ ଏରିକା ଖାଲଖୋ, ସୁରଜ ତନ୍ତୀ ଏବଂ ବଡ଼ାଇକ ଅକ୍ଳାନ୍ତ ପରିଶ୍ରମ କରିଥିବାରୁ ତାଙ୍କୁ ମଧ୍ୟ ସାଧୁବାଦ ଜଣାଇଥିଲେ। ଫାଇନାଲ ମ୍ୟାଚରେ ସ୍କୁଲ ପକ୍ଷରୁ ବିଜୟ କୁମାର ପାଢ଼ୀ, ହେମନ୍ତ କୁମାର ପୁହାଣ, ଦୀପ୍ତି ରଞ୍ଜନ ମହାନ୍ତି ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆସନ୍ତା କାଲି ଜାତୀୟ ସ୍କୁଲ କବାଡ଼ି ବାଳକ ପ୍ରତିଯୋଗିତା ପାଇଁ ଚୟନ ପ୍ରକ୍ରିୟା ଆରମ୍ଭ ହେବ। ଯେଉଁଥିରେ ପୂରା ଓଡ଼ିଶାରୁ ପ୍ରାୟ ୧୨୦ରୁ ଉର୍ଦ୍ଧ୍ୱ ଖେଳାଳି ଏହି ଚୟନ ପ୍ରକ୍ରିୟାରେ ଅଂଶ ଗ୍ରହଣ କରିବେ ବୋଲି ଆଶା କରାଯାଉଛି। ଯେଉଁ ଖେଳାଳି ଚୟନିତ ହେବେ ସେମାନେ ଅକ୍ଟୋବର ୨୯ ତାରିଖରେ ହରିୟାଣାର ପାନିପଥଠାରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ସ୍କୁଲ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ ବୋଲି ସୂଚନା ମିଳିଛି।

## କମ୍ପ୍ୟୁଟର ମନିଟର ଚୋରି କରି ଜଣେ ଗିରଫ

**ରାଉରକେଲା, ୨୭।୯ (ସମିସ):** ଏକ ଅଫିସ୍‌ରୁ କମ୍ପ୍ୟୁଟର ମନିଟର ଚୋରି କରିବା ଅଭିଯୋଗରେ ସେକ୍ଟର-୧୯ ଥାନା ପୁଲିସ ସେକ୍ଟର-୧୮ ବି ବ୍ଲକ ସମଲେଶ୍ୱରୀ ବସ୍ତିର ବିକାଶ ମୁର୍ଗି (୧୮)କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତା'ଠାରୁ ଗୋଟିଏ କମ୍ପ୍ୟୁଟର ମନିଟର ଜବତ କରାଯାଇଛି। ସେକ୍ଟର-୧୯, ବି-୧୯୦ କ୍ୱାର୍ଟର୍ସରେ ଆଇରନ୍ ଆଣ୍ଡ ଷ୍ଟିଲ କ୍ରେଡିଟ୍ କର୍ପୋରେସନ ସୋସାଇଟି ଲିମିଟେଡ୍ ନାମକ ଏକ ଅଫିସ ରହିଛି। ମାଲିକ ପ୍ରଫୁଲ୍ଲ କୁମାର ସ୍ୱାଇଁଙ୍କ ଭାଇ ଦଶାହ କାର୍ଯ୍ୟରେ ଯୋଗ ଦେବାକୁ ଅଗଷ୍ଟ ୯ରୁ ୧୩ ତାରିଖ ଯାଏଁ ଯାଇଥିବାରୁ ତାଙ୍କର ଅଫିସ ବନ୍ଦ ରହିଥିଲା। ୧୪ ତାରିଖ ସକାଳେ ଅଫିସ ଖୋଲି ଭିତରକୁ ଗଲା ପରେ ସିଲିଂ ଓ ଛାତ ଭଙ୍ଗା ଯାଇଥିବା ଦେଖିବାକୁ ପାଇଥିଲେ। ପରେ କମ୍ପ୍ୟୁଟର ମନିଟର ଚୋରି ହୋଇଥିବା ଜାଣି ଥାନାରେ ଅଭିଯୋଗ କରିଥିଲେ।

# ସହିଦ ଭଗତ ସିଂହଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ

**ରାଉରକେଲା, ୨୭।୯ (ସମିସ)**



ଭାରତର ମହାନ ସ୍ୱାଧୀନତା ସଂଗ୍ରାମୀ ଭଗତ ସିଂହଙ୍କ ୧୧୭ତମ ଜନ୍ମ ଜୟନ୍ତୀ ସିପିଆଇଏମ୍ ରାଉରକେଲା ଆଞ୍ଚଳିକ କମିଟି, ଭାରତର ଗଣତାନ୍ତ୍ରିକ ଯୁବ ଫେଡେରେସନ, ସୁନ୍ଦରଗଡ଼ ଜିଲ୍ଲା କମିଟି, ଭାରତର ଛାତ୍ର ଫେଡେରେସନ ଓ ସହିଦ ଭଗତ ସିଂହ ଷ୍ଟାଚ୍ୟୁ କମିଟି ପକ୍ଷରୁ ପାଳିତ ହୋଇଯାଇଛି। ସିପିଆଇଏମ୍ ରାଉରକେଲା ଆଞ୍ଚଳିକ କମିଟି ସମ୍ପାଦକ ରାଜକିଶୋର ପ୍ରଧାନଙ୍କ ସଭାପତିତ୍ୱରେ ଛେଣ୍ଡ କଲୋନୀସ୍ଥିତ ସହିଦ ଭଗତ ସିଂହଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହି ଅବସରରେ ସିଆଇଟିୟୁ ରାଜ୍ୟ ଉପସଭାପତି ବିମାନ ମାଇତି, ସିପିଆଇଏମ୍ ସୁନ୍ଦରଗଡ଼ ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଦସ୍ୟ ଶ୍ରୀମନ୍ତ ବେହେରା, ସୁରେନ୍ଦ୍ର ଦାଶ, ବି ପି ମହାପାତ୍ର, ବସନ୍ତ ନାୟକ, ଷ୍ଟାଚ୍ୟୁ କମିଟି ଉପାଧ୍ୟକ୍ଷ ଚନ୍ଦ୍ରଭାନୁ ଦାସ, ସାଧାରଣ ସମ୍ପାଦକ ବିଶ୍ୱଜିତ ମାଝୀ, ଯୁବ ଫେଡେରେସନ ଜିଲ୍ଲା ସଭାପତି ଶେଖର ଶର୍ମା, ସତ୍ୟମ୍ ତନ୍ତୀ, ସମାଜସେବୀ ଭରତ ବାଇ ପ୍ରମୁଖ ଯୋଗ ଦେଇଥିଲେ। ଭାରତର ସ୍ୱାଧୀନତା ଆନ୍ଦୋଳନରେ ଭଗତ ସିଂହଙ୍କ ଅଗ୍ରଣୀ ଭୂମିକା ରହିଥିଲା। ଯାହା ଚିର ଦିନ ପାଇଁ ସମଗ୍ର ଦେଶବାସୀଙ୍କ ନିକଟରେ ବିଶେଷ କରି ଯୁବପିଢ଼ିଙ୍କ ପାଇଁ ଆଦର୍ଶ ହୋଇ ରହିବ। ତେଣୁ ଯୁବପିଢ଼ି ଭଗତ ସିଂହଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ।

ଭଗତ ସିଂହ ଆଜିର ଦିନରେ ପଞ୍ଜାବରରେ ୧୯୦୭ ମସିହାରେ ଜନ୍ମଗ୍ରହଣ କରିଥିଲେ ଓ ଇଂରେଜ ସରକାର ବିରୋଧରେ ଭାରତର ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇଥିଲେ। ତାଙ୍କୁ ମାତ୍ର ୨୩ ବର୍ଷ ବୟସରେ ୧୯୩୧ ମସିହା ମାର୍ଚ୍ଚ ୨୩ ତାରିଖରେ ଇଂରେଜ ସରକାର ତାଙ୍କର ଦୁଇ ସହଯୋଦ୍ଧା ଶୁକଦେବ ଓ ରାଜଗୁରୁଙ୍କ ସହିତ ଫାଶୀ ଦେଇଥିଲେ। ସହିଦ ଭଗତ ସିଂହ ପୂର୍ଣ୍ଣ ସ୍ୱରାଜ୍ୟ ଦାବି କରି ଦେଶର ଯୁବପିଢ଼ିଙ୍କ ନିକଟରେ ଖୁବ୍ ଆଦୃତ ହୋଇଥିଲେ। ଯେଉଁ ଦାବିକୁ ପରବର୍ତ୍ତୀ ସମୟରେ କଂଗ୍ରେସ ଏକ ପ୍ରମୁଖ ଦାବି ଭାବରେ ଇଂରେଜ ସରକାର ନିକଟରେ ରଖିଥିଲେ। ଭଗତ ସିଂହ କହିଥିଲେ, କେବଳ ସରକାର ପରିବର୍ତ୍ତନ ହେଲେ ହେବ ନାହିଁ ସମାଜ ବ୍ୟବସ୍ଥାର ପରିବର୍ତ୍ତନ ହେବା ଜରୁରୀ। ଏହି ଅବସରରେ ସିପିଆଇଏମ୍ ନେତା ଲକ୍ଷ୍ମୀଧର ନାୟକ, ଦିବାକର ମହାରଣା, ପ୍ରଦୀପ ସେଠୀ, ପ୍ରଭାତ ମହାନ୍ତି, ସଚିନ ରାୟ, ଏନ୍ କେ ରାଉତରାୟ, ପରେଶ୍ ମହାନ୍ତି, କୁଳମଣି ରାଉତ, ଉମାକାନ୍ତ ରାୟ, ନରେନ୍ଦ୍ର ମହନ୍ତ, ବିଶ୍ୱଜିତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# କଟକ ସିଟି



## ପୀଠରେ ମା'ଙ୍କ ଷୋଡ଼ଶ ଉପଚାର ପୂଜା



ମା' ଗଡ଼ଚଣ୍ଡୀଙ୍କ ଅନ୍ନପୂର୍ଣ୍ଣା ବେଶ



ମା' ଝାଞ୍ଜିରୀମଙ୍ଗଳାଙ୍କ ଉଗ୍ରତାରା ବେଶ



ମା' ବାସନ୍ତୀ ଦୁର୍ଗାଙ୍କ ନୀଳ ସରସ୍ୱତୀ ବେଶ



ମା' ଧାକୁଲେଇଙ୍କ ଅନ୍ନପୂର୍ଣ୍ଣା ବେଶ



ପାର୍ବଣମୁଖର ହୋଇଛି ରୌପ୍ୟନଗରୀ । ଆଜି ମା'ଙ୍କୁ ବିଲ୍ୱବରଣ କରାଯିବ । ଏହା ପରେ ମଣ୍ଡପରେ ଆବାହାନୀ ହେବେ ମହାମାୟୀ । ଆସନ୍ତା ସୋମବାର ମହା ସପ୍ତମୀ ପୂଜାରେ ସହରର ପ୍ରତ୍ୟେକ ମଣ୍ଡପରେ ମା' ଦୁର୍ଗାଙ୍କ ଚକ୍ଷୁଦାନ କରାଯିବ । ସହରର ୧୭୦ଟି ମଣ୍ଡପରେ ଆଜି କରାଯିବ 'ଷଷ୍ଠୀ ପୂଜା' । କଲେଜଛକ, ଶେଖବଜାର, ରାଣୀହାଟ, ଦରଘାବଜାର, କାଜିବଜାର, ଚାନ୍ଦିନୀଚୌକ, ଫିରିଙ୍ଗି ବଜାର, ଚୌଧୁରୀବଜାର, ଅଲିଶା ବଜାର, ଚାଉଳିଆଗଞ୍ଜ, ବାଲୁବଜାର, ହରିପୁର-ଦୋଳମୁଣ୍ଡାଇ, କାଠଗଡ଼ା ସାହି, ମାଛୁଆବଜାର, ଶିଖରପୁର-ଗଣ୍ଡରପୁର, ଗଣେଶ ଘାଟ, ଖାନନଗର, ଖଟବିନ୍ ସାହି, ପିଠାପୁର, ବୁଢ଼ୀ ଠାକୁରାଣୀ, ତୁଳସୀପୁର ଓ ଛତ୍ରବଜାର, ଗଙ୍ଗା ମନ୍ଦିର ଭଳି ସହରର ପ୍ରମୁଖ ପୂଜା ମଣ୍ଡପରେ ମା'ଙ୍କୁ ପରମ୍ପରା ଅନୁସାରେ, ମା'ଙ୍କ ନିକଟରେ ବିଲ୍ୱବରଣୀ ପୂଜା ହେବା ପାଇଁ ପ୍ରସ୍ତୁତି ଶେଷ ହୋଇଛି । ଏବେ ବାଉନ ବଜାର ତେପନଗଳିର ଏହି ସହରରେ ୧୭୦ରୁ ଅଧିକ ମନଲୋଭା ମେଢ଼ । ନିଜ ସାହି ପୂଜାକୁ ଆକର୍ଷଣୀୟ କରିବା ପାଇଁ ଚାଲିଛି ଜୋରଦାର୍ ପ୍ରତିଯୋଗିତା । ଏହି ପ୍ରତିଯୋଗିତାରେ ତୋରଣ ଏବଂ ଆଲୋକମାଳାକୁ ଗୁରୁତ୍ୱ ଦିଆଯାଉଛି । ନିଶାମୁକ୍ତ ଭସାଣ ଓ ଡିଜେମୁକ୍ତ ରୋଶଣିକୁ ଗୁରୁତ୍ୱ ଦେଉଛି ଉଭୟ ପୂଜା କମିଟି ଓ କମିଶନରେଟ୍ ପୁଲିସ । ଖାଲି କଟକିଆ କି କଟକକୁ ବୁଲି ଆସୁଥିବା ଲୋକ ନୁହଁନ୍ତି, ଖୋଦ୍ କଟକ ପାଳୁଛି ପାର୍ବଣର ମହାପର୍ବ...

# ପାର୍ବଣମୁଖର କଟକ ଆଜି ମଣ୍ଡପରେ ଷଷ୍ଠୀ ପୂଜା

କଟକ,୨୭ ।୯ (ସମିସ):

ପାର୍ବଣ ମୁଖର ହୋଇଛି କଟକ ସହର। ଆଧୁନିକ ଜୀବନଚର୍ଯ୍ୟା ଭିତରେ ପୂଜା ତା'ର କଳେବର ବଦଳାଇ ନାହିଁ। ଏବେ ବି କଟକରେ ଦଶହରା ତା'ର ମୌଳିକତାକୁ ଅକ୍ଷୁର୍ଣ୍ଣ ରଖିଛି। ଏଥର ଖାନନଗରରେ 'ମିଶନ୍-ସିନ୍ଦୂର' ତୋରଣରେ ଶୋଭା ପାଉଛି। ସହରର ପ୍ରମୁଖ ଛକ ବାଦାମବାଡ଼ିରେ ଏଥର ଆଦୌ ତୋରଣ ହୋଇନାହିଁ। କେବଳ ଲାଇଟ୍ ସାଜସଜାରେ ଝଲସୁଛି ଏହି ଅଞ୍ଚଳ। ନୂଆପଡ଼ା ଓ ଶିଖରପୁର-ଗଣ୍ଡରପୁରରେ ସୁନ୍ଦର ତୋରଣ ନିର୍ମାଣ ହୋଇଛି। ଏହାଛଡ଼ା ପାଖାପାଖି ୬୦ରୁ ଅଧିକ ପୂଜା ମଣ୍ଡପ ଆଲୋକମାଳାରେ ନିଜ ଅଞ୍ଚଳକୁ ଝଲସାଉଛନ୍ତି। ସହରର ଚହଟା ଠାରେ ହୋଇଥିବା ଲାଇଟ୍ ସଜ୍ଜାକୁ ଦେଖିବାକୁ ପ୍ରବଳ ଜନସମାଗମ ହେଉଛି। ଲୋକଙ୍କ ଗହଳି ଭିତରୁ ପ୍ରତିଫଳିତ ହୋଇ ଆଲୋକମାଳା ଚମକାଇ ଦେଉଛି କଟକ ଆକାଶକୁ।

ମଲାଚଣ୍ଡିଆ ଛକଠାରୁ ମଣିମନ୍ଦିର ଛକ ଦେଇ ପ୍ରେସଛକ ପର୍ଯ୍ୟନ୍ତ ଖାନନଗର ଖପୁରିଆ ଶିଳ୍ପାଞ୍ଚଳ ପୂଜା କମିଟିର ପରିସୀମା। ମଲାଚଣ୍ଡିଆ ଛକଠାରୁ ପ୍ରେସଛକ ଯାଏଁ ଏଲିଇଡି ଆଲୋକ ସହିତ ଲିଟୁମାଳ ଝଲସୁଛି। ତୋରଣରେ ପକାଯାଇଛି ଅତ୍ୟାଧୁନିକ ସାର୍ପି ଲାଇଟ୍। ଅରୁଣୋଦୟ ମାର୍କେଟ ମଧ୍ୟଭାଗରୁ ଆରମ୍ଭ ହେଉଛି ବାଦାମବାଡ଼ି ପୂଜା କମିଟିର ଅଞ୍ଚଳ। ଦୋଳମୁଣ୍ଡାଇ ଆଡକୁ ଏବଂ ରାଜାବଗିଚା ଆଡକୁ ଲମ୍ୱିଥିବା ରାସ୍ତାର କିଛି ଅଞ୍ଚଳ ଏହି ପୂଜା କମିଟି ଅଧିନରେ ରହିଛି। ଏସବୁ ସ୍ଥାନରେ କୋଲକାତା ଏବଂ କଟକ ସହର ମଧ୍ୟରୁ ଅର୍ଡର ଦିଆଯାଇ ଅଣାଯାଇଥିବା ରଂଗୀନ ଆଲୋକ ଖଞ୍ଜା ଯାଇଛି। କଲେଜଛକ ପୂଜା ପ୍ରତିଷ୍ଠାନ ମଧ୍ୟ କୌଣସି ସାଜସଜ୍ଜାରେ ପଛରେ ନାହିଁ। ରାଣୀହାଟ କେନାଲ କୂଳରୁ ଆରମ୍ଭ କରି ଜୋବ୍ରା ରୋଡ୍ ବମ୍ବେ ହୋଟେଲ୍ ପର୍ଯ୍ୟନ୍ତ ଏବଂ ଷ୍ଟେସନ୍ ଆଡକୁ ଯାଇଥିବା ରାସ୍ତାର କିଛି ନିର୍ଦ୍ଦିଷ୍ଟ ଅଞ୍ଚଳକୁ ଏହି ପୂଜା କମିଟି ଆଲୋକରେ ସଜାଇଛି। ସେହିପରି ଚାଉଳିଆଗଞ୍ଜ ପୂଜା କମିଟିର ଏଥର କେବଳ ଇଲେକ୍ଟ୍ରିକ୍ ଲାଇଟ୍ ଗେଟ୍ ଓ ଅନ୍ୟ କିଛି ଲାଇଟ୍‌ରେ ସାଜସଜ୍ଜାକୁ ଗୁରୁତ୍ୱ ଦେଇଛି।

**ମା'ଙ୍କୁ ଆବାହାନୀ ପରେ ମହାସପ୍ତମୀରେ ହେବ ଚକ୍ଷୁଦାନ**

ସେହିପରି ଗୋଟିଏ ପାର୍ଶ୍ୱରେ ମଙ୍ଗଳାବାଗ ଏବଂ ଅପରପାର୍ଶ୍ୱରେ କଲେଜଛକ। ରାଣୀହାଟ ଏଥର ଆଲୋକସଜ୍ଜା ଚିତ୍ତାକର୍ଷକ ଢଙ୍ଗରେ କରିଛି। ରାଣୀହାଟ ଟ୍ରାଫିକ୍ ଛକରେ ହୋଇଥିବା ଆଲୋକସଜ୍ଜା ବେଶ ଆକର୍ଷଣୀୟ ଓ ମନଛୁଆଁ ହୋଇ ପାରିଛି। ଅନ୍ୟପକ୍ଷରେ ଦୋଳମୁଣ୍ଡାଇ, ବାଖରାବାଦ, ଛତ୍ରବଜାର, କାଜୀ ବଜାର, ଫିରିଙ୍ଗି ବଜାର, ନୟାସଡ଼କ, ଅଲିଶା ବଜାର, ବାଲୁବଜାର-ବିନୋଦବିହାରୀ, କାଠଗଡ଼ା ସାହି, ଗଣେଶ ଘାଟ, ଦରଘାବଜାର, ଗଙ୍ଗାମନ୍ଦିର, ମାଛୁଆ ବଜାର, ମଙ୍ଗଳାବାଗ, ପିଠାପୁର କାଳୀୟଦଳନ, ଚାନ୍ଦିନୀଚୌକ, ବୁଢ଼ୀ ଠାକୁରାଣୀ କାଳିଗଳି, ବିଡ଼ାନାସୀ, ତୁଳସୀପୁର, ଖଟବିନ୍ ସାହି ଅଞ୍ଚଳରେ ଆଲୋକସଜ୍ଜାକୁ ଗୁରୁତ୍ୱ ଦେଇଛନ୍ତି ପୂଜା କମିଟିର କର୍ମକର୍ତ୍ତା। ସହରର ପ୍ରତ୍ୟେକ ମଣ୍ଡପରେ ହେବ ସନ୍ଧିପୂଜା। ନବମୀରେ ମା'ଙ୍କ ନିକଟରେ ମାଛ ଭୋଗ କରାଯିବାର ପରମ୍ପରା ରହିଛି। ସପ୍ତମୀ, ଅଷ୍ଟମୀ ଓ ନବମୀ ପୂଜା ପାଇଁ ମା'ଙ୍କ ପୀଠରେ ସମସ୍ତ ପ୍ରସ୍ତୁତି ଶେଷ ହୋଇ ସାରିଛି।

## ଯୋବ୍ରା ଚାନ୍ଦିମେଢ଼ ଲୋକାର୍ପଣ ଆଜି

କଟକ,୨୭ ।୯ (ସମିସ): ରବିବାର ଯୋବ୍ରା ଦୁର୍ଗାପୂଜା କମିଟିର ଚାନ୍ଦି ମେଢ଼ ଲୋକାର୍ପଣ ହେବ। ପୂର୍ବରୁ ସହରରେ ୩୫ଟି ଚାନ୍ଦି ମେଢ଼ ରହିଥିବା ବେଳେ ଏଥର ଏଥିରେ ଯୋବ୍ରା ଦୁର୍ଗା ପୂଜା କମିଟି ସାମିଲ ହେବ। ଅଢେଇ କୁଇଣ୍ଟାଲ୍ ଚାନ୍ଦି ବ୍ୟବହୃତ ଏହି ମେଢ଼ ଓ ମାଆଙ୍କ ଆଭୁଷଣ କାରୁକାର୍ଯ୍ୟ ଅକ୍ଷୟ ତୃତୀୟାରୁ ଆରମ୍ଭ ହୋଇଥିଲା। ଏଥିରେ ପ୍ରାୟ ୩ କୋଟି ୭୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା। ଯୋବ୍ରା ଦୁର୍ଗା ମଣ୍ଡପରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କମିଟିର ମୁଖ୍ୟ ଉପଦେଷ୍ଟା ତଥା ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଏହା କହିଛନ୍ତି। ପୂଜା କମିଟି ସଭାପତି ପ୍ରମୋଦ ଜେନା, ସମ୍ପାଦକ ଶ୍ରୀମନ୍ତ ଦାସ, ଯୁବକ ସଂଘ ସଭାପତି ସଞ୍ଜୀବ ବେହେରା, ସମ୍ପାଦକ କନିସ୍କ ଜେନାଙ୍କ ସମେତ କମିଟି କର୍ମକର୍ତ୍ତା ଉପସ୍ଥିତ ଥିଲେ।



## ଡ୍ରିମ୍‌ସ ସ୍କୁଲ ଅଫ୍ ଫାର୍ମାସୀରେ ଅଭିମୁଖୀକରଣ




କଟକ,୨୭ ।୯ (ସମିସ): ଡ୍ରିମ୍‌ସ ସ୍କୁଲ ଅଫ ଫାର୍ମାସୀ ଆନୁକୂଲ୍ୟରେ ନବାଗତ ଛାତ୍ରଛାତ୍ରୀଙ୍କ ଅଭିମୁଖୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦଚନ୍ଦ୍ର ରଥ ଅଭାସି ମାଧ୍ୟମରେ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ବିଶ୍ୱବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ସମ୍ମାନିତ ଅତିଥି ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ବାୟୋଲୋଜିକାଲ କମ୍ପାନୀର ବରିଷ୍ଠ ଉପସଭାପତି ରାକେଶ କୁମାର ସିହ୍ନା, ରାଜ୍ୟ ସହକାରୀ ଭେଷଜ ନିୟନ୍ତ୍ରକ ଡା. ତୁଷାର ରଂଜନ ପାଣିଗ୍ରାହୀ, 'ଡିନ୍' (ଗବେଷଣା) ଡ. ବିଶ୍ୱରଂଜନ ମହାନ୍ତି, ନିର୍ଦ୍ଦେଶକ (ଛାତ୍ର ସଂପର୍କ) ପ୍ରାଧ୍ୟାପକ ଲୋକନାଥ ବେହେରା ଛାତ୍ରଛାତ୍ରୀଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ। ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅବସରପ୍ରାପ୍ତ ଫାର୍ମାସିଷ୍ଟ ଶୁଭେନ୍ଦ୍ରନାଥ ଷଡଙ୍ଗୀଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। 'ଡିନ୍' ଡ. ଅମୂଲ୍ୟରତ୍ନ ବେହେରା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ପ୍ରାଧ୍ୟାପକ କାହ୍ନୁଚରଣ ପଣ୍ଡା, ଚନ୍ଦ୍ରଶେଖର ବାରିକ, ସିଦ୍ଧାର୍ଥ ଶଙ୍କର କରଙ୍କ ସମେତ ଶିକ୍ଷାନୁଷ୍ଠାନର ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## 'ୟାସ୍ ଆର୍ଟ'ର ଲୋକାର୍ପଣ

କଟକ,୨୭ ।୯ (ସମିସ): 'ୟାସ୍ ଆର୍ଟ'ର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଅତିଥି ଭାବେ ସାହିତ୍ୟିକ ବିଜୟ ମଲ୍ଲ, ଗୀତିକାର ଅରୁଣ ମନ୍ତ୍ରୀ, ଏସିପି କୃଷ୍ଣଚନ୍ଦ୍ର ସେଠି, ସଂଗୀତ ନିର୍ଦ୍ଦେଶକ ସୋନୁ ଚନ୍ଦନ, ଗୀତିକାର ସୁଶ୍ରୀ ଏସ ମମତା, ଜି ପହନା, ମିଲନ ଜେନା, ସରୋଜ ଜେନା, ପିଣ୍ଟୁ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ମଞ୍ଚ ପରିଚାଳନା କରିଥିଲେ ବିଶିଷ୍ଟ ସମାଜସେବୀ ଅକ୍ଷୟ ମହାନ୍ତି। ଏହି କାର୍ଯ୍ୟକ୍ରମରେ ପୌରାହିତ୍ୟ କରିଥିଲେ ୟାସ ଆର୍ଟର ମୁଖ୍ୟ ଜୟଦେବ ମହାନ୍ତି। ଏହି ଅବସରରେ କଳା ଓ ସଂସ୍କୃତି କ୍ଷେତ୍ରରେ ସକ୍ରିୟ ଥିବା ବିଶିଷ୍ଟ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



## ସୁରକ୍ଷିତ ପାର୍ବଣ ପାଇଁ ଅଣ୍ଟା ଭିଡ଼ିଲା କମିସନରେଟ୍ ପୁଲିସ

କଟକ,୨୭ ।୯ (ସମିସ): ଅକ୍ଟୋବର ୩ ଭସାଣ ଉତ୍ସବ ସମୟ ମଧ୍ୟରେ ଆଇନ ଶୃଙ୍ଖଳା ନିୟନ୍ତ୍ରଣ କରିବା ନିମନ୍ତେ ସହରରେ ୭୦ ପ୍ଲାଟୁନ ଫୋର୍ସ ବ୍ୟବସ୍ଥା ହୋଇଛି। ୪୦ଜଣ ଡିଏସପି, ୫୫ ଜଣ ଇନ୍ସପେକ୍ଟର, ୩୦୦ ଏସଆଇ ଓ ଏଏସଆଇଙ୍କ ସମେତ ୮୪ ହାବିଲଦାର, ୬୦୦ କନଷ୍ଟେବଲ, ୭୦୦ ହୋମଗାର୍ଡ ମଧ୍ୟ ସୁରକ୍ଷା ଦାୟିତ୍ୱରେ ନିୟୋଜିତ ରହିବେ। ଟ୍ରାଫିକ ପରିଚାଳନା ପାଇଁ ୭୦୦ ପୁଲିସ ସ୍ୱେଚ୍ଛାସେବୀ ରହିବେ। ବିଭିନ୍ନ ଥାନାକୁ ୬ଟି ଜୋନରେ ଭାଗ କରାଯାଇ ୬ ଜଣ ଏଡିସିପି ବା ଏଏସପି ପାହ୍ୟାର ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ଡିସିପି ଋଷିକେଶ ଖିଲାରୀ ସମସ୍ତ ସୁରକ୍ଷା ବ୍ୟବସ୍ଥାର ତଦାରଖ କରିବେ। ସେହିପରି ୨୦ଟି ଅତିରିକ୍ତ ପିସିଆର, ୩ଟା ସ୍ପେଶାଲ ମୋବାଇଲ ଭ୍ୟାନ, ୪୦ ବାଇକ ପିସିଆର ପାଟ୍ରୋଲିଂ କରିବ। ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ୩୧ଟି ଅସ୍ଥାୟୀ ପୁଲିସ ଏଡପୋଷ୍ଟ ଖୋଲାଯାଇଛି। ଚାନ୍ଦିମେଢ ପାଇଁ ଅତିରିକ୍ତ ବନ୍ଧୁକଧାରୀ ପୁଲିସଙ୍କୁ ନିୟୋଜିତ କରାଯିବ। ଅତି ସମ୍ବେଦନଶୀଳ ସ୍ଥାନରେ ଘର ଛାତ ଉପରେ ଫୋର୍ସ ମୁତୟନ ବ୍ୟବସ୍ଥା ହୋଇଛି। ଟ୍ରାଫିକ ପରିଚାଳନା ପାଇଁ ୨୦ ଜଣ ଅଧିକାରୀ ଓ ୨୦୦ କର୍ମଚାରୀ ମୁତୟନ ରହିବେ। ଭସାଣ ପାଇଁ ଦେବୀଗଡା ଘାଟରେ ଓଡ୍ରାଫ ଏବଂ ଅଗ୍ନିଶମ ବାହିନୀ ମୁତୟନ ରହିବେ।

**୭୦ ପ୍ଲାଟୁନ୍, ୩୫୦ ଅଫିସର ମୁତୟନ**
**ଆଇନଶୃଙ୍ଖଳା ପାଇଁ ୩୧ଟି ଅସ୍ଥାୟୀ ଏଡ୍‌ପୋଷ୍ଟ**

## ଏବିଆଇଟିରେ ସ୍ମାର୍ଟ ଇଣ୍ଡିଆ ହାକାଥନ୍

କଟକ,୨୭।୯ (ସମିସ): ସ୍ୱୟଂଶାସିତ ଏବିଆଇଟିରେ ସ୍ମାର୍ଟ ଇଣ୍ଡିଆ ହ୍ୟାକାଥନର ଇଣ୍ଟରନାଲ ହ୍ୟାକାଥନ ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ବିଭିନ୍ନ ବର୍ଗରୁ ୨୦ରୁ ଉର୍ଦ୍ଧ୍ୱ ଦଳ ଅଂଶଗ୍ରହଣ କରିଥିଲେ। ସେଥିରୁ ଯୋଗ୍ୟ ବିବେଚିତ ଦଳମାନେ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରାଳୟ ଆନୁକୂଲ୍ୟରେ ସ୍ମାର୍ଟ ଇଣ୍ଡିଆ ହ୍ୟାକାଥନ ୨୦୨୫ରେ ଭାଗନେବେ। ଏହି ପ୍ରତିଯୋଗିତାରେ ଶିକ୍ଷା ଓ ଶିଳ୍ପ ଅନୁଷ୍ଠାନର ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହ ଏବିଆଇଟିର କିଛି ପୁରାତନ ଛାତ୍ର ବିଚାରକ ରହିଥିଲେ। ଇଭେଣ୍ଟ ଓ କମ୍ପିଟିସନ ସେଲ୍ ଏହି ପ୍ରତିଯୋଗିତାକୁ ପରିଚାଳନା କରିଥିଲା।

## ପୁଲିସର ଫ୍ଲାଗ୍‌ମାର୍ଚ୍ଚ

କଟକ,୨୭ ।୯ (ସମିସ): ରାତି ପାହିଲେ ଶାରଦୀୟ ଦୁର୍ଗା ପୂଜା। ଏହି ପୂଜାକୁ ଶୃଙ୍ଖଳିତ ଭାବେ ଆୟୋଜନ ପାଇଁ ପୁଲିସ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏହିକ୍ରମରେ ଆଜି ସନ୍ଧ୍ୟାରେ ପୁଲିସ ପକ୍ଷରୁ ସହରରେ ଫ୍ଲାଗମାର୍ଚ୍ଚ କରାଯାଇଥିଲା। ସନ୍ଧ୍ୟା ସାଢ଼େ ୫ଟାରେ ଷ୍ଟେସନ ବଜାର ଛକରୁ ଫ୍ଲାଗମାର୍ଚ୍ଚ ବାହାରି କଲେଜଛକ, ରାଣୀହାଟ, ମଙ୍ଗଳାବାଗ, ବକ୍ସିବଜାର, ତିନିକୋଣିଆ ବଗିଚା, ଜେଲରୋଡ, ଚୌଧୁରୀବଜାର ଦେଇ ପୁରୀଘାଟ ଦେବୀଗଡା ନିକଟରେ ଶେଷ ହୋଇଥିଲା। ମୁଖ୍ୟତଃ ଅପରାଧୀଙ୍କ ମଧ୍ୟରେ ଏକପ୍ରକାର ଭୟ ସଞ୍ଚାର ପାଇଁ ପୁଲିସର ଏଭଳି ଫ୍ଲାଗମାର୍ଚ୍ଚ କରାଯାଇଥିବା ଡିସିପି ଋଷିକେଶ ଖିଲାରୀ କହିଛନ୍ତି। ଏହି ଫ୍ଲାଗମାର୍ଚ୍ଚରେ ଡିସିପିଙ୍କ ସମେତ ୩ ଅତିରିକ୍ତ ଡିସିପି, ଜୋନ୍ ଏସିପି, ସମସ୍ତ ଥାନାର ଅଧିକାରୀ ଏବଂ ୨୦ପ୍ଲାଟୁନ୍ ଫୋର୍ସ ଅଂଶଗ୍ରହଣ କରିଥିଲେ।



## ୩୦ରେ ଶ୍ରୀଜଗନ୍ନାଥ କୁଇଜ୍

କଟକ, ୨୭।୯ (ସମିସ): ପୋତାପୋଖରୀ ପୋଇସା ପୂଜା କମିଟି ତରଫରୁ ଏଥର ପୂଜାରେ ହେବ ନିଆରା କାର୍ଯ୍ୟକ୍ରମ। ଅଷ୍ଟମୀ ସନ୍ଧ୍ୟା ୩୦ ତାରିଖରେ ହେବ ଶ୍ରୀଜଗନ୍ନାଥ କୁଇଜ୍। ଶ୍ରୀଜଗନ୍ନାଥ ଚେତନା ଅନ୍ତର୍ଜାତୀୟ ଚାରଣ ଗୋଷ୍ଠୀ ପୁରୀ ଦ୍ୱାରା ହଜାରେରୁ ଅଧିକ ଭକ୍ତଙ୍କୁ ନେଇ ସମୂହ ସ୍ୱାଧାୟ ପରେ ସାମୁହିକ କୁଇଜ୍ ଓ ଶ୍ରୀଜଗନ୍ନାଥ କଥାମୃତ ଅନୁଷ୍ଠିତ ହେବ। ଏଥିରେ ଡ ଶୁଭେନ୍ଦୁ ସ୍ୱାଇଁ ମୁଖ୍ୟବକ୍ତା ଓ ପଣ୍ଡିତ ଲିଙ୍ଗରାଜ ପତି କୁଇଜ୍ ମାଷ୍ଟର ଭାବେ ଯୋଗ ଦେବେ। ପ୍ରସିଦ୍ଧ ସଙ୍ଗୀତଜ୍ଞ ତାନସେନ ସିଂହ ସଙ୍ଗୀତ ପରିବେଷଣ କରିବେ। ବହୁ ସଂଖ୍ୟାରେ ଭକ୍ତମାନେ ଯୋଗ ଦେବାକୁ କମିଟିର ସୁବୋଧ ମହାନ୍ତି ଅନୁରୋଧ କରିଛନ୍ତି।

## ପୂଜା ମଣ୍ଡପରେ ଅଗ୍ନି ନିର୍ବାପକ ବ୍ୟବସ୍ଥା

କଟକ,୨୭ ।୯ (ସମିସ): ଦୁର୍ଗା ପୂଜାରେ ଅଗ୍ନିକାଣ୍ଡ ଜନିତ ଅଘଟଣକୁ ଏଡାଇବା ପାଇଁ କଟକ ମହାନଗର ନିଗମ(ସିଏମସି) ଓ ଅଗ୍ନିଶମ ବିଭାଗ ପକ୍ଷରୁ ପ୍ରତ୍ୟେକ ପୂଜା ମଣ୍ଡପରେ ନିରାପତ୍ତା ବ୍ୟବସ୍ଥା କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ସଚେତନତା ସୃଷ୍ଟି ପାଇଁ ମଣ୍ଡପରେ ଅଗ୍ନିନିରାପତ୍ତା ବାର୍ତ୍ତା ସମ୍ବଳିତ ପୋଷ୍ଟର ଲଗାଯିବ। ଏହାଛଡ଼ା ସ୍ଥାନୀୟ ଅଗ୍ନିଶମ କେନ୍ଦ୍ରର ଅଧିକାରୀ ଓ କର୍ମଚାରୀଙ୍କ ନମ୍ବର ଲେଖାଥିବା ଏକ କାଗଜ ମଣ୍ଡପରେ ରହିବ। ପୂଜା କମିଟିର ସଦସ୍ୟମାନଙ୍କ ଦ୍ୱାରା ଲୋକଙ୍କ ଭିତରେ ଅଗ୍ନିନିରାପତ୍ତା ନେଇ ସଚେତନତା କରାଯିବାକୁ ଏହି ଅବସରରେ ନିଷ୍ପତ୍ତି ନିଆଯାଇଛି। ପୂଜା ସମୟରେ ସମସ୍ତ ଫାୟାର୍ ଷ୍ଟେସନ୍ ଗୁଡ଼ିକୁ ଅତ୍ୟାଧୁନିକ ଫାୟାର୍ ବାଇକ୍ ଯୋଗାଇ ଦିଆଯିବ। ଯଦିଓ ପୂର୍ବରୁ ଅଳ୍ପ ସଂଖ୍ୟାକ ଫାୟାର୍ ବାଇକ୍ ରହିଛି, ତାହା ଯଥେଷ୍ଟ ନୁହେଁ। ୬ଟି ଫାୟାର୍ ଷ୍ଟେସନ୍‌ରେ ଫାୟାର୍ ବାଇକ୍ ୨୪ଘଣ୍ଟିଆ ସେବା ପ୍ରଦାନ କରିବେ। ପ୍ରତି ଫାୟାର୍ ଷ୍ଟେସନ୍‌ରୁ ୪ରୁ ଅଧିକ ଫାୟାର୍ ମ୍ୟାନ୍‌ଙ୍କୁ ନୂତନ ଜ୍ଞାନ କୌଶଳ ସମ୍ପର୍କି ସୂଚନା ପ୍ରଦାନ କରାଯାଉଛି। ବକ୍ସି ବଜାର ଦଳକଳ କେନ୍ଦ୍ର, ମହାନଦୀ ବିହାର ଦମକଳ କେନ୍ଦ୍ର, ନୂଆ ବଜାର ଦମକଳ କେନ୍ଦ୍ର, ଏସ୍‌ସିବି ମେଡିକାଲ ନିକଟସ୍ଥ ଦମକଳ କେନ୍ଦ୍ର, ଚାଉଳିଆଗଞ୍ଜ ଦମକଳ କେନ୍ଦ୍ର ଏବଂ ମର୍କତନଗର ଦମକଳ କେନ୍ଦ୍ରରେ କର୍ମଚାରୀମାନେ ପୂଜା ସମୟରେ ସଜାଗ ରହିବାକୁ କୁହାଯାଇଛି। ଘଟଣାସ୍ଥଳରେ କ୍ଷିପ୍ର ବେଗରେ ନିୟୋଜିତ ବାଇକ୍ ଓ ଫାୟାର୍ ଗାଡିଗୁଡ଼ିକ ପହଞ୍ଚି ନିଆଁକୁ ଆୟତ୍ତ କରିବ। ୩ପ୍ରକାରର ବ୍ୟବସ୍ଥା କରାଯାଇଛି। ଗ୍ୟାସ୍, ଫୋମ୍ ଏବଂ ପାଣି ଗାଡିରେ ରଖାଯିବାର ବ୍ୟବସ୍ଥା ରହିଛି। ଏହି ବାଇକ୍‌ରେ ୨ଜଣ କର୍ମଚାରୀ ଯାଇ ପାରିବେ। ପ୍ରତ୍ୟେକ ଗାଡିରେ ଏକ ଉଚ୍ଚକ୍ଷମତା ସମ୍ପନ୍ନ ମୋଟର ଲଗାଯାଇଥିବା ବେଳେ ଅତ୍ୟାଧୁନିକ ସ୍ପ୍ରିଙ୍କଲର୍ ସାହାଯ୍ୟରେ ଉଭୟ ପାଣି, ଫୋମ୍ ଏବଂ ଗ୍ୟାସ୍ ସ୍ପ୍ରେ' କରିବାର ବ୍ୟବସ୍ଥା କରାଯାଇଛି।





ବରପାଲି ବରଦା ଦୁର୍ଗା ମନ୍ଦିରରେ ମାଁଙ୍କ କାତ୍ୟାୟନୀ ରୂପରେ ପୂଜାର୍ଚ୍ଚନା

# କାତ୍ୟାୟନୀ ବେଶରେ ପୂଜା ପାଇଲେ ମା' ବନଦୁର୍ଗା

ପଦ୍ମପୁର, ୨୭।୯ (ସମିସ)

ପଦ୍ମପୁର ବଡ଼ବନ୍ଧ ପାଖ ବନଦୁର୍ଗା ମନ୍ଦିର ଠାରେ ଶନିବାର ନବରାତ୍ରର ଷଷ୍ଠ ଦିନରେ ଦେବୀ ଦୁର୍ଗା କାତ୍ୟାୟନୀ ବେଶରେ ପୂଜା ପାଉଛନ୍ତି। ମୁଖ୍ୟ ପଣ୍ଡିତ ରଘୁନାଥ ତ୍ରିପାଠୀ, ମନ୍ଦିର ପୂଜକ ପ୍ରଶାନ୍ତ ପଣ୍ଡା, ଗିରିଶ ଚନ୍ଦ୍ର ହୋତା, ଅଶୋକ ପଣ୍ଡା, ଦେବେନ୍ଦ୍ର ତ୍ରିପାଠୀ, ପ୍ରବୀଣ ମିଶ୍ର ଓ ବିଘ୍ନରାଜ ନନ୍ଦଙ୍କ ମନ୍ତ୍ର ଉଚ୍ଚାରଣରେ ପୂଜା ହୋଇଥିଲା। ଦେବୀ କାତ୍ୟାୟନୀ ସିଂହ ଉପରେ ବିରାଜମାନ କରିଥାନ୍ତି। ତାଙ୍କର ଚାରି ବାହୁ ରହିଥିବା ବେଳେ ବାମ ହାତରେ ସେ ଏକ ପଦ୍ମଫୁଲ ଓ ଖଣ୍ଡା ଧାରଣ କରିଥାନ୍ତି। ଡାହାଣ ହାତରେ ସେ ଅଭୟ ଓ ବରଦ ମୁଦ୍ରା ପ୍ରଦର୍ଶନ କରନ୍ତି। ଦେବୀ କାତ୍ୟାୟନୀଙ୍କୁ ଶକ୍ତି ସାହାସ ଓ ସଂକଳ୍ପର ପ୍ରତୀକ ଭାବେ ପୂଜା କରାଯାଏ। ମାଁ କାତ୍ୟାୟନୀଙ୍କୁ ପୂଜା କଲେ ଭଲ ଜୀବନ ସାଥି ମିଳିଥାଏ ବୋଲି ମାନ୍ୟତା ରହିଛି। ଏପରିକି ବ୍ରଜ ଗୋପୀ ମାନେ ଶ୍ରୀକୃଷ୍ଣଙ୍କୁ ପତି





ରୂପରେ ପାଇବା ପାଇଁ ଏହି ଦେବୀଙ୍କର ଆରାଧାନା କରିଥିଲେ। ଜ୍ୟୋତିଷ ଶାସ୍ତ୍ର ଅନୁସାରେ କାତ୍ୟାୟନୀ ଦେବୀ ବୃହସ୍ପତି ଗ୍ରହଙ୍କୁ ନିୟନ୍ତ୍ରଣ କରିଥାନ୍ତି। ସେ ଭକ୍ତଙ୍କର ନକରାତ୍ମକ ଭାବନାକୁ ନଷ୍ଟ କରି ଶୁଦ୍ଧତା ପ୍ରଦାନ କରନ୍ତି। ମହିଷାସୁରକୁ ଯୁଦ୍ଧରେ ପରାଜିତ କରିଥିବାରୁ ଦେବୀ କାତ୍ୟାୟନୀ ମହିଷାମର୍ଦ୍ଦିନୀ ନାମରେ ମଧ୍ୟ ପରିଚିତ।

ଆଜି ପ୍ରଥମେ ସୂର୍ଯ୍ୟ ଦେବତାଙ୍କୁ ଆବାହନ କରି ପୂଜାର୍ଚ୍ଚନା କରି ବନଦୁର୍ଗା ମନ୍ଦିର ପାର୍ଶ୍ୱ ଦେବାଦେବୀଙ୍କୁ ପୂଜା କରାଯାଇଥିଲା। ପରେ ଦେବୀ ଦୁର୍ଗାଙ୍କ ଷଷ୍ଠ ଅବତାରରେ ମାଁ କାତ୍ୟାୟନୀ ଦେବୀଙ୍କ ଷୋଡଶ ଉପଚାର ସହିତ ହୋମ, ପୂଜାର୍ଚ୍ଚନା ହୋଇଥିଲା। ଅରୁଣ ଦାନି ଓ ତାଙ୍କ ସହଧର୍ମିଣୀ ରୂପାରାଣୀ ସାହୁ ପ୍ରତ୍ୟେକ ଦିନର ପୂଜାରେ କର୍ତ୍ତା ଦାୟିତ୍ୱ ବହନ କରୁଛନ୍ତି। ବନଦୁର୍ଗା ମନ୍ଦିରର ସଭାପତି ଡ.ପ୍ରଭାତ ନାରାୟଣ ତ୍ରିପାଠୀ, ସମ୍ପାଦକ ଗୋପାଳ ଚନ୍ଦ୍ର ଭୋଇ, କୋଷାଧ୍ୟକ୍ଷ ଅନିଲ ବେହେରାଙ୍କ ତତ୍ତ୍ୱାବଧାନରେ ଗଜିଆ ଶର୍ମା, ପ୍ରତାପ ମିଶ୍ର, ଗଜୁ ଅଗ୍ରୱାଲ, ଅଜିତ ଶତପଥୀ, ସୁଶାନ୍ତ ପଧାନ, ବିଷ୍ଣୁ ଥପା ଓ ଉମେଶ ସାହୁଙ୍କ ସହଯୋଗରେ କାର୍ଯ୍ୟକ୍ରମ ପରିଚାଳିତ ହେଉଛି।

## ମିଟ୍ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ତରଫରୁ ଆଲୋଚନାଚକ୍ର

**ବରଗଡ଼, ୨୭।୯ (ସମିସ):** ମିଟ କଲେଜର ଅଧ୍ୟକ୍ଷ ସରୋଜ ମାଝୀଙ୍କ ତତ୍ତ୍ୱାବଧାନରେ କଲେଜ ପରିସରରେ ଶନିବାର ଅନ୍ତରୀଣ ଅଭିଯୋଗ କମିଟି ପକ୍ଷରୁ ପୋସ ନିୟମ ବିଷୟରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପିଲାମାନଙ୍କୁ ଶାରୀରିକ, ମାନସିକ ଉତ୍ପୀଡନ ଏବଂ ତାହାର ନିବାରଣ ବିଷୟରେ ଏଥିରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠନର ଆବଶ୍ୟକତା, ଏହାର ଦାୟିତ୍ୱ ଓ ବିଭିନ୍ନ ସମସ୍ୟାର ସମାଧାନ ବିଷୟରେ ଆଲୋଚନା କରିଥିଲେ। ଜରୁରୀକାଳୀନ ସମୟରେ ହେଲ୍ପ ଲାଇନ ନମ୍ବରରେ ଅଭିଯୋଗ ଦାଖଲ କରାଯାଇପାରିବ ବୋଲି କହିଥିଲେ। ରାଜନୀତି ବିଜ୍ଞାନ ଅଧ୍ୟାପିକା ଭାରତୀ ସାହୁ ସଭା ପରିଚାଳନା କରିଥିବା ବେଳେ ଅଧ୍ୟକ୍ଷା ଅଙ୍କିତା ଦାଶ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ। ଓଡ଼ିଆ ଅଧ୍ୟାପକ ତଥା କାର୍ଯ୍ୟକାରିଣୀ କମିଟି ଅଧ୍ୟକ୍ଷ ଆଲୋକ ରଞ୍ଜନ ଦାଶ ଲିଙ୍ଗଗତ ବୈଷମ୍ୟ ଦୂରୀକରଣ ପାଇଁ କି କି ପଦକ୍ଷେପ ନିଆଯାଇପାରିବ, ତାହା ବୁଝାଇଥିଲେ। ଶେଷରେ ଇତିହାସ ବିଭାଗ ଅଧ୍ୟାପକ ସୁନୀଲ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

## ଦ୍ୱିତୀୟ ପର୍ଯ୍ୟାୟ 'ସମ୍ଭବ' ଉଦ୍‌ଯାପିତ

**ବରଗଡ଼, ୨୭।୯ (ସମିସ):** ପିଏମ୍ ଶ୍ରୀ ସରକାରୀ ବାଳିକା ହାଇସ୍କୁଲରେ ବରଗଡ଼ ଜିଲ୍ଲା ଦ୍ୱିତୀୟ ପର୍ଯ୍ୟାୟ ପଞ୍ଚଦିବସୀୟ 'ସମ୍ଭବ' ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ସାହୁ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବିନୟ ସୋଏ,



ବରଗଡ଼ ବିଇଓ ସୁରେନ୍ଦ୍ର ସାହୁ, ଝାରବନ୍ଧ ବିଇଓ ଶୁଭମ୍ ପତି, ଡିଆଇଇଟିର ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ବେଣୁଧର ବରିହା, ପୁଷ୍ପାଞ୍ଜଳି ଦାଶ, ଭୁକ୍ତା ଜନତା ହାଇସ୍କୁଲର ବିଜ୍ଞାନ ଶିକ୍ଷକ ସଞ୍ଜୟ ଖମାରୀ, ପଣ୍ଡକିପାଲି ହାଇସ୍କୁଲର ଶିକ୍ଷକ ପୁସ୍ତମ୍ ବିଶି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ସୋହେଲା ବ୍ଲକ ଓ ବିଜେପୁର ବ୍ଲକର ସମସ୍ତ ହାଇସ୍କୁଲର ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀ ଅଂଶ ଗ୍ରହଣ କରିଥିଲେ। ଅନ୍ତିମ ଦିବସରେ ସୋହେଲା ବିଇଓ ଅମୃତା ସାହୁ ପ୍ରଶିକ୍ଷାର୍ଥୀଙ୍କୁ ଗଠନମୂଳକ ପରାମର୍ଶ ଦେଇଥିଲେ। ଏହି ଶିବିରରେ ହାଇସ୍କୁଲ ପ୍ରଧାନ ଶିକ୍ଷକଙ୍କ ଦକ୍ଷତା ବୃଦ୍ଧି ଓ ନେତୃତ୍ୱର ବିକାଶ ନିମନ୍ତେ ଜାତୀୟ ଶିକ୍ଷାନୀତି ୨୦୨୦ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ, ମାନ ନିର୍ଦ୍ଧାରଣ, ନେତୃତ୍ୱ ବିକାଶ, ସାମାଜିକ, ଆବେଗିକ ଓ ନୈତିକ ବିକାଶ, ଅନ୍ତର୍ନିବେଶୀ ଶିକ୍ଷା ଓ ସମତା, ଶିକ୍ଷାରେ ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର, ସାଇବର ସୁରକ୍ଷା, ବିଦ୍ୟାଳୟ ଓ ଆର୍ଥିକ ପରିଚାଳନା, ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା, ବିପର୍ଯ୍ୟୟ ପରିଚାଳନା, ବିଦ୍ୟାଳୟ ଓ ଗୋଷ୍ଠୀ ସମ୍ପର୍କ, ଉପସ୍ଥାପନ ଅବଧାରଣ ବୃଦ୍ଧି ଓ ପାଠ ତ୍ୟାଗୀର ନିରାକରଣ, ଧନ୍ଦାମୂଳକ ଶିକ୍ଷା, ବିଦ୍ୟାଳୟ ବିକାଶ ଯୋଜନା ଇତ୍ୟାଦି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଜାଲପାଲି ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗଣେଶ ଚନ୍ଦ୍ର ମେହେର ଅନୁଭୂତି ବର୍ଣ୍ଣନା କରିଥିଲେ। ସାଧନକର୍ମୀ ବିଜ୍ଞାନ ଶିକ୍ଷକ ସଞ୍ଜୟ ଖମାରୀ ସଭାକାର୍ଯ୍ୟ ପରିଚାଳନା କରିଥିବାବେଳେ ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତି ସୁନା ଧନ୍ୟବାଦ ଅର୍ପଣ କରିଥିଲେ।

## ପାଇକମାଳ ବ୍ଲକସ୍ତରୀୟ କୁଳିତା ସମାଜର ନୂଆଁଖାଇ ଭେଟ୍‌ଘାଟ୍

**ପାଇକମାଳ, ୨୭।୯ (ସମିସ):** ପାଇକମାଳ ବ୍ଲକସ୍ତରୀୟ କୁଳିତା ସମାଜର ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ବୁକୁରାମୁଣ୍ଡା ଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଏକ କଳସ ଶୋଭାଯାତ୍ରାରେ ପୋଖରୀରୁ ଜଳ ଆଣି କୁଳିତା ଜାତିର ଇଷ୍ଟ ଦେବୀ ରଣେଶ୍ୱର ରାମଚଣ୍ଡୀ ପୀଠରେ ସ୍ଥାପନ କରି ପୂଜା କରାଯାଇଥିଲା। ଏହାପରେ ପ୍ରସାଦ ବଣ୍ଟନ ପରେ ସାନ ମାନେ ବଡ ମାନଙ୍କୁ ମୁଣ୍ଡିଆ ମାରି ଆଶୀର୍ବାଦ ଗ୍ରହଣ କରିଥିଲେ। ଏଥିରେ ପଦ୍ମପୁର କାର୍ଯ୍ୟକାରିଣୀ ସଭାପତି ଯୋଗେନ୍ଦ୍ର ଭୋଇ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ପାଇକମାଳ ବ୍ଲକ ସଭାପତି ବିନୋଦ ବିଶ୍ୱାଳ, ସମ୍ମାନିତ ଅତିଥି ଚନ୍ଦୁଲାଲ ପ୍ରଧାନ, ଗଗନ ବାରିକ, ମକରଧ୍ୱଜ ବିଶ୍ୱାଳ, ଲଖମନ ବେହେରା, ଗୋପାଳ ପ୍ରଧନ, ନିତ୍ୟାନନ୍ଦ ପ୍ରଧାନ, ଧନିରାମ ଭୋଇ, ବାସୁଦେବ ପ୍ରଧାନ, ଶ୍ୟାମଲାଲ ବେହେରା, ଗୋପବନ୍ଧୁ ସାହୁ, ସତ୍ୟଜିତ ତୁରିଆ, ଦିବାକର ପ୍ରଧାନ, ପ୍ରମୁଖ ବିଭିନ୍ନ ଅଞ୍ଚଳର ସଭାପତି ମାନେ ଯୋଗଦେଇ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ହାସ୍ୟକବି ଦେବେନ୍ଦ୍ର ସାହୁ ଯୋଗ ଦେବା ସହ ନୃତ୍ୟଗୁରୁ ସୁରେନ୍ଦ୍ର ସାହୁ ଓ ଅନ୍ୟ ମାନେ ନିଜ ନିଜ ଗ୍ରୁପ ସହ ନୃତ୍ୟ ଗୀତ ପରିବେଷଣ କରିଥିଲେ। ଅରକ୍ଷିତ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଏଥିରେ ଜଗଦୀଶ ବାରିକ, ସରୋଜ ବାରିକ, ଚନ୍ଦ୍ରସେନ ଭୋଇ ପ୍ରମୁଖ ସହଯୋଗ କରିଥିବା ବେଳେ ଗତିକୃଷ୍ଣ ଭୋଇ ଧନ୍ୟବାଦ ଦେଇଥିଲେ।

## ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟରେ ନବାଗତଙ୍କୁ ସ୍ୱାଗତ

**ବରଗଡ଼, ୨୭।୯ (ସମିସ):** ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟରେ ହିନ୍ଦୀ ବିଭାଗର ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ରଞ୍ଜିତା ନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଆଲୋଚକ ଭାବେ ମହାତ୍ମା ଗାନ୍ଧୀ ମେମୋରିଆଲ କଲେଜର ହିନ୍ଦୀ ବିଭାଗର ବିଭାଗୀୟ ମୁଖ୍ୟ ଦୟାନିଧି ସା ଯୋଗ ଦେଇ ହିନ୍ଦୀ ଭାଷାର ବ୍ୟବହାରର ବ୍ୟାପକତା ଓ ଭାଷାର ମାଧୂର୍ଯ୍ୟ ଉପରେ ଆଲୋଚନା କରିଥିଲେ।



ବିଭାଗୀୟ ମୁଖ୍ୟ ଅଧ୍ୟକ୍ଷା ରଞ୍ଜିତା ନାୟକ ସଭାପତି ବର୍ତ୍ତମାନ ବ୍ୟବହାରିକ ଭାଷାରେ ଅଶୁଦ୍ଧ ଉଚ୍ଚାରଣ ଓ ଲିଖନ ପ୍ରତି କ୍ଷୋଭ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ ଅମିତ ଭାର୍ଗବ ପରିଚାଳନା କରିଥିଲେ। ହିନ୍ଦୀ ସମ୍ମାନର ନବାଗତା ଛାତ୍ରୀଙ୍କ ପାଇଁ ସ୍ୱାଗତ ସମାରୋହ ତଥା ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଆଲୋଚନାଚକ୍ରରେ ପ୍ରଧାପିକା ଡ.ପୁଷ୍ପାଞ୍ଜଳି ପ୍ରଧାନ, ନନ୍ଦିନୀ ନୀରଦ ପଣ୍ଡା, ଡ.ଗାୟତ୍ରୀ ମିଶ୍ର ଡ.ସଂଘମିତ୍ରା ମିଶ୍ର ପ୍ରଭୃତି ଯୋଗ ଦେଇଥିଲେ।

## ରୁଚିଦା ହାଇସ୍କୁଲରେ ବ୍ଲକସ୍ତରୀୟ ଖୋଖୋ ପ୍ରତିଯୋଗିତା

**ଅମ୍ବାଭୋନା, ୨୭।୯ (ସମିସ):** ଅମ୍ବାଭୋନା ବ୍ଲକ ଅଧୀନ ପୁରୁଷୋତ୍ତମ ସରକାରୀ ଉଚ୍ଚ ବିଦ୍ୟାଳୟ ରୁଚିଦାରେ ବ୍ଲକସ୍ତରୀୟ ଖୋଖୋ ପ୍ରତିଯୋଗିତା ହୋଇଯାଇଛି। ଏହି ଅବସରରେ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲାଲମୋହନ ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସରୋଜ ଭୁଏ ମୁଖ୍ୟ ଅତିଥି ଭାବେ ଯୋଗ



ଦେଇଥିଲେ। ପୂର୍ବତନ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ସୁଦୀପ୍ତ ନାୟକ, ବିଦ୍ୟାଳୟ କ୍ରୀଡା ସଂଗଠନର ଅଧ୍ୟକ୍ଷ ତୋଷରାମ ଦାସ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଜ୍ୟୋତିଶ୍ଚନ୍ଦ୍ର ପଧାନ ଓ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଜୟ ମେହେର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ସୁବୋଧ ଭୋଇ ମଞ୍ଚ ସଞ୍ଚାଳନ କରିଥିଲେ। ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ମଧ୍ୟରେ ହରବଲ୍ଲଭ ପ୍ରଧାନ, ରୀନା ମେହେର, ତନୟା ଡନସନା, ପ୍ରଭାତ ନାୟକ, ବଳରାମ ରଣା, ମେନକା ମେହେର, ପୁଷ୍ପାଙ୍ଗୀନୀ ଭୁଏ, ସବିତା ଦେହେରୀ ପ୍ରମୁଖ ସହଯୋଗ କରିଥିଲେ। ପ୍ରତିଯୋଗିତାରେ ବ୍ଲକର ବିଭିନ୍ନ ବିଦ୍ୟାଳୟର ୧୪୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବା ବେଳେ ବ୍ଲକର ସମସ୍ତ କ୍ରୀଡ଼ା ଶିକ୍ଷକ ଓ ପିଟିଆଇ ଯୋଗ ଦେଇଥିଲେ। ଏଥିରେ ଅମ୍ବାଭୋନା ସବ୍ ବ୍ଲକ, କଣ୍ଡପଲା ସବ୍ ବ୍ଲକ, ଭୁକ୍ତା ସବ୍ ବ୍ଲକ, ଲଖନପୁର ସବ୍ ବ୍ଲକର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ୧୪ ବର୍ଷରୁ କମ୍ ଓ ୧୭ ବର୍ଷରୁ କମ ବୟସର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଖୋ ଖୋ ପ୍ରତିଯୋଗିତା କରାଯାଇ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଖେଳାଳି ଚୟନ କରାଯାଇଥିଲା।

## ଅବସରପ୍ରାପ୍ତ ଆନ୍ଧ୍ର ବ୍ୟାଙ୍କ କର୍ମଚାରୀ ସଂଘ ପକ୍ଷରୁ ସାମାଜିକ କାର୍ଯ୍ୟ

**ବରଗଡ଼, ୨୭।୯ (ସମିସ):** ଅବସରପ୍ରାପ୍ତ ଆନ୍ଧ୍ର ବ୍ୟାଙ୍କ କର୍ମଚାରୀ ସଂଘ ଓଡ଼ିଶା ପକ୍ଷରୁ ବରଗଡ଼ ଶାଖା ପକ୍ଷରୁ ସାମାଜିକ କାର୍ଯ୍ୟକ୍ରମ ହୋଇଯାଇଛି। ସଂଘର ଚ୍ୟାରିଟି ଫଣ୍ଡରୁ ୧୦ଟି ଭିନ୍ନ ଭିନ୍ନ ବୃଦ୍ଧା ଶ୍ରମ ଓ ଅନାଥା ଶ୍ରମକୁ ନିୟମିତ ଭାବେ ସହଯୋଗ ପ୍ରଦାନ କରାଯାଉଛି। ଶନିବାର ବରଗଡ଼ ଜିଲ୍ଲା ବିଜେପୁର ନିକଟସ୍ଥ ସମଲେଇପଦର ଠାରେ ପାର୍ବତୀ ଗିରି ଅନାଥାଶ୍ରମରେ ଥିବା ଅନ୍ତେବାସୀ ମାନଙ୍କ ମାସକ ଖାଇବା ପାଇଁ ସମସ୍ତ ପ୍ରକାର କିରାନା ସାମଗ୍ରୀ ଯୋଗାଇଥିଲେ। ସମସ୍ତ ସମାଗ୍ରୀକୁ ଦାୟିତ୍ୱରେ ଥିବା ଜଳନ୍ଧର ପଟେଲଙ୍କୁ ହସ୍ତାନ୍ତର କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସଂଘର ବରଗଡ଼ ଶାଖାରୁ ଆନ୍ଧ୍ର ବ୍ୟାଙ୍କର ଅବସରପ୍ରାପ୍ତ କର୍ମଚାରୀ ଅଭୟ ଭୋଇ, ଚକ୍ରଧର ପ୍ରଧାନ ଓ ତଥା ସାମ୍ବାଦିକ ତୁଳସୀ ଚରଣ ଦାଶ ସମଲେଇପଦର ଯାଇ ସମସ୍ତ ଦ୍ରବ୍ୟ ହସ୍ତାନ୍ତର କରିଆସିଥିଲେ। ନିୟମିତ ଭାବେ ସହଯୋଗ କରୁଥିବାରୁ ଶ୍ରୀ ପଟେଲ କୃତଜ୍ଞତା ଜ୍ଞାପନ କରିଥିଲେ।

## ରାସ୍ତା କାମରେ ଘୋଟାଲା, ମଝି ରାସ୍ତାରେ ବିଦ୍ୟୁତ୍ ଖୁଣ୍ଟ





**ଅମ୍ବାଭୋନା, ୨୭।୯ (ସମିସ):** ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକର ଖୋଲା ପଞ୍ଚାୟତ ଅଧୀନ ନୂଆ କୁରୁମକେଲ ଗାଁରେ ପୂର୍ବ ସରକାରଙ୍କ ସମୟରେ ୨.୫ କୋଟି ଟଙ୍କା ବ୍ୟୟରେ ନୂତନ କଂକ୍ରିଟ ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ହୋଇଥିଲା। କିନ୍ତୁ ଠିକାଦାର ଓ ଯନ୍ତ୍ରୀଙ୍କ ମଧୁ ଚନ୍ଦ୍ରିକାରେ ଅତି ନିମ୍ନମାନର କଂକ୍ରିଟ ରାସ୍ତା ଦେଖିବାକୁ ମିଳିଛି। ଠିକାଦାର ନିମ୍ନ ମାନର କାମ କରିଥିବା ବେଳେ ବିଭାଗୀୟ ଅଧିକାରୀ ତଦାରଖ ନ କରି ପିସି ଖାଇ ଚୁପ ବସିଛନ୍ତି ବୋଲି ଲୋକେ ଅଭିଯୋଗ କରିଛନ୍ତି। ଏପରି ପରିସ୍ଥିତିରେ ଲୋକେ କାହାକୁ ଅଭିଯୋଗ କରିବୁ ବୋଲି ଚିନ୍ତାରେ ଅଛନ୍ତି।

**ପୂର୍ବ ସରକାର ୨.୫ କୋଟି ମଞ୍ଜୁର କରିଥିଲେ**

ନୂଆ କୁରୁମକେଲ ଗାଁରେ ବିସ୍ଥାପିତ ଲୋକଙ୍କ ଯାତାୟାତ ପାଇଁ ସରକାର କଂକ୍ରିଟ ରାସ୍ତା ନିର୍ମାଣ କରୁଥିବା ବେଳେ ୧୦ ଫୁଟ ଚଉଡା ବିଶିଷ୍ଟ ରାସ୍ତା ମଝିରେ ବିଦ୍ୟୁତ ଖୁଣ୍ଟ ରହିଛି। ରାସ୍ତା ମଝିରେ ଖୁଣ୍ଟ ରହିଲା କେମିତି ଏବଂ ଏହାକୁ ଯନ୍ତ୍ରୀ ପାସ କଲେ କେମିତି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଠିକାଦାର ନିମ୍ନ ମାନର କାମ କରିଥିବା ସତ୍ତ୍ୱେ ସରକାରୀ କର୍ମଚାରୀଙ୍କ ତଦାରଖ କାଗଜ କଲମରେ ସଠିକ ଦେଖାଯାଇଛି। ଜାଣିଶୁଣି ଠିକାଦାରଙ୍କୁ ବାଟ ମାରଣା ପାଇଁ ହାତ ଖୋଲି ଦିଆଯାଇଛି ବୋଲି ଆଲୋଚନା ହୋଇଛି। ସ୍ଥାନୀୟ ବାସିନ୍ଦା ବ୍ଲକ ଓ ଜିଲ୍ଲା ପ୍ରଶାସନକୁ ଶୀଘ୍ର କାର୍ଯ୍ୟକାରୀ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ବିହାର ଓ ହିମାଚଳ ପରେ କୁରୁମକେଲର ଗାଁ ରାସ୍ତା ମଝିରେ ବିଦ୍ୟୁତ୍ ଖୁଣ୍ଟ ଲୋକଙ୍କ ଚର୍ଚ୍ଚାର ବିଷୟ ହୋଇଛି।

## ବିକାଶ ଅଗ୍ରୱାଲ ଆକ୍ରମଣକାରୀଙ୍କୁ ଗିରଫ ଦାବି

**ବରଗଡ଼, ୨୭।୯ (ସମିସ):** ବରଗଡ଼ର ସାମାଜିକ କର୍ମୀ ବିକାଶ ଅଗ୍ରୱାଲଙ୍କୁ ଯୋଜନାବଦ୍ଧ ଭାବେ ସଂଘବଦ୍ଧ ହୋଇ ଆକ୍ରମଣ କରିବା ପ୍ରତିବାଦରେ ବରଗଡ଼ ଜିଲ୍ଲାର ସମସ୍ତ ସାମାଜିକ ଅନୁଷ୍ଠାନ ଏକତ୍ରିତ ହୋଇଛନ୍ତି। ଏହି ଘଟଣାକୁ ସମସ୍ତେ ନିନ୍ଦା କରିଛନ୍ତି। ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ କରିବା ଦାବିରେ ବରଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଦାବିପତ୍ର ପ୍ରଦାନ କରିଥିଲେ। ବିଭିନ୍ନ ସାମାଜିକ ସଂଗଠନ ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁଙ୍କୁ ଦାବୀପତ୍ର ପ୍ରଦାନ କରି ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ଅନୁରୋଧ କରିଛନ୍ତି।



**ସୁପ୍ରିୟା ସ୍ମାରକୀ ଜିଲ୍ଲା ଆନ୍ତଃ କ୍ଲବ୍ ନକ୍ ଆଉଟ୍ ଫୁଟବଲ ପ୍ରତିଯୋଗିତା**

## ଏକାଦଶ ଦିନ ମ୍ୟାଚ୍‌ରେ କଦଳୀପାଲି ଓ ନାଗେନପାଲି ବିଜୟୀ

ବରଗଡ଼, ୨୭।୯ (ସମିସ)

ବରଗଡ଼ ଜିଲ୍ଲା କ୍ରୀଡା ସଂସଦ ଆନୁକୂଲ୍ୟରେ ସ୍ଥାନୀୟ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ଚାଲିଥିବା ସୁପ୍ରିୟା ସ୍ମାରକୀ ଜିଲ୍ଲା ଆନ୍ତଃ କ୍ଲବ୍ ନକ ଆଉଟ୍ ଫୁଟବଲ ପ୍ରତିଯୋଗିତାର ଶନିବାର ଏକାଦଶ ଦିବସରେ ଅନୁଷ୍ଠିତ ଦୁଇଟି ମ୍ୟାଚ୍‌ରେ କଦଳୀ ପାଲି ଦଳ ଓ ନାଗେନ ପାଲି ପାଲି ବିଜୟୀ ହୋଇଛନ୍ତି। ଆଜି କଦଳୀପାଲି ଦଳ ଓ ଅମସ୍ତଲା ଦଳ ମଧ୍ୟରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ କଦଳୀପାଲି ଦଳ ୧-୦ ଗୋଲରେ ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଏକମାତ୍ର ଗୋଲଟି ଶକ୍ତିମାନ ମିର୍ଦ୍ଧା ସ୍କୋର କରିଥିଲେ। ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଶକ୍ତିମାନଙ୍କୁ ଅତିଥି ଭାବେ ପ୍ରାକ୍ତନ ଖେଳାଳି ଗଙ୍ଗାଧର ମଲ୍ଲିକ ପୁରସ୍କୃତ କରିଥିଲେ। ପ୍ରଥମ ମ୍ୟାଚ୍‌କୁ ସନ୍ତୋଷ ପ୍ରଧାନ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ସହଯୋଗ କରିଥିଲେ। ଚତୁର୍ଥ ରେଫରୀ ଥିଲେ ପିଣ୍ଟୁ ସାହୁ। ସଚ୍ଚିଦାନନ୍ଦ ପଣ୍ଡା ମ୍ୟାଚ୍ କମିଶନର ରହିଥିଲେ। ରବିବାର ପ୍ରଥମ ମ୍ୟାଚ୍ ଜୁଲଟ ଦଳ ଓ ସୋହେଲା ଦଳ ଏବଂ ଦ୍ୱିତୀୟ ମ୍ୟାଚ୍ ବ୍ଲ୍ୟୁ ଡାଇମଣ୍ଡ ଦଳ ଓ ବଡମାଳ ଦଳ ମଧ୍ୟରେ ଅନୁଷ୍ଠିତ ହେବ।



ସଚିନ ଭୁଏ, ଆଦିତ୍ୟ ନାୟକ ସହଯୋଗ କରିଥିଲେ। ଶଙ୍କର୍ଷଣ ପ୍ରଧାନ ଚତୁର୍ଥ ରେଫରୀ ଭାବେ କାର୍ଯ୍ୟ ତୁଲାଇଥିଲେ। ଶନିବାର ଦ୍ୱିତୀୟ ମ୍ୟାଚ୍‌ଟି ନାଗେନ ପାଲି ଓ କଳାପାଣି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ନାଗେନ ପାଲି ଦଳ ୧-୦ ଗୋଲରେ ମ୍ୟାଚ୍‌କୁ ଜିତିଥିଲା। ଏଥିରେ ଦଳ ପକ୍ଷରୁ ଅଭିଷେକ ବାଗ ଏକମାତ୍ର ଗୋଲ୍ଟି ଦେଇଥିଲେ। ଅଭିଷେକଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଭାବେ ପ୍ରାକ୍ତନ ଖେଳାଳି ଜ୍ଞାନରଞ୍ଜନ ପୂଜାରୀ ପୁରସ୍କୃତ କରିଥିଲେ। ଦ୍ୱିତୀୟ ମ୍ୟାଚ୍‌କୁ ଅଜୟ ପ୍ରଧାନ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ସୁନିଲ ବାଗ, ବିଶିକେଶନ୍ ପ୍ରଧାନ,

**● ସୋହେଲା ଦୁର୍ଗାପୂଜା ଜିଲ୍ଲାସ୍ତରୀୟ ଫୁଟବଲ ପ୍ରତିଯୋଗିତା**

## ବରଡୋଲକୁ ହରାଇ ସେମିରେ ବରଗଡ଼ ଡ୍ରିମ୍ ଇଲେଭେନ

**ସୋହେଲା, ୨୭।୯ (ସମିସ):** ସ୍ଥାନୀୟ ମିନି ଷ୍ଟେଡିୟମରେ ଶାରଦୀୟ ଦୁର୍ଗାପୂଜା ଅବସରରେ ଚାଲିଥିବା ଜିଲ୍ଲାସ୍ତରୀୟ ଫୁଟବଲ ପ୍ରତିଯୋଗିତାରେ ଶନିବାର ବରଡୋଲ ଏବଂ ଡ୍ରିମ ଇଲେଭେନ ବରଗଡ଼ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଛି। ଏଥିରେ ବରଗଡ଼ର ଡ୍ରିମ ଇଲେଭେନ ଦଳ ବରଡୋଲକୁ ୩-୦ ଗୋଲରେ ହରାଇ ବିଜୟୀ ହୋଇଛି। ଆଜିର ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ ବରଗଡ଼ ଡ୍ରିମ ଇଲେଭେନ ଦଳ ଗୋଟିଏ ଗୋଲ ଦେଇଥିବା ବେଳେ ଦ୍ୱିତୀୟାର୍ଦ୍ଧରେ ଆଉ ୨ଟି ଗୋଲ ଦେଇ ଡ୍ରିମ ଇଲେଭେନ ଦଳ ୩-୦ ଗୋଲରେ ବିଜୟୀ ହୋଇ ସେମିଫାଇନାଲକୁ ପ୍ରବେଶ କରିଛି। ମ୍ୟାଚ୍ ପୂର୍ବରୁ ସୋହେଲା ସାର୍ବଜନୀନ ଦୁର୍ଗାପୂଜା କମିଟିର ସମ୍ପାଦକ ପ୍ରମୋଦଚନ୍ଦ୍ର ଦେବତା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମ୍ୟାଚ୍‌କୁ ରେଫରୀ ଶିବୁ ଅଗ୍ରୱାଲ, ଅଶ୍ୱିନୀ ପଧାନ, ଶ୍ରୀନିବାସ ରାଓ ଏବଂ ରଞ୍ଜିତ ଛତରିଆ ପରିଚାଳନା କରିଥିଲେ। ଆସନ୍ତା କାଲି ପ୍ରତିଯୋଗିତାର ବିଶ୍ରାମ ଦିବସ ଥିବା ବେଳେ ୨୯ ତାରିଖ ଡ୍ରିମ ଇଲେଭେନ ବରଗଡ଼ ଓ ଗର୍ଭଣା ଦଳ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଖେଳ ଅନୁଷ୍ଠିତ ହେବ।





## ୨୨ବର୍ଷରେ ପ୍ରାଚୀ ନଗର ସାର୍ବଜନୀନ ଦୁର୍ଗାପୂଜା

# ଦଶହରାରେ ଭକ୍ତଙ୍କୁ ପଖାଳ ପ୍ରସାଦ



**ଭଦ୍ରକ, ୨୭ ।୯ (ସମିସ):** ଭଦ୍ରକ ସହରରେ ସାର୍ବଜନନୀ ଦୁର୍ଗାପୂଜା ମଣ୍ଡପ ମଧ୍ୟରୁ ଆରଡି ଛକ ପ୍ରାଚୀ ନଗର ସାର୍ବଜନଦୀନ ଦୁର୍ଗାପୂଜା ମଣ୍ଡପରେ ହୁଏ ନିଆରା ଢଙ୍ଗରେ ପୂଜା । ଏଥର ପ୍ରାଚୀ ନଗର ସାର୍ବଜନଦୀନ ଦୁର୍ଗାପୂଜା ୨୨ ବର୍ଷରେ ପଦାର୍ପଣ କରିବ । ସୂଚନାନୁଯାୟୀ, ପ୍ରାଚୀ ନଗର ସାର୍ବଜନୀନ ଶାରଦୀୟ ଦୁର୍ଗାପୂଜା ଗତ ୨୦୦୪ ମସିହାରେ ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଗଙ୍ଗାଧର ଦାସ, ସ୍ୱର୍ଗତ ମଦନ ପଣ୍ଡା ଓ ସ୍ୱର୍ଗତ ବିଦ୍ୟାଧର ରାଉତ ଉଦ୍ୟମରେ ପ୍ରାଚୀ ନଗର ଅଞ୍ଚଳବାସୀଙ୍କ ପୂର୍ଣ୍ଣ ସହଯୋଗରେ ଆରମ୍ଭ ହୋଇଥିଲା । ଭଦ୍ରକ ସହର ବଙ୍କସାହି, ଗାନ୍ଧୀପଡ଼ିଆ ଆଦି ପୂଜା ମଣ୍ଡପରେ ପ୍ରବଳ ସଂଖ୍ୟକ ଭକ୍ତଙ୍କ ସମାଗମ ଯୋଗୁଁ ପ୍ରାଚୀ ନଗର ଅଧିବାସୀ ମାଆଙ୍କ ପୂଜାରେ ଭୋଗ ଓ ପାଦୁକା ଦର୍ଶନରେ ବହୁ ସମସ୍ୟାରେ ସମ୍ମୁଖୀନ ହେଉଥିଲେ । ତେଣୁ ଏଠାକାର ଅଧିବାସୀ ଗଙ୍ଗାଧର ଦାସ ନିଜ ଅଞ୍ଚଳରେ ପୂଜା ଆରମ୍ଭ କରିବାକୁ ମନରେ ମନସ୍ଥ କରି ଅନ୍ୟ ଅଧିବାସୀଙ୍କ ପୂର୍ଣ୍ଣ ସହଯୋଗରେ ଏହି ପ୍ରାଚୀ ନଗର ସାର୍ବଜନନୀନ ଦୁର୍ଗାପୂଜା ଆରମ୍ଭ କରିଥିଲେ । ଗଙ୍ଗାଧର ୨୦୦୪ରୁ ୨୦୨୦ଯାଏଁ ପୂଜାରେ କର୍ତା ଭାବେ କଳସ ବୁଡା ଠାରୁ ସଂକଳ୍ପ ଆଦି କାର୍ଯ୍ୟ ତୁଲାଇ ଆସୁଥିଲେ । ତେବେ ପରେ ସ୍ୱାସ୍ଥ୍ୟଗତ କାରଣରୁ ସେ ଆଉ କର୍ତା ଦାୟିତ୍ୱ ତୁଲାଇ ପାରିନଥିଲେ । ସେହିଭଳି ମାଆଙ୍କ ପୂଜା ଆରମ୍ଭ ହୋଇଥିଲା ପ୍ରାଚୀ ନଗର ଅଧିବାସୀଙ୍କ ବାଡିରେ । ପ୍ରାୟ ୫ବର୍ଷ ପରେ ପ୍ରାଚୀ ନଗର ଅଞ୍ଚଳର ସ୍ଥାୟୀ ଓ ଭଡାରେ ରହୁଥିବା ଅଧିବାସୀଙ୍କ ସହଯୋଗକ୍ରମେ ୫ଡେସମିଲ ଜମି କ୍ରୟ କରାଯାଇ ୨୨ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ସ୍ଥାୟୀ ମଣ୍ଡପ ନିର୍ମାଣ କରାଯାଇ ମାଆଙ୍କ ପୂଜା ମହାସମାରୋହରେ ପାଳିତ ହୋଇ ଆସୁଛି । ମା'ଦୁର୍ଗାଙ୍କ ପ୍ରତିମୂର୍ତ୍ତିକୁ ଭଦ୍ରକ ସହର ଅପର୍ତିବିନ୍ଧା କୁମ୍ଭାରସାହି ଅଞ୍ଚଳର କାରିଗର ସଞ୍ଜୟ ମୁଦୁଲି ସବୁ ବର୍ଷ ତିଆରି କରି ଆସୁଛନ୍ତି । ତେବେ ଏହି ପ୍ରାଚୀ ନଗର ସାର୍ବଜନୀନ ଦୁର୍ଗାପୂଜା ର ମୁଖ୍ୟ ବିଶେଷତ୍ୱ ହେଲା, ଦଶହରା ବା ବିଜୟା ଦଶମୀ ଦିନ ପ୍ରାୟ ୧ ହଜାରରୁ ଅଧିକ ଭକ୍ତଙ୍କୁ ପଖାଳ ପ୍ରସାଦ ବିତରଣ କରାଯାଏ । ୬ଷ୍ଠୀ ଦିନ ବେଲ୍ୱବରଣ, ୭ମ ପୂଜା ଓ ମହାଷ୍ଟମୀ ପୂଜାରେ ଶହଶହ ସଂଖ୍ୟାରେ ମହିଳା ଓ ପୁରୁଷ ଭକ୍ତମାନଙ୍କ ଭିଡ ହୋଇଥାଏ ।



୨୨ବର୍ଷର ଏହି ସାର୍ବଜନୀନ ଦୁର୍ଗାପୂଜା ପ୍ରାଚୀ ନଗର ଅଞ୍ଚଳର ପ୍ରାୟ ୯ଶହ ସ୍ଥାୟୀ, ଅସ୍ଥାୟୀ ଅଧିବାସୀଙ୍କ ସହଯୋଗରୁ ସମ୍ଭବ ହୋଇ ପାରିଛି । ଏଥର ଏଥର ପୂଜା କିଭଳି ସୁରୁଖୁରୁରେ ହେବ ଏଥିନେଇ କମିଟି ଯତ୍ନବାନ ରହିଛି ।

**-ସରୋଜ ଲେଙ୍କା, ସଭାପତି**



ସାର୍ବଜନୀନ ନୀଳକଣ୍ଠନଗର ଦୁର୍ଗାପୂଜା ପୂଜା ଦଶହରା ଦିନ ସମବେତ ପଖାଳ ପ୍ରସାଦ ସେବନକୁ କିଭଳି ଶୃଙ୍ଖଳିତ କରାଯିବ ଓ ପୂଜାକୁ ଅଧିକରୁ ଅଧିକ ଆକର୍ଷଣୀୟ କରିବାକୁ କମିଟି ଓ ପ୍ରାଚୀ ନଗର ଅଧିବାସୀ ସଂକଳ୍ପବଦ୍ଧ ।

**-ଅଶୋକ ପରିଜା, ସମ୍ପାଦକ**

## ଆଜି ମହାବେଲବରଣ

# ଧରାବତରଣ କରିବେ ମା' ଦଶଭୂଜା



**ବାରିକପୁର, ୨୭ ।୯ (ସମିସ):** ଆଜି ମହାବେଲବରଣ ସହିତ ମା' ଦଶଭୂଜା ଧରାବତରଣ କରବେ । ଏଥିପାଇଁ ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ପୂଜା ମଣ୍ଡପଗୁଡିକ ଉତ୍ସବମୁଖର ହୋଇଉଠିଛି । ବ୍ଲକର ପ୍ରସିଦ୍ଧ ନିର୍ଗୁଣ୍ଡି ଗ୍ରାମରେ ୫ଟି ପୂଜା କମିଟି ପକ୍ଷରୁ ଚଳିତ ବର୍ଷ ବେଶ ଭାବ ଉଦ୍ଦୀପନାର ସହିତ ପୂଜା ଆୟୋଜିତ ହୋଇଛି । ପୂଜାରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଏକ ନିଆରା ଢଙ୍ଗରେ ଉତ୍ସବ ଆୟୋଜିତ ହେଉଥିବା ଜଣା ଯାଇଛି । ସେହିଭଳି ଭଣ୍ଡାରିପୋଖରୀ ବଜାର, ସରସଦା ସାର୍ବଜନୀନ ଦୁର୍ଗାପୂଜା କମିଟି, ମଞ୍ଜୁରୀ ରୋଡ, ପାଟୁଳି, ଯୋରାଗଡ଼ିଆ ଠାରେ ମଧ ମା'ଙ୍କ ଆବାହନ ପାଇଁ ପ୍ରସ୍ତୁତି ଶେଷ ହୋଇଛି । ଏହାଛଡା ନଗୁଆ ଠାରେ ସର୍ବପୁରାତନ ପୂଜା କମିଟି ପକ୍ଷରୁ ପାରମ୍ପରିକ ରୀତିନୀତି ଅନୁଯାୟୀ ଆଜି ସିଂହବାହିନୀ ଙ୍କ ପୂଜା ଆରମ୍ଭ ହେଉଥିବା ଜଣାପଡ଼ିଛି । ଏହାଛଡା ବାଲିଗଡ଼ିଆ ଠାରେ ରେବ ନଦୀ କୂଳରେ ଅବସ୍ଥିତ ପୀଠରେ ମଧ ମା'ଙ୍କ ପୂଜା ଉତ୍ସବ ପାଇଁ କମିଟି ପକ୍ଷରୁ ବ୍ୟାପକ ଆୟୋଜନ ହୋଇଛି । ଏଥିରେ ବୋହୁ ଶ୍ରଦ୍ଧାଳୁ ଯୋଗ ଦେବେ ବୋଲି କୁହା ଯାଇଛି । ଆଜି ମଧ ରାତ୍ରରୁ ସବୁଠି ବେଲ୍ୱ ବରଣୀ ସହିତ ମା' ଦୁର୍ଗାଙ୍କୁ ଆବାହନ କରାଯାଇ ପୂଜାପାଠ ଆରମ୍ଭ ହେବ । ଭକ୍ତମାନଙ୍କ ସମାଗମକୁ ଆଖି ଆଗରେ ରଖି ବିଭିନ୍ନ ସ୍ଥାନରେ ସୁରକ୍ଷା ପାଇଁ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି ।



ନଦୀ କୂଳରେ ଥିବା ମନ୍ଦିରରେ ଆଜିଠାରୁ ୫ଦିନ ଯାଏଁ ବେଶ ଭାବ ଉଦ୍ଦୀପନାର ସହିତ ମା' ଦୁର୍ଗାଙ୍କ ପୂଜା ହେବ । ଏଥିରେ ଆଖପାଖ ଅଞ୍ଚଳର ଅନେକ ଶ୍ରଦ୍ଧାଳୁ ଯୋଗ ଦେବେ । ଚଳିତ ବର୍ଷ ପୂଜାରେ କିଛି ପାରମ୍ପରିକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଗାଁରେ ଦଶହରା ଯାଏଁ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହେବ ।

**- ମାଧବ ଚନ୍ଦ୍ର ପାଲ, ବାଲିଗଡ଼ିଆ ପୂଜା କମିଟି**

ଜେଜେ ବାପାଙ୍କ ଅମଳରୁ ପୂଜା ଅନୁଷ୍ଠିତ ହେଉଛି । ପ୍ରାୟତିନି ପୁରୁଷଧରି ମା'ଙ୍କ ପୂଜା ଉତ୍ସବ ଆୟୋଜିତ ହେଉଥିବା ବେଳେ ଏଥିରେ ଗ୍ରାମବାସୀଙ୍କ ପ୍ରମୁଖ ସହଯୋଗ ରହିଥାଏ । ପାରମ୍ପରିକ ଭାବେ ୫ ଦିନ ଧରି ଦୁର୍ଗାଙ୍କ ଆରାଧନା ହୁଏ । ଶହଶହ ଲୋକ ଏଥିରେ ଯୋଗ ଦେଇଥାନ୍ତି ।



**- ଚିନ୍ମୟ ପଟ୍ଟନାୟକ, ନଗୁଆଁ ପୂଜା କମିଟି**

# ପଞ୍ଜିକୃତ ଚାଷୀଙ୍କୁ ମିଳିନି ରସିଦ; ଅନିୟମିତତା ଅଭିଯୋଗ

**ଭଣ୍ଡାରିପୋଖରୀ, ୨୭।୯ (ସମିସ):** ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ମାଳସା ପ୍ରାଥମିକ କୃଷି ସମବାୟ ସମିତିରେ ଚଳିତ ବର୍ଷ ଖରିଫ ଧାନବିକ୍ରୀ ପାଇଁ ପଞ୍ଜିକରଣ କରିଥିବା ଚାଷୀମାନଙ୍କୁ ପଞ୍ଜୀକରଣ ରସିଦ (ଅନଲାଇନ ସ୍ଲିପ) ପ୍ରଦାନ କରାଯାଇନାହିଁ । ପଞ୍ଜିକରଣ ପାଇଁ ଚାଷୀମାନେ ଦାଖଲ କରିଥିବା ଜମିକୁ ଏପଟ ସେପଟ କରାଯାଇଛି । ଜଣେ ଚାଷୀ ଦ୍ୱାରା ପଞ୍ଜିକରଣ ପାଇଁ ଦାଖଲ ହୋଇଥିବା ଚାଷଜମିକୁ ସମିତି ସ୍ତରରେ ଅନ୍ୟଜଣେ ଚାଷୀଙ୍କ ପଞ୍ଜୀକରଣରେ ସାମିଲ କରାଯାଇଛି । ଚାଷୀ ପଞ୍ଜିକରଣରେ ଧାର୍ଯ୍ୟ ନିୟମାବଳୀକୁ ଆଦୌ ପାଳନ କରାଯାଇ ନାହିଁ । ଫଳରେ ଚାଷୀମାନେ ପଞ୍ଜୀକରଣ ଜାଲିଆତିର ଶିକାର ହୋଇଛନ୍ତି ବୋଲି ଅଭିଯୋଗ ହୋଇଛି । ପଞ୍ଜୀକରଣ ସମୟରେ ଭାଗଚାଷୀ ପଞ୍ଜିକରଣରେ ମଧ୍ୟ ଜାଲିଆତି କରାଯାଇଛି । ପଞ୍ଜିକରଣ କରିବାକୁ ଆଗ୍ରହୀ ନଥିବା ଜମି ମାଲିକଙ୍କ ଆଧାର କାର୍ଡକୁ କୌଣସି ମତେ ହାସଲ କରି ଜମି ମାଲିକଙ୍କ ଜାଲ ଦସ୍ତଖତ ବଳରେ ଭାଗଚାଷୀ ବହୁ ମାତ୍ରାରେ ପଞ୍ଜୀକରଣ କରାଯାଇଛି । ଏଠିତପାଇଁ ଆବଶ୍ୟକ ପଡୁଥିବା ମୋବାଇଲ ନମ୍ବର ଜାଲିଆତିରେ ସମ୍ପୃକ୍ତ ବ୍ୟକ୍ତିଙ୍କର ଦିଆଯାଇ ପଞ୍ଜିକରଣ ତନଖିକୁ ସହଜରେ ହାସଲ କରିନିଆଯାଉଛି । ଅନୁଧ୍ୟାନ କରିବା ଦାଇତ୍ୱରେ ଥିବା ସରକାରୀ କର୍ମଚାରୀ ଏହି କାର୍ଯ୍ୟକୁ ଅନୁମୋଦନ କରିଦେଉଛନ୍ତି ବୋଲି ଅଭିଯୋଗ ହୋଇଛି । ସମିତିର ନିର୍ବାଚିତ ପରିଚାଳନା ପରିଷଦ ସଦସ୍ୟା ସ୍ନେହଲତା ସାମଲ, କମଳାକାନ୍ତ ସାମଲ, ନାରାୟଣ ଚନ୍ଦ୍ର ପରିଡ଼ା, ନରେନ୍ଦ୍ର ମହାନ୍ତି, ବନ୍ଦିତା ମଲ୍ଲିକ ପ୍ରମୁଖ ଏହି ଅଭିଯୋଗ ଜିଲ୍ଲା ସମବାୟ ସମିତି ସମୂହ ନିବନ୍ଧକଙ୍କ ନିକଟରେ ଗତ ଶୁକ୍ରବାର କରିଥିବା ଜଣାଯାଇଛି । ଏହି ଅଭିଯୋଗର ତଦନ୍ତ କରାଯିବ ବୋଲି ସମବାୟ ନିବନ୍ଧକ ପ୍ରତିଶ୍ରୁତି ଦେଇଥିବା ଜଣାଯାଇଛି ।

## ସ୍ମୃତି ସେବା ଓ ସାହିତ୍ୟ ଗବେଷଣା ପରିଷଦର ଆଲୋଚନା ସଭା

# 'ବହି ଜୀବନର ପରମ ବନ୍ଧୁ'



**ତିହିଡ଼ି, ୨୭ ।୯ (ସମିସ):** ତିହିଡ଼ି ବ୍ଲକର ଅନ୍ୟତମ ନାରାୟଣ ସ୍ମୃତି ସେବା ଓ ସାହିତ୍ୟ ଗବେଷଣା ପରିଷଦର ଆଲୋଚନା ସଭା, କବିତାପାଠ, ପୁସ୍ତକ ଲୋକାର୍ପଣ ଓ ସମ୍ବର୍ଦ୍ଧନା ପର୍ବ ପରିଷଦର ସଭାପତି ବିଭୂତିଭୂଷଣ ସେନାପତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଆଜିକାଲି ଅଧିକାଂଶ କବି ଓ ଲେଖକ ପୁସ୍ତକ ପଠନରୁ ନିବୃତ୍ତ ରହି କେବଳ ସମ୍ବର୍ଦ୍ଧନା ପାଇବା ଓ ସମ୍ବାଦପତ୍ର ବା ସୋସିଆଲ ମିଡିଆରେ ନାମ ପ୍ରକାଶ ପାଇବା ପାଇଁ ବ୍ୟଗ୍ର । ଆମେରିକାର ବିଦ୍ୱାନ୍ ମେରି ବେକର ମୃତ୍ୟୁର କିଛିକ୍ଷଣ ପୂର୍ବରୁ କହିଲେ କୋରାନ୍ ବହି ମୋର ପରମ ଗୁରୁ । ସେହିପରି ପଣ୍ଡିତ ଲୋକମାନ୍ୟ ତିଳକ, ସ୍ୱାମୀ ବିବେକାନନ୍ଦ ତଥା ସର୍ବପଲ୍ଲୀ ରାଧାକ୍ରୀଷ୍ଣନ୍ ପ୍ରଭୃତି ଶ୍ରେଷ୍ଠ ବିଦ୍ୱାନ୍ ବହିକୁ ଜୀବନର ପରମ ବନ୍ଧୁ ବୋଲି କହିଛନ୍ତି । ଏହାକୁ ଆଧାର କରି ଆଜିର ଆଲୋଚନା ସଭାରେ ଶିକ୍ଷାବିତ୍ ପ୍ରଶାନ୍ତ କୁମାର ତ୍ରିପାଠୀ, ନିତ୍ୟାନନ୍ଦ ମଲ୍ଲିକ, ଡ. ଅରୁଣ କୁମାର ପଣ୍ଡା, ପ୍ରାକ୍ତନ ଅଧକ୍ଷ ଗୋପାଳ ପ୍ରସାଦ ମହାପାତ୍ର, ଅଧ୍ୟାପକ ମୃତ୍ୟୁଞ୍ଜୟ ଦାସ, କବି ରବିକୁମାର ମହାନ୍ତି, ଶିକ୍ଷାବିତ୍ ମଥୁରାମୋହନ ବେହେରା, ଶିକ୍ଷକ କୃପାସିନ୍ଧୁ ମହାନ୍ତି, ଅଭୟ କୁମାର ଦାସ, କବି ବିଶ୍ୱମୈତ୍ରୀ ନାୟକ, କବି ବୈକୁଣ୍ଠ ନାଥ ଓଝା, ନୀଳମାଧବ ସେନାପତି, ଆଶୁତୋଷ କରଣ, ସୁବାସ ମହାନ୍ତି, ଦେବେନ୍ଦ୍ର ମହାଳିକ, ସୁଧାରଞ୍ଜନ ମହାନ୍ତି, ମୌସୁମୀ ଗୋଚ୍ଛାୟତ ପ୍ରମୁଖ ଅତିଥିଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ସମ୍ପାଦିକା ସଂଯୁକ୍ତା ଭାରତୀଙ୍କ ସ୍ୱାଗତ ଭାଷଣ ପରେ କବି ବିଶ୍ୱମୈତ୍ରୀ ନାୟକଙ୍କ ସଂଯୋଜନାରେ କବିତା ପାଠ କରାଯାଇଥିଲା । ବୟୋଜ୍ୟେଷ୍ଠ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶୀତଳ କୁମାର ବେହେରାଙ୍କୁ ପରିଷଦ ଦ୍ୱାରା 'ସ୍ମୃତି ଗୌରବ ସମ୍ମାନ'ରେ ସମ୍ବର୍ଦ୍ଧିତ କରାଗଲା । ଡ.ଅରଣକୁମାର ପଣ୍ଡାଙ୍କ ବିପ୍ଲବାତ୍ମକ କବିତା ପୁସ୍ତକ 'ବାଡ଼' ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା । ସର୍ବଶେଷରେ ସମାଜସେବୀ ପ୍ରତିମା ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ ।



ବାବା ଆଖଣ୍ଡଳମଣିଙ୍କ ମନ୍ଦିରରେ ପୀଠଦେବୀ ଜୟଦୁର୍ଗାଙ୍କ ଷୋଡଶ ଦିବସୀୟ ପୂଜା ଅବସରରେ ମା'ଙ୍କ ମହାସରସ୍ୱତୀ ବେଶ

# ବୌଦ୍ଧ ବିହାରରେ ବିଶ୍ୱ ପର୍ଯ୍ୟଟନ ଦିବସ



**ଭଣ୍ଡାରିପୋଖରୀ, ୨୭।୯ (ସମିସ):** ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ଷୋଳମପୁର ବୌଦ୍ଧବିହାର ପରିସରରେ ବ୍ଲକ ପ୍ରଶାସନ ପକ୍ଷରୁ ଶନିବାର ବିଶ୍ୱ ପର୍ଯ୍ୟଟନ ଦିବସ ପାଳନ କରାଯାଇଛି । ବ୍ଲକ ସଂଯୋଜକ ଉଦୟନାଥ ବେଜଙ୍କ ନେତୃତ୍ୱରେ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ରଜନୀକାନ୍ତ ବଳ, ସାମ୍ବାଦିକ ବିଶ୍ୱମ୍ବର ରାଉତ, ନାଏବ ସରପଞ୍ଚ ସଙ୍ଗୀତାରାଣୀ ଖଟୁଆ, ଗ୍ରାମବାସୀ ସନ୍ତୋଷ କୁମାର ନାୟକ, ବାସୁଦେବ ନାୟକ, ଧନେଶ୍ୱର ନାୟକ, ଦିଲ୍ଲୀପ କୁମାର ସାହୁ ଓ ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀଭୁକ୍ତ ମହିଳାମାନେ ବୌଦ୍ଧବିହାର ପରିସର ସଫେଇ କରିଥିଲେ । ଏହି ବୌଦ୍ଧବିହାର ପରିସରରେ ଥିବା ବିଶ୍ୱସ୍ତରୀୟ ଐତୀହ ଓ କିର୍ତ୍ତିରାଜିଗୁଡିକର ସୁରକ୍ଷା ପାଇଁ ସଙ୍କଳ୍ପ କରିଥିଲେ । ପ୍ରଶାସନ ପକ୍ଷରୁ ଏହାକୁ ପର୍ଯ୍ୟଟନସ୍ଥଳୀ ମାନ୍ୟତା ପ୍ରଦାନ ପାଇଁ ପ୍ରକ୍ରିୟା ଜାରି ରହିଛି ବୋଲି ସୂଚନା ଦିଆଯାଇଥିଲା ।

# ରାସ୍ତା କାମ ପାଇଁ ମୋରମ୍ ନିମ୍ନମାନର



**ବାରିକପୁର, ୨୭ ।୯ (ସମିସ):** ଭଣ୍ଡାରିପୋଖରୀ ବ୍ଲକ ବାରିକପୁରଠାରୁ ବନ୍ତ ବଜାର ଯାଏଁ ପୂର୍ତ୍ତ ବିଭାଗ ପକ୍ଷରୁ ରାସ୍ତା ନବୀକରଣ କାର୍ଯ୍ୟ ହେଉଛି । ଏବେ ଶେଷ ପର୍ଯ୍ୟାୟରେ ପିଚୁ ନିର୍ମିତ ରାସ୍ତାକୁ ସୁରକ୍ଷା ଦେବା ପାଇଁ ଦୁଇ ପାର୍ଶ୍ୱରେ ଠିକା ସଂସ୍ଥା ମୋରମ ବିଛାଇଛି । ଏଥିରେ ବାଲି ମିଶ୍ରିତ ହୋଇ ନଥିବା ବେଳେ ମୋରମ ଅତି ନିମ୍ନମାନର ବୋଲି ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି । ମାଟି ମିଶ୍ରିତ ଖାଦନରୁ ଏହି ମୋରମ ଆସିଥିବା ଜଣାପଡ଼ିଛି । ସାମାନ୍ୟ ବର୍ଷା ହେଲେ ରାସ୍ତା ଦୁଇ ପାର୍ଶ୍ୱ କର୍ଦ୍ଦମାକ୍ତ ହେବ । ଏହାଦ୍ୱାରା ପିଚୁ ନିର୍ମାଣକୁ ଅନେକ କ୍ଷତି ପହଞ୍ଚାଇବ ଏଥିରେ ସନ୍ଦେହ ନାହିଁ । ଏହା ଅଳ୍ପ ଦିନରେ ମଧ୍ୟ ନଷ୍ଟ ହୋଇଯିବ ବୋଲି ଆଶଙ୍କା କରାଯାଇଛି ବିଭାଗୀୟ ଅଧିକାରୀ ଅଭିଯୋଗ ଉପରେ ପଦକ୍ଷେପ ନେବାକୁ ଦାବି ହେଉଛି ।

# ବ୍ଲକ୍‌ସ୍ତରୀୟ ମାଗଣା ସ୍ୱାସ୍ଥ୍ୟ ଚିକିତ୍ସା ଶିବିର

**ଧାମନଗର, ୨୭ ।୯ (ସମିସ):** ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଏନଏସି ଏବଂ ବ୍ଲକସ୍ତରୀୟ ମାନସିକ ରୋଗୀଙ୍କୁ ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । ଗତ ମଙ୍ଗଳବାର ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟଧିକାରୀ ଡାକ୍ତର ମନ୍ମୟ ସାମନ୍ତସିଂହାରଙ୍କ ସଞ୍ଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୋଟ ୬୮ରୁ ଊର୍ଦ୍ଧ୍ୱ ମାନସିକ ରୋଗୀ ତାଙ୍କର ନାମ ପଞ୍ଜୀକରଣ କରି ସ୍ୱାସ୍ଥ୍ୟ ପରୀକ୍ଷା ନିରକ୍ଷା କରାଇ ମାଗଣାରେ ଔଷଧ ନେଇ ଥିବା ଡାକ୍ତରଙ୍କ ଠାରୁ ସୂଚନା ଦିଆଯାଇଛି । ଏଥିରେ ଭଦ୍ରକ ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରର ବିଶେଷଜ୍ଞ ଡା.ବ୍ରଜ କିଶୋର ଗିରି, ଡା. ଲିୟୋନା ବେହେରା ପ୍ରମୁଖ ଯୋଗ ଦେଇ ମାନସିକ ରୋଗୀଙ୍କୁ ଚିକିତ୍ସା କରିଥିଲେ । ପ୍ରତି ବର୍ଷ ୨ ଥର ଏହି ଶିବିର ଆୟୋଜନ ହୋଇଥାଏ । ବିଶେଷ କରି ଜିଲ୍ଲା ଜରାନିବାସ ଓ ଅନ୍ୟାନ୍ୟ ସ୍ଥାନରେ ରହୁଥିବା ପଞ୍ଜୀକୃତ ମାନସିକ ରୋଗୀଙ୍କୁ ଯୋଗାଯୋଗ କରାଯାଇ ଏହି ଚିକିତ୍ସା ଯୋଗାଇ ଦିଆଯାଇଥାଏ । ଏହି ଶିବିର ସକାଳ ୯ଟାଠାରୁ ଆରମ୍ଭ ହୋଇ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ଚାଲେ । ସ୍ୱାସ୍ଥ୍ୟକର୍ମୀ ମଧୁସ୍ମିତା ମହାପାତ୍ର, ଅନନ୍ତ ଚରଣ ମୁଣ୍ଡା, ମଳୟ ରଞ୍ଜନ ଜେନା, ଉର୍ବଶ୍ରୀ ବେହେରା, ନଶ୍ରୀମ ଅକ୍ତର, ଦେବେନ୍ଦ୍ର ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ରାସ୍ତା ଉପରୁ ହଟିଲା ଗଛ



**ବାରିକପୁର, ୨୭ ।୯ (ସମିସ):** ଭଣ୍ଡାରେପାଖରୀ ବ୍ଲକ ରହଣିଆ ପଞ୍ଚାୟତ ରୋଢ଼ା ଗୋଡିପଦିଠାରେ ଏକ ବୃହତ ଶିରିସା ଗଛକୁ ଅଗ୍ନିଶମ ବିଭାଗ କର୍ମଚାରୀ କାଟି ଦେଇଛନ୍ତି । ପଞ୍ଚାୟତ ରାସ୍ତାଠାରୁ ଧଳସାହିକୁ ଯାଇଥିବା ଗ୍ରାମ୍ୟ ରାସ୍ତା ଉପରକୁ ଏହି ଗଛଟି ପ୍ରାୟ ଅର୍ଦ୍ଧାଧିକ ଭାଗ ଶୋଇ ରହିଥିଲା । ତେଣୁ ଯାନବାହନ ଯାତାୟାତ କରିବା କଷ୍ଟକର ହେଉଥିଲା । ଏପରିକି ଜରୁରୀକାଳୀନ ଗାଡିଟିଏ ଯିବା ଅସମ୍ଭବ ହୋଇ ପଡ଼ିଥିଲା । ସ୍ଥାନୀୟବାସିନ୍ଦା ତଥା ପୂର୍ବତନ ୱାର୍ଡ ସଭ୍ୟ ଶରତ ଚନ୍ଦ୍ର ଧଳ ଗଛଟିକୁ ରାସ୍ତା ଉପରୁ ହେଟଇବା ପାଇଁ ବାରମ୍ବାର ଅଭିଯୋଗ ଶୁଣାଣୀ ଶିବିର, ରାଜସ୍ୱ ନୀରିକ୍ଷକ ଓ ତହସିଲଦାରଙ୍କୁ ଜଣାଇଥିଲେ । ଏପରିକି ୨୦୨୪ ମସିହାରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ମଧ ଜଣାଇଥେଠିଲେ । ସେଠାରୁ ଜଙ୍ଗଲ ବିଭାଗ ଅଧିକାରୀଙ୍କୁ ଘଟଣା ସମ୍ପର୍କରେ ଅନୁଧ୍ୟାନ ପାଇଁ ନିର୍ଦ୍ଦେଶ ହୋଇଥିଲା । ତେଣୁ ବିଭାଗ କ୍ଷେତ୍ର ପରିଦର୍ଶନ ପରେ ରାଜସ୍ୱ ବିଭାଗକୁ ଗଛ କାଟିବା ପାଇଁ ନିର୍ଦ୍ଦେଶ ଦେଇଥିଲା । ପରେ ଅଗ୍ନିଶମ କର୍ମଚାରୀ ଗଛଟିକୁ କାଟିଦେଇଛନ୍ତି ।

# ଜିଲ୍ଲାସ୍ତରୀୟ ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ

**ଭଦ୍ରକ, ୨୭ ।୯ (ସମିସ)**



ଶନିବାର ସଂସ୍କୃତି ଭବନରେ ବିଶ୍ୱ ପର୍ଯ୍ୟଟନ ଦିବସ ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅନ୍ୟତମ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ, ଡେପୁଟୀ କଲେକ୍ଟର ତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାର୍ତ୍ତିକ ନାଥ ମଣ୍ଡଳ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଅନୁପ କୁମାର ବେହେରା, କ୍ରୀଡ଼ା ବିଭାଗର ଓଏସଡି ରମେଶ ମହାନ୍ତି, ସୁମନ ବିଡ଼ାନ୍ତ, ନିତ୍ୟାନନ୍ଦ ନାୟକ, ମନୋଜ ବେହେରା ଉପସ୍ଥିତ ଥିଲେ । ବର୍ତ୍ତମାନ ସମୟରେ ପର୍ଯ୍ୟଟନର ବିକାଶ ଉପରେ ସରକାରଙ୍କ ବିଶେଷ ଗୁରୁତ୍ୱ ରହିଛି ଏବଂ ଜିଲ୍ଲାରେ ବିଭିନ୍ନ ପର୍ଯ୍ୟଟନ ସ୍ଥଳୀର ବିକାଶ ପାଇଁ ସରକାର ଅନୁମୋଦନ କରିଛନ୍ତି ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ଇରମ, ଗୋହିରିଟିକିରା, ଆରଡ଼ି, ବିରଞ୍ଚିନାରାୟଣ ମନ୍ଦିର, ଭଦ୍ରକାଳୀ ମନ୍ଦିର, କାନ୍ତକବି ଲକ୍ଷ୍ମୀକାନ୍ତ ମେମୋରିଆଲ ପାର୍କ ଆଦି ବିଭିନ୍ନ ପ୍ରକଳ୍ପ ପାଇଁ ମଞ୍ଜୁରୀ ପ୍ରାପ୍ତ ହୋଇ କାର୍ଯ୍ୟ ଆରମ୍ଭ ହୋଇଯାଇଛି । ଆଗକୁ ଆହୁରି ନୂତନ ନୂତନ ପ୍ରକଳ୍ପ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଛି ବୋଲି ସେ କହିଥିଲେ । ସଭା ଆରମ୍ଭ ପୂର୍ବରୁ ଏକ କୁଇଜ୍ ପ୍ରତିଯୋଗିତା ଜିଲ୍ଲା ପର୍ଯ୍ୟଟନ ବିଭାଗ ତରଫରୁ ଅୟୋଜନ କରାଯାଇଥିଲା । ଏଥିରେ ଭଦ୍ରକର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଭାଗ ନେଇଥିଲେ । ବିଚାରକ ମଣ୍ଡଳୀ ଭାବରେ ପବିତ୍ର ପାଣିଗ୍ରାହୀ, ପୂର୍ଣ୍ଣ ଚନ୍ଦ୍ର ବହଲି, ରୂପକ୍ ରାୟ ଥିଲେ । ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଭଦ୍ରକ ସରକାରୀ ଉଚ୍ଚ ବିଦ୍ୟାଳୟର ଆଶୁତୋଷ ନାୟକ, ଦେବସ୍ମିତା ସାହୁ, ଦ୍ୱିତୀୟ ସ୍ଥାନ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ସନ୍ଥପୁରା, ତିହିଡ଼ିର ଶାଶ୍ୱତ ନାୟକ, ସୌମ୍ୟଜିତ୍ ଧଳ ଓ ତୃତୀୟ ସ୍ଥାନ ବିଏମ ବାଗୁରାଇ ଉଚ୍ଚ ବିଦ୍ୟାଳୟର ଅଂଶୁମାନ ସାମଲ, ବିଦୁସ୍ମିତା ମିଶ୍ର ତଥା ମହାବିଦ୍ୟାଳୟ ସ୍ତରୀୟ ପ୍ରଥମ ଭଦ୍ରକ ସ୍ୱୟଂଶାସିତ କଲେଜ୍‌ର ସତ୍ୟବ୍ରତ ପଣ୍ଡା, କଳାମାଣିକ ଦାସ ଦ୍ୱିତୀୟ ଚରମ୍ପା ମହା ବିଦ୍ୟାଳୟର ସ୍ୱାଗତିକା ମହାନ୍ତି, ତୁଳସୀ ବାରିକ୍ ଓ ତୃତୀୟ ଚରମ୍ପା ଡ଼ିଗ୍ରୀ କଲେଜ୍ ସମିମା ସୁଲତାନା, ଦିଳନ୍ ଚନ୍ଦ୍ର ସାହୁ ହୋଇଥିଲେ । ସେମାନଙ୍କୁ ସାର୍ଟିଫିକେଟ ଓ ଅର୍ଥ ରାଶି ପ୍ରଦାନ କରାଯାଇଥିଲା । ଶେଷରେ ଜିଲ୍ଲାପାଳ ଶ୍ରୀ ରାଉତରାଏ ସଭାରେ ଉପସ୍ଥିତ ସମସ୍ତ ବ୍ୟକ୍ତିବିଶେଷଙ୍କୁ କିଛି ପ୍ରଶ୍ନ କୁଇଜ୍ ମାଧ୍ୟମରେ ପଚାରିଥିଲେ ଏବଂ ସଠିକ୍ ଉତ୍ତରଦାତାଙ୍କୁ ପୁରସ୍କାର ପ୍ରଦାନ କରିଥିଲେ ।

ଭାଣପୁର ଦୁର୍ଗାପୂଜା କମିଟି

## ନବମୀରେ ଖିରି ଭୋଗ, ଦଶମୀରେ ଦହିପଖାଳ

# ଚାନ୍ଦି ମୁକୁଟରେ ଶୋଭା ପାଇବେ ଦେବାଦେବୀ

ଫୁଲନଖରା,୨୭।୯(ସମିସ): କଟକ ସଦର ଥାନା ଅନ୍ତର୍ଗତ ସିଏମ୍‌ସି ୫୮ନଂ ୱାର୍ଡସ୍ଥିତ ଭାଣପୁର ଗ୍ରାମରେ ୬ ଦଶନ୍ଧି ଧରି ଦଶହରା ଜାକଜମକରେ ପାଳିତ ହୋଇ ଆସୁଛି। ୬୫ ବର୍ଷ ଧରି ନିରବଚ୍ଛିନ୍ନ ଭାବରେ ଗ୍ରାମବାସୀଙ୍କ ଦ୍ୱାରା ହରପାର୍ବତୀ ପୂଜା ହୋଇ ଆସୁଥିଲା ବେଳେ ଦୁର୍ଗାପୂଜା ଦ୍ୱିତୀୟ ବର୍ଷରେ ପଦାର୍ପଣ କରିଛି। ଗ୍ରାମବାସୀ ଓ ଉଦ୍ୟମୀ ଯୁବଗୋଷ୍ଠୀଙ୍କ ସହଯୋଗରେ ଚଳିତ ବର୍ଷ ୧୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟବରାଦ ହୋଇଛି ବୋଲି ଦୁର୍ଗାପୂଜା କମିଟିର ସଭାପତି ପ୍ରମୋଦ ଓଝା ଓ ସଂପାଦକ ଅଜିତ କୁମାର ରାଉତରାୟ ପ୍ରକାଶ କରିଛନ୍ତି। ଗତବର୍ଷ ମା'ଙ୍କ ମୁକୁଟ ଚାନ୍ଦିରେ ନିର୍ମିତ ହୋଇଥିବା ବେଳେ ଚଳିତବର୍ଷ ପ୍ରତ୍ୟେକ ପାଶ୍ୱର୍ ଦେବାଦେବୀଙ୍କ ମସ୍ତକରେ ପ୍ରାୟ ୧୦କେଜି ଓଜନର ଚାନ୍ଦି ମୁକୁଟ ଶୋଭା ପାଇବ ବୋଲି କୋଷାଧକ୍ଷ ପ୍ରଭାତ କୁମାର ଜେନା ଓ ରାଜେଶ ଭଙ୍ଗ ସୂଚନା ଦେଇଛନ୍ତି। ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ନବମୀ ତିଥିରେ ଖିରୀ ଭୋଗ ଓ ଦଶମୀ ତିଥିରେ ଦହିପଖାଳ ଶ୍ରଦ୍ଧାଳୁମାନଙ୍କୁ ବଣ୍ଟନ କରାଯିବା ସଙ୍ଗେ



ସଙ୍ଗେ ଅଷ୍ଟମୀ ପୂଜା ପାଇଁ ଆସୁଥିବା ସମସ୍ତ ବ୍ରତଧାରୀଙ୍କୁ ଘିଅ ଦୀପ, ଫୁଲ, ଶଙ୍ଖା ଓ ସିନ୍ଦୁର ପୂଜା କମିଟି ପକ୍ଷରୁ ଯୋଗାଇ ଦିଆଯାଇଥାଏ। ନବମୀ, ଦଶମୀ ଓ ଏକାଦଶୀ ତିଥିରେ ପ୍ରତ୍ୟେହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହେବା ସଙ୍ଗେ ସଙ୍ଗେ ଦଶମୀ ଓ ଏକାଦଶୀ ଦିନ ମଞ୍ଚ ଉପରେ ପୂଜ୍ୟପୂଜା କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳର ମୁରବୀଙ୍କୁ ସମ୍ବର୍ଦ୍ଧିତ କରାଯିବା ପାଇଁ ପୂଜା କମିଟି ପକ୍ଷରୁ ସ୍ଥିର କରାଯାଇଛି। ଭାଣପୁର ଗ୍ରାମର ହିନ୍ଦୁ ଓ ମୁସଲିମ ମାନେ ଏକତ୍ର ମିଶି ଉକ୍ତ ପୂଜାକୁ ପାଳନ କରି ଭାଇଚାରାର ଏକ ନିଆରା ପରମ୍ପରା ସୃଷ୍ଟି କରିଛନ୍ତି ବୋଲି ସଭାପତି ଶ୍ରୀ ଓଝା ପ୍ରକାଶ କରିଛନ୍ତି। କାର୍ତ୍ତିକ ଖଟୁଆ, ସନାତନ ରାଉତ, ସରୋଜ ନାୟକ, ନରେଶ ନାୟକ, ଅଜୟ ଜେନା, ସୁଜିତ ସାହୁ, ହୃଷିକେଶ ମହାରଣା, ମହମ୍ମଦ ସିଦ୍ଦିକ୍, ସେକ୍ ଦିଲ୍‌ବର, ସରୋଜ ପଡ଼ିଆରୀ, ସାଜନ ସାହୁ, ରାକେଶ ଜେନା ଓ ମାନସ ସାହୁ ପ୍ରମୁଖ କର୍ମକର୍ତ୍ତାଙ୍କ ଅକ୍ଳାନ୍ତ ପରିଶ୍ରମ ଓ ଗ୍ରାମବାସୀଙ୍କ ସହଯୋଗ ଦ୍ୱାରା ଉକ୍ତ ପୂଜା ଆଜି ମହାଆଡମ୍ବର ସହକାରେ ପାଳନ କରିବାରେ କମିଟି ସକ୍ଷମ ହୋଇପାରିଛି ବୋଲି ସଂପାଦକ ଶ୍ରୀ ରାଉତ କହିଛନ୍ତି।



୬୫ବର୍ଷ ଧରି ଦଶହରା ପର୍ବକୁ ଆମେ ଗ୍ରାମର ହିନ୍ଦୁ ମୁସ୍‌ଲିମ୍ ଏକତ୍ର ପାଳନ କରିଥାଉ। ଯାହାଫଳରେ ଆମ ଭିତରେ ଭାଇଚାରାର ସଂପର୍କ ବୃଦ୍ଧି ହୋଇଥାଏ। ପ୍ରତ୍ୟେକ ବର୍ଷ ଭଳି ଆକର୍ଷଣୀୟ ତୋରଣ ସାଙ୍ଗକୁ ଆଲୋକମାଳା ଜାତୀୟ ରାଜପଥରେ ଯାଉଥିବା ଯାତ୍ରୀମାନଙ୍କୁ ବିଶେଷ ଭାବରେ ପ୍ରଭାବିତ କରିଥାଏ। ନବମୀରେ ଖିରୀ ଭୋଗ ଓ ଦଶମୀରେ ଦହିପଖାଳ ପ୍ରସାଦ ପାଇଁ ଶ୍ରଦ୍ଧାଳୁମାନଙ୍କର ଭିଡ ଲାଗି ରହିଥାଏ।

- ପ୍ରମୋଦ ଓଝା, ସଭାପତି



ଗ୍ରାମର ଉତ୍ସାହୀ ଯୁବଗୋଷ୍ଠୀଙ୍କ ଉଦ୍ୟମ ଓ ନିଷ୍ଠା ପାଇଁ ଆମେ ଆଜି ମା'ଙ୍କ ପୂଜାକୁ ଆକର୍ଷଣୀୟ କରିବା ପାଇଁ ସକ୍ଷମ ହୋଇପାରିଛୁ। ଦୁଇବର୍ଷ ଧରି ଅନୁଷ୍ଠିତ ହେଉଥିବା ଦୁର୍ଗା ପୂଜାରେ ଅଷ୍ଟମୀ ବ୍ରତଧାରୀମାନଙ୍କୁ ଅନୁଷ୍ଠାନ ପକ୍ଷରୁ ପୂଜା ସାମଗ୍ରୀ ଯୋଗାଇ ଦିଆଯାଇଥାଏ। ପ୍ରତ୍ୟେହ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ପୂଜ୍ୟପୂଜାକୁ ଆମ ଅନୁଷ୍ଠାନ ବିଶେଷ ଭାବରେ ପ୍ରାଧାନ୍ୟ ଦେଇଥାଏ।

- ଅଜିତ କୁମାର ରାଉତ, ସଂପାଦକ

## କେଳେଙ୍କାରୀ ଯନ୍ତ୍ରୀଙ୍କୁ ଅନୁକମ୍ପା; ଲୋକଦେଖାଣିଆ ବଦଳି

ଭଦ୍ରେଶ୍ୱର, ୨୭।୯(ସମିସ): ଦୁର୍ନୀତି ଓ କେଳେଙ୍କାରୀରେ ଛନ୍ଦି ହୋଇ ପଡ଼ିଥିବା ମାହାଙ୍ଗା ବ୍ଲକ୍‌ର ବହୁଚର୍ଚ୍ଚିତ ସହକାରୀ ଯନ୍ତ୍ରୀ ମୋନାଲିସା ମଲିକଙ୍କୁ ଲୋକ ଦେଖାଣିଆ ଭାବେ ବଦଳି କରାଯାଇଛି। ପ୍ରଶାସନ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ଅନୁକମ୍ପା ଦେଖାଇଛି। ସମ୍ପୃକ୍ତ ଯନ୍ତ୍ରୀଙ୍କୁ ଆଠଗଡ଼ ବ୍ଲକକୁ ବଦଳି କରି ଦେଇ ପ୍ରଶାସନ ହାତ ଝାଡ଼ି ଦେଇଛି। ବହୁ କେଳେଙ୍କାରୀରେ ସାମିଲ ଥିବା ବେଳେ ନିଜ ବ୍ୟକ୍ତିଗତ କାର ଡ୍ରାଇଭରଙ୍କ ସହ ଅନୈତିକ ସମ୍ପର୍କକୁ ନେଇ ଅଡୁଆରେ ପଡିଥିଲେ। ମାହାଙ୍ଗା ବ୍ଲକରେ ଦୀର୍ଘଦିନ ଅନିୟମିତତା, ଚଞ୍ଚକତା ଓ ଦୁର୍ନୀତିରେ ଲିପ୍ତ ଥିବାରୁ ତାଙ୍କୁ କାରଣଦର୍ଶାଅ ନୋଟିସ ଜାରି କରିଥିଲେ ଜିଲ୍ଲାପାଳ। ଏହାମଧ୍ୟରେ ଆଠଗଡ଼ ବ୍ଲକରୁ ମୀରାମ୍ବିକା ସାହୁଙ୍କ ମାହାଙ୍ଗା ବ୍ଲକକୁ ବଦଳି ହୋଇଥିବାର ଜଣାଯାଇଛି।

## ୬ ପଞ୍ଚାୟତକୁ ୨୨୨ ବସ୍ତା ସାର, ପାକ୍ସରେ ତାଲା ପକାଇଲେ ଚାଷୀ

କନ୍ଦରପୁର, ୨୭।୯ (ସମିସ): ଶନିବାର କନ୍ଦରପୁର କୃଷକ ସେବା ସମବାୟ ସମିତିକୁ ୬ଟି ପଞ୍ଚାୟତର ଶତାଧିକ ଚାଷୀଙ୍କ ପାଇଁ ମାତ୍ର ୨୨୨ ବସ୍ତା ସାର ବିକ୍ରି ହେବାକୁ ଆସିଥିବା ବେଳେ ସେଠାରେ ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହୋଇଛି। ଆହୁରି ସାର ଆଣି ସମସ୍ତଙ୍କୁ ସମାନ ଭାବରେ ବିକ୍ରି କରିବା ଦାବି କରି ସାର ଗୋଦାମକୁ ଚାଷୀମାନେ ଚାବି ପକାଇ ରଖିଥିବା ଜଣାପଡିଛି। ସେଥିରେ କେତେକ ତଥାକଥିତ ରାଜନୈତିକ କୁଜି ନେତା ସାରର ଅଭାବୀ ସମୟରେ ଫାଇଦା ଉଠାଇବାକୁ ଉଦ୍ୟମ କରୁଥିବାକୁ ନେଇ ଅସନ୍ତୋଷ ଦେଖାଦେଇଛି। ସରକାର ତୁରନ୍ତ ଚାଷୀମାନଙ୍କ ହିତ ଦୃଷ୍ଟିରୁ ଅଭାବୀ ସାର ସମସ୍ୟା ଦୂର କରିବାକୁ ସାଧାରଣରେ ଦାବି ହେଉଛି।

## ନିଖୋଜ ବୃଦ୍ଧଙ୍କ ଶବ ଉଦ୍ଧାର

ଭଦ୍ରେଶ୍ୱର, ୨୭।୯(ସମିସ): ମାହାଙ୍ଗା ବ୍ଲକ ହଳଦିଆ ପଞ୍ଚାୟତ ଓଳକଣା ଗ୍ରାମରୁ ରହସ୍ୟଜନକ ଭାବେ ୯ ଦିନ ହେଲା ନିଖୋଜ ଥିବା ଜଣେ ବୃଦ୍ଧଙ୍କର ଗଳିତ ଶବକୁ



ଶନିବାର ଡେରାବିଶ ବ୍ଲକ ଆରଖଣ୍ଡ ଜଙ୍ଗଲରୁ ଉଦ୍ଧାର କରାଯାଇଛି। ବୃଦ୍ଧ ଜଣକ ହେଉଛନ୍ତି ଓଳକଣା ଗ୍ରାମର ଗୌରାଙ୍ଗ ଚରଣ ମହାରଣା(୬୫)। ଏସମ୍ପର୍କରେ ତାଙ୍କର କନ୍ୟା ପୁଷ୍ପଲତା ମହାରଣା ଭଦ୍ରେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଭଦ୍ରେଶ୍ୱର ଥାନା ପୁଲିସ ପକ୍ଷରୁ ଏକ ମାମଲା ରୁଜୁ ହୋଇଥିଲା ବେଳେ ଘଟଣା ପଛର କାରଣ କିଛି ସ୍ପଷ୍ଟ ହୋଇପାରି ନାହିଁ। ଶବ ଉଦ୍ଧାର ପରେ ବୃଦ୍ଧଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହେଉଛି। ଡେରାବିଶ ଓ ଭଦ୍ରେଶ୍ୱର ଥାନା ପୁଲିସ ଘଟଣାସ୍ଥଳରେ ତଦନ୍ତ କରିଥିଲା ବେଳେ ଶବ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

## କାର୍ ସହ ଗଞ୍ଜେଇ ଜବତ; ୨ ଗିରଫ

ଟାଙ୍ଗୀ/ମଙ୍ଗୁଳି, ୨୭।୯(ସମିସ): ଟାଙ୍ଗୀ ପୁଲିସ୍ ୧୬ନଂ ଜାତୀୟ ରାଜପଥର ମଙ୍ଗୁଳି ଅଞ୍ଚଳରୁ ଏକ କାର ଓ ପ୍ରାୟ



ଅଢେଇ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ କରିବା ସହ ୨ ଜଣ ଯୁବକଙ୍କୁ ଗିରଫ କରିଛି। ଏଥିସହ ସେମାନେ ବ୍ୟବହାର କରୁଥିବା ଦୁଇଟି ସ୍ମାର୍ଟ ଫୋନ ମଧ୍ୟ ଜବତ ହୋଇଛି। ଅଭିଯୁକ୍ତଦ୍ୱୟ ହେଲେ ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ପରମାନନ୍ଦପୁର ଗ୍ରାମର କାହ୍ନୁ ମାହାଳିକ (୨୩) ଓ ରାଇସୁଆଁ ଗ୍ରାମର ଆଲୋକ ଦାସ(୨୧)। ଉକ୍ତ ଗଞ୍ଜେଇ ଫୁଲବାଣୀରୁ ଭାୟା ମଙ୍ଗୁଳି ଦେଇ ବାଲେଶ୍ୱର ଚାଲାଣ କରାଯାଉଥିଲା। ଉଭୟଙ୍କୁ ଏକ ମାମଲା ରୁଜୁକରି କୋର୍ଟ ଚାଲାଣ କରାଯାଇଥିବା ଏସଡିପିଓ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି। ସୂଚନା ଅନୁସାରେ, କାର୍‌ର ପଛ ଡିକିରେ ୨୫ଟି ପ୍ୟାକେଟରେ ଗଞ୍ଜେଇ ରହିଥିଲା; ଯାହା ୨୬ କିଲୋ ୬୪୦ ଗ୍ରାମ୍ ବୋଲି ଜଣାପଡ଼ିଛି।

## ବାଇକ୍-ସ୍କୁଟି ଧକ୍କା; ଜଣେ ମୃତ, ୨ ଆହତ

ଭଦ୍ରେଶ୍ୱର, ୨୭।୯(ସମିସ): ମାହାଙ୍ଗା ଥାନା କୁମୁଡା ଜୟପୁର ଫାଣ୍ଡି କଇଥା ପଞ୍ଚାୟତ ଆନନ୍ଦବଜାରଠାରେ ଏକ ବାଇକ ଓ ସ୍କୁଟି ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ଜଣେ ବାଇକ୍ ଆରୋହୀଙ୍କ ପ୍ରାଣ ହାନି ହୋଇଛି। ଦୁର୍ଘଟଣାରେ ଦୁଇ ଜଣ ଶିକ୍ଷୟିତ୍ରୀ ଗୁରୁତର ଭାବେ ଆହତ ହୋଇ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର ହୋଇଛନ୍ତି। ମୃତକ ହେଲେ ଟାଙ୍ଗୀ ଥାନା ରସିକନଗର ଗ୍ରାମର ସୁଧାକର ନାୟକ। ସୂଚନା ଅନୁସାରେ, ପଶ୍ଚିଲୁଣ୍ଡାସ୍ଥିତ ଆଚାର୍ଯ୍ୟ ପ୍ୟାରୀମୋହନ ବିଦ୍ୟାନିକେତନର ଶିକ୍ଷୟିତ୍ରୀ ଅରୁନ୍ଧତୀ ସାହୁ(୪୦), ଯଶରାଜପୁର ଗ୍ରାମର ପ୍ରିୟଙ୍କା ପ୍ରିୟଦର୍ଶିନୀ ଶତପଥୀ ବିଦ୍ୟାଳୟରୁ ଛତିଆ ଅଭିମୁଖେ ଏକ ସ୍କୁଟିରେ ଯାଉଥିଲେ। ବିପରୀତ ଦିଗରୁ ଏକ ବାଇକରେ ସୁଧାକର ଆ।।ସୁଥିଲେ। ଦୁର୍ଘଟଣା ପରେ ଅଗ୍ନିଶମ ବାହିନୀର କର୍ମଚାରୀ ଆହତଙ୍କୁ ଉଦ୍ଧାର କରି ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ସୁଧାକରଙ୍କୁ ମୃତ ଘୋଷଣା କରାଯାଇଥିଲା। ଏହି ଘଟଣାକୁ ନେଇ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ମାହାଙ୍ଗା ପୁଲିସ ଘଟଣାର ତଦନ୍ତ ଜାରି ରଖିଥିଲା ବେଳେ ମୃତ ସୁଧାକରଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କଟକ ବଡ ଡାକ୍ତରଖାନାକୁ ପଠାଯାଇଛି।

## ଆପାର୍ଟମେଣ୍ଟରୁ ପଡ଼ି ବୃଦ୍ଧାଙ୍କ ମୃତ୍ୟୁ

ଫୁଲନଖର, ୨୭।୯ (ସମିସ): କଟକ ସଦର ଥାନା ମହୀଧରପଡା ନିକଟସ୍ଥ ଏକ ଆପାର୍ଟମେଣ୍ଟରେ ତିନି ତାଲା ଉପରେ ରହୁଥିବା ଡାଲିମ୍ବ ଦାସ (୯୫)ଙ୍କ ଉପରୁ ଖସିପଡିବା ଫଳରେ ମୃତ୍ୟୁ ହୋଇଛି। କଟକ ସଦର ପୁଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ କଟକ ମେଡିକାଲକୁ ପଠାଇ ଘଟଣାରୁ ତଦନ୍ତ ଜାରି ରଖିଛି। କେନ୍ଦ୍ରାପଡା ଆଳି ଅଞ୍ଚଳର ସନ୍ତୋଷ ଦାସ ନାମକ ଜଣେ ଅବସରପ୍ରାପ୍ତ ସେନା କର୍ମଚାରୀ ଭଡ଼ାରେ ରହୁଥିଲେ। ତାଙ୍କ ସ୍ତ୍ରୀ ଓ ବଡଝିଅ ଘରକୁ ଯାଇଥିବା ବେଳେ ଶନିବାର ମଧ୍ୟାହ୍ନରେ ସେ ଓ ତାଙ୍କ ବୃଦ୍ଧା ମା' ଘରେ ଥିଲେ। ମା'ଙ୍କୁ ବାରଣ୍ଡାରେ ବସାଇ ସନ୍ତୋଷ ରୋଷେଇ କରୁଥିଲେ। ତାଙ୍କ ମା' କିପରି ତଳକୁ ଆସିଲେ ଓ ତାଙ୍କର କିଭଳି ମୃତ୍ୟୁ ହେଲା ସେ ଜାଣି ନାହାନ୍ତି ବୋଲି କହିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଘଟଣା ସ୍ପଷ୍ଟ ହେବ ବୋଲି ଆଇଆଇସି ତୁଷାରକାନ୍ତ ସେଠୀ ପ୍ରକାଶ କରିଛନ୍ତି।

## ବାବା କୃଷକ ଉତ୍ପାଦକ ପରିଷଦର ବୈଠକ



ବଡ଼ମ୍ବା,୨୭।୯(ସମିସ): ନାବାର୍ଡ ସହଯୋଗ କ୍ରମେ ବଡମ୍ବା ବ୍ଲକ ଅଧୀନ ଅଚିହ୍ନା ବାବା କୃଷକ ସଂଗଠନର ବାର୍ଷିକ ସାଧାରଣ ସଭା ବେଲିଆପାଳ ଗ୍ରାମ ପଞ୍ଚାୟତ ନିକଟସ୍ଥ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପରିଷଦର ଅଧ୍ୟକ୍ଷା ସନ୍ଧ୍ୟାରାଣୀ କଅଁରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବଡ଼ମ୍ବା କୃଷି ବିଭାଗ ଅଧିକାରିଣୀ ଭାସ୍ୱତୀ ଆଚାର୍ଯ୍ୟ ମୁଖ୍ୟଅତିଥି, ବିଶିଷ୍ଟ ଅତିଥିଭାବେ ଇଣ୍ଡିଆନ ବ୍ୟାଙ୍କର ଶାଖା ପରିଚାଳକ ସୂର୍ଯ୍ୟେନ୍ଦ୍ର କୁମାର ସାହୁ ଯୋଗଦେଇ ଚାଷୀଙ୍କୁ ବ୍ୟାଙ୍କରୁ ଋଣ ନେଇ ଚାଷ କରି ସ୍ୱାବଲମ୍ବୀ ହୋଇପାରିବେ ବୋଲି କହିଥିଲେ। ପ୍ରମୋଦ କଅଁର, କୃଷି ବିଭାଗର କର୍ମଚାରୀ ରଶ୍ମିରଞ୍ଜନ ମହାପାତ୍ର, ଶିବ ପ୍ରସାଦ ଉତରା, ବିରେନ ତରସିଆ, ରୋଜାଲିନ ରଣା, ମାନସ ଦଳେଇ, ଦୁର୍ଯ୍ୟୋଧନ ସ୍ୱାଇଁ ଓ ଅଞ୍ଚଳର ବହୁ ଚାଷୀ ଉପସ୍ଥିତ ଥିଲେ।

## ଗରୁଡ଼ଗାଁରେ ଚକ୍ଷୁ ପରୀକ୍ଷା ଶିବିର

ଟାଙ୍ଗୀ,୨୭।୯(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ଗରୁଡ଼ଗାଁ ପଞ୍ଚାୟତ କାର୍ଯ୍ୟାଳୟରେ ଡାଲମିଆ ଭାରତ ଫାଉଣ୍ଡେସନ ଓ କପିଳାସ ସିମେଣ୍ଟ ମ୍ୟାନୁଫାକ୍‌ଚରିଂ ୱର୍କର ମିଳିତ ଆନୁକୂଲ୍ୟରେ ଏବଂ ଏଲଭି ପ୍ରସାଦ ଚକ୍ଷୁ




ଚିକିତ୍ସାଳୟ ଭୁବନେଶ୍ୱର ସହଯୋଗରେ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ସିଏସଆର ମୁଖ୍ୟ କବିତା ସାହୁଙ୍କ ପୌରହିତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଡାଲମିଆ ସିମେଣ୍ଟ କମ୍ପାନୀର ୟୁନିଟ୍ ହେଡ ପଙ୍କଜ ଗୁପ୍ତା, ସମ୍ମାନିତ ଅତିଥିଭାବେ ମାନବ ସମ୍ବଳ ବିଭାଗର ମୁଖ୍ୟ ସୁଧିର ରଞ୍ଜନ ମହାନ୍ତି, ସ୍ଥାନୀୟ ସରପଞ୍ଚ ଦିପ୍ତିମୟୀ ବେହେରା, ପ୍ରାକ୍ତନ ସରପଞ୍ଚ ସୁବୋଧ ସାମଲ, ସମିତିସଭ୍ୟା ରିତାଞ୍ଜଳି ସାମଲ, ଚକ୍ଷୁ ଚିକିତ୍ସାଳୟର ସ୍ୱାଗତ ପରିଡ଼ା ଯୋଗ ଦେଇଥିଲେ। ଚିକିତ୍ସାଳୟର କର୍ମଚାରୀଙ୍କ ଦ୍ୱାରା ୭୩ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇ ୧୦ ଜଣ ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ପଠାଯାଇଥିଲାବେଳେ ୨୬ ଜଣ ଚକ୍ଷୁ ରୋଗୀଙ୍କୁ ମାଗଣାରେ ଚଷମା ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ସିଏସଆର ଟିମ୍ ସହଯୋଗ କରିଥିଲେ।

## ମରାମତି ହେଲା ଅଚଳ ଷ୍ଟ୍ରିଟ୍‌ଲାଇଟ୍

ନିଶ୍ଚିନ୍ତକୋଇଲି, ୨୭।୯(ସମିସ): ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନଙ୍କ ନିର୍ଦ୍ଦେଶରେ ନିଶ୍ଚିନ୍ତକୋଇଲି ବଜାରରେ ଅଚଳ ହୋଇ ପଡିଥିବା ଷ୍ଟ୍ରିଟ୍ ଲାଇଟ୍‌ଗୁଡିକୁ ମରାମତି କରାଯାଇଛି। ଉଜ୍ଜ୍ୱଳ ଆଲୋକୀକରଣ ବ୍ୟବସ୍ଥାରେ ସ୍ଥାନୀୟ ବଉଳ ବଜାରଠାରୁ ବାହାବଳପୁର ପର୍ଯ୍ୟନ୍ତ ଲାଗିଥିବା



ଷ୍ଟ୍ରିଟ୍ ଲାଇଟ୍‌ଗୁଡିକ କିଛି ଦିନ ହେବ ଅଚଳ ହୋଇ ପଡିଥିବାରୁ ଜଳୁ ନଥିଲା। ଏ ସଂକ୍ରାନ୍ତରେ ଗଣମାଧ୍ୟମରେ ରିପୋର୍ଟ ପରେ ଦଶହରା ପୂର୍ବରୁ ଷ୍ଟ୍ରିଟ୍ ଲାଇଟ୍‌ଗୁଡିକୁ ମରାମତି କରାଯାଇଥିବାରୁ ସ୍ୱାଗତ କରାଯାଇଛି।

## ସାଲେପୁରର ସୁନାମ ରଖିଲେ ତାରିଣୀ ପ୍ରସାଦ

ସାଲେପୁର,୨୭।୯(ସମିସ): ଓଏଏସ୍ ପରୀକ୍ଷାରେ ୬୮ତମ ସ୍ଥାନରେ ରହି ସାଲେପୁର ପାଇଁ ଗୌରବ ଆଣିଛନ୍ତି ତାରିଣୀ ପ୍ରସାଦ ଦାଶ। ଶିଶୁଆ ପଞ୍ଚାୟତର ପୁରୁଷୋତ୍ତମପୁର ଗ୍ରାମର ଆଇନ୍‌ଜୀବୀ ମାନସ କୁମାର



ଦାଶଙ୍କ ପୁତ୍ର ତାରିଣୀ ପ୍ରସାଦ ଦାଶ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ୬୮ତମ ସ୍ଥାନ ହାସଲ କରିଛନ୍ତି। ସେ କଟକ ମୁଣ୍ଡଳୀସ୍ଥିତ ଜବାହର ନବୋଦୟ ବିଦ୍ୟାଳୟରୁ ୨୦୧୬ରେ +୨ ପାସ୍ କରିବା ସହ ଓୟୁଏଟିରେ କୃଷି ବିଭାଗରେ ବି.ଏସ୍.ସି କରିଛନ୍ତି। ଏହି ସଫଳତା ପାଇଁ ସେ ସମସ୍ତ ଶ୍ରେୟ ନିଜ ପିତା ମାନସ ଦାଶ, ମାତା ସ୍ନେହଲତା ନନ୍ଦ ଓ ପରିବାର ବର୍ଗଙ୍କୁ ଦେଇଥିବା ଜଣାଯାଇଛି।

## କମିସନରେଟ ପୁଲିସର ରୂପଯାତ୍ରା ପ୍ରସ୍ତୁତି

ଚୌଦ୍ୱାର,୨୭।୯(ସମିସ): କମିସନରେଟପୁଲିସ ତରଫରୁ ଚୌଦ୍ୱାରର ପ୍ରସିଦ୍ଧ ରୂପଯାତ୍ରା ପାଇଁ ଏକ




ପ୍ରସ୍ତୁତି ବୈଠକ ଗାନ୍ଧୀଛକସ୍ଥିତ ପୌର ଟାଉନ୍‌ହଲରେ ଅନୁଷ୍ଠିତ ହୋଇଯାଇଛି। ଚୌଦ୍ୱାର ଥାନା ଆଇଆଇସି ଦୀପକ ଖଣ୍ଡାୟତରାୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ଜୋନ-୧ ଏସିପି ଅରୁଣ କୁମାର ସ୍ୱାଇଁ ଯୋଗଦେଇଥିଲେ। ପୂଜା କମିଟି ସଭାପତି ସୁବୋଧ କୁମାର ନାୟକ, ସମ୍ପାଦକ ନାରାୟଣ ସ୍ୱାଇଁ, କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ନାୟକ, ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ହିନ୍ଦୁ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା ବିଶିଷ୍ଟ ସମାଜସେବୀ ଦାମୋଦର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ବିଭିନ୍ନ ସରକାରୀ ବିଭାଗ ଅଧିକାରୀଙ୍କ ସହ ୪୩ଟି ମେଢ଼ କମିଟିର କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ। ଆସନ୍ତା ଆକ୍ଟୋବର ୪ରୁ ୧୦ତାରିଖ ବିସର୍ଜନ ଶୋଭାଯାତ୍ରା ସହିତ ପ୍ରତେକ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।



ବଟେଶ୍ୱର ମା'ଭଗବତୀଙ୍କ ବନଦୁର୍ଗା ବେଶ

## ଓଡ଼ିଆ ବିଭାଗରେ ନବୀନ ବରଣ ଉତ୍ସବ

ମାହାଙ୍ଗା,୨୭।୯(ସମିସ): ମାହାଙ୍ଗା ପୁଷ୍ପଗିରି ମହାବିଦ୍ୟାଳୟରେ ସ୍ନାତକ ଓଡ଼ିଆ ସମ୍ମାନ ପ୍ରଥମବର୍ଷ ଛାତ୍ରଛାତ୍ରୀଙ୍କ ସ୍ୱାଗତ ସମ୍ବର୍ଦ୍ଧନା "ନବୀନ ବରଣ ଉତ୍ସବ: ଶିକ୍ଷା, ସର୍ଜନା ଓ ସଂକଳ୍ପର ମିଶ୍ରରାଗ' ବିଭାଗ ମୁଖ୍ୟ ଡ଼ ମନୋଜ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ପ୍ରଶାନ୍ତ ବେଉରା, ସମ୍ମାନିତ ଅତିଥି ଭାବରେ ସୁସାହିତ୍ୟିକ ଡ. ଏକାଦଶୀ ପ୍ରଧାନ, ଏବଂ ମୁଖ୍ୟବକ୍ତା ଭାବେ ସାହିତ୍ୟିକ ତଥା ସମାଜସେବୀ ଡ. ଜୟରାମ ସ୍ୱାଇଁ ଛାତ୍ରଛାତ୍ରୀଙ୍କୁ ଶିକ୍ଷା, ସର୍ଜନା ଓ ସଂକଳ୍ପବୋଧର ପାଠ କରାଇଥିଲେ। ଅଧ୍ୟାପିକା ତୁଳସୀ ରାଉତ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଓଡ଼ିଆ ସ୍ନାତକ ସମ୍ମାନର ୩ୟ ବର୍ଷ ଓ ୨ୟ ବର୍ଷର ଛାତ୍ରଛାତ୍ରୀମାନେ ୧ମ ବର୍ଷର ଛାତ୍ରଛାତ୍ରୀଙ୍କୁ ଉନ୍ନତି ନିମିତ୍ତ ମିଳିମିଶି କାମ କରିବାକୁ ସଂକଳ୍ପ କରିଥିଲେ। ଅଧ୍ୟାପିକା ମଧୁସ୍ମିତା ସାମଲ ଧନ୍ୟବାଦ ଦେଇଥିଲେ।

## ମେୟର ଓ କମିଶନରଙ୍କ ପୂଜା ମଣ୍ଡପ ତଦାରଖ

ଫୁଲନଖରା, ୨୭।୯ (ସମିସ): ଶାରଦୀୟ ଦୁର୍ଗାପୂଜା ଉପଲକ୍ଷେ କଟକ ମହାନଗର ନିଗମର ୪ଟି ୱାର୍ଡର ପ୍ରାୟ ୨୩ଟି ପୂଜା



ମଣ୍ଡପଗୁଡ଼ିକୁ କଟକ ମେୟର ସୁବାସ ସିଂ ଓ କମିଶନର କିରଣଦିପ୍ କୌର ସହୋତା ପରିଭ୍ରମଣ କରି ତଦାରଖ କରିଛନ୍ତି। ଏହାପରେ ମା' ଧାକୁଲେଇ ମଣ୍ଡପର ସଭାଗୃହରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଡେପୁଟି ମେୟର ଦମୟନ୍ତୀ ମାଝୀ, ଡେପୁଟି କମିଶନର ଜୁବୁଲି ବେହେରା, ସ୍ୱାସ୍ଥ୍ୟ ଷ୍ଟାଣ୍ଡି କମିଟି ଅଧ୍ୟକ୍ଷ ଦୀପ୍ତିମୟୀ ମୂଳିଆ, ନିର୍ବାହୀ ଯନ୍ତ୍ରୀ ସଂଯୁକ୍ତା ସ, ସହକାରୀ ଯନ୍ତ୍ରୀ ଚିତ୍ତରଂଜନ ସ୍ୱାଇଁ, କନିଷ୍ଠ ଯନ୍ତ୍ରୀ ଗୀତାରାଣୀ ସାହୁ, କର୍ପୋରେଟର ମମତା ମହାନ୍ତି, ପୂର୍ଣ୍ଣିମା ସ୍ୱାଇଁ ଓ ଲିପ୍ସା ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଶାନ୍ତି କମିଟି ସଭାପତି ନିମାଇଁ ଚରଣ ଲେଙ୍କା, କାର୍ଯ୍ୟକାରୀ ସଭାପତି ସ୍ୱାଧୀନଚେତା ମହାନ୍ତି, ପ୍ରମୋଦ ସ୍ୱାଇଁ, ସଂପାଦକ ସୁରେନ୍ଦ୍ର ମହାପାତ୍ରଙ୍କ ସମେତ କମିଟି କର୍ମକର୍ତ୍ତା ପରିଚାଳନା କରିଥିଲେ।

# ସାହିତ୍ୟର ସ୍ୱର ଶାରଦୀୟ ବିଶେଷାଙ୍କ ଉନ୍ମୋଚିତ

ନିଶ୍ଚିନ୍ତକୋଇଲି, ୨୭।୯(ସମିସ): ନିଶ୍ଚିନ୍ତକୋଇଲିର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ତଥା ସାମାଜିକ ସାଂସ୍କୃତିକ ସାରସ୍ୱତ ପରିଷଦ ସମନ୍ୱୟ ଆନୁକୂଲ୍ୟରେ ପ୍ରକାଶ ପାଇଥିବା ସାହିତ୍ୟର ସ୍ୱର ପୁସ୍ତକର ଦଶମ ସଂଖ୍ୟା ଶାରଦୀୟ ବିଶେଷାଙ୍କ ଉନ୍ମୋଚିତ ହୋଇଛି। ନିଶ୍ଚିନ୍ତକୋଇଲି ପଞ୍ଚାୟତ କଲ୍ୟାଣମଣ୍ଡପରେ ଅନୁଷ୍ଠାନର ସଭାପତି ଉତ୍କଳଜ୍ୟୋତି ରଘୁନାଥ ମହାନ୍ତିଙ୍କ ପୌରୋହିତ୍ୟରେ ଏଥିରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ



ପ୍ରାଧ୍ୟାପକ ଡ. ବାସୁଦେବ ଦାଶ, ମୁଖ୍ୟବକ୍ତା ଭାବେ କବି ସଦାଶିବ ଦାଶ, ସମ୍ମାନିତ ଅତିଥି ଭାବେ ପ୍ରବଚକ ପ୍ରାଧ୍ୟାପକ ଡ. ଶାରଦା ପ୍ରସାଦ କର, ସାହିତ୍ୟିକ ରୁଦ୍ରପ୍ରସନ୍ନ ସାମଲ ଯୋଗ ଦେଇଥିଲେ। ସାହିତ୍ୟିକ ଦେବପ୍ରସାଦ କର ପ୍ରାରମ୍ଭିକ ସୂଚନା ଦେଇଥିଲା ବେଳେ ପତ୍ରିକାର ସଂପାଦକ ଜୟରାମ ସାହୁ ପତ୍ରିକାର ଲକ୍ଷ୍ୟ ଓ ଆଭିମୁଖ୍ୟ ସଂକ୍ରାନ୍ତରେ ଆଲୋଚନା କରିଥିଲେ। ସସ୍ମିତା ପଣ୍ଡା, ଖଗେଶ୍ୱର ମହାନ୍ତି, କାର୍ତ୍ତିକଚନ୍ଦ୍ର ବାରିକ, ଦେବେନ୍ଦ୍ରନାଥ ଲେଙ୍କା, କେଦାରନାଥ ସାହୁ, ତନ୍ମୟ ଦାସ, ସୁରଥ ରାଉତ, ନିରଞ୍ଜନ ସାହୁ, ସୁଧାଂଶୁବାଳା ଦେବୀ, ନିରଞ୍ଜନ ରାଉତ, ଧ୍ରୁବଚରଣ ପାଢୀ, କେଶବ ଦାସ, ବିନୋଦ ମିଶ୍ର, କ୍ଷୀରୋଦ ଦାସ, ପ୍ରସାଦ ବେହେରା, ହେମନ୍ତ ବେହେରା ଓ ସିଦ୍ଧାନ୍ତ ରାଉତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କବି ସଚ୍ଚିଦାନନ୍ଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ମଦ ଜବତ; ଅଭିଯୁକ୍ତ ଗିରଫ

କଣ୍ଠାପଡ଼ା,୨୭।୯ (ସମିସ): ଗୋବିନ୍ଦପୁର ପୁଲିସ ପାର୍ବଣ ଦୃଷ୍ଟିରୁ ଚଢ଼ଉ କରି ଗେଲପୁର ଗ୍ରାମରୁ ପ୍ରାୟ ୩୬ ଲିଟର ଚୋରା ବିଦେଶୀ ମଦ ଜବତ କରିବା ସହ ଅଭିଯୁକ୍ତ ରଶ୍ମିରଞ୍ଜନ ରାଉତକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଆଇଆଇସି ସୋନିଲା ଆନନ୍ଦ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ, ଥାନାଠାରୁ ମାତ୍ର ଦେଢ କିଲୋମିଟର ଦୂର ବାଲିପଡ଼ା ବଜାରରେ ଜଣେ ବ୍ୟକ୍ତି ଏବଂ ତାଙ୍କ ପରିବାର ଘରେ ଖୋଲା ମଦ ଦୋକାନ ଖୋଲିଥିଲେ ମଧ୍ୟ କିପରି ଗୋବିନ୍ଦପୁର ପୋଲିସ ଜାଣିପାରୁ ନାହିଁ, ସେନେଇ ପ୍ରଶ୍ନ ଉଠିଛି। ଏନେଇ ଗୋବିନ୍ଦପୁର ଅଞ୍ଚଳର ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

## ଭାଗ୍ୟଶ୍ରୀ ସ୍ମାରକୀ ରାଜ୍ୟସ୍ତରୀୟ ଫିଡେ ରେଟିଂ ଚେସ୍ | ଭାଗନେଲେ ୩୩୫ ପ୍ରତିଯୋଗୀ

ଫୁଲନଖରା, ୨୭।୯ (ସମିସ): କୁରାଙ୍ଗଶାସନସ୍ଥିତ ଆମ୍ରପଲ୍ଲୀ ରିସୋର୍ଟରେ ୪ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଭାଗ୍ୟଶ୍ରୀ ସ୍ମାରକୀ ଏସ୍.ଆର୍ ରାଜ୍ୟସ୍ତରୀୟ ଫିଡେ ରେଟିଂ ଚେସ୍ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ବିଶ୍ୱ ଚେସ୍ ସଂଘ, ସର୍ବଭାରତୀୟ ଚେସ୍ ମହାସଂଘ ଓ ରାଜ୍ୟ ଚେସ୍ ସ୍ୱୀକୃତିପ୍ରାପ୍ତ ଉକ୍ତ ପ୍ରତିଯୋଗିତାକୁ ଅଲମ୍ପିଆନ୍ ତଥା ଦୌଡରାଣୀ ଅନୁରାଧା ବିଶ୍ୱାଳ ମୁଖ୍ୟଅତିଥି ଭାବରେ ଉଦ୍‌ଘାଟନ କରିଥିଲେ। ରାଜ୍ୟର ୨୧ଟି ଜିଲ୍ଲାରୁ ୧୩୩ଜଣ ଆନ୍ତର୍ଜାତୀୟ ରେଟେର୍ଡ ଖେଳାଳିଙ୍କ ସହ



୫୩ଜଣ ମହିଳା, ଜଣେ ଭିନ୍ନକ୍ଷମ, ଜଣେ ଦୃଷ୍ଟିହୀନ, ଜଣେ ବଧିର, ୬ରୁ ୬୦ବର୍ଷରୁ ଉଦ୍ଧ୍ୱର୍ ଭେଟରାନ୍ ଖେଳାଳୀଙ୍କ ସହ ୪ଜଣ ୫ବର୍ଷରୁ କମ୍ ଖେଳାଳୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ୮ରାଉଣ୍ଡ ବିଶିଷ୍ଟ ଉକ୍ତ ପ୍ରତିଯୋଗିତାରେ ପ୍ରଥମ ଦିନ ୨ରାଉଣ୍ଡ ଖେଳ ଶେଷ ହୋଇଛି। ବିଜୁ ପଟ୍ଟନାୟକ ପୁରସ୍କାରପ୍ରାପ୍ତ ଶ୍ରେଷ୍ଠ କ୍ରୀଡ଼ା ସାମ୍ବାଦିକ ବେଣୁଧର ଦାଶ ଓ ନନ୍ଦିଘୋଷ ଟିଭିର ଅଜୟ ଦାଶଙ୍କୁ କ୍ରୀଡା ସାମ୍ବାଦିକତା କ୍ଷେତ୍ରରେ ଏସ୍.ଆର୍ ଚେସ୍ ସମ୍ମାନରେ ସମ୍ମାନିତ କରାଯାଇଛି। ଏସ୍‌ଆର୍ ଚେସ୍ ସେଣ୍ଟରର ସଭାପତି ଶୁଭାଶିଷ ପଟ୍ଟନାୟକ, ରାଜ୍ୟ ଚେସ୍ ସଂଘର ଯୁଗ୍ମ ସଂପାଦକ ଭବେଶ ମହାନ୍ତି, କେନ୍ଦୁଝର ଜିଲ୍ଲା ଚେସ୍ ସଂଘର ସଂପାଦକ ଅମର ମହାନ୍ତି, ପ୍ରଦୀପ ପଣ୍ଡା, ପ୍ରତାପ ପଣ୍ଡା, ଆନ୍ତର୍ଜାତୀୟ ଆର୍ବିଟର ନିହାର ରଂଜନ ସାସମଲ, ପିଙ୍କି ମହାପାତ୍ର, ଫିଡେ ଆର୍ବିଟର ଅଭିଷେକ ଆଚାର୍ଯ୍ୟ, ସୁରଜ ମହାରଣା, ମାନସ ରଂଜନ ପଟ୍ଟନାୟକ, ସତ୍ୟଜିତ ପଟ୍ଟନାୟକ, ପ୍ରଣିତା ସେନ୍, ରିତିକ୍ ସାହୁ ପ୍ରମୁଖ ସହଯୋଗ କରିଥିବା ବେଳେ ସାଙ୍ଗଠନିକ ସଂପାଦକ ସତ୍ୟରଂଜନ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଦୁର୍ଗାପୂଜାରେ ଉତ୍ସବମୁଖର ଜେକେପୁର ଓ ରାୟଗଡ଼ା ସହର

ରାୟଗଡ଼ା,୨୭।୯(ସମିସ): ଆରମ୍ଭ ହୋଇଯାଇଛି ପାର୍ବଣ ଋତୁ। ଶରତ ଋତୁର ଆକାଶରେ ଧଳା କପାସିଆ ପାଗ। ପ୍ରକୃତିର ଶୀତଳ ସ୍ପର୍ଶ ଓ ପରିବେଶରେ ପୂଜାର ଧ୍ୱନୀ ସବୁମିଶି ଶାରଦୀୟ ଦୁର୍ଗାପୂଜାର ଉତ୍ସବମୟ ରୂପ ସୃଷ୍ଟି କରିସାରିଛି। ଜଗତ୍‌ଜନନୀ ଦେବୀ ମାଁ ଦୁର୍ଗାଙ୍କ ପୂଜା ଉତ୍ସବକୁ ନେଇ ରାୟଗଡ଼ା ଓ ଜେକେପୁର ସହର ଉତ୍ସବମୁଖର ହୋଇପଡିଛି। ରାୟଗଡ଼ା ସହରର ବ୍ରାହ୍ମଣ ସାହି, ପୋଲିସ କଲୋନୀ, ଏସବିଆଇ ଛକ ନଗର ପୂଜା କମିଟି, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଛକ ନ୍ୟୁ ଟାଉନ୍ ଦୁର୍ଗା ପୂଜା କମିଟି ସମେତ ଅନ୍ୟାନ୍ୟ କିଛି ସ୍ଥାନରେ ମାଁ ଦୁର୍ଗାଙ୍କ ପୂଜା ଅନୁଷ୍ଠିତ ହେଉଥିବା ବେଳେ ଜେକେପୁର ଠାରେ ଜେକେ କାଗଜ କଳ ଦୁର୍ଗା ପୂଜା କମିଟି ପକ୍ଷରୁ ମଧ୍ୟ ଦୁର୍ଗାପୂଜା ଚଳିତ ବର୍ଷ ଧୁମ୍‌ଧାମରେ ପାଳନ ହେବାକୁ ଯାଉଛି। ଜେକେପୁର ଦୁର୍ଗା ପୂଜା ମଣ୍ଡପ ସମେତ ରାୟଗଡ଼ାର ବିଭିନ୍ନ ପୂଜା ମଣ୍ଡପରେ ମାଁଙ୍କ ମୂର୍ତ୍ତୀ ଓ ପୂଜା ପ୍ରସ୍ତୁତି କାର୍ଯ୍ୟକ୍ରମ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଆସନ୍ତା ରବିବାର ୨୮ ତାରିଖରେ ଷଷ୍ଠୀ ପୂଜାରୁ ଆସନ୍ତା ୨ ତାରିଖ ପର୍ଯ୍ୟନ୍ତ ୫ ଦିନ ଧରି ପାରମ୍ପରିକ ପୂଜାବିଧି ଅନୁଷ୍ଠିତ ହେବ ବୋଲି ପୂଜା କମିଟି ପକ୍ଷରୁ ସୂଚନା ମିଳିଛି। ଅକ୍ଟୋବର ୨ ତାରିଖ ବିଜୟା ଦଶମୀରେ ରାୟଗଡ଼ା ବ୍ରାହ୍ମଣ ସାହି ସ୍ଥିତ ପଡିଆ ଏବଂ ଜେକେପୁର ସ୍ଥିତ ଟ୍ରକ ପାର୍କିଂ ପଡିଆରେ ରାବଣ ଦହନ କାର୍ଯ୍ୟକ୍ରମ ସ୍ଥିର କରାଯାଇଛି। ସେହିପରି ଜେକେ ପେପର ମିଲ ଦୁର୍ଗା



ପୂଜା କମିଟି ପକ୍ଷରୁ ଆସନ୍ତା ୨ ତାରିଖରୁ ୬ ତାରିଖ ପର୍ଯ୍ୟନ୍ତ ୫ଦିନ ଧରି ବିଭିନ୍ନ ଆର୍କଷଣୀୟ ସାଂସ୍କୃତିକ ଉତ୍ସବର ଆୟୋଜନ କରାଯାଇଥିବା ବେଳେ ବିଜୟା ଦଶମୀ ଦିନ ଭିଡକୁ ଦୃଷ୍ଟିରେ ରଖି ଚାନ୍ଦିଲି ଥାନା ପୋଲିସ ପକ୍ଷରୁ ରାୟଗଡ଼ାରୁ ଜେକେପୁରକୁ ଆସୁଥିବା ଭାରୀଯାନଗୁଡିକୁ ମାଲିଗାଁ ରାସ୍ତା ଦେଇ ଅମଲାଭଟା ଛକ, ଭାକୁରଗୁଡା ରାସ୍ତା ଦେଇ ବଡ଼ଚାନ୍ଦିଲି ରାସ୍ତା ପଟକୁ ଯିବା ପାଇଁ ବ୍ୟବସ୍ଥା କରାଯାଇଥିବା ବେଳେ ରାୟଗଡ଼ାରୁ ଜେକେପୁର ଦୁର୍ଗା ପୂଜା ଦେଖିବାକୁ ଯାଉଥିବା ଦର୍ଶକଙ୍କ ନିମନ୍ତେ ଉକ୍ତ ଦିନ କୁମଡୁଲପେଟା ସ୍ଥିତ ଶ୍ରୀ ଉଗ୍ରତାରା ହାଇସ୍କୁଲ ପଡିଆରେ ଏବଂ ଅମଲାଭଟା ଛକରୁ ଜେକେପୁରକୁ ଆସୁଥିବା ଦର୍ଶକଙ୍କ ନିମନ୍ତେ ଇଏସଆଇ ହସ୍ପିଟାଲ ପଡିଆ ଏବଂ କଲ୍ୟାଣସିଙ୍ଗପୁରରୁ ଆସୁଥିବା ଲୋକଙ୍କ ପାଇଁ ସ୍ଥାନୀୟ ପବ୍ଲିକ ସ୍କୁଲ ନିକଟ ପଡିଆରେ ପାର୍କିଂ ବ୍ୟବସ୍ଥା କରାଯାଇଥିବା ଚାନ୍ଦିଲି ଥାନା ଆଇଆଇସି ଉତ୍ତମ ସାହୁ ପ୍ରକାଶ କରିଛନ୍ତି। ସେହିପରି ରାୟଗଡ଼ା ଓ ଜେକେପୁରରେ ଅନୁଷ୍ଠିତ ହେଉଥିବା ଦୁର୍ଗା ପୂଜାକୁ ନେଇ ଉଭୟ ସହର ଏବେ ସୁସଜ୍ଜିତ ରଙ୍ଗବେରଙ୍ଗ ଆଲୋକମାଳା ଏବଂ ଆକର୍ଷଣୀୟ ତୋରଣରେ ଝଲସି ଉଠୁଥିବା ବେଳେ ପୋଲିସ ଓ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ସଡ଼କ ସୁରକ୍ଷା କମିଟି ପକ୍ଷରୁ ଦୂର ଦୂର ସ୍ଥାନକୁ ଦୁର୍ଗା ପୂଜା ଦେଖିବାକୁ ଯିବା ସମୟରେ ବାଇକ୍‌ରେ ଟ୍ରିପଲ ରାଇଡିଂ ନ କରିବା, ବାଇକ୍ ଚଳାଇବା ବେଳେ ମୋବାଇଲ ନ ବ୍ୟବହାର କରିବା, ଗାଡି ଚଳାଇବା ବେଳେ ସିଟ୍ ପିନ୍ଧିବା, ଦ୍ରୁତ ଗତିରେ ଗାଡି ନ ଚଳାଇବା, ମଦ୍ୟପାନ କରି ଗାଡି ନ ଚଳେଇବା ଆଦି ଟ୍ରାଫିକ୍ ନିୟମ ମାନି ଚଳିବାକୁ ସଚେତନ ହେବାକୁ ପରାମର୍ଶ ଦିଆଯାଇଛି।

## ଜିଏନ୍‌ଏମ୍ ଶିକ୍ଷା ଅନୁଷ୍ଠାନ ଉଦ୍‌ଘାଟିତ

ପଦ୍ମପୁର,୨୭।୯(ସମିସ): ରାୟଗଡ଼ା ଜିଲ୍ଲାର ପଦ୍ମପୁର ବ୍ଲକ୍‌ରେ ଅବସ୍ଥିତ ତ୍ରିବେଣୀ ଅନୁଷ୍ଠାନ ଏବଂ ଫାମାକାଲ୍ ଏଣ୍ଡ ହେଲ୍‌ଥ ସାଇନ୍ସର ଉଦଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଡାକ୍ତର ଅମ୍ବୁଜା ରତ୍ନ ମୁଦୁଲି, ମୁଖ୍ୟବକ୍ତା ଭାବେ ସନ୍ତୋଷ କର, ସମ୍ମାନିତ ଅତିଥି ଭାବେ ଡାକ୍ତର ଅରୁଣ କୁମାର ମାନସିଙ୍ଗ୍ , ଅତିଥି ରୂପେ ତ୍ରିପତି ପ୍ରସାଦ ନିସଙ୍କ, ସଭାପତି ସ୍ୱାଗତ ଶେଖର ଜେନା, ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅନୀତା ମିଶ୍ର ଏବଂ ସମସ୍ତ କଳା ବିଭାଗର ଅଧ୍ୟାପକ ଅଧ୍ୟାପିକା ଉପସ୍ଥିତ ଥିଲେ। ନିମନ୍ତ୍ରିତ ଅତିଥିମାନେ ଏ ସମ୍ପର୍କରେ କହିଥିଲେ। ଡାକ୍ତର ଅରୁଣ କୁମାର ମାନସିଂ ମଧ୍ୟ ନିଜର ବକ୍ତବ୍ୟ ରଖିଥିଲେ। ସଭାପତି ସ୍ୱାଗତ ଶେଖର ଜେନା ରାୟଗଡାର ଅନୁନ୍ନତ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ସଜାଡ଼ିବା ପାଇଁ ଏହି ଅନୁଷ୍ଠାନ ବଦ୍ଧ ପରିକର ବୋଲି ଘୋଷଣା କରିଥିଲେ। ଶେଷରେ ଅନୀତା ମିଶ୍ର ସେବାର ଦୁଇଟି ମୂଳମନ୍ତ୍ର ରୋଗୀ ଏବଂ ଧର୍ଯ୍ୟ ହିଁ ସେବା ବୋଲି ମତ ବ୍ୟକ୍ତ କରିଥିଲେ।

## ଜିଲ୍ଲାର ଆମ୍ବୁସ୍ ମ୍ୟାନ ହେଲେ ନୃସିଂହ ଚରଣ ମହାନ୍ତି

ମାଲକାନଗିରି, ୨୭।୯(ସମିସ): ମାଲକାନଗିରି ଜିଲ୍ଲାରେ ନୂତନ ଆମ୍ବୁସ ମ୍ୟାନ ଭାବେ ନୃସିଂହ ଚରଣ ମହାନ୍ତିଙ୍କୁ ଚୟନ କରାଯାଇଛି। ଜିଲ୍ଲାର ଏହି ଗୁରୁତ୍ୱପୂର୍ଣ୍ଣ ପଦବୀ ଗତ ଦୁଇ ବର୍ଷ ଧରି ଖାଲି ରହିଥିଲା। ଏହି



ପଦବୀର ଅନେକ ଭୂମିକା ଓ ମହତ୍ତ୍ୱ ରହିଛି। ତେବେ ପଦବୀ ଦୌଡରେ ଅନେକ ବ୍ୟକ୍ତି ବିଶେଷ ରହିଥିବା ବେଳେ ପରିଶେଷରେ ଏହି ପଦବୀ ପାଇଁ ଶ୍ରୀ ମହାନ୍ତିଙ୍କୁ ଚୟନ କରାଯାଇଛି। ଶ୍ରୀ ମହାନ୍ତି ଜିଲ୍ଲାର ଜଣେ ବରିଷ୍ଠ ସାମ୍ବାଦିକ ଭାବେ କାର୍ଯ୍ୟ କରି ଆସୁଥିବା ବେଳେ ସମାଜସେବୀ ଭାବେ ପରିଚିତ ଅଟନ୍ତି। ଜଣେ ବରିଷ୍ଠ ଆଇନଜୀବି ଭାବେ ଅନେକ ଗରିବ ଓ ଅସହାୟ ଲୋକଙ୍କୁ ବିଭିନ୍ନ ମାମଲାରେ ସହାୟତା କରିଛନ୍ତି। ସୂଚନା ଥାଉକି ଶ୍ରୀ ମହାନ୍ତି ପୂର୍ବରୁ ଜିଲ୍ଲା ଓକିଲ ସଂଘର ସଭାପତି, ଜିଲ୍ଲା ଲୟର୍ସ ଆସୋସିଏସନ ସଭାପତି, ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଦାୟିତ୍ୱ ତୁଲାଇ ଆସିଛନ୍ତି। ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘ ସମେତ ଜିଲ୍ଲାର ବିଭିନ୍ନ ସଂଗଠନ ପକ୍ଷରୁ ଶ୍ରୀ ମହାନ୍ତିଙ୍କୁ ଶୁଭେଚ୍ଛା ଜଣା ଯାଇଛି।

## ରାୟଗଡ଼ା ଝିଅ ତନିସାଙ୍କ ସଫଳତା

ରାୟଗଡ଼ା,୨୭।୯(ସମିସ ): ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷାରେ ରାୟଗଡାର ଝିଅ ତନିସା ବେହୁରା ସଫଳତା ଅର୍ଜନ କରିଛନ୍ତି। ପ୍ରକାଶିତ ଓସିଏସ ପରୀକ୍ଷା ର୍‌ୟାଙ୍କରେ ସେ ୨୬ ସ୍ଥାନରେ କୃତକାର୍ଯ୍ୟ ହାସଲ କରିଛନ୍ତି। ସେ ରାୟଗଡ଼ର ଦିଲିପ କୁମାର ବେହୁରା ଓ ନିବେଦିତା ବେହୁରାଙ୍କ ଝିଅ। ସେ ସ୍ଥାନୀୟ ସାର୍କେଡ ହାର୍ଟ ସ୍କୁଲରରୁ ଦଶମ ଶ୍ରେଣୀ ପରୀକ୍ଷାରେ ପାସ କରିବା ପରେ ଭୁବନେଶ୍ୱରର ଓଡିଏମ ସ୍କୁଲରୁ ଯୁକ୍ତ ଦୁଇ ବିଜ୍ଞାନରେ ପ୍ରଥମ ଶ୍ରେଣୀରେ ପାସ କରିଥିଲେ। ତାପରେ ବିଜେବି ସ୍ୱୟଂ ଶାସିତ ମହାବିଦ୍ୟାଳୟରୁ ଯୁକ୍ତ ତିନି ପରୀକ୍ଷା ପ୍ରଥମ ଶ୍ରେଣୀରେ ପାସ କରିଥିଲେ। ତାଙ୍କର ଏହି ସଫଳତାର ଶ୍ରେୟ ନିଜ ପିତାମାତା ଓ ଗୁରୁଜନ ମାନଙ୍କୁ ଦେଇଛନ୍ତି। ରାୟଗଡ଼ା ସମବାୟ ସମିତି ନିରୀକ୍ଷକ ହିମାଳୟ ଶବର ୩୮୫ ର୍‌ୟାଙ୍କ ରଖି ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି।

● ଦୁଇ ବାଇକ୍ ଧକ୍କାରୁ ଅଘଟଣ

## ତଳେ ପଡ଼ିଥିବା ଛାତ୍ର ଉପରେ ମାଡ଼ିଗଲା ଟ୍ରକ୍

ରାୟଗଡ଼ା,୨୭।୯(ସମିସ): ୩୨୬ ନଂ ଜାତୀୟ ରାଜପଥରେ ଆଜି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣେ ଅଷ୍ଟମ ଶ୍ରେଣୀ ଛାତ୍ର ମୃତ୍ୟୁବରଣ କରିଛି। ଦଶହରା ଉପଲକ୍ଷେ ଆଜିଠାରୁ ବିଦ୍ୟାଳୟ ଛୁଟି ହେବା ପରେ ଛାତ୍ର ଜଣକ ତାଙ୍କ ସମ୍ପର୍କୀୟ ଭାଇଙ୍କ ସହ ବାଇକ୍ ଯୋଗେ ଫେରୁଥିଲେ। ମୃତକ ହେଲେ ରାୟଗଡ଼ ଜିଲ୍ଲା କାଶୀପୁର ବ୍ଲକ ସିନ୍ଦୁରଘାଟି ପଞ୍ଚାୟତ ଡେରାକଣା ଗ୍ରାମର ରାହୁଲ ନାଏକ (୧୪)। ରାହୁଲ ରାୟଗଡା ବ୍ଲକ ଅନ୍ତର୍ଗତ ଏସଏସଡି ବିଭାଗ ଦ୍ୱାରା ପରିଚାଳିତ ପେନିକଣା ଆଶ୍ରମ ବିଦ୍ୟାଳୟରେ ଅନ୍ତେବାସୀ ଭାବେ ରହି ପାଠ ପଢୁଥିବା ବେଳେ ଆଜି ବିଦ୍ୟାଳୟରେ ଦଶହରା ପାଇଁ ଛୁଟି ହୋଇଥିଲା। ଆଜି ତାଙ୍କ ସମ୍ପର୍କୀୟ ଭାଇ ଲୋଚନ ନାଏକ ତାଙ୍କୁ ସ୍କୁଲରୁ ବାଇକ୍ ଯୋଗେ ଘରକୁ ନେଉଥିବା ସମୟରେ ଚାନ୍ଦିଲି ଥାନା ଅନ୍ତର୍ଗତ ଭାକୁରଗୁଡା ଅଡିଟରିଅମ୍ ସାମ୍ନାରେ ଏକ ବାଇକ୍ ସହ ଧକ୍କା ହେବା ଫଳରେ ବାଇକ୍‌ରୁ ରାହୁଲ ରାସ୍ତା ଉପରେ କଚାଡି ହୋଇ ପଡ଼ିଥିଲେ। ଏହି ସମୟରେ ପଛପଟୁ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ରାହୁଲ ଉପରକୁ ମାଡିଯିବାରୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଛି। ଅନ୍ୟ ପକ୍ଷରେ ବାଇକ୍ ଚଳାଉଥିବା ଲୋଚନ ନାଏକ ଗୁରୁତର ଅବସ୍ଥାରେ ରାୟଗଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଡ୍ରାଇଭର ଘଟଣା ସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ଚାନ୍ଦିଲି ଥାନା ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## ଓଟିଇଟି ପରୀକ୍ଷା ଦେଲେ ୧୪୪୯ ଜଣ

ମାଲକାନଗିରି,୨୭।୯(ସମିସ): ଆଜି ମାଲକାନାଗିରି ଜିଲ୍ଲାରେ ଓଟିଇଟି ପରୀକ୍ଷା ଅନୁଷ୍ଠିତ ହୋଇଛି। ମାଲକାନାଗିରି ଜିଲ୍ଲାରେ ୫ଟି କେନ୍ଦ୍ରରେ ଏହି ପରୀକ୍ଷା ଆୟୋଜନ କରାଯାଇଛି। ସମସ୍ତ ବ୍ଲକ୍‌ର ୧୪୪୯ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ପରୀକ୍ଷା ଦେଇଥିଲେ। ଏହି ପରୀକ୍ଷା ନିମନ୍ତେ ୧୫୧୯ ଜଣ ଆବେଦନ କରିଥିବା ବେଳେ ୭୦ ଜଣ ଆବେଦନକାରୀ ଅନୁପସ୍ଥିତ ଥିଲେ। ସମସ୍ତ ପରୀକ୍ଷା କେନ୍ଦ୍ରରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶିକ୍ଷା ବିଭାଗ ତରଫରୁ ପର୍ଯ୍ୟବେକ୍ଷକ ନିୟୋଜିତ କରା ଯାଇଥିଲା। ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତ ରଞ୍ଜନ ପାଣିଗ୍ରାହୀ ଓ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପରୀକ୍ଷା ସଫଳତାର ସହିତ ଆୟୋଜନ ହୋଇଥିଲା।

## ଉମରକୋଟ ସହରରେ କୃତ୍ରିମ ବନ୍ୟା

ଉମରକୋଟ,୨୭।୯(ସମିସ): ଲଘୁଚାପଜନିତ ବର୍ଷା ଯୋଗୁ ଉମରକୋଟ ସହରରେ କୃତ୍ରିମ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ବର୍ଷାଜଳ ନିଷ୍କାସନ ହୋଇନଥିବାରୁ ଉମରକୋଟ ପୌରପରିଷଦର ଲୋକେ ହନ୍ତସନ୍ତ ହେଉଛନ୍ତି। ଉବୁଟୁବୁ ସହରର ଅଧିକାଂଶ ଅଞ୍ଚଳ। ସହରର ନାଳ ସବୁ ଭର୍ତ୍ତି ହୋଇ ରାସ୍ତା ଉପରେ ପାଣି ଚାଲୁଛି। ନୂତନ ବସଷ୍ଟାଣ୍ଡ ହେଉ କି ରାଜରାସ୍ତା ଘର ଭିତରେ ପାଣି ପଶିଯାଇଛି। କୃତ୍ରିମ ବନ୍ୟାର ଖବର ପାଇ ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଆଲୋକ କୁମାର ଅନୁଗୁଳିଆ ଓ ପୌର ପରିଷଦର କର୍ମଚାରୀଙ୍କ ସହ ପହଞ୍ଚି ନିଜେ ଦମକଳ ବାହିନୀଙ୍କୁ ଡକାଇ ପାଣି ସବୁ ନିଷ୍କାସନ କରିବାର ବ୍ୟବସ୍ଥା କରିଥିଲେ। ଉମରକୋଟ ପୌରାଞ୍ଚଳ ୱାର୍ଡ ନଂ ୯ ଶିବାଜୀ ନଗର ଅଞ୍ଚଳରେ ରାସ୍ତା ଏବଂ ଘରେ ଏବେ ବି ୨ ଫୁଟ୍‌ର ପାଣି ଚାଲୁଛି। ଘରୁ ବାହାରିବାକୁ ହେଲେ ପାଣିରେ ପଶିଯିବାକୁ ପଡୁଛି। ନୂତନ ବସଷ୍ଟାଣ୍ଡ ଠାରେ ପାଣି ପଶିଯିବାରୁ ପାଣି ଭିତରେ ପସି ଯାତାୟତ କରୁଥାନ୍ତି। ସହରାଞ୍ଚଳରେ ବାରମ୍ବାର କୃତ୍ରିମ ବନ୍ୟା ହେଉଥିଲେ ବି ସ୍ଥାୟୀ ସମାଧାନ ଦିଗରେ ପଦକ୍ଷେପ ନିଆଯାଉନଥିବାରୁ ବର୍ଷା ହେଲେ ଏଭଳି ସମସ୍ୟା ଉପୁଜୁଛି।

● ରାସ୍ତାରେ ଗଛପଡି ରାସ୍ତା ଅବରୋଧ

## ଯାତାୟାତ ବାଧାପ୍ରାପ୍ତ

ଗୁଡାରି,୨୭।୯(ସମିସ): ଢେପାଗୁଡା ମୁଖ୍ୟ ରାସ୍ତାରେ ବିରାଟ ଗଛ ପଡିଥିବାରୁ ଯାତାୟାତ ଠପ୍ ହୋଇଯାଇଛି। ବିରାଟ ଗଛ ପଡ଼ି ଯିବାରୁ ୧୧ କେଭି ବିଜୁଳି ତାର ଛିଡିଯିବା ଯୋଗୁଁ ରାସ୍ତା ଅବରୋଧ ସାଙ୍ଗକୁ ବିଜୁଳି ବ୍ୟାଘାତ ଘଟିଛି। ଗଛଟି ବିଦ୍ୟୁତ ତାର ଉପରେ ପଡିଯାଇଥିବାରୁ ଦୁଇଟି ବିଜୁଳି ଖୁଣ୍ଟ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବା ଜଣାପଡିଛି। ଖବର ପାଇ ବିଦ୍ୟୁତ ବିଭାଗ ଯନ୍ତ୍ରୀ ବଳଭଦ୍ର ମିଶ୍ର ଏବଂ ସମସ୍ତ କର୍ମଚାରୀ ସେଠାକୁ ଯାଇଥିଲେ। ଅଗ୍ନିଶମ ବିଭାଗ ଖବର ପାଇ ସେଠାକୁ ଯାଇ ଗଛଟିକୁ କାଟି ବାହାର କରିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ଦିନ ତମାମ ବିଜୁଳି ନ ଥିବାରୁ ନାନା ଅସୁବିଧାରେ ସମ୍ମୁଖୀନ ହୋଇଥିଲେ।



ବିଦ୍ୟୁତ ବିଭାଗ କର୍ମଚାରୀ ଅକ୍ଳାନ୍ତ ପରିଶ୍ରମ କରି ବିଦ୍ୟୁତ ଖୁଣ୍ଟ ଏବଂ ତାର ଯୋଡି ବିଜୁଳି ସ୍ୱାଭାବିକ ହୋଇଥିବା ଶ୍ରୀ ମିଶ୍ର କହିଥିଲେ।

## ମହିଳାଙ୍କ ବେକରୁ ସୁନାଚେନ୍ ଝାମ୍ପି ନେଲେ ଦୁର୍ବୃତ୍ତ

ରାୟଗଡ଼ା,୨୭।୯(ସମିସ): ରାୟଗଡ଼ା ସହରରେ ପୁଣି ମାତିଲେ ଲୁଟେରା। ଆଜି ରାୟଗଡ଼ା ସହରରେ ଜଣେ ମହିଳାଙ୍କ ବେକରୁ ସୁନାଚେନ୍ ଝାମ୍ପି ନେଇଗଲେ ଦୁର୍ବୃତ୍ତ। ରାୟଗଡ଼ା ସହରର ଟ୍ରେଜେରି ରୋଡରେ ଆଜି ସକାଳ ପ୍ରାୟ ୭ ଟା ବେଳେ ଏହି ଘଟଣା ଘଟିଛି। ଲୁଟ୍ ପରେ ମହିଳା ଜଣକ ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଓ ପରିବାର ଲୋକେ ଘଟଣା ସ୍ଥଳରେ ପହଞ୍ଚି ଆହତ ମହିଳାଙ୍କୁ ସ୍ଥାନୀୟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ଏହି ଲୁଟର ଶିକାର ମହିଳା ହେଲେ ନରମତି ଜଗଦମ୍ବା। ଘଟଣାରୁ ପ୍ରକାଶ ଯେ, ଜଗଦମ୍ବା ଆଜି ସକାଳୁ କ୍ଷୀର କିଣିବା ପାଇଁ ଦୋକାନ ଆସିଥିଲେ। କ୍ଷୀର କିଣି ଘରକୁ ଫେରିବା ବେଳେ ଦୁଇ ଜଣ ଦୁର୍ବୃତ୍ତ ଏକ ବାଇକରେ ଆସି ଜଗଦମ୍ବାଙ୍କୁ ଆକ୍ରମଣ କରି ତାଙ୍କ ବେକର ସୁନାଚେନ୍ ଛିଣ୍ଡାଇ ନେଇ ଯାଇଥିବା ବେଳେ ଧସ୍ତାଧସ୍ତିରେ ଜଗଦମ୍ବା ତଳେ ପଡି ଯାଇ ଚିତ୍କାର କରିଥିଲେ। ତାଙ୍କର ପାଟି ଶୁଣି ସାହି ବାସିନ୍ଦା ପହଞ୍ଚି ଉଦ୍ଧାର କରି ପରିବାର ଲୋକଙ୍କୁ ସୂଚନା ଦେଇଥିଲେ। ଖବର ପାଇ ପରିବାର ଲୋକେ ପହଞ୍ଚି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନେଇଥିଲେ। ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ପହଞ୍ଚିଛି। ଏନେଇ ରାୟଗଡ଼ା ଥାନାରେ ଅଭିଯୋଗ କରିଛନ୍ତି ପରିବାର ଲୋକ। ଅଭିଯୋଗ ହସ୍ତଗତ ହେବାପରେ ପୋଲିସ ତଦନ୍ତ ଚଳାଇଥିବା ଆଇଆଇସି ପ୍ରସନ୍ନ ବେହେରା କହିଛନ୍ତି।

● ରାସ୍ତା ମଝିରେ ଗୋଡି, ବାଲି ଗଦା

## ଯାତାୟାତ ପାଇଁ ଲୋକେ ହନ୍ତସନ୍ତ

ଗୁଡାରୀ,୨୭।୯ (ସମିସ): ଗୁଡାରୀ ବିଜ୍ଞାପିତ ଅଞ୍ଚଳ ପରିଷଦ ସହରକୁ ସରସ ସୁନ୍ଦର କରିବା ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଥିବାବେଳେ ରାସ୍ତା କଡରେ ଅଳିଆ ଆବର୍ଜନା ପକାଇବା ସହରବାସୀଙ୍କ ଏକ ପ୍ରକାରର ପେଶାରେ ପରିଣତ ହୋଇଛି। ବାରମ୍ବାର ନଗର ତରଫରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ପ୍ରଚାର ପ୍ରସାର କଲେ ମଧ୍ୟ ଲେକାଙ୍କର ପରିବର୍ତ୍ତନ ହେଉନାହିଁ। ଏମିତିରେ ରାସ୍ତା ମଝିରେ ବାଲ, ଗୋଡି, ପଥର, ଇଟା, ଲୁହା ଗଜ ରଖି ସମ୍ପର୍ଣ୍ଣ ରାସ୍ତାକୁ ଜାମ କରିବା ଦ୍ୱାର।। ଯାତାୟତ କରୁଥିବା ସାଧାରଣ ଲୋକ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ଘରର ଛାତ ପକାଇବା ସମୟରେ ମଧ୍ୟ ସମ୍ପୂର୍ଣ୍ଣ ରାସ୍ତାକୁ ଅବରୋଧ କରୁଥିବା ଦେଖିବାକୁ ମିଳୁଛି। ପରିଷଦକୁ ଟିକସ ନ ଦେଇ ରାସ୍ତା ଅବରୋଧ କରିବା ବେନିୟମ । ଅନ୍ୟପଟେ ବ୍ୟବସାୟୀ ମୁଖ୍ୟ ରାସ୍ତାରେ ଠେଲା ଗାଡି ରଖି ବ୍ୟବସାୟ କରିବା ଦ୍ୱାରା ଅଧିକ ସମୟରେ ରାସ୍ତା ଜାମ ରହୁଛି । ଏଥିପ୍ରତି ଦୃଢ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସାଧାରଣ ଲୋକ ପରିଷଦକୁ ଅନୁରୋଧ କରିଛନ୍ତି।



## ସିଆରପିଏଫ ପକ୍ଷରୁ ସଫେଇ ଅଭିଯାନ

ରାୟଗଡ଼ା,୨୭।୯(ସମିସ): ରାୟଗଡ଼ା ୪ର୍ଥ ବାଟାଲିୟନ ସିଆରପିଏଫ ପକ୍ଷରୁ ସଫେଇ ଅଭିଯାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ରାୟଗଡର ଅଧିଷ୍ଠାତ୍ରୀ ଦେବୀ ମା ମଝିଘରିଆଣି ମନ୍ଦିର ପ୍ରାଙ୍ଗଣ ଓ ଏହାର ଆଖପାଖ ଅଞ୍ଚଳରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ୪ର୍ଥ ବାଟାଲିୟନର କାମାଣ୍ଡାଣ୍ଟ ଫିରୋଜ କୁଜୁର ଏବଂ ଅନ୍ୟ ଅଧିକାରୀ, ଯବାନଙ୍କ ସମେତ ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ, ପିଏ ଆଇଟିଡିଏ ଚନ୍ଦ୍ରକାନ୍ତ ମାଝୀ ଏବଂ ଅନ୍ୟ ସାଧାରଣ ନାଗରିକମାନେ ଅଂଶଗ୍ରହଣ କରିଥିଲେ। ସମସ୍ତଙ୍କ ଶ୍ରମଦାନ ଏହି ସେବା ଅଭିଯାନକୁ ଏକ ସଫଳତା ପ୍ରଦାନ କରିଥିଲା।




## ଜିଲ୍ଲା ପ୍ରକଳ୍ପ ପରିଚାଳନା ୟୁନିଟ୍‌ର ପ୍ରଥମ ବୈଠକ

ନବରଙ୍ଗପୁର,୨୭।୯(ସମିସ): ସ୍ଥାନୀୟ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଠାରେ ଜିଲ୍ଲା ପ୍ରକଳ୍ପ ପରିଚାଳନା ୟୁନିଟ୍ କମିଟିର ପ୍ରଥମ ବୈଠକ ନବରଙ୍ଗପୁର ଜିଲ୍ଲାପାଳ ଡ ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କମିଟିର ଆବାହକ ତଥା ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ଡ. ଓଁକାର ପଟ୍ଟନାୟକ ପ୍ରଥମେ ଅତିଥି ପରିଚୟ ଦେବା ସହ କମିଟିର ଆଭିମୁଖ୍ୟ ଓ କାର୍ଯ୍ୟାବଳୀ ବିଷୟରେ ତଥ୍ୟ ଉପସ୍ଥାପନା କରିଥିଲେ। ଡି ଆଇ ଇ ଟି ଅନୁଷ୍ଠାନ ର ଶିକ୍ଷକ ପ୍ରଶିକ୍ଷକ ତଥା କମିଟି ର ସଭ୍ୟ ମୂର୍ତ୍ତି କୁମାର ପି ପି ଟି ମାଧ୍ୟମରେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ କାର୍ଯ୍ୟକ୍ରମ ବିଷୟରେ ସବିଶେଷ ତଥ୍ୟ ଉପସ୍ଥାପନା କରିଥିଲେ। କମିଟିର ଅଧ୍ୟକ୍ଷ ତଥା ନବରଙ୍ଗପୁର ର ଜିଲ୍ଲାପାଳ ପ୍ରଥମେ ଶିକ୍ଷକ ଓ ଶିକ୍ଷୟତ୍ରୀ ମାନଙ୍କ ମାନସିକତା ପରିବର୍ତ୍ତନ ର ଆବଶ୍ୟକତା ରହିଛି ଯାହା ଦ୍ୱାରା ଏଫ୍‌ଏଲଏନ୍ କାର୍ଯ୍ୟକ୍ରମ ସଫଳ ହୋଇପାରିବ ବୋଲି କହିଥିଲେ। ସମସ୍ତେ ମିଳିମିଶି କାର୍ଯ୍ୟକ୍ରମକୁ ଆଗେଇ ନେବା ପାଇଁ ପରାମର୍ଶ ଦେଇଥିଲେ। କମିଟିର ଉପାଧ୍ୟକ୍ଷ ତଥା ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ ଜିଲ୍ଲାରେ କରାଯାଉଥିବା ବିଭିନ୍ନ ଏଫ୍‌ଏଲଏନ୍ କାର୍ଯ୍ୟକ୍ରମ ବିଷୟରେ କମିଟିର ସମସ୍ତ ସଭ୍ୟଙ୍କୁ ଅବଗତ କରିଥିଲେ। ଡକ୍ଟର ମଳୟ କୁମାର ତ୍ରିପାଠୀ ପିଲାମାନଙ୍କ ସ୍ୱାସ୍ଥ୍ୟ ସମସ୍ୟା ଓ ନିରାକରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା, ପ୍ରୋଗ୍ରାମ ଅଫିସର କଳ୍ପନା ମହାକୁଡ, ଏଡିଡବ୍ଲୁଓ ଭାରତ ଚନ୍ଦ୍ର ସାହୁ, ବିଇଓ, ତେନ୍ତୁଳିଖୁଣ୍ଟି ସୁଦୀପ୍ତ କୁମାର ଦାସ, ପିରାମଲ୍ ଫାଉଣ୍ଡେସନର ସନ୍ତୋଷ କୁମାର ଦାସ, ନୀଳାଚଳ ମେହେର, ମନସ୍ୱିନୀ ପଣ୍ଡା, ମୃତ୍ୟୁଞ୍ଜୟ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନର ଶିକ୍ଷକ ପ୍ରଶିକ୍ଷକ ପଲ୍ଲବୀ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

## କୋଲନରା ସିଏଚ୍‌ସିରେ ସ୍ୱାସ୍ଥ୍ୟ ଶିବିର



ରାୟଗଡ଼ା/କୋଲନରା,୨୭।୯(ସମିସ): ରାୟଗଡ଼ା ଜିଲ୍ଲା କୋଲନରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର(ସିଏଚସି) ଠାରେ ସ୍ୱତନ୍ତ୍ର ବିଶେଷଜ୍ଞ ଡାକ୍ତରମାନଙ୍କୁ ନେଇ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହେଇଯାଇଛି। ଏହି ଶିବିରକୁ ଆନୁଷ୍ଠାନିକ ଭାବରେ ବ୍ଲକ ଅଧ୍ୟକ୍ଷା ସଂଯୁକ୍ତା କୁଲେସିକା, ଜିଲ୍ଲା ପରିଷଦ ସଦସ୍ୟ ଧବଳେଶ୍ୱର ନାଇଡୁ, ସରପଞ୍ଚ ପରମାନନ୍ଦ କୋଣ୍ଡାଗରୀ, ଜିଲା ମୁଖ୍ୟ ଚିକିତ୍ସା କାର୍ଯ୍ୟାଳୟରୁ ଅତିରିକ୍ତ ଜନସ୍ୱାସ୍ଥ୍ୟ ଚିକିତ୍ସା ଅଧିକାରୀ ଡ ମମତା ସାହୁ, ଡିଏମଆରସିଏଚ ସୁଶାନ୍ତ କୁମାର ନାୟକ ମିଳିତ ଭାବରେ ଉଦଘାଟନ କରିଥିଲେ। ଏଥିରେ ଶିକ୍ଷା, ମହିଳା ଓ ଶିଶୁ ବିକାଶ ବିଭାଗ, ସ୍ୱାସ୍ଥ୍ୟ ବିଭାଗ ଓ ବଂଶୀଧର ଇଲା ପଣ୍ଡା ଫାଉଣ୍ଡେସନ ଇମ୍ପା ଥେରୁବାଲିର ସ୍ୱାସ୍ଥ୍ୟ ଶିକ୍ଷା ପ୍ରଦର୍ଶନୀ କରାଯାଇଥିଲା। ଏଥିରେ ସ୍ୱାସ୍ଥ୍ୟ ବିଭାଗର ସମସ୍ତ କର୍ମଚାରୀ ଯୋଗ ଦେଇଥିଲେ। ପ୍ରଥମେ ଆଶା କର୍ମୀ ମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ପରେ କିଛି କିଶୋରୀ ବାଳିକାଙ୍କ ଦ୍ୱାରା ସ୍ୱାସ୍ଥ୍ୟ ବାର୍ତ୍ତାରେ ନୃତ୍ୟ ମାଧ୍ୟମରେ ସଚେତନ କରାଯାଇଥିଲା। ସଭା ପରିଚାଳନା ବିପିଏମ ଓ ପିଏଚ ଇଓ କରିଥିଲେ। ଏଥିରେ ବ୍ଲକର ସ୍ୱାସ୍ଥ୍ୟ ଅଧିକାରୀ ଡ. ଜି ଶୈଳଜା ଉପସ୍ଥିତ ରହି ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଏହି ଶିବିରରେ ସ୍ତ୍ରୀ ଓ ପ୍ରସୂତି, ଶିଶୁ ରୋଗ, ଭେଷଜ ବିଶେଷଜ୍ଞ, ମାନସିକ ସ୍ୱାସ୍ଥ୍ୟ, ଦାନ୍ତ ଚିକିତ୍ସକ, ଚକ୍ଷୁରୋଗ ବିଶେଷଜ୍ଞ ଉପସ୍ଥିତ ରହି ରୋଗୀ ମାନଙ୍କୁ ଚିକିତ୍ସା କରିଥିଲେ। ସମସ୍ତ ରୋଗୀଙ୍କର ରକ୍ତ ନମୁନା ପରୀକ୍ଷା କରାଯାଇଥିଲା ଏବଂ ସମସ୍ତଙ୍କୁ ମାଗଣା ଔଷଧ ବଣ୍ଟନ କରାଯାଇଥିଲା। ଏଥିରେ କୋଲନରା ବ୍ଲକରୁ ପ୍ରାୟ ୭୧୧ ଜଣ ରୋଗୀ ଚିକିତ୍ସିତ ହୋଇଥିଲେ। ସମସ୍ତ ପଞ୍ଜିକୃତର ଦାୟିତ୍ୱ ବିଡ଼ିଏମ ଶ୍ରୀମତୀ ସବିତା ପାଣିଗ୍ରାହୀ ଓ ଏମଆଏ ଶିବ ସୁନା ବହନ କରିଥିଲେ। ଶିବିରକୁ ସ୍ୱାସ୍ଥ୍ୟ କର୍ମୀ ଶୁଭଶ୍ରୀ ଦାସ, ବିପିଏମ ଶ୍ରୀମତୀ କଳ୍ପନା ମିଶ୍ର ଓ ବିଏଏମ୍ ଟି ଉପେନ୍ଦ୍ର ଆୟୋଜନ କରିଥିଲେ।

ବକେୟା ବିଲ୍ ପଇଠ ହେଉନି

# ପାଣି ପାଇଁ ଦୁର୍ଦ୍ଦଶା ଭୋଗୁଛନ୍ତି ଏମଭି-୫୩ ଗ୍ରାମବାସୀ

କୋରୁକୋଣ୍ଡା, ୨୭।୯(ସମିସ):

ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ପୋଟ୍ରେଲ ପଞ୍ଚାୟତ ଅଧିନସ୍ଥ ଏମଭି -୫୩ ନମ୍ବର ଗ୍ରାମରେ ଆଜକୁ ପ୍ରାୟ ୧୫ ଦିନରୁ ଅଧିକ ସମୟ ହେବ ଘୋର ଜଳ ସଙ୍କଟ ଦେଖା ଦେଇଛି। ଜଳ ମୁନ୍ଦାଏ ପାଇଁ ଗ୍ରାମବାସୀ ହନ୍ତସନ୍ତ ହେଉଛନ୍ତି। ପାନୀୟ ଜଳ ଯୋଗାଣ ନିମନ୍ତେ ପମ୍ପ ହାଉସର ପ୍ରାୟ ୭ ମାସର ବକେୟା ଥିବା ବିଦ୍ୟୁତ ବିଲ ପଞ୍ଚାୟତ ପକ୍ଷରୁ ଦିଆ ଯାଇନାହିଁ। ଫଳରେ ବିଦ୍ୟୁତ ବିଭାଗ ପକ୍ଷରୁ ଗତ ୧୫ ଦିନ ପୂର୍ବେ ଉକ୍ତ ପ୍ରକଳ୍ପର ବିଦ୍ୟୁତ୍ ସଂଯୋଗ କାଟି ଦିଆଯାଇଛି। ଖାଲି ଏତିକିରେ ସରିନି ଗାଁର ସମସ୍ୟା। ଦୀର୍ଘ ବର୍ଷ ହେବ ଗାଁରେ ଥିବା ୭ ଟି ଯାକ ନଳକୂପ ସମ୍ପୂର୍ଣ ଭାବେ ଅଚଳ ହୋଇ ପଡି ରହିଛି। ପ୍ରକଳ୍ପରୁ ଗାଁର ବିଭିନ୍ନ ସାହିକୁ ଯାଇଥିବା ପାଇପ୍ ଲାଇନ୍ ଫାଟି ଯାଇଛି। ଅଧିକାଂଶ ଷ୍ଟାଣ୍ଡପୋଷ୍ଟ ଭଗ୍ନ ଓ ଜରାଜୀର୍ଣ୍ଣ ଅବସ୍ଥାରେ ପଡି ରହିଛି । ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ପ୍ରାୟ ୨ କିମି ଦୂରରେ ରହିଛି ଏମଭି-୫୩ ଗାଁ । ଏହା ଉପରେ ଆଦୌ ନଜର ପଡୁନ ପଞ୍ଚାୟତ କିମ୍ବା ବିଭାଗୀୟ କର୍ତ୍ତୃପକ୍ଷଙ୍କର। ଏ ସମ୍ପର୍କରେ ଗ୍ରାମବାସୀ ବହୁବାର ପଞ୍ଚାୟତ ଏବଂ ଜଳ ଓ ପରିମଳ ବିଭାଗର କନିଷ୍ଠ ଯନ୍ତ୍ରୀ, ବ୍ଲକ କର୍ତ୍ତୃପକ୍ଷ ଏବଂ ନିର୍ବାଚିତ ଜନ ପ୍ରତିନିଧିଙ୍କୁ କହିଥିଲେ ବି କେହି କର୍ଣ୍ଣପାତ କରୁନାହାନ୍ତି ବୋଲି ଗାଁ କମିଟିର ସଭାପତି ଗୌତମ ସିକଦାର, ସମ୍ପାଦକ ବିଶ୍ୱପତି ବିଶ୍ୱାସ, ନାରାୟଣ ସିକଦାର, ଦିଲ୍ଲୀପ ବାଲା, ତରୁଣ ମଣ୍ଡଳ, ପରେଶ ସିକଦାର, ମନ୍ତୋଷ ବଣିକ, ମହାରାଣୀ ମଣ୍ଡଳ ଗୀତା ମଣ୍ଡଳ, ଜୋଶ୍ନା ବଣିକ, ମୋନିକା ସରକାର, ପ୍ରତିମା ଅଧିକାରୀ ସୁଧବୀ ବଣିକ, ମିନା ସର୍ଦାରଙ୍କ ସମେତ ସମସ୍ତ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମରେ ପ୍ରାୟ ୯୦ ରୁ ଉର୍ଦ୍ଧ ପରିବାର ଦୀର୍ଘ ବର୍ଷ ଧରି ବସବାସ କରି ଆସୁଛନ୍ତି।ଗ୍ରାମବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ନିମନ୍ତେ ଜଳ ଓ ପରିମଳ



ବିଭାଗ ପକ୍ଷରୁ ବସୁଧା ଯୋଜନାରେ ପ୍ରାୟ ୫ ବର୍ଷ ପୂର୍ବେ ଏହି ୪୦ ହଜାର ଲିଟର କ୍ଷମତା ବିଶିଷ୍ଟ ଏକ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ସ୍ଥାପନ କରାଯାଇଥିଲା। ଏଥିପାଇଁ ବିଭାଗ ପକ୍ଷରୁ ଲକ୍ଷାଧିକ ଟଙ୍କା ବ୍ୟୟ ହୋଇଥିଲା। ଉପଯୁକ୍ତ ରକ୍ଷଣାବେକ୍ଷଣ କରାନଯିବାରୁ ସେଗୁଡିକ ଭଗ୍ନ ଓ ଜରାଜୀର୍ଣ ଅବସ୍ଥାରେ ପଡି ରହିଛି। ଗ୍ରାମବାସୀ ମୁନ୍ଦାଏ ପିଇବା ପାଣି ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୂଚନା ଥାଉକି ଏହି ପାନୀୟ ଜଳ ପ୍ରକଳ୍ପର ପ୍ରତି ମାସରେ ବିଦ୍ୟୁତ ବିଲ ଗ୍ରାମବାସୀଙ୍କ ନିକଟକୁ ନ ଆସି ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ନିକଟକୁ ଆସୁଛି। ପଞ୍ଚାୟତ କର୍ତ୍ତୃପକ୍ଷ ଏସମ୍ପର୍କରେ ଗ୍ରାମବାସୀଙ୍କୁ ପ୍ରତି ମାସରେ ଅବଗତ କରୁନାହାନ୍ତି। ବର୍ତ୍ତମାନ ସୁଧା ଏହି ପ୍ରକଳ୍ପର ଗତ ୭ ମାସରେ ବିଦ୍ୟୁତ ବିଲ ବାବଦରେ ୬୩ ହଜାର ଟଙ୍କା ବକେୟା ଥିବା ଏବଂ ପଞ୍ଚାୟତ ପକ୍ଷରୁ ଟଙ୍କା ଡିପୋଜିଟ କରାନଯିବା ଯୋଗୁ ଉକ୍ତ ପ୍ରକଳ୍ପରୁ ବିଦ୍ୟୁତ ବିଭାଗ ପକ୍ଷରୁ କରେଣ୍ଟ କଟାଯାଇଥିବା ଜଣା ପଡିଛି। ଏ ନେଇ ଗ୍ରାମବାସୀ ଶନିବାର ସକାଳେ ପଞ୍ଚାୟତ ନିର୍ବାହୀ ଅଧିକାରୀ ସୀମାଞ୍ଚଳ ନାୟକଙ୍କୁ ଗ୍ରାମକୁ ଡକାଇ ଏହାର ସ୍ଥାୟୀ ସମାଧାନ କିପରି ହୋଇପାରିବ ସେ ନେଇ ଆଲୋଚନା କରିଥିଲେ। ଆସନ୍ତା ସୋମବାର ଦିନ ପଞ୍ଚାୟତ ପକ୍ଷରୁ ଗତ ୬ ମାସରେ ବକେୟା ଥିବା ବିଦ୍ୟୁତ ବିଲ ବାବଦରେ ୫୪ ହଜାର ଟଙ୍କା ଜମା କରିବେ ଏବଂ ଜଳ ଓ ପରିମଳ ବିଭାଗ ଓ ପଞ୍ଚାୟତ କର୍ତ୍ତୃପକ୍ଷ ମିଳିତ ଭାବେ ଗାଁରେ ଅଚଳ ଥିବା ସମସ୍ତ ନଳକୂଅ ଓ ପାଇପ ଲାଇନ୍ ଗୁଡିକୁ ମରାମତି କରାଯିବ ବୋଲି ନିର୍ବାହୀ ଅଧିକାରୀ ଶ୍ରୀ ନାୟକ ଗ୍ରାମବାସୀଙ୍କୁ ପ୍ରତିଶୃତି ଦେଇ କହିଥିଲେ। ଶେଷ ମାସରେ କରେଣ୍ଟ ବିଲ ଗ୍ରାମବାସୀ ଜମା କରିବାକୁ ସର୍ବସମ୍ମତି କ୍ରମେ ନିଷ୍ପତି ନିଆଯାଇଥିଲା। ଏ ସମ୍ପର୍କରେ କୋରୁକୋଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅମୂଲ୍ୟ କୁମାର ସାହୁଙ୍କୁ ପଚାରିବାରୁ ସେ କହିଥିଲେ ଯେ, ଉକ୍ତ ଗ୍ରାମରେ ପିଇବା ପାଣିକୁ ନେଇ ଲାଗି ରହିଥିବା ବିଭିନ୍ନ ସମସ୍ୟାର ତୁରନ୍ତ ସ୍ଥାୟୀ ସମାଧାନ କରାଯିବ।

# ଦାରିଙ୍ଗବାଡ଼ିରେ ପୁଲିସର ଫ୍ଲାଗ୍‌ମାର୍ଚ୍ଚ



ଦାରିଙ୍ଗବାଡ଼ି,୨୭।୯ (ସମିସ): ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଶାରଦୀୟ ଦଶହରା ପୂଜା ନେଇ ପ୍ରସ୍ତୁତି ଜୋରଦାର ହୋଇଛି। ଦାରିଙ୍ଗବାଡ଼ି ପୁଲିସ ପ୍ରଶାସନ ପକ୍ଷରୁ ଦଶହରା ପୂଜାକୁ ସୁରକ୍ଷିତ ଓ ସୁନ୍ଦର ଭାବେ ପାଳନ ପାଇଁ ଆଜି ଫ୍ଲାଗ ମାର୍ଚ୍ଚ କରାଯାଇଛି। ଲୋକଙ୍କ ମଧ୍ୟରେ ଦଶହରା ପୂଜା ଶାନ୍ତିଶୃଙ୍ଖଳାର ସହ ପାଳନ କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ଏଥିପାଇଁ ଦାରିଙ୍ଗବାଡ଼ି ଥାନା ଅଧିକାରୀ କନକ ମାଝୀଙ୍କ ନେତୃତ୍ୱରେ ଏସଆଇ ଲକ୍ଷ୍ମୀ ମାଝୀ ଓ ଏଏସଆଇ ଅର୍ଜୁନ ଶବର ଏବଂ ଆଇଆରବି ଏକ ପ୍ଲାଟୁନ ଫୋର୍ସ ଦାରିଙ୍ଗବାଡ଼ି ବଜାର ପରିକ୍ରମା କରି ଲୋକଙ୍କ ମଧ୍ୟରେ ଭୟର ବାତାବରଣ ଦୂର କରିଛନ୍ତି। ଏହା ଅବସରରେ ବିଭିନ୍ନ ଅଞ୍ଚଳ ସହିତ ଛକ ମାନଙ୍କରେ ପୁଲିସ ପକ୍ଷରୁ ପଟ୍ରୋଲିଂ ଜୋରଦାର କରାଯାଇଛି।

# ବଜାରରେ ଲାଗିଲା 'ସାଥି' ଆପ୍ କ୍ୟୁଆର କୋଡ୍

ଜି.ଉଦୟଗିରି,୨୭।୯ (ସମିସ): କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ପୁଲିସ ପକ୍ଷରୁ ବଜାରରେ ''ସାଥି' ଆପ କ୍ୟୁଆର କୋଡ଼ ବୋର୍ଡ ଲଗାଯାଇଛି। ଯାହାଦ୍ୱାରା ଲୋକେ ଥାନାକୁ ନ ଯାଇ ଏହି ହ୍ୱାଟ୍ସଆପ ଜରିଆରେ ବହୁ ସେବା ପାଇପାରିବେ। ନିକଟରେରେ ଜିଲ୍ଲାସ୍ତରରେ ଏହି ଆପ ଉନ୍ମୋଚନ ହେବା ପରେ ଆଜି ଜି.ଉଦୟଗିରି ପୁଲିସ ପକ୍ଷରୁ ଲୋକଙ୍କୁ ସଚେତନ କରିବା ସହିତ ଏହି ଆପ ବ୍ୟବହାର କରିବାକୁ ଅନୁରୋଧ କରାଯାଇଛି। ଏହି ଆପ ଜରିଆରେ ସାଧାରଣ ଲୋକେ ଇ-ଏଫ୍ଆଇଆର୍



ଦାଖଲ କରିବା, ଏହାର ସ୍ଥିତି ଯାଞ୍ଚ କରିବା, ମୋ ପୁଲିସ ଷ୍ଟେସନ ଖୋଜିବା , ଜରୁରିକାଳୀନ କଲ କରିବାକୁ ସୁବିଧା ସହିତ ନିଜ ନିଜ ମତାମତ ଦେବା ଭଳି ସୁବିଧା ରହିଥିବା ଥାନା ଅଧିକାରୀ ବିଜୟ କୁମାର ସ୍ୱାଇଁ କହିଛନ୍ତି।

# ବୈଜ୍ଞାନିକ ପଦ୍ଧତିରେ ମହୁଚାଷ ସଚେତନତା ଶିବିର

ଜି.ଉଦୟଗିରି,୨୭।୯ (ସମିସ): ଓଡ଼ିଶା କୃଷି ଓ ବୈଷୟିକ ବିଦ୍ୟାଳୟ ଭୁବନେଶ୍ୱର ଅଧିନସ୍ଥ ମହୁମାଛି ଗବେଷଣା ପ୍ରକଳ୍ପ ତରଫରୁ ଜନଜାତୀୟ ଉପ ଯୋଜନା ମାଧ୍ୟମରେ ବୈଜ୍ଞାନିକ ପଦ୍ଧତିରେ ମହୁମାଛି ପାଳନ ସମ୍ବନ୍ଧୀୟ ଦିନିକିଆ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ସମନ୍ୱିତ ସଭା ଗୃହରେ କୃଷି ବିଜ୍ଞାନ କେନ୍ଦ୍ର ସହାୟତାରେ ଆୟୋଜିତ ଏହି ଶିବିରରେ ଆଞ୍ଚଳିକ ଗବେଷଣା କେନ୍ଦ୍ର ସହଯୋଗୀ ନିର୍ଦ୍ଦେଶକ ଡ଼. ଜ୍ଞାନଲୋକ ଦାସ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ମହୁ ଚାଷ ଲାଭଜନକ। ତେଣୁ ସମସ୍ତେ ଏହି ଚାଷକୁ ଆଗେଇ ନେବା ଆବଶ୍ୟକ ବୋଲି କହିଥିଲେ। ସର୍ବଭାରତୀୟ ମହୁ ମାଛି ଗବେଷଣା ପ୍ରକଳ୍ପର ମୁଖ୍ୟ ଗବେଷିକା ଡ. ପ୍ରଭାସିନୀ ବେହେରା ଯୋଗ ଦେଇ ପ୍ରକଳ୍ପର ଉଦେଶ୍ୟ, ଜନଜାତୀ ଉପ ଯୋଜନା ମାଧ୍ୟମରେ କାର୍ଯ୍ୟକାରୀ ହେଉଥିବା ୩ଟି ସୋପାନ ସମ୍ପର୍କରେ ଆଲୋକପାତ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ଡ଼.ନାରାୟଣ ବାର କେନ୍ଦ୍ରରେ ଥିବା ବୈଜ୍ଞାନିକଙ୍କ ପରାମର୍ଶ ନେଇ ଅଧିକରୁ ଅଧିକ ଅମଳ କରିବାକୁ ପରାମର୍ଶ ଦେଇଥିଲେ।

# ପାରଳାରେ ଓଡ଼ିଶା ନାଟ୍ୟ ସଂଘ ଦିବସ

ପାରଳାଖେମୁଣ୍ଡି,୨୭।୯ (ସମିସ): ପାରଳାଖେମୁଣ୍ଡି କରଣସାହିସ୍ଥିତ ବିଜୟ କ୍ଲବ ପରିସରରେ ଅଗ୍ରଣୀ ନାଟ୍ୟ ସଂଗଠନ କ୍ରିଏଟିଭ ଆର୍ଟସ୍ ପକ୍ଷରୁ ୩୮ ତମ ଓଡ଼ିଶା ନାଟ୍ୟ ସଂଘ ଦିବସ ପାଳିତ ହୋଇଥିଲା। ନାଟ୍ୟ ସଂଘ ଗଜପତି ଜିଲ୍ଲା ସଂଯୋଜକ ମନୋଜ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବରେ ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ଗୁରୁ ରଘୁନାଥ ପାତ୍ର, ଯୁବ ନାଟ୍ୟଶିଳ୍ପୀ ଆଦର୍ଶ ଦାସ ମଞ୍ଚାସୀନ ଥିଲେ। ପ୍ରଥମ ଓଡ଼ିଆ ନାଟକ ଓ ଓଡ଼ିଆ ରଙ୍ଗମଞ୍ଚ ସୃଷ୍ଟି କରିଥିବା ପାରଳା ମାଟିରେ ନାଟ୍ୟ ପରମ୍ପରାକୁ ବଜାୟ ରଖିବାକୁ ଅହରହ ପ୍ରଚେଷ୍ଟା ଜାରି ରହିଥିବା ବେଳେ ଓଡ଼ିଶା ନାଟ୍ୟ ସଂଘ ମଧ୍ୟ ଏଥିରେ ଦୀର୍ଘବର୍ଷ ଧରି ସହଯୋଗର ହାତ ବଢ଼ାଇ ଉତ୍ସାହିତ କରୁଛି। ଗଜପତି ଜିଲ୍ଲାର ନାଟ୍ୟ କଳାକାରଙ୍କୁ ନାଟ୍ୟଧାରା କାର୍ଯ୍ୟକ୍ରମରେ ରବୀନ୍ଦ୍ର ଓ ଭଞ୍ଜ ମଣ୍ଡପରେ ବିଭିନ୍ନ ସମୟରେ ନାଟ୍ୟ ପରିବେଷଣ ପାଇଁ ସୁଯୋଗ ଦେଇଥିବା ବେଳେ ଆଗାମୀ ଦିନରେ ପୁରୀରେ ସଙ୍ଗୀତ ନାଟକ ଏକାଡେମୀର ଜଗନ୍ନାଥାୟନ କାର୍ଯ୍ୟକ୍ରମରେ ସୁଯୋଗ ଦେବାକୁ ଦାବି ଉଠିଥିଲା। ନାଟ୍ୟ ସଂଘର ବିଭିନ୍ନ ଜୋନସ୍ତରୀୟ ନାଟ୍ୟ କାର୍ଯ୍ୟକ୍ରମରେ ମଧ୍ୟ ଗଜପତି ଜିଲ୍ଲା ସକ୍ରିୟ ଭାବେ ଅଂଶଗ୍ରହଣ କରୁଥିବ ବକ୍ତାମାନେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ହରିହର ପଟ୍ଟନାୟକ, ଜ୍ଞାନ ରଂଜନ ଦାସ, ଶୁଭ୍ରାଂଶୁ ଶେଖର ପଟ୍ଟନାୟକ ଓ ବାଳକୃଷ୍ଣ ପାଣିଗ୍ରାହୀ ମତାମତ ଓ ଅନୁଭୂତି ପ୍ରଦାନ କରିବା ସହ ଆଗମୀ ଦିନରେ ନାଟ୍ୟ କାର୍ମଶାଳା ଓ ନାଟ୍ୟ ଅଭ୍ୟାସ ବିଷୟରେ ଆଲୋଚନା କରିଥିଲେ।

# ଆମ ପୁଲିସ ସମିତି ବୈଠକ

ଜି.ଉଦୟଗିରି,୨୭।୯ (ସମିସ): ଜି.ଉଦୟଗିରି ବ୍ୟବସାୟୀ ସଂଘ ସଭା ଗୃହରେ ପୁଲିସ ସମିତି ବୈଠକ ବ୍ୟବସାୟୀ ସଂଘ ସଭାପତି ସମୀର କୁମାର ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ସ୍ଥାନୀୟ ଥାନା ଆଇଆଇସି ମୁଖ୍ୟଅତିଥି ଭାବେ ଯୋଗଦେଇ ସାଧାରଣ ଜନତା ଏବଂ ପୁଲିସ ମଧ୍ୟରେ ସମ୍ପର୍କ ସୁଦୃଢ଼ କରିବା ସହ ପୁଲିସ କିଭଳି ଲୋକଙ୍କ ନିକଟତର ହୋଇ ଉତ୍ତମ ସେବା ପ୍ରଦାନ କରିପାରିବ ଅବଗତ କରାଇଥିଲେ। ବିଶେଷ କରି କନ୍ଧମାଳ ପୁଲିସ ପକ୍ଷରୁ ଆରମ୍ଭ କରାଯାଇଥିବା 'ସାଥି' ଆପ କ୍ୟୁଆର କୋଡ଼ ସମ୍ବନ୍ଧରେ ସୂଚନା ଦେବା ସହ ବର୍ତ୍ତମାନ ସମୟରେ ସାଧାରଣ ଲୋକ କିଭଳି ସାଇବର ଠକେଇର ଶିକାର ହେଉଛନ୍ତି ଏବଂ ସେଥିରୁ କିଭଳି ସୁରକ୍ଷିତ ରହିପାରିବେ ବୁଝାଇଥିଲେ। ବ୍ୟବସାୟୀ ସଂଘ ସମ୍ପାଦକ ଅରୁଣ ଷଡଙ୍ଗୀ, ଉପସଭାପତି କାଳୁ ଚରଣ ପଣ୍ଡା, ସହସମ୍ପାଦକ ମନସନ୍ତୋଷ ପାତ୍ର, କୋଷାଧ୍ୟକ୍ଷ ମାନସ ରଞ୍ଜନ ଦାଶ, ସଭ୍ୟ ଦେବୀ ପ୍ରସାଦ ଦାସ, କୃଷ୍ଣମୂର୍ତ୍ତି ପାତ୍ର,ସନ୍ତୋଷ ଆଚାର୍ଯ୍ୟ, ଦିଲୀପ ମହାପାତ୍ର, ସଞ୍ଜୟ ସୁବୁଦ୍ଧି ଏବଂ ଓମ୍‌ନାରାୟଣ ପାତ୍ର ସହଯୋଗ କରିଥିବା ବେଳେ ସ୍ଥାନୀୟ ସହରର ବହୁ ସଂଖ୍ୟାରେ ବ୍ୟବସାୟୀ ଯୋଗ ଦେଇଥିଲେ।

# ସରକାରୀ ବିଦ୍ୟାଳୟରେ ତାଲା ପକାଇଲେ ଜମି ମାଲିକ

ଦାରିଙ୍ଗବାଡ଼ି,୨୭।୯ (ସମିସ)




କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ବ୍ଲକ ସିଆଁଙ୍ଗବାଲି ପଞ୍ଚାୟତ କିସୁବାଡି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ତାଲା ପକାଇଛନ୍ତି ଜମି ମାଲିକ। ବ୍ୟକ୍ତିଗତ ଲୋକଙ୍କ ଜମିରେ ସରକାରୀ ବିଦ୍ୟାଳୟ ନିର୍ମାଣ କରାଯାଇ ପିଲାଙ୍କୁ ଶିକ୍ଷାଦାନ କରାଯାଉଥିଲା। ଶନିବାର ଜମି ମାଲିକ ଉକ୍ତ ବିଦ୍ୟାଳୟରେ ତାଲା ପକାଇ ଦେଇଛନ୍ତି।

ପ୍ରକାଶ ଯେ, ଉକ୍ତ ଗ୍ରାମର ସାନମାଳୀ ପ୍ରଧାନ ଗତ ୨୦୧୮ ମସିହାରେ ଜମି ଡିମାର୍କେସନ କରାଇବା ବେଳେ ତାଙ୍କ ଜମିରେ ସରକାରୀ ବିଦ୍ୟାଳୟ ଖୋଲା ଯାଇଥିବା ଜାଣିଥିଲେ। ସେ ଏନେଇ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ତେବେ କୋଭିଡ୍ ଯୋଗୁ ଜମି ମାଲିକ ନୀରବ ରହିଥିଲେ। ପୁଣି ୨୦୨୨ଠାରୁ ସେ ତାଙ୍କ ଜମି ପାଇବା ପାଇଁ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ଗତବର୍ଷ ଅକ୍ଟୋବରରେ ସେ ତାଙ୍କ ଜମି ପାଇବାକୁ ସ୍ୱତନ୍ତ୍ର କୋର୍ଟରୁ ନିର୍ଦ୍ଦେଶ ପାଇଥିଲେ ମଧ୍ୟ ଶିକ୍ଷା ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନଥିଲା। ଜମି ମାଲିକ ଶନିବାର ସକାଳ ୬ଟାରେ ବିଦ୍ୟାଳୟରେ ପହଞ୍ଚିଥିଲେ। ଛାତ୍ରଛାତ୍ରୀଙ୍କୁ ବାହାରକୁ ବାହାରିଯିବାକୁ କହିଥିଲେ। କୋର୍ଟର ନିର୍ଦ୍ଦେଶ ଦେଖି ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଶିକ୍ଷକ ବିଦ୍ୟାଳୟ ଛାଡି ଚାଲିଯିବାପରେ ଜମି ମାଲିକ ତାଲା ପକାଇଥିଲେ। ଖବର ପାଇ ତହସିଲଦାର ଧିରଜ ପାତ୍ରଙ୍କ ସହିତ ଆରଆଇ ସୁବ୍ରତ ମଲ୍ଲିକ ଏବଂ ଅତିରିକ୍ତ ଶିକ୍ଷା ଅଧିକାରୀ ଗୋକୁଳ ଚନ୍ଦ୍ର ନାୟକ ଉକ୍ତ ବ୍ୟକ୍ତିଙ୍କୁ ବୁଝାସୁଝା କରିବା ସହିତ ନୂତନ ସ୍କୁଲ ନିର୍ମାଣ ପାଇଁ ଅନ୍ୟଏକ ସ୍ଥାନ ନିରୂପଣ କରାଯାଇଛି ଯଥା ଶୀଘ୍ର ନୂତନ ସ୍କୁଲ ଗୃହ କରାଯିବା ବୋଲି କହିଛନ୍ତି।

## ଜିଲ୍ଲାସ୍ତରୀୟ ବିଶ୍ୱ ପର୍ଯ୍ୟଟନ ଦିବସ

# ପ୍ଲାଷ୍ଟିକ୍‌ମୁକ୍ତ ପର୍ଯ୍ୟଟନସ୍ଥଳୀ ପାଇଁ ପରାମର୍ଶ




ପାରଳାଖେମୁଣ୍ଡି,୨୭।୯ (ସମିସ): ଗଜପତି ଜିଲ୍ଲାରେ ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ଫାଲଗୁନି ମାଝୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପରେ ଭାରପ୍ରାପ୍ତ ପର୍ଯ୍ୟଟନ ଅଧିକାରୀ ଅରୁଣ କୁମାର ତ୍ରିପାଠୀ ଉପସ୍ଥିତ ମୁଖ୍ୟଅତିଥି ତଥା ଅନ୍ୟ ଅତିଥି ବୃନ୍ଦ ଓ ବିଭିନ୍ନ ସ୍କୁଲ ଓ କଲେଜର ଛାତଛାତ୍ରୀଙ୍କୁ ସ୍ୱାଗତ କରିବା ସହ ଆଜି ଏହି ଦିବସ ପାଳନ କରିବାର ଉଦ୍ଦେଶ୍ୟ ଓ ଆବଶ୍ୟକତା ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ। ତା ସହ ଜିଲ୍ଲାରେ ରହିଥିବା ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ ଗଣ୍ଡାହାତୀ, ଗୁଡୁଗୁଡା, ମାଙ୍କଡ଼ଡିଆଁ ଓ ଖସଡ଼ା ଜଳପ୍ରପାତ, ଚନ୍ଦ୍ରଗିରିରେ ଥିବା ତିବ୍ବତଙ୍କ ଧର୍ମସ୍ଥଳୀ, ବିଏନ୍ ପ୍ୟାଲେସ୍‌ର ଭିତ୍ତିଭୂମିର ବିକାଶ ରାଜ୍ୟ ପର୍ଯ୍ୟଟନ ବିଭାଗ, ଓଡ଼ିଶା ସରକାରଙ୍କ ସହାୟତାରେ ଚାଲୁ ରହିଥିବା ପ୍ରକାଶ କରିଥିଲେ। ମୁଖ୍ୟଅତିଥି ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ଛୁଟି ସମୟରେ ଜିଲ୍ଲାର ବିଭିନ୍ନ ପର୍ଯ୍ୟଟନ ସ୍ଥଳିକୁ ବୁଲିବାକୁ ଯାଇ ତାହାର ପ୍ରାକୃତିକ ପରିବେଶକୁ ଉପଭୋଗ କରିବା ସହ ପର୍ଯ୍ୟଟନ ସ୍ଥଳରେ ପ୍ଲାଷ୍ଟିକ, ପଲିଥିନ୍ ବ୍ୟବହାର ନକରିବା ପାଇଁ ସମସ୍ତଙ୍କୁ ଅନୁରୋଧ କରିଥିଲେ।

ଆଜିର ପଦକ୍ଷେପ ଆଗାମୀ ପିଢୀ ନିମନ୍ତେ ଆଶାର କିରଣ ଆଣିଦେବା ସହ ଏକ ପ୍ଲାଷ୍ଟିକ୍ ମୁକ୍ତ ଦେଶ ପ୍ରତିଷ୍ଠା ହୋଇପାରିବ ବୋଲି ମୁଖ୍ୟଅତିଥି ମତବ୍ୟକ୍ତ କରିଥିଲେ। ବିଶ୍ୱ ପର୍ଯ୍ୟଟନ ଦିବସର ଏହି ବର୍ଷର ବିଷୟ ବସ୍ତୁ ହେଉଛି 'ପର୍ଯ୍ୟଟନ ଓ ଏହାର ସ୍ଥାୟୀ ରୂପାନ୍ତର'। ଏହି ବିଷୟବସ୍ତୁ ଉପରେ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ କୁଇଜ୍ ପ୍ରତିଯୋଗିତା ହୋଇଥିଲା। ପରେ କୃତି ଛାତ୍ରଛାତ୍ରୀଙ୍କୁ ମୁଖ୍ୟଅତିଥି ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଚିତ୍ରାନନ୍ଦ ବେବର୍ତ୍ତା, ପ୍ରମୋଦ ପାଢୀ ଏବଂ ଅଞ୍ଜନା ପଟ୍ଟନାୟକ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟର ସହାୟକ ସୁଧିର କୁମାର ହୋତା ଏବଂ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ସମସ୍ତ କର୍ମକର୍ତ୍ତା ପରିଚାଳନା କରିଥିଲେ।

# ମହିଳା ସ୍ନାତକ ମହାବିଦ୍ୟାଳୟରେ ସ୍ୱାସ୍ଥ୍ୟ ଶିବିର




ପାରଳାଖେମୁଣ୍ଡି,୨୭।୯ (ସମିସ) ପାରଳାଖେମୁଣ୍ଡି ସ୍ଥିତ ମହିଳା ସ୍ନାତକ ମହାବିଦ୍ୟାଳୟରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ଼ ରୀନା ସାହୁଙ୍କ ନିର୍ଦ୍ଦେଶକ୍ରମେ ଯୁବ ରେଡକ୍ରସ୍ ଆନୁକୂଲ୍ୟରେ ନାରୀ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜନ କରାଯାଇଛି। ଭାରପ୍ରାପ୍ତ ଅଧ୍ୟକ୍ଷା ଡ଼.ଭାରତୀ ପାଣିଗ୍ରାହୀ ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ କାର୍ଯ୍ୟକ୍ରମ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ସୁସ୍ଥ ନାରୀ ଜୀବନ ଓ ରକ୍ତହୀନତାର ନିରାକରଣ ବିଷୟରେ ଛାତ୍ରୀଙ୍କୁ ଅବଗତ କରାଇଥିଲେ। ସେହିପରି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର କର୍ମୀ ବି. ଲକ୍ଷ୍ମୀ କୁମାରୀ ପଟ୍ଟନାୟକ, ସନ୍ତୋଷୀ କୁମାରୀ ଜେନା ରକ୍ତ ପରୀକ୍ଷାର ଗୁରୁତ୍ୱ ଏବଂ ଏହାର ଉପକାରିତା ବୁଝାଇଥିଲେ। ଏହା ସହ ଆଶାଦିଦି ମାନେ ସିକଲି ପରୀକ୍ଷା ନିମନ୍ତେ ରକ୍ତ ପରୀକ୍ଷା କରାଇଥିଲେ। କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଛାତ୍ରୀ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଉପସ୍ଥିତ ଥିଲେ। ଯୁବ ରେଡକ୍ରସ ଅଧିକାରୀ ତଥା ଅଧ୍ୟାପକ କୃଷ୍ଣଚନ୍ଦ୍ର ପଣ୍ଡିତ କାର୍ଯ୍ୟକ୍ରମ ପରିଚାଳନା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ବଜ୍ରପାତରେ ମହିଳା ଗୁରୁତର

ଦାରିଙ୍ଗବାଡ଼ି,୨୭।୯ (ସମିସ): ଦାରିଙ୍ଗବାଡ଼ି ବ୍ଲକ ଗ୍ରୀନବାଡ଼ି ପଞ୍ଚାୟତ କୁତୁବାଡ଼ି ଗ୍ରାମରେ ବଜ୍ରପାତରେ ଜଣେ ମହିଳା ଗୁରୁତର ଆହତ ହୋଇଛନ୍ତି। ସୂଚନା ପ୍ରକାରେ ଯାନ୍ତୁଲା ପ୍ରଧାନ(୪୫) ଘର ବାରିପଟେ ରୋଷେଇ କରିବାବେଳେ ବଜ୍ରପାତରେ ଗୁରୁତର ହୋଇଥିଲେ। ତାଙ୍କୁ ପରିବାର ଲୋକେ ଗ୍ରାମବାସୀଙ୍କ ସହାୟତାରେ ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ ଥିବା ଦାରିଙ୍ଗବାଡି ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଯାକେଶ ସାମନ୍ତ ରାୟ ସୂଚନା ଦେଇଛନ୍ତି।

# ଜାମିନରେ ଆସି ମାଡ଼ ମାମଲା: ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ

ପାରଳାଖେମୁଣ୍ଡି,୨୭।୯ (ସମିସ): ଶିକ୍ଷୟିତ୍ରୀଙ୍କୁ ଧମକ ଦେବା ଅଭିଯୋଗରେ ଜଣେ ଅଭିଯୁକ୍ତଙ୍କୁ ଗଜପତି ଜିଲ୍ଲା ମୋହନା ଜେଏମ୍‌ଏଫସି କୋର୍ଟ ଦୋଷୀ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତ ଜଣକ ନାମ ଅଞ୍ଜନ କୁମାର ରଣା।

ମୋହନା ଥାନା ଅନ୍ତର୍ଗତ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷୟିତ୍ରୀ ଅନିନ୍ଦିତା ଅନୁରାଗିନୀ ବେହେରାଙ୍କୁ ଗତ ୨୦୧୬ ସେପ୍ଟମ୍ବର ୨୫ରେ ସରକାରୀ ବାସଭବନକୁ ଯାଇ ଅଞ୍ଜନ କୁମାର ରଣା ତାଙ୍କ ବିରୋଧରେ କରିଥିବା ମାମଲାକୁ ପ୍ରତ୍ୟାହାର କରିବା ପାଇଁ କହିଥିଲେ। ମାମଲା ପ୍ରତ୍ୟାହାର ନକଲେ ଜୀବନରେ ମାରିବାକୁ ଧମକ ଦେବା ସହ ମାଡ଼ ମାରିଥିଲେ। ସେହି ସମୟରେ ଶିକ୍ଷୟିତ୍ରୀଙ୍କ ମା' ଆସିଯିବାରୁ ସେ ବର୍ତ୍ତି ଯାଇଥିଲେ। ଏନେଇ ତାଙ୍କ ଜୀବନ ପ୍ରତି ବିପଦ ଥିବା ଜାଣି ମୋହନା ଥାନାରେ ଅଭିଯୋଗ କରିଥିଲେ ଶିକ୍ଷୟିତ୍ରୀ। ପୁଲିସ ଏକ ମାମଲା ପୁଲିସ ରୁଜୁ କରିଥିଲା। ତତ୍କାଳୀନ ସବ ଇନ୍ସପେକ୍ଟର ବିପିନ ବିହାରୀ ପ୍ରହରାଜ ଉକ୍ତ ମାମଲାର ତଦନ୍ତ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଥିଲେ। ୭ ଜଣ ସାକ୍ଷୀଙ୍କ ବୟାନ ତଥା ପ୍ରମାଣକୁ ଭିତ୍ତି କରି ଏହି ମାମଲାର ଶୁଣାଣି କରି ଜେଏମ୍‌ଏଫସି ଶୁଭଜିତ ବେହେରା ଅଭିଯୁକ୍ତ ଅଞ୍ଜନ କୁମାର ରଣାଙ୍କୁ ଦୋଷୀ ସାବ୍ୟସ୍ତ କରି ଭର୍ତ୍ସନା କରିବା ସହ ଏଭଳି କାର୍ଯ୍ୟରୁ ଭବିଷ୍ୟତରେ ନିବୃତ୍ତ ରହିବାକୁ ଚେତାବନୀ ଦେଇଛନ୍ତି। ଏହିମାମଲାକୁ ପ୍ରସିକ୍ୟୁସନ ବିଭାଗର ଉପନିର୍ଦ୍ଦେଶକ ଅଜିତ ପଟ୍ଟନାୟକ ଓ ସହ ନିର୍ଦ୍ଦେଶକ ଡ଼ି. ଅନୁପରାଜ ଆଚାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସରକାରଙ୍କ ପକ୍ଷରୁ ଏପିପି ଏସ. ବୈଦ୍ୟନାଥ ସିଂ ଏହି ମାମଲାର ପରିଚାଳନା କରୁଥିଲେ ବୋଲି ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର ସୂଚନା ଦେଇଛନ୍ତି।

# ପାବୁରିଆ ପାଇଁ ଗୌରବ ଆଣିଲେ ପ୍ରବୀର



ଟିକାବାଲ,୨୭।୯ (ସମିସ): ଟିକାବାଲି ବ୍ଲକ୍ ପାବୁରିଆ ପଞ୍ଚାୟତ ଓଡ଼ିଆ ସାହିର ପ୍ରବୀର କୁମାର ନାୟକ ଓସିଏସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ପ୍ରବୀରଙ୍କ ସଫଳତା ପଛରେ ତାଙ୍କର କଠିନ ପରିଶ୍ରମ, ନିଷ୍ଠା ଏବଂ ନିରନ୍ତର ଉଦ୍ୟମ ରହିଥିବା କୁହାଯାଇଛି। ତାଙ୍କର ଏହି ସଫଳତା ଗ୍ରାମାଞ୍ଚଳର ଯୁବପିଢ଼ିଙ୍କ ପାଇଁ ଏକ ପ୍ରେରଣା ହୋଇଛି। ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ପ୍ରବୀରଙ୍କ ପରିବାର ଓ ପାବୁରିଆ ଗ୍ରାମରେ ଖୁସିର ଲହରି ଖେଳିଯାଇଛି। ସ୍ଥାନୀୟ ଜନସାଧାରଣ ତାଙ୍କ ଘରକୁ ଆସି ଶୁଭେଚ୍ଛା ଜଣାଇଥିଲେ।

# ଓସିଏସ୍ ପରୀକ୍ଷାରେ ଚମକିଲେ ଗଜପତିର ୪









ପାରଳାଖେମୁଣ୍ଡି,୨୭।୯ (ସମିସ): ଆଦିବାସୀ ଅଧ୍ୟୁଷିତ ଗଜପତି ଜିଲ୍ଲାରେ ଧିରେ ଧିରେ ଶିକ୍ଷା କ୍ଷେତ୍ରରେ ପରିବର୍ତ୍ତନ ଆସୁଛି। ଜିଲ୍ଲାର ଅନେକ ଯୁବକ ଯୁବତୀ ରାଜ୍ୟସ୍ତରୀୟ ଓଡ଼ିଶା ପ୍ରଶାସନିକ ସେବା(ଓସିଏସ) ପରୀକ୍ଷାରେ ସଫଳତା ହାସଲ କରୁଛନ୍ତି। ପୂର୍ବରୁ ୨୦୨୨-୨୩ ମସିହାରେ ପରୀକ୍ଷାରେ ୧୧ ଜଣ ସଫଳତା ହାସଲ କରିଥିବା ବେଳେ ୨୦୨୩-୨୪ରେ ୪ ଜଣ ଯୁବକ ଯୁବତୀ ସଫଳତା ହାସଲ କରିଛନ୍ତି। ଓଡିଶା ପବ୍ଲିକ ସର୍ଭିସ୍ କମିସନ କାର୍ଯ୍ୟାଳୟ ତରଫରୁ ପ୍ରକାଶିତ ହୋଇଥିବା ଫଳାଫଳ ତାଲିକାରେ ଗୋଷାଣି ବ୍ଲକ ଅନ୍ତର୍ଗତ ଗୁରାଣ୍ଡି ଗ୍ରାମର ପୂଜା ସାମଲ (୧୫୭) ଓ ଏସ୍.ରାଉତପୁରର ପ୍ରଜ୍ଞୁକ୍ତା ଶବର (୩୭୮), ରାୟଗଡ ବ୍ଲକ ତାଲମୁଣ୍ଡାର ଅଭିଯୋମ ମଣ୍ଡଳ (୩୦୨) ଓ ମୁରେଇସାହିର ଦୀପ୍ତିରାଣୀ ନାୟକ (୩୩୨) ତମ ସ୍ଥାନ ହାସଲ କରିଛନ୍ତି। ଯାହାକୁ ନେଇ ଜିଲ୍ଲାର ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ଶିକ୍ଷାବିତ, ନିର୍ବାଚିତ ପ୍ରତିନିଧି ଓ ଜିଲ୍ଲାବସୀ ସଫଳତା ହାସଲ କରିଥିବା ଯୁବ-ଯୁବତୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଉତ୍କଳ ସମ୍ମିଳନୀ ଗଜପତି ଶାଖାର ସ୍ୱତନ୍ତ୍ର ବୈଠକ



ପାରଳାଖେମୁଣ୍ଡି,୨୭।୯ (ସମିସ): ଉତ୍କଳ ସମ୍ମିଳନୀ ଗଜପତି ଶାଖାର ଏକ ସ୍ୱତନ୍ତ୍ର ବୈଠକ ପାରଳାଖେମୁଣ୍ଡି ସ୍ଥିତ ଉତ୍କଳ ହିତୈଷିଣୀ ସମାଜ ସଭାଗୃହରେ ଅନୁଷ୍ଠାନର ସଭାପତି ଭାରତଭୂଷଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ଉପଦେଷ୍ଟା ଉପାନ୍ତ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ।

ଦକ୍ଷିଣ ଉପାନ୍ତ ବିଶେଷ କରି ପାରଳାଖେମୁଣ୍ଡି ଆଖପାଖ ପ୍ରାଥମିକ ତଥା ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ଓଡ଼ିଆ ଭାଷାଜ୍ଞାନ ସନ୍ତୋଷଜନକ ନ ଥିବା ସଭ୍ୟ ପ୍ରକାଶ କରିଥିଲେ। ଉପାନ୍ତ ଅଞ୍ଚଳରେ ଏହା ଏକ ସ୍ୱାଭାବିକ ସ୍ଥିତି ହୋଇଥିବାରୁ ଏହାର ପ୍ରତିକାର ପାଇଁ ସମ୍ପୃକ୍ତ ଶିକ୍ଷକଙ୍କୁ ଏ ବିଷୟରେ ସଚେତନ କରାଇବା ଦିଗରେ କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରତିକାର କରିବାର ଆବଶ୍ୟକତା ଉପଲବ୍‌ଧ କରାଯାଇଥିଲା। ଏ ବିଷୟରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଅବିଗତ କରାଇ ପ୍ରଶାସନ ସହ ସମନ୍ୱୟ କରି ଏକ କର୍ମଶାଳା ଆୟୋଜନ କରିବା ପାଇଁ ସ୍ଥିର ହୋଇଥିଲା।

ଏହାବ୍ୟତିତ ଦୋକାନ, ବଜାରରେ ନାମ ଫଳକ ଓଡ଼ିଆରେ ନ ଲେଖିବା ଓ କାର୍ଯ୍ୟାଳୟରେ ଓଡ଼ିଆରେ ଲେଖା ହେଉ ନଥିବାରୁ ବୈଠକରେ କ୍ଷୋଭ ପ୍ରକାଶ କରାଯାଇଥିଲା। ଉପସଭାପତି ଆଶାଲତା ପାଣିଗ୍ରାହୀ, ଗୌରହରି କରସୁଧା ପଟ୍ଟନାୟକ, ସମ୍ପାଦକ ବିନୋଦ ଚନ୍ଦ୍ର ଜେନା, ସହସମ୍ପାଦକ ବିଚିତ୍ରାନନ୍ଦ ବେବର୍ତ୍ତା, ଅଶୋକ ଦାଶ, ତ୍ରିପତି ପ୍ରସାଦ ପଣ୍ଡା, ଭାଗବତ ପାଢୀ, ଜଗଦୀଶ ପ୍ରସାଦ ମହାପାତ୍ର, ପ୍ରମୋଦଚନ୍ଦ୍ର ପାଢୀ ଓ ଆର୍ତ୍ତତ୍ରାଣ ଚଇନି ବକ୍ତବ୍ୟ ରଖିଥିଲେ।

## କଳିଙ୍ଗା ଘାଟିକୁ ବର୍ଷା ଭୟ

# ହଟିପାରୁନି ବଡ଼ ପଥର; ନିର୍ମାଣ କାମରେ ବର୍ଷା ବାଧକ

ଜି.ଉଦୟଗିରି,୨୭।୯ (ସମିସ)



କଳିଙ୍ଗା ଘାଟିରୁ ହଟି ପାରୁନି ବଡ଼ ପଥର। ଏବେ ଅବପାତ କାରଣରୁ ଦକ୍ଷିଣ ଓଡ଼ିଶାରେ ଲଗାଣ ବର୍ଷା ଜାରି ରହିଥିବାବେଳେ ଏହା କାମରେ ବାଧକ ସାଜିଛି।

ଲଗାଣ ବର୍ଷାରେ ଜି.ଉଦୟଗିରି ନିକଟସ୍ଥ କଳିଙ୍ଗା ଘାଟିରେ ଗତ ୧୬ ତାରିଖରେ ହୋଇଥିବା ଭୂସ୍ଖଳନରେ ୧୫୭ ନମ୍ବର ଜାତୀୟ ରାଜପଥ ଧୋଇଯିବା ଫଳରେ ୧୨ ଦିନ ହେଲା ଯାତାୟାତ ବନ୍ଦ ରହିଛି। ଜାତୀୟ ରାଜପଥ ବିଭାଗକୁ ଅସ୍ଥାୟୀ ରାସ୍ତା ବାହାର କରିବାକୁ ନାକେଦମ ହେବାକୁ ପଡ଼ିଥିବା ବେଳେ ୧୦ ଦିନ ପରେ ତାହା ସମ୍ଭବ ହୋଇଥିଲା।

ଏଥିରେ ପରୀକ୍ଷାମୂଳକ ଭାବେ ଗାଡ଼ି ଚାଲିଥିବା ବେଳେ ରାସ୍ତାରେ କଂକ୍ରିଟ ଢ଼ଳେଇ ସରିଛି। କିନ୍ତୁ ଦ୍ୱିତୀୟ ଭୂସ୍ଖଳନରେ ବଡ଼ ବଡ଼ ପଥର ଆସି ରାସ୍ତା ଉପର ମୁଣ୍ଡରେ ବିପଦ ସଂକୁଳ ଅବସ୍ଥାରେ ରହିଛି। ଯାହାକୁ ହଟାଇବାକୁ ରାଜସ୍ଥାନରୁ ଏକ ସ୍ୱତନ୍ତ୍ର ବିଶେଷଜ୍ଞ ଟିମ ଆସି ଆଜି ଏହି ପଥର ହଟିବାର ଥିଲା। କିନ୍ତୁ ଲଘୁଚାପ ଜନିତ ଲଗାଣ ବର୍ଷାରେ ଆଜି ନିର୍ମାଣ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ପାହାଡ଼ରୁ ଆସୁଥିବା ଜଳ ସ୍ତର ବୃଦ୍ଧି ପାଇଛି। ଆଗକୁ ଦୁଇ ଲଘୁଚାପ ଥିବାବେଳେ ହୋଇଥିବା ମରାମତି କାମର କିପରି କ୍ଷତି ହେବ ନାହିଁ ତାହାକୁ ନେଇ ରାଜପଥ ବିଭାଗ ଚିନ୍ତିତ ରହିଛି।

ଶୀଘ୍ର ଯାତାୟାତ ସ୍ୱାଭାବିକ କରିବା ଚାଲେଞ୍ଜ ଥିବାବେଳେ ବର୍ଷା ଭୟ ଲାଗି ରହିଛି। ଯାହା ଦ୍ୱାରା ଏକ ନିର୍ଦ୍ଦିଷ୍ଟ ଦିନ ଧାର୍ଯ୍ୟ କରିବା କଷ୍ଟକର ହୋଇପଡିଛି। ଅନ୍ୟପକ୍ଷରେ ଯାତାୟାତ ସ୍ୱାଭାବିକ ହେବାକୁ ଚାହିଁ ବସିଛନ୍ତି ବ୍ୟବସାୟୀଙ୍କ ଠାରୁ ଆରମ୍ଭ କରି ସାଧାରଣ ଜନତା।

## ପଟ୍ଟାମୁଣ୍ଡାଇରୁ ଜିଲ୍ଲା ବିଜ୍ଞାନ କେନ୍ଦ୍ର ସ୍ଥାନାନ୍ତର ପାଇଁ ଚକ୍ରାନ୍ତ

# ପଟ୍ଟାମୁଣ୍ଡାଇ ଓ ରାଜନଗରରେ ତୀବ୍ର ଅସନ୍ତୋଷ

**ପଟ୍ଟାମୁଣ୍ଡାଇ, ୨୭।୯ (ସମିସ)**

କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପଟ୍ଟାମୁଣ୍ଡାଇ ବ୍ଲକ ଚନ୍ଦନନଗର ପଞ୍ଚାୟତର ବନ୍ତୋଠାରେ ରାଜନଗର ବିଧାୟକ ଧ୍ରୁବ ସାହୁଙ୍କ ଉଦ୍ୟମକ୍ରମେ ଜିଲ୍ଲା ବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠା ପାଇଁ ଗତ ସରକାର ସମୟରେ ନୀତିଗତ ନିଷ୍ପତ୍ତି ନିଆଯାଇ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସ ଯୋଗେ ଏହାର ଶୁଭ ଦେଇଥିଲେ। ଏହାପରେ ବିଜ୍ଞାନ କେନ୍ଦ୍ର କାର୍ଯ୍ୟ ଆରମ୍ଭ କରାଯାଇଥିଲା। ସମ୍ପ୍ରତି ସରକାର ପରିବର୍ତ୍ତନ ପରେ ପଟ୍ଟାମୁଣ୍ଡାଇର ବନ୍ତୋରୁ ଜିଲ୍ଲା ବିଜ୍ଞାନ କେନ୍ଦ୍ର ସ୍ଥାନାନ୍ତର ପାଇଁ ଚକ୍ରାନ୍ତ ଆରମ୍ଭ ହୋଇଥିବା ଜଣାପଡ଼ିଛି। ଫଳରେ ପଟ୍ଟାମୁଣ୍ଡାଇ ଓ ରାଜନଗରରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ତେବେ ଏହାର ସତ୍ୟାସତ୍ୟ ଓ ସ୍ଥିତି ସମ୍ପର୍କରେ ଜାଣିବା ପାଇଁ ରାଜନଗର ବିଧାୟକ ଧ୍ରୁବ ସାହୁ ରାଜ୍ୟ ବିଧାନସଭାରେ ଏ ନେଇ ପ୍ରଶ୍ନ ଉତ୍ଥାପନ କରି ବିଭାଗୀୟ ମନ୍ତ୍ରୀଙ୍କଠାରୁ ଉତ୍ତର ମାଗିଥିଲେ। ବିଧାୟକଙ୍କ ପ୍ରଶ୍ନର ଉତ୍ତରରେ ରାଜ୍ୟ ବିଜ୍ଞାନ ଓ କାରିଗରୀ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଭଦ୍ରକ, ଗଞ୍ଜାମ, ବଲାଙ୍ଗୀର, ସୁନ୍ଦରଗଡ଼ରେ ଜିଲ୍ଲା ବିଜ୍ଞାନ କେନ୍ଦ୍ର ନିର୍ମାଣାଧୀନ ଥିବାବେଳେ କେନ୍ଦ୍ରାପଡ଼ା, ଜଗତସିଂହପୁର, କଳାହାଣ୍ଡି, ବୌଦ୍ଧ, ଝାରସୁଗୁଡ଼ା, ନୂଆପଡ଼ା ଓ ଗଜପତିରେ ଜିଲ୍ଲା ବିଜ୍ଞାନ କେନ୍ଦ୍ର ନିର୍ମାଣ ପାଇଁ ୨୮।୨।୨୦୨୪ରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଏଥିମଧ୍ୟରୁ ପ୍ରଥମେ କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ତହସିଲ ଅଧୀନ ବନ୍ତୋଠାରେ ଭିତରକନିକା ଜାତୀୟ ଉଦ୍ୟାନ ଦୃଷ୍ଟିରୁ ସର୍ବାଧିକ ପରିଦର୍ଶକଙ୍କ ଆଗମନକୁ ବିଚାରକୁ ନେଇ ସେ ସମୟରେ ଜିଲ୍ଲା ବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠା କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। କିନ୍ତୁ ପରବର୍ତ୍ତୀ ପରିବହନ ସଂଯୋଗର ଉପଲବ୍ଧତାକୁ ଦୃଷ୍ଟିରେ ରଖି କେନ୍ଦ୍ରାପଡ଼ା ସଦର ମହକୁମାର ବଳଦେବଜୀଉ ମନ୍ଦିର ଓ ତତ ସଂଲଗ୍ନ ଶିକ୍ଷାନୁଷ୍ଠାନ ନିକଟରେ ଅନ୍ୟଏକ ଉପଯୁକ୍ତ ଜାଗା ପ୍ରଦାନ କରିବା ପାଇଁ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ଅନୁରୋଧ କରାଯାଇଛି। ଏ ସମ୍ପର୍କରେ ଜିଲ୍ଲାପାଳଙ୍କଠାରୁ ଜାଗା ବିଷୟରେ ଚୂଡ଼ାନ୍ତ ପ୍ରସ୍ତାବ ଆସିଲେ ରାଜ୍ୟ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ପକ୍ଷରୁ ପରବର୍ତ୍ତୀ ପଦକ୍ଷେପ ନିଆଯାଇ ଜିଲ୍ଲା ବିଜ୍ଞାନ କେନ୍ଦ୍ରର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ମନ୍ତ୍ରୀ ବିଧାନସଭା ଗୃହରେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଜଣାପଡ଼ିବା ପରେ ପଟ୍ଟାମୁଣ୍ଡାଇ ଓ ରାଜନଗର ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ପକ୍ଷରୁ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରାଯିବାକୁ ସଭାପତି ଗୋପିବଲ୍ଲଭ ନାୟକ ଓ ସମ୍ପାଦକ ଗୋପୀନାଥ ତ୍ରିପାଠୀ ପ୍ରେସ ବିବୃତ୍ତିରେ ପ୍ରକାଶ କରିଛନ୍ତି। ଭିତରକନିକାର ଜୈବ ବିବିଧତା ଉପରେ ଗବେଷଣା ପାଇଁ ଛାତ୍ରଛାତ୍ରୀ, ଗବେଷକ ଓ ପରିବେଶବିତଙ୍କ ପାଇଁ ବନ୍ତୋ ଉପଯୁକ୍ତ ସ୍ଥାନ। ଏଠାରେ ଜିଲ୍ଲା ବିଜ୍ଞାନକେନ୍ଦ୍ର ନିର୍ମାଣର ଯଥାର୍ଥତା ରହିଛି। ରାଜ୍ୟ ସରକାର କେଉଁ ଉଦ୍ଦେଶ୍ୟରେ କେନ୍ଦ୍ରାପଡ଼ା ସଦର ଓ ମହାକାଳପଡ଼ା ସୀମା ପର୍ଯ୍ୟନ୍ତ ନେବା ପାଇଁ ଉଦ୍ୟମ କରୁଛନ୍ତି, ତାହା ରହସ୍ୟାବୃତ୍ତ ହୋଇପଡ଼ିଛି। ବନ୍ତୋରୁ ଜିଲ୍ଲା ବିଜ୍ଞାନକେନ୍ଦ୍ର ସ୍ଥାନାନ୍ତର ପାଇଁ ଚକ୍ରାନ୍ତ ବିଷୟରେ ଜଣାପଡ଼ିବା ପରେ ପଟ୍ଟାମୁଣ୍ଡାଇ ଓ ରାଜନଗର ଅଞ୍ଚଳର ବିଭିନ୍ନ ସଂଗଠନ, ଶିକ୍ଷାବିତ, ବୁଦ୍ଧିଜୀବୀ, ପରିବେଶବିତ ଓ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହେବା ସାଙ୍ଗକୁ ଗଭୀର ଉଦବେଗ ପ୍ରକାଶ ପାଇଛି। ରାଜ୍ୟ ସରକାର ବନ୍ତୋରୁ ଜିଲ୍ଲା ବିଜ୍ଞାନ କେନ୍ଦ୍ର ସ୍ଥାନାନ୍ତର ନିଷ୍ପତ୍ତି ପରିବର୍ତ୍ତନ ନ କଲେ ପଟ୍ଟାମୁଣ୍ଡାଇ ଓ ରାଜନଗର ଅଞ୍ଚଳର ବିଭିନ୍ନ ସଂଗଠନ ପକ୍ଷରୁ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।



ଶାରଦୀୟ ପାର୍ବଣର ଚତୁର୍ଦ୍ଦଶ ସନ୍ଧ୍ୟା ତଥା ପୀଠେ ଷଷ୍ଠୀରେ ମା' ଶାରଳାଙ୍କ ମହିଷାମର୍ଦ୍ଦିନୀ ବେଶ

## ବୋଟ୍‌ରୁ ଖସିପଡ଼ି ମତ୍ସ୍ୟଜୀବୀ ମୃତ

**ପାରାଦୀପ, ୨୭।୯ (ସମିସ):** ପାରାଦୀପ ମାଛଧରା ବନ୍ଦରରେ ଜଣେ ମତ୍ସ୍ୟଜୀବୀ ବୋଟ୍‌ରୁ ଖସିପଡ଼ି ପାଣିରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି। ମତ୍ସ୍ୟଜୀବୀ ଜଣକ ହରଧନ ଦାସ (୫୨)। ତାଙ୍କ ଘର ପଶ୍ଚିମବଙ୍ଗ। ସେ ମା' ଭୁଆସୁଣି ବୋଟ୍‌ରେ ମାଛ ମାରିବାକୁ ସମୁଦ୍ରକୁ ଯାଇ ଗତକାଲି ଫେରିଥିଲେ। ସେ ଏହି ମା' ଭୁଆସୁଣି ବୋଟ୍‌ରେ ପ୍ରଥମ ଥର ପାଇଁ ମାଛ ମାରିବାକୁ ଯାଇଥିଲେ ବୋଲି ପୁଲିସକୁ ବୋଟ୍‌ର ଡ୍ରାଇଭର କହିଛନ୍ତି। ବୋଟ୍‌ଟି ମାଛ ମାରି ଫେରି ୨ ନମ୍ବର ଜେଟିରେ ଲାଗିଥିଲା। ମୃତ ହରଧନ ଦାସ ସକାଳ ପାଖାପାଖି ୮ଟା ସମୟରେ କୌଣସି କାମରେ ବୋଟ୍‌ରୁ ବାହାରକୁ ଆସିଥିଲେ। କାମ ସାରି ଚଢ଼ିବା ସମୟରେ ଅସାବଧାନତା ହେତୁ ଗୋଡ ଖସିଯିବାରୁ ସେ ଜେଟି ନିକଟରେ ପାଣିରେ ପଡ଼ିଯାଇଥିଲେ। ବୋଟ୍‌ର ଅନ୍ୟ କର୍ମଚାରୀ ମେରାଇନ ଥାନାକୁ ଖବର ଦେବା ପରେ ପୁଲିସ ପହଞ୍ଚି ମତ୍ସ୍ୟଜୀବୀଙ୍କ ସହାୟତାରେ ଖୋଜାଖୋଜି କରି ତାଙ୍କୁ ଉଦ୍ଧାର କରି ସ୍ଥାନୀୟ ଅଠରବାଙ୍କୀ ମେଡିକାଲ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଉକ୍ତ ମୃତଦେହକୁ ରଖାଯାଇଛି। ପରିବାର ଲୋକଙ୍କୁ ଖବର ଦେବା ପରେ ସେମାନେ ଆଜି ସନ୍ଧ୍ୟା ସୁଦ୍ଧା ପାରାଦୀପରେ ପହଞ୍ଚିନାହାନ୍ତି। ପରିବାରର ଆର୍ଥିକ ସମ୍ବଳ ନ ଥିବାରୁ ପାରାଦୀପକୁ ଆସିପାରୁ ନ ଥିବା ଜଣାପଡ଼ିଛି। ସରକାର ଏହି ମତ୍ସ୍ୟଜୀବୀଙ୍କ ପାଇଁ କୌଣସି ଅନୁଦାନ ବ୍ୟବସ୍ଥା କଲେ, ତାଙ୍କ ପରିବାର ସହାୟତା ପାଇପାରନ୍ତେ ବୋଲି ମତ୍ସ୍ୟଜୀବୀ ଦାବି କରିଛନ୍ତି। ଆସନ୍ତାକାଲି ଶବ ବ୍ୟବଚ୍ଛେଦ କରାଯିବ ବୋଲି ମେରାଇନ ଥାନା ଅଧିକାରୀ ବବିତା ଦେହୁରୀ କହିଛନ୍ତି।

## ପୂରଣ ହେବ ଖାଲିଥିବା ଗୃହରକ୍ଷୀ ପଦବୀ

**ଜଗତସିଂହପୁର, ୨୭।୯ (ସମିସ):** ଗତ ମାର୍ଚ୍ଚ ମାସରେ ଜିଲ୍ଲାରେ ଖାଲିଥିବା ୯୯ଟି ଗୃହରକ୍ଷୀ ପଦବୀ ପୂରଣ ପାଇଁ ବିଜ୍ଞାପନ ପ୍ରକାଶ କରାଯାଇଥିଲା। ଚଳିତ ମାସ ୧୦ ତାରିଖରେ ୧୩ ଗୃହରକ୍ଷୀ ପଦବୀ ବୃଦ୍ଧି କରାଯାଇ ମୋଟ ୧୧୨ଟି ଖାଲି ଗୃହରକ୍ଷୀ ପଦବୀ ପାଇଁ ପୁନଃ ବିଜ୍ଞାପନ ପ୍ରକାଶ କରାଯାଇଛି। ୧୧୨ ଗୃହରକ୍ଷୀ ପଦବୀ ନିମନ୍ତେ ଚୟନ ପ୍ରକ୍ରିୟାର ଲିଖିତ ପରୀକ୍ଷା ତାରିଖ ଓ ସ୍ଥାନ ଆବେଦନକାରୀଙ୍କୁ ଜଣାଇ ଦିଆଯିବ। ପୂର୍ବରୁ ଆବେଦନ କରିଥିବା ପ୍ରାର୍ଥୀ ପୁନଶ୍ଚ ଆବେଦନ କରିବାର ଆବଶ୍ୟକତା ନାହିଁ। ଯେଉଁମାନେ ପୂର୍ବରୁ ଆବେଦନ କରିନାହାନ୍ତି, ସେମାନଙ୍କୁ ଆବେଦନ କରିବାର ସମୟ ଜଣାଇ ଦିଆଯିବ। ବୈଧ ହୋଇଥିବା ଆବେଦନପତ୍ର ଆବେଦନକାରୀଙ୍କୁ ପ୍ରବେଶ ପତ୍ର (ଆଡିମିଟ କାର୍ଡ) ନିଜର ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ଉପଲବ୍ଧ କରାଇ ଦିଆଯିବ। ଅବୈଧ ହୋଇଥିବା ଆବେଦନପତ୍ର ତାଲିକା ଜିଲ୍ଲା ଗୃହରକ୍ଷୀ କାର୍ଯ୍ୟାଳୟ ସୂଚନା ଫଳକରେ ପ୍ରକାଶ କରାଯିବ।

## ମିଳିତ ଜନଅଭିଯୋଗ ଶୁଣାଣିର ଦିନ ଧାର୍ଯ୍ୟ

ଜଗତସିଂହପୁର, ୨୭।୯ (ସମିସ): ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅକ୍ଟୋବରରୁ ଡିସେମ୍ବର ମାସ ପର୍ଯ୍ୟନ୍ତ ଜିଲ୍ଲାର ବିଭିନ୍ନ ବ୍ଲକ କାର୍ଯ୍ୟାଳୟ ଓ ଜିଲ୍ଲା କାର୍ଯ୍ୟାଳୟରେ ଅନୁଷ୍ଠିତ ହେବ। ଏହି ତିନି ମାସ ପାଇଁ ଦିନ ଧାର୍ଯ୍ୟ ହୋଇଛି। ଅକ୍ଟୋବର ୬ ତାରିଖ ଦିନ ବାଲିକୁଦା ବ୍ଲକ କାର୍ଯ୍ୟାଳୟ, ଅକ୍ଟୋବର ୧୩ ତାରିଖରେ ଏରସମା ବ୍ଲକ କାର୍ଯ୍ୟାଳୟ, ଅକ୍ଟୋବର ୨୦ ତାରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଅକ୍ଟୋବର ୨୭ ତାରିଖରେ ରଘୁନାଥପୁର ବ୍ଲକ କାର୍ଯ୍ୟାଳୟରେ ଶୁଣାଣି ଶିବିର ଅନୁଷ୍ଠିତ ହେବ। ସେହିପରି ନଭେମ୍ବର ମାସ ୩ ତାରିଖରେ ତିର୍ତ୍ତୋଲ ବ୍ଲକ କାର୍ଯ୍ୟାଳୟ, ନଭେମ୍ବର ୧୦ ତାରିଖରେ କୁଜଙ୍ଗ ବ୍ଲକ କାର୍ଯ୍ୟାଳୟ, ନଭେମ୍ବର ୧୭ ତାରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓ ନଭେମ୍ବର ୨୪ ତାରିଖରେ ବିରିଡ଼ି ବ୍ଲକ କାର୍ଯ୍ୟାଳୟରେ ଶୁଣାଣି ଶିବିର ଅନୁଷ୍ଠିତ ହେବ। ସେହିପରି ଡିସେମ୍ବର ୧ ତାରିଖରେ ନାଉଗାଁ ବ୍ଲକ କାର୍ଯ୍ୟାଳୟ, ଡିସେମ୍ବର ୮ ତାରିଖରେ ବାଲିକୁଦା ବ୍ଲକ କାର୍ଯ୍ୟାଳୟ, ଡିସେମ୍ବର ୧୫ ତାରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଡିସେମ୍ବର ୨୨ ତାରିଖରେ ଏରସମା ବ୍ଲକ କାର୍ଯ୍ୟାଳୟ ଓ ଡିସେମ୍ବର ୨୯ ତାରିଖରେ ରଘୁନାଥପୁର ବ୍ଲକ କାର୍ଯ୍ୟାଳୟରେ ଶୁଣାଣି ଶିବିର ଅନୁଷ୍ଠିତ ହେବ। ଏସବୁ ଶିବିରରେ ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକ, ଅତିରିକ୍ତ ଜିଲ୍ଲାପାଳ, ଜିଲ୍ଲା ପରିଷଦର ମୁଖ୍ୟ ବିକାଶ ଅଧିକାରୀ, ଉପଜିଲ୍ଲାପାଳ, ଜିଲ୍ଲାସ୍ତରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ।

## ସମାଜସେବୀଙ୍କ ହୃଦ୍‌ଘାତରେ ମୃତ୍ୟୁ



**ବିରିଡ଼ି, ୨୭।୯ (ସମିସ):** ବାସନ୍ଦରା ପଞ୍ଚାୟତ ବାସନ୍ଦରା ଗ୍ରାମର ତଥା କାନାରା ବ୍ୟାଙ୍କର ପୂର୍ବତନ ଆକାଉଣ୍ଟାଣ୍ଟ ଲକ୍ଷ୍ମଣ ଜେନାଙ୍କ ପୁତ୍ର ସମାଜସେବୀ ତାପସ ଜେନା (୩୯)ଙ୍କ ଆଜି ହୃଦ୍‌ଘାତରେ ଅକାଳ ମୃତ୍ୟୁ ଘଟିଛି। ସେ ସକାଳୁ ନ ଉଠିବାରୁ ପରିବାର ଲୋକେ ଡାକିଥିଲେ। ତେବେ ନ ଉଠିବାରୁ ଦେଖିବାରୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସେ ଥିଲେ ଗାଁ ଲୋକଙ୍କ ଅତିପ୍ରିୟ, ପରୋପକାରୀ, ମିଷ୍ଟଭାଷୀ ଯୁବକ। ତାଙ୍କ ମୃତ୍ୟୁରେ ଗାଁରେ ଶୋକର ଛାୟା ଖେଳିଯାଇଛି। ଜିଲ୍ଲା ପରିଷଦ ସଭ୍ୟ ଚନ୍ଦ୍ରଶେଖର ଦାଶ, ଶିକ୍ଷାବିତ ସୌଭାଗ୍ୟ ପଟ୍ଟନାୟକ, ଭାଗ୍ୟଧର ଜେନା, ଶିବପ୍ରସାଦ ଜେନା, ଅଞ୍ଜନ ଜେନା, ରଞ୍ଜୁ ଜେନା, ସରପଞ୍ଚ ଲକ୍ଷ୍ମୀପ୍ରିୟା ଜେନା ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

## ନୂଆ ଥାନାଧିକାରିଣୀଙ୍କୁ ସମ୍ବର୍ଦ୍ଧନା

**ବିରିଡ଼ି, ୨୭।୯ (ସମିସ):** ବିଜେପି ବ୍ଲକ ପ୍ରତିନିଧି ଗୀତାଞ୍ଜଳି ସାହୁଙ୍କ ନେତୃତ୍ୱରେ



ହାଜିପୁର ମଣ୍ଡଳ ଓ ପୂରଣ ମଣ୍ଡଳର ଶତାଧିକ ନେତୃମଣ୍ଡଳୀ ବିରିଡି ଥାନାରେ ପହଞ୍ଚି ନୂତନ ଥାନା ଅଧିକାରିଣୀ ସୁଜାତା ବେହେରାଙ୍କୁ ଫୁଲତୋଡ଼ା, ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଛନ୍ତି। ଶ୍ରୀମତୀ ସାହୁ ଆଇଆଇସି ଶ୍ରୀମତୀ ବେହେରାଙ୍କ ସହିତ ଅଞ୍ଚଳର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ।

## ବିଶ୍ୱ ପର୍ଯ୍ୟଟନ ଦିବସରେ ଜିଲ୍ଲାସ୍ତରୀୟ କୁଇଜ୍ ପ୍ରତିଯୋଗିତା



**ଜଗତସିଂହପୁର, ୨୭।୯ (ସମିସ):** ଜଗତସିଂହପୁର ଜିଲ୍ଲା ସଦର ମହକୁମାସ୍ଥ ଆଦିକବି ସାରଳା ଦାସ ସଂସ୍କୃତି ଭବନରେ ଜିଲ୍ଲା ପର୍ଯ୍ୟଟନ ବିକାଶ ଅଧିକାରୀ ହରପ୍ରିୟା ପୃଷ୍ଟିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ ହୋଇଯାଇଛି। ଏ ଉପଲକ୍ଷେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ନେଇ ଜିଲ୍ଲାସ୍ତରୀୟ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟସ୍ତରୀୟ କୁଇଜ୍ ପ୍ରତିଯୋଗିତାରେ ଦଧିବାବନଜୀଉ ସରକାରୀ ଉଚ୍ଚବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ର ସୌରଭ ନାୟକ ପ୍ରଥମ, ସେଣ୍ଟ ଜାଭିୟର ହାଇସ୍କୁଲ ଛାତ୍ର ଶୁଭ୍ରାଂସୁ ଦାସ ଦ୍ୱିତୀୟ ଓ ଏନକେଏସ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ର ପ୍ରିୟତମା ସ୍ୱାଇଁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ମହାବିଦ୍ୟାଳୟସ୍ତରୀୟ କୁଇଜ୍ ପ୍ରତିଯୋଗିତାରେ ବାୟା ଅବଧୂତ ମହାବିଦ୍ୟାଳୟ +୩ ତୃତୀୟ ବର୍ଷ ଛାତ୍ରୀ ପ୍ରିୟଙ୍କା କର ପ୍ରଥମ, ଆଦିକବି ସାରଳା ଦାସ ମହାବିଦ୍ୟାଳୟ +୨ ପ୍ରଥମ ବର୍ଷ ଛାତ୍ରୀ ସ୍ମୃତିରେଖା ସାମଲ ଦ୍ୱିତୀୟ ଓ ବାଲିକୁଦା ମହାବିଦ୍ୟାଳୟ+୩ ତୃତୀୟବର୍ଷ ଛାତ୍ରୀ ତନୁଶ୍ରୀ ମହାନ୍ତି ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି ପ୍ରତିଯୋଗିତାରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ଜଗତସିଂହପୁର) ସମ୍ବିତ କୁମାର ରାଉତ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ କୁମାର ଜେନା ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ନଗଦ ଅର୍ଥରାଶି ସହିତ ସାର୍ଟିଫିକେଟ୍ ପ୍ରଦାନ କରିଥିଲେ। ବିଶ୍ୱ ପର୍ଯ୍ୟଟନ ଦିବସ ପାଳନର ତାତ୍ପର୍ଯ୍ୟ ବୁଝାଇଥିଲେ। ପ୍ରତିଯୋଗିତାରେ କୁଇଜ୍ ମାଷ୍ଟର ଭାବେ ସାମ୍ବାଦିକ ପ୍ରଦୀପ୍ତ କିଶୋର ଚୌଧୁରୀ ଓ ସହଯୋଗୀ ଭାବେ ସାମ୍ବାଦିକ ଦୁର୍ଯ୍ୟୋଧନ ମହାରଣା କୁଇଜ୍ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ପର୍ଯ୍ୟଟନ ବିକାଶ ବିଭାଗ କର୍ମଚାରୀ ନଳିନୀକାନ୍ତ ସାହୁ, ବୈଶାଖୀ ଶୁକ୍ଳା, ରାଧାମୋହନ ଜେନା ଓ ଦିଲ୍ଲୀପ କୁମାର ପରିଡ଼ା ପ୍ରମୁଖ ପରିଚାଳନା କରିଥିଲେ।

## ନିମ୍ନପ୍ରାଥମିକ ଶିକ୍ଷକ ସଙ୍ଘ ସମ୍ପାଦକଙ୍କୁ ବିଦାୟ ସମ୍ବର୍ଦ୍ଧନା

**ଜଗତସିଂହପୁର/ତିର୍ତ୍ତୋଲ, ୨୭।୯ (ସମିସ):** ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ ପଟିଲୋ ପଞ୍ଚାୟତସ୍ଥ ଆଏମାଧୋଡି ପ୍ରାଥମିକ ସ୍କୁଲରେ ତିର୍ତ୍ତୋଲ ନିମ୍ନ ପ୍ରାଥମିକ ଶିକ୍ଷକ ସଙ୍ଘ ସମ୍ପାଦକ ଗୌରାଙ୍ଗ ଚରଣ ଦାଶଙ୍କ ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। କୋଟିଆଁ ସାଧନକେନ୍ଦ୍ର ସିଆରସିସି ପ୍ରଦୀପ କୁମାର ରଥଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟବକ୍ତା ଭାବେ ନବକାକଳି ସମ୍ପାଦକ ଶିକ୍ଷାବିତ୍ ଡକ୍ଟର ସୁରେନ୍ଦ୍ର ନାଥ ତ୍ରିପାଠୀ ଯୋଗଦେଇ ଶିକ୍ଷକମାନେ ଏ ସମାଜର ମେରୁଦଣ୍ଡ ଓ ସେମାନଙ୍କ ବିନା ଶିକ୍ଷା ଜଗତ ଅନ୍ଧକାର ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ମଣିଭୂଷଣ ତ୍ରିପାଠୀ,



କବୟିତ୍ରୀ ମନୋରମା ଦାଶ, ରଶ୍ମିରେଖା ଶତପଥୀ ଓ ସାଇ ସଞ୍ଜିବନୀ ତ୍ରିପାଠୀ ପ୍ରମୁଖ ଯୋଗଦେଇ ଗୌରାଙ୍ଗ ଦାଶ ଜଣେ ଆଦର୍ଶବାଦୀ ଛାତ୍ର ବତ୍ସଳ ଶିକ୍ଷକ ଥିଲେ ବୋଲି ପ୍ରକାଶ କରିଥିଲେ। ନବକାକଳି ଓ ସାଧନ କେନ୍ଦ୍ର ପକ୍ଷରୁ ଉପଢ଼ୌକନ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧନାର ଉତ୍ତରରେ ଶ୍ରୀ ଦାଶ ସମସ୍ତଙ୍କ ଭଲ ପାଇବା ଥିଲେ ସେ ଏମିତି ସବୁ କାର୍ଯ୍ୟରେ ନିଃସ୍ୱାର୍ଥପର ସେବା କରି ଚାଲିଥିବେ କହି କୃତଜ୍ଞତା ଜ୍ଞାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗଣେଶ ସ୍ୱାଇଁ, ରଞ୍ଜନପ୍ରଭା ସ୍ୱାଇଁ, କାଳନ୍ଦୀ ଚରଣ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିବାବେଳେ ସ୍ୱପ୍ନାମଞ୍ଜରୀ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।

## ସେଣ୍ଟ ଜାଭିୟର୍ସ ସ୍କୁଲରେ ଶାରଦୀୟ ଉତ୍ସବ

ଜଗତସିଂହପୁର, ୨୭।୯ (ସମିସ): ଜଗତସିଂହପୁର ଜିଲ୍ଲାର ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ମୂଳିସିଂହସ୍ଥ ସେଣ୍ଟ ଜାଭିୟର୍ସ ପବ୍ଲିକ୍ ସ୍କୁଲରେ ଶାରଦୀୟ ଉତ୍ସବ ପାଳିତ ହୋଇଛି। ଏହି ଉତ୍ସବରେ ଅଧକ୍ଷା ଜ୍ୟୋତିର୍ମୟୀ ମହାରଣା ଅଧ୍ୟକ୍ଷତା କରିଥିଲେ। ଜଗତସିଂହପୁର ସାରସ୍ୱତ ପରିଷଦର



ସଭାପତି ତଥା ସ୍ତମ୍ଭକାର ହିମାଂଶୁ ଆଚାର୍ଯ୍ୟ ମୁଖ୍ୟ ଆଲୋଚକ ଭାବେ ଯୋଗଦେଇ ଆମ ସଂସ୍କୃତି ଓ ପରମ୍ପରାରେ ଶାରଦୀୟ ଦୁର୍ଗାପୂଜାର ଗୁରୁତ୍ୱ ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ। ଅନ୍ୟତମ ଆଲୋଚକ ଭାବେ ଅନୁଷ୍ଠାନର ନିର୍ଦ୍ଦେଶକ ବିକ୍ରମ କୁମାର ଜେନା କହିଥିଲେ, ମା' ଦୁର୍ଗତୀନାଶିନୀ ଦୁର୍ଗା ବ୍ରହ୍ମାବରରେ ବଳୀୟାନ ହୋଇଥିବା ଦୁଷ୍ଟ ମହିଷାସୁରକୁ ଏହିଦିନ ବଧ କରିଥିବାରୁ ଏହାକୁ ବିଜୟାଦଶମୀ ବୋଲି କୁହାଯାଏ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀ ସୁଦେଷ୍ଣା ଦାସ, ମୋନାଲିସା ଭଟ୍ଟ, ପ୍ରିୟଙ୍କା ମଣ୍ଡଳ, ପ୍ରିୟଙ୍କା ସେଠୀ, ମିନତୀ ଦାସ ଓ ଶିକ୍ଷକ ଅଶୋକ କୁମାର ବେହେରା ପ୍ରମୁଖ ଆଲୋଚନାରେ ଭାଗନେଇ ଦଶହରା ସମ୍ପର୍କରେ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଏ ଅବସରରେ ଛାତ୍ରଛାତ୍ରୀ ଦୁର୍ଗା, ମହିଷାସୁର, ଶିବ, ଶ୍ରୀକୃଷ୍ଣ, ପାର୍ବତୀ ଓ ଅନ୍ୟାନ୍ୟ ଦେବାଦେବୀ ଓ ଅସୁର ବେଶଧାରଣ କରି ଅଭିନୟ ଚାତୁରୀ ପ୍ରଦର୍ଶନ କରିଥିଲେ। ସେମାନଙ୍କ ମଧ୍ୟରୁ ଆଦ୍ୟାଶା ସାହୁ, ପ୍ରଭୁପ୍ରସାଦ, ଆୟୁଷୀ, ଦେବାଂଶୀ, ଆକାଂକ୍ଷା ନାୟକ ଓ ଆୟେଷା ପ୍ରିୟଦର୍ଶିନୀ ପ୍ରତିଯୋଗିତାର ପ୍ରଥମ ଚାରୋଟି ସ୍ଥାନ ଅଧିକାର କରିଥିଲେ। ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ସାସମଲ ଧନ୍ୟବାଦ ଦେଇଥିଲେ।

## ରାଜ୍ୟ ଜୁଡ଼ୋ ଚାମ୍ପିଅନସିପ୍ ପାଇଁ ୩୦ ଜଣିଆ ଜିଲ୍ଲା ଦଳର ଗସ୍ତ



**ପାରାଦୀପ, ୨୭।୯ (ସମିସ):** ରାଜ୍ୟସ୍ତରୀୟ ଜୁଡ଼ୋ ଚାମ୍ପିଅନସିପରେ ଭାଗ ନେବାକୁ ଆଜି ଜଗତସିଂହପୁର ଜିଲ୍ଲାର ୩୦ ଜଣିଆ ଦଳ ଖୋର୍ଦ୍ଧା ଅଭିମୁଖେ ଯାତ୍ରା କରିଛନ୍ତି। ପାରାଦୀପରେ ଜଗତସିଂହପୁର ଜିଲ୍ଲା ଜୁଡ଼ୋ ଆସୋସିଏସନ ସମ୍ପାଦକ ତଥା କୋଚ୍ ଲୋପାମୁଦ୍ରା ପତି ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା ଓ ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରିବା ସହ ସଫଳତା କାମନା କରିଛନ୍ତି। ଜିଲ୍ଲା ଦଳ ଜୁନିୟର ଓ ସିନିୟର ଉଭୟ ବର୍ଗରେ ଭାଗ ନେବ। ଜିଲ୍ଲା ପ୍ରଶାସନ ପକ୍ଷରୁ ଖେଳାଳିଙ୍କୁ ସମସ୍ତ ପ୍ରକାର ସହାୟତା ପ୍ରଦାନ କରାଯାଇଥିବାବେଳେ ଆଜି ସେମାନଙ୍କୁ ଗୋପବନ୍ଧୁ ଷ୍ଟାଡିୟମରେ ସମ୍ବର୍ଦ୍ଧନା ଦିଆଯାଇଥିଲା।

## ପଣ୍ୟ କାରବାରରେ ପାରାଦୀପ ବନ୍ଦରର ରେକର୍ଡ

**ପାରାଦୀପ, ୨୭।୯ (ସମିସ):** ଚଳିତ ଆର୍ଥିକ ବର୍ଷର ପ୍ରଥମ ୬ ମାସ ପୂରା ହେବାକୁ ୧୦ ଦିନ ଥିବାବେଳେ ପାରାଦୀପ ବନ୍ଦର ୭୫ ଏମଏମଟି ପଣ୍ୟ କାରବାର କରି ରେକର୍ଡ ସୃଷ୍ଟି କରିଛି। ଏହି ଦ୍ରୁତ ପଣ୍ୟ କାରବାର ସମଗ୍ର ଦେଶର ବୃହତ ବନ୍ଦରମାନଙ୍କୁ ପଛରେ ପକାଇ ପାରାଦୀପ ବନ୍ଦର ଏହି ଐତିହାସିକ ରେକର୍ଡ ସୃଷ୍ଟି କରିଛି। ଏହି ସମୟ ମଧ୍ୟରେ ପାରାଦୀପ ବନ୍ଦରର ପଣ୍ୟ କାରବାରରେ ୫.୦୩ ପ୍ରତିଶ୍ରୁତ ଅଭିବୃଦ୍ଧି ହୋଇଛି। କ୍ରୁଡ୍ ଅଏଲ ପରିବହନ କ୍ଷେତ୍ରରେ ୧୭.୨୨ ଏମଏମଟି ପରିବହନ କରି ୧୯.୩୪ ପ୍ରତିଶତ ଅଭିବୃଦ୍ଧି ହୋଇଛି। ତଟୀୟ ଥର୍ମାଲ କୋଇଲା ପରିବହନ କ୍ଷେତ୍ରରେ ୨୨.୫୧ ଏମଏମଟି ପଣ୍ୟ କାରବାର କରି ପାରାଦୀପ ବନ୍ଦର ୪.୩ ପ୍ରତିଶତ ଅଭିବୃଦ୍ଧି କରିପାରିଛି। ବନ୍ଦର ଅଧ୍ୟକ୍ଷ ପି.ଏଲ. ହରନାଦ ଏହି ସଫଳତା ନିମନ୍ତେ କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳମାର୍ଗ ବିଭାଗ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲଙ୍କ ମାର୍ଗଦର୍ଶନ ଓ ନେତୃତ୍ୱକୁ କୃତଜ୍ଞତା ଜଣାଇଛନ୍ତି। ଏଥିସହିତ ଶ୍ରୀ ହରନାଦ ବନ୍ଦର ଅଧିକାରୀ, କର୍ମଚାରୀ, ବନ୍ଦର ବ୍ୟବହାରକାରୀ, ଷ୍ଟିଭେଡୋର୍ସ, ଷ୍ଟିମସିପ୍ ଏଜେ, ଟ୍ରେଡ୍ ୟୁନିଅନ, ପିପିପି ଅପରେଟରଙ୍କୁ ସେମାନଙ୍କ ସହଯୋଗ ନିମନ୍ତେ ଧନ୍ୟବାଦ ଜଣାଇଛନ୍ତି।

## ଓସିଏସ୍ ପରୀକ୍ଷାରେ ୩ ଜଣଙ୍କ କୃତିତ୍ୱ

**ରାଜନଗର, ୨୭।୯ (ସମିସ):** ଓଡ଼ିଶା ପ୍ରଶାସନିକ ସେବା (ଓସିଏଏସ) ପରୀକ୍ଷାରେ ଚଳିତ ବର୍ଷ ରାଜନଗର ବ୍ଲକରୁ ୩ ଜଣ କୃତକାର୍ଯ୍ୟ ହୋଇଛନ୍ତି। ଘଡ଼ିଆମାଳ ଗ୍ରାମର ରାଜେନ୍ଦ୍ର





ମାଝୀ, ମହୁଲିଆ ଗ୍ରାମର ସୁଧୀର ରଞ୍ଜନ ଦେବଶର୍ମା ଦାଶ ଓ ସରସ୍ୱତୀ ମହାପାତ୍ର ସଫଳତା ହାସଲ କରିଥିବାରୁ ସମଗ୍ର ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି। ଗୋଟିଏ ବ୍ଲକରୁ ଏକକାଳୀନ ୩ ଜଣ ଓସିଏସ ପାଇବା ଆମ ଅଞ୍ଚଳ ପାଇଁ ଗୌରବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ନିଗମାନନ୍ଦ ପାଇଲେ ଓସିଏସ୍



**ରାଜକନିକା, ୨୭।୯ (ସମିସ):** ଗତକାଲି ପ୍ରକାଶିତ ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷା ଫଳ ପ୍ରକାଶ ପାଇଛି। ରାଜକନିକା ବ୍ଲକ ବାଙ୍ଗରକୁଆଁ ଗ୍ରାମର ନିଗମାନନ୍ଦ ରାଉତ ୨୮୩ ର୍‍ୟାଙ୍କ୍ ପାଇଛନ୍ତି। ନିଗମାନନ୍ଦ ନୌସେନାର ଜଣେ ପେଟି ଅଫିସର ଭାବେ ୧୫ ବର୍ଷ ଚାକିରି କାଳ ଶେଷ କରି ୨୦୨୪ ଜାନୁଆରୀରେ ଅବସର ନେବା ପରେ ସିଭିଲ ସର୍ଭିସ ପାଇଁ ମନୋନିବେଶ କରିଥିଲେ। ସେ ଏଥିରେ ସଫଳ ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି।

## ୟୁରିଆ ସାରର ଅଭାବ

# ଚାଷୀଙ୍କ ଆବଶ୍ୟକତା ପୂରଣ କରିପାରୁନି ସମବାୟ ସମିତି

**ଡେରାବିଶ, ୨୭।୯ (ସମିସ)**

ଡେରାବିଶ ବ୍ଲକ ଅଞ୍ଚଳରେ ପାଖାପାଖି ୪୦୦୦ ଏକର ଚାଷଜମିରେ ଖରିଫ ଧାନ ଚାଷ କରାଯାଇଛି। ବ୍ଲକ ଅଞ୍ଚଳର ଚାଷୀଙ୍କୁ ସରକାରଙ୍କ ପକ୍ଷରୁ ମାର୍କଫେଡ୍ ମାଧ୍ୟମରେ ୧୦ଟି ସମବାୟ ସମିତି ଜରିଆରେ ରିହାତି ଦରରେ ସାର ଯୋଗାଇ ଦେଉଛନ୍ତି। ସରକାରଙ୍କ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ରୁଆ ବେଉଷଣ ସମୟରେ ଗ୍ରୋମର, ପଟାସ ଓ ୟୁରିଆ ଯୋଗାଇ ଦିଆଯାଇଥିଲା। ତେବେ ଚାଷୀ ରୁଆବେଉଷଣ କରି ସାରିବା ପରେ ଆବଶ୍ୟକ ହେଉଥିବା ୟୁରିଆ ସାର ଯୋଗାଇବାରେ ସରକାର ଏବେ ବିଫଳ ହୋଇଛନ୍ତି। ସମସ୍ତ ସମବାୟ ସମିତିକୁ ମାର୍କଫେଡ୍ ଜରିଆରେ ଯୋଗାଇ ଦିଆଯାଉଥିବା ସାର ସମୁଦ୍ରକୁ ଶଙ୍ଖେ ସଦୃଶ ହୋଇଛି। ଯାହାକି ଚାଷୀଙ୍କ ଆବଶ୍ୟକତା ପୂରଣ କରିପାରୁନି। ଅନ୍ୟପକ୍ଷରେ ସମିତିର କର୍ମଚାରୀ



ଓ ପରିଚାଳନା କମିଟି ସଦସ୍ୟଙ୍କୁ ଚାଷୀଙ୍କ ମଧ୍ୟରେ ଏହି ସାର ବିତରଣ କରିବାକୁ ନାକେଦମ୍ ହେବାକୁ ପଡୁଛି।

ଏଭଳି ଘଟଣା ସମସ୍ତ ୧୦ଟି ସମବାୟ ସମିତି ଚାଷୀଙ୍କ କ୍ଷେତ୍ରରେ ଘଟୁଥିବା ଅଭିଯୋଗ ହେଉଛି। ଏଥିସହ ଖୋଲା ବଜାରରେ ୟୁରିଆ ସାର ମିଳୁ ନ ଥିବାବେଳେ ଯେଉଁଠି ମିଳୁଛି, ତାହା ପୁଣି ବହୁ ଚଢ଼ା ଦରରେ ଚାଷୀ କିଣୁଛନ୍ତି। ଯେଉଁ ସମିତିକୁ ୟୁରିଆ ସାର ଆସୁଥିବା ଖବର ଚାଷୀ ପାଉଛନ୍ତି, ସେହି ସମିତି ଅଧୀନସ୍ଥ ଚାଷୀ ସାର ନେବା ପାଇଁ ବହୁ ସଂଖ୍ୟାରେ ଭିଡ଼ ଜମାଉଥିବା ଦେଖିବାକୁ ମିଳିଛି। ଆଜି ଏପରି ଘଟଣା ଦେଖିବାକୁ ମିଳିଛି ବ୍ଲକ ଅନ୍ତର୍ଗତ ରତାଦିଆ ସମବାୟ ସମିତି କାର୍ଯ୍ୟାଳୟରେ। ଆଜି ଦିନ ୯ଟା ସମୟରେ ସମିତିରେ ସାର ବିକ୍ରୟ ହେଉଥିବା ଖବର ପାଇ ୫୦୦ରୁ ଅଧିକ ଚାଷୀ ରୁଣ୍ଡ ହୋଇଥିଲେ। ଏତେ ସଂଖ୍ୟକ ଚାଷୀଙ୍କୁ ଦେବା ପାଇଁ ସାର ନ ଥିବା କାରଣରୁ ପ୍ରାଥମିକ ଭାବେ ପ୍ରଥମେ ଆସିଥିବା ଲୋକଙ୍କଠାରୁ ଆଧାର କାର୍ଡ଼ ସଂଗ୍ରହ କରାଯାଇ ମେସିନ୍‌ରେ ଚାଷୀଙ୍କ ଟିପ ଚିହ୍ନ ନେଇ ସାର ଦିଆଯାଇଥିଲା। ଚାଷୀଙ୍କୁ ନିୟନ୍ତ୍ରଣ କରିବା ଓ ଫେରିଯାଉଥିବା ଚାଷୀଙ୍କୁ ପରବର୍ତ୍ତୀ ସମୟରେ ଅଗ୍ରାଧିକାର ଭିତିରେ ସାର ଯୋଗାଇ ଦେବାକୁ ସମିତିର ସଭାପତି ବିମଳ ତ୍ରିପାଠୀ ପ୍ରତିଶ୍ରୁତି ଦେବା ସହ ନିଜେ ଉପସ୍ଥିତ ରହି ଚାଷୀଙ୍କୁ ସୁଚାରୁରୂପେ ସାର ବିତରଣ କରିଥିଲେ। ସମିତିର ସମ୍ପାଦକ ସୁବୋଧ କୁମାର ଲେଙ୍କା, ସତ୍ୟମ ବାରିକ, ସୁଧାଂଶୁ ଭୂଷଣ ଷଣ୍ଡ, ପରିଚାଳନା କମିଟି ସଦସ୍ୟ ପ୍ରମୋଦ ଭଦ୍ର, ସୁନୀତା ବଳ, ଧ୍ରୁବଚରଣ ବାରିକ ସାର ବିତରଣରେ ସହଯୋଗ କରିଥିଲେ।

## ସୁସ୍ଥ ପରିବେଶ ପାଇଁ ସ୍ୱଚ୍ଛତା ଅଭିଯାନ

ପଦ୍ମପୁର, ୨୭।୯ (ସମିସ): ଘନାମାଲ ଗାଁରେ ଜଗନ୍ନାଥ ସେନା, ମାତୃମଣ୍ଡଳୀ, ଷ୍ଟାର ପ୍ଲସ କ୍ରିକେଟ ଘନାମାଲ ତରଫରୁ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଜଗନ୍ନାଥ ସେନା ସମ୍ପାଦକ ବୁଲୁ ବିଶାଳ, ଷ୍ଟାର ପ୍ଲସ କ୍ରିକେଟ ଦଳ ଅଧିନାୟକ ଦୀଲିପ ସାହୁ ଓ ଉପଅଧିନାୟକ ସୌରଭ ଛତରଙ୍କ ତତ୍ତ୍ୱାବଧାନରେ ଜନ ସଚେତନତା ପଦଯାତ୍ରା କରାଯାଇଥିଲା। ପଦଯାତ୍ରା ପରେ ଗ୍ରାମଦେବୀ ମା' କାଳୀଡୁଙ୍ଗୀରୀଏନ ମନ୍ଦିର ପରିସରକୁ ସଫା କରାଯାଇ ମନ୍ଦିରର ଚାରି ପାଖରେ ନଡିଆ ଓ ବଉଳ ଗଛ ଚାରା ଲଗାଯାଇଥିଲା। ପୋଖରୀ ହୁଡ଼ା ସଫା କରି ଜଗନ୍ନାଥ ସେନା ଓ ମହିଳାମାନେ ନଡିଆ, ଅଶୋକ, ମନ୍ଦାର, ଟଗର, ଚମ୍ପା, କଦମ୍ବ, ଅଁଳା, ପଣସ, ପିଜୁଳି ଗଛ ଚାରା ଲଗାଇ ଗାଁ, ମନ୍ଦିର, ପୋଖରୀ ସ୍ୱଚ୍ଛ ରଖିବା ପାଇଁ ଶପଥ ନେଇଥିଲେ।

**ବରପାଲି:** ବରପାଲି ମହାବିଦ୍ୟାଳୟ ପରିସରରେ ଏନଏସଏସ ପ୍ରକଳ୍ପ ଅଧିକାରୀ ଅଧ୍ୟାପକ ଭକ୍ତ ବନ୍ଧୁ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ସ୍ୱଚ୍ଛତା ଶୋଭାଯାତ୍ରା ଆୟୋଜନ ହୋଇଯାଇଛି। କାର୍ଯ୍ୟକ୍ରମକୁ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଧ୍ୟାପକ ସୁଶିଲ ଶତପଥୀ ଉଦ୍‌ଘାଟନ କରିଥିଲେ। ମହାବିଦ୍ୟାଳୟ ଏନଏସଏସ ଶିକ୍ଷାର୍ଥୀ ଓ ରେଡକ୍ରସ ସଦସ୍ୟ ମାନେ ହାତରେ ପ୍ଲାଏ କାର୍ଡ ଧରି ବିଭିନ୍ନ ସ୍ୱଚ୍ଛତା ସ୍ଲୋଗାନ ମାଧ୍ୟମରେ ପରିକ୍ରମାରେ ବାହାରି ଥିଲେ। ଶୋଭାଯାତ୍ରାଟି କଲେଜ ଛକ, ଶ୍ୟାମ ଛକ, ଗାନ୍ଧୀ ଛକ, ପ୍ରାଇଭେଟ୍ ବସ ଷ୍ଟାଣ୍ଡ, ହସ୍ପିଟାଲ ଛକ, ଥାନା ଛକ ବାଟଦେଇ ପୁନର୍ବାର କଲେଜକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହି ଅବସରରେ ଏକ ସଚେତନତା ସଭା ଆୟୋଜିତ ହୋଇଥିଲା।

**ଝାରବନ୍ଧ:** ଝାରବନ୍ଧ ଡିଗ୍ରୀ କଲେଜରେ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ହୋଇଯାଇଛି। କଲେଜ ଏନଏସଏସ ଓ ଯୁବ ରେଡକ୍ରସ୍ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଶ୍ୟାମସୁନ୍ଦର ବେହେରା ଅଧ୍ୟକ୍ଷତା କରିଥିଲେ। ଏନଏସଏସ ଅଧିକାରୀ ରିତାଞ୍ଜଳୀ ଗୁରୁ ତଥା ଯୁବ ରେଡକ୍ରସ୍ ଅଧିକାରୀ ମିନପ୍ରଭା ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କଲେଜ ପ୍ରାଙ୍ଗଣରୁ ଶିକ୍ଷକ ଅଣଶିକ୍ଷକ କର୍ମଚାରୀ ତଥା ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀଙ୍କ ଏକ ରାଲି ବାହାରିଥିଲା। ଝାରବନ୍ଧ ପ୍ରଶାସନ ଏବଂ ଡିଗ୍ରୀ କଲେଜର ମିଳିତ ଆନୁକୂଲ୍ୟରେ ଝାରବନ୍ଧ ଦୁର୍ଗାପୂଜା ପ୍ରାଙ୍ଗଣ, ହସ୍ପିଟାଲ ପରିସର ତଥା ଆଖପାଖ ଅଞ୍ଚଳ ପରିଷ୍କାର କରିଥିଲେ। ଝାରବନ୍ଧ ବିଡିଓ ପର୍ଶୁରାମ ପଣ୍ଡା ଯୋଗଦେଇ ସମସ୍ତଙ୍କୁ ସ୍ୱଚ୍ଛତା ଶପଥ ପାଠ କରାଇଥିଲେ। ଗ୍ରାମ୍ୟ କମିଟି ସଭାପତି ମୋହନ ପ୍ରଧାନଙ୍କ ସହିତ ଭଜନ ବେହେରା, ଗୌରବ ବେହେରା ତଥା କମିଟିର କର୍ମକର୍ତ୍ତା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପିକା ଯାଜ୍ଞସେନୀ ନାୟକ, ଅଧ୍ୟାପକ ନବୀନ ମେହେର, ଗଗନ ବିହାରୀ ଡନଶନା, ଡ.ଖ୍ୟାତିମୟ ତ୍ରିପାଠୀ, ରଶ୍ମି ମହାଲିଂ, ଚନ୍ଦ୍ରମଣି ବାଗ, ଏସଭିଏମବି ଆରସି ସୁଶୀଲ ସାହୁଙ୍କ ସହିତ କଲେଜର ମନୀଷା ଭୋଇ, ବଂଶୀଧର ସେଠୀ, ଦୁର୍ଯୋଧନ ପାଣ୍ଡେ ପ୍ରମୁଖ ସହଯୋଗ କରିଥିଲେ।

## ସମ୍ବଲପୁର ଜିଲ୍ଲା ସମବାୟ କେନ୍ଦ୍ର ବ୍ୟାଙ୍କର ବାର୍ଷିକ ସାଧାରାଣ ସଭା

ବରଗଡ଼, ୨୭।୯ (ସମିସ): ବରଗଡ଼ସ୍ଥିତ ଯଦୁମଣି ପ୍ରଧାନ ପ୍ରେକ୍ଷାଳୟରେ ସମ୍ବଲପୁର ଜିଲ୍ଲା ସମବାୟ କେନ୍ଦ୍ର ବ୍ୟାଙ୍କର ବାର୍ଷିକ ସାଧାରାଣ ସଭା ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କର ସଭାପତି ନରେନ୍ଦ୍ର ପ୍ରଧାନ ଏଥିରେ ଅଧ୍ୟକ୍ଷତା କରିଥିଲେ। ବ୍ୟାଙ୍କର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭକ୍ତେଶ୍ୱର ମଳିକ ୨୦୨୪-୨୫ ବର୍ଷର ପ୍ରଗତି ବିବରଣୀ ସହିତ ୨୦୨୫-୨୬ ବର୍ଷର ଅଗ୍ରଗତି ଓ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ଆସିଷ୍ଟାଣ୍ଟ ଅଡିଟର ଜେନାରାଲ ଯୁଗଳକିଶୋର ଦାଶ, ପ୍ରମୋଦ ଦାଶ ଓ ସିଡ଼ିଏଓ ଲୋଚନ ଚନ୍ଦ୍ର ମାଝୀ ପ୍ରମୁଖ ପ୍ରମୁଖ ଉପସ୍ଥିତ ଥିଲେ। ବ୍ୟାଙ୍କ ନିର୍ଦ୍ଦେଶକ ପ୍ରଫୁଲ୍ଲ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ସେମ ହେମ୍ବ୍ରମ ତୃତୀୟଥର ଜିଲ୍ଲା କଂଗ୍ରେସ ସଭାପତି



ଦେବଗଡ଼, ୨୭।୯ (ସମିସ): ଦେବଗଡ଼ ଜିଲ୍ଲା କଂଗ୍ରେସରେ ସଭାପତି ପଦକୁ ନେଇ ବ୍ୟାପକ ଗୋଷ୍ଠୀ କନ୍ଦଳରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ପୂର୍ବତନ ସଭାପତି ସେମ ହେମ୍ବ୍ରମ ପୁଣି ଥରେ ଜିଲ୍ଲା କଂଗ୍ରେସ ସଭାପତି ପଦ ହାତେଇବାରେ ସଫଳ ହୋଇଛନ୍ତି। ଏଆଇସିସି ପକ୍ଷରୁ ପ୍ରକାଶିତ ଜିଲ୍ଲା କଂଗ୍ରେସ ତାଲିକାରେ ଦେବଗଡ଼ ଜିଲ୍ଲା କଂଗ୍ରେସ ସଭାପତି ପଦବୀ ପୁଣିଥରେ ସେମଙ୍କ ନାଁରେ ରହିଛି। ଶ୍ରୀ ହେମ୍ବ୍ରାମ ଏଥରକୁ ମିଶାଇ ୩ଥର ସଭାପତି ପଦବୀ ହାତେଇଛନ୍ତି। ୨୦୧୪ ଓ ୨୦୨୪ ସାଧାରଣ ନିର୍ବାଚନରେ ଦେବଗଡ଼ ବିଧାନସଭା ଆସନ ପାଇଁ କଂଗ୍ରେସର ପ୍ରାର୍ଥୀ ହୋଇ ସେ ପରାଜିତ ହୋଇଛନ୍ତି। ତେବେ ୨୦୨୪ ନିର୍ବାଚନରେ ବିରୋଧୀ ଦଳ ପ୍ରାର୍ଥୀଙ୍କ ସହ ହାତ ମିଳାଇ ଦଳକୁ ପରାଜିତ କରିବା ଅଭିଯୋଗ କରି ଏକ ଦଳୀୟ କର୍ମୀ ବୈଠକରେ ଦଳର ଅନ୍ୟ ଏକ ଗୋଷ୍ଠୀର ପୂର୍ବତନ ଜିଲ୍ଲା ଯୁବ କଂଗ୍ରେସ ସଭାପତି ତଥା ଆଇନଜୀବୀ ସିଦ୍ଧେଶ୍ୱର ଗୁରୁଙ୍କୁ କାର୍ଯ୍ୟକାରୀ ସଭାପତି ଘୋଷଣା କରିବା ପରେ ଦଳର ଗୋଷ୍ଠୀ କନ୍ଦଳ ଚରମ ସୀମାରେ ପହଞ୍ଚିଥିଲା। ତେବେ ଦୁଇ ଗୋଷ୍ଠୀଙ୍କ ଦ୍ୱାରା କଂଗ୍ରେସର ଦଳୀୟ କାର୍ଯକ୍ରମ ସମନ୍ତରାଳ ଭାବେ ଆୟୋଜିତ ହେଉଥିବା ବେଳେ ଉଭୟ ଗୋଷ୍ଠୀ ନିଜନିଜ ସଂଗଠନକୁ ସକ୍ରିୟ କରିବାରେ ଲାଗିଥିଲେ। ରାଜ୍ୟରେ ନୂତନ ପ୍ରଦେଶ କଂଗ୍ରେସ ସଭାପତି ଭାବେ ଭକ୍ତ ଚରଣ ଦାଶ ଦାୟିତ୍ୱ ନେବାପରେ ଦଳର ନେତୃତ୍ୱ ନୂତନ ଚେହେରା ହାତରେ ଯିବା ନେଇ ଦଳୀୟ କର୍ମୀ ଆଶା ବାନ୍ଧି ଥିଲେ। ପ୍ରକାଶିତ ତାଲିକାରେ ସେମଙ୍କ ନିଯୁକ୍ତି ପରେ ତାଙ୍କ ସମର୍ଥକ ଖୁସି ମନାଇଛନ୍ତି। ନୂତନ ସଭାପତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେଇଛନ୍ତି। ଅନ୍ୟ ଗୋଷ୍ଠୀଙ୍କ ମଧ୍ୟରେ ସମ୍ପୂର୍ଣ୍ଣ ନୀରବତା ଦେଖିବାକୁ ମିଳିଛି। ତେବେ ଅସନ୍ତୁଷ୍ଟ ଗୋଷ୍ଠୀଙ୍କ ଏହି ନୀରବତା କୌଣସି ଝଡ଼ ପୂର୍ବର ନୀରବତା ଭଳି ମନେ ହେଉଛି। ଆଗାମୀ ଦିନରେ ଦଳ ମଧ୍ୟରେ ବଡ଼ ଝଡ଼ର ପୂର୍ବ ସୂଚନା ବୋଲି ବହୁ ବରିଷ୍ଠ ଦଳୀୟ ନେତା ମତବ୍ୟକ୍ତ କରିଛନ୍ତି।

### ଝାରସୁଗୁଡ଼ାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

# ବସ୍ ଅଟକାଇଲା ପୁଲିସ, ରାସ୍ତାରୋକ କଲେ ସାମ୍ବାଦିକ





ଝାରସୁଗୁଡ, ୨୭।୯ (ସମିସ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ଝାରସୁଗୁଡ଼ା ଜିଲ୍ଲା ଗସ୍ତ କରିଥିଲେ। ଏହି ଅବସରରେ ଆୟୋଜିତ ସମାବେଶକୁ ଯୋଗଦବା ପାଇଁ ଯାଉଥିବା ସାମ୍ବାଦିକଙ୍କ ବସ୍ କୁ ପୁଲିସ ଆଟକ ରଖିଥିଲା। ପ୍ରଧାନମନ୍ତ୍ରୀଙ୍କ ଝାରସୁଗୁଡ଼ା ଗସ୍ତ ପୂର୍ବରୁ ସକାଳ ୮ଟା ୪୫ରେ ଆମଲିପାଲି ସଭାସ୍ଥଳକୁ ସାମ୍ବାଦିକ ମାନଙ୍କୁ ନେଇ ଯାଉଥିବା ବସ୍‌କୁ ପୁଲିସ ଅଟକାଇଥିଲା। ସାମ୍ବାଦିକଙ୍କୁ ନେଇ ଯାଉଥିବା ବସ୍‌ର ପାସ ଥିବା ସତ୍ତ୍ୱେ ସାମ୍ବାଦିକଙ୍କୁ ଅଟକାଇବାରୁ ଏଥିରେ ବିରକ୍ତି ପ୍ରକାଶ କରି ସାମ୍ବାଦିକ ମାନେ କିଛି ସମୟ ରାସ୍ତାରୋକ କରିଥିଲେ। ଭିଭିଆଇପି କାର୍ଯ୍ୟକ୍ରମ ରେ କିଛି ମିନିଟ ପାଇଁ ଅଟକିଲା ଅନେକ ଭିଆଇପି ଗାଡ଼ି। ପରେ ପୁଣି ସାମ୍ବାଦିକ ଙ୍କ ଗାଡ଼ି ଛାଡ଼ିବା ପରେ ରାସ୍ତା ଅବରୋଧ ଶାନ୍ତ ହୋଇଥିଲା ଏବଂ ସ୍ୱାଭାବିକ ଟ୍ରାଫିକ ସମସ୍ୟା ସ୍ୱାଭାବିକ ହୋଇଥିଲା।




## କଂଗ୍ରେସ ନେତା, କର୍ମୀ ଓ କୃଷକ ସଙ୍ଗଠନର କର୍ମକର୍ତ୍ତାଙ୍କୁ ଅଟକ ରଖିଲା ପୁଲିସ

**ଝାରସୁଗୁଡ଼ା:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଝାରସୁଗୁଡ଼ା ଗସ୍ତରେ ଆସି ଆୟୋଜିତ ଯୁବ ସମାବେଶରେ ଯୋଗଦେଇ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଏକାଧିକ ପ୍ରକଳ୍ପର ଲୋକାର୍ପଣ, ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ତେବେ ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଶୁକ୍ରବାରଠାରୁ କଂଗ୍ରେସର ସ୍ଥାନୀୟନେତା, ସ୍ୱାଧୀନ ଏବଂ କିଛି କୃଷକ ସଙ୍ଗଠନ ର କର୍ମକର୍ତ୍ତାଙ୍କୁ ଝାରସୁଗୁଡା ସଦର ଥାନାରେ ପ୍ରାୟ ୨୬ ଘଣ୍ଟା ଯାଏଁ ଝାରସୁଗୁଡ଼ା ପୁଲିସ ଅଟକ ରଖିଥିଲା।

ଯୁବ ସମାବେଶରେ ଜିଲ୍ଲାର ଯୁବଗୋଷ୍ଠୀଙ୍କୁ ଅଣଦେଖା କରି ନିଯୁକ୍ତି, ଶିକ୍ଷା ପ୍ରସଙ୍ଗରେ ଅନ୍ୟାୟ କରି ୨୬ ଘଣ୍ଟା କାଳ ଅଟକ ରଖି ନିର୍ଯାତନା ଦିଆଯାଇଥିବା ନେଇ ଝାରସୁଗୁଡା ଜିଲ୍ଲା କଂଗ୍ରେସ ସଭାପତି ଜୀବନ ସାର୍ଥକ ଦାସ କହିବା ସହିତ କଂଗ୍ରେସକୁ ପ୍ରଧାନମନ୍ତ୍ରୀଙ୍କର ଏତେ ଭୟ କଣ ପାଇଁ ବୋଲି ପ୍ରଶ୍ନ କରିଥିଲେ। ଚାଷ ଏବଂ ଚାଷୀଙ୍କ ନିଜର ହକ ଅଧିକାର ପାଇଁ ସ୍ୱର ଉତ୍ତୋଳନ କରିବା ସମୟରେ କୃଷକ ସଙ୍ଗଠନକୁ ଉଠାଇବା ଗଣତାନ୍ତ୍ରିକ ପଦ୍ଧତିରେ କେତେ ଉଚିତ ତାକୁ ନେଇ କୃଷକ ସଂଗଠନ ପ୍ରଶ୍ନ କରାଯାଇଛି। ଚାଷକୁ ନେଇ ବିକାଶ କରିବାକୁ ଦାବି କରୁଥିବା ଚାଷୀ ସଂଗଠନଙ୍କୁ ଚପାଇ ପାଇଁ ଚେଷ୍ଟା କରାଯାଉଛି ବୋଲି ନବ ନିର୍ମାଣ କୃଷକ ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର କହିଛନ୍ତି। ଏଥିରେ ବହୁ କଂଗ୍ରେସ କର୍ମୀ ଓ ନେତାମାନେ ନିଯୁକ୍ତି ପ୍ରସଙ୍ଗରେ ସ୍ୱର ଉତ୍ତୋଳନ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ବିରୋଧ କରି ନାରା ଦେଇଥିଲେ।

## ବୃତ୍ତିଗତ ବିକାଶରେ ଇଂରାଜୀ ଭାଷାର ଭୂମିକା ଉଲ୍ଲେଖନୀୟ

ଝାରସୁଗୁଡ଼ା, ୨୭।୯ (ସମିସ): ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଝାରସୁଗୁଡା ଆନୁକୂଲ୍ୟରେ ପାଞ୍ଚ ଦିନିଆ ଇଂରାଜୀ ଭାଷା ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ପିଏମ୍ ଶ୍ରୀ ଉଚ୍ଚବିଦ୍ୟାଳୟ ବେଲପାହାଡ଼ର ପ୍ରଧାନଶିକ୍ଷକ ତଥା ଏହି ତାଲିମ ଶିବିରର ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିବା ସଚୀନ୍ଦ୍ର ପଟେଲ ମୁଖ୍ୟଅତିଥି ଭାବେ ଯୋଗଦାନ କରିବା ସହିତ ବୃତ୍ତିଗତ ବିକାଶରେ ଇଂରାଜୀ ଭାଷାର ଭୂମିକା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିର୍ମଳ ଚାନ୍ଦ ମଞ୍ଚ ସଞ୍ଚାଳନ କରିବା ସହିତ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିବାବେଳେ ସାଧନକର୍ମୀ କୁଶ ସା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ତାଲିମ ପାଞ୍ଚଦିନ ଧରି ଏଠି ଚାଲିଥିଲା। ଶିକ୍ଷକମାନଙ୍କ ବୃତ୍ତିଗତ ବିକାଶ ଲକ୍ଷ୍ୟପୂରଣ ପାଇଁ ନାଟ୍ୟ ରୂପାନ୍ତର, ଭୂମିକା ଅଭିନୟ, କାହାଣୀ କଥନ, ଦଳଗତ ଆଲୋଚନା, ଆଦି ମାଧ୍ୟମରେ ଇଂରାଜୀ ଭାଷାର ବ୍ୟବହାର ବିଷୟରେ ସେମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ସମ୍ବଲପୁର, ସୁନ୍ଦରଗଡ଼ ଓ ଝାରସୁଗୁଡା ଜିଲ୍ଲାର ପ୍ରାୟ ୫୦ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦାନ କରିଥିଲେ। ଏ ଅବସରରେ କେଜି ବାଳିକା ଉଚ୍ଚବିଦ୍ୟାଳୟ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷକ ଅଶୋକ କୁମାର ସାହୁ, ମନୋଜ ମେଣ୍ଡୁଲି, ବିଜୟଲକ୍ଷ୍ମୀ ନାଏକ, ପୂର୍ଣ୍ଣଚନ୍ଦ୍ର ସାହୁ, ସବିତା ମହନ୍ତ, ବିଜୟ ଶଙ୍କର ସାହୁ, ଦେବୀପ୍ରସାଦ ବିଶ୍ୱଜିତ ପାତ୍ର ଓ କୁଶ ସାଙ୍କୁ ସିଲ୍ଟ, ଭୁବନେଶ୍ୱର ଦ୍ୱାରା ସାଧନକର୍ମୀ ଭାବେ ନିୟୋଜିତ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଝାରସୁଗୁଡ଼ା ଜିଲ୍ଲା ଶିକ୍ଷାଧିକାରୀ ଡ.ରାଧାକାନ୍ତ ଗଡ଼ତିଆ ତାଲିମ ନେଇଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଅଭିନନ୍ଦନ ଜଣାଇଥିଲେ।



## ଟ୍ରଷ୍ଟ ଫଣ୍ଡ ମହାବିଦ୍ୟାଳୟ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ

ବରଗଡ଼, ୨୭। ୯ (ସମିସ): ଟ୍ରଷ୍ଟ ଫଣ୍ଡ ମହାବିଦ୍ୟାଳୟର ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରାଯାଇଛି। ଅଧ୍ୟକ୍ଷ ଡକ୍ଟର ସରୋଜ ଦେବତା ସଭାପତିତ୍ୱ କରିଥିଲେ। ଇତିହାସ ବିଭାଗର ମୁଖ୍ୟ ଅଶୋକ ବେହେରା, ରାଜନୀତି ବିଜ୍ଞାନ ବିଭାଗ ପ୍ରମୁଖ ପ୍ରଶାନ୍ତ ପଣ୍ଡା, ଇଂରାଜୀ ବିଭାଗର ମାଳବୀକା ମିଶ୍ର ଓ ଶିକ୍ଷା ବିଭାଗର ପ୍ରମୁଖ ସଙ୍ଗୀତା ଦାଶ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଅଭିଭାଷଣ ରଖିଥିଲେ। ଯାଦବ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ସୁଷମା ପଣ୍ଡା ସଭାକାର୍ଯ୍ୟ ପରିଚାଳନା କରିଥିଲେ। ସୋନାଲିନା ମଲ୍ଲିକ ଓ ଶ୍ରବଣ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



## ଗଛରେ ପିଟି ହେଲା ବାଇକ୍; ୧ମୃତ, ଜଣେ ଗୁରୁତର

ଝାରସୁଗୁଡ଼ା, ୨୭।୯ (ସମିସ): ଝାରସୁଗୁଡ଼ା ଜିଲ୍ଲା କୁଲିହାମାଲ ପଞ୍ଚାୟତ ସୁନାମୁହାଣରେ ଗଛରେ ବାଇକ ପିଟି ହେବାରୁ ଜଣକର ମୃତ୍ୟୁ ଘଟିଥିବାବେଳେ ଅନ୍ୟଜଣେ ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ ମୃତ ବାଇକ ଚାଳକ ହେଲେ ହୃଦାନନ୍ଦ ଦାଶ(୪୫)। ସେ ପୋଖରାସାଲେ ଗ୍ରାମର ବୋଲି ଜଣାପଡ଼ିଛି। ଏହାସହ ଗୁରୁତର ଆହତ ବ୍ୟକ୍ତିଙ୍କ ନାମ ଚୈତନ୍ୟ ମୁଣ୍ଡା (୫୫) ଓ ତାଙ୍କ ଘର କୋଲାବିରା ଥାନା ଅଧୀନସ୍ଥ ଗହ୍ମାପାଲି ଗ୍ରାମରେ ବୋଲି ଜଣାପଡ଼ିଛି। ଶନିବାର ଅପରାହ୍ଣରେ ଉଭୟେ ଏକ ବାଇକରେ କୌଣସି କାମରେ ସୁନାମୁହାଣକୁ ଯାଉଥିବା ସମୟରେ ଗଛରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ଉଭୟଙ୍କୁ ଉଦ୍ଧାର କରି କୋଲାବିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। କୋଲାବିରା ପୁଲିସ ଡାକ୍ତରଖାନାରେ ପହଞ୍ଚି ଘଟଣାର ତଦନ୍ତ କରୁଥିବା ନେଇ ଜଣାପଡ଼ିଛି।

## ଜାତୀୟସ୍ତରୀୟ କ୍ରିକେଟ ପ୍ରତିଯୋଗିତାକୁ ୩ ମନୋନୀତ



ଦେବଗଡ଼, ୨୭।୯ (ସମିସ): କେନ୍ଦ୍ରୀୟ ବିଦ୍ୟାଳୟ ସମୂହ ୧୭ ବର୍ଷରୁ କମ୍ ବର୍ଗର ବାଳକ ଓ ବାଳିକାଙ୍କୁ ନେଇ ଅକ୍ଟୋବର ୭ ରୁ ୧୧ ତାରିଖ ପର୍ଯ୍ୟନ୍ତ ଦିଲ୍ଲୀ ଓ ଗୁଜୁରାଟରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟସ୍ତରରେ କ୍ରିକେଟ ପ୍ରତିଯୋଗିତା ପାଇଁ ଦେବଗଡ଼ କେନ୍ଦ୍ରୀୟ ବିଦ୍ୟାଳୟର ୨ ଜଣ ଛାତ୍ର ଓ ଜଣେ ଛାତ୍ରୀ ମନୋନୀତ ହୋଇଥିବା ଜଣାପଡ଼ିଛି। ସେହିପରି ଜଣେ ଛାତ୍ର ଷ୍ଟାଣ୍ଡବାଏ ପାଇଁ ଚୟନ ହୋଇଛନ୍ତି। ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଚୟନ ହୋଇଥିବା ଦଶମ ଶ୍ରେଣୀର ଛାତ୍ର ଶୁଭମ୍ ଦାସ, ନବମ ଶ୍ରେଣୀ ଛାତ୍ର ଜସସ୍ମିତ ନାଏକ ଜାତୀୟସ୍ତରରେ କ୍ରିକେଟ୍ ଖେଳିବାକୁ ଯାଉଛନ୍ତି। ସେହିପରି ଦେବଗଡ଼ କେନ୍ଦ୍ରୀୟ ବିଦ୍ୟାଳୟର ପ୍ରଥମ କନ୍ୟାସନ୍ତାନ ଭାବେ ନବମ ଶ୍ରେଣୀଛାତ୍ରୀ ଅପୂର୍ବା ଅପରୂପା ସାହୁ ୧୭ ବର୍ଷରୁ କମ୍ ବାଳିକା ବିଭାଗ ପାଇଁ ଚୟନ ହୋଇଛନ୍ତି। ବାଳକ ବିଭାଗ ଗୁଜୁରାଟ ଗାନ୍ଧୀନଗର ଓ ବାଳିକା ବିଭାଗ ଦିଲ୍ଲୀକେଣ୍ଟରେ ପହଞ୍ଚି କେନ୍ଦ୍ରୀୟ ବିଦ୍ୟାଳୟ ଓଡ଼ିଶା ରିଜନ ପକ୍ଷରୁ ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଥିବା ବିଦ୍ୟାଳୟ ସୂତ୍ରରୁ ଜଣାପଡ଼ିଛି।

## ଘେଁସ କୁଳେଶ୍ୱରୀ ଦୁର୍ଗାଦେବୀ ଶକ୍ତିପୀଠରେ ନବଦିନାତ୍ମକ ଦୁର୍ଗାପୂଜା

ମେଲଛାମୁଣ୍ଡା, ୨୭।୯ (ସମିସ)



ଘେଁସସ୍ଥିତ ଶ୍ରୀ ଶ୍ରୀ କୁଳେଶ୍ୱରୀ ମାତା ଦୁର୍ଗାଦେବୀ ଶକ୍ତିପୀଠରେ ଶାରଦୀୟ ନବରାତ୍ର ଦୁର୍ଗାପୂଜା ଆରମ୍ଭ ହୋଇଛି। ଆଶ୍ୱିନ ଶୁକ୍ଳପକ୍ଷ ପ୍ରତିପଦା ସକାଳେ ଘଣ୍ଟ, ଶଙ୍ଖ, ହୁଳହୁଳି ସହ ଜମିଦାର ରଣଜିତ ସିଂ ବରିହା, ରାଜକୁମାରୀ ସିଂବରିହା, ଦୁର୍ଗାପୂଜା କମିଟି ସଦସ୍ୟ, ମନ୍ଦିର ପୂଜକ, ପୂଜାକର୍ତ୍ତାଙ୍କ ସମେତ ବହୁ ଭକ୍ତ ଏକ ଭବ୍ୟ ଶୋଭାଯାତ୍ରାରେ ସ୍ଥାନୀୟ ପୁଡ଼ିବନ୍ଧରେ ପହଞ୍ଚିଥିଲେ। ମନ୍ଦିର ପୂଜକ ରାମଚନ୍ଦ୍ର ଦାସ, ପଣ୍ଡିତ ରବୀନ୍ଦ୍ର ପଣ୍ଡା, ଚିଣ୍ଟୁ ଦାଶ, ସୁଶାନ୍ତ ଦାଶ, ରିଙ୍କୁ ଦେବତା ପ୍ରମୁଖ ପୂଜାର୍ଚ୍ଚନା କରିଥିଲେ। ଟିଲୁ ଅଗ୍ରୱାଲା, ସରୋଜ ମେହେର, ଚିନ୍ମୟ ପ୍ରଧାନ, ଚୈତନ୍ୟ ବେହେରା, କମଳ ମେହେର, ହରିହର ବିଶ୍ୱାଳ, ମନୀଷ ଅଗ୍ରୱାଲା, ସୁବ୍ରତ ମିଶ୍ର, ଗଣେଶ କିସାନ, ଅନୀଲ ସାହୁ, ମିଟୁ ବିଶ୍ୱାଳ ଓ ଆକାଶ ଅଗ୍ରୱାଲା ପ୍ରମୁଖ ସପତ୍ନୀକ ପବିତ୍ର ଜଳ ସଂଗ୍ରହ କରିଥିଲେ। ପରେ ସମସ୍ତ ଭକ୍ତ ପବିତ୍ର ଜଳ ସଂଗ୍ରହ କରି ଏକ ଭବ୍ୟ ଶୋଭାଯାତ୍ରାରେ ପୂଜାମଣ୍ଡପରେ ବିଲ୍ୱବରଣ, କଳସ ସ୍ଥାପନ କରିଥିଲେ। କଳସ ଶୋଭାଯାତ୍ରାରେ ଦୁର୍ଗାପୂଜା କମିଟିର ଡୋଲାମଣି ପଟେଲ, ବଣ୍ଟୁ ଅଗ୍ରୱାଲା, ମୁରଲୀ ଭୋଇ, ଦୁଃଖୀଶ୍ୟାମ ଗିଙ୍ଗିରା, ଅଭିମନ୍ୟୁ ସାହୁ, ଦେବାନନ୍ଦ ପଟେଲ, ଶେଷଦେବ ବାରିକ, ସହିଦ ଦେବତା, ଚନ୍ଦ୍ରଶେଖର ପୁରୋହିତ, ଦେବାନନ୍ଦ ରଣା, ଦୁଷ୍ମନ୍ତ ପଟେଲ, ମୁନୁ ପଟେଲ ଓ ଅନ୍ୟ ସଦସ୍ୟମାନେ ସାମିଲ ରହିଥିଲେ। ମନ୍ଦିର ଏବଂ ମଣ୍ଡପରେ କଳସ ସ୍ଥାପନ ପରେ ପ୍ରାଣ ପ୍ରତିଷ୍ଠା, ଷୋଡ଼ଶ ଉପଚାର ପୂଜା ସହ ନବ ଦିନାତ୍ମକ ଅଖଣ୍ଡ ଦୀପ ପ୍ରଜ୍ୱଳନ କରାଯାଇ ଶୈଳପୁତ୍ରୀ ଦେବୀଙ୍କ ପୂଜା ଏବଂ ହୋମ ଚଣ୍ଡୀପାଠ ହୋଇଥିଲା। ଦ୍ୱିତୀୟା ତିଥିରେ ବ୍ରହ୍ମଚାରିଣୀ ଚଣ୍ଡୀପାଠ, ତୃତୀୟା ତିଥିରେ ଦେବୀ ଚନ୍ଦ୍ରଘଣ୍ଟା ଚଣ୍ଡୀପାଠ ପୂଜା, ଚତୁର୍ଥୀ ତିଥିରେ କୁଷ୍ମାଣ୍ଡା ଚଣ୍ଡୀପାଠ ପୂଜା ଓ ପଞ୍ଚମୀ ତିଥିରେ ସ୍କନ୍ଦମାତା ଚଣ୍ଡୀପୂଜା, ଆଳତୀ ପୁଷ୍ପାଞ୍ଜଳୀ ପୂଜାର୍ଚ୍ଚନା ହୋଇଛି। ପଦ୍ମଶ୍ରୀ ଉପାଧିପ୍ରାପ୍ତ ହଲଧର ନାଗଙ୍କ ସାଧନା ଶକ୍ତିପୀଠ ସ୍ଥାନୀୟ ଦକ୍ଷିଣକାଳୀ ମନ୍ଦିରରେ ମଧ୍ୟ ନବଦିନାତ୍ମକ ଦୁର୍ଗାପୂଜା ଅନୁଷ୍ଠିତ ହେଉଛି। ପୂଜକ ମାନସ ସିଂ ସାହୁଙ୍କ ଦ୍ୱାରା ପ୍ରତ୍ୟହ ମନ୍ତ୍ରପାଠ ସହ ଚଣ୍ଡୀପାଠ ଓ ଅଖଣ୍ଡ ପ୍ରଦୀପ ପ୍ରଜ୍ୱଳନ ହୋଇ ପୂଜାର୍ଚ୍ଚନା ଚାଲିଛି। ନବରାତ୍ର ଦୁର୍ଗାପୂଜା ଅବସରରେ ସ୍ଥାନୀୟ ଶାମ୍ଭବୀ ଲୋକକଳା ମଣ୍ଡପରେ ଅମୀୟ ପଟେଲ ଙ୍କ ପରିଚାଳନାରେ ପ୍ରତ୍ୟହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। କବି ହରିଲାଲ ସାହୁ, ଅଧିକାରୀ ସାହୁ, ମୁନୀରାମ କୁମ୍ଭାର ଓ ରାମପ୍ରସାଦ ବାଗ ପ୍ରମୁଖ କବିତା ପାଠ କରିଥିଲେ। ମହିଳାମାନଙ୍କ ମଧ୍ୟରେ ରଙ୍ଗୋଲି, ହୁଳହୁଳି, ମ୍ୟୁଜିକ ଚେଆର୍, ଲେଥା ତିଅଣ ରନ୍ଧା ପ୍ରତିଯୋଗିତା ହୋଇଥିଲା। ପଦ୍ମପୁର ଉପଜିଲ୍ଲାପାଳ ସ୍ନେହା ଅରଗୁଲା, ଜିଲ୍ଲା ଲୋକ ସମ୍ପର୍କ ଓ ସୂଚନା ଅଧିକାରୀ ପ୍ରହ୍ଲାଦ ଖୋସଲା, ଘେଁସ ବନାଞ୍ଚଳ ରେଞ୍ଜର ବିଜୟଲକ୍ଷ୍ମୀ ପଟେଲ, ବିଶିଷ୍ଟ କଣ୍ଠଶିଳ୍ପୀ ଦୁଃଖିଶ୍ୟାମ ତ୍ରିପାଠୀ, ପଦ୍ମଶ୍ରୀ ହଲଧର ନାଗ, ଶିକ୍ଷକ ଦେବରାଜ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ରମେଶ ମହାପାତ୍ର, ଅଜିତ ଶତପଥୀ, ଲିଙ୍ଗରାଜ ପ୍ରଧାନ, ରୋହିତ ପ୍ରଧାନ, ସଂକଳ୍ପ ପରିବାରର ବିକାଶ ଅଗ୍ରୱାଲା, ସହୀଦ ମାଧୋ ସିଂ କୃଷକ ସଙ୍ଗଠନର ପ୍ରଭାତ ସାହୁ, କ୍ଷୀରୋଦ୍ର ପଟେଲ ସମ୍ବର୍ଦ୍ଧିତ ହୋଇଥିଲେ।

## ବିକାଶ ଭବନରେ ବିଶ୍ୱ ପର୍ଯ୍ୟଟନ ଦିବସ

ଦେବଗଡ଼, ୨୭।୯ (ସମିସ): ଜିଲ୍ଲାପାଳଙ୍କ ବିକାଶ ଭବନଠାରେ ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ ହୋଇଛି। ଭାରପ୍ରାପ୍ତ ପର୍ଯ୍ୟଟନ ଅଧିକାରୀ ଲକ୍ଷ୍ମଣ ଅମାତଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁ, ବରଣ୍ୟ ଅତିଥିଭାବେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ମିଞ୍ଜ, ଉପଜିଲ୍ଲାପାଳ ପରୀକ୍ଷିତ ସାହୁ ଯୋଗଦେଇ ଜିଲ୍ଲାରେ ପର୍ଯ୍ୟଟନସ୍ଥଳୀର ବିକାଶ ବିଶ୍ୱବ୍ୟାପୀ ପର୍ଯ୍ୟଟନର ସାମାଜିକ ସଂସ୍କୃତି, ରାଜନୈତିକ ଓ ଅର୍ଥନୈତିକ ମୂଲ୍ୟବୋଧ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ହେଉଛି ଏହାର ମୂଳଲକ୍ଷ୍ୟ ବୋଲି ମତ ପ୍ରକାଶ କରିଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ଉଚ୍ଚବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ଜଣାଅଜଣା ପ୍ରତିଯୋଗିତା କରାଯାଇଥିଲା। ଉଚ୍ଚ ବିଦ୍ୟାଳୟସ୍ତରରେ ଅଙ୍କିତ କୁମାର ଅଡ୍ଡା- ରାଜବାସୁଦେବ ଉଚ୍ଚ ବିଦ୍ୟାଳୟର ଛାତ୍ର ଅଙ୍କିତ କୁମାର ଅଡ୍ଡା ପ୍ରଥମ, ସୁଗୁଡା ଅପୂର୍ବା ଉଚ୍ଚ ବିଦ୍ୟାଳୟ ଛାତ୍ର ତରଣୀସେନ ବିଶ୍ୱାଳ ଦ୍ୱିତୀୟ, ଓ ରାଜା ବାସୁଦେବ ଉଚ୍ଚ ବିଦ୍ୟାଳୟ ଛାତ୍ର ରିତେଶ ନାୟକ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ମହାବିଦ୍ୟାଳୟସ୍ତରରେ ଜିଲ୍ଲା ଶିକ୍ଷା ପ୍ରତିଷ୍ଠାନର ଛାତ୍ର କିରଣ କୁମାର ବେହେରା ପ୍ରଥମ, ଆଦର୍ଶ ସ୍ନାତକ ମହାବିଦ୍ୟାଳୟ ଛାତ୍ର ଦିବ୍ୟଜ୍ୟୋତି ପ୍ରକାଶ ସୁତାର ଦ୍ୱିତୀୟ ଓ ସେହି ମହାବିଦ୍ୟାଳୟର କେଶବଚନ୍ଦ୍ର ଠାକୁର ତୃତୀୟସ୍ଥାନ ଅଧିକାର କରିଥିଲେ। ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସିନିବାସ ଜାନି, ପ୍ରକଳ୍ପ ପ୍ରଶାସିକା ସମନିତ ଆଦିବାସୀ ଉନ୍ନୟନ ସଂସ୍ଥା ତିଳେଇବଣି ସନ୍ଧ୍ୟା ମାଝୀ, ଏସିଏଫ ଅରୁଣ କୁମାର ବେହେରା, ଜିଲ୍ଲା ଶ୍ରମ ଅଧିକାରୀ ପଦ୍ମାବତୀ ମାରାଣ୍ଡି, ତହସିଲଦାର କର୍ଣ୍ଣ ମଲ୍ଲିକ, କୋଷାଗାର ଅଧିକାରୀ ସୁରେଶ ଚନ୍ଦ୍ର ମାଝୀ, ରବୀନ୍ଦ୍ର କୁମାର ପ୍ରଧାନ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାର, ଜିଲ୍ଲାସ୍ତରୀୟ ଅଧିକାରୀ ଓ ଜିଲ୍ଲା ପ୍ରଶାସନ କର୍ମଚାରୀ ଓ ଛାତ୍ରଛାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।



# ବସ୍‌ଷ୍ଟାଣ୍ଡ ଓ ଶୌଚାଳୟ ନିର୍ମାଣ ଦାବି

କୋଦଳା,୨୭ ।୯ (ସମିସ): ବେଗୁନିଆପଡ଼ା ବ୍ଲକ ଅନ୍ତର୍ଗତ ଅଙ୍ଗାରଗାଁରେ ସ୍ଥାୟୀ ବସଷ୍ଟାଣ୍ଡ ଏବଂ ଶୌଚାଳୟ ନଥିବା ଫଳରେ ଜନ ସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୂଚନା ଅନୁଯାଇ ବେଗୁନିଆପଡା ବ୍ଲକ୍ ବେଗୁନିଆପଡ଼ା ବଜାର ପରେ ଦ୍ୱିତୀୟ ବଡ଼ ବଜାର ହେଉଛି ଅଙ୍ଗାରଗାଁ। ଅଙ୍ଗାର ଗାଁ ବଜାର ଉପରେ ସ୍ଥାନୀୟ ତଥା ଆଖପାଖ ୫ଟି ପଞ୍ଚାୟତର ଲୋକେ ନିର୍ଭର କରନ୍ତି। ଏଥିସହିତ ଅଙ୍ଗାରଗାଁ ହେଉଛି ପଞ୍ଚାୟତ ମୁଖ୍ୟାଳୟ। ଏଠାରେ ଉଚ୍ଚ ବିଦ୍ୟାଳୟ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପଞ୍ଚାୟତ କାର୍ଯ୍ୟାଳୟ, ପୋଷ୍ଟ ଅଫିସ, ଉତ୍କଳ ଗ୍ରାମୀଣ ବ୍ୟାଙ୍କ, ସମବାୟ ସମିତି ଭଳି ପ୍ରମୁଖ କାର୍ଯ୍ୟାଳୟ ଅଛି। ତତ୍‌ସହିତ ଏହି ବଜାରର ଏକ କିଲୋମିଟର ଦୂରରେ ପର୍ଯ୍ୟଟନସ୍ଥଳୀ ଶାଳିଆ ଡ୍ୟାମ୍ ଅବସ୍ଥିତ। ପ୍ରତିଦିନ ଏହି ସ୍ଥାନକୁ ଶହ ଶହ ପର୍ଯ୍ୟଟକ ଆସୁଥିବା ଏଠାରେ ସ୍ଥାୟୀ ବସଷ୍ଟାଣ୍ଡ ଏବଂ ଶୌଚାଳୟଟିଏ ନାହିଁ। ଫଳରେ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୧୯୭୬ରେ ଅଙ୍ଗାରଗାଁକୁ ପୂର୍ବତନ ବିଧାୟକ ସ୍ୱର୍ଗତ ନାରାୟଣ ସାହୁଙ୍କ ନେତୃତ୍ୱରେ ବସ୍‌ସେବା ଆରମ୍ଭ ହୋଇଥିଲା। ଦୈନନ୍ଦିନ ବ୍ରହ୍ମପୁର ଏବଂ ଭୁବନେଶ୍ୱର ଠାରୁ ଏହି ସ୍ଥାନକୁ ବସ୍ ଯିବାଆସିବା କରୁଥିବା ବେଳେ ଶତାଧିକ ମହିଳା ଓ ପୁରୁଷ ଯାତ୍ରୀ ଯାତାୟାତ କରୁଛନ୍ତି। ହେଲେ ବସଷ୍ଟାଣ୍ଡ ଏବଂ ଶୌଚାଳୟ ନଥିବାରୁ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଣୁ ଏହାକୁ ଦୃଷ୍ଟି ଦେଇ ସ୍ଥାୟୀ ବସଷ୍ଟାଣ୍ଡ ସହିତ ଗୋଷ୍ଠୀ ଶୌଚାଳୟ ନିର୍ମାଣ କରିବା ପାଇଁ ଅଞ୍ଚଳ ଜନସାଧାରଣ ପ୍ରଶାସନକୁ ଅନୁରୋଧ କରିଛନ୍ତି।

### ଏନ୍‌ଏସି ପ୍ରଶାସନର ଖାମଖିଆଲ ନୀତି

# ମାର୍କେଟ କମ୍ପ୍ଲେକ୍ସ ପାଲଟିଛି ବାଇକ୍ ଷ୍ଟାଣ୍ଡ; ରାସ୍ତାରେ ବ୍ୟବସାୟୀ

ରମ୍ଭା,୨୭ ।୯ (ସମିସ)




ଓଡ଼ିଶା ମାନଚିତ୍ରରେ ରମ୍ଭା ଏକ ବ୍ୟବସାୟ କେନ୍ଦ୍ର ରୂପେ ସୁପରିଚିତ ଥିଲା। ଦକ୍ଷିଣ ଓ ଉତ୍ତର ଓଡ଼ିଶାର ବିଭିନ୍ନ ସ୍ଥାନକୁ ମାଛ, ଚିଙ୍ଗୁଡ଼ି, କଙ୍କଡା, ଧାନ ଚାଉଳ ସହିତ ରାସନ ସାମାନ ଯାଉଥିଲା। କିନ୍ତୁ ବ୍ୟବସାୟୀ ପେଣ୍ଠସ୍ଥଳ ରମ୍ଭା ବଜାୟ ରଖିଥିଲେ ମଧ୍ୟ ମାର୍କେଟ କମ୍ପ୍ଲେକ୍ସ ରମ୍ଭାରେ ତାଲା ଝୁଲୁଛି। ଖାଲି ସେତିକି ନୁହେଁ ଦୁଇ ମହଲା ବିଶିଷ୍ଟ କୋଠାରେ ୩୪ଟି ଦୋକାନ ଗୃହ ନିର୍ମାଣ ସରି ନିକଟରେ ରାଜ୍ୟ ସରକାରଙ୍କ ଦ୍ୱାରା ଉଦ୍‌ଘାଟନ ହୋଇଥିଲା। କିନ୍ତୁ ବିସ୍ଥାପିତ, ରାସ୍ତା କଡ଼ରେ କରୁଥିବା ବ୍ୟବସାୟୀ ଓ ଅପେକ୍ଷା ରତ ଦୋକାନ ଗୃହ ଆଶାୟୀଙ୍କ ଦୁଃଖ କହିଲେ ନ ସରେ। କ୍ଷତିଗ୍ରସ୍ତ ବ୍ୟବସାୟୀ ରାଜପଥ ପାଶ୍ୱର୍ରେ ବ୍ୟବସାୟ କରିବାକୁ ବାଧ ହେଉଛନ୍ତି। ଉକ୍ତ ମାର୍କେଟ କଂପ୍ଲେକ୍ସ ନିର୍ମାଣବେଳେ ସମସ୍ତଙ୍କୁ ସୁହାଇଲା ଭଳି ପନିପରିବା, ଆମିଷ, ରାସନ କାରବାର ପାଇଁ ସ୍ୱତନ୍ତ୍ର ଦୋକାନ ଗୃହ ନିର୍ମାଣ କରାଯାଇଥିଲା। ତେବେ ବ୍ୟବସାୟୀଙ୍କ ତୁଳନାରେ ଦୋକାନ ଗୃହ ସଂଖ୍ୟା କମ୍ ଥିବାରୁ ବହୁ ବ୍ୟବସାୟୀଙ୍କୁ ଲଟେରୀ ଉଠାଣ ପରିବର୍ତ୍ତେ ନିରାଶ ହେବାକୁ ପଡୁଥିଲା। ଅପରପକ୍ଷେ ମାର୍କେଟ କମ୍ପ୍ଲେକ୍ସରେ ଆବଶ୍ୟକ ଶୌଚାଳୟ, ଡଷ୍ଟବିନ, ଡ୍ରମିଂ ପଏଣ୍ଟ ନିର୍ମାଣରେ ଅବ୍ୟବସ୍ଥା ଥିବାରୁ ତାହା ଚିନ୍ତାର କାରଣ ସାଜିଛି। ଏଭଳି ସ୍ଥିତିରେ ମାର୍କେଟ କଂପ୍ଲେକ୍ସ ଏବେ କେବଳ ବାଇକ ଷ୍ଟାଣ୍ଡ ରୂପେ ବ୍ୟବହାର ହେଉଛି। ତେଣୁ ଏନଏସି ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

### ● ଟ୍ରକ୍ ଭିତରେ ହତ୍ୟା କରି ରାସ୍ତାରେ ଫିଙ୍ଗିବା ମାମଲା

# କୋର୍ଟରେ ସାକ୍ଷ୍ୟଦେଲେ ମୃତକଙ୍କ ପତ୍ନୀ

ବ୍ରହ୍ମପୁର,୨୭ ।୯ (ସମିସ): ସୁରଟରୁ ଫେରୁଥିବା ସୋରଡ଼ା ଅଞ୍ଚଳର କୁନା ସ୍ୱାଇଁଙ୍କୁ ହତ୍ୟା ପରେ ରାସ୍ତାକରରେ ଫିଙ୍ଗି ଦେବା ମାମଲାର ବିଚାରଣା ବ୍ରହ୍ମପୁର ସ୍ଥିତ ଅତିରିକ୍ତ ଜିଲ୍ଲା ଜଜ୍-୨ ଆୟୁଷ୍ମାନ ମହନ୍ତଙ୍କ କୋର୍ଟରେ ଚାଲୁ ରହିଛି। ଆଜି ମୃତ କୁନାଙ୍କ ପତ୍ନୀ ମଞ୍ଜୁଳା ସ୍ୱାଇଁ କୋର୍ଟରେ ହାଜିର ହୋଇ ସାକ୍ଷୀ ଦେଇଛନ୍ତି। ଏହି ମାମଲାରେ ଅଭିଯୁକ୍ତ ଥିବା ଢେଙ୍କାନାଳ ଜିଲ୍ଲାର ୩ଜଣ ଅଭିଯୁକ୍ତ ଗିରଫ ହୋଇ ବର୍ତ୍ତମାନ ଜେଲରେ ରହିଛନ୍ତି। ପ୍ରକାଶଥାଉକି, ସୁରଟରେ ରହୁଥିବା ସୋରଡ଼ାର କୁନା ୨୦୨୪ ଅଗଷ୍ଟ ୨୯ରେ ଘରକୁ ଫେରୁଥିବା ପରିବାର ଲୋକଙ୍କୁ ଫୋନ କରି ଜଣାଇଥିଲେ। ହେଲେ ପରଦିନ ତାଙ୍କ ପତ୍ନୀ ମଞ୍ଜୁଳାଙ୍କ ନିକଟକୁ ଏକ ଅଜଣା ନମ୍ବରରୁ କେହି ଫୋନ୍ କରି କୁନା ଟଙ୍କା ଚୋରି କରିଛି, ନଦେଲେ ମାଡ଼ ମାରିବେ ବୋଲି କହିଥିଲେ। ୨୦୨୪ ସେପ୍ଟେମ୍ବର ୧ରେ ଗୋଳନ୍ଥରା ଥାନା ଅନ୍ତର୍ଗତ ଭାଲିଆଗଡ଼ ନିକଟ ଜାତୀୟ ରାଜପଥ କଡ଼ରୁ କୁନାଙ୍କ ମୃତଦେହ ପୁଲିସ ଜବତ କରି ପରିଚୟ ନପାଇବାରୁ ବ୍ୟବଛେଦ ପରେ ପୋତି ଦେଇଥିଲା। ଏହାର ୩ ଦିନ ପରେ କୁନାଙ୍କ ପତ୍ନୀ ମଞ୍ଜୁଳା ଥାନାରେ ପହଞ୍ଚି ପୁଲିସ ଉପସ୍ଥିତିରେ ଶ୍ମଶାନକୁ ଯାଇ ତାଙ୍କ ସ୍ୱାମୀଙ୍କ ମୃତଦେହ ଚିହ୍ନଟ କରିଥିଲେ। ଏହାପରେ ଏକ ହତ୍ୟା ମାମଲା ରୁଜୁ କରି ପୁଲିସ ଢେଙ୍କାନାଳ ପଣ୍ଡାନାଳି ଅଞ୍ଚଳର ଟ୍ରକ ଚାଳକ ଶଶିକାନ୍ତ ସାହୁ, ହେଲପର ଗୋବିନ୍ଦପ୍ରସାଦର କମଳକାନ୍ତ ଜେନା ଓରଫ ଜଟ ଏବଂ ସହଯୋଗୀ ସାନୁ ଦାସଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ତଦନ୍ତ ବେଳେ କୁନା ସ୍ୱାଇଁ ସୁରଟରୁ ଟ୍ରେନ ଯୋଗେ ଫେରୁଥିବା ବେଳେ ଆନ୍ଧ୍ରପ୍ରଦେଶରେ ଭୁଲରେ ଓହ୍ଲାଇ ପଡ଼ିଥିଲେ। ଉପରୋକ୍ତ ଅଭିଯୁକ୍ତମାନେ ତାଙ୍କୁ ଟ୍ରକରେ ନେଇ ବ୍ରହ୍ମପୁରରେ ଛାଡ଼ିଦେବେ ବୋଲି କହି ଆଣି ରାସ୍ତାରେ ହତ୍ୟା କରିଥିବା ଜଣାପଡ଼ିଥିଲା।

## ପ୍ରଗତୀ କଳା କେନ୍ଦ୍ର ପକ୍ଷରୁ ଦାଣ୍ଡିଆ ନୃତ୍ୟ




ଛତ୍ରପୁର,୨୭ ।୯ (ସମିସ): ଅଗ୍ରଣୀ ନୃତ୍ୟ ଅନୁଷ୍ଠାନ ପ୍ରଗତି କଳା କେନ୍ଦ୍ରର ସମ୍ପାଦକ ତଥା ମୁଖ୍ୟ ସୁଧାଂଶୁ ଶେଖର ଶତପଥି ଏବଂ ଏମ. ରାଧାକୁମାରୀଙ୍କ ତତ୍ତ୍ୱାବଧାନରେ ଛତ୍ରପୁର ସହରରେ ମୁକ୍ତ ମଞ୍ଚରେ ଦାଣ୍ଡିଆ ନୃତ୍ୟ ସ୍ଥାନୀୟ ପଣ୍ଡା କଲୋନୀରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଗଞ୍ଜାମ ଜିଲ୍ଲା ସାମ୍ବାଦିକ ସଂଘ (ଓଜେୟୁ) ର ଉପସଭାପତି ପ୍ରଶାନ୍ତ କୁମାର ମହାରଣା, ରାଧେଶ୍ୟାମ ଫାଉଣ୍ଡେସନ ଏଣ୍ଡ ଚାରିଟେବୁଲ ଟ୍ରଷ୍ଟର ସଭାପତି ତଥା ୧୦ନଂ ୱାର୍ଡ କାଉନସିଲର ଦେବାଶିଷ ମିଶ୍ର ଓ ୧୩ନଂ ୱାର୍ଡ କାଉନସିଲର ସୁମନ୍ତ କୁମାର ନାହାକ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲେ। କାର୍ଯ୍ୟକ୍ରମକୁ ଛାତ୍ରୀ ବସୁନ୍ଧରା ପାଣିଗ୍ରାହୀ ସଂଯୋଜନା କରିଥିବା ବେଳେ ପ୍ରଗତୀ କଳା କେନ୍ଦ୍ରର ସଭାପତି ଆଲୋକ କୁମାର ନାୟକ, ସମ୍ପାଦକ ସୁଧାଂଶୁ ଶେଖର ଶତପଥୀ, କେ. ଶିବରାମ ଆୟା ଓ ଏମ. ରାଧା କୁମାରୀ ଉପସ୍ଥିତ ରହି ଅତିଥି ମାନଙ୍କ ଦ୍ୱାରା ଛତ୍ରପୁର ଏବଂ ବ୍ରହ୍ମପୁର ଅଞ୍ଚଳର ବହୁ କଳାକାର ଓ ସଂଗଠନର କର୍ମକର୍ତ୍ତାଙ୍କୁ ସମ୍ମାନିତ କରିଥିଲେ। ସମ୍ପାଦକ ସୁଧାଂଶୁ ଶେଖର ଶତପଥି ଧନ୍ୟବାଦ ଅର୍ପଣ କରିଥିଲେ।

## ବୋମାମାଡ଼ ଘଟଣା: ୨ ଭାଇ ଗିରଫ

ବ୍ରହ୍ମପୁର,୨୭।୯ (ସମିସ): ପାରିବାରିକ କଳହରୁ ଧାନମେରା ସାହି ଛକରେ ବୋମାମାଡ଼ ଘଟଣାରେ ବଡ଼ବଜାର ଥାନା ପୁଲିସ ଦୁଇ ଭାଇ ଅଭୟ ବିଷୋୟୀ(୨୦) ଓ ସୁଶୀଲ ବିଷୋୟୀ(୨୯)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

ସୂଚନା ମୁତାବକ, ଗୁରୁବାର ରାତିରେ ସାହିର ଦୁଇ ପରିବାର ମଧ୍ୟରେ କୌଣସି କାରଣରୁ ଝଗଡ଼ା ହୋଇଥିଲା। ଏ ନେଇ ଅଞ୍ଜଳୀ ବିଷୋୟୀ ୧୧୨କୁ ଫୋନ୍ କରି ଜଣାଇଥିଲେ। ୧୧୨ ସେଠାରେ ପହଞ୍ଚି ମାରପିଟ୍ ବନ୍ଦ କରିଥିଲା। ଏହାପରେ ବଡ଼ବଜାର ଥାନା ପୁଲିସ ଘଟଣା ସ୍ଥଳକୁ ଯାଇ ଦୁଇ ପରିବାରକୁ ଥାନାକୁ ଡାକି ବୁଝାସୁଝା କରି ଛାଡ଼ିଥିଲେ। ଶୁକ୍ରବାର ସକାଳ ୧୧ଟାରେ ପୁଣି ଦୁଇ ପରିବାର ମଧ୍ୟରେ ଝଗଡ଼ା ହୋଇଥିଲା। ଅଞ୍ଜଳୀ ଅଭୟ ଓ ସୁଶୀଲଙ୍କ ନାମରେ ଥାନାରେ ଅଭିଯୋଗ କରିଥିଲେ। ଏଥିରେ ରାଗି ଯାଇ ଦୁଇ ଭାଇ ବୋମା ମାଡ଼ କରିଥିଲେ। ଖବର ପାଇ ବଡ଼ବଜାର ଥାନା ପୁଲିସ ସେଠାରେ ପହଞ୍ଚିଥିଲା। ପୁଲିସକୁ ଦେଖି ସେଠାରୁ ସଭିଏଁ ଦୌଡ଼ିବାକୁ ଲାଗିଥିଲେ। ଘଟଣାକୁ ନେଇ ଅଞ୍ଜଳୀ ଥାନାରେ ଅଭିଯୋଗ କରିଥିଲେ।

## ଥିଲେ ଅଧ୍ୟାପକ; ହେଲେ ପ୍ରଶାସକ



ଗଞ୍ଜାମ,୨୭ ।୯ (ସମିସ): ଗଞ୍ଜାମ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପକ ଶୁଭେନ୍ଦୁ ବିକାଶ ଟହଲ ଓଡ଼ିଶା ପ୍ରଶାସନିକ ସେବା (ଓସିଏସ) ୨୯୫ ର୍‌ୟାଙ୍କ ରଖି କୃତକାର୍ଯ୍ୟ ହୋଇ ଗଞ୍ଜାମ କଲେଜ ତଥା ଖଲ୍ଲିକୋଟ ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ସେ ଲଙ୍ଗଳେଶ୍ୱର ଗ୍ରାମ ତଥା ଶିକ୍ଷକ ସୁଦାମ ଚନ୍ଦ୍ର ଟହଲ ଓ ମିନତି ଟହଲଙ୍କ ପୁଅ। ସେ ୨୦୨୨ରେ ରାଜନୀତି ବିଜ୍ଞାନରେ ଏସ୍‌ଏସବି ଅଧ୍ୟାପକ ଭାବେ ଏହି କଲେଜରେ ଯୋଗଦେଇଥିଲେ। ତାଙ୍କର ଏହି ସଫଳତା ପାଇଁ ସେ ନିଜ ପରିବାର ତଥା ସାଥୀ ଅଧ୍ୟାପକ ଅଧ୍ୟାପିକାଙ୍କୁ ଶ୍ରେୟ ଦେଇଛନ୍ତି। ତାଙ୍କର ଏହି ସଫଳତା ପାଇଁ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ତଥା କର୍ମଚାରୀ, ଛାତ୍ରଛାତ୍ରୀ ଓ ପୂର୍ବତନ ଛାତ୍ରଛାତ୍ରୀ ଶୁଭେଚ୍ଛା ଜଣାଇଛନ୍ତି।

## ଆସିକା ଅଞ୍ଚଳର ଗୌରବ ଅବିନାଶ



ଆସିକା,୨୭।୯ (ସମିସ): ପ୍ରକାଶ ପାଇଛି ଓପିଏସ୍‌ସି ପରୀକ୍ଷା ଫଳ। ଗଞ୍ଜାମ ଜିଲ୍ଲା ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ୧୭ ନଂ. ୱାର୍ଡ ଲାଲଶାସନ ବାସିନ୍ଦା ବିପ୍ର ଚରଣ ତ୍ରିପାଠୀ ଏବଂ ମାତା ଶାନ୍ତିଲତା ତ୍ରିପାଠୀଙ୍କ ପୁଅ ଅବିନାଶ ତ୍ରିପାଠୀ ଆସିକା ପାଇଁ ଗୌ÷ରବ ଆଣିଛନ୍ତି। ସେ ୩୦୩ ନଂ. ର୍‌ୟାଙ୍କରେ ରହିଛନ୍ତି। ସେ ସଫଳତାର ଶ୍ରେୟ ବାପା-ମା'ଙ୍କୁ ଦେଇଛନ୍ତି।

## ରାଜମିସ୍ତ୍ରିଙ୍କ ପୁଅ ଓସିଏସ୍‌ରେ କୃତକାର୍ଯ୍ୟ



ଧରାକୋଟ,୨୭ ।୯ (ସମିସ): ବାପା ରାଜମିସ୍ତ୍ରୀ, ମା ସୁଗୃହିଣୀ, ହେଲେ ବାପା, ମା, ଭାଇ, ଅପା ଓ ଭାଇନାଙ୍କ ପ୍ରେରଣା ସହ ଓଡ଼ିଶା ପ୍ରଶାସନିକ ସେବାର ଜଣେ ଅଧିକାରୀଙ୍କ ମାର୍ଗ ଦର୍ଶନ ତଥା ନିଜର କଠିନ ଅଧ୍ୟବସାୟ ଦ୍ୱାରା ସେ ଓସିଏସ୍‌ରେ କୃତକାର୍ଯ୍ୟ ହୋଇଛନ୍ତି। ସେ ହେଲେ ଧରାକୋଟ ବ୍ଲକ ମୁଣ୍ଡମରାଇ ଗାଁର କୈଳାସ ଚନ୍ଦ୍ର ସାହୁ ଓ ସୁଷମା ସାହୁଙ୍କର ପୁଅ ରୂପକ କୁମାର ସାହୁ ଚଳିତ ବର୍ଷର ଓପିଏସସି ପରୀକ୍ଷାରେ ସଫଳତାର ସହ ୨୩୩ ନମ୍ବର ର୍‌ୟାଙ୍କ ପାଇଁ କୃତକାର୍ଯ୍ୟ ହୋଇଛନ୍ତି। ପରିବାର ଲୋକଙ୍କ ପ୍ରେରଣା ସହ ନିଜର ସହପାଠୀ ବନ୍ଧୁ ଧର୍ମଗଡର ଅତିରିକ୍ତ ଜିଲ୍ଲାପାଳ ଚୋଡଗଙ୍ଗ ପ୍ରଧାନଙ୍କ ମାର୍ଗ ଦର୍ଶନ ନେଇ ଓପିଏସସି ପରୀକ୍ଷା ପାଇଁ ନିଜକୁ ପ୍ରସ୍ତୁତ କରିଥିଲେ। ଏଥିରେ ତାଙ୍କୁ ସମସ୍ତ ପ୍ରକାର ଉତ୍ସାହିତ କରିଥିଲେ ଗୁରୁ ସନ୍ତୋଷ କୁମାର ପାତ୍ର ଓ ଗଣେଶ ଚନ୍ଦ୍ର ପାତ୍ର। ମୋର ସମସ୍ତ ଶ୍ରେୟ ମୁଁ ବାପା, ମା, ଭାଇ, ଅପା, ଭାଇନା, ଗୁରୁଜୀ ଓ ସହଯୋଗୀ ବନ୍ଧୁଙ୍କୁ ଦେଉଛି ବୋଲି ରୂପକ କହିଛନ୍ତି। ଅନ୍ୟ ପକ୍ଷରେ ଭବିଷ୍ୟତ କାର୍ଯ୍ୟପନ୍ଥା ଓ ଉଦ୍ଦେଶ୍ୟ ସଂପର୍କରେ ସମାଜର ସବୁ ବର୍ଗର ଲୋକଙ୍କ ହିତ ପାଇଁ କାମ କରିବା ସହ ସରକାରୀ ଯୋଜନା ଗୁଡ଼ିକର ସଫଳ ରୂପାୟନ ପାଇଁ ଅଗ୍ରାଧିକାର ଦେବି ବୋଲି କହିଥିଲେ।

## ଶିକ୍ଷକରୁ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ



ରଙ୍ଗେଇଲୁଣ୍ଡା,୨୭ ।୯ (ସମିସ): ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷା ଫଳ ପ୍ରକାଶ ପାଇଛି। ଏଥିରେ ଗଞ୍ଜାମ ଜିଲ୍ଲା ରଙ୍ଗେଇଲୁଣ୍ଡା ବ୍ଲକ ପଞ୍ଚମା ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକତା କରୁଥିବା ଟି. ନରସିଂହ ପାତ୍ର କୃତକାର୍ଯ୍ୟ ହୋଇଛନ୍ତି। ସେ ରାଜ୍ୟସ୍ତରରେ ୮୭ନଂ ର୍‌ୟାଙ୍କ ହାସଲ କରିଛନ୍ତି। ଏହି କୃତିତ୍ୱ ପଛରେ ପଞ୍ଚମାର ସିଦ୍ଧ ବିନାୟକ ଓ ପରିବାର ବର୍ଗଙ୍କ ଆଶୀର୍ବାଦ ରହିଥିବା କହିଛନ୍ତି। ସେ ପ୍ରଥମେ ୨୦୨୧ରେ କନିଷ୍ଠ ରାଜସ୍ୱ ସହାୟକ ଭାବେ ନିଜର କାର୍ଯ୍ୟକାଳ ଆରମ୍ଭ କରିଥିଲେ। ଏଥିରେ ୫ମାସ ଧରି କାର୍ଯ୍ୟ କରିଥିଲେ। ପରେ ଶିକ୍ଷକତା ଜୀବନକୁ ଆପଣାଇଥିଲେ। ପଞ୍ଚମା ବିଦ୍ୟାଳୟରେ ଗଣିତ ଶିକ୍ଷକ ଭାବେ ନିଯୁକ୍ତି ପାଇଥିଲେ। ତତ୍‌ପରେ ବି ସେ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷା ଲାଗି ନିଜକୁ ପ୍ରସ୍ତୁତ କରିଥିଲେ। ସେ ଏଥିରେ ସଫଳ ହୋଇଛନ୍ତି। ଆଗାମୀ ଦିନରେ ୟୁପିଏସ୍‌ସି ପରୀକ୍ଷା ଲାଗି ମଧ୍ୟ ସେ ନିଜକୁ ପ୍ରସ୍ତୁତ କରୁଥିବା ଜଣାପଡ଼ିଛି। ଯୋଗଯୋଗ ବେଳେ ଶ୍ରୀ ପାତ୍ର କହିଛନ୍ତି ଯେ, ପ୍ରଶାସନିକ ସେବା କ୍ଷେତ୍ରରେ ଏହି କୃତିତ୍ୱ ବେଶ କାର୍ଯ୍ୟକାରୀ ହେବ।

ସାମାଜିକ ସେବା କ୍ଷେତ୍ରରେ ପ୍ରଶାସନିକ ସେବା ପରୀକ୍ଷାର ବିଶେଷ ଗୁରୁତ୍ୱ ରହିଛି। ଏଥିରେ ସାମଗ୍ରୀକ ବିକାଶ ହେବ। ଲୋକଙ୍କୁ ବିଭିନ୍ନ ବିଭାଗରେ ସେବା କରିବାର ସୁଯୋଗ ମିଳିବ।

## ୧୯୫ ତମ ର୍‌ୟାଙ୍କରେ ଦିଗପହଣ୍ଡିର କାଲୁ



ଦିଗପହଣ୍ଡି,୨୭।୯ (ସମିସ): ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ସିଦ୍ଧେଶ୍ୱର ଗ୍ରାମର କାଲୁ ରାଉତ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ୧୯୫ ର୍‌ୟାଙ୍କରେ ରହି ପରିବାର, ପଞ୍ଚାୟତ ଏବଂ ସର୍ବୋପରି ଦିଗପହଣ୍ଡି ବ୍ଲକର ଗୌରବ ବୃଦ୍ଧି କରିଛନ୍ତି। ଏକ ସାଧାରଣ ଚାଷୀ ପରିବାରରେ ଜନ୍ମଗ୍ରହଣ କରିଥିବା କାଲୁଙ୍କ ଏହି ସଫଳତା ପରେ ଚାରିଆଡ଼େ ଖୁସିର ଲହରୀ ଖେଳିଯାଇଛି। କାଲୁଙ୍କ ବାପା ମାଗତା ରାଉତ ଏବଂ ମାଆ ଜୟନ୍ତୀ ରାଉତ ପୁଅର ସଫଳତା ପଛରେ ପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦ ରହିଥିବା

## ଓସିଏସ୍ ୩୩ ର୍‌ୟାଙ୍କରେ ମନିଷା



ବ୍ରହ୍ମପୁର,୨୭।୯ (ସମିସ): ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷା ଫଳ ପ୍ରକାଶ ପାଇଛି। ଏଥିରେ ବ୍ରହ୍ମପୁର ସିଦ୍ଧାର୍ଥ ନଗରର ମନିଷା ନାୟକ ୩୩ତମ ର୍‌ୟାଙ୍କରେ ରହି କୃତକାର୍ଯ୍ୟ ହୋଇଛନ୍ତି। ସିଦ୍ଧାର୍ଥନଗର ନିବାସୀ ଡ଼. ସୁଧାଂଶୁ ଶେଖର ପଣ୍ଡା ଓ ମମତା ଗନ୍ତାୟତଙ୍କ କନ୍ୟା ମନିଷା। ସେ ସମ୍ପ୍ରତି ଆସିକା ନିରଞ୍ଜନ ମହିଳା ମହାବିଦ୍ୟାଳୟରେ ଅତିଥି ଅଧ୍ୟାପକ ଭାବେ କାର୍ଯ୍ୟରତ। ପ୍ରଥମ ଚେଷ୍ଟାରେ ହିଁ ସେ ସଫଳତା ପାଇଛନ୍ତି। ଏନେଇ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

# ଉଲ୍ଲାସ ପ୍ରଶିକ୍ଷଣ କର୍ମଶାଳା ଉଦ୍‌ଯାପିତ

ରମ୍ଭା,୨୭ ।୯ (ସମିସ): ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମ ପକ୍ଷରୁ ଶ୍ରୀମର୍ଦ୍ଦରାଜ ଉଚ୍ଚ ବିଦ୍ୟାଳୟ ଖଲ୍ଲିକୋଟ ପରିସରରେ ଉଭୟ ପ୍ରାଥମିକ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀ, ସହକାରୀ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ନେଇ "ଉଲ୍ଲାସ' ପ୍ରଶିକ୍ଷଣ ଦୁଇଦିନିଆ କର୍ମଶାଳା ଉଦଯାପିତ ହୋଇଯାଇଛି। ବ୍ଲକର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବିନାରାୟଣ ସେଠୀଙ୍କ ତତ୍ତ୍ୱାବଧାନରେ କର୍ମଶାଳା ଅନୁଷ୍ଠିତ ହୋଇଥିବାବେଳେ ମର୍ଦ୍ଦରାଜ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶିବାରାଣୀ ମଲ୍ଲିକା, ସହକାରୀ ପ୍ରଧାନ ଶିକ୍ଷୟିତ୍ରୀ ଗୋମତି ପ୍ରଧାନ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରଶିକ୍ଷାର୍ଥୀଙ୍କୁ ବୁଝାଇଥିଲେ। କର୍ମଶାଳାରେ ସମ୍ବଳ ଶିକ୍ଷକ ଭାବେ ସିଆର୍‌ସିସି ପ୍ରଶାନ୍ତ କୁମାର ସେଠୀ, ପ୍ରଜ୍ଞା କୁମାର ପଟ୍ଟନାୟକ, କୃଷ୍ଣଚନ୍ଦ୍ର ପରିଡ଼ା ପ୍ରମୁଖ ଦୁଇଦିନିଆ କର୍ମଶାଳାରେ ଚାରିଗୋଟି ବ୍ୟାଚରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ବ୍ଲକର ୧୬ଟି କ୍ଲଷ୍ଟର ଅଧୀନସ୍ଥ ସମସ୍ତ ପ୍ରାଥମିକ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ମୋଟ ୧୮୭ ଜଣ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ, ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମର ସଠିକ୍ କାର୍ଯ୍ୟକାରିତା ପ୍ରତି ସର୍ବେକ୍ଷକ, ସ୍ୱେଚ୍ଛାସେବୀ ଶିକ୍ଷକ ଯତ୍ନବାନ ହେଲେ ଏଥିରୁ ସୁଫଳ ମିଳିବ ବୋଲି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବିନାରାୟଣ ସେଠୀ କହିଛନ୍ତି।

## କାନ୍ଥ ଭୁଶୁଡ଼ି ମହିଳା ଗୁରୁତର

ବୁଗୁଡା,୨୭ ।୯ (ସମିସ): ବୁଗୁଡ଼ା ବ୍ଲକ ଭାମଶ୍ୟାଳି ଗ୍ରାମରେ କାନ୍ଥ ଭୁଶୁଡି ଉପରେ ପଡିବାରୁ ଜନୈକା ମହିଳା ଗୁରୁତର ହୋଇ ବ୍ରହ୍ମପୁରକୁ ସ୍ଥାନାନ୍ତର ହୋଇଛନ୍ତି। ମହିଳା ଜଣକ ହେଲେ ଲଡୁ କିଶୋର ଦାସଙ୍କ ପତ୍ନୀ ସାବିତ୍ରୀ ଦାସ(୬୦)। ଆଜି ସକାଳ ପ୍ରାୟ ସାଢ଼େ ଆଠଟା ସମୟରେ ସାବିତ୍ରୀ ଗାଧୋଇ ସାରି ଫେରୁଥିବା ବେଳେ ତାଙ୍କ ପଡୋଶୀ ପୁରୁଷୋତ୍ତମ ନାୟକଙ୍କ ଚାଳଘର କାନ୍ଥଟି ହଠାତ୍ ଭୁଶୁଡି ତାଙ୍କ ଉପରେ ପଡିଥିଲା। ତାଙ୍କୁ ଉଦ୍ଧାର କରି ବୁଗୁଡା ମେଡିକାଲକୁ ଅଣାଯାଇଥିଲା।

# ନିପୁଣ ଓଡ଼ିଶା ମିଶନର ସଫଳତା ନେଇ ସମୀକ୍ଷା

ଛତ୍ରପୁର,୨୭ ।୯ (ସମିସ)



ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଆବାହନରେ ଜାତୀୟ ଶିକ୍ଷାନୀତି-୨୦୨୦ ଅନ୍ତର୍ଗତ ନିପୁଣ ଓଡିଶା ମିଶନ୍‌ର ବିଗତ ମାସର ବିଭିନ୍ନ କାର୍ଯ୍ୟାନ୍ୱୟନ ଏବଂ କାର୍ଯ୍ୟ ଅଗ୍ରଗତି ସମ୍ପର୍କିତ ଜିଲ୍ଲା ପ୍ରକଳ୍ପ ପରିଚାଳନା ୟୁନିଟ୍‌ର ସମୀକ୍ଷା ବୈଠକ ଜିଲ୍ଲାପାଳଙ୍କ ସଭାବନା ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ସୁନିଲ୍ କୁମାର କେର୍କେଟାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୌଳିକ ଭାଷା ଓ ସଂଖ୍ୟା ଜ୍ଞାନ ପୁସ୍ତିକା ଓ ଉପକରଣ ବଣ୍ଟନ, ଶିକ୍ଷକ ମାନଙ୍କର ଦକ୍ଷତା ବିକାଶ, ନିୟନ୍ତ୍ରଣ କକ୍ଷର ସ୍ଥାପନା ଓ ଅନ୍ୟାନ୍ୟ ଆବଶ୍ୟକୀୟ ତଥ୍ୟ ଓ ପରିସଂଖ୍ୟାନ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ପରିଡା ବୈଠକରେ ଉପସ୍ଥାପନ କରିଥିଲେ। ଜିଲ୍ଲାରେ ପରିଚାଳିତ ଶିଶୁ ବାଟିକା ଓ ବିଦ୍ୟାଳୟ ମାନଙ୍କରେ ଗଣିତ କାର୍ଯ୍ୟ ପୁସ୍ତିକା ଏବଂ ଭାଷାକାର୍ଯ୍ୟ ପୁସ୍ତିକା (ପ୍ରଥମ ରୁ ତୃତୀୟ ଶ୍ରେଣୀ) ପ୍ରାୟତଃ ପହଞ୍ଚି ସାରିଛି। ୨୯୩ ଜଣ ସି.ଆର୍.ସି.ସି. ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି। ଜିଲ୍ଲା ନିପୁଣ କମିଟିର ସ୍ଥାପନ ଓ ସଦସ୍ୟ ଚୟନ, ସଦସ୍ୟ ମାନଙ୍କର ଭୂମିକା ଓ ଦାୟିତ୍ୱ, ବଜେଟ୍, ତାଲିମ ପ୍ରକ୍ରିୟାର କ୍ରିୟାଶୀଳତା ଏବଂ ତୃଣମୂଳ ସ୍ତରରେ ମିଶନ୍ ର ସଫଳ କାର୍ଯ୍ୟାନ୍ୱୟନ ସମ୍ପର୍କରେ ବୈଠକରେ ସବିଶେଷ ଆଲୋଚନା ହୋଇଥିଲା। ବୈଠକରେ ଅତିରିକ୍ତ ଶିକ୍ଷାଧିକାରୀ ଡ. ପ୍ରଭାତି ମହାପାତ୍ର, ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ବିଜୟଲକ୍ଷ୍ମୀ ବେହେରା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୌରଭ ପ୍ରଧାନ, ଡି.ଆଇ.ଇ.ଟି ଖଲ୍ଲିକୋଟ ସିନିୟର୍ ଟିଇ ଡ.ନିହାରିକା ସାମନ୍ତରାୟ, ବ୍ଲକ୍ ଶିକ୍ଷାଧିକାରୀ ସୁଜିତ୍ କୁମାର ପାଢୀ, ସିଆର୍‌ସିସି. ରାଜପୁର, ଗଞ୍ଜାମ, ପ୍ରଧାନଶିକ୍ଷକ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବକ୍ସିପଲ୍ଲୀ, ରଙ୍ଗେଇଲୁଣ୍ଡା, ପ୍ରଧାନଶିକ୍ଷକ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କତୁରୁ, ସିଡିପିଓ ଛତ୍ରପୁର ପ୍ରମୁଖ ଉପସ୍ଥିତ ଥିଲେ।

### ସ୍କୁଲ୍‌ର ଅବହେଳାରୁ ଛାତ୍ରଙ୍କ ମୃତ୍ୟୁ ଅଭିଯୋଗ

# ବିଇଓଙ୍କୁ ତାଲା ପକାଇଲେ ଗ୍ରାମବାସୀ, ପ୍ରଧାନଶିକ୍ଷକ ନିଲମ୍ବିତ



ନବରଙ୍ଗପୁର/ ରାଇଘର ୨୭।୯ (ସମିସ): ନବରଙ୍ଗପୁର ଜିଲ୍ଲା ତୁରୁଡ଼ି ଗ୍ରାମ ପ୍ରାଥମିକ ବିଦ୍ୟାଳୟ ଛାତ୍ରାବାସର ସପ୍ତମ ଶ୍ରେଣୀ ଛାତ୍ରଙ୍କ ଚିକିତ୍ସାଧୀନ ଅବସ୍ଥାରେ ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ମୃତ୍ୟୁ ପରେ ଉତ୍ତେଜନା ବଢିଛି।। ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଚିକିତ୍ସାରେ ବିଳମ୍ବ ଓ ଅବହେଳା ଯୋଗୁଁ ଛାତ୍ରଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ କରି ତଦନ୍ତ ପାଇଁ ଆସିଥିବା ରାଇଘର ଗୋଷ୍ଠୀ ଶିକ୍ଷା ଅଧିକାରୀ ବିକାଶ ଚନ୍ଦ୍ର ସରକାରଙ୍କୁ ତାଲା ମାରି ବନ୍ଧକ ରଖିଥିଲେ ଅଭିଭାବକ ଏବଂ ଗ୍ରାମବାସୀ। ଗତକାଲି ବିଳମ୍ବିତ ରାତି ସମୟରେ ଛାତ୍ରଙ୍କୁ ବାନ୍ତି ହେବାରୁ ସେ ଅସୁସ୍ଥ ହୋଇଥିଲେ। ପ୍ରଥମେ ସରକାରୀ ଚିକିତ୍ସାଳୟକୁ ନେବା ପରିବର୍ତ୍ତେ ସ୍ଥାନୀୟ ଜଣେ କ୍ୱାକ୍ ପାଖକୁ ମଙ୍ଗଳଙ୍କୁ ଚିକିତ୍ସା ପାଇଁ ନିଆଯାଇଥିଲା। ସେଠାରେ କ୍ୱାକ୍ କିଛି ସମୟ ଚିକିତ୍ସା ପରେ ଅବସ୍ଥା ଗୁରୁତର ହେବାରୁ ହାଟଭରଣ୍ଡୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ମଧ୍ୟ ସ୍ୱାସ୍ଥ୍ୟାବସ୍ଥା ନ ସୁଧୁରିବାରୁ ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ଛାତ୍ରଙ୍କ ମୃତ୍ୟୁ ଘଟିଥିଲା। ଚିକିତ୍ସା କରିବାରେ ସ୍କୁଲ୍ କର୍ତ୍ତୃପକ୍ଷଙ୍କ ଅବହେଳାରୁ ଛାତ୍ରଙ୍କ ଅକାଳ ମୃତ୍ୟୁ ଘଟିଥିବା ଅଭିଯୋଗ ହେବାରୁ ରାଇଘର ଗୋଷ୍ଠୀ ଶିକ୍ଷ୍ୟା ଅଧିକାରୀ ଶ୍ରୀ ସରକାର ତଦନ୍ତ ପାଇଁ ଯାଇଥିବା ବେଳେ ସ୍ଥାନୀୟ ବାସିନ୍ଦାଙ୍କ ଆକ୍ରୋଶର ଶିକାର ହୋଇଥିଲେ ।

ଲୋକେ ବିଦ୍ୟାଳୟରେ ତାଲା ପକାଇ ଦେବାରୁ ସେ ଅଟକି ରହିଥିଲେ। ପରବର୍ତ୍ତୀ ସମୟରେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଥିଲା। ଦୀର୍ଘ ସମୟର ଉତ୍ତେଜନା ପରେ ରାଇଘର ଅତିରିକ୍ତ ତହସିଲଦାର ମୌସୁମୀ ସଜନ୍, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ କୁମାର ସେଠୀଙ୍କ ଉପସ୍ଥିତିରେ ରାଇଘର ଗୋଷ୍ଠୀ ଶିକ୍ଷା ଅଧିକାରୀ ବିକାଶ ଚନ୍ଦ୍ର ସରକାର ପ୍ରଧାନ ଶିକ୍ଷକ ନନି ଗୋପାଳ ବିଶ୍ୱାସଙ୍କୁ ନିଲମ୍ବିତ କରିବା ଏବଂ ମୃତ ଛାତ୍ରଙ୍କ ପରିବାରକୁ ୨ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ ପ୍ରତିଶ୍ରୁତି ଦେବାପରେ ବିଦ୍ୟାଳୟରୁ ତାଲା ଖୋଲିଥିଲା। ଉଲ୍ଲେଖଯୋଗ୍ୟ, ଓଡଣ୍ଡି ଗ୍ରାମର ଦୟାଲୁ ଗଣ୍ଡଙ୍କ ୧୨ବର୍ଷର ପୁଅ ମଙ୍ଗଳସିଂ ଗଣ୍ଡ ଏହି ବିଦ୍ୟାଳୟରେ ରହି ସପ୍ତମ ଶ୍ରେଣୀରେ ପାଠ ପଢୁଥିଲେ। ପିଲାଟି ରକ୍ତହୀନତା ରୋଗର ଶିକାର ହୋଇଥିଲେ ହେଁ ହଷ୍ଟେଲ ଦାୟିତ୍ୱରେ ଥିବା ଶିକ୍ଷକ କିମ୍ବା ସ୍କୁଲ କର୍ତ୍ତୃପକ୍ଷ ତାଙ୍କର ଉପଯୁକ୍ତ ଯତ୍ନ ନେଇ ନଥିବା ଅଭିଯୋଗ ହୋଇଛି।



# ପୂଜା ପାଇଁ ଝଲସୁଛି ରାଜଧାନୀ

ଭୁବନେଶ୍ୱର,୨୭।୯(ସମିସ): ବର୍ଷକର ପ୍ରତୀକ୍ଷାର ଅନ୍ତ ଘଟିଛି। ଆସନ୍ତାକାଲି ଧରାପୃଷ୍ଠରେ ଅବତାରଣ କରିବେ ମା' ଜଗତ୍‌ଜନନୀ। ରବିବାର ମହାଷଷ୍ଠୀ ଅବସରରେ ମା'ଙ୍କ ବେଲ୍ୱବରଣ କରାଯିବାପରେ ସପ୍ତମୀଠାରୁ ମା'ଙ୍କ ଦର୍ଶନ ଆରମ୍ଭ ହେବ। ଷଷ୍ଠୀପୂଜାରେ ମା'ଙ୍କ ବିଲ୍ୱାଧିବାସ ଅନୁଷ୍ଠିତ ହେବାପରେ ବିଭିନ୍ନ ରୀତିନୀତି ଅନୁଯାୟୀ ଷଷ୍ଠୀର କର୍ମ ସମ୍ପନ୍ନ ହେବ। ଅଧିକାଂଶ ମଣ୍ଡପରେ ଆସନ୍ତାକାଲିଠାରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଥିବାବେଳେ ଅଧିକ ଜନସମାଗମକୁ ଦୃଷ୍ଟିରେ ରଖି ପ୍ରମୁଖ ମଣ୍ଡପଗୁଡିକରେ ଟ୍ରାଫିକ୍ ପରିଚାଳନା ଓ ଭିଡ଼ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଆଖି ଝଲସା ରଙ୍ଗବେରଙ୍ଗର ଆଲୋକ ସଜ୍ଜାରେ ଝଲସୁଛି ପୂଜା ମଣ୍ଡପ। ସୁନାରୁପା ଅଳଙ୍କାରରେ ସଜେଇ ହେବେ ମା'। ରାଜଧାନୀ ବିଭିନ୍ନ ଥିମ୍‌ର ତୋରଣ ରାଜଧାନୀର ମୁଖ୍ୟ ଆକର୍ଷଣ ସାଜିଛି। ରାଜଧାନୀ ସାରା ଉଚ୍ଚ ତୋରଣ, ସାଙ୍ଗକୁ ନୟାପଲ୍ଲୀ, ସହିଦ୍‌ନଗର, ଷ୍ଟେସନବଜାର, ଲକ୍ଷ୍ମୀସାଗର ଛକ, ଝାରପଡ଼ା, ବମିଖାଲ, ରସୁଲଗଡ଼, ୟୁନିଟ୍-୪, ଅଶୋକନଗର, ଡମଣା, ପଟିଆ, ବରମୁଣ୍ଡା ଭଳି ପ୍ରମୁଖ ପୂଜା ମଣ୍ଡପଗୁଡିକର ଏପାଖ ସେପାଖ ରଙ୍ଗବେରଙ୍ଗର ଡିଜିଟାଲ ଲାଇଟ୍‌ରେ ଝଲସୁଛି। ଅଧିକାଂଶ ସ୍ଥାନରେ ମା'ଙ୍କର ମୂର୍ତ୍ତି ପୂଜା କରାଯିବା ସହ କିଛି ପୂଜାମଣ୍ଡପରେ ହରପାର୍ବତୀ ଓ ହନୁମାନଙ୍କ ମୂର୍ତ୍ତି ପୂଜା ପାଇବେ। ସେହିପରି ପୂଜାମଣ୍ଡପରେ ଷଷ୍ଠୀରେ ବିଭିନ୍ନ ଦେବାଦେବୀଙ୍କ ମନ୍ଦିରରୁ ଆଜ୍ଞାମାଳ ଆସିବାପରେ ଷଷ୍ଠୀ ପୂଜା ଆରମ୍ଭ ହେବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ସମସ୍ତ ପୂଜା ମଣ୍ଡପଗୁଡିକରେ ପ୍ଲାଷ୍ଟିକ୍ ମୁକ୍ତ ପୂଜା ଉପରେ ଗୁରୁତ୍ୱ ଦିଆଯାଇଛି।




## ମା'ଙ୍କ ବେଶ


କଟକ ଚଣ୍ଡୀଙ୍କ ଗାୟତ୍ରୀ ବେଶ
























ଆମ ଦଶହରା ପରମ୍ପରା

# ଉଗ୍ରରୂପୀ ମହାମାୟାଙ୍କୁ ଶାନ୍ତ କରେ 'ଦହି ପଖାଳ'





କଟକ, ୨୭।୯(ସମିସ): ମହାଷ୍ଟମୀରେ ଦଶଭୂଜା ଦେବୀଦୁର୍ଗା ରକ୍ତମୁଖା ହୁଅନ୍ତି। ଶାନ୍ତସ୍ୱରୂପା ମହାମାୟାଙ୍କ ମୁଖମଣ୍ଡଳରେ ଉଦ୍‌ଭାସିତ ହୁଏ ଉଗ୍ରରୂପ। ତିଥି ଅନୁଯାୟୀ, ଏହି ଦିନ ଶକ୍ତିସ୍ୱରୂପିଣୀ ମହିଷାସୁରକୁ ବଧ କରିଥିଲେ। ତ୍ରିଭୁବନର ମଙ୍ଗଳ ପାଇଁ ଶୂନ୍ୟରେ ମହିଷାସୁରର ସଂହାର ରଚିଥିଲେ। ତେବେ ଉଗ୍ରରୂପୀ ମହାମାୟାଙ୍କୁ ଶାନ୍ତ କରିବା ପାଇଁ ମହାନବମୀରେ ଦହି ପଖାଳ ଭୋଗ ଲାଗି ହେବା ପରମ୍ପରା ରହିଛି ରୌପ୍ୟନଗରୀ କଟକରେ। ପ୍ରାୟତଃ ମହାନବମୀ ଓ ମହାଦଶମୀରେ କଟକର ୬୦ରୁ ଅଧିକ ପୂଜା ମଣ୍ଡପରେ ଦହି ପଖାଳ ଭୋଗ କରାଯାଏ। ଏହା ହଜାରହଜାର ଶ୍ରଦ୍ଧାଳୁଙ୍କୁ ମଧ୍ୟ ବଣ୍ଟନ ହୁଏ।

ଦହି ପଖାଳ ପରମ୍ପରା କଟକରେ ବହୁ ପୁରୁଣା। ଜଣେ ପୂଜକଙ୍କ କହିବା ଅନୁସାରେ, କେବଳ ମଣ୍ଡପରେ ନୁହେଁ ଦେବୀ ପୀଠ ଗୁଡିକରେ ମଧ୍ୟ ଦହି ପଖାଳ କରାଯାଏ। ମଣ୍ଡପ ତୁଳନାରେ ପୀଠରେ ଗୋଟିଏ ଦିନ ପୂର୍ବରୁ ମହାଷ୍ଟମୀ ପୂଜା ହୁଏ। ମହାଷ୍ଟମୀ ରାତିରେ ମା'ଙ୍କ ପାଖେ ବଳି ପଡେ। ପ୍ରଶାସନର କଟକଣା ଯୋଗୁଁ ଏବେ ସବୁଠି ପାଣି କଖାରୁ ବଳି ପଡୁଛି। କେତେକ ଦେବୀ ପୀଠରେ ମାଛ ବଳି ମଧ୍ୟ ହେଉଛି। ବଳି ପରମ୍ପରା ସରିବା ମାତ୍ରେ ମା'ଙ୍କ ସମ୍ମୁଖକୁ କେହି ଯିବାକୁ ଇଚ୍ଛା କରନ୍ତି ନାହିଁ। ଉଗ୍ରରୂପ ଧାରଣ କରିଥିବା ମା'ଙ୍କୁ ଶାନ୍ତ କରିବା ପାଇଁ ଦେବୀ ପୀଠରେ ଯଜ୍ଞ ହେଉଥାଏ। ଯଜ୍ଞ ଶେଷରେ ମା'ଙ୍କୁ ଦହି ପଖାଳ ଲାଗି ହୁଏ। ସେହିପରି କଟକର ପୂଜା ମଣ୍ଡପ ଗୁଡିକରେ ମଧ୍ୟ ଦହି ପଖାଳ ଭୋଗ ସମାନ ନୀତିରେ କରାଯାଏ। ମଣ୍ଡପରେ ପୂଜା ପାଉଥିବା ମୃଣ୍ମୟୀ ଦୁର୍ଗାଙ୍କୁ ଶାନ୍ତ କରିବା ଉଦ୍ଦେଶ୍ୟରେ ଦହି ପଖାଳ ପୂଜା ହୁଏ। ଏହି ପରମ୍ପରାକୁ କଟକରେ ଏବେ ବଡ ଆକାରରେ ଆୟୋଜନ ହେଉଛି। ମା'ଙ୍କ ପାଖରେ ଦହି ପଖାଳ ଲାଗି ହେବା ପରେ ହଜାର ହଜାର ଶ୍ରଦ୍ଧାଳୁଙ୍କୁ ବଣ୍ଟନ ହେଉଛି। ଦହି ପଖାଳ ସହ ଛଙ୍କା ତରକାରୀ ଶ୍ରଦ୍ଧାଳୁଙ୍କ ପାଇଁ ବ୍ୟବସ୍ଥା କରାଯାଉଛି।

## ଆଜି ମା'ଙ୍କ ଷଷ୍ଠୀ ପୂଜା

# ରାଜା ଘର ମେଢ଼ ଆଉ ମାଛ ଭୋଗ

କଟକ, ୨୭।୯(ସମିସ): ପରମ୍ପରାକୁ ଜାବୁଡି ଧରି ହଜାରବର୍ଷ ହେବ ମୁଣ୍ଡ ଟେକି ଛିଡା ହୋଇଥିବା ସହର, ଏଇ କଟକ। ଏଠି ଗଳି ଯେତିକି, କଥା ସେତିକି। ଦଶହରା ଆସିଲେ ଏ ସହରର ବିଶେଷତ୍ୱ ସଜଳ ହୋଇଉଠେ। ଆଉ ବାରି ହୋଇ ଯାଏ, କାହିଁକି ପ୍ରସିଦ୍ଧ କଟକୀ ଦଶହରା। ଯାହାକୁ ଆମିଷ ବୋଲି କୁହାଯାଏ, ଏହି ସହରରେ ତାହା ପ୍ରସାଦ ଭାବେ ବଣ୍ଟା ଯାଏ। ଦେବୀ ଦୁର୍ଗାଙ୍କ ପାଖେ ମହାନବମୀରେ ମାଛ ଭୋଗ ଲାଗି ହୁଏ। ଗୁଆଘିଅ ଅନ୍ନ ସହିତ ପାଣି କଖାରୁରେ ପ୍ରସ୍ତୁତ ଖଟା ଏବଂ ମାଛ ଘାଣ୍ଟ ଦେବୀଙ୍କୁ ଅର୍ପଣ କରାଯିବା ପରେ ୨୦ହଜାର ଶ୍ରଦ୍ଧାଳୁ ଏହାକୁ ପ୍ରସାଦ ରୂପରେ ଗ୍ରହଣ କରନ୍ତି। ରୌପ୍ୟନଗରୀ କଟକରେ ରାଜା ଘର ମେଢ଼ କୁହାଯାଉଥିବା ଚାନ୍ଦିନୀଚୌକ ଅଞ୍ଚଳର ଏହି ପରମ୍ପରା, ଅନନ୍ୟ, ଅନବଦ୍ୟ ଏବଂ ଆକର୍ଷଣୀୟ..।

ବୈଷ୍ଣବୀ ପରମ୍ପରାରେ ପୂଜା ପାଆନ୍ତି ଚାନ୍ଦିନୀଚୌକରେ ଦେବୀ ଦୁର୍ଗା। ଏହି ସହରରେ ବଙ୍ଗୀୟ ଏବଂ ଉତ୍କଳୀୟ ପରମ୍ପରା ବି ପ୍ରଚଳିତ ହେଉଛି। କୁହାଯାଏ, ଚାନ୍ଦିନୀଚୌକରେ ଦଶହରା ୩୦୦ ବର୍ଷରୁ ଅଧିକ ଦିନର ପୁରୁଣା। ଏଠାରେ ରହୁଥିଲେ ଦର୍ପଣୀ ରାଜା। ରାଜାଭବନ ପାର୍ଶ୍ୱରେ ଥିବା ଖାଲି ସ୍ଥାନରେ ମା'ଙ୍କ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ଏଣୁ ଏହି ସାହିର ମେଢ଼କୁ ରାଜାଘର ମେଢ଼ ବୋଲି ବିବେଚନା କରାଯାଏ। ମହାଷ୍ଟମୀରେ ମା'ଙ୍କ ପାଖେ ପାଣି କଖାରୁ ବଳି ପଡେ। ବଳି ପଡ଼ିଥିବା ପାଣି କଖାରୁ ରଖାଯାଇଥାଏ ମହାନବମୀ ଦିନକୁ। ନବମୀ ସକାଳୁ ଏଠାରେ ମାଛଭୋଗ ଲାଗି ପ୍ରସ୍ତୁତି ହୁଏ। ପ୍ରାୟ ୨୦ହଜାର ଲୋକଙ୍କ ନିମନ୍ତେ ମାଛଭୋଗ ପ୍ରସ୍ତୁତ କରନ୍ତି ପୂଜା କମିଟିର ସଦସ୍ୟ। ମାଛରେ ଛିଞ୍ଚଡା ଭଳି ଏକ ବ୍ୟଞ୍ଜନ ପ୍ରସ୍ତୁତ ହୁଏ। ରଖାଯାଇଥିବା ପାଣି କଖାରୁରେ ଖଟା କରାଯାଏ। ତା' ସହିତ ହଳଦୀ ରଙ୍ଗର ଘିଅ ଅନ୍ନ ରନ୍ଧାଯାଏ। ପୀଠରେ ବିଜେ ଦଶଭୂଜା ଦେବୀ ଦୁର୍ଗାଙ୍କ ପାଖେ ଏହା ଲାଗି ହେବା ପରେ, ଏହା ପ୍ରସାଦରେ ପରିଣତ ହୋଇଯାଏ। ଏହି ପ୍ରସାଦ ପାଇବା



ପାଇଁ କଟକର ଅନେକ ସାହି ଲୋକେ ବର୍ଷବର୍ଷ ଧରି ଅପେକ୍ଷା ମଧ୍ୟ କରିଥାନ୍ତି। ମାଛ ଭୋଗ ନେବା ପାଇଁ ପୂର୍ବରୁ ବରାଦ ବି ଦିଆଯାଇଥାଏ। ଚାନ୍ଦିନୀଚୌକ ଅଞ୍ଚଳର ସମସ୍ତ ନିବାସୀଙ୍କ ଠାରୁ ଆରମ୍ଭ କରି କଟକର ଅନ୍ୟ ସାହିର ଲୋକେ ରାଜାଘର ମେଢ଼ରେ ପ୍ରସ୍ତୁତ ମାଛଭୋଗ ପ୍ରସାଦ ରୂପରେ ଗ୍ରହଣ କରନ୍ତି।



## ଦଶରା ଭିଡ଼ରେ ଜୀବନ ଗଲା

ଭୁବନେଶ୍ୱର, ୨୭।୯ (ସମିସ): ଦଶରା ଦୁର୍ଗାପୂଜା ଆରମ୍ଭ ହୋଇଯାଇଛି। ଏହି ଅବସରରେ ରାଜଧାନୀରେ ଭିଡ଼ ପରିଲକ୍ଷିତ ହୋଇଥିବା ବେଳେ ଟ୍ରାଫିକ୍ ସମସ୍ୟା ଉତ୍କଟ ହୋଇପଡ଼ିଛି। ଫଳରେ ବିଭିନ୍ନ ସ୍ଥାନରେ ଗୁରୁତର ଟ୍ରାଫିକ୍ ସମସ୍ୟା ଦେଖା ଦେଇଛି। ବରମୁଣ୍ଡା ଓଭରବ୍ରିଜ ପାର୍ଶ୍ୱ ସର୍ଭିସ୍ ରାସ୍ତାରେ ଏକ ଦୁର୍ଘଟଣା ଘଟିଛି। ଟ୍ରକ୍ ଧକ୍କାରେ ଜଣେ ବାଇକ୍ ଆରୋହୀ ପ୍ରାଣ ହରାଇଛନ୍ତି। ମୃତକ ହେଲେ ବରମୁଣ୍ଡା ଅଞ୍ଚଳରେ ରହୁଥିବା କେନ୍ଦୁଝରର ଭୀମ ସିଂ। ଦୁର୍ଘଟଣା ଫଳରେ ଉତ୍ତେଜନା

ସୂଚନା ମୁତାବକ, ଶନିବାର ରାତିରେ ଭୀମ ଏକ ବାଇକ୍ ଯୋଗେ ସର୍ଭିସ୍ ରାସ୍ତା ଦେଇ ଖଣ୍ଡଗିରିରୁ ବରମୁଣ୍ଡା ଆଡ଼କୁ ଆସୁଥିଲେ। ସେ ବରମୁଣ୍ଡା ଓଭରବ୍ରିଜ ପାଖରେ ପାଇଥିବା ବେଳେ ଏକ ଟ୍ରକ୍ ତାଙ୍କୁ ପଛରୁ ଧକ୍କା ଦେଇ ତାଙ୍କ ଉପରେ ଚଢ଼ି ଯାଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ଟ୍ରକଟି ଖସିଯିବାକୁ ଉଦ୍ୟମ କରିଥିଲା। ହେଲେ ସ୍ଥାନୀୟ ଲୋକେ ପିଛା କରି ତା'କୁ ଧରିବାରେ ସଫଳ ହୋଇଥିଲେ। ଭୀମଙ୍କ ମୃତ୍ୟୁପରେ ଘଟଣାସ୍ଥଳରେ ଉତ୍ତ?ଜନା ପ୍ରକାଶ ପାଇଥିଲା। ଉତ୍ୟକ୍ତ ଲୋକମାନେ ହୋହଲ୍ଲା କରିବାରୁ ସେହି ରାସ୍ତାରେ ଯାତାୟାତ ଠପ୍ ହୋଇ ଯାଇଥିଲା। ଫଳରେ ପ୍ରାୟ ଏକ ଘଣ୍ଟା ଧରି ଗାଡ଼ି ଚଳାଚଳ ପ୍ରଭାବିତ ହୋଇଥିଲା। ସ୍ଥାନୀୟ ଅଞ୍ଚଳରେ ଟ୍ରାଫିକ ପରିଚାଳନା ସଠିକ୍ ଭାବେ ହେଉନଥିବାରୁ ବାରମ୍ବାର ଏଭଳି ଦୁର୍ଘଟଣା ଘଟୁଛି ବୋଲି ଲୋକେ ଅଭିଯୋଗ କରିଥିଲେ। ଖବରପାଇ ଭରତପୁର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବାକୁ ଉଦ୍ୟମ କରିଥିଲା। ହେଲେ ଏଭଳି ଦୁର୍ଘଟଣା ପାଇଁ ଲୋକମାନେ ପରୋକ୍ଷରେ ପୁଲିସକୁ ଦାୟୀ କରିଥିଲେ। ପ୍ରାୟ ଏକ ଘଣ୍ଟା ଧରି ବୁଝାସୁଝା କରିବା ପରେ ସବୁକିଛି ସ୍ୱାଭାବିକ ହୋଇଥିଲା। ପୁଲିସ ମୃତଦେହକୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲା।

## ଟ୍ରେଡିଂ ମାୟାରେ ପଡ଼ି ୨୦ ଲକ୍ଷ ଗୋଲ୍

ଭୁବନେଶ୍ୱର, ୨୭।୯ (ସମିସ): ଟ୍ରେଡିଂ ମାୟାରେ ପଡ଼ି ଜଣେ ମହିଳା ହରାଇଛନ୍ତି ୨୦ ଲକ୍ଷ। ସାଇବର ଠକ ତାଙ୍କ ଆକାଉଣ୍ଟରୁ ଟଙ୍କା ସବୁ ଖାଲି କରି ଦେଇଛନ୍ତି। ଠକାମିର ଶିକାର ହୋଇଥିବା ଖାରବେଳନଗର ଅଞ୍ଚଳର ଉପାସନା ବେହେରା ସାଇବର ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ତାଙ୍କ ଅଭିଯୋଗ ଆଧାରରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ଏପରିକି ଟଙ୍କା ଯାଇଥିବା ଆକାଉଣ୍ଟକୁ ପୁଲିସ ଫ୍ରିଜ୍ କରି ଦେଇଥିଲେ ମଧ୍ୟ ସେଥିରେ ୪ହଜାର ଛାଡି ସବୁ ଠକ ଉଠାଇ ନେଇଛନ୍ତି।

ଅଭିଯୋଗ ଅନୁସାରେ, ଉପାସନାଙ୍କ ହ୍ୱାଟ୍ସଆପ୍ ନମ୍ବରକୁ ଏକ ଅଜଣା ନମ୍ବରରୁ ମେସେଜ୍ ଆସିଥିଲା। ସାଇବର ଠକ ତାଙ୍କୁ ଅନ୍‌ଲାଇନ୍ ଟ୍ରେଡିଂରେ ଟଙ୍କା ଲଗାଇ କୋଟିପତି ହେବାର ସ୍ୱପ୍ନ ଦେଖାଇଥିଲେ। ତାଙ୍କ ଏକ୍ସଏନ୍‌ୱାଇ ଟ୍ରେଡିଂ ଆପ୍‌ରେ ଟଙ୍କା ଲଗାଇବାକୁ କହିଥିଲେ। ଉପାସନା ପ୍ଲେ ଷ୍ଟୋରରୁ ଏହି ଆପ୍‌କୁ ଡାଉନ୍‌ଲୋଡ୍ କରିବା ପରେ ନିଜର ତଥ୍ୟ ଦେଇ ପଞ୍ଜିକରଣ କରିଥିଲେ। ପରେ ସେଥିରେ ଏକ ଲିଙ୍କ୍‌କୁ କ୍ଲିକ୍ କରି ଅନ୍‌ଲାଇନ୍ ପେମେଣ୍ଟ କରିଥିଲେ। ଏହିଭଳି ସେ ୨୦ ଲକ୍ଷ ଟଙ୍କା ପେମେଣ୍ଟ କରିଥିଲେ। କିନ୍ତୁ ଠକ କହିବାକୁ ଅନୁସାରେ ତାଙ୍କ ଆକାଉଣ୍ଟକୁ ଦୁଇଗୁଣା ଟଙ୍କା ଆସିଥିଲା। ଠକ ପୁଣି ଟଙ୍କା ଲଗାଇବା ପାଇଁ କହିବା ପରେ ଉପାସନା ଠକାମିର ଶିକାର ହୋଇଥିବା ଜାଣି ଥାନାର ଦ୍ୱାରସ୍ଥ ହୋଇଥିଲେ।

## ମହିଳା ଶ୍ରମିକଙ୍କୁ ଦୁଷ୍କର୍ମ; ରାଜମିସ୍ତ୍ରି ଗିରଫ

ଭୁବନେଶ୍ୱର, ୨୭।୯ (ସମିସ): ମହିଳା ଶ୍ରମିକଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗରେ ରାଜମିସ୍ତ୍ରିକୁ ଗିରଫ କରିଛି ଭରତପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ କାଇପଦର ଗାଁର ବଳରାମ ସୁନ୍ଦରାୟ ଓରଫ୍ କାଳିଆ (୩୮)।



ପୁଲିସ ସୂଚନାନୁସାରେ, କାଳିଆ ରାଜମିସ୍ତ୍ରି ହୋଇଥିବା ବେଳେ ପୀଡ଼ିତା ମହିଳା ଦିନମଜୁରିଆ ଭାବରେ କାମ କରୁଥିଲେ। କାମ ସମୟରେ ସେ ଉଭୟଙ୍କ ମଧ୍ୟରେ ପରିଚୟ ହୋଇଥିଲା। ପୀଡ଼ିତା ତାଙ୍କ ସ୍ୱାମୀଙ୍କ ସହିତ ମିଶି ତୃପ୍ତି ନଗର ଅଞ୍ଚଳରେ ଭଡ଼ା ରହୁଥିବା ବେଳେ କାଳିଆ ତାଙ୍କୁ ଏକ ସୁବିଧାଜନକ ତଥା ଭଲ ଘର ଖୋଜିଦେବା ଲାଗି ପ୍ରତିଶ୍ରୁତି ଦେଇଥିଲା। ପରବର୍ତ୍ତୀ ସମୟରେ ସମସ୍ତେ ଯାଇ କୋଳଥିଆ ଅଞ୍ଚଳରେ ଯାଇ ରହିଥିଲେ। ଅଭିଯୁକ୍ତ କାଳିଆ ପ୍ରାୟତଃ ତାଙ୍କ ଘରକୁ ଯିବାଆସିବା କରୁଥିଲା ଓ ଧୀରେ ଧୀରେ ସେମାନଙ୍କ ମଧ୍ୟରେ ସମ୍ପର୍କ ନିବିଡ଼ ହୋଇଥିଲା। କାଳିଆ ପୀଡ଼ିତାଙ୍କୁ ଛୁରି ଦେଖାଇ ଜୀବନରୁ ମାରିଦେବା ଲାଗି ଧମକ ଦେବା ସହ ତାଙ୍କ ସମ୍ମତି ବିନା ଏକାଧିକଥର ଦୁଷ୍କର୍ମ କରିଥିଲା। ଏନେଇ ପୀଡ଼ିତା ଭରତପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି କାଳିଆକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## କପରପ୍ଲେଟ୍ ଚୋରି ମାମଲାରେ ଦୁଇ ଗିରଫ

ନନ୍ଦନକାନନ, ୨୭।୯ (ସମିସ): ନନ୍ଦନକାନନ ଥାନା ନିକଟରେ ନିର୍ମାଣାଧୀନ ପ୍ରଶାନ୍ତି ହସ୍ପିଟାଲରୁ କପରପ୍ଲେଟ ଚୋରି ମାମଲାରେ ନନ୍ଦନକାନନ ଥାନା ପୁଲିସ ୨ଜଣ ଅଭିଯୁକ୍ତଙ୍କୁ ଗିରଫ୍ କରି କୋର୍ଟ ଚଲାଣ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ନନ୍ଦନକାନନ ଥାନା ପଦାସାହି ଗ୍ରାମର ଶିଖର ବେଉରା (୩୦) ଓ ଚୋରି ସାମଗ୍ରୀ ରଖିଥିବା ବାରଙ୍ଗ ଥାନା ସୀତାରାମ ବଜାରର କବାଡିଆ ସୁନୀଲ କୁମାର ଗୁପ୍ତା। ପୁଲିସ ସୂଚନା ଅନୁସାରେ ଗତ୨୧ତାରିଖ ଦିନ ନିର୍ମାଣଧୀନ ପ୍ରଶାନ୍ତୀ ହସ୍ପିଟାଲରୁ ୨କେଜି ୨ଶହ ଗ୍ରାମ ଓଜନର କପରପ୍ଲେଟ ଚୋରି ହୋଇଥିବା ନେଇ ହସ୍ପିଟାଲର ସୁରକ୍ଷା କର୍ମୀ ପ୍ରତାପ କୁମାର ଜେନା ନନ୍ଦନକାନନ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଅଭିଯୋଗ ଆଧାରରେ ତଦନ୍ତ କରି ଶିଖରକୁ ଗିରଫ୍ କରିଥିଲା। ପଚରାଉଚରା ବେଳେ ଶିଖରଠାରୁ ଚୋରି କପର ପ୍ଲେଟ କବାଡିଆ ଦୋକାନି ସୁନୀଲ କିଣିଥିବା ପୁଲିସ ଜାଣିବାକୁ ପାଇଛି।

# ଦେଶୀମଦ ଭାଟିରେ ଚଢ଼ଉ; ୪ ଗିରଫ

ଭୁବନେଶ୍ୱର, ୨୭।୯ (ସମିସ): ଚୋରା ମଦରେ ଭାସୁଛି ସାଲିଆସାହି। ପ୍ରତିଦିନ ଏଠାରେ ବିପୁଳ ପରିମାଣର ଦେଶୀ ମଦ ପ୍ରସ୍ତୁତ କରାଯାଉଛି। ଯାହାକୁ ପିଇ ଲୋକେ ବିଭିନ୍ନ ରୋଗରେ ପଡ଼ି ମୃତ୍ୟୁ ବରଣ କରୁଛନ୍ତି। ପୁଲିସ ଏବଂ ଅବକାରୀ ବିଭାଗ ବାରମ୍ବାର ଚଢଉ କରିଥିଲେ ମଧ୍ୟ ମଦ ମାଫିଆମାନେ ମଦ ପ୍ରସ୍ତୁତ କରୁଛନ୍ତି। ପୁଲିସ ଚଢଉ କଲେ ଏହି ଶ୍ରମିକ ଶ୍ରେଣୀର ଲୋକ ବନ୍ଧା ହୋଇ

- ମଦ ସହ ପୋକ ସାଲୁବାଲୁ ପୋଚ ଜବତ
- ବର୍ଷକ ଭିତରେ ୫ ଥର ରେଡ୍ ପରେ ବି ପ୍ରସ୍ତୁତ ହେଉଛି

ଜେଲଯାଉଛନ୍ତି। ପୂଜା ବଜାରରେ ଦେଶୀ ମଦ ଛାଡ଼ିବା ପାଇଁ ପ୍ରସ୍ତୁତ ଜୋରଦାର ଚାଲିଥିଲା। ହେଲେ ଖବର ପାଇ ଅବକାରୀ ବିଭାଗ ଚଢଉ କରି ବିପୁଳ ପରିମାଣର ଦେଶୀ ମଦକୁ ନଷ୍ଟ କରିବା ସହ ୪ଜଣଙ୍କୁ ଗିରଫ କରିଛି। ଯେଉଁମାନେ ସବୁ ଗିରଫ ହୋଇଛନ୍ତି ସେମାନେ ସବୁ ଶ୍ରମିକ ଶ୍ରେଣୀର। ଦିନ ହିସାବରେ ମଦ ମାଫିଆ ସେମାନଙ୍କୁ ଟଙ୍କା ଦେଉଛନ୍ତି। ପୁଲିସ ଏବଂ ଅବକାରୀ ବିଭାଗ ଚଢଉ କଲେ ଏହି ଗରିବ ଲୋକ ଫଶୁଛନ୍ତି।

ସିକ୍ରେଟ୍ ଚାମ୍ବରରେ ପ୍ରସ୍ତୁତ ହେଉଛି ଦେଶୀ ମଦ। ଘର ଭିତରକୁ ଗଲେ କେହିବି ଜାଣିପାରିବେ ନାହିଁ ସେଠାରେ ମଦ ପ୍ରସ୍ତୁତ ହେଉଛି ବୋଲି। ଶ୍ରମିକମାନେ କେବଳ ଏହି ସିକ୍ରେଟ ଚାମ୍ବର ଭିତରେ ରହି ମଦ ପ୍ରସ୍ତୁତ କରୁଛନ୍ତି। ବର୍ଷକ ଭିତରେ ୫ ଥର ରେଡ୍ ସହ ୨ ଥର ବଡ଼ ଆକ୍ସନ ପରେ ବି କାହିଁକି ବେଆଇନ୍ ମଦ କାରବାର ବନ୍ଦ ହେଇପାରୁନି ତାକୁ ନେଇ ପ୍ରଶ୍ନ ଉଠିଛି। ହେଲେ ଅବକାରୀ ଅଧୀକ୍ଷକଙ୍କ କହିବା କଥା ମୂଳ ଉପାଡ଼ିବା ଯାଏଁ ଆଗକୁ ବି ଜାରି ରହିବ ଅପରେସନ୍। ମଦ ତିଆରି ହେବା ପାଇଁ ରଖାଯାଇଥିବା ବ୍ୟାରେଲ ବ୍ୟାରେଲ ପୋଚରେ ପୋକ






ସାଲୁବାଲୁ ହେଉଛନ୍ତି। ଆଉ ପୂରା ସଂକ୍ରମିତ ଘରେ ପ୍ରସ୍ତୁତ ହେଉଛି ଦେଶୀ ମଦ। ଚଢଉ ବେଳେ ଚୁଲି ଉପରେ ବସିଛି ହାଣ୍ଡି। ଗ୍ୟାସ ଜଳୁଛି। ଆଉ ସେଥିରେ ପୋଚ ଫୁଟି ପାଇପ ମାଧ୍ୟମରେ ଏଥିରୁ ଏହିଭଳି ସଂଗୃହିତ ହେଉଛି ଦେଶୀ ମଦ। ହାଇଡ୍ରୋମିଟର ମାଧ୍ୟମରେ ଆଲକହଲ ପ୍ରତିଶତ ମାପି ବଜାରକୁ ଛଡା ଯାଉଛି। ଆଉ ଏଇଥିରୁ ଢୋକେ ଢୋକେ ମାରିଲେ ଲୋକ ରାସ୍ତାରେ ଗଡ଼ିବା ଏକ ପ୍ରକାର ଥୟ। ବଡ଼ କଥା ହେଉଛି ବାରମ୍ବାର ରେଡ ପରେ ବି ସ୍ଥିତି ଯାହାକୁ ତାହା। ଯେତେ ଭାଟି ଭଙ୍ଗା ହେଉଛି ସେତେ ଗଢ଼ା ହୋଇଚାଲିଛି ବେଧଡକ ବେପାର। ମଦଭାଟି ମାଲିକକୁ ପୂର୍ବରୁ ଅବକାରୀ ବିଭାଗ ଗିରଫ କରି କୋର୍ଟ ଚାଲାଣ କରିଥିଲା। ହେଲେ ଜେଲରୁ ଫେରିବା ପରେ ନୂଆ ଢଙ୍ଗରେ ଚାଲିଲା ଭାଟି। ପୂର୍ବରୁ ୨୦୨୪ ଅଗଷ୍ଟ ୨୪ ତାରିଖରେ କମିଶନରେଟ ପୁଲିସ ପକ୍ଷରୁ ରେଡ୍ ବେଳେ ସାମ୍ନାକୁ ଆସିଥିଲା ଦେଶୀ ମଦ ମାଫିଆଙ୍କ ସିକ୍ରେଟ ଚାମ୍ବର। ପାଖାପାଖି ୪ ଟି ଦେଶୀ ମଦଭାଟି ଉପରେ ଚଢ଼ାଉ ସହ ସେତେବେଳେ ହଜାର ହଜାର ଲିଟର ମଦ ଜବତ କରି ନଷ୍ଟ କରିଥିଲା, ମଦ ମାଫିଆଙ୍କ ଘରକୁ ଡୋଜର ଲଗାଇ ଭାଙ୍ଗିଥିଲା ପୋଲିସ। ସେହିଭଳି ୨୦୨୫ ମାର୍ଚ୍ଚ ୧୪ ତାରିଖରେ ମଧ୍ୟ ଭୁବନେଶ୍ୱର ଅବକାରୀ ବିଭାଗ ପକ୍ଷରୁ ମଧ୍ୟ ସେଇ ସାଲିଆସାହିରେ ରେଡରୁ ୬ଟି ଦେଶୀ ମଦ ଭାଟି ଠାବ କରାଯିବା ସହ ବ୍ୟାପକ ପରିମାଣର ପୋଚ ଓ ମଦ ନଷ୍ଟ କରାଯାଇଥିଲା। ଏପରିକି ବର୍ଷକ ମଧ୍ୟରେ ପାଖାପାଖି ୫ ଥର ରେଡ ପରେ ବି କେମିତି ପୁଣି କାରାବର ଚାଲିଛି ତାହା ସମସ୍ତଙ୍କୁ ତାଜୁବ କରୁଛି। ହେଲେ ଅବକାରୀ ଅଧୀକ୍ଷକଙ୍କ କହିବା କଥା ଏଥର ଚେର ନ ଉପୁଡ଼ିବା ଯାଏଁ ହେବ ଅପରେସନ୍। ରାଜ୍ୟ ସରକାରଙ୍କ କଡା ନିର୍ଦ୍ଦେଶ ଦେଇଛନ୍ତି। ଚୋରାମଦ କାରବାର ସହ ଅପମିଶ୍ରିତ ମଦ ବନ୍ଦ କରିବାକୁ କୁହାଯାଇଛି। ହେଲେ ଖୋଦ ରାଜଧାନୀ ସାଲିଆସାହିର ଏଭଳି ଅବସ୍ଥା ଦେଖିଲେ ସାରା ରାଜ୍ୟର ଚୋରା ମଦ କାରବାର କିଭଳି ଚାଲିଥିବା ଏଥିରୁ ସ୍ପଷ୍ଟ ଅନୁମେୟ ହେଉଛି।

### ଜାଗା ନିଲାମୀର ଭିଡିଓ ଭାଇରାଲ

# ଦୁଇ ସଂଗଠନ ମଧ୍ୟରେ ଛକ୍କାପଞ୍ଝା

ଭୁବନେଶ୍ୱର, ୨୭।୯ (ସମିସ): ଇନ୍‌ଫୋସିଟି ଥାନା ଅନ୍ତର୍ଗତ ପାର୍ଲେଜୀ ଗଳିରେ ଥିବା ରାସ୍ତା କଡ଼ ମୂଲ୍ୟବାନ ସରକାରୀ ଜମିକୁ ଦିନ ଦ୍ୱିପହରେ ନିଲାମ କରାଯିବା ସହ ଧର୍ମଗୁଳା ପକାଗଲା। ପାଲି ପଡ଼ି, ବୋଲି ଲାଗିବା ସହ ସରକାରୀ ଅଧିକାରୀଙ୍କ ଅନୁପସ୍ଥିତରେ ଜମିକୁ ଜବରଦଖଲ କରି କରାଯାଇ ଚୁନ ପକାଯାଇଥିଲା। ଏହାର ସମସ୍ତ ଭିଡିଓ ଭାଇରାଲ ହେବା ପରେ କାହିଁକି ଏହି ଭିଡିଓ ଭାଇରାଲ କରାଗଲା। କିଏ ଏହାକୁ ଭାଇରାଲ କରାଇଲା ଏହାକୁ ନେଇ ଆରମ୍ଭ ହୋଇଛି ଛକାପଞ୍ଝା। ଉଠାଦୋକାନୀଙ୍କ ଦୁଇଗୋଷ୍ଠୀ ପରସ୍ପର ବିରୋଧରେ ଆରେପ ପ୍ରତ୍ୟାରୋପ କରିଛନ୍ତି। ଅନ୍ୟପକ୍ଷରେ ସରକାରୀ ଜାଗା ଜବରଦଖଲକୁ ନେଇ ଭୁବନେଶ୍ୱର ମେୟର ସୁଲୋଚନା ଦାସ ମୁହଁ ଖୋଲିଛନ୍ତି। ସରକାରୀ ଜମିକୁ କେହି ଜବରଦଖଲ କରିପାରିବେ ନାହିଁ। ଏନେଇ ଏକ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ମିଳିବା ପରେ ଦୋଷୀଙ୍କ ବିରୋଧରେ ଆଇନ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସରକାରୀ ଜମି ଜବରଦଖଲକୁ ନେଇ ଖବର ପ୍ରସାରିତ ହେବା ପରେ ନିଖିଳ ଉତ୍କଳ କ୍ଷୁଦ୍ର ବ୍ୟବସାୟୀ ଭେଣ୍ଡି ଜୋନ୍ ମହାସଂଘ ସାମ୍ନାକୁ ଆସିଛି। ଶନିବାର ମହାସଂଘର କର୍ମକର୍ତ୍ତାଙ୍କ ପକ୍ଷରୁ ସମ୍ବାଦିକ ସମ୍ମିଳନୀ ଜରିଆରେ ରାସ୍ତାକଡ଼ ସରକାରୀ ଜମି ନିଲାମୀ ଏବଂ ଟଙ୍କା କାରବାରକୁ ମନା କରାଯାଇଛି। ତେବେ ଭିଡିଓ ଭାଇରାଲ ପଛରେ ନିଖିଳ ଓଡ଼ିଶା ଉଠାଦୋକାନୀ ମହାସଂଘର ସଭାପତି ପ୍ରତାପ ସାହୁ ହାତ ରହିଛି। ସେ ଟଙ୍କା ହେର ଫେର କରିଥିବା ଅଭିଯୋଗ କରିଛନ୍ତି।

ଅନ୍ୟପକ୍ଷରେ ଏହି ଘଟଣାରେ ନିଜ ପ୍ରତିକ୍ରିୟା ରଖିଛନ୍ତି ପ୍ରତାପ ସାହୁ। ସେ କହିଛନ୍ତି ଉତ୍କଳ କ୍ଷୁଦ୍ର ବ୍ୟବସାୟୀ ଭେଣ୍ଡି ଜୋନ୍ ମହାସଂଘର କର୍ମକର୍ତ୍ତାମାନେ

**ତଦନ୍ତ ଚାଲିଛି, କାର୍ଯ୍ୟାନୁଷ୍ଠାନ ହେବ: ମେୟର**

ପୂର୍ବରୁ ତାଙ୍କ ସହ କାମ କରୁଥିଲେ। ଉଚ୍ଚପଦସ୍ଥରେ ଥିବା ବ୍ୟକ୍ତିମାନେ ଆର୍ଥିକ ହେରଫେର କରିବା ପରେ ହିସାବ ମଗାଯାଇଥିଲା। ହେଲେ ଦେଇ ପାରି ନ ଥିଲେ। ଶେଷରେ ମହାସଂଘର ମହିଳା କର୍ମକର୍ତ୍ତାଙ୍କ ସହ ଦୁର୍ବ୍ୟବହାର କରିବାରୁ ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ମହାସଂଘରୁ ବାହାର କରାଯାଇଥିଲା। ପରବର୍ତ୍ତୀ ସମୟରେ ସେମାନେ ନୂଆ ସଂଗଠନ କରିଛନ୍ତି। ବିପିନ ଜେନା ମୋ ନାମରେ ମିଥ୍ୟା ପ୍ରଚାର କରାଯାଉଛି। ଏହି ଭିଡିଓର କ୍ରାଇମବ୍ରାଞ୍ଚ ତଦନ୍ତ କରାଯାଉ ବୋଲି ସେ ଦାବି କରିଛନ୍ତି।

ଅନ୍ୟପକ୍ଷରେ ବିଏମ୍‌ସି ଉତ୍ତର ମଣ୍ଡଳର ଜେଡିସିଙ୍କ ନିକଟରେ ଜଣେ ମହିଳା ଏହା ବିରୋଧରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ କିଛି ଲୋକ ସରକାରୀ ଜାଗା ଆବଣ୍ଟନ କଲେ। ହେଲେ ପ୍ରକୃତ ହିତାଧିକାରୀଙ୍କୁ ଦୋକାନ ଖଣ୍ଡେ କରିବାକୁ ସୁଯୋଗ ଦେଲେ ନାହିଁ। ପଚାରିବାକୁ ତାଙ୍କୁ ମାର୍‌ପିଟ୍ କରିବା ସହ ଗାଳିଗୁଲଜ କରିଥିଲେ।

ତେବେ ସରକାରୀ ଜାଗାକୁ ଦିନ ଦ୍ୱିପହରେ କିଭଳି ଜବରଦଖଲ କରାଗଲା। ବିଏମ୍‌ସି ଏଠାରେ ବସିବାକୁ କହିଥିଲା ବୋଲି କହୁଛନ୍ତି। ବିଏମ୍‌ସିର କେଉଁ ଅଧିକାରୀ ରାସ୍ତାକଡ଼ ସରକାରୀ ଜମିରେ ବସିବାକୁ କହିଥିଲା। କିଛି ଲୋକ କେଉଁ ଅଧିକାରୀଙ୍କ ସାହାସରେ ଗୁଳା ପକାଇଥିଲେ। ଏଭଳି କରିବା କଣ ଭୁବନେଶ୍ୱରରେ ନ୍ୟାୟ ସଂଗତ। ବିଏମ୍‌ସି ତଦନ୍ତ କ'ଣ ପାଇଁ ଏତେ ବିଳମ୍ବ ହେଉଛି। କିଏ ବିଏମ୍‌ସିରେ ଚାକିରି କରି ସରକାରୀ ଜଗାକୁ ଜବରଦଖଲକାରୀଙ୍କ ହାତକୁ ଟେକି ଦେଉଛି ବୋଲି ବିଭିନ୍ନ ମହଲରେ ପ୍ରଶ୍ନ କରାଯାଇଛି।

## କମଳା ନେହରୁ କଲେଜ ହଷ୍ଟେଲରେ ଅର୍ଥ ହେରଫେର

ଭୁବନେଶ୍ୱର, ୨୭।୯ (ସମିସ): କମଳା ନେହରୁ ମହିଳା ମହାବିଦ୍ୟାଳୟ ହଷ୍ଟେଲରେ ଆର୍ଥିକ ଅନିୟମିତତା ହୋଇଛି। ଏନେଇ କଲେଜ ଅଧ୍ୟକ୍ଷା ବିଭାସିନୀ ରଥ କ୍ୟାପିଟାଲ ଥାନାରେ ଅଭିଯୋଗ



କରିଛନ୍ତି। ଅଭିଯୋଗ ଅନୁଯାୟୀ, କମଳା ନେହରୁ ମହିଳା ମହାବିଦ୍ୟାଳୟର ହଷ୍ଟେଲରେ ରଶ୍ମିତା ସାମନ୍ତରାୟ ଅସ୍ଥାୟୀ ଅଧୀକ୍ଷକ ଭାବେ କାମ କରୁଥିଲେ। ହଷ୍ଟେଲ ଅନ୍ତେବାସୀଙ୍କ ସେପ୍ଟେମ୍ବର ମାସର ଖାଦ୍ୟ ବାବଦକୁ ମୋଟ ଏକଲକ୍ଷ ୩୮ ହଜାର ୧୦୦ ଟଙ୍କା ଆଦାୟ କରିଥିଲେ। ହେଲେ ଉକ୍ତ ଟଙ୍କାକୁ ହଷ୍ଟେଲ ଆକାଉଣ୍ଟରେ ଜମା କରି ନ ଥିଲେ। ଏଥିସହିତ କୌଣସି ଅଫିସିଆଲ୍ ନିର୍ଦ୍ଦେଶ ନଥାଇ ପ୍ରତ୍ୟେକ ଅନ୍ତେବାସୀଙ୍କ ଠାରୁ ୨୦ ଟଙ୍କା ଲେଖାଏଁ ଆଦାୟ କରିଥିଲେ। ଆର୍ଥିକ ଅନିୟମିତତା

**ସୁପରିନ୍‌ଟେଣ୍ଡେଣ୍ଟଙ୍କ ନାମରେ ମାମଲା**

ଓ ଟଙ୍କା ହଡ଼ପ ବାବଦରେ ଜଣାପଡ଼ିବା ପରେ ହଷ୍ଟେଲ ଓ ତଦନ୍ତ କମିଟି ଆଗରେ ରଶ୍ମିତା ଏସବୁ କଥା ସ୍ୱୀକାର କରିଥିଲେ। ହେଲେ ଟଙ୍କା ଫେରାଇବାକୁ ରୋକଠୋକ ମନା କରି ଦେଇଥିଲେ। ଏନେଇ କଲେଜ ଅଧ୍ୟକ୍ଷା ବିଭାସିନୀ ରଥ କ୍ୟାପିଟାଲ ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରି ତଦନ୍ତ କରୁଛି।






# ସୋସିଆଲ୍ ମିଡିଆରେ ଉସୁକାଉଛନ୍ତି ବ୍ଲଗର୍

ଭୁବନେଶ୍ୱର, ୨୭।୯ (ସମିସ): ଆଜିର ଯୁବପିଢି ସ୍ମାର୍ଟଫୋନରେ ଅଧିକ ସମୟ ଅତିବାହିତ କରୁଛନ୍ତି। ସେଠାରୁ କିଏ ଭଲ କଥା ଶିକ୍ଷା କରୁଥିବା ବେଳେ ଆଉ କିଏ ଖରାପ କଥାକୁ ଗ୍ରହଣ କରୁଛନ୍ତି। ଅନେକ ବ୍ଲଗର୍ ମଧ୍ୟ ମିଥ୍ୟା ଖବର ପ୍ରସାରଣ କରି ଚରିତ୍ର ସଂହାର କରିବା ସହ ଅଶ୍ଳୀଳ କଣ୍ଟେଣ୍ଟ୍ ପ୍ରସ୍ତୁତ କରି ସୋସିଆଲ ମିଡ଼ିଆରେ ଛାଡୁଛନ୍ତି। ଯାହାକୁ ନେଇ ଗଣ୍ଡଗୋଳ ସୃଷ୍ଟି ହେବା ସହ ଅନେକ ହତ୍ୟାକାଣ୍ଡ ଘଟୁଛି। ଆଜିର ଯୁବପିଢି ସୋସିଆଲ ମିଡିଆ ଇନଫ୍ଲୁଏନସରଙ୍କୁ ନିଜର ଆଇଡଲ୍ ବୋଲି ମାନୁଛନ୍ତି। କିନ୍ତୁ କିଛି ସୋସିଆଲ୍ ମିଡିଆ ଇନଫ୍ଲୁଏନସରଙ୍କ ପାଇଁ ଏବେ ରାଜ୍ୟ ତଥା ଦେଶ ବିପଦରେ। କାରଣ ସେମାନେ ସାମ୍ବାଦିକଙ୍କ ନାମରେ ଭିଡ଼ ଏବଂ ଗଣ୍ଡଗୋଳ ସ୍ଥାନରେ ଲୋକଙ୍କୁ ଉତ୍ତେଜିତ କରୁଛନ୍ତି କରି ଗଣ୍ଡଗୋଳକୁ ଉସୁକାଉଛନ୍ତି। ଯେଉଁଥିପାଇଁ ଦଙ୍ଗା ଏବଂ ହଣାକଟା ଭଳି ପରିସ୍ଥିତି ସୃଷ୍ଟି ହେଉଛି।



ନିକଟରେ ଏଭଳି ଘଟଣା କ୍ୟାପିଟାଲ ହସ୍ପିଟାଲରେ ଦେଖିବାକୁ ମିଳୁଛି। ଗତ କିଛିଦିନ ତଳେ କ୍ୟାପିଟାଲ୍ ହସ୍ପିଟାଲରେ ଶିଶୁ ମୃତ୍ୟୁକୁ ନେଇ ଉତ୍ତେଜନା ଦେଖିବାକୁ ମିଳିଥିଲା। ଡାକ୍ତରଙ୍କୁ ଅପ ବ୍ୟବହାର, ହସ୍ପିଟାଲରେ ଗଣ୍ଡୋଗୋଳ ସାଙ୍ଗକୁ ସିକ୍ୟୁରିଟି ଗାର୍ଡଙ୍କୁ ମାଡ ମାରି ମୁଣ୍ଡ ଫଟାଇଦେଇଥିବା ଭଳି ଘଟଣା ସାମ୍ନାକୁ ଆସିଥିଲା। ଆଉ ଏହି ପଛରେ ସୋସିଆଲ୍ ମିଡିଆ ଇନଫ୍ଲୁଏନସର୍ ଦୀପକ୍ ନାୟକଙ୍କୁ ଦାୟୀ କରାଯାଇଛି। ଦୀପକ ନାୟକ ଲୋକଙ୍କୁ ଉସକାଇ ଉତ୍ତେଜନା ସୃଷ୍ଟି କରିଥିବା ଅଭିଯୋଗରେ ପୁଲିସ ମଧ୍ୟ ତାଙ୍କୁ ଗିରଫ କରିଛି। କେବଳ ଦୀପକ ନୁହେଁ; ଏହିଭଳି କିଛି ଶସ୍ତା ବ୍ଲଗର ଖବର ସଂଗ୍ରହ ନାମରେ ଭିଡ଼ରେ ପଶି ନିଆଁରେ ଘିଅ ଢାଳୁଛନ୍ତି। ଅନେକ ବ୍ଲଗ୍‌ର ଅଛନ୍ତି ସେମାନେ ଏଭଳି ଭିଡ଼ରେ ନଶି ସୋସିଆଲ ମିଡ଼ିଆରେ ଅଶ୍ଳୀଳ ପୋଷ୍ଟ ଏବଂ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ଉତ୍ତେଜନା ସୃଷ୍ଟି କରୁଛନ୍ତି। ନିକଟରେ ଉଦିତ୍ ନାମରେ ଜଣେ ରୋଷ୍ଟର ସୋସିଆଲ ମିଡ଼ିଆରେ ଲୋକଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଧମକ ଦିଏ। ଏହିଭଳି ସେ ସୋସିଆଲ ମିଡ଼ିଆରେ ଗାଳିଗୁଲଜ ପାଇଁ ଜଣେ ଯୁବକଙ୍କୁ ଗୁଳିମାଡ଼ ପାଇଁ ଜେଲ ଯାଇଥିଲେ। ଜେଲରୁ ଫେରିବା ପରେ ମଧ୍ୟ ସେ ସୁଧୁରି ନ ଥିଲେ। ପୂର୍ବରୁ ଯେଉଁଭଳି ସୋସିଆଲ ମିଡ଼ିଆରେ ଗାଳିଗୁଲଜ କରନ୍ତି ସେହିଭଳି ବର୍ତ୍ତମାନ କରୁଛନ୍ତି। ସେମାନଙ୍କ ପାଟିରେ ନା ଅଛି ବନ୍ଧବାଡ଼ ନା କଟକଣା ଲଗାଇବା ପାଇଁ ଗାଇଡ୍‌ଲାଇନ୍। ଯାହା ପାଇଲେ କହିଲେ, ଯାହା ଚାହିଁଲେ କରିଲେ। ଅପରପକ୍ଷେ ବର୍ତ୍ତମାନ ଏହି ରୋଷ୍ଟର ଏବଂ ବ୍ଲଗରମାନେ ଟଙ୍କା ରୋଜଗାର ପାଇଁ ସୋସିଆଲ ମିଡ଼ିଆରେ ମହିଳା ଏବଂ ସରକାରୀ କର୍ମଚାରୀଙ୍କ ଚରିତ୍ର ସଂହାର କରୁଛନ୍ତି। ସେମାନଙ୍କୁ ଟାର୍ଗେଟ କରି ଏହି ବ୍ଲଗର୍‌ମାନେ ଗାଳିଗୁଲଜ କରୁଛନ୍ତି। ପରେ ଉକ୍ତ ବ୍ୟକ୍ତିଙ୍କୁ ବ୍ଲକମେଲିଂ କରି ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି। ତେବେ କେବେ ଏ ନେଇ ପୁଲିସ ପ୍ରଶାସନ ପକ୍ଷରୁ ମାର୍ଗଦର୍ଶିକା ଆସିବ ସେ ନେଇ ଉଠିଛି ପ୍ରଶ୍ନ।





# ପାର୍ବଣ ଥିମ୍ ଶାଢ଼ି ଦଶଭୁଜା

ଭୁବନେଶ୍ୱର, ୨୭।୯(ସମିସ): ଏବେ ପାର୍ବଣର ସମୟ। ଗାଁ ରୁ ସହର ମା'ଦଶଭୁଜାଙ୍କୁ ସ୍ୱାଗତ କରିବାରେ ଲାଗିପଡ଼ିଛନ୍ତି। ହେଲେ ଏହି ପାର୍ବଣରେ ବୁଲା ବୁଲି ସାଙ୍ଗକୁ ମେଳା ବୁଲିବା ଓ ମେଢ଼ ଦେଖିବା, ନୂଆ ନୂଆ ପୋଷାକ କିଣିବା, ଭଳିକି ଭଳି ଖାଦ୍ୟର ମଜା ସାଙ୍ଗକୁ ଜମିବ ପାର୍ବଣ। ଏହି ପାର୍ବଣ ମାହୋଲକୁ ଆଉ ଟିକେ ଅଧିକ ଅକର୍ଷଣୀୟ କରିବା ଦାଣ୍ଡିଆ ରାସ୍। ଏଣୁ ଏହି ପୂଜାରେ ଉଭୟ କର୍ମକ୍ଷେତ୍ର ଓ ବାହାର ପରିବେଶରେ ଅନ୍ୟଠାରୁ ଟିକେ ଭିନ୍ନ ଦେଖାଯିବା ପାଇଁ ସମକାଳୀନ ଓ କ୍ଲାସିକ୍ ଶୈଳୀର ଉତ୍କୃଷ୍ଟ ଡ଼ିଜାଇନ୍‌କୁ ପ୍ରତି





ଯୁବ ପିଢ଼ିଙ୍କ ଆକର୍ଷଣ ବଢ଼ୁଛି। ସମ୍ବଲପୁରୀ ସମେତ ସିଲ୍‌କୀ, ବୋମକାଇ, କାଞ୍ଜିବରମ୍ ଶାଢ଼ିରେ ପଟ୍ଟଚିତ୍ର ଡ଼ିଜାଇନ୍‌କୁ ନେଇ ଯୁବପିଢ଼ିଙ୍କ ବେଶ୍ ପସନ୍ଦ କରୁଛନ୍ତି। ପଟ୍ଟଚିତ୍ରରେ ମା' ଦୁର୍ଗାଙ୍କର ନବଦିନର ଫଟୋ ସହିତ, ପାଦଚିହ୍ନ, ସହିତ ମା'ଙ୍କର ମୁଖ ମଣ୍ଡଳ ଆଦି ଚିତ୍ରିତ ହେଉଛି। କେବଳ ଏତିକି ନୁହେଁ କିଛି ଶାଢ଼ୀରେ ମା' ଦଶଭୁଜାଙ୍କର ଆବାହନ, ମା' ଦଶଭୁଜା ରୂପ ସ୍ଥାନ ପାଉଛି। ଏହିସବୁ ଶାଢ଼ିର ମୂଲ୍ୟ ୧୦ ହଜାର ଟଙ୍କାରୁ ଆରମ୍ଭ ହୋଇ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ରହୁଛି। କେବଳ ଶାଢ଼ିରେ ନୁହେଁ ପୋଷାକ ଓ ଲେହେଙ୍ଗାରେ ମଧ୍ୟ ପଟ୍ଟଚିତ୍ରରେ ମା ଦୁର୍ଗାଙ୍କ ପ୍ରତିଛବି ଶୋଭା ପାଉଛି। ଉଭୟ ଅନ୍‌ଲାଇନ୍ ସମେତ ଚାହିଦା ମୁତାବକ ଡ଼ିଜାଇନ୍ ପାଇଁ ଲୋକେ ବୁଟିକ୍ ମୁହାଁ ହେଉଛନ୍ତି। ଏଥିପାଇଁ ପାର୍ବଣ ଆଗରୁ ବିଭିନ୍ନ ବୁଟିକ୍ ଡ୍ରେସ୍ ତିଆରି କରୁଥିବା କାରିଗରଙ୍କ ପାଖରେ ଭିଡ଼ ଅର୍ଡ଼ର ପାଇଁ ଭିଡ଼ ଯମୁଛି।

ସ୍ୱାତୀ ବୁଟିକ୍‌ର ସୀମା ରାଉତ କହିଛନ୍ତି ବର୍ତ୍ତମାନ ପୂଜା ପର୍ବରେ ସମସ୍ତେ ପାରମ୍ପରିକକୁ ଅଧିକ ଧ୍ୟାନ ଦେଉଛନ୍ତି। ଯେଉଁଥିପାଇଁ ଶାଢ଼ୀ, ଚୁଡ଼ିଦାର, ଓଢ଼ଣି ଆଦିରେ ବିଭିନ୍ନ ପୂଜାର ଥିମ୍‌କୁ ନେଇ ଚିତିତ୍ର କରାଯାଉଛି। ଗ୍ରାହକଙ୍କ ଚାହିଦା ଅନୁସାରେ ମା'ଙ୍କର ବିଭିନ୍ନ ବେଶ, ଆଖି, ମୁଖ ମଣ୍ଡଳ ସହ ପଶ୍ଚିମବଙ୍ଗର ସିନ୍ଦୂର ଖେଳ ଆଦିକୁ ସ୍ଥାନିତ କରାଯାଉଛି। ବ୍ଲାଉଜ୍‌ର ହାତ ଓ ପାଛପାଖରେ ଏହି ଆକର୍ଷଣୀୟ ଚିତ୍ରଣ କରାଯାଉଛି। ଚାହିଦା ଅନୁସାରେ ଏକ ହଜାର ଟଙ୍କାରୁ ଆରମ୍ଭ ହେଉଛି। ସାମାଜିକ ଗଣମାଧ୍ୟମରୁ ବିଭିନ୍ନ ପ୍ରକାରର ଡ଼ିଜାଇନ୍ ଦେଖି ଗ୍ରାହକମାନେ ଏକାଭଳି ଡ଼ିଜାଇନ୍ କରିବାକୁ କହୁଛନ୍ତି। ଏହା ବ୍ୟତୀତ କିଛି ପଶ୍ଚିମ ବଙ୍ଗ, ଗୁଜୁରାଟ, ରାଜସ୍ଥାନ ପରି ରାଜ୍ୟର ଲେହେଙ୍ଗା ମଧ୍ୟ ଚାହିଦା ରହିଚି। ସେହିପରି ପାର୍ବଣ ପାଇଁ ମାତାଙ୍କ ମୁଖମଣ୍ଡଳର ଡ଼ିଜାଇନ୍ ସହିତ କଉଡ଼ି, ମାଳି, ଓ ସ୍ୱସ୍ତିକ ଚିହ୍ନ ଥିବା ହାର ଓ କାନଫୁଲର ଚାହିଦା ରହିଛି। ଏହି ସବୁ ଅଳଙ୍କରର ଦାମ୍ ୨ଶହ ଟଙ୍କା ଆରମ୍ଭ ହୋଇ ୧ ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି। ରେଜିନ, କାଠ, ମାଟି ଆଦିରେ ପ୍ରସ୍ତୁତ ଏହି ଅଳଙ୍କାରକୁ ବହୁ ଯୁବ ପିଢ଼ି ଅନ୍‌ଲାଇନ୍ ଓ ଦୋକାନରୁ କ୍ରୟ କରୁଛନ୍ତି।

## ପାର୍ବଣରେ ଅଫର୍ ବର୍ଷା

ଭୁବନେଶ୍ୱର, ୨୭।୯(ସମିସ): ଆରମ୍ଭ ହୋଇଛି ପାର୍ବଣ ଋତୁ। ଏହାକୁ ଦୃଷ୍ଟିରେ ରଖି ବ୍ୟବସାୟୀମାନେ ଆରମ୍ଭ କରିଛନ୍ତି ତୁହାକୁ ତୁହା ଅଫର୍। କାରଣ ପାର୍ବଣ ସମୟକୁ ସବୁବର୍ଗର ଗ୍ରାହକମାନେ ଅପେକ୍ଷା କରିଥାନ୍ତି। ବିଶେଷ କରି ଦୁର୍ଗାପୂଜା, ଦୀପାବଳି ସମୟରେ ଦେଶର ବିଭିନ୍ନ ଇ-ବାଣିଜ୍ୟିକ କମ୍ପାନୀଗୁଡ଼ିକ ଗ୍ରାହକଙ୍କୁ ସେମାନଙ୍କର ସାମଗ୍ରୀ କ୍ରୟ କରିବାକୁ ଆକୃଷ୍ଟ କରିବା ପାଇଁ ବିଭିନ୍ନ ଅନଲାଇନ୍ ସିଫ ଆପରେ ବିଗ୍ ବିଲିୟନ୍ ଡେ' ଏବଂ ଗ୍ରେଟ୍ ଇଣ୍ଡିଆନ୍ ଫେଷ୍ଟିଭାଲ ଭଳି ଅଫର ଦେଇଥାନ୍ତି। ଯାହାକୁ ଉତ୍କଣ୍ଠାର ସହ ଅପେକ୍ଷା କରିଥାନ୍ତି ସମସ୍ତେ। କେଉଁ ସାମଗ୍ରୀ କେତେ ପରିମାଣର ବିକ୍ରି ହେବ ତାହାକୁ ନେଇ ଆରମ୍ଭ ହୋଇଛି ଏକପ୍ରକାର ପ୍ରତିଯୋଗିତା। ବ୍ୟସ୍ତବହୁଳ ସମୟରୁ କେହି ଅଫଲାଇନ୍‌ରେ ଦୋକାନରେ ଭିଡ଼ ଜମାଇବା ଅପେକ୍ଷା ଘରେ ବସି ନିଜ ସୁବିଧା ଓ ସମୟ ଅନୁସାରେ ମନପସନ୍ଦର ସାମଗ୍ରୀ ବାଛି ରଖିବା ସହ ଅଫର୍ ଆରମ୍ଭ ହେବା ମାତ୍ରେ ଗୋଟିଏ କ୍ଲିକରେ ଅର୍ଡର ପ୍ଲେସ୍ ହେଉଛି। ତେବେ ଏଥର ମୋବାଇଲ, ଟିଭି, ଫ୍ରିଜ୍, ୱାସିଂମେସିନ୍ ଆଦି ବୈଦ୍ୟୁତିକ ସାମଗ୍ରୀଗୁଡ଼ିକ ଉପରେ ବିଶେଷ ରିହାତି ରହିଛି। ସେହିପରି ଫେଶନ ଆପ୍‌ଗୁଡ଼ିକରେ ମଧ୍ୟ ପ୍ରସାଧପନ ସାମଗ୍ରୀ ଠାରୁ ଆରମ୍ଭ କରି ପୋଷାକ ଏବଂ ବିଭିନ୍ନ ସୌଖୀନ ସାମଗ୍ରୀ, ଘରୋଇ ଉପକରଣ, ଗ୍ରୋସରୀ ମଧ୍ୟ କିଣିବାକୁ ଅନେକ ପସନ୍ଦ କରୁଛନ୍ତି। ତେବେ ବିଗତ କିଛିବର୍ଷ ହେବ ଅନ୍‌ଲାଇଲ୍ ମାଧ୍ୟମରେ ବ୍ୟବସାୟର ଚାହିଦା ବୃଦ୍ଧି ପାଉଛି। ଗ୍ରାହକମାନଙ୍କ ପାଖରେ ବିଭିନ୍ନ ସାମଗ୍ରୀଗୁଡ଼ିକ ଯେପରି ସଠିକ୍ ଭାବରେ ପହଞ୍ଚି ପାରିବେ ସେ ନେଇ ଇ-ବାଣିଜ୍ୟ କମ୍ପାନୀଗୁଡ଼ିକ ସେମାନଙ୍କର ସାମଗ୍ରୀଗୁଡ଼ିକର ଗୁଣବତ୍ତା ଉପରେ ଧ୍ୟାନ ଦେଉଥିଲେ ବି ଅନେକ ଠକାମିର ଶିକାର ହୋଇଥାନ୍ତି।

## ପୁରୁଣା ସ୍ମୃତି ସବୁବେଳେ ସ୍ୱତନ୍ତ୍ର



ଗାଁ କେତେବେଳେ ନଈ, ନାଳ ଆଉ ତୋଟାର ଠିକଣା ପାଲଟେ ତ କେତେବେଳେ ଢିଙ୍କି କୁଟା ଚାଉଳର ବାସ୍ନା ମହକେ। ସେଠାରେ ଗଢ଼ି ହେଇଛି ଜୀବନର ଅଭୁଲା ସ୍ମୃତି। ଚିହ୍ନା ଅଚିହ୍ନା କେତେ ସମ୍ପର୍କ ଆଜି ବି ସେଇଠି ସାଇତା ହୋଇ ରହିଛି। ଭାଇ ବନ୍ଧୁ କୁଟୁମ୍ବଙ୍କ ମେଳିରେ ମଣିଷ ଶିଖିଛି ବାପା, ଭାଇ, ଦାଦା ପରି କେତେ ଡାକ।

ଏପରି ଜଣେ ଗାଁ ପ୍ରେମୀ ମହିଳା ହେଲେ କଲ୍ୟାଣୀ ପୃଷ୍ଟି। ନିଜ ଗାଁ କୁ ଶବ୍ଦରେ ସଜେଇ ପୁରୁଣା ସ୍ମୃତିର ବାକ୍ସକୁ ଯେପରି ପୁଣି ଖୋଲି ବସିଥିଲେ। ତାଙ୍କ ପ୍ରକୃତ ଘର ହେଲା ଖୋର୍ଦ୍ଧା ଜିଲ୍ଲାର ଦିଆଣପାଟଣା ଗ୍ରାମରେ। ହେଲେ ଦୀର୍ଘ ୧୮ ବର୍ଷ ହେବ ସେ ରାଜଧାନୀରେ ସହର ଉପରେ ରହୁଛନ୍ତି। ରବି ଟକିଜ୍ ଛକ ହେଉଛି ତାଙ୍କର ବର୍ତ୍ତମାନର ଠିକଣା। ସେ କୌଣସି କର୍ମମୟ

**ଆମେ ଗାଁରୁ ଆସିଛୁ**

ଜୀବନରେ ବାନ୍ଧି ହୋଇ ରହିନାହାନ୍ତି, ବରଂ ବିବାହ ପରେ ନିଜ ପରିବାର ସହ ରହୁଛନ୍ତି। ହେଲେ ଗାଁ ତାଙ୍କ ପାଇଁ ସବୁବେଳେ ସ୍ୱତନ୍ତ୍ର ବୋଲି ସେ କୁହନ୍ତି। ସେ ସମୟରେ ଗାଁ ବହୁତ ସୁନ୍ଦର ଥିଲା ହେଲେ ବର୍ତ୍ତମାନ ଯେପରି ସହରୀକରଣ ଗାଁର ସଞ୍ଜା ବଦଳାଇ ଦେଉଛି। ଏବେ ପର୍ବପର୍ବାଣୀରେ ଗାଁକୁ ଗଲେ ସବୁ ଯେମିତି ଅଧୁରା ଲାଗୁଛି। ସାଙ୍ଗସାଥୀ ମେଳରେ କେତେ ଖୁସି ଲାଗେ, ବାଡି ତୋଟା ବୁଲିବା ସାଙ୍ଗକୁ ବିରି ମୁଗ ତୋଳିବା ଏସବୁ ଏବେ ଯେମିତି ସ୍ୱପ୍ନ। ସହରୀ ସଭ୍ୟତାର ବେଗ ଗାଁରେ ପହଞ୍ଚିଲାଣି। ସେଥିପାଇଁ ଗାଁର ସ୍ନେହ ଭଲ ପାଇବା ଯେପରି ଏବେ ଫିକା ପଡ଼ିଗଲା ପରି ମନେ ହେଉଛି। ଗାଁର ଦୋଳ, ଘରେ ଘରେ ବନ୍ଧୁବାନ୍ଧବଙ୍କ ମେଳ ମନରେ ଖୁସି ଆଣିଦିଏ। ସବୁଜ କିଆରି, ଗାଁ ନଈନିଜ ସହ କେତେ କେତେ ସ୍ମୃତିକୁ ଜାବୁଡି ଧରିଛି। ଆଜି ବି ସେଠାକୁ ଗଲେ ସବୁକିଛି ମନେ ପଡ଼ିଯାଏ। ଧୀରେ ଧୀରେ ସମୟ ସହ ସମସ୍ତେ ଯେଝା କାମରେ ବ୍ୟସ୍ତ ହୋଇଗଲେଣି। କିନ୍ତୁ ଆଗରୁ ଯେତେବେଳେ କୋଉ ଝିଅ ବାହାଘର ହୁଏ। ଗାଁରେ ଏକ ପର୍ବ ଭଳଇ ଲାଗେ। କନିଆ ଡାକରାଠୁ ବିବାହ ପରେ ଘରକୁ ଫେରିଲେ ସାଇ ପଡ଼ିଶା ସୁ ପାଖକୁ ଡାକି କେତେ କଥା ପଚାରନ୍ତି, ସ୍ନେହ ଶ୍ରଦ୍ଧା ବାଣ୍ଟି ଥାନ୍ତି। ହେଲେ ଆଜିକାଲି କାହାରି ପାଇଁ ଯେମିତି କାହା ପାଖେ ସମୟ ନାହିଁ। ଗାଁ ରେ ନଈ ବଢ଼ି ଦେଖିଥିବା ଏ ଆଖି ହଳକ ଆଜି ସେଠାରେ ସହରୀକରଣର ପ୍ରଭାବ ଦେଖୁଛି। ସହର ଭଳି ସେଠି ମଧ୍ୟ ଏବେ ଆଗ ଭଳି ଭାଇ ଚାରା ଦେଖିବାକୁ ମିଳୁନି।

## ରାମକୃଷ୍ଣ ମିଶନରେ ଆଲୋଚନାଚକ୍ର




ଭୁବନେଶ୍ୱର, ୨୭।୯ (ସମିସ): ରାମକୃଷ୍ଣ ମିଶନ ଲାଇବ୍ରେରୀ ହଲରେ ମଠର ସହ ସମ୍ପାଦକ ସ୍ୱାମୀ ମହେଶାମନନ୍ଦଜୀଙ୍କ ଅଧ୍ୟକ୍ଷତାରେ ସ୍ୱାମୀ ବିବେକାନନ୍ଦଙ୍କ ଚିକାଗୋ ବକ୍ତୃତା ଏବଂ ଭାରତ ଉପରେ ଏହାର ପ୍ରଭାବ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟବକ୍ତା ଭାବରେ ବିବେକାନନ୍ଦ କେନ୍ଦ୍ର ଭୁବନେଶ୍ୱରର କର୍ମକର୍ତ୍ତା ଅନୂପ ମହାପାତ୍ର କହିଛନ୍ତି, ସ୍ୱାମୀ ବିବେକାନନ୍ଦ ଐତିହାସିକ ଭାଷଣ କେବଳ ଏକ ବକ୍ତୃତା ନ ଥିଲା ବରଂ ଏହା ଥିଲା ଭାରତର କଣ୍ଠସ୍ୱର। ତାଙ୍କର ଏହି ବକ୍ତୃତା ପରେ ଭାରତୀୟମାନେ ନିଜର ଐତିହ୍ୟ ଉପରେ ଗର୍ବ ଓ ଗୌରବ ଅନୁଭବ କରିଥିଲେ। ଅନ୍ୟତମ ବକ୍ତା ଭାବେ ବିବେକାନନ୍ଦ ଯୁବ ମହାମଣ୍ଡଳର କର୍ମକର୍ତ୍ତା ବିଶ୍ୱରଞ୍ଜନ ଶତପଥୀ ଯୋଗଦେଇ କହିଥିଲେ ସ୍ୱାମୀଜୀଙ୍କ ଭାଷଣ ଥିଲା ଭାରତମାତାଙ୍କ ଆତ୍ମାର ଆହ୍ୱାନ। ଏହା ଆତ୍ମବିଶ୍ୱାସ, ସମ୍ପ୍ରୀତି ଓ ମାନବସେବାର ବାର୍ତ୍ତା ଦେଲା ବୋଲି କହିଥିଲେ। ଏହି ସଭାରେ ସ୍ୱାମୀ ଅଦ୍ୱୟାନନ୍ଦ ପ୍ରାରମ୍ଭିକ ଭାଷଣ ଦେଇଥିବାବେଳେ ପରମେଶ୍ୱର ଧଳ ଧନ୍ୟବାଦ ଦେଇଥିଲେ।

## ବିଜେଡି ପକ୍ଷରୁ ଗୋପାଳଚନ୍ଦ୍ର ପ୍ରହରାଜଙ୍କ ଜୟନ୍ତୀ

ଭୁବନେଶ୍ୱର, ୨୭।୯ (ସମିସ): ଓଡ଼ିଆ ଭାଷାରେ ବିଭିନ୍ନ ଶବ୍ଦଜନିତ ଶଙ୍କା ସମାଧାନ କରିବା ପାଇଁ ଆମ ଭାଷା ଥିବା ଯାଏ ଆମେ ପୂର୍ଣ୍ଣଚନ୍ଦ୍ର ଭାଷାକୋଷ ଉପରେ ନିର୍ଭର କରୁଥିବା। ଏହି ଭାଷାକୋଷର ପ୍ରଣେତା ହେଲେ ସାରସ୍ୱତ ସାଧକ ତଥା ପ୍ରତିଷ୍ଠିତ ପ୍ରାବନ୍ଧିକ ଗୋପାଳ ଚନ୍ଦ୍ର ପ୍ରହରାଜ। ତାଙ୍କ ଉତ୍କଳୀୟ ବାଣୀଭଣ୍ଡାର ପ୍ରତି ରହିଥିବା ଅନବଦ୍ୟ ଅବଦାନ ଆମକୁ ଯୁଗ ଯୁଗ ଧରି ଗୌରବାନ୍ୱିତ କରୁଥିବ ବୋଲି ଶନିବାର ତାଙ୍କ ପବିତ୍ର ଜୟନ୍ତୀ ସମାରୋହରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ।

ଏଜି ଛକଠାରେ ଅବସ୍ଥିତ ତାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥଳରେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ଦ୍ୱାରା ଜୟନ୍ତୀ ସମାରୋହ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି ଓ ସଭାର ପ୍ରାରମ୍ଭରେ ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ ଉପରେ ଲିଖିତ କବିତା ଆବୃତ୍ତି କରିଥିଲେ ଶିକ୍ଷାବିତ୍ କାମଦେବ ମହାପାତ୍ର। ସୁନା ରାମ ସିଂ, ମନୋରଞ୍ଜନ ମହାନ୍ତି, ଅକ୍ଷୟ କୁମାର ସାହୁ, ସୁରଜିତ ପରିଡ଼ା, ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାତାଳ ସିଂ, ଗିରିଜା ଶଙ୍କର ମହାପାତ୍ର ପ୍ରମୁଖ ଯୋଗଦେଇ ବରପୁତ୍ରଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଶେଷରେ ଅମିତ୍ ପାତାଳ ସିଂ ଧନ୍ୟବାଦ୍ ଦେଇଥିଲେ।




## ଗୌତମ ସୋଲାର ପକ୍ଷରୁ ଜି୨ଜି ଓ ଜି୨ଟିବି ପ୍ୟାନେଲ ସଚେତନତା

ଭୁବନେଶ୍ୱର, ୨୭।୯ (ସମିସ): ସୋଲାର ମଡ୍ୟୁଲ ନିର୍ମାତା ଗୌତମ ସୋଲାର ପକ୍ଷରୁ 'ଗ୍ଲାସ-ଟୁ-ଗ୍ଲାସ (ଜି୨ଜି) ବନମ ଗ୍ଲାସ-ଟୁ-ଟ୍ରାନ୍ସପରେଣ୍ଟ- ବ୍ୟାକସିଟ (ଜି୨ଟିବି) ସୋଲାର ମଡ୍ୟୁଲସ୍' ଶୀର୍ଷକ ଏକ ଗୁରୁତ୍ୱପୂର୍ଣ୍ଣ ଶ୍ୱେତପତ୍ର (ହ୍ୱାଇଟପେପର)ର ଉନ୍ମୋଚନ କରାଯାଇଛି। ହୋଟେଲ ଲେମନ ଟ୍ରି ପ୍ରେମିୟରଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କମ୍ପାନୀ ଏହି ଶ୍ୱେତପତ୍ରର ଶୁଭାରମ୍ଭ କରିଛି ଯାହା ଦୁଇଟି ବାଇଫେସିଆଲ ପିଭି ମଡ୍ୟୁଲ ଟେକ୍ନୋଲୋଜିର ଏକ ବିସ୍ତୃତ ତୁଳନା ପ୍ରଦାନ କରିଛି। ଏହି ଅବସରରେ ଗୌତମ ସୋଲାରର ସିଇଓ ଗୌତମ ମୋହଙ୍କା କହିଛନ୍ତି, ସୋଲାର ଶିଳ୍ପରେ ବାଇଫେସିଆଲ ମଡ୍ୟୁଲଗୁଡ଼ିକର ଦ୍ରୁତ ଗ୍ରହଣୀୟତା ଦେଖିବାକୁ ମିଳୁଛି। କିନ୍ତୁ ଗ୍ଲାସ-ଟୁ-ଗ୍ଲାସ ବନାମ ଗ୍ଲାସ-ଟୁ-ଟ୍ରାନ୍ସପରେଂଟ-ବ୍ୟାକସିଟ ମଡ୍ୟୁଲଗୁଡ଼ିକର ଅନୁକୂଳତା ଓ କାର୍ଯ୍ୟଦକ୍ଷତାକୁ ନେଇ ଦ୍ୱନ୍ଦ ଜାରି ରହିଛି। ଏହି ଶ୍ୱେତପତ୍ର ସହିତ ଆମେ ହିତାଧିକାରୀମାନନଙ୍କୁ ସେମାନଙ୍କର ପ୍ରକଳ୍ପ ଆବଶ୍ୟକତା ଉପରେ ଆଧାର କରି ସୂଚିନ୍ତିତ ନିଷ୍ପତ୍ତି ନେବାରେ ସାହାଯ୍ୟ କରିବା ପାଇଁ ଏକ ସ୍ୱଷ୍ଟ, ନିରପେକ୍ଷ ଓ ବୈଷୟିକ ତୁଳନା ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛୁ। ଆମର ଲକ୍ଷ୍ୟ ହେଉଛି ହିତାଧିକାରୀମାନେ ଯେପରି ନିଜ ପ୍ରକଳ୍ପ ପାଇଁ ସବୁଠାରୁ ଉପଯୁକ୍ତ ଟେକ୍ନୋଲୋଜି ଚୟନ କରିବା ପାଇଁ ସଠିକ ସୂଚନା ସହ ସଶକ୍ତ ହେବେ ତାହା ସୁନିଶ୍ଚିତ କରିବା। ଗୌତମ ସୋଲାର ଦୀର୍ଘକାଳୀନ କାର୍ଯ୍ୟଦକ୍ଷତା ଓ ନିର୍ଭରଯୋଗ୍ୟତା ନିଶ୍ଚିତ କରିବା ପାଇଁ ଖର୍ଚ୍ଚ ବାହାରେ ମୂଲ୍ୟାଙ୍କନର ମହତ୍ୱ ଉପରେ ଗୁରୁତ୍ୱ ଦେଉଛି।



## ବିଏମ୍‌ସିର ଦ୍ୱିତୀୟ ସଫେଇ ମିତ୍ର ସୁରକ୍ଷା ଶିବିର

ଭୁବନେଶ୍ୱର, ୨୭।୯(ସମିସ): ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅଧୀନରେ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ସଫେଇ ମିତ୍ର ସୁରକ୍ଷା ଶିବିର, ବଡଗଡ଼ସ୍ଥିତ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ମେୟର ସୁଲୋଚନା ଦାସ ଯୋଗଦେଇ ଶିବିରର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଏମ୍‌ସି ଅତିରିକ୍ତ କମିସନର ରତ୍ନାକର ସାହୁ, ପରିମଳ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୂପକାର, ସ୍ଥାନୀୟ କର୍ପୋରେଟର ଅଜିତ୍ ବେହେରାଙ୍କ ସହ ଟିମ୍ ବିଏମ୍‌ସି ଉପସ୍ଥିତ ଥିଲେ। ହାଇଟେକ୍ ମେଡିକାଲ କଲେଜ ପକ୍ଷରୁ ସଫେଇ ମିତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ମାଗଣା ଔଷଧ ପ୍ରଦାନ କରାଯାଇଥିଲା। ହାଇଟେକ୍ ମେଡିକାଲ କଲେଜର ଉପସଭାପତି ମନୋଜ କୁମାର ଦାଶଙ୍କ ତତ୍ତ୍ୱାବଧାନରେ ସମସ୍ତ ବିଭାଗର ଡାକ୍ତର, ସ୍ୱାସ୍ଥ୍ୟକର୍ମୀ, ଲାବ୍ ଟେକ୍ନିସିଆନ ଉପସ୍ଥିତ ଥିଲେ। ରକ୍ତ ପରୀକ୍ଷାଠାରୁ ଆରମ୍ଭ କରି ବିଭିନ୍ନ ରୋଗର ପରୀକ୍ଷାନିରୀକ୍ଷା ଅତ୍ୟାଧୁନିକ ଯନ୍ତ୍ର ସହାୟତାରେ କରାଯାଇଥିଲା। ଆଜି ଦ୍ୱିତୀୟ ଦିନରେ ୮୪୫ ଜଣ ସଫେଇ ମିତ୍ର ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଇଛନ୍ତି। ଆଜି ସାଉଥ-ଓ୍ୱେଷ୍ଟ ଅନ୍ତର୍ଗତ ବଡଗଡ଼ କଲ୍ୟାଣ ମଣ୍ଡପଠାରେ ଏବଂ ୨୮ ତାରିଖ ଦିନ ନର୍ଥ ବା ଉତ୍ତର ଜୋନର ଚନ୍ଦ୍ର ଶେଖରପୁର କଲ୍ୟାଣ ମଣ୍ଡପଠାରେ ଏହି ସଫେଇ ମିତ୍ର ସୁରକ୍ଷା ଶିବିର ଅନୁଷ୍ଠିତ ହେବ। ସେଠାରେ ସାଧାରଣ ଚେକ୍ ଅପ୍ ପରେ ଆଉଥରେ ବିଭିନ୍ନ ବିଭାଗର ସ୍ପେସିଆଲିଷ୍ଟଙ୍କୁ ନେଇ ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ ବୋଲି କହିଛନ୍ତି ମେୟର।

## ଓଇଏସ୍, ଷ୍ଟେଟ୍ ବ୍ୟାଙ୍କ୍ ପକ୍ଷରୁ ଆଦର୍ଶ ବିଦ୍ୟାଳୟରେ ଚାରାରୋପଣ




ଭୁବନେଶ୍ୱର, ୨୭।୯(ସମିସ): ଓଡ଼ିଶା ପରିବେଶ ସମିତି, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍, ଭୁବନେଶ୍ୱର ଲୋକାଲ୍ ହେଡ୍ ଅଫିସର ପୃଷ୍ଠପୋଷକତାରେ ରାଜ୍ୟର ବିଭିନ୍ନ ଅନୁଷ୍ଠାନ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ କରିଆସୁଛି। ଏହି କ୍ରମରେ ଶୁକ୍ରବାର ଗୋବିନ୍ଦପୁରସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଭାଗୃହରେ ସଭାକାର୍ଯ୍ୟ ହେବା ସହିତ ପ୍ରାଙ୍ଗଣରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଭାଗୃହରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ ବିଦ୍ୟାଳୟର ଅଧ୍ୟକ୍ଷ ବିଭୁତି ଭୂଷଣ ମଣ୍ଡଳ ଓ ମୁଖ୍ୟ ଅତିଥି ରୂପେ ଓଇଏସ୍ କାର୍ଯ୍ୟକାରୀ ସଭାପତି ଡ଼. ଜୟକୃଷ୍ଣ ପାଣିଗ୍ରାହୀ ଏବଂ ସମ୍ମାନିତ ଅତିଥି ରୂପେ ପିପିଲି ଷ୍ଟେଟ୍ ବ୍ୟାଙ୍କ୍‌ର ମୁଖ୍ୟ ପରିଚାଳକ ସୁବ୍ରତ ଷଡ଼ଙ୍ଗୀ ଯୋଗଦାନ କରିଥିଲେ। ଓଇଏସ୍ ଉପସଭାପତି ଡ଼. ଲାଲା ଏକେ ସିଂହ, ସଂଯୋଜକ ନୀରଦ ବରଣ ଖୁଣ୍ଟିଆ, ସଦସ୍ୟ ପ୍ର. ନିମାଇଁ ଚରଣ ମିଶ୍ର ଯୋଗଦାନ କରି ଛାତ୍ରଛାତ୍ରୀମାନଙ୍କୁ ବୃକ୍ଷରୋପଣର ଗୁରୁତ୍ୱ ଉପରେ ଭାଷଣ ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପରିବେଶ କୁଇଜ୍ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ଶିକ୍ଷୟିତ୍ରୀ ଅଙ୍କିତା ବେହେରା। ଏହି ଅବସରରେ ବିଦ୍ୟାଳୟ ପରିସରରେ ୨୫୦ରୁ ଅଧିକ ଚାରାରୋପଣ କରାଯାଇଥିଲ।

## ନୂତନ ପଞ୍ଚାୟତ ଗଠନ ଦାବି

ବାଲିଅନ୍ତା, ୨୭।୯(ସମିସ): ବାୟାଁପଦା, ଚଢେଇବର, ସିଙ୍ଗିରିଶାସନ, ପାଣିକଟା ଓ ବିଶୁନିଆପଡ଼ା ଏହି ୫ଟି ରାଜସ୍ୱ ଗ୍ରାମକୁ ନେଇ ଏକ ନୂତନ ଗ୍ରାମ ପଞ୍ଚାୟତ ଗଠନ ନିମନ୍ତେ ଦାବି ଜୋର ଧରିଛି। ଏଥି ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଶ୍ରୀ ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣ, ପାଣିକଟା ଠାରେ ଅନୁଷ୍ଠିତ ହୋଇଯାଇଅଛି। ଜୟରାମ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ସଭାରେ ଗ୍ରାମର ଅନେକ ଯୁବକ, ଗୁରୁଜନ, ବରିଷ୍ଠ ନାଗରିକ ଓ ବୁଦ୍ଧିଜୀବୀ ଯୋଗ ଦେଇଥିଲେ। ଭୌଗୋଳିକ ସ୍ଥିତିରୁ ଏହି ଗ୍ରାମଗୁଡ଼ିକୁ ନେଇ ଏକ ନୂତନ ପଞ୍ଚାୟତ ଗଠନ ହେବା ନିହାତି ଆବଶ୍ୟକ ବୋଲି ସମସ୍ତେ ମତ ରଖିଥିଲେ। ଘରେ ଘରେ ଦସ୍ତଖତ ଅଭିଯାନ ଆରମ୍ଭ କରାଯାଇଛି। ଆଗାମୀ ଦିନରେ ଏହି ଦାବି କୁ ଜୋରଦାର କରିବା ସହ ସରକାରଙ୍କ ନିକଟରେ ଦାବିପତ୍ର ପ୍ରଦାନ କରାଯିବା ପାଇଁ ନିଷ୍ପତି ହୋଇଛି। ଯୁବନେତା ତଥା ସମାଜସେବୀ ପ୍ରଦୀପ୍ତ କୁମାର ମହାନ୍ତି ସଭା ପରିଚାଳନା କରିଥିବା ବେଳେ ବରିଷ୍ଠ ନାଗରିକ ଜନ୍ମେଜୟ ସ୍ୱାଇଁ, ସୁରେନ୍ଦ୍ର ନାୟକ, ଅଭିମନ୍ୟୁ ଜେନା ପ୍ରମୁଖ ନିଜର ମତାମତ ରଖିଥିଲେ।

## ବିଆଇଆଇଟିଏମ୍ ପକ୍ଷରୁ 'ଜଶନ-୨୦୨୫'



ଭୁବନେଶ୍ୱର, ୨୭।୯(ସମିସ): ବିଜୁ ପଟ୍ଟନାୟକ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇନଫରମେସନ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ ଷ୍ଟଡିଜ (ବିଆଇଆଇଟିଏମ)ର ବାର୍ଷିକ ଉତ୍ସବ ଅବସରରେ ବାର୍ଷିକ ଫ୍ଲାଗସିପ୍ ଇଭେଣ୍ଟ, ଜଶନ ୨୦୨୫ ଭୁବନେଶ୍ୱରର ରେଳ ଅଡିଟୋରିୟମରେ ଆୟୋଜନ କରିଥିଲା। ଏଥିରେ ବିଆଇଆଇଟିଏମର ଅଧ୍ୟକ୍ଷ ପ୍ରଫେସର ମିହିର ରଞ୍ଜନ ନାୟକ ବାର୍ଷିକ ରିପୋର୍ଟ ୨୦୨୪-୨୫ ଉପସ୍ଥାପନ କରିଥିଲା ବେଳେ ପ୍ରଫେସର ଚିନ୍ମୟ କୁମାର ଦାସ, ଡିନ୍ (ଏକାଡେମିକ୍) ଏବଂ ପ୍ରଫେସର ପ୍ରତାପ ରୁଦ୍ର ପଟ୍ଟାନାୟକ, ପରାମର୍ଶଦାତା (ଏକାଡେମିକ୍) ଏକାଡେମିକ୍ ଉତ୍କର୍ଷତା ଏବଂ ଭବିଷ୍ୟତ ନେତୃତ୍ୱ ଗଠନରେ ସାମଗ୍ରିକ ଶିକ୍ଷାର ଭୂମିକା ଉପରେ ଅଭିଭାଷଣ ପ୍ରଦାନ କରିଥିଲେ। ଆଇଆଇଆଇଟି ବିଶ୍ୱବିଦ୍ୟାଳୟର ମହାନିର୍ଦ୍ଦେଶକ (ଗବେଷଣା ଓ ବିକାଶ ଏବଂ ନବସୃଜନ) ପ୍ରଫେସର ମୃତ୍ୟୁଞ୍ଜୟ ସୁଆର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବା ବେଳେ ବିପିୟୁଟି ରାଉରକେଲା ପାଠ୍ୟକ୍ରମ ବିକାଶର ନିର୍ଦ୍ଦେଶକ ପ୍ରଫେସର ସୁଜିତ କୁମାର ଖୁଣ୍ଟିଆ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ପ୍ରମୁଖ ଆକର୍ଷଣ ଥିଲା ପ୍ରଫେସର ସଞ୍ଜୀବ କୁମାର ଦେ ଏବଂ ପ୍ରଫେସର ଦେବବ୍ରତ ଶର୍ମାଙ୍କ ଦ୍ୱାରା ଲିଖିତ 'ଜିଏସଟି ଏବଂ ଅନ୍ୟାନ୍ୟ ପରୋକ୍ଷ ଟିକସ, ସୀମା ଶୁଳ୍କ' ପୁସ୍ତକର ଉନ୍ମୋଚନ।।

## ସମବାୟ ବିଭାଗ ସାଂସ୍କୃତିକ ପରିଷଦ ପକ୍ଷରୁ ଶାରଦୀୟ ଉତ୍ସବ

ଭୁବନେଶ୍ୱର, ୨୭।୯(ସମିସ): ସମବାୟ ବିଭାଗ ସାଂସ୍କୃତିକ ପରିଷଦ ପକ୍ଷରୁ ଶୁକ୍ରବାର ଶାରଦୀୟ ଉତ୍ସବ ପାଳନ କରଯାଇଥିଲା। ଏହି ପାର୍ବଣ ଅବସରରେ ସତ୍ୟର ଅସତ୍ୟ ଉପରେ ବିଜୟର ସନ୍ଦେଶ ଦେବା ସହ ଏକତାର ସ୍ମରଣ କରଯାଇଥିଲା। ଆଗାମୀ ଦିନରେ ସମସ୍ତ ସହକର୍ମୀଙ୍କ ନିମନ୍ତେ ଖୁସି ଓ ସମୃଦ୍ଧି ଆଣିବା ନିମନ୍ତେ ଆଶୁ କାମନା କରଯାଇଥିଲା। ଉକ୍ତ ଅବସରରେ ସମବାୟ ବିଭାଗ ସାଂସ୍କୃତିକ ପରିଷଦର ସଭାପତି କେ ରବିକୁମାର ଓ ସାଧାରଣ ସମ୍ପାଦକ ଇଲାପ କୁମାର ସ୍ୱାଇଁ ଉପସ୍ଥିତ ରହି ସମସ୍ତ ସଭ୍ୟ ଓ ସଭ୍ୟା ମାନଙ୍କୁ ଉତ୍ସାହିତ କରିଥିଲେ।

## ୧୨୩ ମାରାଥନ୍ ଦୌଡ଼ିଲେଣି ଦୁଃଖିଶ୍ୟାମ

ଭୁବନେଶ୍ୱର, ୨୭।୯(ସମିସ): ଦୃଢ଼ ଇଚ୍ଛାଶକ୍ତି ଓ ସାଧନା ପାଖରେ ବୟସ କେବଳ ମାତ୍ର ଏକ ସଂଖ୍ୟା ବୋଲି ପ୍ରମାଣିତ କରିଛନ୍ତି ୭୬ ବର୍ଷିୟ ବୃଦ୍ଧା ଦୁଃଖିଶ୍ୟାମ ପାଢ଼ୀ। ଏପର୍ଯ୍ୟନ୍ତ ମୋଟ୍ ୧୨୩ଟି ମାରାଥନ୍‌ରେ ଅଂଶଗ୍ରହଣ କରିଥିବା ବେଳେ ୪୦ଟିରେ ମେଡାଲ ଜିତିଛନ୍ତି। ଏହାସହ ୩୦ ହଜାର ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ପୁରସ୍କାର ରାଶି ମଧ୍ୟ ହାତେଇଛନ୍ତି ଦୁଃଖିଶ୍ୟାମ। ଶୁକ୍ରବାର ଭୁବନେଶ୍ୱରରେ ଆୟୋଜିତ ଏକ ତାଙ୍କର ସଫଳତା ପାଇଁ ସମ୍ବର୍ଦ୍ଧିତ କରାଯାଇଛି।

ଦୁଃଖିଶ୍ୟାମ ପରିବାର ସହ ପଟିଆରେ ନିଜଘରେ ବାସ କରନ୍ତି। ସେ ରେଭେନ୍ସା ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର କରିବା ପରେ ମଧୁସୂଦନ ଲ' କଲେଜରେ ଏଲ୍‌ଏଲ୍‌ବି ଶେଷ କରି ବମ୍ବେରେ ଟ୍ରାଭେଲ ମ୍ୟାଜେମେଣ୍ଟ ପାଠ ପଢ଼ିଥିଲେ। ଚାକିରି ପାଇବା ପରେ ଗଲ୍ ଦେଶ ଗୁଡ଼ିକ ବୁଲିବା ପରେ ବମ୍ବେରୁ ଚାକିରିରୁ ଅବସର ନେଇ ଭୁବନେଶ୍ୱର ଚାଲିଆସିଥିଲେ। ୨୦୧୭ରେ ପ୍ରଥମ ଥର ଓଡ଼ିଶାରେ ଟାଟା ଷ୍ଟିଲ ଦ୍ୱାରା ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗ ସହଯୋଗରେ ଆୟୋଜିତ ମାରାଥନରେ ଅଂଶଗ୍ରହଣ କରି ୬୬ ବର୍ଷରେ ୨୧ କିଲୋମିଟର ଦୌଡ଼ିଥିଲେ ଦୁଃଖିଶ୍ୟାମ। ଏହାପରେ ହାଇଦ୍ରାବଦରେ ଆୟାଜିତ ୨୧ କିଲୋମିଟର ମାରାଥନ୍‌ରେ

**୭୬ ବର୍ଷରେ ପାଇଲେଣି ୪୦ ମେଡାଲ୍**

ଦୌଡ଼ି ପ୍ରଥମ ସ୍ଥାନ କରିବା ପରେ ବେଙ୍ଗାଲୁର ଏକ ମାରାଥନରେ ଦ୍ୱିତୀୟସ୍ଥାନ ଅଧିକାର କରିଥିଲେ। ତେବେ ମୁମ୍ବାଇରେ ଆୟୋଜିତ ହେଉଥିବା ଏସିଆର ସବୁଠାରୁ ବଡ଼ ମାରାଥନ୍‌ରେ ୪୪କିଲୋମିଟର ଅତିକ୍ରମ କରିବାକୁ ୭ଘଣ୍ଟା ଅବଧି ରହିଥିବା ବେଳେ ୫ଘଣ୍ଟାରେ ପହଞ୍ଚିଥିଲେ। ଏହାପରେ ପରବର୍ତ୍ତୀ ସମୟରେ ସହିଠାରୁ ୭୫ବର୍ଷ ବୟସରେ ଦ୍ୱିତୀୟ ସ୍ଥାନ ଅଧିକାର କରି ୩୦ ହଜାର ଆର୍ଥିକ ପୁରସ୍କାର ଓ ମେଡାଲ ମିଳିଥିଲା। ଏନେଇ ଶ୍ରୀ ପାଢ଼ୀ କହିଛନ୍ତି ଯେ, ଆଜିର ଯୁବପିଢ଼ି ଘରେ ବସି ସବୁକିଛି ପାଇପାରୁଥିବାରୁ ବାହାରକୁ




ଯିବାକୁ ପଡୁନି। ଶାରୀରିକ ପରିଶ୍ରମ ହେଉନଥିବାରୁ ଅନେକ ରୋଗର ଶିକାର ହେଉଛନ୍ତି ବୋଲି ସେ କହିଛନ୍ତି।

ସକାଳ
THE SAKALA



# ଶ୍ରୀରାମଲୀଳା ମହୋତ୍ସବ ଉଦ୍‌ଘାଟିତ

**ସମ୍ବଲପୁର, ୨୭।୯ (ସମିସ):** ଶ୍ରୀରାମ ବିଜୟା ଦଶମୀ ମହୋତ୍ସବ ଆୟୋଜନ ସମିତି ପକ୍ଷରୁ ଗତ ୨୪ ତାରିଖ ବୁଧବାର ସନ୍ଧ୍ୟାରୁ ସ୍ଥାନୀୟ ଅଇଁଠାପାଲିସ୍ଥିତ ବୀର ବିର୍ସା ମୁଣ୍ଡା ମୈଦାନ୍ ଠାରେ ବିଶାଳ ସୁସଜ୍ଜିତ ମଞ୍ଚରେ ଐତିହାସିକ ଶ୍ରୀରାମଲୀଳା ମହୋତ୍ସବର ଶୁଭାରମ୍ଭ ହୋଇଯାଇଛି। ନୂଆଦିଲ୍ଲୀରୁ ଆସି ପହଞ୍ଚିଥିବା ବିଶ୍ୱପ୍ରସିଦ୍ଧ ଲବକୁଶ ଶ୍ରୀରାମଲୀଳା ମଣ୍ଡଳୀ ଆସନ୍ତା ବିଜୟା ଦଶମୀ ପର୍ଯ୍ୟନ୍ତ ଚିତ୍ତାକର୍ଷକ 'ରାମଲୀଳା' ପରିବେଷଣ କରିବେ। ଆୟୋଜନ ସମିତିର ବରିଷ୍ଠ ଉପଦେଷ୍ଟା ସଂସ୍କୃତିରତ୍ନ କାର୍ତ୍ତିକ ପ୍ରସାଦ ବହିଦାରଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଓଡ଼ିଶା ପ୍ରାନ୍ତର ପୂର୍ବତନ ପ୍ରାନ୍ତ ସଂଘଚାଳକ ତଥା ଅଖିଳ ଭାରତୀୟ ପ୍ରତିନିଧି ସଭାର ସଦସ୍ୟ, ବିଶିଷ୍ଟ ଶିକ୍ଷାବିତ୍ ବିପିନ ବିହାରୀ ନନ୍ଦ ମୁଖ୍ୟଅତିଥି ଭାବରେ ଯୋଗଦାନ କରି ରାମଲୀଳା ମହୋତ୍ସବର ଶୁଭ ଉଦ୍‌ଘାଟନ କରିଥିଲେ। ସମିତିର ସଭାପତି ଗିରିଶ ପଟେଲ ମୁଖ୍ୟଅତିଥିଙ୍କୁ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ମାନୀତ କରିଥିଲେ। ମୁଖ୍ୟଅତିଥି 'ରାମଲୀଳା' ପ୍ରଦର୍ଶନର ଆୟୋଜନ କରିଥିବାରୁ ସମିତିର ସମସ୍ତ କର୍ମକର୍ତ୍ତାମାନଙ୍କୁ ପ୍ରଶଂସା କରିବା ସହ ମହୋତ୍ସବର ସଫଳତା କାମନା କରିଥିଲେ। ସମିତିର ମୁଖ୍ୟ ସଂଯୋଜକ ସରୋଜ କୁମାର ଘଡ଼ାଇ, ବରିଷ୍ଠ ଉପଦେଷ୍ଟା ସତ୍ୟ ନାରାୟଣ ବାବୁଲି ପଣ୍ଡା, ବରିଷ୍ଠ ଉପଦେଷ୍ଟା ଓ ସମ୍ବଲପୁର ଜିଲ୍ଲା ଓକିଲ ସଂଘର ସଭାପତି ପ୍ରଦୀପ କୁମାର ବହିଦାର ପ୍ରମୁଖ ଆରତୀ କରିଥିଲେ। ଖୁସିରାମ ମେଲୋଡିର କଳାକାର ବୃନ୍ଦ ସମଲେଇ ଭଜନ ଓ ଶ୍ରୀରାମ ଭଜନ ପରିବେଷଣ କରିଥିଲେ। ତାପରେ ନୁଆଁଦିଲ୍ଲୀରୁ ଆସିଥିବା କଳାକାର ମାନେ ରାମଲୀଳାର ପ୍ରଥମ ଅଧ୍ୟାୟ ମଞ୍ଚରେ ପରିବେଷଣ କରିଥିଲେ।



## ଶାରଦୀୟ ନବରାତ୍ରର ଷଷ୍ଠ ଦିବସ


ମା' ସମଲେଶ୍ୱରୀ




କାତ୍ୟାୟନୀ ବେଶରେ ମା' ପାଟଣେଶ୍ୱରୀ ଓ ମା' କାମାକ୍ଷା




ଗୋବିନ୍ଦତୋଳା ଦୁର୍ଗାପୂଜା

# ମନ ମୋହିବ ରାଜପ୍ରାସାଦ ସଦୃଶ ମୁଖ୍ୟତୋରଣ



ସମ୍ବଲପୁର, ୨୭।୯ (ସମିସ)

ସମ୍ବଲପୁର ସହରର ପ୍ରସିଦ୍ଧ ଦୁର୍ଗାପୂଜା ମଧ୍ୟରୁ ଗୋବିନ୍ଦତୋଳା ଦୁର୍ଗାପୂଜା ଅନ୍ୟତମ। ମୁଖ୍ୟ ତୋରଣ ସହ ଏଠାକାର ରଙ୍ଗବେରଙ୍ଗ ଲାଇଟ୍‌ରେ ସଜ୍ଜିତ ତୋରଣ ଗୁଡିକ ବେଶ୍ ଆକର୍ଷଣୀୟ ହୋଇଥାଏ। ଏଥର ୫୭ ବର୍ଷରେ ପଦାର୍ପଣ କରିଛି ଗୋବିନ୍ଦତୋଳା ଦୁର୍ଗାପୂଜା। ଚଳିତବର୍ଷ ପୂଜା କମିଟି ଦୁର୍ଗାପୂଜାକୁ ଆକର୍ଷଣୀୟ କରିବାସହ ସ୍ୱଚ୍ଛତା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଅଣ୍ଟା ଭିଡ଼ିଛି। ଉଲ୍ଲେଖଯୋଗ୍ୟ ଯେ, ୧୯୬୭ ମସିହାରେ ଗୋବିନ୍ଦତୋଳାର ଦୁର୍ଗାପୂଜା ଜଣଙ୍କ ଘରେ ଆରମ୍ଭ ହୋଇଥିଲା। ଏହାର ଦୁଇବର୍ଷ ପରେ କିଛି ଯୁବଗୋଷ୍ଠୀଙ୍କ ଉଦ୍ୟମରେ ଏହି ପୂଜା ମୁଖ୍ୟଛକରେ ଆରମ୍ଭ କରାଯାଇଥିଲା। ତେଣୁ ଉକ୍ତ ୨ ବର୍ଷକୁ ବାଦ୍ ଦେଇ ୨୦୧୮ ମସିହାରେ ପୂଜାର ସୁବର୍ଣ୍ଣ ଜୟନ୍ତୀ ବେଶ୍ ଧୁମ୍‌ଧାମରେ ପାଳିତ ହୋଇଯାଇଛି।

ଏଥର ପୂଜାର ମୁଖ୍ୟତୋରଣ ସୁଉଚ୍ଚ ଓ ସୁନ୍ଦର ପୁରାତନ ରାଜପ୍ରସାଦ ସଦୃଶ ହେବ। ଯାହାର ଉଚ୍ଚତା ୬୦ ଫୁଟ ଓ ଚଉଡ଼ା ୫୫ ଫୁଟ କରାଯାଉଛି। ମୁଖ୍ୟ ତୋରଣ ଯାଜପୁର ଜିଲ୍ଲା ଜାରକାର ଶ୍ରୀ ଶାରଳା ଟେଣ୍ଟ ହାଉସ ନିର୍ମାଣ କରୁଥିବାବେଳେ ମୁଖ୍ୟତଃ ପଶ୍ଚିମବଙ୍ଗ ମିଦିନାପୁରରୁ କାରିଗର ମାନେ ଆସି ଏହି ପୁରାତନ ରାଜପ୍ରସାଦ ସଦୃଶ ମନ୍ଦିର ପରି ତୋରଣ କରୁଛନ୍ତି। ମଣ୍ଡପର ଭିତର ସାଜସଜ୍ଜା ମଧ୍ୟ ମହାଭାରତ ଓ ରାମାୟଣ କଥାବସ୍ତୁ ଉପରେ ଆଧାରିତ ଡିଜିଟାଲ ଦୃଶ୍ୟ ପ୍ରଦର୍ଶନ କରାଯିବ। ଗୋବିନ୍ଦତୋଳା ବ୍ରିଜଠାରୁ ଧନୁପାଲି ଛକ ଯାଏ ପ୍ରାୟ ଏକ କିଲୋମିଟର ୬ଟି ଆକର୍ଷଣୀୟ ସୁଉଚ୍ଚ ତୋରଣର ଆଲୋକସଜ୍ଜା ଶ୍ରଦ୍ଧାଳୁଙ୍କୁ ଆକର୍ଷିତ କରିବ। ଆଲୋକ ସଜ୍ଜା ଦାୟିତ୍ୱ ଢେଙ୍କାନାଳର ଲାଇଟ୍ ଡେକୋରେଟର ନେଇଛନ୍ତି। ଦୀର୍ଘବର୍ଷ ହେଲା ଆୟୋଜିତ ହୋଇ ଆସୁଥିବା ଦୁର୍ଗାପୂଜାରେ ସ୍ଥାନୀୟ କଳାକାରଙ୍କୁ ଗୁରୁତ୍ୱ ଦେଇଆସୁଛି। ଏଇବର୍ଷ ମୂର୍ତ୍ତି କାରିଗର ସରଣ୍ଡାର ଆଦିତ୍ୟ ନାୟକ ଓ ତାଙ୍କ ସହଯୋଗୀ। ଅନେକ ବର୍ଷ ହେଲା ମୃଣ୍ମୟୀ ଓ ପାର୍ଶ୍ୱ ଦେବାଦେବୀଙ୍କ ମୂର୍ତ୍ତି ତିଆରି କରୁଥିବାବେଳେ ଏହି ବର୍ଷ ମଧ୍ୟ ମୂର୍ତ୍ତି ନିର୍ମାଣ ଦାୟିତ୍ୱ ଦିଆଯାଇଛି ବୋଲି ସଭାପତି ପ୍ରଦୀପ ପାଢ଼ୀ କହିଛନ୍ତି। ଆହୁରି ମଧ୍ୟ ଶ୍ରୀ ପାଢ଼ୀ କହିଛନ୍ତି ଯେ, ଦୁର୍ଗାପୂଜା କମିଟି ମହାନଗର ନିଗମ ସହ ମିଶି ସ୍ୱଚ୍ଛତା ଅଭିଯାନ କରିସାରିଛି।

ଏଥର ପୂଜା ପାଇଁ ବଜେଟ୍ ରହିଛି ୩୦ ଲକ୍ଷ ଟଙ୍କା। ସରକାରଙ୍କ ପକ୍ଷରୁ ଟଙ୍କାଟିଏ ମଧ୍ୟ ଅନୁଦାନ ମିଳୁ ନ ଥିବା ବେଳେ କେବଳ ସଭ୍ୟ ଚାନ୍ଦା ଏବଂ ଲୋକଙ୍କ ସହାୟତାରେ ପୂଜା କରାଯାଉଛି ବୋଲି କହିଛନ୍ତି ପୂଜା କମିଟି ସଭାପତି ଶ୍ରୀ ପାଢ଼ୀ। ଏଥିରୁ ଆଲୋକସଜ୍ଜା ପାଇଁ ୬ ଲକ୍ଷ ଟଙ୍କା ବ୍ୟୟ ଅଟକଳ ରହିଛି। ମୁଖ୍ୟପୂଜକ ଭାବେ ପଣ୍ଡିତ ଜଗଦୀଶ ପ୍ରସାଦ ଦାଶ ପୂଜାର୍ଚ୍ଚନା କରୁଥିବାବେଳେ ସପତ୍ନୀକ ଦାଶରଥି ପଣ୍ଡା କର୍ତ୍ତା ଦାୟିତ୍ୱ ନିର୍ବାହ କରିବେ। ମହାଳୟା ଦିନଠୁ ଆରମ୍ଭ ହୋଇଥିବା ପୂଜାବିଧି ଷଷ୍ଠୀ ଦିନଠୁ ମାଁ ଭୁବନେଶ୍ୱରୀଙ୍କ ରୀତିନୀତି ମତେ ସମ୍ପନ୍ନ କରାଯିବ ବୋଲି ପଣ୍ଡିତ ଶ୍ରୀ ଦାଶ କହିଛନ୍ତି। ଚଳିତବର୍ଷ ଅକ୍ଟୋବର ୩ ତାରିଖ ଭସାଣି ଯାତ୍ରା ଆୟୋଜନ କରାଯିବ। ପ୍ରଶାସନର ନିୟମ ମୁତାବକ ଧୁମଧାମରେ କରାଯିବ ଯେଉଁଥିରେ ବିଭିନ୍ନ ପ୍ରକାରର ଲୋକବାଦ୍ୟ ଓ ଲୋକନୃତ୍ୟ କୁ ସାମିଲ କରାଯିବା ବୋଲି ଜଣାପଡ଼ିଛି।

### ଦୁର୍ଗାପୂଜା କମିଟି

**ସଭାପତି:** ପ୍ରଦୀପ କୁମାର ପାଢ଼ୀ
**ଉପସଭାପତି:** ଶ୍ରୀକାନ୍ତ ପଣ୍ଡା ଓ ସଞ୍ଜୟ ସାହୁ
**ସାଧାରଣ ସମ୍ପାଦକ:** ଅଜୟ କୁମାର ସାହୁ
**ସହ-ସମ୍ପାଦକ:** ରାଜକିଶୋର ପୁରୋହିତ, ପ୍ରସନ୍ନ ପାଢ଼ୀ ଓ ଅଭିଳାଷ ସ୍ୱାଇଁ
**କୋଷାଧ୍ୟକ୍ଷ:** ରମାକାନ୍ତ ବେରିହା
**ସହ-କୋଷାଧ୍ୟକ୍ଷ:** ଦିଲ୍ଲୀପ ଠାକୁର
**ଗଣମାଧ୍ୟମ ସଂଯୋଜକ:** ସୂର୍ଯ୍ୟ ପାଣିଗ୍ରାହୀ





### ଦୁର୍ଗାପୂଜା କାର୍ଯ୍ୟସୂଚୀ

**ସେପ୍ଟେମ୍ବର ୨୮ ତାରିଖ :** ପୀଠେ ମଣ୍ଡଳକରଣ ଓ ଅପରାହ୍ନରେ ବିଲ୍ୱାଧିବାସ ଏବଂ କଳସଯାତ୍ରା
**୨୯ ତାରିଖ :** ପୂଜାରମ୍ଭ, ସୂର୍ଯ୍ୟପୂଜା, ସର୍ବଦେବାଦେବୀଙ୍କ ପ୍ରାଣ ପ୍ରତିଷ୍ଠା, ତ୍ରିଦିନାତ୍ମକ ଅଖଣ୍ଡ ଦୀପ ସ୍ଥାପନ, ଚଣ୍ଡୀପାଠ, ଅଗ୍ନିସ୍ଥାପନ। ଅପରାହ୍ନ ୭.୩୦ମିରେ ଭାଇଜିଉଁତିଆ ପର୍ବ
**୩୦ ତାରିଖ :** ପୂଜାରମ୍ଭ, ମାଁଙ୍କ ଷୋଡ଼ଶ ଉପଚାର ପୂଜା, ଚଣ୍ଡିପାଠ। ସନ୍ଧିପୂଜା।
**ଅକ୍ଟୋବର ୧ ତାରିଖ :** ପୂଜାରମ୍ଭ, ମହାନବମୀ ପୂଜା ଓ କୁମାରୀ ପୂଜା, ଚଣ୍ଡୀହୋମ।
**ଅକ୍ଟୋବର ୨ ତାରିଖ :** ଦଶମୀ ଦଶମୀ ବିହିତ ପୂଜା, ପୂର୍ଣ୍ଣାହୁତି ଓ ଅପରାଜିତା ପୂଜା ଓ ଘଟ ବିସର୍ଜନ।

# ଧରାପଡ଼ିଲା ୧୫ ଲକ୍ଷର ବେଆଇନ ଫଟକା



**ସମ୍ବଲପୁର, ୨୭।୯ (ସମିସ):** ବେଆଇନ ଭାବେ ଫଟକା କାରବାର କରୁଥିବା ଅଭିଯୋଗରେ ସମ୍ବଲପୁର ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ପ୍ରାୟ ୧୫ ଲକ୍ଷ ଟଙ୍କାର ଫଟକା ଜବତ କରିଛି। ସମ୍ବଲପୁରରେ ବେଆଇନ ଫଟକା ଗୋଦାମ ଉପରେ ଚଢଉ କରି ଟାଉନ ପୁଲିସ ୧୫ ଲକ୍ଷ ଟଙ୍କାର ଫଟକା ଜବତ କରିଛି। ବେଆଇନ ଭାବେ ଫଟକା ବିକ୍ରି ହେଉଥିବା ଖବର ପାଇ ଟାଉନ ପୁଲିସ ଚଢଉ କରି ସମସ୍ତ ଫଟକା ଜବତ କରିଛି। ସମସ୍ତ ଫଟକାକୁ ଅଗ୍ନିଶମ ବିଭାଗର ଉପସ୍ଥିତିରେ ପୁଲିସ ନଷ୍ଟ କରିଥିବା ଟାଉନ ଥାନା ଆଇଆଇସି ସୂଚନା ଦେଇଛନ୍ତି।

**ଜବତ ଫଟକାକୁ ନଷ୍ଟକଲା ପୁଲିସ**

# ବ୍ରାଉନସୁଗର ଜବତ, ଜଣେ ଗିରଫ

**ସମ୍ବଲପୁର, ୨୭।୯ (ସମିସ):** ଟାଉନ ଥାନା ପୁଲିସ ବ୍ରାଉନସୁଗର କାରବାରରେ ଜଣକୁ ଗିରଫ କରିଛି। ସେହେଉଛି ଦଳେଇପଡ଼ାର ସବିର ଖାନ ଓରଫ ଲିଟି(୩୯)। ତା ନିକଟରୁ ୧୨.୨ ଗ୍ରାମ ବ୍ରାଉନସୁଗର ଜବତ କରିଛି। ଆମ୍ବେଦକରନଗର ପାଖରେ ବ୍ରାଉନସୁଗର କାରବାର ହେଉଥିବା ପୁଲିସ ଖବର ପାଇଥିଲା। ତେଣୁ ଯାଞ୍ଚ ବେଳେ ଅଭିଯୁକ୍ତ ପାଖରୁ ଧଳାଜହର ଜବତ କରିବା ସହ ଗିରଫ ପରେ କୋର୍ଟ ଚାଲାଣ କରିଛି।



# ଶ୍ରାଦ୍ଧ ଦିବସରେ ଅଭୟ ପାଢ଼ୀଙ୍କୁ ଶ୍ରଦ୍ଧାଞ୍ଜଳି

**ସମ୍ବଲପୁର, ୨୭।୯ (ସମିସ):** ସ୍ଥାନୀୟ ଦୟାମଣୀ ବୃଦ୍ଧାଶ୍ରମରେ ଆଜି ସ୍ୱର୍ଗତ ଅଭୟ ପାଢ଼ୀଙ୍କ ପଞ୍ଚମ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରମିଳା ବହିଦାରଙ୍କ ଅଧ୍ୟକ୍ଷତାରେ ଏକ ଶ୍ରାଦ୍ଧସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ସ୍ୱର୍ଗତ ପାଢ଼ୀଙ୍କ ବାଲ୍ୟବନ୍ଧୁ ପ୍ରଭଞ୍ଜନ ବେହେରା, ସମ୍ମାନିତ ଅତିଥି ଭାବେ ପ୍ରଫେସର ଶଙ୍କର ପ୍ରସାଦ ପତି ଓ ଡଃ ଲକ୍ଷ୍ମୀନାରାୟଣ ରଥ ଏବଂ ଡଃ ଶ୍ୟାମ ସୁନ୍ଦର ଧର ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। ସଭା ଆରମ୍ଭରେ ସ୍ୱର୍ଗତ ପାଢ଼ୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପରେ ଅଧ୍ୟକ୍ଷା ସୁଶ୍ରୀ ବହିଦାର ସ୍ୱାଗତ ଭାଷଣରେ ଦୟାମଣୀ ବୃଦ୍ଧାଶ୍ରମ ସହିତ ସ୍ୱର୍ଗତ ପାଢ଼ୀଙ୍କ ଯେଉଁ ଆତ୍ମିକ ସମ୍ପର୍କ ବିଷୟରେ ଉଲ୍ଲେଖ କରିଥିଲେ। ସମ୍ମାନିତ ଅତିଥି ପ୍ରଫେସର ପତି ଓ ଡଃ ରଥ ସ୍ୱର୍ଗତ ପାଢ଼ୀଙ୍କ ବିଭିନ୍ନ ଦିଗ ଉପରେ ଥିବା ଦକ୍ଷତା ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଡଃ ଧର ସ୍ୱର୍ଗତ ଅଭୟ ପାଢ଼ୀଙ୍କ ଆକାଶବାଣୀ ସମ୍ବଲପୁରର ନିର୍ଦ୍ଦେଶକ ଥିବା ସମୟର କାର୍ଯ୍ୟାବଳୀର ଭୂୟସୀ ପ୍ରଶଂସା କରିଥିଲେ। ସମ୍ବଲପୁରୀ ଭାଷା, ସାହିତ୍ୟ ଓ ସଂସ୍କୃତି ଉପରେ ସ୍ୱର୍ଗତ ପାଢ଼ୀଙ୍କ ଅଗାଧ ଜ୍ଞାନ ତଥା ବିଭିନ୍ନ ଦିଗ ଉପରେ ଡ. ଧର ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ପ୍ରଭଞ୍ଜନ ବେହେରା ବାଲ୍ୟଜୀବନରେ ସ୍ୱର୍ଗତ ପାଢ଼ୀଙ୍କ ସହ ପୁରୁଣା ସ୍ମୃତି ଓ ଅନୁଭୂତି ପ୍ରକାଶ କରିଥିଲେ। ସଭାରେ ନିମନ୍ତ୍ରିତ ଅତିଥିଙ୍କ ସହ ବୃଦ୍ଧାଶ୍ରମର ଅନ୍ତେବାସୀମାନେ ଯୋଗ ଦେଇଥିଲେ। ଶେଷରେ ମିନାକ୍ଷୀ ପୂଜାରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲା ସ୍କୁଲରେ 'ବିକଶିତ୍ ଭାରତ୍ କେ ରଙ୍ଗ୍, କଲା କେ ସଙ୍ଗ୍'



**ସମ୍ବଲପୁର, ୨୭।୯ (ସମିସ) :** ଐତିହାସିକ ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲରେ ଆଜି ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରାଳୟ ଦ୍ୱାରା ଆୟୋଜିତ 'ବିକଶିତ୍ ଭାରତ୍ କେ ରଙ୍ଗ୍, କଲା କେ ସଙ୍ଗ୍' କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଲୋକିତା ଦାଶ ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତାର ମୁଖ୍ୟ ବିଷୟବସ୍ତୁ ଥିଲା 'ବିକଶିତ ଭାରତ'। କାର୍ଯ୍ୟକ୍ରମଟି ଇଷ୍ଟ ଜୋନ୍ କଲଚରାଲ୍ ସେଣ୍ଟର, କୋଲକାତା, ସମ୍ବଲପୁର ଟ୍ରାଇବାଲ ଆଣ୍ଡ ଫୋକ୍ ଆର୍ଟ ସେଣ୍ଟର ଏବଂ ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲର ମିଳିତ ସହଯୋଗରେ ଆୟୋଜିତ ହୋଇଥିଲା। ପଦ୍ମଶ୍ରୀ ଡଃ ଜିତେନ୍ଦ୍ର ହରିପାଲ ସଭାରେ ବିଶିଷ୍ଟ ଅତିଥି ଏବଂ ବିଶିଷ୍ଟ ଚିତ୍ରଶିଳ୍ପୀ ମନୋଜ ଚୌଧୁରୀ, ଜିଲ୍ଲା ସ୍କୁଲର ପୁରାତନ ଛାତ୍ର ସଂଘ ସଭାପତି ଇଂ. ସୁରଜିତ ମିଶ୍ର ଓ ସମ୍ପାଦକ ଇଂ. ପ୍ରଦୀପ୍ତ କୁମାର ନାଥ ଅତିଥି ଭାବେ ଯୋଗ ଦେଇଥିଲେ। ବିଶିଷ୍ଟ ଚିତ୍ରଶିଳ୍ପୀ ପ୍ରଶାନ୍ତ କୁମାର ମାଝୀ, ରାଧାରମଣ ମୁଦୁଲି, ସୁରଜିତ ରାଉତ ପ୍ରତିଯୋଗିତାରେ ବିଚାରକ ତଥା ଅତିଥି ଭାବେ ଯୋଗଦେଇଥିଲେ। ପ୍ରତିଯୋଗିତା ପରେ ଚିତ୍ରାଙ୍କନ ଉପରେ ଏକ କର୍ମଶାଳା ଆୟୋଜିତ ହୋଇଥିଲା। କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଶିଷ୍ଟ ନୃତ୍ୟଗୁରୁ ଆଲୋକ କୁମାର ପଣ୍ଡା ଓ ତପନ ପ୍ରଧାନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ଶଙ୍କର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ସୂଚନାଫଳକ ପଡ଼ି ଶିଶୁ ମୃତ

**କୁଚିଣ୍ଡା, ୨୭।୯ (ସମିସ):** କୁଚିଣ୍ଡା ଥାନା ଅଧିନସ୍ଥ କିଣ୍ଡିରାଗ୍ରାମର କିସାନପଡ଼ା ଠାରେ ଏକ ଅଭାବନୀୟ ଘଟଣା କ୍ରମେ ଜଣେ ୮ ବର୍ଷ ନିଷ୍ପାପ ଶିଶୁର ମୃତ୍ୟୁ ଘଟଣା ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛନ୍ତି। ସୂଚନା ଅନୁସାରେ କୁଚିଣ୍ଡା ବ୍ଲକ ହାଡ଼ିପାଲି ପଞ୍ଚାୟତ କିଣ୍ଡିରାଗ୍ରାମର କିସାନପଡ଼ା ଠାରୁ ବିଜଗୁଡ଼ା ଗ୍ରାମକୁ ଏକ ସିମେଣ୍ଟ କଂକ୍ରିଟ ରାସ୍ତା ନିର୍ମାଣ ଚାଲିଛି। ସେଥି ନିମନ୍ତେ କାର୍ଯ୍ୟର ସମସ୍ତ ତଥ୍ୟ ପ୍ରକାଶିତ କରିବା ପାଇଁ ଏକ ସୂଚନା ଫଳକ ନିର୍ମାଣ କରାଯାଇଛି। କାମ ଏତେ ନିମ୍ନମାନର ଥିଲା ଯେ ସେହି ପାଖରେ ଖେଳୁଥିବା ଶିଶୁ ଉପରେ ପଡ଼ି ଯିବାରୁ ଶିଶୁ ସମ୍ପୂର୍ଣ୍ଣ ଇଟାଖଣ୍ଡ ଭିତରେ ପୋତି ହୋଇଯାଇଥିଲା। ତାକୁ ବଡ କଷ୍ଟରେ ବାହାର କରାଯାଇ କୁଚିଣ୍ଡା ଡାକ୍ତରଖାନାକୁ ଚିକିତ୍ସା ପାଇଁ ଅଣାଯାଇଥିଲା। ଶିଶୁର କାନ, ନାକ ଓ ମୁଣ୍ଡରୁ ଅଧିକ ରକ୍ତସ୍ରାବ ହେତୁ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଯାଇଥିଲା। ଶିଶୁ କଣ୍ଡିରା ଗ୍ରାମର ଜଗା ସେଉଲଙ୍କ ୮ ବର୍ଷର ପୁଅ ଆଶ୍ରିତ ସେଉଲ୍ ବୋଲି ଜଣାପଡ଼ିଛି। ଏନେଇ କୁଚିଣ୍ଡା ଥାନାରେ ମାମଲା ରୁଜୁ କରି ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

■ ଟଙ୍କାକିଆ କ୍ଲିନିକ୍‌ର ଅଭିନବ ପ୍ରୟାସ

# ଝିଅ ଜନ୍ମ ଦିନରେ ୨୦ ଜଣ 'ସୁକନ୍ୟା' ଯୋଜନାରେ ସାମିଲ

**ସମ୍ବଲପୁର, ୨୭।୯ (ସମିସ):** ଟଙ୍କାକିଆ କ୍ଲିନିକର ଡ. ଶଙ୍କର ରାମଚନ୍ଦାନୀ ଏକ ଅଭିନବ ପ୍ରୟାସ କରିଛନ୍ତି। ଦୁଇ ଝିଅ ଜନ୍ମ ଦିନ ଅବସରରେ ୨୦ଜଣ କନ୍ୟାଙ୍କୁ ସୁକନ୍ୟା ଯୋଜନାରେ ସାମିଲ କରିଛନ୍ତି। ଡ. ରାମଚନ୍ଦାନୀ ପୂର୍ବରୁ ଏ ନେଇ ଘୋଷଣା ମଧ୍ୟ କରିଥିଲେ। କଥା ରଖିବାକୁ ଯାଇ ଆଜି ଦୁଇ ଝିଅ ରିଦ୍ଧି ଓ ରିୟାଂଶୀଙ୍କ ଜନ୍ମ ଦିନ ଅବସରରେ ୨୦ ଜଣ ଝିଅଙ୍କୁ ନୂତନ ବ୍ୟାଙ୍କ ଖାତା ଖୋଲି ୫ ହଜାର ଲେଖାଏଁ ମୋଟ ଏକ ଲକ୍ଷ ଟଙ୍କା ଜମା କରି ସୁକନ୍ୟା ଯୋଜନାରେ ସାମିଲ କରିଛନ୍ତି। ଝିଅ ଅଲୋଡ଼ା ନୁହେ, ଝିଅ ହେଉଛି ବରଦାନ ବାର୍ତ୍ତା ଦେଇ ସେ ଏହି ପ୍ରୟାସ କରିଥିବା କହିଛନ୍ତି। ପଦ୍ମପୁରର ୯ ଜଣ, ବୁର୍ଲାର ୪, ବଲାଙ୍ଗିରର ୨, ଜାମଲାର ୩ ଓ ଦେବଗଡ଼ର ୨ ଜଣ ଏହି ଯୋଜାନାରେ ସାମିଲ ହୋଇଛନ୍ତି। ସମସ୍ତେ ଝିଅଙ୍କୁ ବୋଝ ନ ଭାବିବାକୁ ସେ କହିଛନ୍ତି। ପ୍ରତି ବର୍ଷ ଏହି ୨୦ ଜଣ ଝିଅଙ୍କ ଖାତାରେ ସେ କିଛି କିଛି ଟଙ୍କା ଜମା କରିବେ ବୋଲି ପ୍ରତିଶ୍ରୁତି ମଧ୍ୟ ଦେଇଛନ୍ତି।



# ୧୪ରେ କେନ୍ଦୁପତ୍ର ତୋଳାଳିଙ୍କ ପ୍ରତିବାଦ ଧାରଣା

ସମ୍ବଲପୁର, ୨୭।୯ (ସମିସ)

ଆଜି ସମ୍ବଲପୁର ସାମ୍ବାଦିକ ଭବନରେ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ସମ୍ବଲପୁର ଡିଭିଜନ କମିଟିର ପ୍ରସ୍ତୁତି ବୈଠକ ସଂଘର ରାଜ୍ୟ ସଭାପତି ବିଜୟ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସଂଘର ଡିଭିଜନ ସମ୍ପାଦକ ତଥା ରାଜ୍ୟ ଉପସଭାପତି ଗୋକୁଳ ମେହେର ସଂଘ ପକ୍ଷରୁ ବିଭିନ୍ନ ଦାବୀ ନେଇ ପିସିସିଏଫ୍‌ଙ୍କ କାର୍ଯ୍ୟାଳୟର ଅରଣ୍ୟ ଭବନରେ ଅକ୍ଟୋବର ୧୪ ତାରିଖରେ ହେବାକୁ ଥିବା ସମାବେଶ ତଥା ଧାରଣା ସମ୍ପର୍କରେ ସୂଚନା ଦେଇଥିଲେ। ଏଥିରେ ରାଜ୍ୟ ସଂଗଠନ ସମ୍ପାଦକ ସଞ୍ଜିତ ମହାନ୍ତି ଏହି ସମାବେଶ ତଥା ଧାରଣା ଆନ୍ଦୋଳନକୁ ସଫଳ କରିବାକୁ ଆହ୍ୱାନ ଜଣାଇଥିଲେ। ଏହି ସମାବେଶରେ ମୁଖ୍ୟତଃ ସିଜିନାଲ କର୍ମଚାରୀଙ୍କ ମାସିକ ମଜୁରୀ ସରକାର ଘୋଷଣା କରିଥିବା ସର୍ବନିମ୍ନ ମଜୁରୀ ଅନୁପାତରେ ଧାର୍ଯ୍ୟ କରିବା, କନ୍ୟା ବିବାହ ସହାୟତା, ବନ୍ଧେଇ ଶ୍ରମିକ ମାନଙ୍କ ବଣ୍ଡଲ ପ୍ରତି ମଜୁରୀ ବୃଦ୍ଧି ତଥା ତୋଳାଳୀ ଓ ବନ୍ଧେଇ ଶ୍ରମିକ ମାନଙ୍କ ଯଥାକ୍ରମେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁଯାୟୀ ୪୬୦ ଟଙ୍କା ଓ ୬୦୦ ଟଙ୍କା ସହାୟତା ଦିଆଯିବା କାର୍ଯ୍ୟକାରୀ ହୋଇନଥିବା ଏବଂ ତୋଳାଳିଙ୍କ ପତ୍ର ଦର ବୃଦ୍ଧି ଦାବୀରେ ଏହି ସମାବେଶ ତଥା ଧାରଣା ହେବାକୁ ଯାଉଥିବାରୁ ଏହାକୁ ସଫଳ କରିବାକୁ ସମ୍ବଲପୁର ଡିଭିଜନରୁ ୩୦୦ ଶହ ତୋଳାଳୀ ଏବଂ ଶ୍ରମିକମାନେ ଯୋଗଦେବାକୁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ରେଞ୍ଜ ସମ୍ପାଦକ ଓ ହେଡ ଚେକର ଡିଲେଶ୍ୱର ପ୍ରଧାନ, ଟଙ୍କଧର ପ୍ରଧାନ, ରମେଶ ମାହାର, ଚୈତନ୍ୟ ହତା, ହିମାଂଶୁ ସେଠୀ, ପ୍ରଶାନ୍ତ ଦୀପ, ଅନାଦି ମିର୍ଦ୍ଧା, ଡିଙ୍ଗର ପ୍ରଧାନ, ହୃଦାନନ୍ଦ ଗୁରୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

